
# ଉତ୍କଳ ପ୍ରସଙ୍ଗ



Vol. XLIII No. 3 UTKAL PRASANGA Regd. No. O-05/86
Licence No. C. R. N. P. 5—Licensed to post without Pre-Payment





▲ ବିଦେଶ ଗସ୍ତରେ ଯିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ ବିଦାୟ

ୟୁନିସେଫ୍ ଅଭିନନ୍ଦନ ପତ୍ର ଓ କ୍ୟାଲେଣ୍ଡର୍ ବିକ୍ରୟ ଅଭିଯାନ ଉଦ୍‌ଘାଟନ ▼



# ଉତ୍କଳ ପ୍ରସଙ୍ଗ

କାର୍ତ୍ତିକ/ମାର୍ଗଶିର ୧୯୦୮ ଶକାବ୍ଦ ୪୨ ଭାଗ ୪/୫ମ ସଂଖ୍ୟା ନଭେମ୍ବର/ଡ଼ିସେମ୍ବର ୧୯୮୬

● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

●

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● ପ୍ରଚ୍ଛଦପଟ

ଶ୍ରୀ ତ୍ରିଲୋଚନ ନାଟିଆ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୨୦.୦୦

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ପ୍ରତି ଖଣ୍ଡ : ୨.୦୦



ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ବିଚାରଧାରା ସମ୍ବନ୍ଧରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର


| | | |
|---|---|---|
| "ଇନ୍ଦିରା ଲୋକମାତା ମା ହିମାଦ୍ରି ତନୟା ରମା" | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| ବେଦର କବିତ୍ୱ .. | ଡକ୍‌ଟର ଗଙ୍ଗାଧର ବଳ | .. ୫ |
| ବାଳ ଅପରାଧ ଓ ଶିଶୁ ସମ୍ପଦ .. | ଶ୍ରୀ ଉଦୟନାଥ ରଥ | .. ୭ |
| ଶକ୍ତି ସଂକଟ ପରିସ୍ଥିତିରେ ଗୃହ ଆବର୍ଜନାରୁ ଶକ୍ତି | ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି | .. ୯ |
| ହିନ୍ଦୁ ପରମ୍ପରାରେ ଗ୍ରାମ-ଦେବତୀ .. | ଶ୍ରୀ ଜଗନ୍ନାଥ ଦାଶ | .. ୧୧ |
| ସର୍ବେ ହୋଇଣ ଏକମୁଖ .. | ଶ୍ରୀ ନରହରି ଉପାଧ୍ୟାୟ | .. ୧୬ |
| ରୋଗ ନିବାରଣ ଓ ନିରାକରଣ .. | ଶ୍ରୀ ଲକ୍ଷ୍ମୀନାରାୟଣ ରାଉତରାୟ | .. ୧୯ |
| ଇନ୍ଦିରା ଗାନ୍ଧି—ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ .. | କୁମାରୀ ଶୁଭଲକ୍ଷ୍ମୀ ମହାନ୍ତି | .. ୨୪ |
| ସାହିତ୍ୟ ସରସୀରେ ପ୍ରତିଭାତ ପଦ୍ମ—'ପାଣି' .. | ଶ୍ରୀ ଅବନୀ ଚନ୍ଦ୍ର ଦାସ | .. ୨୭ |
| ସପ୍ତମ ଯୋଜନାରେ ହସ୍ତତନ୍ତ .. | ଶ୍ରୀ ରବିନ୍ଦ୍ର ନାଥ ମିଶ୍ର | .. ୨୯ |
| ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ .. | ଶ୍ରୀ ସଦାନନ୍ଦ ଦୀକ୍ଷିତ | .. ୩୨ |
| ସେତେବେଳେ ମୋ ଶାଶୁ ଥା'ନ୍ତି .. | ଶ୍ରୀ ଚନ୍ଦ୍ରଶେଖର ନାୟକ | .. ୩୪ |
| ଶିଶୁ ଓ ଶାନ୍ତି .. | ଶ୍ରୀ ତାରାକାନ୍ତ ମହାନ୍ତି | .. ୩୮ |
| ଦିବ୍ୟ ଜନନୀ .. | ଶ୍ରୀ କାଳନ୍ଦୀ ଚରଣ ସେନାପତି | .. ୪୧ |
| ଦୀପଂ ଦେହି ଜ୍ୟୋତିର୍ଦ୍ଦେହି .. | ଶ୍ରୀ ରଘୁନାଥ ପାତ୍ର | .. ୪୪ |
| ତକାଡୋଳା ଓ ଚକବନ୍ଦୀ .. | ଶ୍ରୀ ଦୁର୍ଯ୍ୟୋଧନ ନାୟକ | .. ୪୭ |
| ଷ୍ଟୁଣ୍ଡା ଗଛ ଓ ସାମାଜିକ ଜଙ୍ଗଲ | ଡକଟର ଗୁରୁପ୍ରସାଦ ମହାନ୍ତି | .. ୪୯ |
| ଫଗଟି ପରାଗ | | .. ୫୧ |

# ମୋ ଦୃଷ୍ଟିରେ ....


'ଉତ୍କଳ ପ୍ରସଙ୍ଗ' ଶୀତ ଦିନର ଶୁଭେଚ୍ଛା ନେଇ ସହୃଦୟ ପାଠକ ପାଠିକାଙ୍କ ନିକଟରେ ଉପସ୍ଥିତ ।

ଏଥର ଶ୍ରୀ ମତୀ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଉପଲକ୍ଷେ ଜାତୀୟ ସଂକଳ୍ପ ଦିବସ ଅକ୍ଟୋବର ୩୧ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏହି ଉଦ୍ଦେଶ୍ୟରେ ରାଜ୍ୟ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ରାଜ୍ୟ ତରଫରୁ ଅନୁଷ୍ଠିତ ସଭାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯେଉଁ ଭାଷଣ ଦେଇଥିଲେ, ତାହା ଯେପରି ମର୍ମସ୍ପର୍ଶୀ ସେପରି ଉତ୍ସାହପ୍ରଦ । ସେହି ଭାଷଣ ଆମେ ଏହି ସଂଖ୍ୟାରେ ପ୍ରକାଶ କରୁଛୁ ।

ଆଜି ଆମର ଭାରତ ବର୍ଷରେ ବିଚ୍ଛିନ୍ନତାବାଦ ଓ ସାମ୍ପ୍ରଦାୟିକତାର ଯେଉଁ ବିଷ ପ୍ରସାରିତ ହେଉଛି ତା'ର ବିରୁଦ୍ଧରେ ସଂଗ୍ରାମ କରିବା ଆବଶ୍ୟକ ହେଉଛି ବୋଲି ଆମର ଦୃଢ଼ ଧାରଣା । ଏହି ପରିସ୍ଥିତିରେ ଏଇ ବିଚ୍ଛିନ୍ନତାବାଦ ଓ ସାମ୍ପ୍ରଦାୟିକ ମନୋଭାବର ମୂଳୋତ୍ପାଟନ କରି ଭାରତକୁ ଏକ ଓ ଅଖଣ୍ଡ କରି ଏକବିଂଶ ଶତାବ୍ଦୀର ନବ ଦିଗନ୍ତକୁ ଆଗେଇ ନେବା ଆମର କର୍ତ୍ତବ୍ୟ ହେବ । କ୍ଷୁଦ୍ର ଦଳଗତ ଭେଦଭାବ, ରାଜନୈତିକ ମତ ବିରୋଧ ଓ ସାମ୍ପ୍ରଦାୟିକ ବାଛ ବିଗ୍ରହକୁ ଦୂର କରିବା ନିମନ୍ତେ ଓଡ଼ିଶାର ଜନସାଧାରଣଙ୍କୁ ଓଡ଼ିଶାର ବିଭିନ୍ନ ରାଜନୈତିକ ନେତା ଯେଉଁ ଆହ୍ୱାନ ଦେଇଛନ୍ତି ସେଥିପ୍ରତି ଆମେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ଏହି ସଂଖ୍ୟାରେ ଜାତୀୟ ସଂକଳ୍ପ ଦିବସରେ ଇନ୍ଦିରାଗାନ୍ଧୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ତର୍ପଣ କରିଛନ୍ତି କୁମାରୀ ଶୁଭଲକ୍ଷ୍ମୀ ମହାନ୍ତି । ଏହି ସମୟରେ ଦେଶରେ ଗୋଷ୍ଠାଷ୍ଟମୀ ପାଳିତ ହୁଏ ଏବଂ ଗୋ-ସମ୍ପଦ ବିଷୟରେ ଶ୍ରୀ ଚନ୍ଦ୍ରଶେଖର ନାୟକଙ୍କ "ସେତେବେଳେ ମୋ ଶାଶୁ ଥିଲେ" ଓ ଜାତୀୟ ଶିଶୁ ଦିବସ ଉପଲକ୍ଷେ ଶ୍ରୀ ତାରାକାନ୍ତ ମହାନ୍ତିଙ୍କ "ଶିଶୁ ଓ ସଂକଳ୍ପ" ପ୍ରତି ଆମେ ଆମର ପ୍ରିୟ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

'୧୯୮୬' ବହୁ ଆଶା ନେଇ ଆସିଥିଲା ଓ ଏବେ ତା'ର ବିଦାୟ ବେଳର ସେହି ଆଶା ଓ ଆକାଂକ୍ଷା କେତେଦୂର ପୂରଣ ହୋଇଛି, ତାହା ସମସ୍ତେ ହୃଦୟଙ୍ଗମ କରୁଥିବେ । ଏହି ପୁରାତନ ବର୍ଷକୁ ଶୁଭ ବିଦାୟ ଜଣାଇ "ଉତ୍କଳପ୍ରସଙ୍ଗ" ତା'ର ସମସ୍ତ ଶୁଭାନୁଧ୍ୟାୟୀଙ୍କର ମଙ୍ଗଳ ପ୍ରାର୍ଥନା କରୁଛି ଓଡ଼ିଶାର ନାଥ ଜଗନ୍ନାଥଙ୍କ ପାଖରେ ।



# ଇନ୍ଦିରା ଲୋକମାତା ମା ହିମାଦ୍ରି ତନୟା ରମା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ସମଗ୍ର ଭାରତବର୍ଷରେ ସ୍ୱର୍ଗତଃ ଇନ୍ଦିରାଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀଟିକୁ ଜାତୀୟ ସଂକଳ୍ପ ଦିବସ ରୂପେ ପାଳନ କରାଯାଇଥାଏ । ଏହି ଅବସରରେ ତାଙ୍କର ଅମ୍ଳାନସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କର ଦେଶଭକ୍ତି, କର୍ମମୁଖର କାର୍ଯ୍ୟସୂଚୀ, ଅସୀମ ଧୈର୍ଯ୍ୟ, କର୍ମ ପ୍ରବଣତା ଓ ଦେଶମାତୃକା ସେବା ଭଳି ଅମୂଲ୍ୟ ଗୁଣାବଳୀ ଆମ ସମ୍ମୁଖରେ ଉଦ୍‌ଭାସିତ ହୋଇ ଉଠେ । ସେ ଆମ ଓଡ଼ିଶାବାସୀଙ୍କର ଅତ୍ୟନ୍ତ ପ୍ରିୟ ଓ ଆପଣାର ହୋଇ ଉଠିଛନ୍ତି ଏବଂ ଜୀବନର ଶେଷ ସମୟ ଆମରି ପାଖରେ ଅତିବାହିତ କରିବାକୁ ଚାହିଁଛନ୍ତି । ତାଙ୍କର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ସେ ତାଙ୍କର ଶେଷ କେଇଟି ମୁହୂର୍ତ୍ତ ଓଡ଼ିଶାରେ ହିଁ କଟାଇଥିଲେ । ସେ ଭୁବନେଶ୍ୱର ସାଧାରଣ ସଭାରେ ଭାଷଣ ପ୍ରସଙ୍ଗରେ କହିଥିଲେ "ମୋର ପ୍ରତି ରକ୍ତ ବିନ୍ଦୁ ଦେଶକୁ ଶକ୍ତିଶାଳୀ କରିବ । ମୁଁ ଆଜି ଅଛି କାଲି ରହିବି ନାହିଁ ।" ସେତେବେଳେ ଆମେ ତାଙ୍କ ଭାଷଣର ତାତ୍ପର୍ଯ୍ୟ ବୁଝି ପାରିନୁ ନାହିଁ । ମନେ ହୋଇଥିଲା ସେ ଯେପରି ସର୍ବତ୍ର ସ୍ୱତଃସ୍ଫୂର୍ତ୍ତ ଭାବେ ଭାଷଣ ଦେଇଥାନ୍ତି, ସେହି ଆବେଗ ଓ ଆହ୍ୱାନକୁ ଗ୍ରହଣ କରି ସେ ଏପରି କହିଛନ୍ତି । ପୁନଶ୍ଚ ସେ ରାଜ୍ୟ ସଂଗ୍ରହାଳୟ ନିକଟରେ କହିଥିଲେ, "ମୁଁ ଓଡ଼ିଶାକୁ ଦିନେ ପର୍ଯ୍ୟଟକ ଭାବରେ ଆସିବି !' ସେତେବେଳେ ସମସ୍ତେ ଅନୁଭବ କରିଥିଲେ ଯେ ସେ ପୁନରାୟ ଓଡ଼ିଶା ଆସିବେ କାରଣ ଓଡ଼ିଶା ତାଙ୍କର ଅତିଶୟ ପ୍ରିୟ । ବିଦାୟ ଲଗ୍ନରେ ସେ ପୁଣି କହିଥିଲେ, "ତୁମେ ଦିଲ୍ଲୀ ଆସିବ, ମୁଁ ଥିବି କି ନାହିଁ' । ତାହା ମଧ୍ୟ ସାଧାରଣ ମନେ ହୋଇଥିଲା, କାରଣ ସେ ହୁଏତ ଦିଲ୍ଲୀରେ ରହିବେ କି ଅନ୍ୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବେ । ପରେ ଜଣାଗଲା ସେ ଯେପରି ଭବିଷ୍ୟତକୁ ମାନସ ଚକ୍ଷୁରେ ଦେଖି ପାରୁଥିଲେ ଏବଂ ମନେ କରୁଥିଲେ ସେ ବୋଧେ ଆଉ ରହିବେ ନାହିଁ । ତା' ପର ଦିନ ପ୍ରମାଣିତ ହୋଇଗଲା ସେ ଆମମାନଙ୍କୁ ଛାଡ଼ି ଚାଲିଗଲେ । ତେଣୁ ଓଡ଼ିଶା ପାଇଁ ତାଙ୍କର ସ୍ମୃତି ହେଉଛି ଅତି ପ୍ରିୟ ଓ ଆପଣାର ।

### ପ୍ରାଣର ପ୍ରତିମା

କେବଳ ଓଡ଼ିଶାବାସୀ ନୁହନ୍ତି କୋଟି କୋଟି ଭାରତବାସୀ ଇନ୍ଦିରାଗାନ୍ଧୀଙ୍କୁ ପ୍ରାଣର ସହିତ ଶ୍ରଦ୍ଧା କରନ୍ତି । ତହିଁର ଏକମାତ୍ର କାରଣ ହେଉଛି ଏ ଦେଶ ଯେତେବେଳେ ଯେଉଁଭଳି ନେତୃତ୍ୱ ଚାହିଁଛି, ଈଶ୍ୱର ତାଙ୍କୁ ସେହିଭଳି ନେତୃତ୍ୱ ଦେଇଛନ୍ତି । ଭାରତରେ ଜନସମୁଦ୍ର ମଧ୍ୟରୁ ସେହିଭଳି ନେତୃତ୍ୱ ଜନ୍ମ ନେଇଛି । ପୁରାଣର ଆଖ୍ୟାୟିକା ଅନୁଯାୟୀ ସମୁଦ୍ର ମଧ୍ୟରୁ ଚନ୍ଦ୍ରମା ଓ ଲକ୍ଷ୍ମୀଙ୍କର ଜନ୍ମ । ଭାରତର ଜନସମୁଦ୍ର ମଧ୍ୟରୁ ସେହିପରି ଜନ୍ମ ନେଇଥିଲେ ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ ଓ ଇନ୍ଦିରାଗାନ୍ଧୀ । ଇତିହାସର ସନ୍ଧିକ୍ଷଣରେ ଆହ୍ୱାନକ୍ରମେ ଭାରତର ଜନସମୁଦ୍ର ମଧ୍ୟରୁ ଏଭଳି ଏକ ନେତୃତ୍ୱର ଉଦ୍‌ଭବ ଘଟିଛି । ମହାତ୍ମାଗାନ୍ଧୀଙ୍କ ସମୟରେ ଭାରତରେ ବହୁ ବଡ ବଡ ନେତା ଜନ୍ମ ଗ୍ରହଣ କରିଥିଲେ । ବିଦ୍ୟା, ବୁଦ୍ଧି, ପାଣ୍ଡିତ୍ୟ ଓ ପରିଶ୍ରମରେ ସେମାନେ କୌଣସି ଗୁଣରେ ନ୍ୟୂନ ନଥିଲେ । ବାଳଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖେଲ ଓ ଲାଲ ଲଜପତରାୟ ପ୍ରମୁଖ ନେତାମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ । କିନ୍ତୁ ଭାରତବାସୀ ଯେଉଁ ପଥ ଖୋଜୁଥିଲେ, ସେମାନେ ତାହା ଦେଖାଇ ପାରି ନଥିଲେ । ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଭାରତର ଜନସାଧାରଣଙ୍କୁ ସେହି ପଥ ଦେଖାଇଥିଲେ । ସେ ସାରା ଭାରତବର୍ଷର ଜନସାଧାରଣଙ୍କୁ ସେହି ବାଟରେ କିପରି ସଂଗ୍ରାମ କରିବାକୁ ପଡ଼ିବ, ସେଥିପାଇଁ ଉଦ୍‌ବୁଦ୍ଧ କରିଥିଲେ ଓ ଭାରତର ଜନଗଣଙ୍କୁ ତହିଁରେ ସାମିଲ କରିଥିଲେ । ଯେଉଁ ସ୍ୱାଧୀନତା ସଂଗ୍ରାମ ଅଳ୍ପ ଲୋକଙ୍କ ମଧ୍ୟରେ ସୀମିତ ହୋଇଥିଲା, ତାହା ଜନତାର ଯୁଦ୍ଧରେ ପରିଣତ ହେଲା । ତାହାହିଁ ଥିଲା ମହାତ୍ମାଗାନ୍ଧୀଙ୍କ ବୈଶିଷ୍ଟ୍ୟ । ସେ କହିଥିଲେ ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶରେ ଯଦି ଜାତୀୟ ଏକତା ନରହେ, ଦଳିତ ହରିଜନ ଆଦିବାସୀମାନଙ୍କୁ ଯଦି ଜାତୀୟ ସ୍ରୋତରେ ସାମିଲ କରା ନଯାଏ ଗରିବ ଲୋକଙ୍କ ପାଇଁ ଏ ଦେଶରେ ଶାସନ ନହେଲେ, ତେବେ ଭାରତବର୍ଷ ରହି ପାରିବ ନାହିଁ । ମହାତ୍ମାଗାନ୍ଧୀଙ୍କ ପରେ ପଣ୍ଡିତ ଜବାହରଲାଲ ତାଙ୍କର କାର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖିଥିଲେ । ସମସ୍ତେ ଜାଣନ୍ତି ଯେ ସେ ଥିଲେ ମହାତ୍ମାଗାନ୍ଧୀଙ୍କର ପ୍ରକୃତ ଦାୟାଦ ।

ମହାତ୍ମାଗାନ୍ଧୀଙ୍କ ପରେ ନେତୃତ୍ୱ କ୍ଷେତ୍ରରେ ତାଙ୍କର କାମକୁ ଆଗେଇ ନେବା ପାଇଁ ପଣ୍ଡିତ ଜବାହାଲାଲ ନେହେରୁ ଥିଲେ । ପଣ୍ଡିତ ନେହେରୁ ତାଙ୍କର ନୀତି, ଆଦର୍ଶ ଓ ପନ୍ଥାକୁ କାର୍ଯ୍ୟକାରୀ କରାଇଥିଲେ ଗଣତନ୍ତ୍ର ମାଧ୍ୟମରେ । ନେହେରୁଙ୍କ ପରେ ତାଙ୍କ ଶୂନ୍ୟସ୍ଥାନ କିଏ ପୂରଣ କରିବ, ଏ ପ୍ରଶ୍ନ ସବୁରି ମନରେ ଉଠିଥିଲା । ତା'ପରେ ଲାଲବାହାଦୁରଜୀ ଅଳ୍ପଦିନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କ ପରେ ଯେଉଁ ବିରାଟ ଶୂନ୍ୟ, ସେ ଶୂନ୍ୟ ସ୍ଥାନ ଇନ୍ଦିରାଗାନ୍ଧୀ ପୂରଣ କରିଥିଲେ ।

ସେତେବେଳେ ଦେଶବାସୀଙ୍କ ମନରେ ବିଭିନ୍ନ ଆଶଙ୍କା । ଅଧିକାଂଶ ଆଶଙ୍କା କରୁଥିଲେ ଇନ୍ଦିରାଗାନ୍ଧୀ ଦେଶକୁ ସମ୍ଭାଳି ପାରିବେ ନାହିଁ, ମାତ୍ର ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ଅଳ୍ପକାଳ ମଧ୍ୟରେ ସେ ପ୍ରମାଣିତ କରିଦେଲେ ଯେ ଦେଶ ଯେଉଁଭଳି ନେତୃତ୍ୱ ଖୋଜୁଛି, ସେଭଳି ନେତୃତ୍ୱ ଦେବାପାଇଁ ସେ ସକ୍ଷମ । ତେଣୁ ଗରିବ ଲୋକଙ୍କ ପାଇଁ ସେ ବ୍ୟାଙ୍କ୍ ଜାତୀୟ କରଣ, ରାଜାରାଜୁଡାଙ୍କ ହାତପାଣି ଲୋପ ପ୍ରଭୃତି ପଦକ୍ଷେପ ନେଇଥିଲେ । ଦେଶକୁ ଶିଳ୍ପ ଓ କୃଷି କ୍ଷେତ୍ରରେ ଆଗେଇ ନେବା ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ । ମହାତ୍ମାଗାନ୍ଧୀ ସ୍ୱାଧୀନତା ସଂଗ୍ରାମବେଳେ ତିନିଗୋଟି କଥା ଉପରେ ଗୁରୁତ୍ୱ ଦେଉଥିଲେ । ତାହାହେଲା– ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନ । ଦେଶରେ ନିଜର ଆବଶ୍ୟକତା ଅନୁଯାୟୀ ଉତ୍ପାଦନ କର । ସ୍ୱାବଲମ୍ବୀ ବା ଆତ୍ମନିର୍ଭରଶୀଳ ହୁଅ ଏବଂ ନିଜ ସ୍ୱାଭିମାନ ବଜାୟ ରଖ । ଜାତୀୟ ଅଭିମାନ ବଜାୟ ରଖିବା ପାଇଁ ମହାତ୍ମାଗାନ୍ଧୀ ଯେଉଁ ଆହ୍ୱାନ ଦେଇଥିଲେ, ଇନ୍ଦିରାଗାନ୍ଧୀ ତାହାକୁ କାର୍ଯ୍ୟରେ ପରିଣତ କରିଥିଲେ । ବିଜ୍ଞାନ କ୍ଷେତ୍ରରେ ଦେଶକୁ ଅଗ୍ରଣୀ କରିବା ପାଇଁ ସେ ନିରବଚ୍ଛିନ୍ନ ଉଦ୍ୟମ କରିଥିଲେ । ଇନ୍ଦିରାଗାନ୍ଧୀ ତାଙ୍କର ଜୀବଦ୍ଦଶାରେ ପ୍ରମାଣିତ କରି ଦେଇଥିଲେ ଯେ ଅନ୍ୟ ଦେଶର ବୈଜ୍ଞାନିକମାନେ ଯାହା କରି ପାରିବେ, ଭାରତବର୍ଷର ବିଜ୍ଞାନୀମାନେ ମଧ୍ୟ ତାହା କରି ପାରିବେ । ଭାରତବର୍ଷ ମହାକାଶ ଯାନ ପଠାଇ ପାରିଛି ଓ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କରୁଛି । ଜାତିର ସ୍ୱାଭିମାନ ସଂପର୍କରେ ଶ୍ରୀମତୀ ଗାନ୍ଧୀ ସଚେତନ ଥିଲେ । ତାଙ୍କର ଆମେରିକା ଗସ୍ତ କାଳରେ ତତ୍କାଳୀନ ରାଷ୍ଟ୍ରପତି ନିକ୍ସନ୍ ଭାରତର ସମ୍ମାନରେ ଆଞ୍ଚ ଆସିବାଭଳି କୌଣସି କାର୍ଯ୍ୟ କରି ନଥିଲେ । ଉପନିବେଶବାଦ ଓ ସାମ୍ରାଜ୍ୟବାଦ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ । ଏହା ଫଳରେ ବିଶ୍ୱ ଦରବାରରେ ଗୋଷ୍ଠୀ ନିରପେକ୍ଷତାର ସମ୍ମାନ ବୃଦ୍ଧି ପାଇଲା ।

ଶ୍ରୀମତୀ ଗାନ୍ଧୀ ଯେ କେବଳ ଶାନ୍ତିର ନେତ୍ରୀଥିଲେ ତାହା ନୁହେଁ, ସେ ମଧ୍ୟ ଥିଲେ ଯୁଦ୍ଧର ନେତା । ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧରେ ସେ ଅଭୂତପୂର୍ବ ବିଜୟ ହାସଲ କରିଥିଲେ । ପୃଥିବୀରେ ଅନେକ ବଡ ବଡ ନେତା ଜନ୍ମ ହୋଇଛନ୍ତି, ଯେଉଁମାନେ ଶାନ୍ତି ସମୟରେ ଖୁବ୍ ସଫଳ ହୋଇଛନ୍ତି । କେତେକ ମଧ୍ୟ ଯୁଦ୍ଧ ସମୟରେ ସଫଳ ହୋଇଛନ୍ତି । କିନ୍ତୁ ଇନ୍ଦିରା ଗାନ୍ଧୀ ଏଭଳି ଜଣେ ନେତାଥିଲେ ଯେକି ଉଭୟ ଶାନ୍ତି ଓ ଯୁଦ୍ଧ ସମୟରେ ସଫଳତା ହାସଲ କରିଥିଲେ । ଏଭଳି ଅଦ୍ୱିତୀୟ ନେତୃତ୍ୱ ପୃଥିବୀରେ ବିରଳ । ଆମେରିକାର ପ୍ରେସିଡେଣ୍ଟ ରୁଜ୍‌ଭେଲ୍ଟଙ୍କ ନେତୃତ୍ୱ ସହିତ ୍ୟ ତୁଳନୀୟ । ଏସବୁ ସତ୍ତ୍ୱେ ତାଙ୍କର ଅନ୍ତରାତ୍ମା ସର୍ବଦା ଥିଲା ଭାରତର ଜନସାଧାରଣଙ୍କ ପାଖରେ । ଏପରିକି ତାଙ୍କର ଦୁର୍ଦ୍ଦିନରେ ଶକ୍ତି ଓ ସାହସ ସଞ୍ଚୟ କରି ସେ ଭାରତବର୍ଷର ସବୁ ଅଞ୍ଚଳ ବୁଲିଥିଲେ । ଓଡ଼ିଶାରେ ତାଙ୍କ ଉପରେ ଯେଉଁଭଳି ଅମାନୁଷିକ ଆକ୍ରମଣ ହୋଇଥିଲା, ତହିଁରେ ହୁଏତ ସେ ମୃତ୍ୟୁ ବରଣ କରିଥାନ୍ତେ । ସେ ଯେଉଁ ବିଦେଶୀ ଗାଡ଼ିରେ ଆହତ ଅବସ୍ଥାରେ ଫେରୁଥିଲେ, ସେହି ଗାଡ଼ି ଆକ୍ରମଣକାରୀମାନଙ୍କ ଶରବ୍ୟ ହୋଇଥିଲା । ତଥାପି ଅସୀମ ଧୈର୍ଯ୍ୟ ଓ ସାହସର ସହିତ ଅବିଚଳିତ ଭାବେ ନିଜର ଗାଡ଼ି ଚଳାଇବାକୁ ଇଙ୍ଗିତ ଦେଇଥିଲେ । ସତେ ଯେପରିକି ସେ ଆକ୍ରମଣ କଥା ସଂପୂର୍ଣ୍ଣ ଭୁଲି ଯାଇଛନ୍ତି । ତା'ପରେ ସେ ସାରା ଭାରତବର୍ଷ ବୁଲିଛନ୍ତି । ସବୁବେଳେ ଲୋକଙ୍କଠାରୁ ତାଙ୍କୁ ଦୂରେଇ ଦେବାପାଇଁ ଚେଷ୍ଟା କରାଯାଇଛି, ମାତ୍ର ସେ ସବୁବେଳେ ପହଞ୍ଚିଛନ୍ତି ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ସେମାନଙ୍କର ଅତି ଆପଣାର ହେବା ପାଇଁ । ସେ ଯେପରି କୋଟି କୋଟି ଭାରତୀୟଙ୍କୁ ଭଲ ପାଉଥିଲେ, ସେହିପରି କୋଟିକୋଟି ଭାରତୀୟ ମଧ୍ୟ ତାଙ୍କୁ ଆପଣାର କରିଥିଲେ ।

ଏକଦା ସେ ପ୍ରଧାନମନ୍ତ୍ରୀ ନ ଥିବା ସମୟରେ ଭୁବନେଶ୍ୱର ଆସିଥିଲେ । ରାସ୍ତାରେ ସେ ଗାଡ଼ି ଅଟକାଇ ଆଦିବାସୀମାନଙ୍କୁ ଫୁଲମାଳ ଦେଲେ । ସେ କହିଲେ "ମୋର ଅନେକ ସମୟରେ ମନେ ହୁଏ ଯେ ପୂର୍ବ ଜନ୍ମରେ ମୁଁ ଗୋଟିଏ ଆଦିବାସୀ ଘରେ ଜନ୍ମ ହୋଇଥିଲି" ଅଗଣିତ ଜନସାଧାରଣ ବିଶେଷକରି ନିପୀଡ଼ିତ ଜନତାର ଅତି ଅ... ହୋଇ ପାରିଥିଲେ । ଇନ୍ଦିରାଗାନ୍ଧୀଙ୍କର ମୃତ୍ୟୁ ପରେ ... ମାତୃହରା । ଅମର କୋଷରେ କୁହାଯାଇଛି 'ଇନ୍ଦିରା ଲୋକମା... "ହିମାଦ୍ରୀ ତନୟା ରମା' । ସେ ପ୍ରକୃତରେ ଲୋକମାତା ଥିଲେ ... ଥିଲେ ଭାରତବର୍ଷର ଜନସାଧାରଣଙ୍କର । ଆଜି ସେଇଥିପାଇଁ ତାଙ୍କ... ଆମର ଏତେ ଅସୀମ ଶ୍ରଦ୍ଧା, ଅସୀମ ସ୍ନେହ ।

ଜାତିର ଜନକ ମହାତ୍ମାଗାନ୍ଧୀ ଯେପରି ଭାରତ ମାତାର ସେ... ଆତ୍ମ ବଳିଦାନ କରିଥିଲେ, ସେ ମଧ୍ୟ ସେହିପରି ଦେଶ ପାଇଁ ... ସମର୍ପଣ କରିଥିଲେ । ସେଥିପାଇଁ ସେ କେବଳ ଭାରତବର୍ଷରେ ... ପୃଥିବୀର ଇତିହାସରେ ଅମର ହୋଇ ରହିବେ ।

ଶ୍ରୀମତୀ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସକୁ ସଂକଳ୍ପ ଦିବସ ରୂପେ ପା... କରାଯାଉଛି । ସେ ସଂକଳ୍ପ ଦିବସ କ'ଣ ? ସେ ସଂକଳ୍ପ ହେ... ଯେଉଁଥିପାଇଁ ମହାତ୍ମାଗାନ୍ଧୀ ଲଢ଼ିଥିଲେ, ଯେଉଁଥିପାଇଁ ପଣ୍ଡିତ ନେ... ଲଢ଼ିଥିଲେ ଏବଂ ଯେଉଁଥିପାଇଁ ଇନ୍ଦିରାଗାନ୍ଧୀ ପ୍ରାଣବଳି ଦେଇଥି... ଜନସାଧାରଣଙ୍କର ଉତ୍ତରୋତ୍ତର ଉନ୍ନତି ବିଧାନ, ଧନୀ ଓ ଦରିଦ୍ର ... ପୁଞ୍ଜିପତି ଓ ସାଧାରଣ ଲୋକଙ୍କ ମଧ୍ୟରେ ରହିଥିବା ବ୍ୟବଧା... ବିଲୋପ ସାଧନ, ସମାଜର ନିମ୍ନସ୍ତରରେ ରହିଥିବା ଲୋକମାନ... ଆର୍ଥିକ ତଥା ସାମାଜିକ ମାନବୃଦ୍ଧି, ଗଣତନ୍ତ୍ରକୁ ବଜାୟ ରଖୁ... ମନୋଭାବ ହିଁ ଜାତୀୟ ସଂକଳ୍ପ । ୧୯୭୭ ମସିହାରେ ... ନିର୍ବାଚନରେ ହାରି ଯାଇଥିଲେ ମଧ୍ୟ ତାଙ୍କର ଗଣତନ୍ତ୍ର ପ୍ରତି ଅସୀମ ଶ୍ର... ଥିଲା । ସେ ପ୍ରତିଜ୍ଞା କରିଥିଲେ ଯେଉଁ ଗଣତନ୍ତ୍ରର ରେଳଗାଡ଼ି ... ରାସ୍ତାଚ୍ୟୁତ ହୋଇଯାଇଛି, ତାକୁ ପୁନରାୟ ରାସ୍ତାକୁ ଆଣିବାକୁ ହେ... ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ନିମନ୍ତେ ରାଜନୈତିକ କ୍ଷେତ୍ରରେ ଆ... ଦେଲେ, ହେଲେ ନିଜର ଘୋଷିତ ନୀତି ଓ ଆଦର୍ଶ ପଥରୁ କେବେହେ... ବିଚ୍ୟୁତ ହୋଇ ନାହାନ୍ତି । ଏହାହିଁ ତାଙ୍କର ବିଶେଷତ୍ୱ । ସେହି ଅ... ବ୍ୟକ୍ତିତ୍ୱ ପ୍ରତି ତାଙ୍କର ଶ୍ରାଦ୍ଧବାର୍ଷିକୀରେ ଶୁଦ୍ଧପୂତ ଶ୍ରଦ୍ଧାଞ୍ଜଳି ଜଣାଇ ... ଯେଉଁ ନୀତି ଓ ଆଦର୍ଶ ଅନୁସରଣ କରୁଥିଲେ ସେଥିପାଇଁ ଅ... ସଂକଳ୍ପବଦ୍ଧ ହେବା ବାଞ୍ଛନୀୟ ।

## ମହାନ ନେତ୍ରୀ

ସୂଚନା ଓ ଲୋକ ସଂପର୍କ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସି... ସର୍ବଧର୍ମ ସମନ୍ୱୟ ସଭାରେ ସ୍ୱର୍ଗତଃ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ... ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ କେବଳ ଭାରତବ... ନୁହେଁ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏବଂ ଦେଶର ଜାତୀ... ସଂହତି ପ୍ରତିଷ୍ଠା ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ସକାଶେ ନିରବଚ୍ଛି... ଉଦ୍ୟମ କରିଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଭାରତବର୍ଷ... ସର୍ବାଙ୍ଗୀନ ଉନ୍ନତୀ ନିମନ୍ତେ ଉଦ୍ୟମ କରି ଶେଷରେ ଦେଶମାତୃକା... ବେଦୀରେ ଆତ୍ମବଳି ଦେଇଥିଲେ । ଭାରତର ଏକତା ଓ ଜାତୀୟ... ସମ୍ମୁଖରେ କୌଣସି ଧର୍ମ, ବଳ ଓ ବ୍ୟକ୍ତି ବିଶେଷ ବଡ ନୁହନ୍ତି । ଏହା... ରକ୍ଷା କରିବା ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଏଥି ନିମନ୍ତେ... ଦେଶର ଯୁବ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ସେମାନେ ହିଁ ... ଦେଶର ଜାତୀୟତା ଓ ସଂହତି ରକ୍ଷା କରି ପାରିବେ । ଯେଉଁ ଭାର... ସୁନାର ଦେଶ, ସେମାନେ ହେବେ ସେ ଦେଶର ଗର୍ବ ଓ ଗୌରବ ... ଏହାହିଁ ହେବ ଶ୍ରୀମତୀ ଗାନ୍ଧୀଙ୍କ ଆତ୍ମାପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

## ବହୁମୁଖୀ ବ୍ୟକ୍ତିତ୍ୱ

ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସ୍ୱର୍ଗତଃ ଆ... ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ବିଶ୍ୱର ସମସ୍ତ ବଡ଼ବଡ଼ ଲୋକଙ୍କ...

ପ୍ରତି ବର୍ଷକୁ ଆନୁଷ୍ଠାନିକ ଭାବେ ପାଳନ କରାଯାଇଥାଏ । ସେଦିନ ସେମାନଙ୍କୁ ସ୍ମରଣ କରି ଗୁଣଗାନ କରାଯାଇଥାଏ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କାମଟିକୁ ବଢାଇ ଦିଆଯାଏ । ମାତ୍ର ଇନ୍ଦିରାଗାନ୍ଧୀଙ୍କ କ୍ଷେତ୍ରରେ ଏଭଳି ସମୟ ଆସିନାହିଁ । ତାଙ୍କୁ ସ୍ମରଣ କରି ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏବଂ ଆତ୍ମାର ସଦ୍‌ଗତି କାମନା କରି ଦିବସଟିକୁ ଶେଷ କରି ଦେବାର ଅବସ୍ଥା ଏ ପର୍ଯ୍ୟନ୍ତ ଭାରତବର୍ଷରେ ତିଆରି ହୋଇନାହିଁ । ଏହିର କାରଣ ହେଉଛି ଶ୍ରୀମତୀ ଗାନ୍ଧୀଙ୍କର କର୍ମ ପ୍ରଭାବ । ଶ୍ରୀମତୀ ଗାନ୍ଧୀ ଜଣେ ବିରାଟ ବ୍ୟକ୍ତିତ୍ୱ ଥିଲେ । ସାଧାରଣତଃ ବଡ଼ବଡ଼ ଲୋକମାନେ ବିବାଦୀୟ ହୋଇ ପଡନ୍ତି ମାତ୍ର ଇନ୍ଦିରା ଗାନ୍ଧୀ ଥିଲେ ଏ ଶତାବ୍ଦୀର ଚଳିତ ଦଶନ୍ଧିର ଜଣେ ଅପ୍ରତିରୋଧୀ ରାଜନୈତିକ ନେତ୍ରୀ । ତାଙ୍କର ଜୀବନ କାଳ ମଧ୍ୟରେ ସେ ବହୁତ ବର୍ଷ ଧରି ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଥିଲେ ଏବଂ ସେହି ସମୟ ମଧ୍ୟରେ ସେ ନାନା ଭାବରେ ଭାରତବର୍ଷର ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରିଛନ୍ତି । କାର୍ଯ୍ୟ ସାଧନ ସମୟରେ ତ୍ରୁଟି ବିଚ୍ୟୁତ ରହିବା ସ୍ୱାଭାବିକ । ଏ ଦେଶକୁ ଏକ ଆଧୁନିକ ଦେଶରେ ପରିଣତ କରିବା ପାଇଁ ସେ ପ୍ରାରମ୍ଭରୁ ହିଁ ଉଦ୍ୟମ କରିଥିଲେ । ଦେଶ ଜୀବନର ମୂଳମନ୍ତ୍ର ନେଇ ସେ ସାହିତ୍ୟ, ବିଜ୍ଞାନ, ଶିକ୍ଷା, ସାଧାରଣ ଜୀବନ ଓ ସାମାଜିକ ଜୀବନରେ ତାଙ୍କର ପଦଚିହ୍ନ ରଖିବା ପାଇଁ ଉଦ୍ୟମ କରିଛନ୍ତି । କେବଳ ଏଇଥିପାଇଁ ମହାତ୍ମାଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ପରେ ଭାରତବର୍ଷର ଅନ୍ୟତମ ରାଜନୈତିକ ନେତା ଭାବରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ଏ ଦେଶବାସୀ ସ୍ମରଣ କରିବେ । ଯେଉଁ ବ୍ୟକ୍ତି ଭାରତବାସୀଙ୍କ ମନରେ ଏତେ ଗଭୀର ପ୍ରଭାବ ପକାଇଲା, ତାଙ୍କ ଜୀବନର ଅବସାନ ଏଭଳି ମର୍ମନ୍ତୁଦ ଓ ଦୁଃଖଦାୟକ, ତାହାହିଁ ଚିନ୍ତାର ବିଷୟ ।

ଶ୍ରୀମତୀ ଗାନ୍ଧୀ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱର ଆସିଥିଲେ । ଭୁବନେଶ୍ୱରଠାରେ ଏକ ସାଧାରଣ ସଭାରେ ଭାଷଣ ପ୍ରସଙ୍ଗରେ କହିଥିଲେ ଯେଉଁଠି ତାଙ୍କର ରକ୍ତ ବିନ୍ଦୁ ପଡ଼ିବ, ଭାରତମାଟି ସେଠାରେ ଜୀବିତ ହେବ । ଭାରତର ଏକତା ଓ ଅଖଣ୍ଡତା ତା' ଫଳରେ ସୁଦୃଢ଼ ହେବ । ତାଙ୍କୁ ଏ ଦେଶର ଦୁଇ ଜଣ କ୍ରୋଧାନ୍ଧ ବ୍ୟକ୍ତି ହତ୍ୟା କରିବା ପରେ ଦେଶରେ ଯେଉଁଭଳି ଭାବେ ପ୍ରତିକ୍ରିୟା ସୃଷ୍ଟି ହେବାର କଥା, ସେ ଭଳି ପ୍ରତିକ୍ରିୟା ନ ହୋଇ ତା'ର ବିପରୀତ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଇନ୍ଦିରା ଗାନ୍ଧୀଙ୍କ ନିଧନ ପରେ ପରେ ଦିଲ୍ଲୀରେ ନୃଶଂସ ହତ୍ୟାକାଣ୍ଡ ଘଟିଲା ଏବଂ ସେହିଦିନଠୁ କ୍ରମାନ୍ୱୟଭାବେ ପଞ୍ଜାବଠାରୁ ଆରମ୍ଭକରି ନାଗାଲ୍ୟାଣ୍ଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହତ୍ୟା, ହିଂସା, ଈର୍ଷା, ଘୃଣା, କ୍ରୋଧ ଲାଗି ରହିଛି । ଯଦି ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁବାର୍ଷିକୀକୁ ଭାରତୀୟ ସଂହତିର ପ୍ରତୀକ ରୂପେ ଗ୍ରହଣ କରାଯାଏ, ତେବେ ଆମ ସମସ୍ତଙ୍କୁ ଘୃଣା, ଈର୍ଷା, କ୍ରୋଧ, ପରଶ୍ରୀକାତରତା ଏବଂ ବିଭେଦ ସୃଷ୍ଟି ମନୋଭାବ ପରିହାର କରିବାକୁ ପଡ଼ିବ । ଏହା କୌଣସି ରାଜନୈତିକ ଦଳ ବା ବ୍ୟକ୍ତି ବିଶେଷର କାର୍ଯ୍ୟ ନୁହେଁ । ଯେଉଁମାନେ ରାଜନୈତିକ କ୍ଷେତ୍ରରେ ଦେଶର ଶାସନ କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି, ସେମାନଙ୍କୁ ଏ ଦିଗରେ ବିଶେଷ ଭାବରେ ଉଦାହରଣ ଦେଖାଇବାକୁ ପଡ଼ିବ । ସେମାନେ ଯଦି ସେହି ଉଦାହରଣ ନ ଦେଖାଇବେ, ତେବେ ତା'ର ଫଳ ଅନ୍ୟମାନଙ୍କୁ ଏବଂ ଦେଶକୁ ମଧ୍ୟ ଭୋଗ କରିବାକୁ ପଡ଼ିବ । ଆଜି ଦେଶର ପ୍ରତି କୋଣ ଅନୁକୋଣରେ କିଭଳି ଭାବେ ହିଂସା, ଈର୍ଷା, ବିଚ୍ଛେଦଶକ୍ତି, ବିଚ୍ଛିନ୍ନତାବାଦୀ ଭାବନା କ୍ରମଶଃ ମୁଣ୍ଡ ଟେକୁଛି, ତାହା ସର୍ବଜନବିଦିତ । ଏହି ବିଭେଦ ଆଜି ଜାତି ଜାତି ଭିତରେ, ଗୋଷ୍ଠୀ ଗୋଷ୍ଠୀ ଭିତରେ ଓ ସଂପ୍ରଦାୟ ମଧ୍ୟରେ ଥିବା ସଂପର୍କକୁ ବିଷ ଜର୍ଜରିତ କରୁଛି ।

ଶ୍ରୀମତୀ ଗାନ୍ଧୀଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱ ବହୁମୁଖୀ । ସେ ତାଙ୍କର ଜଣେ ଆମେରିକୀୟ ବନ୍ଧୁଙ୍କ ନିକଟକୁ ୧୯୫୦ ମସିହାରୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅନେକ ଚିଠି ଲେଖିଛନ୍ତି । ସେ ଚିଠିଗୁଡ଼ିକ ଖଣ୍ଡିଏ ପୁସ୍ତକ ଆକାରରେ ଛପାଇଛନ୍ତି ଯାହାର ନାମ

ତାଙ୍କର ଚେତନ ଶକ୍ତି ଓ ମତବୋଧ ମଧ୍ୟରେ ସମନ୍ୱୟ ରକ୍ଷା କରି ସେ ନିଜର ଦାୟିତ୍ୱ ସଂପାଦନ କରିଛନ୍ତି । କଂଗ୍ରେସରେ ସେ ଯେତେବେଳେ ସଂପୂର୍ଣ୍ଣ ଭାବେ ଏକୁଟିଆ ହୋଇ ଯାଇଛନ୍ତି ଏବଂ ଯେତେବେଳେ ପୁରୁଣା ଭାବଧାରାର ପ୍ରତିବନ୍ଧକ ସତ୍ତ୍ୱେ ସେ କିଛି ନୂଆ କାମ କରିବାକୁ ଆଗଭର ହୋଇଛନ୍ତି, ସେତେବେଳେ ତାଙ୍କର ବ୍ୟକ୍ତିତ୍ୱ ପ୍ରତିଭାତ ହୋଇଛି । କୌଣସି କାର୍ଯ୍ୟଟିକୁ ନିଶ୍ଚିତ ଭାବେ ସଂପାଦନ କରିବାର ମନୋଭାବ ନେଇ ସେ "ଏକଲା ଚଲୋରେ" ଗୀତଟିକୁ ବାରମ୍ବାର ଦୋହରାଇ ନିଜର କର୍ମପନ୍ଥା ଅନୁସରଣ କରନ୍ତି । ଏହା ଫଳରେ ସମଗ୍ର ଭାରତବର୍ଷର ଜନ ସାଧାରଣ ଶ୍ରୀମତୀ ଗାନ୍ଧୀଙ୍କ ପଛରେ ଠିଆ ହୋଇଥିଲେ ଏବଂ ସମ୍ମାନ ଦେଖାଇଥିଲେ । ଅନେକ ସମୟରେ ବହୁ ଅପଶକ୍ତି ଓ ବିଚ୍ଛିନ୍ନତାବାଦୀଙ୍କ ପ୍ରଭାବରେ ପ୍ରଭାବିତ ହୋଇ ସେ କେତେକ କାର୍ଯ୍ୟ କରିଛନ୍ତି, ଯାହାକି ତାଙ୍କୁ ବହୁ ଅସୁବିଧାରେ ପକାଇଛି ଏବଂ ସେଥିପାଇଁ ସେ ଅନୁତାପ କରିଛନ୍ତି । ଏସବୁ ସତ୍ତ୍ୱେ ସେ ଭାରତବର୍ଷର ସର୍ବାଙ୍ଗୀନ ଉନ୍ନତି ସାଧନ ପାଇଁ ବିଶେଷ ଭାବରେ ଉଦ୍ୟମ କରିଥିଲେ ଏବଂ ସବୁ ଭେଦାଭେଦ ଭୁଲି ଏକତାବଦ୍ଧ ହେବା ପାଇଁ ସଂକଳ୍ପବଦ୍ଧ ହେବାହିଁ ତାଙ୍କ ଆତ୍ମାପ୍ରତି, ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

**ସ୍ମରଣୀୟ ଦିବସ**

## ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ

ଏହି ସଭାରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ଭାରତବର୍ଷର ଏକତା, ଅଖଣ୍ଡତା ଓ ସଂହତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ଜୀବନବଳି ଦେଇଛନ୍ତି । ସେ ତାଙ୍କର ଶେଷ ମୁହୂର୍ତ୍ତ ଓଡ଼ିଶାରେ କଟାଇଥିଲେ, ତେଣୁ ଅକ୍ଟୋବର ୩୦ ତାରିଖ ଓଡ଼ିଶାବାସୀଙ୍କ ପକ୍ଷରେ ଏକ ସ୍ମୃତି ବିଜଡ଼ିତ ଦିବସ ରୂପେ ପରିଗଣିତ ହେବ ।

**ସଂଗ୍ରାମର ଐତିହ୍ୟ**

## ଶ୍ରୀ ଲୋକନାଥ ଚୌଧୁରୀ

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ବ୍ୟକ୍ତି ଜୀବନକୁ ସାମଗ୍ରିକ ଭାବେ ବିଚାର କରିବା ହେଉଛି ଆମ ଭାରତୀୟ ପରମ୍ପରା । ସେହି ଦୃଷ୍ଟିରୁ ଇନ୍ଦିରା ଗାନ୍ଧୀଙ୍କର ବ୍ୟକ୍ତିତ୍ୱକୁ ସବୁଦିଗରୁ ବିଚାର କଲେ ଯଥାର୍ଥ ହେବ ।

ଶ୍ରୀମତୀ ଗାନ୍ଧୀ ଭାରତବର୍ଷର ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କ ସହିତ ବହୁ କଥାରେ ଆମର ସହମତ ଥିଲା ଏବଂ ବିରୋଧ ଭାବ ମଧ୍ୟ ଥିଲା । କିନ୍ତୁ ଯେଉଁ କାରଣରୁ, ଯେଉଁ ଅବକାଶରେ ଏବଂ ଯେଉଁ ପରିପ୍ରେକ୍ଷୀରେ ତାଙ୍କୁ ହତ୍ୟା କରାଗଲା ସେଥିପାଇଁ ପ୍ରତ୍ୟେକ ଭାରତୀୟ ସଂକଳ୍ପ ନେବା ଉଚିତ । ଇନ୍ଦିରା ଗାନ୍ଧୀଙ୍କ ପରି ଭାରତରେ ଏକତା, ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷା କରିବା ପାଇଁ ପ୍ରତ୍ୟେକ ଭାରତୀୟ ଦଳମତ ନିର୍ବିଶେଷରେ ନିଜର ପ୍ରାଣବଳି ଦେବା ସକାଶେ ଶପଥ କରିବା ଉଚିତ । ସେ ଯେଉଁ ସଂଗ୍ରାମର ଐତିହ୍ୟ ରଖିଗଲେ, ତାକୁ ସଠିକ୍ ଭାବରେ ଏଦେଶରେ ପ୍ରୟୋଗ କରିପାରିଲେ, ତାହା ହେବ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଏକ ମାମୁଲି ଘଟଣା ନୁହେଁ । ଏହା ଆମକୁ ବିଚାର କରିବାକୁ ହେଲେ, ଆଜିର ଆନ୍ତର୍ଜାତିକ ପରିପ୍ରେକ୍ଷୀରେ ବିଚାର କରିବାକୁ ପଡ଼ିବ । ଯେଉଁମାନେ ଶୋଷଣକାରୀ ସେମାନେ ଗୋଟିଏ

ଦେଶକୁ ଖଣ୍ଡବିଖଣ୍ଡିତ କରିବା ହେଉଛି, ଆଜିର ଆନ୍ତର୍ଜାତିକ ପ୍ରକ୍ରିୟାର ନୂତନ ଦିଗ । ସାମ୍ରାଜ୍ୟବାଦୀମାନେ ଭାରତବର୍ଷକୁ ଖଣ୍ଡବିଖଣ୍ଡିତ କରିବା ପାଇଁ କେବଳ ଯେ ବାହାରେ ଘାଟି ପ୍ରତିଷ୍ଠା କରୁଛନ୍ତି, ତା' ନୁହେଁ, ସେମାନେ ଆମ ଦେଶର ବିଚ୍ଛେଦକାରୀ ଶକ୍ତି ଓ ଜାତୀୟ ଅର୍ଥନୀତିର ଦୁର୍ବଳତା ଭିତରେ ଦେଇ ଉଭୟ ଦେଶ ବାହାରେ ଓ ଭିତରେ ଭାରତର ଅଙ୍ଗହାନି କରାଇବାକୁ ଚାହୁଁଛନ୍ତି । ଏଇଥିପାଇଁ ସେମାନେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କଲେ । ତେଣୁ, ବିଶ୍ୱର ସମସ୍ତ ପ୍ରକ୍ରିୟାକୁ ପ୍ରତିହତ କରିବା ପାଇଁ ତଥା ଭାରତବର୍ଷର ସ୍ୱାଧୀନତା ଅଖଣ୍ଡ ରଖିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଥା ବିଚାର କରିବାକୁ ପଡ଼ିବ । ଏହା ଦଳର ପ୍ରଶ୍ନ ନୁହେଁ, ମୂଲ୍ୟବୋଧର ପ୍ରଶ୍ନ ।

ଆନ୍ତର୍ଜାତିକ କ୍ଷେତ୍ରରେ ଭାରତ ସ୍ୱାଧୀନ ଭୂମିକା ଗ୍ରହଣ କରୁଥିବାରୁ ସାମ୍ରାଜ୍ୟବାଦୀମାନେ ଏଥିପାଇଁ କ୍ଷୁବ୍ଧ । ଆମ ଦେଶ ଭିତରେ ନାନା ମତ ପାର୍ଥକ୍ୟ ଥାଇପାରେ, କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଜାତୀୟ ଏକତା ମୁଖ୍ୟତଃ ଆବଶ୍ୟକ । କ୍ଷମତାରେ ରହିଲେ, ମତାନ୍ୟତା ରହିପାରେ, କିନ୍ତୁ ତା'ର ଅର୍ଥ ନୁହେଁ ଯେ ବାହ୍ୟ ଶତ୍ରୁକୁ ଡାକିଆଣି ଆଶ୍ରୟ ଦେବା । ସାଂପ୍ରଦାୟିକତା ବିରୁଦ୍ଧରେ ସଂଗ୍ରାମ କରିବାରୁ ମହାତ୍ମା ଗାନ୍ଧୀଙ୍କୁ ଯେପରି ହତ୍ୟା କରାଯାଇଛି, ଇନ୍ଦିରା ଗାନ୍ଧୀଙ୍କୁ ମଧ୍ୟ ସେପରି ହତ୍ୟା କରାଗଲା। ।

ଶ୍ରୀମତୀ ଇନ୍ଦିରା ଯେଉଁ କାରଣଗୁଡ଼ିକ ପାଇଁ ଜୀବନ ଉତ୍ସର୍ଗ କଲେ ତାହା ଭାରତର ପ୍ରତ୍ୟେକ ନାଗରିକ ଉପଲବ୍ଧି କରିବା ପାଇଁ ... ସରକାରଙ୍କ ଉଦ୍ୟମ ପ୍ରତି ସମସ୍ତଙ୍କର ସମର୍ଥନ ରହିବା ଉଚିତ । ... ସରକାରଙ୍କର ଏହି ପ୍ରଚେଷ୍ଟା ଆସନ୍ତା ବର୍ଷଠାରୁ ଜିଲ୍ଲା ସ୍ତରରେ ଏବଂ ... ଗହଳିରେ ପ୍ରବର୍ତ୍ତିତ ହେଲେ, ତାହା ଆମର ଜାତୀୟ ଜୀବନର ପରିବର୍ତ୍ତନ ପାଇଁ ତଥା ଜାତୀୟ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ନେବା ପାଇଁ ବିଶେଷ ସାହାଯ୍ୟ କରିବ ।

ଆଜି ଭାରତବର୍ଷରେ ମୁଣ୍ଡଟେକି ଉଠୁଥିବା ସାଂପ୍ରଦାୟିକତା ବିରୁଦ୍ଧରେ ଲଢ଼ିବା ପାଇଁ ଦଳମତ ନିର୍ବିଶେଷରେ ଜାତୀୟ ଏକତା ଦରକାର । ତେଣୁ ଏଥିପାଇଁ ଆମ ଦେଶ ସାମାଜିକ ସ୍ୱତନ୍ତ୍ରତାକୁ ବିଚାର କରିବାକୁ ପଡ଼ିବ । ଆଜି ଜାତୀୟ ଆଦର୍ଶରେ ଉଦ୍‌ବୁଦ୍ଧ ହେବା ପ୍ରତ୍ୟେକ ଭାରତୀୟର କର୍ତ୍ତବ୍ୟ । ତା'ହେଲେ ଭାରତର ସ୍ୱାଧୀନତା, ଅଖଣ୍ଡତା, ଅର୍ଥନୈତିକ ପ୍ରଗତି ଅଧିକ ଅର୍ଥପୂର୍ଣ୍ଣ ହେବ ତଥା ଶାନ୍ତି ରକ୍ଷା ପାଇଁ ଭାରତ ମଧ୍ୟ ଉପଯୁକ୍ତ ଭୂମିକା ଗ୍ରହଣ କରି ପାରିବ ଏବଂ ଭାରତବର୍ଷ ଏ ଦେଶ ମୂଲ୍ୟବୋଧକୁ ଏକ ନୂତନ ରୂପ ଦେଇ ପାରିବ ।

(ଗତ ୧୯୮୬ ଅକ୍ଟୋବର ୩୧ ତାରିଖ ଦିନ ଭୁବନେଶ୍ୱର ... ମହାବିଦ୍ୟାଳୟଠାରେ ଅନୁଷ୍ଠିତ 'ଜାତୀୟ ସଂକଳ୍ପ ଦିବସ'ରେ ପ୍ରଦତ୍ତ ... ଭାଷଣରୁ ସଂଗୃହୀତ ।)



ଜାତୀୟ ସଂକଳ୍ପ ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଉଦ୍‌ବୋଧନ

# ବେଦର କବିତ୍ୱ

ଡକ୍ଟର ଗଙ୍ଗାଧର ବଳ

ବିଶ୍ୱ ସାହିତ୍ୟକୁ ଭାରତର ପ୍ରାଚୀନତମ ସର୍ବଶ୍ରେଷ୍ଠ ଅବଦାନ ହେଉଛି ତା'ର ବୈଦିକ ସାହିତ୍ୟ । ଚାରିବେଦ ମଧ୍ୟରେ ଋକ୍, ଯଜୁଃ ଓ ସାମ ହେଉଛନ୍ତି ପ୍ରାଚୀନ, ଅଥର୍ବ ହେଉଛି ଅର୍ବାଚୀନ । ଋଗ୍ ବେଦର ମନ୍ତ୍ର ସଂଖ୍ୟା ୧୦,୫୫୨, ସାମ ବେଦର ୧୮୭୫, ଯଜୁଃ ବେଦର (ବାଜସନେୟୀ ସଂହିତା) ୧୯୭୫ (କେତେକ ମନ୍ତ୍ର ଗଦ୍ୟରେ) ଏବଂ ଅଥର୍ବ ବେଦର ୫,୯୮୭ (ଅଳ୍ପ କେତେକ ଗଦ୍ୟରେ) । ମୋଟାମୋଟି ବୈଦିକ ସଂହିତା (ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦକୁ ଛାଡ଼ି) ଗୁଡ଼ିକରେ ୨୦,୩୮୯ ମନ୍ତ୍ର ରହିଛି । ଅନ୍ୟ ବେଦଗୁଡ଼ିକରେ ଋଗ୍ ବେଦୀୟ କେତେଗୁଡ଼ିଏ ମନ୍ତ୍ରର ପୁନରାବୃତ୍ତି ଲକ୍ଷିତ ହୁଏ ।

କେତେଗୁଡ଼ିଏ ଗଦ୍ୟ ମନ୍ତ୍ରକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକ କବିତା ରୂପରେ ରଚିତ । କେତେକ ମନ୍ତ୍ର ଗଦ୍ୟରେ ରଚିତ ହେଲେ ମଧ୍ୟ ସେଗୁଡ଼ିକ ଛନ୍ଦୋଯୁକ୍ତ । ବେଦ ହେଉଛି ମାନବ ଜାତିର ପ୍ରାଚୀନତମ ଗଦ୍ୟ ଓ ପଦ୍ୟ ସାହିତ୍ୟର ନିଦର୍ଶନ । ବେଦଗୁଡ଼ିକ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମ ସଂସ୍କୃତିର ଭିତ୍ତି ଏବଂ ସେଗୁଡ଼ିକ ଖ୍ରୀ:ପୂ: ୧୫୦୦ର ପରବର୍ତ୍ତୀ ବୋଲି ପ୍ରାଚ୍ୟ ଓ ପାଶ୍ଚାତ୍ୟର ବିଶେଷଜ୍ଞମାନେ ମତ ପ୍ରକାଶ କରନ୍ତି ନାହିଁ । ସେମାନଙ୍କ ମଧ୍ୟରୁ କେତେକ ସେଗୁଡ଼ିକୁ ବହୁ ପୂର୍ବବର୍ତ୍ତୀ ବୋଲି ମନେକରନ୍ତି ।

ବୈଦିକ କବିତାକୁ କେହି କେହି ଆଦିମ କବିତା (Primitive Poetry) ବୋଲି କହିଥାନ୍ତି; କିନ୍ତୁ ଆଦିମ ବୋଲି ସେଗୁଡ଼ିକୁ ଆଦିମ ଗୀତି ବା ଲୋକଗାଥା (Tribal song or folk ballad) କହିଲେ ଠିକ୍ ହେବ ନାହିଁ । ଅବଶ୍ୟ ତା'ର ମୌଳିକ ପବିତ୍ରତା ହେତୁ ଏବଂ ପରବର୍ତ୍ତୀ ସଭ୍ୟତାର ଅସ୍ୱାଚ୍ଛନ୍ଦ୍ୟ-ବୋଧରୁ ମୁକ୍ତି ପାଇବା ପାଇଁ ଆମେ ଏହାକୁ ଆଦିମ କହିପାରୁ । ବୈଦିକ ଯୁଗକୁ ଲୋକେ ସତ୍ୟଯୁଗ ନାମରେ ଅଭିହିତ କରିଥାନ୍ତି । ଏଥିରେ ଜୀବନର ପୂର୍ଣ୍ଣତା ପ୍ରକାଶ ପାଇଥିଲା । ଜୈବିକ ପ୍ରବୃତ୍ତି ମଧ୍ୟରେ କିମ୍ବା ମନର ସକ୍ରିୟ ଓ ଗଭୀର ଚିନ୍ତାମୂଳକ ଗୁଣ ମଧ୍ୟରେ ବା ବସ୍ତୁ ଓ ଆତ୍ମା ମଧ୍ୟରେ ଭାରସାମ୍ୟହୀନତା ଜନିତ ଅସାମଞ୍ଜସ୍ୟ ଦେଖାଯାଇନଥିଲା । ଅନ୍ୟଭାବରେ କହିବାକୁ ଗଲେ ବ୍ରହ୍ମ ବା ଆଧ୍ୟାତ୍ମିକ ଶକ୍ତି ଏବଂ କ୍ଷେତ୍ର ବା ରାଜନୈତିକ ଶକ୍ତି ମଧ୍ୟରେ ପୂର୍ଣ୍ଣତା ଐକ୍ୟର ସନ୍ଧାନ କରାଯାଉଥିଲା(୧) । ବେଦରେ ଆମେ ବିଭକ୍ତ ଆତ୍ମାର ଟ୍ରାଜେଡ଼ି ଓ ତଜ୍ଜନିତ ଅନୁତାପ ଓ ଦୁଃଖର କୌଣସି ନିଦର୍ଶନ ପାଉଁନା କିମ୍ବା ହିନ୍ଦୁ ଧର୍ମାବଲମ୍ବୀ ଅନୁଭୂତ ଆତ୍ମ-ପୀଡ଼ନ ଓ ପାପବୋଧର କୌଣସି ସଙ୍କେତ ପାଉଁନା । ବୌଦ୍ଧ ଓ ବୌଦ୍ଧ ପରବର୍ତ୍ତୀ ସମ୍ପ୍ରଦାୟମାନଙ୍କରେ ମାୟା ବା ହତାଶ ବୋଧ ହେତୁ ଯେପରି ଏକ ନାସ୍ତିମୂଳକ ଦୃଷ୍ଟିଭଙ୍ଗୀ ଓ ଜଗତ୍-ବିତୃଷ୍ଣ ମନୋଭାବ ଦେଖାଥିଲା, ବେଦରେ ତା'ର ସଙ୍କେତ ନାହିଁ ।

ବୈଦିକ ଋଷିମାନଙ୍କର ଜୀବନ ଓ ମୃତ୍ୟୁ, ଜୀବନର ସଂଘର୍ଷ ଓ ପରିମିତତାର ଗ୍ରହଣ ସମ୍ପର୍କରେ ଯେପରି ଅସ୍ତିମୂଳକ ଦୃଷ୍ଟିଭଙ୍ଗୀ ଦେଖାଦେଇଥିଲା, ସେହିପରି ଜୀବନରେ ସତ୍ୟ, ସଦ୍‌ଗୁଣ, ସୌନ୍ଦର୍ଯ୍ୟ, ଋତ ପ୍ରଭୃତି ଉତ୍କୃଷ୍ଟ ମୂଲ୍ୟବୋଧ ଗ୍ରହଣରେ ସେହି ଦୃଷ୍ଟିଭଙ୍ଗୀ ଲକ୍ଷିତ ହୋଇଥିଲା । ବିଶ୍ୱର ସୌନ୍ଦର୍ଯ୍ୟ ଓ ମହିମାରେ ପରମସତ୍ତା (ଭଗବାନଙ୍କ)ଙ୍କର ଅବସ୍ଥିତି ସମ୍ପର୍କରେ ସେମାନଙ୍କର ଅନୁଭବରେ ସେମାନେ ଏକାନ୍ତ ଧର୍ମପରାୟଣ ଥିଲେ । ସେମାନଙ୍କର ଆତ୍ମାର ସେହି ପରମସତ୍ତାପ୍ରତି ଗଭୀର ପ୍ରେମ ଏବଂ ତାକୁ ସଙ୍ଗୀତ ଭାବରେ ରୂପଦାନ କରିବାରେ ଗଭୀର ଅନୁପ୍ରେରଣା ଲକ୍ଷିତ ହୋଇଥିଲା । ବୈଦିକ କବିତା ଆନନ୍ଦପୂର୍ଣ୍ଣ ତେଜସ୍ୱୀ ଆତ୍ମାରୁ ନିଃସୃତ ହୋଇଥିଲା, ଯେଉଁଥିରେ ଜୀବନ-ପ୍ରୀତି, କର୍ମ ସଂପାଦନ ପାଇଁ ଶକ୍ତି, ସହାୟତା ଓ ପ୍ରେରଣା ପାଇଁ ଈଶ୍ୱରଙ୍କ ପ୍ରତି ଗଭୀର ବିଶ୍ୱାସ ରହିଥିଲା । ବୈଦିକ ଋଷିମାନେ ଜୀବନ ଓ ଈଶ୍ୱରଙ୍କୁ ଭଲ ପାଉଥିଲେ । ଜଗତ୍‌ର ଉତ୍ତମ ବସ୍ତୁ ପ୍ରାପ୍ତି ପାଇଁ ସେମାନଙ୍କର ପ୍ରତିଟି ଅଭିଳାଷ ଗଭୀର ପ୍ରାର୍ଥନା ରୂପରେ ଆତ୍ମ ପ୍ରକାଶ କରିଥିଲା ଏବଂ ସେଇ ପ୍ରାର୍ଥନା ସଙ୍ଗୀତ ରୂପ ଗ୍ରହଣ କରିଥିଲା (ଋଗ୍, ୧.୧୦.୧୨) । ଋଷିମାନେ (ଲୋକମାନଙ୍କ ସହିତ) ସତ୍ୟ, ଋତ (ସନାତନ ନିୟମ) ଓ ତପଃ (ପଶୁ ଜୀବନର ଊର୍ଦ୍ଧ୍ୱରେ ଆଧ୍ୟାତ୍ମିକ ଚେତନା) ଶୃଙ୍ଖଳାରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ମାନସିକ ପ୍ରସ୍ତୁତିରେ ସେମାନେ ପବିତ୍ର ସହିତ ପବିତ୍ର ଜୀବନ ଯାପନରେ ସେମାନେ ନିଜକୁ ଉତ୍ସର୍ଗ କରିଥିଲେ । ଆଧ୍ୟାତ୍ମିକ ଆନନ୍ଦକୁ ସେମାନେ ଦିବ୍ୟ-ପ୍ରେରଣା ଗ୍ରହଣ କରିଥିଲେ । ଶବ୍ଦ ବା ବାକ୍ ସେମାନଙ୍କ ଆତ୍ମାରେ ନିସୃତ ସତ୍ୟର ପ୍ରକାଶ ସ୍ୱରୂପ ଥିଲା(୨) ।

ବୈଦିକ ସ୍ତୋତ୍ରଗୁଡ଼ିକ ପବିତ୍ରତା, ଔଜ୍ଜ୍ୱଲ୍ୟ ଓ ଶକ୍ତିରେ ଯେପରି ପ୍ରବାହରେ ପର୍ବତରୁ ସ୍ୱଚ୍ଛନ୍ଦ ଗତିରେ ଝରି ଆସୁଥିବା ସଦ୍ୟ ସ୍ୱଚ୍ଛ ଝରଣା ପରି । ବୈଦିକ ଋଷିଙ୍କ ଭାଷାରେ—

ଗିରିଭ୍ରଜୋ ନୋର୍ମୟୋ ମଦନ୍ତୋ
ବୃହସ୍ପତିଂ ଅଭ୍ୟର୍କା ଅନାବନ୍— (ଋଗ୍‌ବେଦ, ୧୦.୬୮.୧)

ଅର୍ଥାତ୍ ପର୍ବତରୁ ସ୍ୱଚ୍ଛନ୍ଦ ଝରଣା ଝରି ଆସୁଥିବା ପରି ଆମର ସଙ୍ଗୀତ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ ।

ଅଭିବ୍ୟକ୍ତିର ଚରମ ପରିମିତତା ବୈଦିକ ଭାଷାର ବୈଶିଷ୍ଟ୍ୟ । ବୈଦିକ ସୂକ୍ତ ପାଠ କରିବା ସମୟରେ କାନରେ ଯେତିକି ପ୍ରବେଶ କରେ, ତା' ଅପେକ୍ଷା ତାହା ଅଧିକ ଅର୍ଥ ପ୍ରକାଶକରେ । ଜୀବନ ଓ ପ୍ରକୃତିର ଆଲେଖ୍ୟ କିଛି ଗଭୀର ଅର୍ଥ ବହନ କରିଥାଏ । ଏକ ରହସ୍ୟମୟ ସତ୍ୟ ସୂଚିତ କରିବା ପାଇଁ 'ଗୁହା-ହିତ' ବା 'ଗୁହା-ନିହିତ' ପଦର ପ୍ରୟୋଗ ଦେଖାଯାଏ । ପ୍ରତ୍ୟେକ ଧ୍ୱନିର (Sound) ଏକ ଗଭୀର ପ୍ରତୀକାତ୍ମକ ପ୍ରଭାବ ରହିଛି । ବୈଦିକ ଋଷିଙ୍କର ପ୍ରତ୍ୟକ୍ଷ ଉତ୍ତରାଧିକାରୀଙ୍କଠାରୁ ଆରମ୍ଭକରି ବର୍ତ୍ତମାନକାଳ ପର୍ଯ୍ୟନ୍ତ ଭାରତର ଜ୍ଞାନୀବ୍ୟକ୍ତିମାନେ (ପ୍ରାଜ୍ଞ) ଅନୁସନ୍ଧାନ କରି ବେଦରେ ଗଭୀରତମ ସତ୍ୟର ପ୍ରକାଶ ଆବିଷ୍କାର କରିଛନ୍ତି ।

ବେଦରେ ମାନବଜୀବନ ଓ ପ୍ରକୃତିର ସୌନ୍ଦର୍ଯ୍ୟ କଳ୍ପନା କାବ୍ୟିକଗୁଣରେ ଏକାନ୍ତ ସମୃଦ୍ଧ । ସମ୍ଭବତଃ ପୃଥିବୀର କୌଣସି ସାହିତ୍ୟରେ ଉଷା, ସୂର୍ଯ୍ୟୋଦୟ, ପ୍ରକୃତିର ନିର୍ଜନତା ଓ ମାଧୁର୍ଯ୍ୟ ଏପରି ଉତ୍କୃଷ୍ଟ ସମୃଦ୍ଧ ଅଭିବ୍ୟକ୍ତି ଲାଭ କରି ନାହିଁ । ନାରୀର ସୌନ୍ଦର୍ଯ୍ୟ ଅତି କୋମଳ ଓ ମଧୁର ଭାବରେ ରୂପାୟିତ ହୋଇଛି । ଆନାତୋଲ ଫ୍ରାନ୍ସ କହନ୍ତି ଯେ ନାରୀ ମୁଖର ମଧୁର ହାସ ମାନବିକ-ବିବର୍ତ୍ତନରେ ଏକ ନୂତନ ସୋପାନ ସଂକେତିତ କରିଛି । ବେଦ ସୁନ୍ଦରୀ ମନ୍ଦହାସ ଶୋଭିତ ନାରୀମାନଙ୍କ କଥା ବର୍ଣ୍ଣନା କରିଛି (କଲ୍ୟାଣ୍ୟଃ ସ୍ମୟମାନାସଃ ଯୋଷଣଃ(୩) । ଉଷସ୍ତୋତ୍ରରେ ଯୁବତୀ ନାରୀ ସୌନ୍ଦର୍ଯ୍ୟର ସନ୍ଧାନ ପାଇଁ ଋଷିମାନେ ତା'ର ପୂର୍ଣ୍ଣ ଦରହାସ (ସଂସ୍ମୟମାନା) ଲକ୍ଷ୍ୟ କରିଛନ୍ତି । ଦାମ୍ପତ୍ୟ ପ୍ରେମ ଓ ନାରୀର ମାତୃତ୍ୱ ଚିତ୍ରରେ ଏକ ଗଭୀର ପବିତ୍ରତାବୋଧ ଫୁଟି ଉଠିଛି । ଋଷି କବିମାନଙ୍କ ଦୃଷ୍ଟିରେ ଜୀବନର ଛୋଟ ଛୋଟ ବସ୍ତୁ ଓ ଘଟଣା ପବିତ୍ରତାରେ ପରିପୂର୍ଣ୍ଣ ଏବଂ ଜୀବନ ଯାପନ ଏକ ମହାନ୍ ଧର୍ମୀୟ ଅନୁଷ୍ଠାନ ବା ଯଜ୍ଞ ରୂପେ ପ୍ରତୀତ ହୋଇଛି ।

ଜୀବନ ସମ୍ପର୍କରେ ଋଷିମାନଙ୍କର ରୋମାଣ୍ଟିକ୍ ଉତ୍ସାହ ଏକ ଉତ୍କୃଷ୍ଟ ସନ୍ତୁଳିତବୋଧ ଓ ସମାବ୍ୟତାର ଏକ ବାସ୍ତବ ଚେତନା ଦ୍ୱାରା ନିୟନ୍ତ୍ରିତ ହୋଇଛି । ବେଦ ପରବର୍ତ୍ତୀ ସାହିତ୍ୟରେ ମନୁଷ୍ୟ ହଜାର ହଜାର ବର୍ଷ ବଞ୍ଚି ରହିବାର କଳ୍ପନା କରାଯାଇଥିବା ସ୍ଥଳେ ବେଦରେ ଶତବର୍ଷ ବା ତା'ପରଠାରୁ କିଛି ଅଧିକ ବର୍ଷ ବଞ୍ଚିବାର ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀକାଳର ସାହିତ୍ୟରେ ପୌରାଣିକ କଳ୍ପନାର ମାତ୍ରାଧିକତା ସଂପର୍କରେ ପୃଥିବୀର ଏହି ପ୍ରାଚୀନତମ ସାହିତ୍ୟ ସଚେତନ ରହିଥିଲା । ସେମାନଙ୍କର ଚିତ୍ରଗୁଡ଼ିକ ପ୍ରତୀକ ଧର୍ମୀ ହେଲେ ମଧ୍ୟ ଜୀବନର ଅତି ନିକଟବର୍ତ୍ତୀ ଥିଲା ।

ପରବର୍ତ୍ତୀକାଳର ଚତୁର୍ଦ୍ଦଶପଦୀ କବିତା ଓ ଉଦ୍‌ବୋଧନ ଗୀତିର ଛନ୍ଦ ପରି ବୈଦିକ ଛନ୍ଦଗୁଡ଼ିକ ସତର୍କତାର ସହିତ ସୃଷ୍ଟ ହୋଇଥିଲା । ପରବର୍ତ୍ତୀ ବେଦର ଛନ୍ଦ ଅପେକ୍ଷା ଋଗ୍‌ବେଦର ଛନ୍ଦ ଅଧିକ ସଂହତ ଥିଲା । କେତେକ ଧ୍ରୁବ ପଦରେ ଆମେ ଯେଉଁ ଅସାଧାରଣ ଛନ୍ଦୋମାଧୁର୍ଯ୍ୟ ଲକ୍ଷ୍ୟ କରୁଁ, ତାହା ଅନ୍ୟତ୍ର କ୍ୱଚିତ୍ ଲକ୍ଷିତ ହୁଏ(୪) ।

କେତେକ ଋଗ୍‌ବେଦୀୟ ସୂକ୍ତକୁ ସାମବେଦ ସାଙ୍ଗୀତିକ ରୂପଦାନ କରିଛି । ଯଜୁର୍ବେଦରେ ବିଭିନ୍ନ ସଙ୍ଗୀତ ଯନ୍ତ୍ରର ଉଲ୍ଲେଖ ରହିଛି, ଯଥା– ଶବ୍ଦାୟ ଆଡ଼ମ୍ବରାଘାତଂ ମହସେ ବୀଣାବାଦନ୍ ।

(ଯଜୁଃ, ୩୦.୧୯)

ଆଦିମ ମନୁଷ୍ୟଙ୍କଠାରୁ ଏ ପ୍ରକାର ସୂକ୍ଷ୍ମ କାବ୍ୟିକ ଓ ସାଙ୍ଗୀତିକ ମୂଲ୍ୟବୋଧଥିବା ବୈଦିକଯୁଗର ଦ୍ରଷ୍ଟାମାନେ ଯେ ଉଚ୍ଚସ୍ଥାନ ଅଧିକାର କରିଥିଲେ, ଏଥିରେ ସନ୍ଦେହ ନାହିଁ ।

ଉତ୍କୃଷ୍ଟ କବିତା ଯଦି ଧ୍ୱନି ଓ ଅର୍ଥର ସମନ୍ୱୟ ହୁଏ ଏବଂ ଏହା ... କଳ୍ପନା (ଚିତ୍ରକଳ୍ପ) ଓ ମାଧୁର୍ଯ୍ୟକୁ ଏକ ସମନ୍ୱିତ ଓ ସମଗ୍ର ... କରେ, ତା ହେଲେ ବୈଦିକ ସୂକ୍ତଠାରୁ ଆମେ ପ୍ରକୃତ ମହତ୍ତ୍ୱର ... ପାଇବା ନାହିଁ । ଅଭିବ୍ୟକ୍ତିର ସ୍ୱାଚ୍ଛନ୍ଦ୍ୟ, ଛନ୍ଦର ଶକ୍ତି ଓ ଚୋଦନ ... ପ୍ରଭାବର ସୂକ୍ଷ୍ମତା ଓ ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ଆମେ କେତେକ ଉତ୍କୃଷ୍ଟ ବୈଦି... ସୂକ୍ତ ସହିତ ଇଂରାଜି ସାହିତ୍ୟର ସେକ୍ସପିୟର୍ ଓ ମିଲ୍‌ଟନ୍‌ଙ୍କର ଉତ୍କୃ... ରଚନାଂଶ ଗୁଡ଼ିକୁ ତୁଳନା କରିପାରିବା । ଯଦି ମହିମାମୟତା (Sublimity) ଏକ ମହାନ୍ ଆତ୍ମାର ପ୍ରତିଧ୍ୱନି ହୁ... ତାହେଲେ ଆଦିମ ମନିଷ ଅପେକ୍ଷା ବୈଦିକ କବିଙ୍କଠାରେ ସେହି ମହ... ଆତ୍ମାର ସନ୍ଧାନ ପାଇବା । ବୈଦିକ କବିମାନେ ସେମାନଙ୍କ କବିତାର ... ଭବିଷ୍ୟତ ସମ୍ପର୍କରେ ଆଶାବାଦୀ ଥିଲେ । ଚରିତ୍ରର ଆରୋପ କ... କରିଥିବା ଦୁଇଟି ନଦୀ ସେମାନଙ୍କର ଋଷି କବିଙ୍କୁ ସମ୍ବୋଧନ କ... କହିଛନ୍ତି–

ଏତଦ୍ ବଚୋ ଜରିତର ମାପିମୃଷ୍ଠା
ଆଯତ୍ତେ ଘୋଷାନ୍ ଉତ୍ତରା ଯୁଗାନି ।

(ଋଗ୍‌ବେଦ, ୩.୩୩...)

ଅର୍ଥାତ୍ ହେ ଗାୟକ ! ଭୁଲିଯାଅ ନାହିଁ, ତୁମର ବାକ୍ୟ ଯୁଗପରେ ଯୁ... ପ୍ରତିଧ୍ୱନିତ ହେଉଥିବ ।

ବେଦର ପବିତ୍ର ଧ୍ୱନି ପ୍ରାୟ ସାଢେ ତିନି ହଜାର ବର୍ଷ ଧରି ପ୍ରତିଧ୍ୱନି... ହୋଇ ଆସୁଛି । ତା'ର ସାର୍ବଜନୀନ ଓ ସାର୍ବକାଳିକ ଆବେଦନ ଯୋ... ଏହା ଯେ ଆଗାମୀ ବହୁବର୍ଷଧରି ପ୍ରତିଧ୍ୱନିତ ହେଉଥିବ, ଏଥିରେ ସନ୍ଦେ... ନାହିଁ ।*

ରେଭେନ୍‌ସା କଲେଜ୍ କ୍ୟାମ୍ପସ୍
କଟକ-୩

(୧) ଯତ୍ର ବ୍ରହ୍ମ ଚ କ୍ଷତ୍ରଂ ଚ ସମ୍ୟଞ୍ଚୌ ଚରତଃ ସହ ।
ତଁଲ୍ଲୋକଂ ପୁଣ୍ୟଂ ପ୍ରଜ୍ଞେଷଂ ଯତ୍ର ଦେବାଃ ସହାଗ୍ନିନା ॥ (ଯଜୁର୍ବେଦ, ବା.ସଂ., ୨୦.୨୫)

ସେହି ପବିତ୍ର ଲୋକକୁ ମୋର ଜାଣିବା ଉଚିତ ଯେଉଁଠି ଆଧ୍ୟାତ୍ମିକ ଶକ୍ତି (ବ୍ରହ୍ମ) ଓ ଶାସକଶକ୍ତି (କ୍ଷତ୍ର) ସମତାଳରେ ଗତି କରନ୍ତି ଏବଂ ଯେଉଁଠି ଦେବତାମାନେ ଅଗ୍ନି ସହିତ ବାସ କରନ୍ତି ।

୨ ବୃହସ୍ପତେ ପ୍ରଥମଂ ବାଚୋ ଅଗ୍ରମ୍
ଯତ୍ ପ୍ରୈରତ ନାମଧେୟଂ ଦଧାନାଃ ।
ଯଦ୍ ଏଷାଂ ଶ୍ରେଷ୍ଠଂ ଯଦ୍ ଅରିପ୍ରମ୍ ଆସୀତ୍
ପ୍ରେଣା ତଦ୍ ଏଷାଂ ନିହିତଂ ଗୁହାବିଃ ॥

(ଋଗ୍, ୧୦.୭୧.୧)

ହେ ବୃହସ୍ପତି ! ଋଷିମାନେ ସେମାନଙ୍କର ଦର୍ଶନକୁ (କଳ୍ପନାକୁ) ରୂପଦାନ କରି ଯେଉଁ ପ୍ରଥମ ବାକ୍ ପ୍ରେରଣ କରିଥିଲେ, ସେମାନଙ୍କର ସେହି ଶ୍ରେଷ୍ଠ ଓ ... (ନିଷ୍କଳଙ୍କ) ଥିଲା– ଦିବ୍ୟ ରହସ୍ୟକୁ ସେମାନେ ପ୍ରେମର ସହିତ ପ୍ରକାଶ କରିଥିଲେ ।

(୩) ଋଗ୍‌ବେଦ, ୪.୫୮.୮

(୪)

(କ) କସ୍ମୈ ଦେବାୟ ହବିଷା ବିଧେମ, (ଋଗ୍ ୧୦.୧୨୧.୧, ଯଜୁ... ବା.ସଂ. ୧୩.୪, ୨୩.୧, ୨୫.୧୦)

(ଖ) ମହଦ୍ ଦେବାନାଂ ଅସୁରତ୍ୱଂ ଏକମ୍ (ଋଗ୍, ୩.୫୫.୧୫)

(ଗ) ବୃହଦ୍ ବଦେମ ବିଦଥେ ସୁବୀରାଃ

* ଶ୍ରୀ ଅବିନାଶଚନ୍ଦ୍ର ବୋଷଙ୍କ ଲିଖିତ "...
"କ କିଶୟ ଂଶର ମର୍ମାନୁବାଦ ।

# ବାଳ ଅପରାଧ ଓ ଶିଶୁ ସଂପଦ

ଶ୍ରୀ ଉଦୟନାଥ ରଥ

ଆମ ଦେଶରେ ଚୋରି, ଡକାୟତି, ନରହତ୍ୟା ଓ ଅନ୍ୟାନ୍ୟ ଜୀବନ ନାଶ ମୂଳକ କାଣ୍ଡ ଦିନକୁ ଦିନ ସମାଜରେ ଉଗ୍ର ଆକାର ଧାରଣକଲାଣି । ଏ ସବୁ ଅପରାଧରୋକିବାକୁଆପ୍ରାଣ ଚେଷ୍ଟା ଗୁଡ଼ିକଥିଲେ ହେଁ ସବୁ ପ୍ରାୟ କେତେକାଂଶରେ ନିଷ୍ଫଳ ହୋଇ ଯାଉଛି । ଏହି ଅପରାଧର ପ୍ରତିରୋଧ କରିବା ପାଇଁ ଜନତା ସଜାଗ ନହେଲେ କୌଣସି ଆଶାନୁରୂପ ଫଳ ମିଳିପାରିବ ବୋଲି ଆଶା କରିବା ଉଚିତ ନୁହେଁ ।

ଗବେଷକମାନଙ୍କର ରିପୋର୍ଟରୁ ଜଣାଯାଏ ଯେ, ଆମ ଦେଶର ପିଲାମାନେ ପିତାମାତାଙ୍କ କବଳରୁ ବହିର୍ଭୂତ ହୋଇ ଅପରାଧୀ ହୋଇ ପଡ଼ୁଛନ୍ତି । ସମୀକ୍ଷାରୁ ଯାହା ଅନୁଭୂତ ହୁଏ, ହାରାହାରି ୩୫ ଭାଗ ଶିଶୁ ପରିର ଲୋମହର୍ଷଣକାରୀ ଚୋର, ଡକାୟତ ଓ ନରହତ୍ୟାକାରୀ । ସେମାନଙ୍କ ଭିତରୁ ଅର୍ଦ୍ଧାଧିକ ଗରିବ ଓ ଅଶିକ୍ଷିତ ପରିବାରର ଶିଶୁ । ତେଣୁ ଶିଶୁର ବାଲ୍ୟାବସ୍ଥାରୁ ଯଦି ପିତାମାତା ଯତ୍ନବାନ ହୋଇ ଶିଶୁମାନଙ୍କୁ ଗଢ଼ିବାର ଦାୟିତ୍ୱ ନିଅନ୍ତେ, ତାହାହେଲେ ସମାଜରେ ସେମାନେ ଅସାମାଜିକ ଦୁଷ୍କର୍ମୀହିସାବରେ ପରିଗଣିତ ହେଉ ନଥାନ୍ତେ ।

ଶିଶୁକୁ ପିତାମାତା ଜନ୍ମଦେଇ ସାମାଜିକ ଆଲୋକଦ୍ୱାରା ପ୍ରାଣ ପ୍ରତିଷ୍ଠା କରି ଆସନ୍ତି । ଅଶିକ୍ଷିତ ପିତାମାତା ଏହାର ମୂଲ୍ୟବୋଧ କରିପାରୁ ନଥିବାରୁ ଫଳରେ ଶିଶୁ ବିଭିନ୍ନ ନୀଚ ସ୍ତରରେ ବଢ଼ି ଅପରାଧୀ ହୋଇଯାଉଛି । ସାଧାରଣତଃ କଦର୍ଯ୍ୟ ବସ୍ତି ( Slum area ) ର ଶିଶୁମାନେ ମଦ୍ୟପ, ଜୁଆଖେଳ, ନାଳୀ ନର୍ଦ୍ଦମା ଓ ଅଶିକ୍ଷିତମାନଙ୍କର ସଂସ୍ପର୍ଶରେ ଆସି ଛୋଟ ଛୋଟ ଚୋରୀ କରିବାରେ ଅଭ୍ୟସ୍ତ ହୋଇ ଯାଆନ୍ତି । ସେମାନଙ୍କର କୌଣସି ଭୟ ଓ ପ୍ରତିବନ୍ଧକ ନଥିବାରୁ ସେମାନେ ଭବିଷ୍ୟତରେ ପ୍ରକୃତିର ବଶବର୍ତ୍ତୀ ହୋଇ ବଡ ବଡ ଅପରାଧ ଦ୍ୱାରା ଅସାମାଜିକ ହୋଇ ଯାଉଛନ୍ତି । ଯଦି ଏମାନେ ସ୍କୁଲ କଲେଜର ପରିବେଶ ଭିତରେ ଗଢ଼ା ଯାଇ ପାରନ୍ତେ, ତାହାହେଲେ ସେମାନଙ୍କୁ ଏ ଦୁର୍ଗତିର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ । ଅଶିକ୍ଷିତ ପିତାମାତାଙ୍କର ଏମାନଙ୍କ ପ୍ରତି ଦୃଷ୍ଟି ନଥାଏ ; କାରଣ ସେମାନେ ରୋଜଗାର କ୍ଷେତ୍ର ଖୋଜି ଏମାନଙ୍କୁ ବଞ୍ଚାଇବାର ଯୋଜନାରେ ବ୍ୟସ୍ତ ରହି ଥାଆନ୍ତି । ସରକାରଙ୍କର ଯୋଜନା ଏମାନଙ୍କ ପ୍ରତି ସହାୟକ ହୋଇଛନ୍ତି । କଦର୍ଯ୍ୟ ବସ୍ତୀଗୁଡ଼ିକୁ ସହରର ଅନ୍ୟାନ୍ୟ ଗଳିକନ୍ଦି ସହିତ ସମାନକରି ଏଥିରେ ବାସ କରୁଥିବା ଲୋକ ତଥା ଶିଶୁମାନଙ୍କର ବିପୁଳ ପଦ ନିଆଯାଉଛି ।

ଆମ ସମାଜରେ ଶିଶୁଙ୍କ ପ୍ରତି ଅବହେଳା ( Child abuse ) ଯୋଗୁ ଶିଶୁମାନେ ଆଦର୍ଶ ସ୍ତରରେ ଗଢ଼ା ନହୋଇ ଅପରାଧୀମାନ ହୋଇ ଯାଉଛନ୍ତି । ଭାରତ ସରକାର ଶିଶୁମାନଙ୍କର ଉନ୍ନତିକଳ୍ପେ ୧୯୭୯ ମସିହାକୁ ଶିଶୁବର୍ଷ ହିସାବରେ ଘୋଷଣା କରିଛନ୍ତି । ଏହି ବର୍ଷଟି I. Y. C. ଅର୍ଥାତ୍ International year of the Child in India ହିସାବରେ ଘୋଷିତ ହୋଇଛି ଏବଂ ଶିଶୁ ସମ୍ପଦର ସଂରକ୍ଷଣ ପାଇଁ ସେହି ବର୍ଷଠାରୁ ଫଳପ୍ରଦ ପଦକ୍ଷେପ ନିଆଯାଉଅଛି । ୧୯୭୨ ମସିହାରେ ଗଠିତ ହୋଇଥିବା I. C. D. S. ଅର୍ଥାତ Integrated Child Development Services ଯୋଜନା କମିସନଙ୍କ ଦ୍ୱାରା ପ୍ରକାଶିତ ହେଲା । ପ୍ରଧାନତଃ ଏହି ଯୋଜନା ଶିଶୁ ଜୀବନର ବର୍ତ୍ତମାନ ଓ ଭବିଷ୍ୟତ ଲାଗି ଛଅଗୋଟି ମୌଳିକ ନୀତି ଉପରେ ପର୍ଯ୍ୟବସିତ ହୋଇଅଛି । ପ୍ରଥମେ ଶିଶୁର ପୁଷ୍ଟିକର ଖାଦ୍ୟ ଯୋଗାଣ, ଦ୍ୱିତୀୟରେ ଶିଶୁର ରୋଗ ପ୍ରତିଷେଧକ ବ୍ୟବସ୍ଥା, ତୃତୀୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ପରୀକ୍ଷା, ଚତୁର୍ଥରେ ଅନ୍ୟାନ୍ୟ ଶିଶୁ କଲ୍ୟାଣ ଅନୁଷ୍ଠାନ ସହିତ ପତ୍ରାଳାପ, ପଞ୍ଚମରେ ଶିକ୍ଷା ଓ ନନ୍‌ଫର୍ମାଲ ଶିକ୍ଷା ଯୋଜନା ଦ୍ୱାରା ଶିକ୍ଷାଦାନ । ୧୯୭୯ ମସିହାଠାରୁ I. C. D. S. ର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବର୍ଷଟି କର୍ମୀ ଓ ରାଜ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦ୍ଦୀପନ ସୃଷ୍ଟି କରି ଆସିଛି ।

ପରୀକ୍ଷକମାନେ ପରୀକ୍ଷାକରି ଦେଖୁଛନ୍ତି ଯେ ଶିଶୁ ଅବହେଳା ସମାଜରେ କ୍ରମଶଃ ଭୟାବହ ହୋଇ ଯାଉଛି । ଦୁର୍ବୃତ୍ତମାନେ ପାଞ୍ଚଗୋଟି ଉପାୟରେ ଶିଶୁମାନଙ୍କର ଭବିଷ୍ୟତ ନଷ୍ଟକରି ଦେଉଛନ୍ତି । ୧—ପିଲାଚୋରୀ, ୨—ବିକଳାଙ୍ଗ କରଣ, ୩—ଅପରିପକ୍ୱ ବୟସରେ କଠୋର ପରିଶ୍ରମ ଓ ରୋଜଗାର, ୪—ସାମାନ୍ୟ ଦୋଷ ଉପରେ ବ୍ୟକ୍ତି ବିଶେଷ କଠିନ ଦଣ୍ଡ ଓ ୫—ଉଦ୍ଦେଶ୍ୟ ସାଧନ ପାଇଁ ନରବଳି । ଯେଉଁମାନେ ଚୋରୀ ହୋଇ ଯାଆନ୍ତି ସେମାନଙ୍କ ମଧ୍ୟରେ ହାରାହାରି ୭୫ ଜଣ ବାଳିକା । ଶିଶୁ ଅବହେଳା କେବଳ ପିତାମାତା ଓ ପରିବାରର ଅନ୍ୟାନ୍ୟ ଦାୟିତ୍ୱପୂର୍ଣ୍ଣ ଲୋକମାନଙ୍କ ଅଯତ୍ନରୁ ହୋଇଥାଏ । ଲୋକମାନଙ୍କର ଧାରଣା ଯେ ଶିଶୁ ପ୍ରାପ୍ତ ବୟସରେ ଯେଉଁ ଦୋଷକରେ, ତାହା ତା'ର ଜନ୍ମଗତ (Congenital) । ଏହା ସଂପୂର୍ଣ୍ଣ ଭ୍ରମାତ୍ମକ । ତା'ର କେତୋଟି ସ୍ୱଳ୍ପ ଜିନିଷ ଜନ୍ମଗତ ଓ ପ୍ରକୃତିଦ୍ୱାରା ପରିସ୍ଥିତି । ଏହି ଉକ୍ତିକୁ ଖଣ୍ଡନକରି ପ୍ରସିଦ୍ଧ ଦାର୍ଶନିକ Bertrand Hussel କହିଛନ୍ତି Human nature atleast nine-tenths narture, only one fourth genetic। ତା'ର ନବାଂଶ ଗଠିତ ଶିଶୁକୁ ସମୁଦାୟ ଦଶାଂଶରେ ବିଭକ୍ତ କଲେ ତା'ର ନବାଂଶ ଗଠିତ ଜୀବନ ଓ ଏକାଂଶ ଜନ୍ମଗତ । ଏହି ବିଷୟରେ ଗରିବଙ୍କର ପିତାମାତା ଜାଣି ନ ଥାନ୍ତି । ତେଣୁ ଶିଶୁମାନଙ୍କର ଜୀବନକୁ ଆଦର୍ଶ ସୋପାନରେ ଗଢ଼ି ନପାରି, ଶିଶୁମାନଙ୍କର ଅମୂଲ୍ୟ ଜୀବନକୁ ନଷ୍ଟକରି ସମାଜକୁ ଦୁର୍ଦ୍ଦଶାଗ୍ରସ୍ତ କରି ଥାନ୍ତି ।

ଜନ୍ମପରେ ଶିଶୁ ପିତାମାତା, ପରିବାର, ବନ୍ଧୁବାନ୍ଧବ, ସହପାଠୀ, ଖେଳ ଓ କଲେଜବନ୍ଧୁମାନଙ୍କଠାରୁ ସବୁ ଶିକ୍ଷା କରେ।ଏହି ସୋପାନଗୁଡ଼ିକଯେତିକି ଆଦର୍ଶ ଓ ଆଲୋକମୟ ହେବ ଶିଶୁ ସେତିକି ବ୍ୟକ୍ତିତ୍ୱ ଲାଭ କରି ସମାଜରେ ପାଦ ମିଳାଇ ଗୁଳିପାରିବ । ସେଥିପାଇଁ ପିତାମାତାଙ୍କୁ ଅସୀମ ଧୈର୍ଯ୍ୟର ସହିତ ସଦାସର୍ବଦା ସଜାଗ ଓ ସତର୍କ ହେବାକୁ ପଡ଼ିବ ।

ଶିଶୁମାନଙ୍କର ଯତ୍ନ ଅଭାବରୁ ଶିଶୁମାନେ ଘରର ପରିସ୍ଥିତି ଓ ପିତାମାତାଙ୍କ ଦୋଷରୁ ଛୋଟ ଛୋଟ ଦୋଷ କରି ଥାଆନ୍ତି । ଘରୁ ଚୋରୀ କରିବାର ଆରମ୍ଭକରି ଅନ୍ୟକୁ ଅସଭ୍ୟ ଭାଷାରେ ଗାଳିଦେବା, ଗୁରୁଜନମାନଙ୍କ ପ୍ରତି ଅଶୋଭନୀୟ ପ୍ରଦର୍ଶନ କରିବା, ଘରୁ ଟିକିଏ କଥାରେ ଦୌଡ଼ି ପଳାଇବା, ସ୍କୁଲରୁ ଠକି ବୁଲି ଆସିବା ଓ ଆୟତ୍ତାଧୀନ ନ ହେବା ବଳବତ୍ତର ହୋଇ ଉଠେ । ଏସବୁ ଦୁର୍ଗୁଣ ପ୍ରତି ପିତାମାତା ଆଖିବୁଜି ଦେଲେ ଶିଶୁ ବଡ ଅପରାଧୀ ହୋଇ ଯିବା ଅବଶ୍ୟମ୍ଭାବୀ ।

ଶୈଶବାବସ୍ଥା କିଶୋର ବୟସର ପୂର୍ବାବସ୍ଥା । ଶୈଶବାବସ୍ଥାରେ ଶିଶୁ ଉପରେ ଦୃଷ୍ଟି ନ ରଖିଲେ ସେ ଛୋଟଛୋଟ ବାଳ ଅପରାଧରେ ଲିପ୍ତ ହୋଇ କିଶୋର ଅପରାଧୀ ଓ କ୍ରମେ କଳ୍ପନାତୀତ ଦୋଷକରି ସମାଜର କଣ୍ଟକ ହୋଇ ରହିବ । କିଶୋର ଅପରାଧୀମାନଙ୍କର ସଂସ୍କାର ଅନୁଗୁଳର କିଶୋରକାରାଗାରରେ କରାଯାଉଥାଏ । ପ୍ରଥମାପରାଧୀମାନେ କିଶୋର କାରାଗାରକୁ ନଆସି ଅନୁଗୁଳ ପ୍ରୋବେସନ ହଷ୍ଟେଲରେ ରହନ୍ତି କିମ୍ବା ପ୍ରୋବେସନ୍ ଅଫିସରଙ୍କ ଦାୟିତ୍ୱରେ ଖଲାସ ହୋଇ ଥାଆନ୍ତି । ଶିଶୁକଲ୍ୟାଣ ପାଇଁ କୌଣସି ଆଞ୍ଚ ନ ଆସିବା ପାଇଁ ବର୍ତ୍ତମାନ ଭାରତୀୟ ସ୍ତରରେ ବିଭିନ୍ନ ଆଇନ ପ୍ରଣୟନ କରାଯାଇଛି, ଯଥା– **Children Acts, the Probation Act and Suppression of ınformal traffic ir Girls Act Children Acts Children Acts** ପ୍ରଭୃତି ।

ଶୈଶବାବସ୍ଥା ଓ କିଶୋରାବସ୍ଥାର ବୟସର ସୀମା ଯାହାଥିଲା ସେ ସବୁ ପ୍ରବର୍ତ୍ତିତ ହେବା ଦିନଠାରୁ ସଂପୂର୍ଣ୍ଣଭାବେ ରଦ୍ଦ ହୋଇ ଯାଇଛି । ଅନୁସାରେ ବାଳକମାନଙ୍କର ବୟସ ୧୬ ବର୍ଷ ଓ ଓ ବାଳିକାମାନଙ୍କର ୧୮ ବର୍ଷ ରଖାଯାଇଛି । ପୂର୍ବରୁ ୧୫ରୁ ୨୦ ବର୍ଷ ପର୍ଯ୍ୟନ୍ତ କିଶୋରମାନଙ୍କୁ ଗ୍ରହଣ କରାଯାଉଥିଲା । ବର୍ତ୍ତମାନ ତା'ର ପରିବର୍ତ୍ତନ ହେବା ସ୍ୱାଭାବିକ୍ ।

ଶିଶୁ ଦେଶର ଭବିଷ୍ୟତ । ଯଶୋଦା ଯେତେବେଳେ ଶ୍ରୀକୃଷ୍ଣ ମାଟି ଖାଇଛନ୍ତି ବୋଲି ଶ୍ରୀକୃଷ୍ଣଙ୍କୁ ରୋଷକଷାୟ ନୟନରେ ଆଁ କରାଇଲେ, ଯଶୋଦା ଶ୍ରୀକୃଷ୍ଣଙ୍କ ପାଟି ଭିତରେ ଚୌଦ ବ୍ରହ୍ମାଣ୍ଡ ସମସ୍ତ ... ଦେଖିବାକୁ ପାଇଥିଲେ । ତେଣୁ ଆମେ ବୁଝିବା ଦରକାର ଯେ ସୃଷ୍ଟି ଅନୁସାରେ ଶିଶୁର ଅନ୍ତରରେ ସବୁ ସୁପ୍ତ ଅବସ୍ଥାରେଅଛି । ... ବିକଶିତ କରିବା ପାଇଁ ପିତାମାତାଙ୍କର ଯତ୍ନ, ପୁଷ୍ଟିକର ଖାଦ୍ୟ, ମୁକ୍ତ ... ବରଣ, ଆଦର୍ଶ ଶିକ୍ଷାଦାନ ଓ ସାଧୁ ସଙ୍ଗର ଅତ୍ୟାବଶ୍ୟକତା ରହିଛି ବୋ... ମନେ ହୁଏ । ଏସବୁ ନିୟମ ପାଳନ ଦୁଃସ୍ଥ ଓ ଗରିବ ପରିବାର ... ସମ୍ଭବପର ହୋଇ ପାରେ ନାହିଁ । ସେହି ଦୃଷ୍ଟିରୁ ଦୁଃସ୍ଥ ଓ ଗରି... ପରିବାରର ଅଧିକାଂଶ ଶିଶୁ ଖାଦ୍ୟାଭାବରେ ମାନସିକ ରୋଗର ଶିକା... ହୋଇ ବିକୃତି ମସ୍ତିଷ୍କର ପିଲାହୋଇ ବାହାରନ୍ତି । କେତେକ ଅବହେଳି... ହୋଇ ଜୀବନରକ୍ଷା ସକାଶେ ଇତସ୍ତତ ବୁଲି ଅପରାଧୀ ହୋଇ ଯାଆନ୍ତି ।

ଅନୁଗୁଳ କିଶୋର କାରାଗାରରେ ( ) ଦୀର୍ଘ ମିଆଦ ଓ ଆଜୀବନ ଦଣ୍ଡରେ ଦଣ୍ଡି... କିଶୋରାପରାଧୀମାନେ ଦେଖା ଯାଆନ୍ତି । ସେମାନଙ୍କ ତଥ୍ୟ ସଂଗ୍ରହ... ଜଣାଯାଏ ଯେ ଘରର ଦୁରବସ୍ଥା ଓ ପିତାମାତାଙ୍କର ଅବହେଳା ... ସେମାନଙ୍କର ଏହି ଅପରାଧର କାରଣ । ଶୈଶବାବସ୍ଥାରେ ଶିଶୁକୁ ସ... ସଦାସର୍ବଦା ତୀକ୍ଷ୍ଣ ଦୃଷ୍ଟି ଦେଇ ଗଢାଯାଏ, ତାହାହେଲେ ସେ... କେବେହେଲେ ବିପଥଗାମୀ ହୋଇ ପରିବାରକୁ କଳଙ୍କିତ କରିବ ନାହିଁ... ଶିଶୁ କଲ୍ୟାଣ ଉଦ୍ଦେଶ୍ୟରେ ଆମ ଭାରତ ତଥା ରାଜ୍ୟ ସରକାରମାନେ... ଦ୍ୱାରା ବହୁ ସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନ କାର୍... କରୁଛି । ବହୁଲୋକ ସେ ସବୁ ବିଷୟରେ ଅଜ୍ଞ । ଆମ ଓଡ଼ିଶାର ଶିଶୁ କଲ୍ୟାଣ ଯୋଜନା କମ୍ ନୁହେଁ । ଶିଶୁମାନଙ୍କୁ ଗାଁ ଗାଁ ବୁଲି ପୋଲିଓ ପ୍ରତିଷେଧକ ପାଇଁ ଟୀକା ଦିଆଯାଉଛି । ସ୍କୁଲ, ବାଲୁଆଡ଼ି ଓ ନନ୍ ଫର୍ମାଲ ଶିକ୍ଷାନୁଷ୍ଠାନମାନଙ୍କରେ ପୁଷ୍ଟିକର ଖାଦ୍ୟର ସୁବନ୍ଦୋବସ୍ତ କରାଯାଉଛି । ଏତଦ୍‌ବ୍ୟତୀତ ଏକ ଶିଶୁ କଲ୍ୟାଣ ଅନୁଷ୍ଠାନ ପାଇଁ ସରକାର ଯେ... ଅଭିନବ ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ତାହାଦ୍ୱାରା ଶିଶୁ ସମ୍ପଦର ଅଭ୍ୟୁଦୟ ସୁନିଶ୍ଚିତ ବୋଲି ମନେ ହୁଏ ।

ଅବସରପ୍ରାପ୍ତ ଜେଲ ସୁପରିନ୍‌ଟେଣ୍ଡେଣ୍ଟ
ହେମାଦେଇପୁର ଶାସନ
ନରସିଂହପୁର
କଟକ



କଟକରେ ଉତ୍କଳ ଏକାଡେମୀ ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଶ୍ରୀ ଭଣ୍ଡାରେ।

# ଶକ୍ତି ସଂକଟ ପରିସ୍ଥିତିରେ ଗୃହ ଆବର୍ଜନାରୁ ଶକ୍ତି

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ଆମ ଦେଶରେ ଅନେକ ସମସ୍ୟା ଲାଗି ରହି କ୍ରମେ ସମାଧାନ ହେଲେ ବି ଶକ୍ତି ସମସ୍ୟା ଗୋଟିଏ ବ୍ୟାଧି ଭାବରେ ଲାଗି ରହିଛି । ଜାଳେଣି ଶକ୍ତି ପାଇଁ ଆମେ କାଠ ଉପରେ ପ୍ରଧାନତଃ ବ୍ୟବହାର ନିମିତ୍ତ ନିର୍ଭର କରିବାକୁ ପଡ଼ିଥାଏ । ତାପରେ ଆସିଲା କୋଇଲାର ପ୍ରଚଳନ । ଏମିତି କାଠ ଓ କୋଇଲା ଆଦି ଜାଳେଣୀର ବହୁମୂଲ୍ୟ ତଥା ଦୁଷ୍ପ୍ରାପ୍ୟ ଯୋଗୁ ଆଉ ବିକଳ୍ପ ପନ୍ଥା ଅବଲମ୍ବନ କରିବାକୁ ପଡ଼ିଥିଲା । ସେଇଟି ହେଲା ବାଷ୍ପ ବା ଗ୍ୟାସର ଜାଳେଣି ବ୍ୟବହାର । ସେହି ବାଷ୍ପ ଗୁଡ଼ିକ ହେଲେ ଜୈବବାଷ୍ପ (Biogas) ଓ ତରଳ ବାଷ୍ପ Liquified Pressure gas। ଏହା ସତକଥା ବର୍ତ୍ତମାନ ଯେଉଁ ଜୈବଗ୍ୟାସର ବ୍ୟବହାର ହେଉଛି ତାହାକୁ ମଧ୍ୟ ଗୋବର ଗ୍ୟାସ ବୋଲି କୁହାଯାଉଛି ଯାହାର ପ୍ରଚଳନ ରହିଛି ମୁଖ୍ୟତଃ ଗାଁ ଗହଳି ଅଞ୍ଚଳରେ । ତାର କାରଣ ଯେଉଁମାନେ ୧୦ ବା ୨୦ଟି ଗାଈ ବଳଦ କରି ରଖିଛନ୍ତି ସେମାନେ ଗୋବରକୁ ଏକାଠି ଜମାକରି ଗୋବର ଗ୍ୟାସ ଯନ୍ତ୍ରପାତି (Gobar gas plant) ବସାଇ ଗ୍ୟାସକୁ ବ୍ୟବହାର କରୁଛନ୍ତି । କିନ୍ତୁ ଗୋଟିଏ ଅସୁବିଧା ହେଲା ଯେ ସମସ୍ତଙ୍କ ପକ୍ଷରେ ଏପରି ଗୁଡ଼ିଏ ଗାଈଗୋରୁ ରଖି ବାଷ୍ପକୁ ବ୍ୟବହାର କରିବା । ଏହିସବୁ ଜଟିଳ ପରିସ୍ଥିତି ଗୁଡ଼ିକରେ ବର୍ତ୍ତମାନ ଗୋଟିଏ ସୁନ୍ଦର ଉପାୟରେ ଗ୍ୟାସ ସଂଗ୍ରହ କରିବା ପାଇଁ ଉପାୟ ଆବିଷ୍କାର କରାଯାଇଛି । ସେଇଟି ହେଲା ଘରମଇଳା, ଆବର୍ଜନା ତଥା ବ୍ୟବହାର ବିହୀନ ପଦାର୍ଥରୁ ଶକ୍ତି । ଏଇଟି ଏତେ ସହଜ ଉପାୟ, ଯେକୌଣସି ଲୋକଙ୍କ ପକ୍ଷରେ ଏ ଶକ୍ତିକୁ ସଂଗ୍ରହ କରି ବିନିଯୋଗ କରିବା ସଂଭବପର ।

ଯଦି ଆମେ ଆମର ଦୈନନ୍ଦିନ ଜୀବନ ଓ ଜୀବନଯାତ୍ରାକୁ ଭଲଭାବରେ ପର୍ଯ୍ୟବେକ୍ଷଣ କରିବା, ତେବେ ସ୍ପଷ୍ଟ ଭାବରେ ଜଣାଯିବ ଯେ ଆମର ଅନେକ ଜିନିଷ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଆହୁରି ଅନେକ ଜିନିଷ ଯାହାକୁ ଦରକାର ବିହୀନ (unused) ଜିନିଷ ଭାବରେ ଫୋପାଡ଼ି ଦେଇଥାଉ । ସମସ୍ତଙ୍କ ଚକ୍ଷୁରେ ସେ ପଦାର୍ଥଗୁଡ଼ିକର ସେମିତି କିଛି ଉପଯୋଗିତା ନଥିବାରୁ ତାହାକୁ ନଗରପାଳିକା ଯାଗାରେ ଠୁଳ କରିଦିଆଯାଏ । ମାତ୍ର ଏହାଦ୍ୱାରା କ'ଣ ହୁଏ ? ଏପରି ଆବର୍ଜନା ଯୋଗୁ ଆମର ଅନେକ ଅସୁବିଧା ହୋଇଥାଏ । ପ୍ରଥମତଃ ଆବର୍ଜନା ଯୋଗୁ ମନୁଷ୍ୟ ଅନେକ ବ୍ୟବହାର୍ଯ୍ୟ ଜିନିଷର ଅପବ୍ୟବହାର କରିଥାଏ । ଅର୍ଥାତ୍ ମନୁଷ୍ୟ ଯେତେବେଳେ ଦେଖିଥାଏ ଯେ ଅନେକ ଜିନିଷ ଶସ୍ତାରେ ମିଳିଥାଏ, ସେତେବେଳେ ସେ ଜିନିଷଗୁଡ଼ିକ ବହୁଳ ଭାବରେ ବ୍ୟବହାର ହୃଦୟଙ୍ଗମ କରିନଥାଏ । ଦ୍ୱିତୀୟତଃ ଯେତେବେଳେ ଅନେକ ଆବର୍ଜନା ବା ମଇଳା ଏକାଠି ହୋଇଥାଏ କେବଳ ଯେ ଆମର ଘର ଚତୁଃପାର୍ଶ୍ୱ ଅପରିଷ୍କାର ବା ଦୂଷିତ 'Polluted) ହୋଇଥାଏ, ତାହା ନୁହେଁ ଆମର ସମଗ୍ର ପରିବେଶ ଦୂଷିତ ହୋଇଥାଏ । ଏ ସଂପର୍କରେ ଗୋଟିଏ ଛୋଟ ଉଦାହରଣ ନିଆଯାଇପାରେ ।

ଭାରତର ବୃହତ୍ତମ ନଦୀ ଗଙ୍ଗାନଦୀର ଜଳକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇଥାଏ । ଜଳବିଦ୍ୟୁତ୍ ସଂଗ୍ରହ, ମତ୍ସ୍ୟଗ୍ରହ, ଜଳସେଚନ ଓ ଶିଳ୍ପ ବିନିଯୋଗ ଆଦି କାର୍ଯ୍ୟରେ ବିନିଯୋଗ ହୋଇଥାଏ । କଲିକତାରେ ହୁଗୁଳି ନାମକ ସ୍ଥାନରେ ଅନେକ କାରଖାନାର ମଇଳାପାଣି (effluent) ଆସି ଗଙ୍ଗାର ଜଳରେ ମିଶିଥାଏ । ଗଙ୍ଗାର ଜଳ ପବିତ୍ର ଭାବରେ ସମସ୍ତଙ୍କ ପାଖରେ ଜଣାଶୁଣା ଥିଲେ ମଧ୍ୟ ଆଜି ତାହାର ପାଣି ବିଭିନ୍ନ ଉପାୟରେ ଦୂଷିତ ହୋଇଯାଉଛି । ଏହାର କାରଣ ହିଁ ବ୍ୟବହାର, ଅତ୍ୟଧିକ ବ୍ୟବହାର ଓ ଶେଷରେ ଅପବ୍ୟବହାର (use, over use and misuse) । ଏପରିକି ଶବ (dead body) ଗୁଡ଼ିକୁ ବି ଭସାଇ ଦିଆଯାଉଛି । ଆମେ କ'ଣ ପବିତ୍ର ଜଳକୁ ଏପରି କରିବା ଠିକ୍ ହେଉଛି ? ଅବଶ୍ୟ ଏହାକୁ ପରିଷ୍କାର ରଖିବାପାଇଁ କେନ୍ଦ୍ର ସରକାର ଦୃଢ ପଦକ୍ଷେପ ନେଉଛନ୍ତି । ଏହା ନିଶ୍ଚିତ ମଇଳା ବା ଅପରିଷ୍କାର ତଥା ଅଦରକାରୀ ଜିନିଷକୁ ଏପରି ନଷ୍ଟକରିବା ଯୋଗୁଁ କେବଳ ଯେ ବାୟୁପ୍ରଦୂଷଣ (Air pollution) ଘଟୁଛି ତାହା ନୁହେଁ ଜଳପ୍ରଦୂଷଣ (water pollution) ବି ଘଟୁଛି । ଅର୍ଥାତ୍ ପରୋକ୍ଷରେ ଆମେ ନିଜକୁ ଅପରିଷ୍କାର କରି ରଖୁଛୁ ତଥା ନିଜର ଜୀବନକୁ ନିଜେ ସଂକଟାପନ୍ନ କରିବାକୁ ଯାଉଛୁ ।

ଏକ୍ଷେତ୍ରରେ ଗୋଟିଏ ମାତ୍ର ଉତ୍ତମପନ୍ଥା ହେଉଛି ବ୍ୟବହାର ବିହୀନ ଜିନିଷ ଗୁଡ଼ିକୁ କିପରି କାମରେ ଲଗାଇ ଆମେ ଦୁଇଟି ଉପାୟରେ ଲାଭବାନ୍ ହୋଇପାରିବା । ଏ କ୍ଷେତ୍ରରେ ଆମର ଲକ୍ଷ୍ୟ ହେଉଛି ଶକ୍ତି ସଂଗ୍ରହ । ଉଦାହରଣ ହେଲା ନଳ ବା ପାଇପ୍, ଗୃହ ଆବର୍ଜନା ବା ନଗରପାଳିକା ଆବର୍ଜନା (Municipality garbage) ଓ ଗୋଟିଏ ଶକ୍ତି ଉତ୍ପାଦକ (generator) । ଶକ୍ତି ସଂଗ୍ରହ ଉପାୟଟି ଅତି ସରଳ । ସମସ୍ତ ମଇଳା, ଆବର୍ଜନା ଇତ୍ୟାଦି ଗୋଟିଏ ସ୍ଥାନରେ ଠୁଳ କରି ତାକୁ ଭଲ ଭାବରେ ବନ୍ଦକରି ଦିଆଯିବା ଦରକାର । ସେହି ସ୍ଥାନକୁ ଗୋଟିଏ ଛୋଟ ରନ୍ଧ୍ର କରି ଛିଦ୍ରଯୁକ୍ତ ନଳ (perforated pipe) କୁ


ସହଜରେ ଉତ୍ପାଦନ ହୋଇପାରିବ । ଏହି ପଦ୍ଧତି ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଦରକାର ପଡ଼ିଥାଏ । ଏଥିରେ ଦେଖାଯାଇଛି ଯେ ଖର୍ଚ୍ଚ ପରିମାଣ ଅନୁଯାୟୀ ବିଦ୍ୟୁତ୍ ଏକକ unit ପ୍ରତି ୧୦ ପଇସା ପଡ଼ିଥାଏ । ମାତ୍ର ଆମର ସାଧାରଣ ବ୍ୟବହାର କରୁଥିବା ଗୃହ ବିଦ୍ୟୁତ୍ ଏକକକୁ ପଡୁଛି ୭୦ ପଇସା । ଏଥିରୁ ସ୍ପଷ୍ଟ ଅନୁମେୟ ଏ ପଦ୍ଧତିଟି କେତେ ସହଜ ଓ ଖର୍ଚ୍ଚ କମ୍ ଉପାୟ ।

ମଇଳା ଓ ଆବର୍ଜନାରୁ ଗ୍ୟାସଟି ବାହାରିବାର କାରଣ ବାୟୁମଣ୍ଡଳସ୍ଥ ଅଣୁଜୀବାଣୁ (Micro-organisms) ମାନଙ୍କର ମଇଳା ଉପରେ ପ୍ରତିକ୍ରିୟା । ଏ ପ୍ରତିକ୍ରିୟାଟିକୁ ଜୀବାଣୁମାନଙ୍କ କିଣ୍ୱନ (fermentation) ବୋଲି କୁହାଯାଏ । ଏହା ଏକ ପ୍ରାକୃତିକ ଉପାୟ ଓ ପ୍ରକୃତିରେ ଏହା ମଧ୍ୟ ଆପେ ଆପେ ସଂଘଟିତ ହୋଇଥାଏ । ମାତ୍ର ଆମେ ତାହା ଜାଣି ନପାରିବାରୁ ଏହାର ଉପଯୁକ୍ତ ବିନିଯୋଗ କରି ପାରିନଥାଉ । ଏହା ଏକ ସତକଥା ଯେ ଆମେ ଦୂର କରୁଥିବା ମଇଳାରୁ ଏମିତି ଆପେଆପେ ଗ୍ୟାସ୍ ସବୁ ବାହାରି ଆମର ପରିବେଶକୁ (environment) ଦୂଷିତ କରିଥାଏ । ଏହାଦ୍ୱାରା ଆମେ ଯେ କେବଳ ମଇଳା ବାଷ୍ପକୁ ଶ୍ୱାସକ୍ରିୟାରେ ବ୍ୟବହାର କରୁ ତାହା ନୁହେଁ ଆମ ଚତୁଃପାର୍ଶ୍ୱସ୍ଥ ଜୀବଜନ୍ତୁ ତଥା ଉଦ୍ଭିଦଗୁଡ଼ିକ ମଧ୍ୟ ବ୍ୟବହାର କରିଥାଆନ୍ତି । ତେଣୁ କି ଉପାୟରେ ଆମର ପରିପାର୍ଶ୍ୱ ଦୂଷିତ ହୋଇଥାଏ—ଏକ ବିସ୍ମୟର ଘଟଣା ।

ଏ ଉପାୟରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଭାରତର ପ୍ରଥମେ ଦିଲ୍ଲୀ ନଗରୀରେ ଆରମ୍ଭ ହୋଇଛି । ଏଥିପାଇଁ ଅନେକ ସଂସ୍ଥା ନିଜକୁ ନିୟୋଜିତ କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ଅଗ୍ରସର ହୋଇଛନ୍ତି । ସେଗୁଡ଼ିକ ହେଲେ MCD, DDA, NDMC ଓ ଦିଲ୍ଲୀ କ୍ୟାଣ୍ଟନ୍‌ମେଣ୍ଟ ବୋର୍ଡ ଦିନକୁ ହାରାହାରି ୮,୦୦୦ ଟନ୍ ଆବର୍ଜନାରୁ ବିଦ୍ୟୁତ୍‌ଶକ୍ତି ଦିଲ୍ଲୀରେ ଉତ୍ପାଦନ ହେବାର ଦେଖାଯାଇଛି । ଏହାଦ୍ୱାରା ବିଦ୍ୟୁତ୍‌ଶକ୍ତି ଅସୁବିଧା ସମୟରେ ଏହାର ଉପଯୋଗିତା ଯଥେଷ୍ଟ ଉପଲବ୍ଧ କରାଯାଇଛି । ଆମ ଦେଶର ରାଉରକେଲାରେ ଏପରି ପଦକ୍ଷେପ ପ୍ରଥମେ ଏବର୍ଷ ନିଆଯାଇଛି । ନିକଟରେ ଏଠାରେ ନଗରପାଳିକା ଆବର୍ଜନାରୁ ୨ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ସଂଗ୍ରହ କରି ଯୋଗାଇ ଦିଆଯାଇଛି । ଏପରି ଗୋଟିଏ ଟ୍ୟାଙ୍କ୍ ସ୍ଥାପନ କରି ପ୍ରାୟ ୧୦ ବର୍ଷ ଭଲଭାବରେ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବାର ପରୀକ୍ଷାମୂଳକ ଭାବରେ ପର୍ଯ୍ୟବେକ୍ଷଣ କରାଯାଇଛି ।

ତେଣୁ ଶିଳ୍ପ ପ୍ରସାର କ୍ଷେତ୍ରରେ ଏପ୍ରକାର ବିଦ୍ୟୁତ୍‌ଶକ୍ତି ଶିଳ୍ପକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଆବର୍ଜନାଗୁଡ଼ିକ ସହରରୁ ପରିଷ୍କାର ରଖିବା, ପରିବେଶକୁ ସୁରକ୍ଷା କରିବା ତଥା ଦରକାର ସମୟରେ ଏପ୍ରକାର ଶକ୍ତିକୁ ଠିକ୍ ଉପାୟରେ ବିନିଯୋଗ କରିବା ସମ୍ଭବ ହୋଇପାରିଛି । ତେଣୁ ସାମାନ୍ୟ ସାଧାରଣ ମଇଳା ଯେ କେତେ କାର୍ଯ୍ୟରେ ଆସିପାରେ ତାହା ଏକ ଉଲ୍ଲେଖଯୋଗ୍ୟ ଘଟଣା । ଆଶାକରାଯାଏ ଏ ପଦ୍ଧତି ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇ ବିଭିନ୍ନ ଅଭାବ ଅସୁବିଧା ପୂରଣ କରିପାରିବ, ଏଥିରେ ସନ୍ଦେହ ନାହିଁ ।

ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର-୭୫୧୦୦୪



# ହିନ୍ଦୁ ପରମ୍ପରାରେ ଗ୍ରାମ ଦେବତୀ

ଅଧ୍ୟାପକ ଜଗନ୍ନାଥ ଦାଶ

ହିନ୍ଦୁ ସମାଜ ମୁଖ୍ୟତଃ ଆଧ୍ୟାତ୍ମିକ ଭାବଧାରା ଉପରେ ପର୍ଯ୍ୟବେସିତ । ଧର୍ମ ଏହାର ମୂଳଭିତ୍ତି । ପ୍ରାକ୍ ବୈଦିକ ଯୁଗରୁ ଅଦ୍ୟାବଧି ହିନ୍ଦୁ ସମାଜରେ ଦେବତା ଉପାସନାର ଏକ ସୁଦୀର୍ଘ ତଥା ବୈଶିଷ୍ଟ୍ୟ ପରମ୍ପରା ରହି ଆସିଛି । ନିଜର, ପରିବାରର, ଗ୍ରାମର, ସମାଜର ଜାତିର ଓ ସମଗ୍ର ଦେଶର ହିତ ସାଧନ ନିମନ୍ତେ ହିନ୍ଦୁମାନେ ବିଭିନ୍ନ ଦେବ ଦେବୀ ଉପାସନାର ଆଶ୍ରୟ ନେଇଥାଆନ୍ତି । ହିନ୍ଦୁ ସମାଜ ତଥା ହିନ୍ଦୁଧର୍ମ ଏକେଶ୍ୱରବାଦ ବା ଅଦ୍ୱୈତବାଦ ଉପରେ ସୁପ୍ରତିଷ୍ଠିତ ହୋଇଥିଲେ ବି ବିଭିନ୍ନ ଜାତିଗତ, ସାମାଜିକ, ସାଂସ୍କୃତିକ, ଭୌଗଳିକ, ଆଞ୍ଚଳିକ, କିମ୍ବଦନ୍ତୀ ମୂଳକ ଏବଂ ଅଲୌକିକ ତଥା ଲୌକିକ କାରଣରୁ ଅସଂଖ୍ୟ ଦେବ ଦେବୀ ବିଭିନ୍ନ ସମୟରେ ଆମ ସମାଜରେ ସ୍ୱୀକୃତ ଲାଭ କରିଥିବାର ଦେଖାଯାଏ । ଏସବୁ ଦେବଦେବୀ ବିଭିନ୍ନ ଲୋକ ପରମ୍ପରା ଓ ସଂସ୍କୃତିରେ ସଂସ୍ଥାପିତ ହୋଇ ସ୍ଥାନ ଭେଦରେ ଭିନ୍ନ ଭିନ୍ନ ନାମରେ ନାମିତ ଓ ପୂଜିତ ହୋଇ ଥାଆନ୍ତି । ଏଣୁ ଏସବୁ ପରମ୍ପରାରେ ମୂଳହିନ୍ଦୁ ପରମ୍ପରାଠାରୁ କିଛିଟା ପୃଥକତା ପରିଲକ୍ଷିତ ହୋଇଥାଏ । ଆମର ଭାରତୀୟ ସମାଜ ଏହିପରି ଦୁଇଟି ପରମ୍ପରା । ଯଥା: ଶାସ୍ତ୍ର ପୁରାଣର ସଂସ୍କୃତିରୁ ନେଇ ଗଠିତ ବୃହତ୍ ପରମ୍ପରା ଏବଂ ଆଞ୍ଚଳିକ ଭିତ୍ତିରେ ବିଭିନ୍ନ ଲୋକ ପରମ୍ପରା ବା କ୍ଷୁଦ୍ର ପରମ୍ପରାର ସମ୍ମିଶ୍ରଣ ଓ ପାରସ୍ପରିକ ସହଯୋଗରେ ସଂଗଠିତ । ଆମ ସମାଜ ଓ ଧର୍ମରେ ଏହି ବୃହତ୍ ଓ କ୍ଷୁଦ୍ର ପରମ୍ପରା ଦ୍ୱୟ ପରସ୍ପରକୁ ଯଥେଷ୍ଟ ପ୍ରଭାବିତ କରିବାର ଦେଖାଯାଏ । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ, ଆମେ ସମସ୍ତେ ହିନ୍ଦୁ ଧର୍ମର ଏହି ବୃହତ୍ ପରମ୍ପରାକୁ ଚିନ୍ତାରେ ଓ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବରେ ସ୍ୱୀକାର କରୁଥିଲେ ହେଁ, କ୍ଷୁଦ୍ର ବା ଲୋକ ପରମ୍ପରାକୁ ଏହି ବିଶାଳ ପରମ୍ପରାର ଏକ ସ୍ଥାନୀୟ ଅଙ୍ଗ ରୂପେ ଦୈନନ୍ଦିନ ଜୀବନରେ ପରିସ୍ଫୁଟ କରିଥାଉ । ଏହି କ୍ଷୁଦ୍ର ବା ଲୋକ ପରମ୍ପରାର ପରିସର ମଧ୍ୟରେ ଲୋକଧର୍ମ ତଥା ଲୋକ ସଂସ୍କୃତିର ବହୁ ଅନାଲୋଚିତ ଦିଗଗୁଡ଼ିକର ବୈଚିତ୍ର୍ୟମୟ ଅଧ୍ୟାୟ ଉଦ୍‌ଘାଟିତ ହୋଇଥାଏ । ଆମ ଲୋକ ଧର୍ମରେ ବୃହତ୍ ପରମ୍ପରାର ଆଚାର, ବିଚାର ଓ ଉପାସନା ପଦ୍ଧତି ସାଙ୍ଗକୁ କ୍ଷୁଦ୍ର ପରମ୍ପରାଗତ ଓଷା, ବ୍ରତ, ପୂଜା, ପୁନେଇଁ ପରବ ପାଳନ ଇତ୍ୟାଦି ବହୁଳ ଭାବରେ ସଂଶ୍ଳିଷ୍ଟ ହୋଇ ରହିଛି । ଲୋକଧର୍ମ ବା ପରମ୍ପରାକୁ କିଞ୍ଚିତ ଗଭୀର ଭାବରେ ଅନୁଶୀଳନ କଲେ ଏହି ପରମ୍ପରା ମଧ୍ୟରେ 'ଗ୍ରାମଦେବତୀ' ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଦେଖାଯାଇଥାଏ । ଏହି ଗ୍ରାମ ଦେବତୀଙ୍କୁ ଗ୍ରାମର ସ୍ଥାବରଜଙ୍ଗମ ଓ ସଂଗଠିତ ଜୀବନର କେନ୍ଦ୍ରରୂପେ ଅଭିହିତ କରାଯାଇପାରେ । ଆମ ଭାରତବର୍ଷର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏହି ଗ୍ରାମ ଦେବତା ବା ଗ୍ରାମ ଦେବତୀ କୈନ୍ଦ୍ରିକ କ୍ଷୁଦ୍ର ବା ଲୋକ ପରମ୍ପରା ସୁସ୍ପଷ୍ଟ ଭାବରେ ଦେଖିବାକୁ ମିଳେ । ପ୍ରତ୍ୟେକ ଅଞ୍ଚଳର ଲୋକଧର୍ମ ତଥା ଗ୍ରାମ୍ୟ ଜୀବନକୁ ଅନୁଶୀଳନ ନ କରି 'ଗ୍ରାମଦେବତୀ' ପରମ୍ପରାର ସଂପୂର୍ଣ୍ଣ ଚିତ୍ର ପ୍ରଦାନ କରିବା ଯଦିଓ ଅସମ୍ଭବ, ଦେଶର କେତେକ ମୁଖ୍ୟ ଅଞ୍ଚଳକୁ ଭିତ୍ତିକରି 'ଗ୍ରାମଦେବତୀ' ପରମ୍ପରା ମୁଖ୍ୟ ଅଙ୍ଗଗୁଡ଼ିକୁ ଅବଲୋକନ କରି ଏ ସଂପର୍କରେ କିଛିଟା ଆଲୋକପାତ କରିବାର ପ୍ରୟାସ ଏହି ପ୍ରବନ୍ଧରେ କରାଯାଇଛି ।

'ଗ୍ରାମଦେବତୀ' ପରମ୍ପରାର ସୃଷ୍ଟି ଓ ଉଦ୍ଭବ ସଂପର୍କରେ ସଠିକ ତଥ୍ୟ ଏବେ ବି ଆମ ସମାଜରେ ଅଜ୍ଞାତ । ହିନ୍ଦୁ ସଭ୍ୟତାର ଆଦ୍ୟ ଭାଗଠାରୁ ଅନୁଧ୍ୟାନ କରି ଏହାର ଅନାଲୋଚିତ ଦିଗଗୁଡ଼ିକୁ ବିଶ୍ଳେଷଣ କରାଯାଇପାରେ । ମହେଞ୍ଜୋଦାରୋ ଓ ହରପ୍ପାର ସଭ୍ୟତା ଏବଂ ବୈଦିକ ଯୁଗର ଦେବଦେବୀମାନଙ୍କୁ ଆଲୋଚନାରେ ଏହି ପରମ୍ପରାର ଏକ ଅସ୍ପଷ୍ଟ ଦିଗ ଦୃଷ୍ଟିଗୋଚର ହୁଏ । ହରପ୍ପାଠାରେ ମିଳିଥିବା ବହୁ ନାରୀ ମୂର୍ତ୍ତିମାନଙ୍କ ମଧ୍ୟରେ ପୋଡ଼ିକରେ ଭୂଇଁରୁ ଗଛଟିଏ ଉଠୁଥିବା ଦେଖାଯାଏ । ଏହାକୁ ଐତିହାସିକମାନେ ସାଧାରଣରେ ପୃଥିବୀମାତା ରୂପେ ବିବେଚନା କରିଥାଆନ୍ତି ଓ ଏହାକୁ ଉର୍ବରତାଦି ସୃଷ୍ଟିର କାରଣ ରୂପେ ଅଭିହିତ କରାଯାଇଥାଏ । ଏଣୁ ଏଥିରୁ ହରପ୍ପା ସଂସ୍କୃତିର ମାନବଗଣ ପୃଥିବୀ ପାଳନକାରିଣୀ ମାତା ବା ଦେବୀ ରୂପେ ପୂଜା କରୁଥିବାର ସୂଚନା ମିଳୁଛି । ବୈଦିକ ଯୁଗୀୟ ଗ୍ରନ୍ଥମାନଙ୍କରେ ପୃଥିବୀ ମାତାଙ୍କ ସଂପର୍କରେ ଆଲୋକପାତ କରାଯାଇଥିଲେ ହେଁ ତାଙ୍କୁ ସେପରି ଗୁରୁତ୍ୱ ଦିଆଯାଇ ନଥିଲା । ଏଣୁ ହିନ୍ଦୁ ପରମ୍ପରାରେ ଶକ୍ତି ବା ମାତୃ ଦେବୀଙ୍କୁ ବିଧିବଦ୍ଧ ଭାବରେ ପ୍ରତିଷ୍ଠା କରିବାକୁ ବହୁତ ସମୟ ଲାଗିଥିଲା । ଐତିହାସିକମାନଙ୍କ ମତରେ ପ୍ରାୟତଃ ୬ଷ୍ଠ ଶତାବ୍ଦୀ A. D., ବେଳକୁ ଏହି ଶକ୍ତି ଦୁର୍ଗା, ଅମ୍ବା, କାଳୀ, ଚଣ୍ଡୀ ଆଦି ନାମ ଓ ରୂପରେ ପୂଜା ପାଇଲେ । ସମୟାନୁକ୍ରମେ ଏହି ଶକ୍ତି ପରମ୍ପରାରୁ 'ଗ୍ରାମଦେବତୀ' ପରମ୍ପରାର ଉଦ୍ଭବ ହୋଇଥିଲା ବୋଲି ଐତିହାସିକମାନେ ମତ ପ୍ରଦାନ କରିଥାଆନ୍ତି । A. C. Clayton. ତାଙ୍କର 'The Rigveda and Vedic Religion' ପୁସ୍ତକରେ ମଣିଷ ପ୍ରଥମେ ପ୍ରକୃତିର ଉପାସକ ଥିବାର ଆଲୋଚନା କରିଛନ୍ତି ।

।ହିନ୍ଦୁ ବେଦରେ ବର୍ଣ୍ଣନାନୁସାରେ ତେତିଶକୋଟି ପ୍ରାୟ ଉକ୍ତ ଦେବଦେବୀଙ୍କର ସନ୍ଧାନ ମିଳେ । ଏମାନଙ୍କ ମଧ୍ୟରୁ ୧୦

ଜଣ ଆକାଶ, ୧୧ ଜଣ ପୃଥିବୀ ଓ ୧୧ ଜଣ ଜଳର ଦେବତା ଅଟନ୍ତି । ବୈଦିକ ଯୁଗର ଦେବଦେବୀମାନେ ସୋମରସ ପାନ ତଥା ତପସ୍ୟା ଆଚରଣ ଦ୍ୱାରା ଅମରତ୍ୱ ପ୍ରାପ୍ତ ହୋଇଥିଲେ ବୋଲି ବର୍ଣ୍ଣନା ରହିଛି । ଋକ୍ ବେଦରେ କେତେବେଳେ ସେମାନଙ୍କୁ ପୃଥିବୀମାତାଙ୍କଠାରୁ ଜାତ ବୋଲି ବର୍ଣ୍ଣନା ରହିଛି ତ, କେତେବେଳେ ଅନ୍ୟାନ୍ୟ ଦେବଦେବୀଙ୍କଠାରୁ ଜାତ ବୋଲି ସୂଚନା ରହିଛି । ବୈଦିକ ଦେବୀ ଉଷାଙ୍କୁ ଦେବତାମାନଙ୍କର ମାତା ବୋଲି ମଧ୍ୟ ଆଭାସ ରହିଛି । 'ସୋମ'ଙ୍କୁ ଆକାଶ, ପୃଥିବୀ ଅଗ୍ନି, ସୂର୍ଯ୍ୟ, ଇନ୍ଦ୍ର ଓ ବିଷ୍ଣୁଙ୍କର ସୃଷ୍ଟିର କାରଣ ବୋଲି ମଧ୍ୟ ଅଭିହିତ କରାଯାଇଛି । ପୁନଶ୍ଚ ଜଣେ ଦେବତାଙ୍କୁ କେଉଁଠି ସମସ୍ତ ଦେବଦେବୀଙ୍କ ଉପରେ ମୁଖ୍ୟ ବୋଲି କୁହାଯାଉଥିଲା ବେଳେ ଅନ୍ୟତ୍ର ସେମାନଙ୍କର ଅଧୀନସ୍ଥ ବୋଲି ମଧ୍ୟ ରୂପାୟିତ କରାଯାଉଥିବାର ସୂଚନା ମିଳୁଛି । ଏଣୁ ବେଦରେ ପୁରାଣ ଭଳି ଦେବଦେବୀମାନଙ୍କର ସୃଷ୍ଟି ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଦେଖିବାକୁ ମିଳେ ନାହିଁ । ଗୋଟିଏ ଶ୍ଳୋକରେ କାହାକୁ ପିତା ଭାବରେ ବର୍ଣ୍ଣନା କରାଯାଉଥିଲା ବେଳେ ଅନ୍ୟତ୍ର ତାଙ୍କୁ ପୁତ୍ର ଭାବରେ ଚିତ୍ରଣ କରାଯାଇଛି । ଏହିପରି କାହାକୁ ଭ୍ରାତା ପୁଣି ସ୍ୱାମୀ ଭାବରେ, କେଉଁ ଦେବୀଙ୍କୁ ମାତା ପୁଣି ପତ୍ନୀ ମଧ୍ୟ ବର୍ଣ୍ଣନା କରାଯାଇଛି ।

ବୈଦିକ ଦେବଦେବୀମାନଙ୍କର ହାତ, ଗୋଡ ଆଦି ଅବୟବର କଳ୍ପନା କରାଯାଇ ସେମାନଙ୍କୁ ମାନବୀୟ ରୂପେ ପ୍ରଦାନ କରାଯାଇଥିଲା । ତେବେ ସେମାନଙ୍କର ଆକୃତିକୁ ସ୍ଥୂଳ ଭାବରେ ପ୍ରତିପାଦିତ କରା ନଯାଇ, ଛାୟା ହିସାବରେ ଗ୍ରହଣ କରାଯାଇଥିଲା । ଦେବଦେବୀମାନଙ୍କୁ ଯୋଦ୍ଧା ରୂପେ ସଜ୍ଜିତ ହୋଇ ଅସ୍ତ୍ର ଧାରଣ କରିଥିବାର ଏବଂ ରଥାରୂଢ଼ ହୋଇଥିବାର ପରିକଳ୍ପନା ମଧ୍ୟ କରାଯାଇଥିଲା । ଏମାନେ ଆର୍ଯ୍ୟମାନଙ୍କୁ ଦସ୍ୟୁ ଆକ୍ରମଣରୁ ରକ୍ଷା କରୁଥିବାର ଆଭାସ ମିଳିଥାଏ । ସେମାନେ ମାନବର ହିତକାରୀ ଏବଂ ସତ୍ୟ, ନ୍ୟାୟ, ସାଧୁତା ଇତ୍ୟାଦି ସୁଗୁଣର ରକ୍ଷକ ଭାବରେ ଅଭିହିତ ହେଉଥିଲେ । ମୋଟାମୋଟି ଭାବରେ ଦେଖିବାକୁଗଲେ ବୈଦିକ ଯୁଗରେ ଦେବଦେବୀମାନଙ୍କର ବର୍ଣ୍ଣନା, ଚିତ୍ରଣ, ପରବର୍ତ୍ତୀ ହିନ୍ଦୁ ପରମ୍ପରାକୁ ବିଶେଷ ଭାବରେ ପ୍ରଭାବିତ କରିଥିବା ଦେଖାଯାଏ । ଆକାଶ, ପୃଥିବୀ ଓ ଜଳରେ ବାସ କରୁଥିବା ଭେଦରେ ସେମାନଙ୍କୁ ମୁଖ୍ୟତଃ ୩ ଭାଗରେ ବିଭକ୍ତ କରାଯାଇଥିଲେ ମଧ୍ୟ, **Clayton,** ଊର୍ଦ୍ଧ୍ୱବିଶ୍ୱର ଦେବଦେବୀ, ବାୟୁର ଦେବଦେବୀ, ପୃଥିବୀର ଦେବଦେବୀ ଅନ୍ୟାନ୍ୟ ବିଶିଷ୍ଟ ଦେବଦେବୀ, ନ୍ୟୁନତର ଦେବଦେବୀ, ରାକ୍ଷସଗଣ, ପିତୃ ପୁରୁଷଗଣ ଭେଦରେ ମୋଟ ୭ ଭାଗରେ ଦେବଦେବୀମାନଙ୍କୁ ବିଭକ୍ତ କରିଛନ୍ତି । ହରପ୍ପା ସଂସ୍କୃତିରେ 'ମାତୃ ଉପାସନା'ର ସୂଚନା ଭଳି ବୈଦିକ ଯୁଗର ଏଇ ଦେବଦେବୀଙ୍କ ମଧ୍ୟରେ ଉଷା, ସରସ୍ୱତୀ ଓ ସାବିତ୍ରୀଙ୍କ ଉପାସନାକୁ ହିନ୍ଦୁ ଧର୍ମର ଶକ୍ତି ଉପାସନା କିମ୍ବା ଗ୍ରାମଦେବତୀ ପରମ୍ପରାର ଆଲୋଚନାରୁ ବାଦ୍ ଦିଆଯାଇ ପାରିବ ନାହିଁ । ବିଶାଳ ହିନ୍ଦୁ ପରମ୍ପରାର ଦେବୀମାନେ କ୍ଷୁଦ୍ର ପରମ୍ପରାରେ ବହୁ ନାମ ଓ ରୂପରେ ଗ୍ରାମଦେବତୀ ଭାବରେ ପୂଜା ପାଇବା ଫଳରେ ବହୁ ଅଣ ଆର୍ଯ୍ୟ ନାମ ବିଶିଷ୍ଟ ଦେବଦେବୀମାନଙ୍କୁ ଏହି ପରମ୍ପରାରେ ଦେଖିବାକୁ ମିଳିଥାଏ । ଗ୍ରାମଦେବତୀଙ୍କ କାର୍ଯ୍ୟ ପରିସର ଗ୍ରାମ ପରିସର ମଧ୍ୟରେ ସୀମିତ ଥିଲାବେଳେ ପୁରାଣଯୁଗୀୟ ଦେବଦେବୀମାନଙ୍କର ପ୍ରସିଦ୍ଧି ଓ କାର୍ଯ୍ୟ ପରିସର ଖୁବ୍ ବ୍ୟାପକ ହୋଇଥିବାର ଦେଖାଯାଏ ।

ଋକ୍‌ବେଦ ଭିନ୍ନ ଅନ୍ୟାନ୍ୟ ବେଦରେ ମଧ୍ୟ 'ଗ୍ରାମଦେବତୀ'ଙ୍କ ସଂପର୍କରେ ଆଭାସ ମିଳେ । ସାମବେଦରେ ଦେବୀ ଅମ୍ବିକାଙ୍କ ସଂପର୍କରେ ସୂଚନା ଥିବାର ଦେଖାଯାଏ । ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଆଲୋଚନା ଅନୁସାରେ, ସାମବେଦ ମନ୍ତ୍ରରେ ନିମ୍ନୋକ୍ତ ଭାବରେ ଗ୍ରାମଦେବତୀଙ୍କ ସଂପର୍କରେ ସୂଚନା ରହିଛି–

''ଯଦ୍ ଗ୍ରାମେଷୁ ପ୍ରତିତିଷ୍ଠାମି ଦେବୀ ତଦ୍ ଗ୍ରାମେଷୁ ପ୍ରତିତିଷ୍ଠାଭିରସ୍ତ୍ରାତ୍
ତଦମ୍ବିକା କୃପୟାବଦ୍ଧିଦ୍ରିୟେଣ ତଦେଶ୍ୱରୀ ମାଂ ଦେବୀୟଃ ॥''

ଆଜିମଧ୍ୟ ଘଟପୂଜା ବେଳେ ପୁରୋହିତ ଯଜୁର୍ବେଦ ଅନ୍ତର୍ଗତ କାଣ୍ୱସଂହିତାର ମନ୍ତ୍ରରେ ଗ୍ରାମ ଦେବତାଙ୍କୁ ନିମ୍ନୋକ୍ତ ଭାବରେ ଆବାହନ କରିଥାଆନ୍ତି–

''ଗ୍ରାମ ଦେବତାୟୈ ନମଃ, ଗ୍ରାମ ଦେବତାମାବାହାୟାମି,
ଗ୍ରାମଦେବତା ଅତ୍ରାଗଚ୍ଛ ଇତ୍ୟାଦି''

ଏହିପରି ଭାବରେ ବୈଦିକ ପରମ୍ପରାରେ 'ଗ୍ରାମଦେବତୀ'ଙ୍କ ପୂଜା ହେଉଥିବାର ସୂଚନା ମିଳେ । ମାତ୍ର ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଆଲୋଚନା ଅନୁସାରେ ଭାରତର ଶାକ୍ତ ମତାବଲମ୍ବୀମାନଙ୍କ ଦ୍ୱାରା ଦେବୀ ଆରାଧନା କରିବା ପ୍ରଥା ପ୍ରାଚୀନ ହୋଇଥିଲେ ହେଁ ବେଦରେ ଦେବୀମାନଙ୍କର ବର୍ଣ୍ଣନା ବିଶେଷ ଦେଖାଯାଏ ନାହିଁ । ତାଙ୍କ ମତରେ– ''ସାମବେଦ ବା ଯଜୁର୍ବେଦର ଯେଉଁ ଅଂଶରେ ଗ୍ରାମଦେବତା ରହିଛି, ତାହାର ପ୍ରାଚୀନତା ବେଦର ସମକାଳୀନ କି ନା କହିବା କଠିନ ୨୧୪୦'' ।

ଶ୍ରୀମଦ୍ ଭାଗବତର ବଭିନ୍ନ ସ୍ଥାନରେ ଗ୍ରାମଦେବତୀଙ୍କ ସଂପର୍କରେ ଯେପରି ବର୍ଣ୍ଣନା ରହିଛି, ସେଥିରୁ ଭାଗବତ ରଚନା କାଳରୁ 'ଗ୍ରାମଦେବତୀ' ପରମ୍ପରା ଆମ ସମାଜରେ ରହିଥିବାର ଜଣାଯାଏ । ଭାଗବତକାରଙ୍କ ଭାଷାରେ–

''ଅର୍ଚ୍ଚିଷ୍ୟନ୍ତି ମନୁଷ୍ୟାସ୍ତାଂ ସର୍ବକାମ ବର ପ୍ରଦାମ୍
ଧୂପୋପହାର ବଳିଭିଃ ସର୍ବକାମ ବର ପ୍ରଦାମ୍ ।୧୦।
ନାମଧେୟାନି କୁର୍ବନ୍ତି ସ୍ଥାନାନିଚ୍ ନରାଭୁବି
ଦୁର୍ଗେତି ଭଦ୍ରକାଳୀତି ବିଜୟା ବୈଷ୍ଣବୀତି ଯା ୧୧।
କୁମୁଦା ଚଣ୍ଡିକା କୃଷ୍ଣା ମାଧବୀ କନ୍ୟକେତି ଚ
ମାୟା ନାରାୟଣୀଶାନୀ ଶାରଦେ ତ୍ୱମ୍ବିକେଷିଚ ।୧୨।

(ଶ୍ରୀମଦ ଭାଗବତ–୩ୟ ଅଧ୍ୟାୟ)

ଭକ୍ତଶ୍ରେଷ୍ଠ ଅତିବଡ଼ି ଜଗନ୍ନାଥ ଦାସ ମଧ୍ୟ ଓଡ଼ିଆ ଭାଗବତରେ ଉପରୋକ୍ତ ପଂକ୍ତିଗୁଡ଼ିକୁ ଅତି ସାବଲୀଳ ଭାବରେ ଅନୁବାଦନ କରିଛନ୍ତି–

''ଲୋକେ ହୋଇବୁ ତୁହି ଜାତ    ଜଗତେ ହୋଇବୁ ବିଖ୍ୟାତ ।
ଲୋକେ କରିବେ ତୋତେ ପୂଜା    ଅନେକେ ଦେବେ ବଳିଭୋଜ ।
ଭକ୍ତକୁ କରିବୁ ପ୍ରସନ୍ନ    ଅନେକ ଦେବେ ତୋର ନାମ ।
ଜୟା ବିଜୟା ଭଦ୍ରକାଳୀ    ମଙ୍ଗଳା ଚଣ୍ଡିକା କଙ୍କାଳି ।
ଦୁର୍ଗା ଅମ୍ବିକା ନାରାୟଣୀ    ଏକୁ ଆରେକ ନାମ ଭଣି ।
ଗ୍ରାମ ଗ୍ରାମରେ କରି ସ୍ଥାନ    ପୂଜନ୍ତେ ହୋଇବୁ ପ୍ରସନ୍ନ ।
ଅନ୍ତ ତା କରିବ କେ କେତେ    ଅନେକ ନାମ ତୋ ଜଗତେ ।
ପୂଜା କରିବେ ସର୍ବ ଜନ    ରାଜା ପରଜା ତପସ୍ୱିନ ।
ସ୍ତୁତି ପଠନ ମନ୍ତ୍ର ଧ୍ୟାନ    ଷୋଡଶ ଉପଚାର ମାନ ।
ଶୁଣ ବଚନ ଆଦିମାତା    ପେଟ ଦେବକୀ ଦୁରବସ୍ଥା ।

(୧୦ମସ୍କନ୍ଧ–୩ୟ ଅଧ୍ୟାୟ)

ଆଦିକବି ସାରଳା ଦାସ ମଧ୍ୟ ମହିଷାସୁର ବଧ ପରେ ମହାମାୟାଙ୍କ ମୁଖରେ 'ଗ୍ରାମଦେବତୀ'ଙ୍କ ସୃଷ୍ଟି ସଂପର୍କରେ ଅତି ସୁନ୍ଦର ଭାବରେ ବାଖ୍ୟାନ କରିଛନ୍ତି । ମହିଷାସୁର ବଧପରେ ମା ଦୁର୍ଗା ତାଙ୍କୁ ସହାୟତା କରିଥିବା ତାଙ୍କଠାରୁ ସୃଷ୍ଟି ଦେବୀମାନଙ୍କୁ ଯୁଦ୍ଧରେ ଅକର୍ମଣ୍ୟ ହୋଇ ପଡ଼ି ରହିଥିବା ସ୍ଥାନମାନଙ୍କରେ ଅବସ୍ଥାନ କରି ପୂଜା କରିବାକୁ ନିର୍ଦ୍ଦେଶ କରିଛନ୍ତି– ''ଯେ ଯହିଁ ପଡ଼ିଲେ ସେହି ରହିଲେ ସେଠାରେ ।
ଦୁର୍ଗା ବୋଇଲେକ ଚାକେଶ୍ୱରୀ ରାଣ୍ଡି ॥
ଦେବୀ ପଡ଼ିଲେ ଲୋ କାହିଁ ଛିଣ୍ଡାଡ଼ି ଦୂପ ହୋଇ ।
ସିଦ୍ଧ ରୂପେ ପୂଜା ପାଉଥାଅ ସେହିଠାରେ ॥
ପାଷାଣ ହୋଇ ତାଙ୍କର ବାକ୍ୟ ହେଉ ସିଦ୍ଧ ।
କାଷ୍ଠ ପାଷାଣ ମୃତ୍ତିକା ତ୍ରିପ୍ରକାର ବିଧ୍ୟ ॥
ଦୁର୍ଗା ବଚନେ ଚାକେଶ୍ୱରୀ ଚାକଦେଲା ।
ହେ ଦେବୀ ଏ ଚରଣାଦି ତୁମର ଭାଜିଲା ॥
ଜଗତଜନନୀଙ୍କର ଆଜ୍ଞା ପରମାଣେ ।
ଯେ ଯହିଁ ପଡ଼ିଲେ ପୂଜା ପାଅ ସେହି ସ୍ଥାନେ ॥

Gustav Oppert ରଚିତ "The original inhabitants of Bharatavarsa or India" ପୁସ୍ତକ ଆଉ କେତୋଟି ମତ ପ୍ରଦାନ କରିଛନ୍ତି । ଗ୍ରାମଦେବତୀଙ୍କୁ ସେ ଅଣ-ଆର୍ଯ୍ୟ ପରମ୍ପରାର ମୁଖ୍ୟ ନାରୀୟ ଦେବତା ରୂପେ ଅଭିହିତ କରିଛନ୍ତି । ଆଗମ ଦୃଷ୍ଟିସାର ଗ୍ରନ୍ଥରେ ଉଲ୍ଲେଖ ଅଛି—

ଶିବ ହେଉଛନ୍ତି ବ୍ରାହ୍ମଣମାନଙ୍କ ଦେବତା, ମାଧବ ହେଉଛନ୍ତି କ୍ଷତ୍ରିୟମାନଙ୍କର ଦେବତା, ବ୍ରହ୍ମା ବୈଶ୍ୟମାନଙ୍କର ଓ ଗ୍ରାମଦେବତାଗଣ ଶୂଦ୍ରମାନଙ୍କର ଦେବତା ।

ଶ୍ଲୋକ—"Brahmananam Sivc devat Ksatriyanam tu Madhavah Vaisyanam tu bhaved Brahma, Sudranam—Gramadevatah"

ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏଁ ସର୍ବତ୍ର ଆଦିବାସୀ, ଅଣଆଦିବାସୀ, ସବର୍ଣ୍ଣ ଅସବର୍ଣ୍ଣ ହିନ୍ଦୁମାନେ ଗ୍ରାମଦେବତୀଙ୍କୁ ସ୍ବୀକାର, ସମ୍ମାନ ଓ ପୂଜା କରିଥାଆନ୍ତି । ଅନ୍ୟ ଏକ ମତ ଅନୁସାରେ ଗ୍ରାମଦେବତୀ ଓ ଆୟାନାର (ଦକ୍ଷିଣ ଭାରତୀୟ ପରମ୍ପରାରେ) ଯଥାକ୍ରମେ ଧରଣୀମାତା ଓ ପରମ ପିତା ହିସାବରେ ଗୌଡ-ଦ୍ରାବିଡୀୟ ଗୋଷ୍ଠୀର ମୁଖ୍ୟ ଦେବତା ବୋଲି ପରିଚିତ ହୋଇଥାନ୍ତି । ବୈଦିକ ଦେବଦେବୀମାନେ ଶାପଗ୍ରସ୍ତ ହୋଇ ନିମ୍ନଗାମୀ ହେବା, ଅସୁରରେ ପରିଣତ ହେବା ଭଳି, ଗ୍ରାମଦେବତାଗଣ ଓ ଆୟାନାର ସ୍ଥାନଚ୍ୟୁତ ହୋଇ ନିମ୍ନଗାମୀ ହୋଇ ରହିଥିବାର ଶୁଣାଯାଏ । ପୃଥିବୀର ମନୁଷ୍ୟମାନଙ୍କୁ ଦୈବୀ ଦୁର୍ବିପାକ, ରୋଗ ଶୋକ ଓ ବିପଦ ଆପଦରୁ ଉଦ୍ଧାର କରିବା ସେମାନଙ୍କର କର୍ତ୍ତବ୍ୟ ବୋଲି ବିଶ୍ୱାସ କରାଯାଏ । oppert ଙ୍କ ମତରେ ସେମାନେ ଗୌଡ-ଦ୍ରାବିଡୀୟ ଗୋଷ୍ଠୀର ମୁଖ୍ୟ ଦେବତା ହୋଇଥିଲେ ହେଁ, ଆର୍ଯ୍ୟ ସଂସ୍କୃତି ଉପରେ ଏହି ଅଣ-ଆର୍ଯ୍ୟ ସଂସ୍କୃତିର ପ୍ରଭାବ କ୍ରମେ ସେମାନେ ପରବର୍ତ୍ତୀ କାଳରେ ଆର୍ଯ୍ୟ ସଂସ୍କୃତିରେ ସ୍ଥାନ ଲାଭ କରିଛନ୍ତି । ଅନ୍ୟ ଏକ ଆଧୁନିକ ମତବାଦ ଅନୁଯାୟୀ ପରଂବ୍ରହ୍ମଙ୍କର ସପ୍ତାବସ୍ଥା ସପ୍ତସ୍ତରରେ ବିଦ୍ୟମାନ ବୋଲି ଧରାଯାଏ । ଏଥିମଧ୍ୟରେ ଈଶ୍ୱରଙ୍କ ସର୍ବୋତ୍ତମ ସତ୍ତା ଯିଏ କି ଋକ୍‌ବେଦରେ ପ୍ରଦର୍ଶିତ । ବୁଦ୍ଧଦେବ ମଧ୍ୟ ଏଥିମଧ୍ୟରୁ ଅନ୍ୟ ଏକ ସତ୍ତା । ଏହି କ୍ରମରେ ସପ୍ତମ ସତ୍ତା ବା ଅବସ୍ଥା ଗ୍ରାମଦେବତା ବା ଦେବତୀଙ୍କ ପରେ ପ୍ରକାଶିତ ବୋଲି ଜଣାଯାଏ । Oppert ଙ୍କ ମତରେ ଗ୍ରାମଦେବତୀଙ୍କୁ Turanian Race ର ମୁଖ୍ୟ ଦେବତା ବୋଲି କୁହାଯାଏ । ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମ ରୂପରେ ସାରା ଭାରତରେ ସେମାନେ ପୂଜିତ ହେଉଥିଲେ ହେଁ, ଏକ ଶକ୍ତିଙ୍କର ଅଂଶ ବିଶେଷ ରୂପେ ସେମାନଙ୍କୁ ବିଚାର କରାଯାଇଥାଏ ।

ଆମର ଓଡ଼ିଆ ସମାଜରେ ଗ୍ରାମଦେବତୀ ଉପାସନାର ପରମ୍ପରା ବିଭିନ୍ନ ପ୍ରଥାରେ ରହିଥିବାର ଦେଖାଯାଏ । ବିବାହ ଓ ଉପନୟନାଦି ସାମାଜିକ ଉତ୍ସବମାନଙ୍କରେ ଗ୍ରାମଦେବତୀଙ୍କୁ ପୂଜା କରାଯିବାର ବିଧି ଓଡ଼ିଆ ସମାଜରେ ପ୍ରଚଳିତ । ଏହି ଉପଲକ୍ଷେ ଯେପରି ଗ୍ରାମଦେବତୀ ଓ ତାଙ୍କର ପାର୍ଶ୍ୱଦମାନଙ୍କୁ ପୂଜା କରାଯାଏ, ତାହାକୁ 'ଦିହିଁ ମଗୁନେଇବା' ବୋଲି କଥିତ ଭାଷାରେ କୁହାଯାଏ । ବିବାହର ପୂର୍ବଦିନ 'ମଙ୍ଗଳ ପାନ୍ଥ' ବା 'ମଙ୍ଗନ' (ବାଲେଶ୍ୱର ମୟୂରଭଞ୍ଜରେ ପ୍ରଚଳିତ ଶବ୍ଦ) ଅବସରରେ ଦିହିଁ ମଗୁଣା ହୋଇଥାଏ । ପ୍ରାଚୀନ କାଳରେ ପ୍ରଥାନୁସାରେ କନ୍ୟା ନିଜେ ଗ୍ରାମ ବାହାରେ ଥିବା ଗ୍ରାମଦେବତୀଙ୍କ ମନ୍ଦିରକୁ ଯାଇ ପୂଜା କରିବାର ବିଧି ରହିଥିଲା । ଏବେ ସେପରି କନ୍ୟା ନିଜେ ଯିବାର ବିଧି ସର୍ବତ୍ର ଦେଖାଯାଏ ନାହିଁ । ଶ୍ରୀମଦ୍ ଭାଗବତର ୫୬ ଅଧ୍ୟାୟରୁ ଉଦ୍ଧାର କରି ପଣ୍ଡିତ ପରମାନନ୍ଦ ଆଚାର୍ଯ୍ୟ 'ରୁକ୍ମିଣୀଙ୍କର କୃଷ୍ଣ ପ୍ରତି ଚିଠାଉ' ପ୍ରସଙ୍ଗ କ୍ରମେ ଏହି ପରମ୍ପରା ସଂପର୍କରେ ଉଲ୍ଲେଖ କରିଛନ୍ତି । ଓଡ଼ିଆ ଭାଗବତରେ ଏହାର ଅନୁବାଦ ନିମ୍ନଭାବରେ ରହିଛି—

"ହେ ନାଥ ଭାନୁ ଅବା ଚିରେ    ମୁଁ ତୋତେ ଆଣିବି କେମନ୍ତେ
ଭାଇର ଅନ୍ତଃପୁରେ ଥାଉ    ତୋତେ ପାଇବି ମୁହିଁ କାହୁଁ ॥
ଏହିକି କହିବା ଉପାୟ    ଶୁଣିବା ପ୍ରଭୁ ଦେବରାୟ
ଆମର ଅଛି କୁଳାଗ୍ରର    କନ୍ୟାକୁ କରନ୍ତି ବାହାର ॥
ଭବାନୀ ପୂଜିବା ନିମନ୍ତେ    ଅମ୍ବିକା କୁଳ ଗ୍ରାମପ୍ରାନ୍ତେ
ଯାତ୍ରା ଉତ୍ସବେ ମୁହିଁ ଯିବି    ଭବାନୀ ଚରଣ ପୂଜିବି ॥
ପଥେ ଆସିବା ବେଳେ ମୋତେ    ଭାଇଏ ଦେଖୁଥିବେ ସମସ୍ତେ
ଥିବି ମୁଁ ସିଂହଙ୍କର ମେଳେ    ସେଠାରୁ ନିଅ ମୋତେ ବଳେ ॥
(୫୬ ଅଧ୍ୟାୟ)

ଦକ୍ଷିଣ ଭାରତ, ଉତ୍ତର ଭାରତ ବା ଅନ୍ୟାନ୍ୟ ଆଞ୍ଚଳିକ ଭିତ୍ତିରେ ଏହି ପରମ୍ପରାରେ ଭିନ୍ନତା ପରିଦୃଷ୍ଟ ହେଲେ କେତେକ କ୍ଷେତ୍ରରେ ମଧ୍ୟ ସମତା ରହିଥାଏ । Bill 1986.

"Hindu Culture and Personality" ପୁସ୍ତକରେ ଦକ୍ଷିଣ ଭାରତୀୟ ଗ୍ରାମଦେବତୀ ପରମ୍ପରାର କେତୋଟି ଅନାଲୋଚିତ ଦିଗ ଆଲୋଚିତ ହୋଇଛି । Spratt ଙ୍କ ମତରେ ଦକ୍ଷିଣ ଭାରତର ପ୍ରାୟ ସମସ୍ତ ଗ୍ରାମରେ ଗ୍ରାମଦେବତୀ ପରମ୍ପରା ପରିଦୃଷ୍ଟ ହୁଏ । ମୁଖ୍ୟତଃ ଗ୍ରାମଦେବତୀ ଦେବୀ ହୋଇଥିଲେ ହେଁ କେତେକ ଗ୍ରାମରେ ପୁରୁଷ ଦେବତା ବା ଗ୍ରାମଦେବତା ହିଁ ମୁଖ୍ୟ ଦେବତା ରୂପେ ମଧ୍ୟ ବିବେଚିତ ହୋଇଥାଆନ୍ତି । ବିଶେଷତଃ ଦେବତାମାନଙ୍କର ସ୍ଥାନ ଏ କ୍ଷେତ୍ରରେ ଗ୍ରାମଦେବତୀଙ୍କ ସ୍ଥାନଠାରୁ ନିମ୍ନରେ ବୋଲି ଗୃହୀତ ହୋଇଥାଏ । ସେମାନେ ଗ୍ରାମଦେବତୀଙ୍କର ସ୍ୱାମୀ ବା ସଙ୍ଗୀ ହିସାବରେ ଗଣ୍ୟ ହୋଇଥାଆନ୍ତି । ଗ୍ରାମଦେବତୀଙ୍କ ପୂଜାରେ ସାଧାରଣତଃ ବଳି ପ୍ରଦାନ କରାଗଲା ବେଳେ ତାମିଲନାଡୁର ମୁଖ୍ୟ ଗ୍ରାମଦେବତା ଆୟାନାରଙ୍କ ନିକଟରେ କୌଣସି ବଳି ପ୍ରଦାନ କରାଯାଇ ନଥାଏ । Elmore ମଧ୍ୟ ଦକ୍ଷିଣ ଭାରତୀୟ ଗ୍ରାମମାନଙ୍କରେ ଗ୍ରାମ ଦେବୀମାନଙ୍କର ସୃଷ୍ଟି ସଂପର୍କରେ ବହୁ ଜନଶ୍ରୁତି ଓ କିମ୍ବଦନ୍ତୀକୁ ଭିତ୍ତି କରି କେତେକ ତଥ୍ୟ ପରିବେଷଣ କରିଛନ୍ତି । ତାଙ୍କର ପ୍ରଦତ୍ତ ତଥ୍ୟ ଅନୁସାରେ କେତେକ ସ୍ତ୍ରୀଲୋକ ନିଜର ଅସାଧାରଣ ବ୍ୟକ୍ତିତ୍ୱ, କାର୍ଯ୍ୟ ଦକ୍ଷତା ବା ଅନ୍ୟ କିଛି ବିଶେଷ କାରଣରୁ ମୃତ୍ୟୁ ପରେ ଗ୍ରାମବାସୀଙ୍କ ଦ୍ୱାରା ପୂଜିତ ହୋଇଥାନ୍ତି । ଅଧିକାଂଶ କ୍ଷେତ୍ରରେ ଯୌନକ୍ରିୟା ଜନିତ କିମ୍ବା ଅନ୍ୟାନ୍ୟ ଅସାମାଜିକ କ୍ରିୟା ହେତୁ ଆତ୍ମହତ୍ୟା କରିଥିବା ସ୍ତ୍ରୀ ଲୋକଙ୍କର ଅଶାନ୍ତ ଆତ୍ମାଠାରୁ କ୍ଷତି ଓ ଭୟର ଆଶଙ୍କା କରି ଗ୍ରାମବାସୀମାନେ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜା ଦେଇଥାନ୍ତି । ଅଳ୍ପ କେତୋଟି କ୍ଷେତ୍ରରେ କେହି ନାରୀ ମୃତ୍ୟୁ ବରଣ କରିବା ପରେ ସ୍ୱପ୍ନରେ ପୂଜା ଦାବୀ କରିବା, ଗ୍ରାମରେ ମହାମାରୀ ଆଦିର ଭୟ ଦେଖାଇ ପୂଜିତ ହେଉଥିବାର କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳିଥାଏ । ଏକ ବିଶେଷ କ୍ଷେତ୍ରରେ ଜନୈକ ହିନ୍ଦୁ ମହିଳା, ମୁସଲମାନ ମହିଳାଙ୍କ ସହ ଭୋଜନ କରିବା ହେତୁ ସାମାଜିକ ନିନ୍ଦା ଓ କୁହାରୁ ରକ୍ଷା ପାଇବା ପାଇଁ ଉଭୟ ଆତ୍ମହତ୍ୟା କରିବାର ଓ ପରେ କ୍ଷତିକାରକ ଠାକୁରାଣୀ ରୂପେ "ତୋଟୋକୁରାଣୀ" ନାମରେ ପୂଜିତ ହେବାର କିମ୍ବଦନ୍ତୀ ମଧ୍ୟ Elmore ଆଲୋଚନା କରିଛନ୍ତି । ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶରେ ଆଦିବାସୀମାନେ 'ଦୁଲା ଦେଓ' ଙ୍କୁ ମଧ୍ୟ ଏହିପରି ଘଟଣା ଚକ୍ରରେ ପୂଜା କରି ଆସୁଥିବାର ଜଣାଯାଏ । ଜନଶ୍ରୁତି ଅନୁସାରେ ଦୁଲା ଦେଓ' ଘୋଡାରେ ବରବେଶ ହୋଇ ବିବାହ ନିମନ୍ତେ ଗମନ କରୁଥିବା ସମୟରେ ବଜ୍ରପାତରେ ତାଙ୍କର ମୃତ୍ୟୁ ହେଲା । ସେହି ସ୍ଥାନରେ ସେ ଓ ତାଙ୍କର ଘୋଡା ପଥର ପାଲଟି ଯାଇ ଗ୍ରାମେ ଗ୍ରାମେ ପୂଜା ପାଇଲେ । କେତେକ ଗଣ୍ଡ ଗ୍ରାମରେ ତାଙ୍କୁ ମୁଖ୍ୟ ଦେବତା ବୋଲି ମଧ୍ୟ ପୂଜା କରାଯାଇଥାଏ । ଉତ୍ତର ଭାରତରେ ତଥା ଭାରତର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ଅନେକ କିମ୍ବଦନ୍ତୀକୁ ଆଶ୍ରୟ କରି ବହୁ ନୂତନ ଦେବ ଦେବୀ ଗ୍ରାମ ପରିସର ମଧ୍ୟରେ ପୂଜା ପାଇ ଆସୁଥିବାର ଶୁଣାଯାଏ । ବିକାନୀରର 'ଗୁଗାପୀର'ଙ୍କ ସଂପର୍କରେ ଏହିପରି ଏକ ଲୋକପ୍ରିୟ ଜନଶ୍ରୁତି ରହିଛି । ତାଙ୍କୁ ଘୋଡା ଉପରେ ବସିଥିବାର କଳ୍ପନା କରାଯାଏ ଓ ସେ ସର୍ପ ଦେବତା ରୂପେ ପୂଜିତ ହୁଅନ୍ତି । ମାରୱାରର ତେଜାଜୀ ମଧ୍ୟ ଏହିପରି ସର୍ପଦେବତା ଭାବରେ ଘୋଡା ଉପରେ ବସିଥିବା ରୂପରେ ପୂଜା ପାଇଥାଆନ୍ତି ।

ଓଡ଼ିଶାଭଳି ପଶ୍ଚିମବଙ୍ଗର ମଧ୍ୟ ଗ୍ରାମ ଦେବତୀ ପରମ୍ପରାର ଅନୁରୂପ ଐତିହ୍ୟ ଦେଖିବାକୁ ମିଳେ । ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ମତରେ

ପୂର୍ବବଙ୍ଗ ଗ୍ରାମଗୁଡ଼ିକରେ ମୁସଲମାନ ବାସିନ୍ଦାମାନେ ସଂଖ୍ୟାଧିକ ହୋଇଥିବାରୁ ଏଠାରେ 'ଗ୍ରାମଦେବତୀ' ପରମ୍ପରା ଦୃଷ୍ଟିଗୋଚର ହୋଇ ନଥାଏ । ଓଡ଼ିଶା ଓ ପଶ୍ଚିମ ବଙ୍ଗର ଗ୍ରାମଦେବତୀ ପରମ୍ପରା ମଧ୍ୟରେ ଅଳ୍ପକେତକ ଆଞ୍ଚଳିକ ଭିନ୍ନତାକୁ ବାଦ୍ ଦେଲେ ଅଧିକାଂଶ କ୍ଷେତ୍ରରେ ସମାନତା ଦୃଷ୍ଟିଗୋଚର ହୁଏ । ଓଡ଼ିଶା ଭଳି ବଙ୍ଗର ଅଧିକାଂଶ ଗ୍ରାମରେ ଗ୍ରାମଦେବତୀ ବା ଠାକୁରାଣୀ ମୁଖ୍ୟ ଦେବତା ରୂପେ ପୂଜିତା ହୋଇଥାଆନ୍ତି । ସାଧାରଣତଃ ବିଭିନ୍ନ ଗ୍ରାମରେ ଭିନ୍ନ ଭିନ୍ନ ନାମରେ ଗ୍ରାମଦେବତୀମାନେ ପୂଜିତା ହୋଇଥାଆନ୍ତି । ତେବେ କେତେକ କ୍ଷେତ୍ରରେ ଏକା ନାମର ଗ୍ରାମଦେବତୀ କେତେଗୁଡ଼ିଏ ପଡୋଶୀ ଗ୍ରାମମାନଙ୍କରେ ମଧ୍ୟ ପୂଜିତା ହୋଇଥାଆନ୍ତି । ଗ୍ରାମ ଦେବତୀମାନଙ୍କ ନାମ କରଣରେ ଏକ ପ୍ରକାର ବୈଚିତ୍ର୍ୟତା ପରିଲକ୍ଷିତ ହୁଏ । ଏଗୁଡ଼ିକ ସାଧାରଣତଃ ଅଣଆର୍ଯ୍ୟ ପରମ୍ପରା, ବିଶେଷକରି **Austro-Asiatic** ଓ **Dravidian** ଭାଷା ଓ ପରମ୍ପରା ଅନ୍ତର୍ଗତ ବୋଲି ଜଣାଯାଏ । ହିନ୍ଦୁ ଧର୍ମର ପ୍ରଭାବ ଓ ସଂସ୍କୃତି କରଣ (**Sanskritization**) ଫଳରେ କେତକ ନାମ ଆର୍ଯ୍ୟ-ପରମ୍ପରାଗତ ହୋଇଥିବାର ଦେଖାଯାଏ । ଗ୍ରାମଦେବତୀ 'ବାସୁଳୀ' ଓଡ଼ିଶା ତଥା ବଙ୍ଗରେ ଏକ ଜଣାଶୁଣା ନାମ । ଏହି ନାମକୁ ମୁଖ୍ୟତଃ ଅଣ-ଆର୍ଯ୍ୟ ନାମ ହିସାବରେ ଆଲୋଚନା କରାଯାଇଥାଏ । ମାତ୍ର ବଙ୍ଗଳାରେ ଏହା 'ବିଶାଳାକ୍ଷୀ' ଭାବରେ ରୂପାନ୍ତରିତ ହୋଇଥିବାର ଭଟ୍ଟାଚାର୍ଯ୍ୟ ମହାଶୟ ଉଲ୍ଲେଖ କରିଛନ୍ତି । ହିନ୍ଦୁ ପରମ୍ପରାର ପ୍ରଭାବ ଫଳରେ କେତେକ ଗ୍ରାମ ଦେବତା ଶିବ ଓ ବିଷ୍ଣୁ ଭାବରେ ପୂଜିତ ହେଉଥିବାର ଜଣାଯାଏ । ଗ୍ରାମଦେବତୀମାନଙ୍କ ନାମ ଗୁଡ଼ିକ ମଧ୍ୟ ବିଶିଷ୍ଟ ଦେବୀମାନଙ୍କ ନାମ ସହ ସଂଲଗ୍ନ ହୋଇ ପ୍ରଚଳିତ ହେଉଥିବାର ଦେଖାଯାଏ । ବଙ୍ଗଳା ତଥା ଓଡ଼ିଶାରେ ଚଣ୍ଡୀ, ମଙ୍ଗଳା, କାଳୀ, ଦୁର୍ଗା ଇତ୍ୟାଦି ନାମରେ ଅନେକ ଗ୍ରାମ ଦେବତୀ ପୂଜିତା ହେଉଥିବାର ଜଣାଯାଏ । ମୁଖ୍ୟତଃ ଏହି ନାମଗୁଡ଼ିକ **suffix** ଭାବରେ ଗ୍ରାମଦେବତୀଙ୍କ ନାମ ସହ ସଂଯୁକ୍ତ ହୋଇଥାଏ । ଆହୁରି ବିଭିନ୍ନ ପ୍ରକାର ନାମକରଣ ମଧ୍ୟ ହୋଇଥାଏ । ଭଟ୍ଟାଚାର୍ଯ୍ୟ ମହାଶୟ ବାଙ୍କୁଡ଼ା ଜିଲ୍ଲାର ଶାଲ୍‌ତୋରାରେ ଗ୍ରାମଦେବୀଙ୍କୁ କାମୁଗଛମୂଳେ ସ୍ଥାପନ କରାଯାଇଥିବା ହେତୁ ତାଙ୍କର ନାମ 'କାମଲାଲା' ବୋଲି ଦର୍ଶାଇଛନ୍ତି । ଆଉମଧ୍ୟ ନିକଟବର୍ତ୍ତୀ ପଡୋଶୀ ଗ୍ରାମମାନଙ୍କରେ ଏହାଙ୍କର ଭଉଣୀମାନେ, ଯଥା—ବିଳାସିନୀ, କାଙ୍କୁତ, କେବଡ଼ି, ଯଶୋଦା, ବାସୁଳୀ ଓ ଚଣ୍ଡୀମାନେ ଗ୍ରାମଦେବତୀ ରୂପେ ପୂଜା ପାଉଥିବାର ସୂଚନା ପ୍ରଦାନ କରିଛନ୍ତି । ପଡୋଶୀ ଗ୍ରାମମାନଙ୍କରେ ଗ୍ରାମଦେବତୀମାନେ ଭଉଣୀ ରୂପେ ପରିଚିତ ହେବା ବଙ୍ଗଳା ଭିନ୍ନ ଅନ୍ୟସ୍ଥାନରେ ମଧ୍ୟ ଦେଖାଯାଏ । ମାତ୍ର ଏହି ଭଉଣୀମାନଙ୍କ ସଂଖ୍ୟା ମୁଖ୍ୟତଃ ଅଯୁଗ୍ମ ସଂଖ୍ୟା ବିଶିଷ୍ଟ ହୋଇଥାଏ । ଯଥା—୩, ୫, ୭, ୯, ୧୧ ଇତ୍ୟାଦି । କେତକ ଗ୍ରାମଦେବତୀଙ୍କ ନାମ ସହ 'ବୁଢ଼ୀ' **prefix** ବା **suffix** ରୂପେ ବ୍ୟବହୃତ ହୋଇଥାଏ । କେତେକ ନାମରେ 'ଶୁଣି' **suffix** ରୂପେ ମଧ୍ୟ ବ୍ୟବହୃତ ହୋଇଥାଏ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଦୁଆର ଶୁଣି, ପଚର ଶୁଣି, ଜଡ଼ାଳ ଶୁଣି ଇତ୍ୟାଦି ନାମରେ ଗ୍ରାମଦେବତୀମାନେ ଅଛନ୍ତି । କଟକ ଜିଲ୍ଲାରେ 'କୁଟେଲଇ ଶୁଣି' ନାମ ମଧ୍ୟ ପ୍ରଚଳିତ । ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ ଅଞ୍ଚଳରେ ଗ୍ରାମଦେବତୀମାନେ ପଶ୍ଚିମା, ଦାଣ୍ଡ ପଶ୍ଚିମା, ତୁରେଇଣି, ଖେଦେଇଣି, ବାସୁଳୀ, ବାରପଡ଼ା, ନାଇକାଣୀ ଇତ୍ୟାଦି ବହୁ ନାମରେ ପୂଜିତା ହୁଅନ୍ତି । ଉପକୂଳବର୍ତ୍ତୀ ଅନ୍ୟ ଜିଲ୍ଲାମାନଙ୍କରେ ମଙ୍ଗଳା, ବାଟମଙ୍ଗଳା, ବାଉତି, ଖରାଖାଇ, ବାସେଳୀ, ଚିରାଦେଇ, ହାଡ଼ିଆଣୀ, ପଦାନାହାକାଣୀ, ଚମ୍ପା ନାହାକାଣୀ, ବନଦୁର୍ଗା, ଖଣ୍ଡୁଆଳ, ବରଡାଇ (ବରଗଛମୂଳେ), ଅନନ୍ତକୁମାରୀ, ସାରଳା, ଜାଗୁଲାଇ, ପଦ୍ମାବତୀ (ହରିଜନ), ଟଙ୍କପାଣି, ମହାମାୟା, ବୁଢ଼ୀଠାକୁରାଣୀ, ତେମେଡେଇ, ସାହାଡେଇ, ସତ୍ୟଭାମା, କ୍ଷେତ୍ରମଣି, ଝାଡ଼େଶ୍ୱରୀ, ଉତ୍ତରାୟଣୀ, ଉତ୍ତରମୁଖୀ, ପାର୍ବତୀ, ଷଷ୍ଠୀ, ପାଟେଶ୍ୱରୀ, କ୍ଷେତ୍ରପାଳ, ଉଗ୍ରତାରିକା, ଗେଲାଦେଇ, ଦୁଲାଦେଇ, ବୁଢ଼ୀ ଭଗବତୀ, ପୂର୍ଣ୍ଣମୁଣୀ, ଚନ୍ଦ୍ରାବତୀ, ବାଙ୍କୁଲା ଇତ୍ୟାଦି ବହୁ ନାମରେ ଗ୍ରାମଦେବତୀ ପୂଜା ପାଇଥାନ୍ତି । ଆବାସସ୍ଥଳୀର ଦିଗ, ବୃକ୍ଷ ଓ ଆବାସ ସ୍ଥଳୀର ଆକାର ପ୍ରକାର ହିସାବରେ ମଧ୍ୟ ଉପରୋକ୍ତ ନାମ ମଧ୍ୟରୁ ଅଧିକାଂଶ ନାମ ଦିଆ ଯାଇଥାଏ । କେତକ ଗ୍ରାମରେ ମହାକାଳ, ମହାବୀର ଇତ୍ୟାଦି ପୁରୁଷ ଦେବତା ମଧ୍ୟ ଗ୍ରାମଦେବତା ଭାବେ ପୂଜିତ ହୁଅନ୍ତି ।

ସାଧାରଣତଃ ଗ୍ରାମ ଦେବତୀ ବା ଦେବତା ଗ୍ରାମ ସହ ସଂପୃକ୍ତ ଥାଆନ୍ତି । ମାତ୍ର କେତେକ କ୍ଷେତ୍ରରେ ଏହି ଦେବୀ ବା ଦେବତା ନିଜୁ ସ୍ୱତନ୍ତ୍ର ଶକ୍ତି, ମହିମାଦି ଦ୍ୱାରା ଗ୍ରାମ ପରିସର ବାହାରେ ସର୍ବତ୍ର ପ୍ରସିଦ୍ଧି ଲାଭ କରି ସାର୍ବଜନୀନ ଦେବୀ ବା ଦେବତା ଭାବରେ ସ୍ୱୀକୃତି ଲାଭ କରିଥାଆନ୍ତି । ଶ୍ରୀଯୁକ୍ତ ଗଣେଶ ପ୍ରସାଦ ପରିଜା 'ଲୋକ ଦେବୀ' ପ୍ରବନ୍ଧରେ ସମଲେଶ୍ୱରୀ, ଖମ୍ବେଶ୍ୱରୀ, କାଳିଜାଇ ଇତ୍ୟାଦି ଗ୍ରାମ ଦେବତା ଭାବେ ପୂଜା ପାଉଥିଲେ ମଧ୍ୟ ସମୟାନୁକ୍ରମେ ପ୍ରସିଦ୍ଧି ଲାଭ କରି ସାର୍ବଜନୀନ ଦେବୀ ଭାବରେ ପରିଚିତ ହୋଇଥିବାର ଦର୍ଶାଇଛନ୍ତି । ଏଭଳି ବହୁ ଦେବଦେବୀ ଓଡ଼ିଶାରେ ପୂଜା ପାଉଥିବାର ଦେଖାଯାଏ । ତାଙ୍କରି ଆଲୋଚନା ଅନୁସାରେ ସୋନପୁରର ଖମ୍ବେଶ୍ୱରୀ, ଭୁଷା ଠାକୁରାଣୀ, ସୋରଡାର କନ୍ଧୁଣୀ, ବଡ଼ଖେମୁଣ୍ଡିର ମାଣିକେଶ୍ୱରୀ, ମହୁରୀର କାଳୁଆ, ଖଲିକୋଟର ବାଉତୀ, କେନ୍ଦୁଝରର ତେରେଣୀ, ଢେଙ୍କାନାଳର ଶୁଖୁଆଖାଇ, ବୁଗୁଡ଼ାର ବ୍ୟାଘ୍ରଦେବୀ, ତାପଙ୍ଗର ହରଚଣ୍ଡୀ, ଖୁଦିଂର କୁଟେଇଚଣ୍ଡୀ, ସମ୍ବଲପୁରର କଂସଲେଇ, ଖୋର୍ଦ୍ଧାର କଣ୍ଟିଲେଇ, ବଲୁଣେଇ, ଆସିକାର ଖମେଶ୍ୱରୀ, ଭଦ୍ରକର ନେଙ୍ଗୁଡ଼ିଶୁଣି, ଚଣ୍ଡେଣୀ, ପଥର ଘର ସାଆନ୍ତାଣି, ସୋର ଅଞ୍ଚଳର ଖେଦେଇଣି ଇତ୍ୟାଦି ଲୋକ ଦେବତା ତଥା ସାର୍ବଜନୀନ ଦେବୀ ରୂପେ ପୂଜା ପାଇ ଆସୁଛନ୍ତି ।

ସାଧାରଣତଃ ଗ୍ରାମଦେବତୀମାନେ ବ୍ରାହ୍ମଣ ଭିନ୍ନ ଅନ୍ୟ ଜାତିର ପୂଜକମାନଙ୍କ ଦ୍ୱାରା ପୂଜିତ ହୋଇଥାଆନ୍ତି । ମୟୂରଭଞ୍ଜ ଓ ଏହାର ଆଖପାଖ ଅଞ୍ଚଳରେ ଏହି ପୂଜକମାନେ 'ଦେହୁରୀ' ନାମରେ ପରିଚିତ ହୋଇଥାନ୍ତି । ଅଣଆଦିବାସୀ ଗ୍ରାମମାନଙ୍କରେ 'ପୂଜକ' ଏକ ପୃଥକ ପଦବୀ ହୋଇଥିଲା ବେଳେ ଅଧିକାଂଶ ଆଦିବାସୀ ଗ୍ରାମମାନଙ୍କରେ ଗ୍ରାମର ମୁଖିଆ ହିଁ ପୂଜକ ରୂପେ ସ୍ୱୀକୃତ ହୋଇଥାଏ । ପଶ୍ଚିମବଙ୍ଗରେ ଏହି ପୂଜକମାନେ 'ଦ୍ୟାସୀ' ନାମରେ ପରିଚିତ । ଏହି ନାମଟି କ୍ରମଶଃ ସଂସ୍କୃତ କରଣ ଫଳରେ ଦେବାଂଶୀ ବା ଦେବ ବଂଶୀ ନାମରେ ପରିଚିତ ହୋଇଥିବାର ଶ୍ରୀଯୁକ୍ତ ଭଟ୍ଟାଚାର୍ଯ୍ୟ ଦର୍ଶାଇଛନ୍ତି । ବାଲେଶ୍ୱର ଜିଲ୍ଲାର ଅଧିକାଂଶ ସ୍ଥାନରେ ଏହି ପୂଜକମାନେ ଗ୍ରାମଦେବତୀଙ୍କର 'କାଳିସୀ' ହେଉଥିବାରୁ 'ଦାସୀ' ନାମରେ ପରିଚିତ ହୋଇଥାନ୍ତି । **Oppert** ଗ୍ରାମଦେବତୀ ପୂଜକମାନେ ସ୍ଥାନ ଭେଦରେ ପୂଜାରୀ, ଦେହୁରୀ, ଭୋଗୀ (ଉତ୍ତରରେ) ଇତ୍ୟାଦି ନାମରେ ଡକାଯାଉଥିବାର ବର୍ଣ୍ଣନା କରିଛନ୍ତି । ପୂଜକ ଉପରେ ଦେବୀ ସବାର ହୋଇଥିବା ବେଳେ ଓଡ଼ିଶାରେ ଯେପରି ଦାସୀ, କାଳିସୀ ବୋଲି କୁହାଯାଏ, ସେହିପରି ପୋଟୁଗାଲ ଓ ଅନ୍ୟସ୍ଥାନରେ 'ବୀର ବେସନ୍' ବୋଲି କୁହାଯାଉଥିବାର **Oppert** ଉଲ୍ଲେଖ କରିଛନ୍ତି । ଏହି କାଳିସୀ ବା ପୂଜକ ଗ୍ରାମରେ ବିଶେଷ ସମ୍ମାନ ଲାଭ କରିଥାଏ । ପୂଜା କରିବା ସଙ୍ଗକୁ କେତେକ କ୍ଷେତ୍ରରେ ଗୁଣି ଗାରୁଡ଼ି କରିବା, ଝଡ଼ାଫୁଙ୍କା କରି ରୋଗ ଡାହାଣୀ ଛଡ଼େଇବା ଇତ୍ୟାଦି ଅଲୌକିକ କାର୍ଯ୍ୟକଳାପ ହେତୁ ଏକ ବିଶେଷ ସ୍ଥାନ ଗ୍ରାମରେ ଲାଭ କରିଥାଏ । ତା'ର ପରିବାର ବର୍ଗ ମଧ୍ୟ ଏଇ ସମ୍ମାନର ଅଂଶୀଦାର ହୋଇଥାଆନ୍ତି । ବ୍ରାହ୍ମଣ ଶାସନ ତଥା ବ୍ରାହ୍ମଣ ଅଧିକ ଥିବା ଗ୍ରାମ ଭିତରେ ବ୍ରାହ୍ମଣମାନେ ହିଁ ପୂଜକ ରୂପେ ଗ୍ରାମଦେବତୀଙ୍କର ପୂଜା କରିବା ଦେଖାଯାଏ ।

ଗ୍ରାମର ବାହାରେ ଏକ ମୁଣ୍ଡରେ କିମ୍ବା ଗ୍ରାମର ମଧ୍ୟଭାଗରେ ଗ୍ରାମଦେବତୀଙ୍କ ଆସ୍ଥାନ ରହିଥିବାର ଓଡ଼ିଶାର ଗ୍ରାମମାନଙ୍କରେ ଦେଖାଯାଏ । ଅଳ୍ପ କେତୋଟି ସ୍ଥାନରେ କ୍ଷୁଦ୍ର ମନ୍ଦିର, କେତୋଟି ବୃକ୍ଷମୂଳେ ଛାଡ଼ିଦେଲେ ଅଧିକାଂଶ ସ୍ଥାନରେ ଏହି ଗ୍ରାମ ଦେବତୀ ବୃକ୍ଷମୂଳେ ବୈଷ୍ଣବମାନେ ହୋଇଥିବାର ଦେଖାଯାଏ । **Oppert** ଙ୍କ ମତରେ ବୈଷ୍ଣବମାନେ

ମହାସ୍ନାନ ପୂର୍ବରେ, ଗାଣପତ୍ୟମାନେ ଘର ଖଣ୍ଡ ବା ଦ୍ୱାର ଦେଶରେ ଦେବୀ ଆରାଧନା କରିଥାଆନ୍ତି । ''ଗ୍ରାମଦେବତା ପ୍ରତିଷ୍ଠା'' ଅନୁସାରେ ଏହାଙ୍କୁ ନଦୀଘାଟ ନିକଟରେ, ଜଙ୍ଗଲରେ, ପଥର, କାଠ କିମ୍ବା ମାଟିର ମନ୍ଦିରରେ ସ୍ଥାପନ କରାଯାଇପାରେ । ''ସ୍ମୃତି ପୁରାଣ ସମୁଚ୍ଚୟ'' ଅନୁସାରେ ଗ୍ରାମଦେବତାଗଣଙ୍କୁ ନିମ୍ନବର୍ଣ୍ଣ ବା ଜାତିର ଲୋକମାନଙ୍କ ଗ୍ରାମରେ, ଆଦିବାସୀମାନଙ୍କ ବାସସ୍ଥାନରେ, କୃଷକମାନଙ୍କ ଗ୍ରାମରେ, ଆଭିରମାନଙ୍କ ବସ୍ତିରେ, ଶୀକାରୀମାନଙ୍କ ବିଶ୍ରାମ ସ୍ଥଳୀରେ, ଅଚ୍ଛୁଆଁ ଅନ୍ତ୍ୟଜ ଜାତିଙ୍କ କୋଣରେ, ବଜାରରେ ଶୁଦ୍ରଙ୍କ ଗହଣରେ ଇତ୍ୟାଦି ସ୍ଥାନମାନଙ୍କରେ ଦେଖିବାକୁ ମିଳେ ବୋଲି Oppert ଆଲୋଚନା କରିଛନ୍ତି ।

ଗ୍ରାମଦେବତା ବା ଦେବତୀମାନଙ୍କର କୌଣସି ନିର୍ଦ୍ଦିଷ୍ଟ ପ୍ରତିମା ବା ପ୍ରତିମୂର୍ତ୍ତି ସାଧାରଣତଃ ଦେଖିବାକୁ ମିଳେ ନାହିଁ । ଅଧିକାଂଶ ଗ୍ରାମରେ ବୃକ୍ଷମୂଳେ, ମାଟି ଘରେ କିମ୍ବା କ୍ଷୁଦ୍ର ମନ୍ଦିରରେ ସିନ୍ଦୁର ପ୍ରଲେପିତ ପ୍ରସ୍ତରଖଣ୍ଡମାନ ହିଁ ଗ୍ରାମଦେବତୀଙ୍କ ପ୍ରତିମା ଭାବରେ ପୂଜା କରାଯାଇଥାଏ । ଅନ୍ୟ କେତେକ ଗ୍ରାମରେ ମଧ୍ୟ କାରୁକାର୍ଯ୍ୟ ପୂର୍ଣ୍ଣ ଦେବ ଦେବୀ ମୂର୍ତ୍ତିମାନ ପୂଜା କରାଯାଉଥିବାର ଦେଖାଯାଏ । ଏସବୁ ମଧ୍ୟରେ କେତୋଟି ବ୍ୟତିକ୍ରମ ବ୍ୟତୀତ ଅନ୍ୟତ୍ର ଏହି ସୁନ୍ଦର ପ୍ରତିମୂର୍ତ୍ତିମାନ ପରିତ୍ୟକ୍ତ ବା ଭଗ୍ନ ହିନ୍ଦୁ, ବୌଦ୍ଧ ଓ ଜୈନ ମନ୍ଦିରମାନଙ୍କରୁ ଗ୍ରାମବାସୀମାନେ ଆଣି ଗ୍ରାମରେ ସ୍ଥାପନ କରିଥାଆନ୍ତି । ଓଡ଼ିଶାର ରତ୍ନଗିରି ଅଞ୍ଚଳରେ ବିପର୍ଯ୍ୟସ୍ତ ଭାବରେ ପଡ଼ିରହିଥିବା ମହାକାଳ, ଅବଲୋକିତେଶ୍ୱର, ତାରା ଇତ୍ୟାଦି ମୂର୍ତ୍ତିମାନ ନିକଟବର୍ତ୍ତୀ କେତେକ ଗ୍ରାମରେ ଏହିପରି ପୂଜିତ ହେଉଥିବାର ଦେଖାଯାଏ । ଏହିପରି ଭୁବନେଶ୍ୱର ନିକଟର ସୋରୋ ନିକଟବର୍ତ୍ତୀ ସାରୁଗାଁ ଗ୍ରାମ ଓ ବାଲେଶ୍ୱର ସିଂହାଜପୁର ଗ୍ରାମରେ ଅନୁରୂପ ସୁନ୍ଦର ମୂର୍ତ୍ତିମାନ ଅନ୍ୟସ୍ଥାନରୁ ଆଣାଯାଇ ସ୍ଥାପନ କରାଯାଇଛି । ଆହୁରି ମଧ୍ୟ ଦେଖାଯାଏ ଯେ ଏଥିମଧ୍ୟରୁ କେତେକ ମୂର୍ତ୍ତି ପୁରୁଷ ଦେବତା ହୋଇଥିଲେ ହେଁ ଗ୍ରାମବାସୀଗଣ ତାଙ୍କୁ ଦେବୀ ରୂପେ ପୂଜା କରିଥାଆନ୍ତି । ଏଥିରୁ ଗ୍ରାମ୍ୟ ସମାଜରେ ଦେବୀ ପରମ୍ପରାର ପ୍ରଭାବ ସୁସ୍ପଷ୍ଟ ଜଣାପଡେ । ସାଧାରଣତଃ ଯେଉଁ ବୃକ୍ଷମୂଳେ ଗ୍ରାମଦେବତୀ ସ୍ଥାପିତ ହୋଇଥାଆନ୍ତି, ସେ ବୃକ୍ଷର ପତ୍ର କେହି ଛିଣ୍ଡାନ୍ତି ନାହିଁ ଓ ଡାଳ ଭାଙ୍ଗିଗଲେ ସୁଦ୍ଧା ଜାଳେଣି ରୂପେ ବ୍ୟବହୃତ ହୋଇ ନଥାଏ । ଗ୍ରାମବାସୀଙ୍କ ପାଇଁ ଏହି ବୃକ୍ଷ ଅତ୍ୟନ୍ତ ପବିତ୍ର ବୋଲି ଗୃହୀତ ହୋଇଥାଏ । ଗ୍ରାମଦେବତୀଙ୍କ ନିକଟରେ ମାଟିଘୋଡା, ହାତୀ ଇତ୍ୟାଦି ପ୍ରଦାନ କରାଯିବାର ଓଡ଼ିଶାରେ ଓ ବଙ୍ଗଳା ସର୍ବତ୍ର ଦେଖାଯାଏ । ଗ୍ରାମଦେବତା ବା ଦେବତୀଙ୍କ ନିକଟରେ ଏହା ଏକ ଅତି ସାଧାରଣ ଦୃଶ୍ୟ ।

'ପଶୁବଳି' ଗ୍ରାମଦେବତୀଙ୍କ ପୂଜାର ଏକ ବିଶେଷ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାୟ ପ୍ରତ୍ୟେକ ସ୍ଥାନରେ ଉତ୍ସବ ଓ ବିଶେଷ ପୂଜାମାନଙ୍କରେ ଶସ୍ୟଦାନା, ମହୁ, ଫୁଲ, ଫଳ, ପତ୍ର, ସିନ୍ଦୁର ଇତ୍ୟାଦି ସାଙ୍ଗକୁ କୁକୁଡା ଅଣ୍ଡା, କୁକୁଡା, ବୋଦା ବା ମଇଁଷି ବଳି ପ୍ରଦାନ କରି ଗ୍ରାମ ଦେବତୀଙ୍କ ପୂଜା କରାଯାଇଥାଏ । ଅତୀତରେ ଓଡ଼ିଶାର କନ୍ଧ ଓ ନୀଳଗିରି ପର୍ବତମାଳାର ଟୋଡା ସମାଜରେ ନରବଳି ପ୍ରଥା ଥିବାର ମଧ୍ୟ ଦେଖାଯାଏ । ଅରୁଆ ସୂତାକ ଓ ବଳିର ରକ୍ତରେ ଦେବୀଙ୍କର ପୂଜା ସଂପନ୍ନ କରାଯାଇଥାଏ । ପ୍ରତିମାଙ୍କୁ ସୁନା ବା ରୁପାର ଚକ୍ଷୁ, ଟିକା ଆଦି ସାଙ୍ଗକୁ ବିଭିନ୍ନ ପ୍ରକାର ଅଳଙ୍କାର ସ୍ଥାନ ବିଶେଷରେ ପ୍ରଦାନ କରାଯାଇଥାଏ । ବଡ଼ା ଦୁଦୁରା, ନାଲି ମନ୍ଦାର ଓ କଳା ରଙ୍ଗର ପଶୁ ଗ୍ରାମ ଦେବତୀଙ୍କର ଅତି ପ୍ରିୟ -ତେଣୁ ଏହିସବୁ ପୂଜାରେ ବହୁଳ ବ୍ୟବହୃତ ହୋଇଥାଏ । ଗ୍ରାମଦେବତୀଙ୍କ ପୂଜା ସମୟରେ ନିଜ ଗ୍ରାମରର କିମ୍ବା ପଡୋଶୀ ଗ୍ରାମର ହାଡ଼ି, ବାଉରୀ ବା ପାଣ ଇତ୍ୟାଦି ହରିଜନ ଶ୍ରେଣୀୟ ଲୋକମାନେ ମହୁରୀ, ଢୋଲ, ନାଗରା ଓ ମାଦଳ ବଜାଇ ଥାଆନ୍ତି ।

ଗ୍ରାମ ଦେବତୀଙ୍କର ଅସଂଖ୍ୟ ଭକ୍ତ ବା ଅନୁଗତମାନଙ୍କ ମଧ୍ୟରେ ଅଧିକାଂଶ ଦରିଦ୍ର ହୋଇଥିଲେ ମଧ୍ୟ ଗ୍ରାମଦେବତୀଙ୍କର ନିୟମିତ ପୂଜା ଓ ବିଧିବିଧାନ ଇତ୍ୟାଦି ପରିଚାଳନା ନିମନ୍ତେ ଓ ଆବାସ ଆଦି ମରାମତି ନିମନ୍ତେ ଯଥେଷ୍ଟ ଜମିବାଡ଼ି ଖଞ୍ଜାଯାଇଥାଏ । ଉତ୍ସବ ସମୟରେ ଗ୍ରାମର

ଅର୍ଘମାନ ଦିଆଯାଇଥାଏ ହିନ୍ଦୁ ପରମ୍ପରାର ଉତ୍ସବମାନଙ୍କରେ ଗ୍ରାମଦେବତୀଙ୍କ ନିକଟରେ ପୂଜା ଉତ୍ସବାଦି ଅନୁଷ୍ଠିତ ହୋଇଥାଏ । ଏଣୁ ବିବାହ, ବ୍ରତ ଉପନୟନ ଇତ୍ୟାଦି ବ୍ୟତୀତ ବର୍ଷର କେତୋଟି ନିର୍ଦ୍ଦିଷ୍ଟ ସମୟରେ ଗ୍ରାମଦେବତୀ ପୂଜିତା ହୋଇଥାଆନ୍ତି । ଏସବୁ ମଧ୍ୟରେ ଦଶହରା, ପଣାସଂକ୍ରାନ୍ତି ଓ ପ୍ରତ୍ୟେକ ମାସର ସଂକ୍ରାନ୍ତି ପୂଜା ପ୍ରଧାନ । ଏତଦ୍‌ବ୍ୟତୀତ ଗ୍ରାମରେ ମହାମାରୀ ଦେଖାଦେଲେ, ଶସ୍ୟ ବିପତ୍ତି ଦେଖାଦେଲେ, ବର୍ଷା ନ ହେଲେ ଓ ଅନ୍ୟାନ୍ୟ ଦୈବ ଦୁର୍ବିପାକରେ ଗ୍ରାମବାସୀମାନେ ଗ୍ରାମଦେବତୀଙ୍କୁ ଆଶ୍ରାକରି ବିଶେଷ ପୂଜା ଅନୁଷ୍ଠାନ କରିଥାଆନ୍ତି । ଏହାକୁ କଥିତ ଭାଷାରେ କେତେକ ସ୍ଥାନରେ 'ମାନସିକ' ବୋଲି କୁହାଯାଇଥାଏ । 'କାନିସା' ମାଧ୍ୟମରେ ଗ୍ରାମବାସୀଗଣ ଗ୍ରାମଦେବତୀଙ୍କୁ ପ୍ରଶ୍ନ ପଚାରି ଗ୍ରାମର କୁଶଳାଦି ସଂପର୍କରେ ଜ୍ଞାତ ହୋଇଥାନ୍ତି । ବ୍ୟକ୍ତିଗତ ଭାବରେ ଗ୍ରାମବାସୀଗଣ ମଧ୍ୟ ନିଜର ଓ ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ 'ମାନସିକ' ଆଦି କରି ଗ୍ରାମଦେବତୀଙ୍କୁ ସନ୍ତୁଷ୍ଟ କରିଥାଆନ୍ତି । ଏଣୁ ଗ୍ରାମଦେବତୀ ଗ୍ରାମର ରକ୍ଷାକର୍ତ୍ତ୍ରୀ ମା ଭାବରେ ପରିଗଣିତା ହୋଇଥାଆନ୍ତି । ଗ୍ରାମବାସୀଙ୍କର ବ୍ୟକ୍ତିଗତ ତଥା ସାମୂହିକ ପ୍ରାର୍ଥନା ବା ମନସ୍କାମନା ଅନୁସାରେ ଦୁଃଖ ଦୂର ହୋଇଗଲେ ଗ୍ରାମଦେବତୀଙ୍କର ମହିମା ଚତୁର୍ଦ୍ଦିଗରେ ପ୍ରସ୍ତୁରିତ ହୋଇଥାଏ, ପୂଜାରୀ ବା ଦେହୁରୀର ସମ୍ମାନ ବଢ଼େ ଓ ଗ୍ରାମବାସୀଗଣ ଆନନ୍ଦ ମନରେ ପୂର୍ବ ମାନସିକ ଅନୁସାରେ ପୂଜା ଉପହାରମାନ ଗ୍ରାମଦେବତୀଙ୍କୁ ପ୍ରଦାନ କରିଥାଆନ୍ତି ।

ଗ୍ରାମଦେବତୀ ପରମ୍ପରାର ଅନ୍ୟ ଜଣେ ଗବେଷକ ଏସ୍.ସି.ମିତ୍ର ଓଡ଼ିଶାର ବିଭିନ୍ନ ଗ୍ରାମଦେବତୀଙ୍କ ନାମରୁ ସେମାନେ ମୂଳତଃ ବଜ୍ରଯାନ (ବଜ୍ରଯାନ) ଦେବତା ଥିବାର ସୂଚନା ପ୍ରଦାନ କରିଛନ୍ତି । ତାଙ୍କ ମତରେ ବଜ୍ରଯାନ ଦେବୀଗଣ ଯଥା—ମଞ୍ଜୁଘୋଷ, ମଞ୍ଜୁବର, ସିଂହନାଦ, ରକ୍ତସମ୍ଭବ, ବାଗିଶ୍ୱର ଇତ୍ୟାଦି ହିନ୍ଦୁ ଓ ବଜ୍ରଯାନ ପରମ୍ପରାରେ ଅପରିଚିତ ଥିଲେ ହେଁ ସଂପ୍ରତି ସେମାନେ ହିନ୍ଦୁ ଦେବୀ ରୂପେ ସ୍ୱୀକୃତ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜିତା ହେଉଛନ୍ତି । ପୁନଶ୍ଚ ଶ୍ରୀଯୁକ୍ତ ମିତ୍ର ଯାଜପୁର ପ୍ରଗଣାର ବଜ୍ରଣବିନ୍ଧ୍ୟ ମୌଜା ଅନ୍ତର୍ଗତ ଗ୍ରାମଦେବତୀ ବଜ୍ରଣେଇ ଠାକୁରାଣୀଙ୍କର ସେବାୟତ 'ବାରିକ' ଥିବାର ଦର୍ଶାଇ, ବଜ୍ରଣେଇ ପୂର୍ବେ ଅଣ ହିନ୍ଦୁ ଦେବୀ ଥିବାର ଅନୁମାନ କରିଛନ୍ତି । ଓଡ଼ିଶାରେ ପ୍ରଚଳିତ ଗ୍ରାମଦେବତୀମାନେ ଯଥା:— ବାସୁଳେଇ (ବାସୁଳି), ବାସୁଳେଈ, ପଣଶାଣ (ପର୍ଣ୍ଣଶବରୀ), ବଜ୍ର-ମହାକାଳ-ଠାକୁରାଣୀ ଇତ୍ୟାଦିଙ୍କ ନାମରୁ ଏମାନେ ମୂଳତଃ ବଜ୍ରାୟନ ଦେବତୀ ଥିବାର ଜଣାଯାଏ । ଖୋର୍ଦ୍ଧାର ବଜ୍ରଣେଇ ଓ କରୁଣେଇ ଦୁଇଭଉଣୀଙ୍କ ସଂପର୍କରେ ସୂଚନା ଦେଇ ସେମାନେ ବଜ୍ରାୟନ ପରମ୍ପରାର ଦେବୀ ଓ କାଳକ୍ରମେ ପ୍ରସିଦ୍ଧି ଲାଭ କରି ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜିତା ହେଉଥିବାର ଶ୍ରୀଯୁକ୍ତ ମିତ୍ର ଆଲୋଚନା କରିଛନ୍ତି ।

ପରିଶେଷରେ, ଉପରଲିଖିତ ଆଲୋଚନା କ୍ରମେ ଏତିକି କୁହାଯାଇପାରେ, ଦେବଦେବୀ ଉପାସନାର ପରମ୍ପରା ବହୁକାଳରୁ ହିନ୍ଦୁସମାଜରେ ପ୍ରଚଳିତ ହୋଇଆସୁଛି ଓ 'ଧର୍ମ' ହିଁ ହିନ୍ଦୁ ସମାଜର ମେରୁଦଣ୍ଡ ଭାବେ ଗୃହୀତ ହୋଇଛି । ବୈଦିକ ପରମ୍ପରା ଓ ପୁରାଣଯୁଗୀୟ ପରମ୍ପରାର ଦେବ ଦେବୀଗଣଙ୍କୁ ନେଇ ଯେପରି ସମଗ୍ର ଦେଶ, ଜାତି ପାଇଁ ଏକ ମହାଭାରତୀୟ ପରମ୍ପରାର ଉଦ୍ଭବ ହୋଇଛି, ସେପରି ଗ୍ରାମ ବହୁଳ ଏହି ଦେଶର ସ୍ୱାବଲମ୍ବୀ ଗ୍ରାମ୍ୟ ସମାଜରେ ଅନୁରୂପ ଏକ କ୍ଷୁଦ୍ର ପରମ୍ପରା 'ଗ୍ରାମ ଦେବତୀଙ୍କୁ' କେନ୍ଦ୍ର କରି ଗଢ଼ି ଉଠିଛି । ପାରିବାରିକ ଜୀବନରେ କୁଳ ଦେବତା ବା ଇଷ୍ଟ ଦେବତାଙ୍କ ଭୂମିକା ଯେପରି ଗୁରୁତ୍ୱପୂର୍ଣ୍ଣ, ଗ୍ରାମ୍ୟ ଜୀବନରେ ଗ୍ରାମ୍ୟ ଦେବତୀଙ୍କର ଭୂମିକା ଠିକ୍ ସେହିଭଳି ଅତ୍ୟାବଶ୍ୟକ କହିଲେ ଅତ୍ୟୁକ୍ତି ହେବନି । ସଂପ୍ରତି ଗ୍ରାମ୍ୟ ଜୀବନରେ ଯଦିଓ ବିଭିନ୍ନ କାରଣରୁ ଗ୍ରାମଦେବତୀଙ୍କ ପ୍ରାଧାନ୍ୟ କିଛିଟା ହ୍ରାସ ପାଇଛି, ହିନ୍ଦୁ ଗ୍ରାମ୍ୟ ଜୀବନର ମୌଳିକ ସଂଗଠନକୁ ଲକ୍ଷ୍ୟ କଲେ 'ଗ୍ରାମଦେବତୀ' ଯେ ଏହାର କେନ୍ଦ୍ର ବିନ୍ଦୁ, ଅତିରେ କହିହେବ । 'ଗ୍ରାମଦେବତୀ' ରକ୍ଷାକର୍ତ୍ତ୍ରୀ ମା ହିସାବରେ ଗ୍ରାମଜୀବନକୁ ପ୍ରକୃତ ପକ୍ଷେ

ଭୟଶୂନ୍ୟ, ବିପଦମୁକ୍ତ କରନ୍ତୁ ବା ନାହିଁ ପଛେ, ତାଙ୍କ ପ୍ରତି ଥିବା ଭୟ, ସଚେତନତା ଓ ଦୃଢ଼ ବିଶ୍ୱାସ ହେତୁ ଗ୍ରାମ୍ୟ ଜୀବନରେ ଶାନ୍ତି, ଶୃଙ୍ଖଳା ଓ ସଂହତିର ପ୍ରତିଷ୍ଠାସମ୍ଭବ ହୋଇଥାଏ । ଏଣୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଗ୍ରାମଦେବତୀ ଗ୍ରାମବାସୀଙ୍କର ସଂଯତ ଜୀବନଯାପନ, ସୁଚରିତ୍ର ଗଠନ ଓ ସହଯୋଗ ମନୋବୃତ୍ତିର ପରିପୂରକ ବୋଲି କୁହାଯାଇପାରେ । ବାସ୍ତବରେ 'ଗ୍ରାମଦେବତୀ' ହିଁ ଗ୍ରାମ୍ୟ ଜୀବନରେ ନିବିଡ଼ ଐକ୍ୟର ପ୍ରତୀକ ।

ସହାୟକ ଗ୍ରନ୍ଥସୂଚୀ–
(୧) ଓଡ଼ିଶାର ଲୋକ ସଂସ୍କୃତି, ୧୯୭୮-ସଂପାଦନା, ଓଡ଼ିଶା ଲୋକକଳା ... ଭୁବନେଶ୍ୱର, ପୃ:୪୪ ଓ ୭୦ ।
(୨) ଆଦିବାସୀ – ପ୍ରଥମଭାଗ, ୧୯୫୬– ଆଦିବାସୀ ଗ୍ରାମମଙ୍ଗଳ ବିଭାଗ ... ସରକାର, ପୃ: ୨୩ ।
(୩) ଓଡ଼ିଶାରେ ପ୍ରତତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ, ୧୯୬୯ – ପଦ୍ମଶ୍ରୀ ... ଆଚାର୍ଯ୍ୟ, ପୃ: ୨୧୩ ।
(୪) The Or... Inhabitant of India—1972—Gustav Oppert P:450
(୫) Hindu Culture and Personality—1977— ... Spratt, P. 245
(୬) Article on "The Cult of the Village Gods of West Bengal by Ashutosh B... Charya—Published in 'Man in India', 1955—Vol. 35, P. 19.
(୭) Articleon "Some Village Daiti... the Neighbourhood of Khurda"—Published in Man in India, 1931, Vol. XI, No. I by S. C. Mitra
(୮) The Rigveda and Vedic Religion:—1980—A. C. Clayton, P. 55
(୯) Ancient India—198... S. Sharma, NCERT.

ପ୍ରତ୍ନତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର-୭୫୧୦୦୪



# ସର୍ବେ ହୋଇଣ ଏକ ମୁଖ

ଶ୍ରୀ ନରହରି ଉପାଧ୍ୟାୟ

ଅଧୁନାତନ ସଂସାରର ରୂପ ଯେପରି ବିଚିତ୍ର ସେହିପରି ଭୟଙ୍କର । ଆଜିର ସୁସଭ୍ୟ-ଶିକ୍ଷିତ ମଣିଷ ତା'ର ଦୟା-ମାୟା, ବିବେକ-ବିସ୍ମର, ସର୍ବୋପରି ମାନବିକତାକୁ ହରାଇ ସ୍ୱଭାବତଃ-ହିଂସ୍ର ଶ୍ୱାପଦ ପ୍ରାଣୀକୁ ବହୁ ଯୋଜନ ପଛରେ ପକାଇ ଆଗେଇ ଚାଲିଛି । ମାତ୍ର ମଣିଷ ଜାତି ଭାଗ୍ୟରେ ବିଡ଼ମ୍ବନା ହେଉ ବା ବିଧିର କ୍ରୂର ପ୍ରତାରଣା ହେଉ, ଏଭଳି ଅଗ୍ରଗତିକୁ ଆଜି କୁହାଯାଉଛି । ଦିନକୁ ଦିନ ବ୍ୟକ୍ତି ଚରିତ୍ର ହେଉଛି ଅଧଃଗାମୀ । ବିଶୃଙ୍ଖଳା ସମାଜ । ସର୍ବତ୍ର ସଂଘର୍ଷର ବାତାବରଣ । ସ୍ୱଗିଥାଏ ଖାଲି ବିଭୀଷିକା । ସମାଜ ତା'ର ସ୍ୱାଭାବିକ ଗତିଶୀଳତାକୁ ହରାଇ ଧ୍ୱଂସରୂପ ଅପ୍ରୟେଗିରି ଆଡକୁ ପ୍ରଧାବିତ ହେଉଥିବା ବେଳେ ତାକୁ ଶ୍ରବଣ ମଧୁର ଆତ୍ମତୃପ୍ତିକର 'ପ୍ରଗତିଶୀଳ' ସଂଜ୍ଞା ଦ୍ୱାରା ବିଶେଷିତ କରାଯାଉଛି । ହାୟ ଦୁର୍ଦ୍ଦୈବ !!

ବସ୍ତୁବିଜ୍ଞାନ ହାସଲ୍ କରିଛି ଚରମ ସାଫଲ୍ୟ । ଝଲସି ଉଠେ ଆଖି, କମ୍ପି ଉଠେ ପ୍ରାଣ । ପର ମୁହୂର୍ତ୍ତରେ ତାର ଅନ୍ତରାଳରୁ ଶୁଣାଯାଏ ବିକଟର ଅଟ୍ଟହାସ୍ୟ । ସୂତାଖିଅରେ ଝୁଲୁଛି ମଣିଷର ଜାତିଟାର ଭାଗ୍ୟ । ବିମୁଗ୍ଧିନ ପୂର୍ବକ ସେ ଚିନ୍ତା କରି ବସେ ତା'ର ସୁଖ-ସ୍ୱାଚ୍ଛନ୍ଦ୍ୟର ଅତୀତ, ଆବେଗ-ଉଦ୍‌ବେଗଭରା ବର୍ତ୍ତମାନ ଓ ଅନିଶ୍ଚିତ ଭବିଷ୍ୟତ । ମନେ ହେଉଛି, ଆମେ ଏକ ଯୁଗ ସନ୍ଧିକ୍ଷଣରେ ପହଞ୍ଚି ଗଲୁଣି କି ? ଆଶଙ୍କା ଭିତ୍ତିହୀନ ନୁହେଁ । ଏଯୁଗର ମଣିଷ ହାତକୁ ଏତେ ଶକ୍ତି ଆସି ଯାଇଛି ଯେ, ତାର ଦୁରୁପଯୋଗ ହେବାର ଆଶଙ୍କା ପ୍ରତି ମୁହୂର୍ତ୍ତରେ ଘନୀଭୂତ ହୋଇଉଠେ । ଚରାଚର ମରସୃଷ୍ଟି ଗୋଟାଏ ଆଣ୍ୱିକ୍ୟ ମେଦିନୀ ବ୍ୟାପୀ ବିରାଟ ବାରୁଦ ସ୍ତୁପ ଉପରେ ବସିଲାଣି । କେଉଁ ମୁହୂର୍ତ୍ତରେ ଅଗ୍ନିକଣ ବିସ୍ଫୋରଣ ଘଟି ମହାପ୍ରଳୟ ସଂଘଟିତ ହୋଇଯିବ, କିଏ କହିବ ? ଏକା ସୃଷ୍ଟିର କର୍ତ୍ତା-ହର୍ତ୍ତା-ବିଧାତା ଭଗବାନଙ୍କୁ ହିଁ ଜଣା ସେ କାଳବେଳ । ସେବେ ପରିସ୍ଥିତିକୁ କଳନା କରି ହେଉ ବା ସେହି ଦୈବୀଶକ୍ତିର ନିର୍ଦ୍ଦେଶନାରେ ହେଉ ଦେଶ ବିଦେଶର ବହୁ ବୈଜ୍ଞାନିକ ଓ ଭବିଷ୍ୟତ ଦ୍ରଷ୍ଟା କହିଛନ୍ତି ଧରାପୃଷ୍ଠରେ ଏକ ମହା ବିନାଶକାଳ ଉପସ୍ଥିତ ହେବ । ଏକବିଂଶ ଶତକର ଉପସ୍ଥିତ ମାନବ ସଭ୍ୟତା ଅଚିରେ ଲୋପ ହୋଇ ଏକ ନୂତନ ମାନବ ସଭ୍ୟତାର ଅଭ୍ୟୁଦୟ ହେବ । ସେହି ଅନିବାର୍ଯ୍ୟ ଧ୍ୱଂସ କାଳକୁ ଖ୍ରୀ: ୧୯୮୨ ଠାରୁ ୨୦୦୦ ମଧ୍ୟରେ ନିର୍ଦ୍ଦିଷ୍ଟ କରାଯାଇଛି । ଆମର ଯେଉଁ ପ୍ରାଚୀନ ସନ୍ଥମାନଙ୍କର ଉପହାସର ସାମଗ୍ରୀ ହୋଇଥିଲା, ଏବେକୁ ସେ ହେଲାଣି ଆଦରର ଧନ ।

ବର୍ତ୍ତମାନର ତଥାକଥିତ ସଭ୍ୟ ମଣିଷର ଅନୀତି-ଅନାଚାର-ଦୁଷ୍ପ୍ରବୃତ୍ତି ହେତୁ ଅଶାନ୍ତି ଉପଦ୍ରବ ବଢ଼ି ଚାଲିଛି । ପ୍ରତିଷ୍ଠିତ ସୁଖଦ ଜୀବନଧାରା, ସ୍ଥିରମାନ ପରମ୍ପରାଦି ଅବିମୃଶ୍ୟକାରିତା ନିଷ୍ଠୁର ଆଘାତରେ ଦଳିମକଚି ହୋଇଯାଇଛି । ବ୍ୟକ୍ତିର ସମଷ୍ଟି ସମାଜ । ବ୍ୟକ୍ତି ଚରିତ୍ରରେ, ସମାଜରେ ତଥା ଶାସନରେ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଆଉ ନାହିଁ କହିଲେ ଚଳେ । ଆମ ପୁରାଣବର୍ଣ୍ଣିତ ଘୋର କଳିର ପ୍ରଭାବ କ୍ଷେତ୍ରେ କ୍ଷେତ୍ରେ ଅନୁଭୂତ । ବିକୃତ ହୋଇଯାଉଛି ମଣିଷର ପ୍ରକୃତି ଏବଂ ତଦନୁସାରେ ବିକଶିତ ହେଉଛି ତା'ର କଦାକାର ବ୍ୟକ୍ତିତ୍ୱ ଓ ବିଚିତ୍ର ମତି-ଗତି । ମହତ୍ ବ୍ୟକ୍ତିତ୍ୱ ଗଠନ ପାଇଁ ଆବଶ୍ୟକ ଆଧ୍ୟାତ୍ମିକ ପ୍ରେରଣା । କେବଳମାତ୍ର ସତ୍‌ପ୍ରବୃତ୍ତିର ଅଭିବୃଦ୍ଧି ଘଟିଲେ, ନିଃସନ୍ଦେହତଃ ମାନବ ସମାଜ ପାଇଁ ଶାନ୍ତି ଓ ପ୍ରଗତିର ଦ୍ୱାର ମୁକ୍ତ ହୋଇଯିବ ।

ଧର୍ମ ଓ ଆଧ୍ୟାତ୍ମିକତା ସମ୍ବନ୍ଧରେ ବହୁ ଆଳାପ-ଆଲୋଚନା କରାଯାଉଛି । ମାତ୍ର ତାକୁ ହୃଦୟଙ୍ଗମ କରି ଆଚରଣରେ ପ୍ରମାଣିତ କରିବା ପାଇଁ ବଳିଷ୍ଠ ଚେଷ୍ଟା ବା ଆନ୍ତରିକ ସ୍ପୃହା ଦେଖାଯାଉ ନାହିଁ । ଏଥିପାଇଁ ମଧ୍ୟ ପ୍ରେରଣାର ଆବଶ୍ୟକତା ରହିଛି । ଆମ ଭାରତବର୍ଷ କଥା କୁହାଯାଉ । ଏ ଧର୍ମ ପ୍ରାଣ ଦେଶର ନାଗରିକ ଥିଲେ ଦେବୋପମ । ଦେବଦୁର୍ଲ୍ଲଭ ନରଜନ୍ମର ସାର୍ଥକତା କେଉଁଠି ସେ ବୁଝେ । ପୁଣି ବିଭ୍ରାନ୍ତ ପଥଭ୍ରଷ୍ଟ ହୁଏ କାହିଁକି ? ବିଶ୍ୱ ପାରିପାର୍ଶ୍ୱିକ ପ୍ରଭାବରୁ ତା'ର ଏ ଦୁର୍ଗତି ।

ବ୍ୟକ୍ତି ଓ ସମାଜର ଉନ୍ନତି ସାଧନ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଜନ୍ୟେ ଜନସାଧାରଣଙ୍କ ମଧ୍ୟରେ ଆସ୍ଥା ସୃଷ୍ଟି କରିବା ଦରକାର । ଆମର ସଂସ୍କାର, ସଂସ୍କୃତି ସବୁ ରହିଛି, ମାତ୍ର ଅଭାବ ଘଟିଛି ପ୍ରେରଣାର । ପ୍ରଥମେ ପ୍ରାଣଶକ୍ତିକୁ ଜାଗ୍ରତ କରାଇବାକୁ ହେବ । ଚରିତ୍ର ନିଷ୍ଠାରୁ ବ୍ୟକ୍ତି ନିଷ୍ଠା ଏବଂ ସମାଜ ନିଷ୍ଠା ଜାଗ୍ରତକାରୀ ଧର୍ମଧାରଣା ସୃଷ୍ଟି କରାଯାଇ ନ ପାରିଲେ ସମସ୍ତ ପ୍ରୟାସ ବୃଥା । କେବଳ ଆଧ୍ୟାତ୍ମଶକ୍ତିର ତଥା ନୈତିକ ପରିବେଶର ବିକାଶ ସାଧନ ଦ୍ୱାରା ହିଁ ସଚରାଚର ପରିବ୍ୟାପ୍ତ ବିଷାକ୍ତ ବାତାବରଣକୁ ପରିଶୋଧିତ କରାଯାଇପାରେ, ଅନ୍ୟଥା ନୁହେଁ । ଲୋକଚରିତ୍ର ସମୁନ୍ନତ ହେଲେ, ସାମାଜିକ ଶୃଙ୍ଖଳା ବଳେ ଆସିଯିବ । ଅବଶ୍ୟ ଏ ଗୋଟିଏ କଠିନ କାର୍ଯ୍ୟ । ଏଥିପାଇଁ ବ୍ୟକ୍ତି ପ୍ରୟାସ ଯଥେଷ୍ଟ ନୁହେଁ । ସାମୂହିକ ସାଧନା ହିଁ ହେବ ଉପଯୁକ୍ତ ପନ୍ଥା ।

ମଣିଷ ସ୍ୱଭାବତଃ ଗୋଷ୍ଠୀବଦ୍ଧ ପ୍ରାଣୀ । ଏକକ ସାଧନାରେ ସେ ଉପକୃତ ହୋଇପାରେ । ଏକକ ପ୍ରାପ୍ତିଟି ବ୍ୟକ୍ତିଗତ ଲାଭ ତା'ର ନିଜସ୍ୱ । ସର୍ବାଙ୍ଗୀନ ଉନ୍ନତିର ବ୍ୟକ୍ତିର ଲକ୍ଷ୍ୟ ସିଦ୍ଧି । କିନ୍ତୁ ତା' ଦ୍ୱାରା ସମସ୍ତ ମାନବ

ସମାଜର କଲ୍ୟାଣ ସାଧନ ହୁଏ ନାହିଁ । ଜଣକର ଉନ୍ନତି କାମ୍ୟ ନୁହେଁ, ଗଣ ଉନ୍ନତି ହିଁ କାମ୍ୟ । ବର୍ତ୍ତମାନ ସାମୂହିକ ସାଧନାର ଏକାନ୍ତ ଆବଶ୍ୟକତା ଅନୁଭୂତ ହୁଏ । ଏହି ଆବଶ୍ୟକତାକୁ ପୂରଣ କରି ସମାଜକୁ ଉପଯୁକ୍ତ ଦିଗ୍ ଦର୍ଶନ ଦେବା ପାଇଁ ଉତ୍ତମ ପାତ୍ର କିଏ ?

ଭଗବାନ ସତ୍ୟ ସ୍ୱରୂପ । ଧର୍ମାଚାର୍ଯ୍ୟ ମହାପୁରୁଷମାନେ ପୁରୁଷୋତ୍ତମ ଭଗବାନଙ୍କର ଅଂଶାବତାର । ଆଧ୍ୟାତ୍ମ ସତ୍ୟକୁ ସେମାନେ ହିଁ ଧାରଣ କରିଥାନ୍ତି । ମତ୍ସ୍ୟ ମହାପୁରାଣୋକ୍ତିରେ, ''ସତ୍ୟଂ ହି ସନ୍ତଃ ପ୍ରତିପୂଜୟନ୍ତି'' ଅର୍ଥାତ୍ ସାଧୁପୁରୁଷ ସଦା ସତ୍ୟକୁ ହିଁ ଆଦର କରନ୍ତି । ଆମରି ପରି ଶରୀର ଧାରୀ ହେଲେ ହେଁ, ସେମାନଙ୍କର ଚେତନା ଆମଠାରୁ ବହୁ ଊର୍ଦ୍ଧ୍ୱରେ । ଆଧ୍ୟାତ୍ମ ହେଉଛି ଯଥାର୍ଥ ସତ୍ୟ; ନୈତିକତା ତା'ର ପ୍ରଭାବ ମାତ୍ର । ଅତଏବ ସତ୍ୟପ୍ରତିଷ୍ଠ ସାଧୁସମାଜର ସାମୂହିକ ଶକ୍ତି, ସମଷ୍ଟିଗତ ପ୍ରଚେଷ୍ଟା, ନୈତିକ ପ୍ରଭାବ ଓ ବଳିଷ୍ଠ ଆଧ୍ୟାତ୍ମିକ ପ୍ରେରଣା ପଥଭ୍ରଷ୍ଟ ସମାଜକୁ ସୁଧାରିବା ସଙ୍ଗେ ବିଶ୍ୱକଲ୍ୟାଣ ସାଧନ କରି ପାରିବ, ଏହା ନିଶ୍ଚିତ ।

ପୁନଶ୍ଚ ଏ କଥା ଚିନ୍ତା କଲା ବେଳକୁ ଆମେ ସ୍ୱଳ୍ପଶକ୍ତି କ୍ଷୁଦ୍ରବୁଦ୍ଧି ସମ୍ପନ୍ନ ମଣିଷ ହେଉଁ ହତବୁଦ୍ଧି । ଏକକ ତତ୍ତ୍ୱର ବିକାଶ ରୂପ, କଲ୍ୟାଣ ପୁରୁଷଗଣ୍ୟ ସାଧୁସନ୍ଥଗଣ ସମ୍ପ୍ରଦାୟ ଭେଦରେ ବହୁଧା ବିଭକ୍ତ ଏବଂ ଦୀର୍ଘପ୍ରଜ୍ଞ ଆର୍ଯ୍ୟ ଭୂଖଣ୍ଡରେ ସର୍ବତ୍ର ପରିବ୍ୟାପ୍ତ । ସେମାନଙ୍କୁ ସମବେତ ଓ ସହମତ କରାଯାଇପାରେ କିପରି ? ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ କଳିଯୁଗର ଅନ୍ତିମ ପର୍ଯ୍ୟାୟରେ ଯାହା ଯାହା ସବୁ ଘଟିବ ସେ ସବୁ ବୟାନ କରି ସାରି ଉପସଂହାରରେ ଲିପିବଦ୍ଧ କରିଯାଇଛନ୍ତି—

''ଦଣ୍ଡକ ଭିତରେ ଖଣ୍ଡଗିରିଠାରେ
ସିଦ୍ଧ ସାଧୁ ହେବେ ମେଳ ହୋ,
ଶୁଦ୍ଧ ପ୍ରେମ ଭକ୍ତି ହୃଦେ ଯେ ଜାଣନ୍ତି
(ସେ) ଦେଖିବେ ପ୍ରଭୁ ପୟର ହୋ'' ।

ଏବେଠୁଁ ସେ ଶୁଭ ସମ୍ମେଳନ ଅନୁଷ୍ଠିତ ହୋଇ ପାରିଲେ ନିଶ୍ଚିତଭାବେ ଜନକଲ୍ୟାଣ ସାଧିତ ହୋଇପାରନ୍ତା । ପ୍ରୟାଗ, ଗଙ୍ଗାସାଗର, ହରଦ୍ୱାର ପ୍ରଭୃତି ସ୍ଥାନରେ ବିଭିନ୍ନ ମେଳା ଉପଲକ୍ଷେ ବିରାଟ ସାଧୁ ସମାବେଶ ହୋଇଥାଏ । ଦେବଭୂମି ଓଡ଼ିଶାର କୋଣେ କୋଣେ ବହୁ ସଂଖ୍ୟକ ଉଚ୍ଚକୋଟୀର ସାଧୁସନ୍ଥ ବିଦ୍ୟମାନ ଥିଲେ ହେଁ, ସର୍ବଧର୍ମ ସମନ୍ୱୟବାଦ ପ୍ରଧାନ ଜଗନ୍ନାଥ ଦେଶରେ କୁତ୍ରାପି ଗୋଟିଏ ସାଧୁ ସମାବେଶର ଅବକାଶ ସୃଷ୍ଟି କରାଯାଇପାରେ ନାହିଁ । ଏବେ ଖଣ୍ଡଗିରିରେ ସେପରି ଏକ ସୁମହତ୍ ଉଦ୍ୟମ ଆରମ୍ଭ ହୋଇଥିବା ଆଶା ଓ ଆଶ୍ୱାସନାର କଥା । ପୂର୍ବେ ଖଣ୍ଡଗିରି କୁମ୍ଭମେଳା ଉପଲକ୍ଷେ ସେଠାରେ ସାଧୁମେଳାନୁଷ୍ଠାନର ପରମ୍ପରା ପ୍ରତିଷ୍ଠିତ ଥିବା ଜଣାଯାଏ । ଏବେ ଦେଖାଯାଏ, ଖଣ୍ଡଗିରି ଶିଖର ଦେଶରେ ଗୋଟିଏ ଖୋଲା ଟାଙ୍ଗର ସମତଳଭୂମି ଅଛି । ସେଠାରେ ଛୋଟ ଛୋଟ ଉପଲ ଖଣ୍ଡମାନ ଥାକ ଥାକ ହୋଇ ଧାଡ଼ିକି ଧାଡ଼ି ରହିଥାଏ । ପ୍ରତ୍ୟେକ ଆଗନ୍ତୁକ, ଭକ୍ତିରେ ହେଉ ବା ପରମ୍ପରାକୁ ସମ୍ମାନ ଦେଖାଇ ହେଉ, ସ୍ତୂପ ଉପରେ ଆଉ ଖଣ୍ଡେ ଖଣ୍ଡେ ଗୋଡ଼ି ପଥର ସ୍ଥାପନ କରିବାର ଲୋଭ ସମ୍ବରଣ କରିପାରେ ନାହିଁ । ଲୌକିକ ବିଶ୍ୱାସରେ ସେ ହେଉଛି ଦେବସଭା । ସମ୍ଭବତଃ ଖଣ୍ଡଗିରିରେ ଚିରାଚରିତ ଦେବୋପମ ସାଧୁସନ୍ଥଙ୍କ ସମାବେଶର ପ୍ରତୀକାତ୍ମକ ସ୍ମାରକୀ—ଜନଶ୍ରୁତିର ଏ ଦେବସଭା । 'ଜଗଦ୍ଧିତାୟ' ହେଉଛି ସନାତନୀ ଚିନ୍ତା । ସନାତନ ଧର୍ମାଦର୍ଶ ହେଲା ପ୍ରତ୍ୟେକ ପ୍ରାଣୀକୁ ସୁଖୀ କରାଇବା । ବୈଦିକଯୁଗର ମନ୍ତ୍ରଦ୍ରଷ୍ଟା ମୁନିଋଷିଗଣ ଶ୍ରେଷ୍ଠମାର୍ଗର ସନ୍ଧାନ କରିବା ବିନା ନିଜପାଇଁ କୌଣସି ଶ୍ରେଷ୍ଠ ଆକାଂକ୍ଷା ପୋଷଣ କରୁ ନ ଥିଲେ । ସେଥିପାଇଁ ସେମାନଙ୍କ କଣ୍ଠରୁ ଝଙ୍କୃତ ହେଉଥିଲା ଜଗତ୍‌କଲ୍ୟାଣମୟୀ ଶାନ୍ତିବାଣୀ— ''ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା । ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ୍ ଦୁଃଖଭାକ୍ ଭବେତ୍'' । ପୂର୍ବ ସନ୍ଥ ମହାତ୍ମାଗଣ ସୁଖ ପ୍ରାପ୍ତିର ଶୋଭନୀୟ ମାର୍ଗ ପ୍ରଦର୍ଶନ... ଆସିଛନ୍ତି । ଆମ ସମାଜ ଆଜି ରୋଗବ୍ୟାଧି, ଶୋକସନ୍ତାପ, ... ଉପଦ୍ରବରେ ଜର୍ଜରିତ । ତା'ର କାରଣ ଆମେ ସାମାଜିକଭାବେ ... କୁଟିଳ, ଅଧର୍ମ ପଥରେ ଅନ୍ଧଯାତ୍ରୀ ସାଜିଛୁ । ସତ୍‌ପଥରୁ ବିଚ୍ୟୁତ, ... କର୍ମରୁ ବିରତ ଏବଂ ନିକୃଷ୍ଟ ମାର୍ଗରେ ପରିଚାଳିତ ହେବାରୁ କାମକ୍ରୋ... ରିପୁଦ୍ୱାରା ସର୍ବତୋଭାବେ କବଳିତ ହୋଇ ପ୍ରତି ମୁହୂର୍ତ୍ତରେ ନିଜେ ... ହତ୍ୟା କରୁଛୁ । ଆମେ ବର୍ତ୍ତମାନ ଚିତାଗ୍ନିରେ ନୁହେଁ, ... ଚିନ୍ତାଗ୍ନିରେ ଦଗ୍ଧୀଭୂତ । ଭାରାକ୍ରାନ୍ତ ମନ ଶରୀର ଉଦ୍ବେଗ ... ପ୍ରତିକ୍ରିୟା ସୃଷ୍ଟିକରେ । ଏହାର ପ୍ରତିକାର ପାଇଁ ଲୋକେ ଔଷଧ ବା ... ନିଶା ମାଦକର ଆଶ୍ରୟ ନେଉଥାନ୍ତି, ଯାହାକି ଉଚିତ ସମାଧାନ ... ଏପରି ଅପଚିନ୍ତା ଅପପନ୍ଥା ଅଶାନ୍ତିର ଅଭିବୃଦ୍ଧି ଘଟାଏ ସିନା, ... ଦେଇପାରେ ନାହିଁ । ସର୍ବଧର୍ମର କାମ୍ୟ ଶାନ୍ତି । ଜୀବନର ସୁଖ... କାମନା କେବଳ ଐହିକ ନୁହେଁ, ପାରତ୍ରିକ । ଏଥିପାଇଁ ଚେତନା ସୃଷ୍ଟି... ନିଷ୍କୃତିର ରାହା ଦେଖାଇ ପାରିବେ ସେହି ଚିରଶାନ୍ତି ପ୍ରିୟ ମହ... ମହାପୁରୁଷଗଣ । ସେ ସରଳ ସୁଗମ ରାହାଟି ହେଉଛି ନୈମି... ସ୍ୱଧର୍ମାଚରଣ ଅଭ୍ୟାସ ଓ ଈଶ୍ୱର ପ୍ରାର୍ଥନା ।

ସ୍ୱାମୀ ଶିବାନନ୍ଦ କହନ୍ତି, ''ପ୍ରାର୍ଥନା ଏକ ବଳିଷ୍ଠ ଆଧ୍ୟାତ୍ମିକ ଶ... ଆତ୍ମାର ଆଧ୍ୟାତ୍ମିକ ଖାଦ୍ୟ । ପ୍ରାର୍ଥନା ହେଉଛି ସେହି ଅଦ୍ଭୁତ ... ଯାହାଦ୍ୱାରା ଐଶୀଶକ୍ତି ମାନବ ଧମନୀକୁ ପ୍ରବାହିତ ହୁଏ । ନ... ନାରାୟଣରେ ପରିଣତ ହୁଏ'' । ସମସ୍ତ ପ୍ରକାର ଜୀବନଯନ୍ତ୍ରଣା ପ୍ରାର୍... ଦ୍ୱାରା ହିଁ ଉପଶମ ହୋଇଥାଏ । ମାତୃଶକ୍ତିର ପ୍ରସନ୍ନତା ପାଇଁ ପଠି... ଗାୟତ୍ରୀ ମନ୍ତ୍ର ହିଁ ଏକ ପ୍ରାର୍ଥନା । ସେଥିରେ ପ୍ରଯୁକ୍ତ 'ଧୀମହି' ... 'ପ୍ରଚୋଦୟାତ୍' ଶବ୍ଦଦ୍ୱୟ ସଦ୍‌ବିବେକ ଓ ସତ୍‌ପ୍ରେରଣା ପ୍ରଦାନ ପା... ପରମାତ୍ମ ଶକ୍ତିଙ୍କ ଉଦ୍ଦେଶ୍ୟରେ ବିନୀତ ନିବେଦନ । ବେଦରେ ''ସ... ନାବବତୁ, ସହ ନୌ ଭୁନକ୍ତୁ, ସହବୀର୍ଯ୍ୟଂ କରବାବହୈ, ତେଜସ୍ୱି... ନାବଧୀତମସ୍ତୁ, ମା ବିଦ୍ୱିଷାବହୈ'' ଇତ୍ୟାଦି ଶାନ୍ତିବାଣୀରେ ସମ୍ପୂ... ଶାନ୍ତିମୟ ଜୀବନ ପାଇଁ ପ୍ରାର୍ଥନାର ବୀଜ ସୂତ୍ର ନିହିତ । ସମାଜରେ କେହି ... କାହାରି ପ୍ରତି ବିଦ୍ୱେଷ ଭାବ ପୋଷଣ ନ କରି ପାରସ୍ପରିକ ସମ୍ପର୍କର ଉନ୍ନ... ପାଇଁ ଏ ମନ୍ତ୍ରରେ ପ୍ରେରଣା ଦିଆଯାଇଛି ।

''ନମୋନାରାୟଣାୟେତି ମନ୍ତ୍ରଃ ସର୍ବାର୍ଥ ସାଧକଃ'' ।

ସର୍ବମଙ୍ଗଳମାଙ୍ଗଲ୍ୟ ବରେଣ୍ୟ ବରଦପ୍ରଭୁ ନାରାୟଣ ସର୍ବ... ସିଦ୍ଧିଦାତା । ମାନବ ଜାତିର ଏ ଦୁର୍ଦ୍ଦିନର ଅବସାନ ପାଇଁ, ବିଶ୍ୱବ୍ୟାପୀ ... ଧର୍ମବିପ୍ଳବର ନିରାକରଣ ଏବଂ ଶାନ୍ତିସ୍ଥାପନ ପାଇଁ ଆମେ ସବୁ ଏକଯୁ... ହୋଇ ସେହି ନାରାୟଣଙ୍କୁ ହିଁ ଡାକିବା—

ଓଁ ନମୋ ନାରାୟଣାୟ ।

କ୍ଷେତ୍ରନିବାସ
ପ୍ଲଟ୍ ନଂ ୪୨.୪/ଶହୀଦନଗର
ଭୁବନେଶ୍ୱର-୭ (୭୫୧୦୦୭)

# ରୋଗ ନିବାରଣ ଓ ନିରାକରଣ

ଶ୍ରୀ ଲକ୍ଷ୍ମୀନାରାୟଣ ରାଉତରାୟ

**ରୋ**ଗ ମନୁଷ୍ୟର ପ୍ରଧାନ ଶତ୍ରୁ । ଏହା ମନୁଷ୍ୟର ଶାନ୍ତିକୁ ବିଶେଷଭାବେ ବ୍ୟାହତ କରିଥାଏ । ପ୍ରତ୍ୟେକ ମନୁଷ୍ୟ ତା'ର ଜୀବନକାଳ ମଧ୍ୟରେ ରୋଗରେ ପୀଡ଼ିତ ହେବା ଏକ ପ୍ରକାର ଧ୍ରୁବ ସତ୍ୟ । ଏଥିରୁ ଜଣେ ହେଲେ କେହି ନିସ୍ତାର ଲାଭ କରିନାହିଁ । ଏହି କାରଣରୁ ମନୁଷ୍ୟ ଆବହମାନ କାଳରୁ ରୋଗ ବିରୁଦ୍ଧରେ ସଂଗ୍ରାମ ଚଳାଇ ଆସିଛି । ଏହି ସଂଗ୍ରାମ ବିଶ୍ୱ-ବ୍ରହ୍ମାଣ୍ଡରେ ମନୁଷ୍ୟର ଅସ୍ତିତ୍ୱ ଥିଲା ପର୍ଯ୍ୟନ୍ତ ହୁଏତ ଚାଲିବ ।

ଅଧୁନା ବିଜ୍ଞାନୀମାନେ ଜଡ଼ବାଦୀ । ଏମାନେ ପଞ୍ଚମହାଭୂତକୁ ନେଇ ଗବେଷଣା କରି ଅନେକ କିଛି ଉଦ୍ଭାବନ କରି ଥିଲେବି ମନୋମୟ ବିଜ୍ଞାନ ସମ୍ବନ୍ଧରେ ପାରଦର୍ଶିତା ଲାଭ କରି ପାରି ନାହାନ୍ତି । ଦୃଶ୍ୟମୟ ଜଗତକୁ ପ୍ରାଧାନ୍ୟ ଦେବା ଏହାର ଏକମାତ୍ର କାରଣ । ଯେଉଁ ବିଜ୍ଞାନୀମାନେ ତାଙ୍କ ନିଜମନକୁ ଦୃଢ଼ଭାବେ ସ୍ଥିର ରଖି ନିଷ୍ପାପର ଭାବରେ ଗବେଷଣା ଚଳାଇ ବିଜ୍ଞାନରେ ଚମକ ସୃଷ୍ଟି କରି ପାରିଛନ୍ତି, ସେମାନେ ତାଙ୍କ ଇଚ୍ଛାଶକ୍ତିକୁ ଭୌତିକଶକ୍ତି ଆଗରେ ହେୟ ବା ଗୌଣ ମନେ କରିବା ଗ୍ରହଣୀୟ କି ? ବିଶ୍ୱ-ବ୍ରହ୍ମାଣ୍ଡର ସୃଷ୍ଟି ଈଶ୍ୱରଙ୍କ ଇଚ୍ଛାଶକ୍ତିର ସଫଳ ରୂପାୟନ ହୋଇଥିବାରୁ ଇଚ୍ଛାଶକ୍ତି (ମନୁଷ୍ୟର ଅନ୍ତର୍ନିହିତ ଆତ୍ମିକଶକ୍ତି) ବ୍ରହ୍ମଶକ୍ତିର ଅର୍ଦ୍ଧାଙ୍ଗିନୀ ଅଟେ । ଏହି ଇଚ୍ଛାଶକ୍ତିହିଁ ପ୍ରକୃତି ରୂପେ ବିଦିତ । ଏହାକୁ ଭିତ୍ତିକରି ଜଡ଼ବାଦୀ ବିଜ୍ଞାନୀମାନେ ତାଙ୍କ ବିଜ୍ଞାନ ଗବେଷଣାକୁ ନୂତନ ମୋଡ଼ ଦେବା ଆବଶ୍ୟକ । ଆଧୁନିକ ବିଜ୍ଞାନରେ ପାରଦର୍ଶିତା ଲାଭ କରିଥିବା ଶ୍ରେଷ୍ଠ ବୈଜ୍ଞାନିକ "ଆଇନଷ୍ଟାଇନ୍" ବ୍ରହ୍ମଙ୍କର ଏହି ଇଚ୍ଛାଶକ୍ତିକୁ ସଠିକ୍‌ଭାବେ ଅନୁଭବ କରିପାରିଥିଲେ ।

ଉପରୋକ୍ତ ପର୍ଯ୍ୟାଲୋଚନା କରିବାର ମୂଳଲକ୍ଷ୍ୟ ହେଉଛି ଯେ ଏହି ବିଶ୍ୱ ବ୍ରହ୍ମାଣ୍ଡ ଜଣଙ୍କର ଇଚ୍ଛାଶକ୍ତିରେ ପରିଚାଳିତ ହେଉଅଛି । ଏହି ମହାନ୍‌ଶକ୍ତିର କ୍ଷୟନାହିଁ ଏବଂ ଏହା ସ୍ୱୟଂ ସମ୍ଭୂତ । ଏହାର ଅନ୍ତ ନାହିଁ ଓ ଏହା ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ । ବିଭିନ୍ନ ଉପାୟରେ ରୋଗର ନିରାକରଣ କରାଯାଇଥାଏ । ଏଣୁ ଏ ବିଷୟ ଅତ୍ୟନ୍ତ ବ୍ୟାପକ ଅଟେ । ସୂକ୍ଷ୍ମ ଉପାୟରେ ରୋଗର ନିରାକରଣ ସରଳ, ସହଜ ଲବ୍ଧ ଓ ସମସ୍ତଙ୍କ ହୃଦବୋଧ ହେବା ଉଚିତ୍ । ଏଠାରେ ରୋଗ ନିବାରଣ ଓ ନିରାକରଣ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଉପରେ ବିଶେଷ ଭାବରେ ପର୍ଯ୍ୟବେକ୍ଷିତ । ଏହି ବିଶ୍ୱବ୍ରହ୍ମାଣ୍ଡରେ ଆକର୍ଷଣଶକ୍ତି (ଚୁମ୍ବକୀୟ ଓ ବୈଦ୍ୟୁତିକ) ଅହରହ କାର୍ଯ୍ୟକରୁଅଛି । ଏହି ଆକର୍ଷଣ ଶକ୍ତିର 'ସାମାନ୍ୟ ତାରତମ୍ୟ ଓ ବ୍ୟତିକ୍ରମରେ ପୃଥିବୀ ପୃଷ୍ଠରେ ନାନା ପ୍ରକାର ବ୍ୟୁପାତ୍ ଦେଖା ଦେଇଥାଏ । ଠିକ୍ ସେହିପରି ମନୁଷ୍ୟର ଶରୀରରେ ପ୍ରାଣଶକ୍ତି ପରମେଶ୍ୱରଙ୍କରଶକ୍ତି ଦ୍ୱାରା ଆକର୍ଷିତ ହୋଇ ନିର୍ଦ୍ଦିଷ୍ଟ ନିୟମରେ କାର୍ଯ୍ୟ କରୁଅଛି । ମନୁଷ୍ୟ ପରମେଶ୍ୱରଙ୍କଠାରୁ ଯେତେ ଦୂରେଇ ଯାଉଥିବ ତାର ପ୍ରାଣଶକ୍ତି ସେତେ ସେତେ ଦୁର୍ବଳ ହୋଇ ଚାଲିଥିବ । ଦୁର୍ବଳ ପ୍ରାଣଶକ୍ତି ମନୁଷ୍ୟକୁ ମୃତ୍ୟୁ ଧୀରେ ଧୀରେ ଟାଣି ନିଏ । ଆତ୍ମଶକ୍ତିର ଚମତ୍କାରିତା ବିଷୟରେ MR. V. M. BHAT ତାଙ୍କ Yogic powers and Godr ealisation ପୁସ୍ତକରେ ଲେଖିଛନ୍ତି ।

"Now if this "Spirit" or "Mind Stuff" and "psy chic energy" according to M. C. Dougall is immanent in the universe, and if we are a micro cosmic parf and parcel of the same uuiverse it follows that the same cosmic energy or spirit must be in ns also. For our microcosm is planned by the same architect, and it must contain the same energy. Following this Line, M, C. Dougall in his Energies of Man says that there must be some one cousal energy to explain the Law of cousation in the universe. Wedaily experiennce it in reviving our exhausted energies by taking nourishiug food, and converting it into psychic energy. Human energy is Ltke physical energy such as heat, light and electricity, but has an element of consciousnes

ରୋଗ ନିରାକରଣ ପ୍ରସଙ୍ଗ ଆରମ୍ଭ କରିବା ପୂର୍ବରୁ ରୋଗ ନିବାରଣ ବିଷୟରେ ଆଲୋକପାତ କରିବା ସମୀଚିନ ହେବ । କଥାରେ ଅଛି 'Prevention is better than cure' " ରୋଗ ସୃଷ୍ଟି ହେବାପରେ ଚିକିତ୍ସା ଆରମ୍ଭ କରିବା ପରିବର୍ତ୍ତେ ରୋଗ ସୃଷ୍ଟି କିପରି ନହେବ ସେଥିପାଇଁ ବିଶେଷ ଭାବରେ ଧ୍ୟାନ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ସଂପୂର୍ଣ୍ଣଭାବେ ରୋଗ ନିବାରଣ ନିମ୍ନଲିଖିତ କାରଣରୁ ମନୁଷ୍ୟ ଜୀବନରେ ସମ୍ଭବ ହୋଇ ନଥାଏ ।

ମନୁଷ୍ୟର ପୂର୍ବଜନ୍ମ ଅଛି । ପୂର୍ବଜନ୍ମର କୃତକର୍ମର କୁଫଳ ଓ ସୁଫଳ ଇହ ଜନ୍ମରେ ମନୁଷ୍ୟକୁ ଭୋଗ କରିବାକୁ ପଡ଼ିଥାଏ । ଏହା ପ୍ରକୃତିର ନିୟମ । ଏହାକୁ ପ୍ରାରବ୍ଧ କର୍ମର ଫଳ କୁହାଯାଇଥାଏ । ପୂର୍ବ ଜନ୍ମରେ ମନୁଷ୍ୟର ଚରିତ୍ର ଯେଉଁ ସ୍ତରରେ ମୃତ୍ୟୁ ବେଳକୁ ଥାଏ ଇହଜନ୍ମରେ ସେହି ଚରିତ୍ରର ସେହି ସ୍ତରରୁ ଆରମ୍ଭ ହୋଇଥାଏ । ସାତ୍ତ୍ୱିକ, ରାଜସିକ ଓ ତାମସିକ ଗୁଣତ୍ରୟର ତାରତମ୍ୟରେ ରୋଗ ଉତ୍ପତ୍ତି ହୋଇଥାଏ । ତେଣୁ ମନୁଷ୍ୟକୁ ରୋଗଭୋଗ କରିବା ଏକ ପ୍ରକାର ନିଶ୍ଚିତ । ପୂର୍ବଜନ୍ମର କର୍ମଫଳ ଅନୁସାରେ ମନୁଷ୍ୟର ଜନ୍ମ ପ୍ରକୃତିର ବିଶିଷ୍ଟ ନୀତି ନିୟମ ଭିତରେ ହୋଇଥାଏ । ଏହି କାରଣରୁ ହୁଏ ତ କେତେକ ମନୁଷ୍ୟ ଉତ୍ତମ ପିତାମାତା କୋଳରେ ଓ ଉତ୍ତମ ପରିବେଶ ମଧ୍ୟରେ ଜନ୍ମଗ୍ରହଣ କରିଥାଆନ୍ତି । ସେହିପରି କେତେକ ମନୁଷ୍ୟ ନିକୃଷ୍ଟ ପିତାମାତା ଓ ଅତ୍ୟନ୍ତ ଆବର୍ଜନାପୂର୍ଣ୍ଣ ପରିବେଶ ମଧ୍ୟରେ ଜନ୍ମ ଲାଭ କରିଥାଆନ୍ତି । ଅସୁସ୍ଥ ଓ ଆବର୍ଜନାପୂର୍ଣ୍ଣ ପରିବେଶରେ ଜନ୍ମ ଲାଭ କଲେ ରୋଗ ଆକ୍ରମଣ କରିବା ଅତ୍ୟନ୍ତ ସହଜ । ଏହି କାରଣରୁ ରୋଗ ନିବାରଣ ଏକ ପ୍ରକାର ଅସମ୍ଭବ ମନେ ହୋଇଥାଏ । କିନ୍ତୁ ଯେହେତୁ ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ ବିବେକ ଓ ଜ୍ଞାନ ରହିଛି; ସେହେତୁ ରୋଗ ନିବାରଣ କ୍ଷେତ୍ରରେ ମନୁଷ୍ୟ ନିଶ୍ଚିତ ଭାବରେ ଆଗେଇ ଯାଇପାରିବ । ଏଥିପାଇଁ ପ୍ରତ୍ୟକ୍ଷ ଜ୍ଞାନ ଓ ଦୃଢ଼ ମନ ଆବଶ୍ୟକ ।

ଅନେକ ରୋଗ ବଂଶ ପରମ୍ପରାରୁ ଜାତ ହୋଇଥାଏ । ତେଣୁ ମନୁଷ୍ୟର ଜନ୍ମ ଯେହେତୁ ତାର ପୂର୍ବଜନ୍ମ କର୍ମଫଳର ନିୟନ୍ତ୍ରଣାଧୀନ, ତେଣୁ ବଂଶପରମ୍ପରା କ୍ରମେ ରୋଗ ଜାତ ହେବା ସ୍ୱାଭାବିକ । ଏହି ବଂଶପରମ୍ପରା ରୋଗରୁ ମୁକ୍ତି ଲାଭ କରିବାର ଉପାୟ ମନୁଷ୍ୟ ଈଶ୍ୱରଙ୍କ କୃପାରୁ ଲାଭ କରିବା ବିଚିତ୍ର ନୁହେଁ । ଅନେକ ଔଷଧ ଅଛି ଯାହାରକି ବଂଶ ପରମ୍ପରା ରୋଗରୁ ମୁକ୍ତି ଦେବାପାଇଁ ଶକ୍ତି ଓ ସାମର୍ଥ୍ୟ ରହିଛି । ତେଣୁ ଆମ ସମସ୍ତଙ୍କର ଏହି ପ୍ରକାର ଔଷଧ ବିଷୟରେ ସମ୍ୟକ୍ ଜ୍ଞାନ ହେବା ଉଚିତ୍ । ଅବଶ୍ୟ ବଂଶପରମ୍ପରା ରୋଗ ଓ ଅସୁସ୍ଥ ପରିବେଶ ମଧ୍ୟରୁ ଜାତରୋଗ ଭୋଗ କରିବା ଯେହେତୁ କୃତକର୍ମର ଫଳ, ସେହେତୁ ସେଥିରୁ ମୁକ୍ତି ଲାଭ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ତେବେ ଈଶ୍ୱରଙ୍କର ଆଶୀର୍ବାଦ ଓ କରୁଣା ବଳରେ ସବୁ କିଛି ସମ୍ଭବ ହୋଇପାରିବ । ଏଥିପାଇଁ ଈଶ୍ୱରଙ୍କର ଶରଣାପନ୍ନ ହେବା ବିଧେୟ । ନଚେତ୍ ରୋଗରେ ପୀଡ଼ିତ ହୋଇ ସଂସାରର ସମସ୍ତ ସୁଖରୁ ବଂଚିତ ହେବାକୁ ପଡ଼ିବ ।

ଉପରୋକ୍ତ ଦୁଇଟି କାରଣ ମନୁଷ୍ୟର କୃତକର୍ମର ଫଳ ସ୍ୱରୂପ । କିନ୍ତୁ ଇହଜନ୍ମରେ ମନୁଷ୍ୟ ତାର ବିବେକ ଓ ବୁଦ୍ଧି ବଳରେ କୃତକର୍ମର ଫଳକୁ ମଧ୍ୟ ଏଡ଼ାଇ ଦେଇ ପାରେ । ଅପର ପକ୍ଷରେ ଇହ ଜନ୍ମରେ ବିବେକ ଓ ବୁଦ୍ଧିହୀନ ହେଲେ ମନୁଷ୍ୟ କୃତ କର୍ମର ଫଳ ଭୋଗ କରିବା ସଙ୍ଗେ ସଙ୍ଗେ ଅଧିକରୁ ଅଧିକ ପାପାକ୍ରାନ୍ତ ହୋଇଥାଏ ।

ତେବେ ରୋଗ ବିରୁଦ୍ଧରେ ସଂଗ୍ରାମ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କର୍ମ କରିବାର ଅଧିକାର ଆମ ସମସ୍ତଙ୍କର ରହିଛି । ଫଳ କଥା ଈଶ୍ୱରଙ୍କର ଇଚ୍ଛା ଉପରେ ନିର୍ଭର କରେ । ରୋଗ ନିବାରଣ ନିମ୍ନଲିଖିତ କେତୋଟି ପଦ୍ଧତିର ଅବଲମ୍ବନରେ ସମ୍ଭବ ହୋଇପାରେ ।

ରୋଗ ପ୍ରତିରୋଧକ ଶକ୍ତିର ବୃଦ୍ଧି:—

ପୂର୍ବ ଲେଖାରେ ପର୍ଯ୍ୟାଲୋଚନା କରାଯାଇଛି ଯେ, ରୋଗ ପ୍ରତିରୋଧକ ଶକ୍ତିର ହ୍ରାସରେ ମନୁଷ୍ୟ ରୋଗାକ୍ରାନ୍ତ ହୋଇପଡ଼େ । ଏହି ଶକ୍ତି ପ୍ରାଣ ଶକ୍ତିର ଅନ୍ତର୍ଗତ । ଜୀବାଣୁମାନେ ରୋଗ ସୃଷ୍ଟି କରନ୍ତି । ଆମ ସମସ୍ତଙ୍କର ଏପ୍ରକାର ଦୃଢ଼ ଧାରଣା ରହିଛି । ଏହି ଧାରଣାର ବଶବର୍ତ୍ତୀ ହୋଇ ଡାକ୍ତରମାନେ ଜୀବାଣୁ ବିଧ୍ୱଂସୀ ଔଷଧର ସେବନ ପାଇଁ ରୋଗୀକୁ ପରାମର୍ଶ ଦେଇଥାନ୍ତି । ରୋଗ ପ୍ରତିରୋଧକ ଶକ୍ତିର ଅଭାବରେ ମନୁଷ୍ୟ ରୋଗାକ୍ରାନ୍ତ ହେଉଥିବାରୁ ଏହାର ବୃଦ୍ଧି ଦିଗରେ ଯତ୍ନବାନ ହେବା ଉଚିତ୍ । ଏହି ଶକ୍ତି ମନୋମୟ ଓ ପ୍ରାଣମୟ ଶକ୍ତିର ଅନ୍ତର୍ଗତ ହୋଇଥିବାରୁ ଏହାର ବୃଦ୍ଧି ପାଇଁ ନିମ୍ନଲିଖିତ ମତେ ମନୁଷ୍ୟ ଦୈନନ୍ଦିନ କାର୍ଯ୍ୟ କରିବା ଉଚିତ୍ ।

(କ) ସୁସ୍ଥ ମନ, ସୁସ୍ଥ ଶରୀର ଗଠନ କରେ । ମନକୁ ନି... ରଖିପାରିଲେ ଆତ୍ମାର ତେଜ ଭୌତିକ ଶରୀରକୁ ସତେଜ ର... ସହାୟକ ହୋଇଥାଏ । ଚିତ୍ତ ଶକ୍ତିହିଁ ଆତ୍ମା ସ୍ୱରୂପ ଏବଂ ଏହା ପରମା... ଅଂଶ ହୋଇଥିବାରୁ ଆତ୍ମା ପରମାତ୍ମାଙ୍କ ମିଳନରେ ହିଁ ମନୁଷ୍ୟ ଅ... ଶକ୍ତିର ଅଧିକାରୀ ହୋଇ ପାରିବ । ତେବେ କେବଳ ମନୁଷ୍ୟ ଚି... ଚିତ୍ତକୁ ଈଶ୍ୱରଙ୍କ ପାଖେ ଅର୍ପଣ ମାତ୍ରେ ହିଁ ତାର ଅହଂଭାବ ବିଲୀନ ହେ... ସଙ୍ଗେ ସଙ୍ଗେ ସମସ୍ତ ଦୁଷ୍କର୍ମ ଓ ବିକାର ମନର ବିଲୟ ଘଟିବ । ଅ... ଏହି ଅବସ୍ଥାକୁ ମନୁଷ୍ୟ ଆସିବା ପାଇଁ ସଂପୂର୍ଣ୍ଣ ନିଷ୍ଠାପରଭାବେ ପ୍ରତି... ଈଶ୍ୱର ଚରଣରେ ଚିତ୍ତ ସମର୍ପଣ କରି ଅହଂଭାବକୁ ଦୂରେଇ ଦେ... ଉଚିତ୍ । ଏହି ପ୍ରକାର ଅଭ୍ୟାସ କିଛିଦିନ କଲେ ଆତ୍ମାର ତେଜ ଶରୀ... ସମସ୍ତ ସୂକ୍ଷ୍ମାଂଶରେ ପତିତ ହୋଇ ରୋଗ ପ୍ରତିରୋଧକ ଶକ୍ତିର ବୃ... ଘଟିଥାଏ । ଏହି ତେଜ ଶକ୍ତିରେ ଜୀବାଣୁମାନେ ନିଷ୍କ୍ରିୟ ହୋଇଯାନ୍ତି । ଅତଏବ ଈଶ୍ୱରଙ୍କଠାରେ ଚିତ୍ତ ସମର୍ପଣ, ଜୀବାଣୁଜନିତ ରୋଗ ପା... ଶ୍ରେଷ୍ଠ Antibiotic ଔଷଧ, ପୁନଶ୍ଚ ସତ୍ତ୍ୱଗୁଣର ବୃଦ୍ଧି ଯୋଗୁଁ ର... ଓ ତମୋ ଗୁଣରୁ ଜାତ ରୋଗ ଧୀରେ ଧୀରେ ବିଲୀନ ହୋଇଥାଏ । ଅପରପକ୍ଷରେ ସତ୍ତ୍ୱଗୁଣ ଶରୀରର ପୁଷ୍ଟି ସାଧନ ଓ ଗଠନରେ ଯଥେ... ସହାୟକ ହୋଇ ମନୁଷ୍ୟକୁ ଅପରିମିତ ଶାରୀରିକ ଓ ମାନସିକ ବ... ପ୍ରଦାନ କରିଥାଏ ।

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ ଅପରିହାର୍ଯ୍ୟ—

(ଖ) ଉତ୍ତମ ଖାଦ୍ୟର ସଂଜ୍ଞା କ'ଣ ? ଆମ ସମସ୍ତଙ୍କର ଉତ୍ତମ ଖାଦ୍ୟ ବିଷୟରେ ସମ୍ୟକ ଜ୍ଞାନ ରହିବା ଉଚିତ । କିନ୍ତୁ ମନେ ରଖିବାକୁ ପଡ଼ିବ ଉତ୍ତମ ଖାଦ୍ୟ ଗ୍ରହଣ କଲେ ଯେ ଉତ୍ତମ ସ୍ୱାସ୍ଥ୍ୟ ଜଣେ ଧାରଣ କରିପାରିବ ଏପ୍ରକାର ଭ୍ରାନ୍ତ ଧାରଣା ରଖିବା ଉଚିତ ନୁହେଁ । ଉତ୍ତମ ଖାଦ୍ୟରୁ ସାରାଂଶ ଗ୍ରହଣ କରିବା ପାଇଁ ଶରୀରର ଗ୍ରାହ୍ୟ ଶକ୍ତି ରହିବା ଉଚିତ । ପୁନଶ୍ଚ ଶରୀରର ଖାଦ୍ୟରୁ ସାରାଂଶ ଗ୍ରହଣ କରିବାର ଗ୍ରାହ୍ୟ ଶକ୍ତି ଥିଲେବି ଯଦି ଖାଦ୍ୟର ଗୁଣାତ୍ମକ ମୂଲ୍ୟବୋଧକୁ ମନୁଷ୍ୟର ମନ ସଠିକଭାବେ ଗ୍ରହଣ ନକରିପାରେ ତେବେ ଉତ୍ତମ ଖାଦ୍ୟର ଉପଯୋଗିତା ସଂପୂର୍ଣ୍ଣ ରୂପେ ବିଫଳ ହେଲା ବୋଲି ଜାଣିବାକୁ ପଡ଼ିବ । ଆମର ହିନ୍ଦୁଶାସ୍ତ୍ର ଅନୁସାରେ ଖାଦ୍ୟ ତିନିଶ୍ରେଣୀରେ ବିଭକ୍ତ । ସାତ୍ତ୍ୱିକ, ରାଜସିକ ଓ ତାମସିକ । ସାତ୍ତ୍ୱିକ ଖାଦ୍ୟ ସାତ୍ତ୍ୱିକ ଗୁଣର ଅଭିବୃଦ୍ଧି କରାଇଥାଏ । ତେଣୁ ସାତ୍ତ୍ୱିକ ଖାଦ୍ୟ ଉତ୍ତମ ସ୍ୱାସ୍ଥ୍ୟପାଇଁ ଏକାନ୍ତ ଉପରିହାର୍ଯ୍ୟ । ଖାଦ୍ୟର ତ୍ରିବିଧ କ୍ରିୟାଶକ୍ତି ବିଷୟରେ ଛାନ୍ଦୋଗ୍ୟ ଉପନିଷଦ କହେ—

"ଅନ୍ନମଶିତଂ ତ୍ରେଧାବିଧୀୟତେ ତସ୍ୟଯଃ ସ୍ଥବିଷ୍ଠୋ ଧାତୁସ୍ତତ୍ପୁରିଷଂଭବତିଯୋ ମଧ୍ୟମସ୍ତ ମାଂସଂ ଯୋଽଣିଷ୍ଠ ସ୍ତନ୍ମନଃ"

ଅର୍ଥାତ୍ ଖାଦ୍ୟ ମନୁଷ୍ୟ ଗ୍ରହଣ କଲାପରେ ତିନିଭାଗରେ ବିଭକ୍ତ ହୋଇଥାଏ । ଯଥା (୧) ମଳ (୨) ମେଦ (୩) ମନ ।

Food when eaten is divided into three parts. (1) Grossest ingredient that is faeces (2) Middling ingredient that is flesh (3) Subtlest ingredient, that is mind.

ସେହିପରି ଜଳର ତ୍ରିବିଧ କ୍ରିୟାଶକ୍ତି ବିଷୟରେ ଛାନ୍ଦୋଗ୍ୟ ଉପନିଷଦ୍ କହେ—

"ଆପଃ ପୀତାସ୍ତ୍ରେଧା ବିଧୀୟନ୍ତେ ତାସାଂ ଯଃ ସ୍ଥବିଷ୍ଠୋ ଧାତୁସ୍ତନ୍ମୂତ୍ରଂ ଭବତିଯୋ ମଧ୍ୟମସ୍ତଲ୍ଲୋହିତଂ ଯୋଽଣିଷ୍ଠଃ ସ ପ୍ରାଣଃ"

ଅର୍ଥାତ୍ ଜଳ ମନୁଷ୍ୟ ଶରୀରରେ ତିନି ପ୍ରକାର କାର୍ଯ୍ୟ କରେ । ଯଥା— ଏହାର ସ୍ଥୂଳଅଂଶ ମୂତ୍ର ଆକାରରେ ଶରୀରରୁ ନିର୍ଗତ ହୋଇଥାଏ । ଏହାର ସୂକ୍ଷ୍ମାଂଶ ରକ୍ତରେ ମିଶିଥାଏ । ଏହାର ସୂକ୍ଷ୍ମତମ ଅଂଶ ପ୍ରାଣଶକ୍ତିରେ ପରିଣତ ହୋଇଥାଏ ।

Water when drunk is divided into three part. (1) Grossest ingredient is urine (2) Middling ingredient is blood (3) Subtlest ingredient that is "Prana".

Since Prana is created before water, Prana is not depended on water, but in the human body "Prana" cannot romain without water.

ଉପରୋକ୍ତ ମର୍ମରେ ଅଗ୍ନି ବିଷୟରେ ଛାନ୍ଦୋଗ୍ୟ ଉପନିଷଦ୍ କହେ–

ତେଜୋଽଶିତଂ ତ୍ରେଧା ବିଧୀୟତେ ତସ୍ୟଯଃ ସ୍ଥବିଷ୍ଠୋ ଧାତୁସ୍ତଦସ୍ଥି ଭବତି ଯୋ ମଧ୍ୟମଃ ସ ମଜ୍ଜା ଯୋଽଣିଷ୍ଠଃ ସା ବାକ୍ ।

ଏହାର ବ୍ୟାଖ୍ୟା କରି ସ୍ୱାମୀ ସ୍ୱାହାନନ୍ଦ କହିଲେ

"Fire (In the form of oil, clatified butter) when eaten becomes divided into three parts. What is its grossest ingredient, that is bone, What is the middling ingredient that is marrow and what is the Subtlest ingredient that is "Speech

ଉପରୋକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟଭାବେ ସୂଚୀତ ହେଉଛି ଯେ ଖାଦ୍ୟରୁ ମନୁଷ୍ୟର ମନର ସୃଷ୍ଟି, ଜଳରୁ ମନୁଷ୍ୟର ପ୍ରାଣଶକ୍ତିର ସୃଷ୍ଟି ଓ ଅଗ୍ନିରୁ ବାକ୍‌ଶକ୍ତିର ସୃଷ୍ଟି ହୋଇଥାଏ । ଏଣୁ ଉତ୍ତମ ଖାଦ୍ୟ ଓ ଜଳର ଆବଶ୍ୟକତା ମନୁଷ୍ୟ ପକ୍ଷେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

(ଗ) ରୋଗ ନିବାରଣରେ ପରିବେଶର ଭୂମିକା

ସୁସ୍ଥ ପରିବେଶ ମନୁଷ୍ୟକୁ ଅନେକାଂଶରେ ରୋଗ ନିବାରଣ ଓ ନିରାକରଣରେ ସାହାଯ୍ୟ କରିଥାଏ । ନିମ୍ନଲିଖିତ କାରଣରୁ ସୁସ୍ଥ ପରିବେଶର ଅବନତି ଘଟେ । ଏହାର ଅବନତିରେ ରୋଗ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ରୋଗ ନିରାକରଣରେ ମଧ୍ୟ ପ୍ରଧାନ ଅନ୍ତରାୟ ହୋଇଥାଏ ।

୧–ବନ୍ୟ ସଂପଦର ମାତ୍ରାତିରିକ୍ତ ଧ୍ୱଂସ ସାଧନ ।

୨–ସହରାଞ୍ଚଳକୁ ଲାଗି କଳକାରଖାନାମାନଙ୍କର ବହୁଳଭାବେ ପ୍ରତିଷ୍ଠା ଓ ସଂପ୍ରସାରଣ । ଅନେକ କଳକାରଖାନାମାନଙ୍କରୁ ବିଷାକ୍ତ ବାଷ୍ପ ଓ ଧୂଆଁ ନିର୍ଗତ ହୋଇ ବାୟୁ ମଣ୍ଡଳକୁ ଦୂଷିତ କରିଥାଏ ।

୩–ବହୁଳଭାବେ ମଟରଗାଡ଼ିର ବ୍ୟବହାର ବାୟୁମଣ୍ଡଳକୁ ମଧ୍ୟ ଦୂଷିତ କରିଥାଏ ।

୪–ସହରର ନାଳ ନର୍ଦ୍ଦମାର ମଇଳା ନିୟମିତଭାବେ ନିଷ୍କାସନ ନହୋଇ ପାରିବା ।

୫–ସହରରେ ବେନିୟମଭାବେ ବହୁତ ଗୃହ ନିର୍ମାଣ ସୁସ୍ଥବାୟୁ ଚଳାଚଳରେ ବାଧା ପ୍ରାପ୍ତ କରାଉଥାଏ ।

୬–ସର୍ବୋପରି ସହରରେ ବିଭିନ୍ନ ପ୍ରକାରର ଶବ୍ଦ ତରଙ୍ଗ (ଯଥା–ମଟରଗାଡ଼ି ଶବ୍ଦ, ମାଇକ୍‌ରେ ପ୍ରସ୍ତୁତ ଶବ୍ଦ, ପର୍ବପର୍ବାଣୀ ମାନଙ୍କରେ ବାଜା ଓ ବାଣ ଶବ୍ଦ ଇତ୍ୟାଦି) ମନୁଷ୍ୟର ସୂକ୍ଷ୍ମ ତନ୍ତ୍ରିରେ ପ୍ରତିଧ୍ୱନିତ ହୋଇ ଶରୀରରେ ପ୍ରବାହିତ ବୈଦ୍ୟୁତିକ ତରଙ୍ଗରେ ବାଧା ସୃଷ୍ଟି କରିଥାଏ । ମନୁଷ୍ୟ ଶରୀରରେ ପ୍ରବାହିତ ବିଦ୍ୟୁତ୍ ତରଙ୍ଗରୁ ସୃଷ୍ଟି ପ୍ରାଣଶକ୍ତିକୁ ଏହି ବିଭିନ୍ନିକର ଶବ୍ଦ ତରଙ୍ଗ ଦୁର୍ବଳ କରିଦିଏ । ଉପରୋକ୍ତ ସମସ୍ତ ପ୍ରକାର ଅସୁସ୍ଥ ଭୌତିକ ପରିବେଶ ଛଡ଼ା ଅସାମାଜିକ ପରିବେଶ ମଧ୍ୟ ରୋଗ ସୃଷ୍ଟିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ରୋଗ ନିବାରଣରେ ପ୍ରଧାନ ଅନ୍ତରାୟ ହୋଇଥାଏ । ଏହି ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ହେଲା ।

(କ) ମାଦକଦ୍ରବ୍ୟ ସେବନକାରୀଙ୍କର ସଂଖ୍ୟା ବୃଦ୍ଧି–ବହୁଳଭାବେ ମାଦକଦ୍ରବ୍ୟ ସେବନ ମନୁଷ୍ୟ ମସ୍ତିଷ୍କର ସେଲ୍ସ ( cells, ) ସମୂହକୁ ଧୀରେ ଧୀରେ ଶକ୍ତିହୀନ କରିଦିଏ । ମସ୍ତିଷ୍କ ଶକ୍ତିହୀନ ହେଲେ ସୁସ୍ଥ ଚିନ୍ତାଧାରା ବାଧାପ୍ରାପ୍ତ ହୋଇଥାଏ । ଅସୁସ୍ଥ ଚିନ୍ତାଧାରା ମନୁଷ୍ୟକୁ ବିପଥଗାମୀ କରିବା ସଙ୍ଗେ ସଙ୍ଗେ ପରିବେଶର ବାତାବରଣକୁ Negative thougnt ରେ ଭରିଦିଏ । ଏହି ପ୍ରକାର ପରିବେଶ ମଧ୍ୟରେ ଜୀବନ ଯାପନ କଲେ ମନୁଷ୍ୟର ଅନ୍ତର୍ନିହିତ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇ ପଡ଼େ । ତେଣୁ ଏ ପ୍ରକାର ପରିବେଶ ମଧ୍ୟରେ ଜୀବନ ଯାପନ ଗ୍ରହଣୀୟ ନୁହେଁ ।

## ରୋଗ ନିରାକରଣ

ଅଧୁନା ଏହା ଏକ ଅତ୍ୟନ୍ତ ଜଟିଳର ବ୍ୟାପାର । ଭିନ୍ନ ଭିନ୍ନ ପଦ୍ଧତିର ଅବଲମ୍ବନରେ ରୋଗ ନିରାକରଣ କରାଯାଉଛି । ସଂପୂର୍ଣ୍ଣଭାବେ ରୋଗ ନିରାକରଣ ସମ୍ଭବ ନୁହେଁ । କାରଣ ମନୁଷ୍ୟର ଆଶା ଓ ଆକାଂକ୍ଷା ବଳବତ୍ତର ରହିଥିଲା ପର୍ଯ୍ୟନ୍ତ ରୋଗ ନିଶ୍ଚିତ ଭାବେ ଛାଇଭଳି ଲାଗି ରହିବ । ତେବେ ଆମକୁତ ବଞ୍ଚିବାକୁ ପଡ଼ିବ । ବ୍ୟାଧିର ଯାତନା ବେଶି ସମୟ ସହ୍ୟ କରିବା ସମ୍ଭବ ହୁଏ ନାହିଁ । ଏହି ପ୍ରକାର ଯାତନାର ଆଶୁ ଉପଶମ ଆମ ସମସ୍ତଙ୍କର କାମ୍ୟ । ତେବେ ରୋଗ ନିରାକରଣ କେତୋଟି ନିର୍ଦ୍ଦିଷ୍ଟ ନୀତିନିୟମରେ ହେବା ଉଚିତ୍ । ଖାଦ୍ୟରୁ ଯେପରି ମନର ସୃଷ୍ଟି ହୋଇଥାଏ ସେହିପରି ଔଷଧ ଖାଦ୍ୟ ସହ ତୁଳନୀୟ । ତେଣୁ ଔଷଧର ମଧ୍ୟ ଖାଦ୍ୟ ଭଳି ମନ ଉପରେ ଯଥେଷ୍ଟ ପ୍ରଭାବ ରହିଛି । ଉଦାହରଣ ସ୍ୱରୂପ ପାରଦ ଔଷଧ ହିସାବରେ ବ୍ୟବହୃତ ହୋଇଥାଏ । ଏହାର ନିମ୍ନଲିଖିତ ପ୍ରଧାନ ପ୍ରଧାନ ମାନସିକ ଲକ୍ଷଣ ରହିଛି । ଯଥା–ଅତ୍ୟନ୍ତ ବିରକ୍ତିକର ଭାବପ୍ରବଣତା ବା ମୁହୂର୍ତ୍ତମୁହୂର୍ତ୍ତ ସ୍ଥାନ ପରିବର୍ତ୍ତନ, ଆନ୍ଦୋଳିତ ମନ, ବିବେକ ଶକ୍ତିର ହ୍ରାସ ହେବା ଭୟ, କୌଣସି ଗର୍ହିତ ଦୋଷ କଲାଭଳି ଅନୁଭବ, ନୈତିକ ଅଧୋଗତି, ହତୋତ୍ସାହିତ ହୋଇପଡ଼ିବା, ପରିଶ୍ରମ କାତର, ବିତୃଷ୍ଣାଭାବ, ବୋଧଗମ୍ୟ ଶକ୍ତିର ହ୍ରାସ, ଅହରହ କାତରତା, ସ୍ମୃତି ଶକ୍ତିର କ୍ରମଶଃ ହ୍ରାସ, ସ୍ଥୂଳ ଶରୀରର ମେଦ ବୃଦ୍ଧି, ବୁଦ୍ଧି ଓ ବିବେକହୀନ ଇତ୍ୟାଦି ଇତ୍ୟାଦି ।

ଏହି ପ୍ରକାର ମାନସିକ ଲକ୍ଷଣ ବିଦ୍ୟମାନ ଥିବା ରୋଗୀର ଚିକିତ୍ସା ଏହି ପାରଦ ସାହାଯ୍ୟରେ କରାଯାଇ ପାରେ । କିନ୍ତୁ ଏଠାରେ ଗୋଟିଏ କଥା ମନେ ରଖିବାକୁ ପଡ଼ିବ, ନିର୍ବାଚିତ ଔଷଧର ସୂକ୍ଷ୍ମତମ ଅଂଶକୁ ମନୁଷ୍ୟ ଶରୀରରେ ପ୍ରବେଶ କରାଇ ପାରିଲେ ଔଷଧର ମାନସିକ ଧର୍ମକୁ ବିନିଯୋଗ କରାଯାଇପାରେ । ଏଥିପାଇଁ ହୋମିଓପାଥି ଔଷଧର ପ୍ରସ୍ତୁତି ପ୍ରଣାଳୀ ( Dilutron principal ) ବିଶେଷଭାବେ ଗ୍ରହଣୀୟ । ହୋମିଓପାଥି ନିୟମରେ ଲଘୂକରଣ ଔଷଧର ନିରାକରଣ ଶକ୍ତିକୁ ଅନେକାଂଶରେ ବୃଦ୍ଧି କରିଥାଏ ।

ଏହି ନୀତିକୁ ଅବଲମ୍ବନ କରି ଯାବତୀୟ ମାନସିକ ରୋଗର ଚିକିତ୍ସା କରାଯାଇ ପାରେ । କିନ୍ତୁ ରୋଗୀ ପାଇଁ ଔଷଧ ନିର୍ବାଚନ ଓ ଔଷଧ ସେବନ ବିଧି ଏକ ଜଟିଳ ସମସ୍ୟା । କାରଣ ମନୁଷ୍ୟ ମନ ଦୁର୍ବୋଧ୍ୟ ହୋଇଥିବାରୁ ଔଷଧ ନିର୍ବାଚନ ମଧ୍ୟ ଏକରକମ ଦୁର୍ବୋଧ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପୃଥିବୀର ଚୁମ୍ବକୀୟ ଶକ୍ତି ଓ ଗ୍ରହମାନଙ୍କର ପୃଥିବୀ ଉପରେ ଆକର୍ଷଣ ଶକ୍ତି ମନୁଷ୍ୟ ଓ ସକଳ ଜୀବଜନ୍ତୁମାନଙ୍କୁ ମଧ୍ୟ ସମଭାବେ ପ୍ରଭାବିତ କରିଥାଏ । ଏହି କାରଣରୁ ମନୁଷ୍ୟ ଶରୀରରେ ଅହରହ ବୈଦ୍ୟୁତିକ ଓ ଚୁମ୍ବକୀୟଶକ୍ତି କାମ କରୁଅଛି । ଯେହେତୁ ଚିତ୍‌ଶକ୍ତି ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ଏବଂ ଯେହେତୁ ଏହା ସତ୍ ଓ ଏହାର ଆଦି ଅନ୍ତ ନାହିଁ ସେହେତୁ ମନୁଷ୍ୟ ଶରୀରରେ କାର୍ଯ୍ୟକାରୀ ଚୁମ୍ବକୀୟ ଓ ବୈଦ୍ୟୁତିକ

ଶକ୍ତି ସତ୍ତ୍ୱ ରଜ ତମୋଗୁଣ ତ୍ରୟ ଦ୍ୱାରା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣାଧୀନ । ସତ୍ତ୍ୱଗୁଣର ହ୍ରାସ ଘଟିଲେ ଏହି ବୈଦ୍ୟୁତିକ ଓ ଚୁମ୍ବକୀୟ ଶକ୍ତି ବିଶେଷଭାବେ ବ୍ୟାହତ ହୋଇଥାଏ । ଏହି ତ୍ରୁଟି ବିଚ୍ୟୁତିର ସୁଯୋଗରେ ଶରୀରରେ ରୋଗ ପ୍ରବେଶ କରିଥାଏ । ହୋମିଓପାଥି ସୂତ୍ର ଅନୁସାରେ ସୋରା, ସାଇକୋସିସ୍ ଓ ସିଫିଲିସ୍ ଏହି ତିନିପ୍ରକାର ବିଷ ମନୁଷ୍ୟ ଶରୀରରେ ଜାତ ହୋଇ ରୋଗ ସୃଷ୍ଟି କରିଥାନ୍ତି । ସତ୍ତ୍ୱଗୁଣର ଅବନତିରେ ଉପରୋକ୍ତ ତିନିପ୍ରକାର ବିଷ ଶରୀରରେ ଆବିର୍ଭାବ ହୋଇଥାଏ । ଏହି ତିନିପ୍ରକାର ବିଷର ତାରତମ୍ୟରେ ନାନାପ୍ରକାର ରୋଗ ଆବିର୍ଭାବ ହୋଇଥାଏ । ଅତଏବ ଉପରୋକ୍ତ ତିନିପ୍ରକାର ବିଷକୁ ଶରୀରରୁ ସଂପୂର୍ଣ୍ଣ ରୂପେ ଦମନ କରି ପାରିଲେ ମନୁଷ୍ୟ ନିଶ୍ଚିତ ଭାବେ ରୋଗ ମୁକ୍ତ ହୋଇ ପାରିବ । DR. WILLIAM BOERICKE ମହାତ୍ମା ହାନିମେନଙ୍କର 11th and 12th Text of Organon of Medicine କୁ ବ୍ୟାଖ୍ୟା କରି ହୋମିଓପାଥି ଔଷଧର ଉପରୋକ୍ତ ବିଷ ଦମନ କରିବାର ଶକ୍ତି ବିଷୟରେ ଲେଖିଲେ ।

For more healing energy is expressed in a case in point by the smallest dose of the best dynamised medicines in which there can be according to calculation, only so little of material substance that its minuteness can not be thought and conceived by the best arithemadical mind than by Large doses of the same medicine in substance. That smallest dose can therefore contain almost entirely only the Pure, timely develbped conceptual medicinal energy and bring about only dynamically such great effects as can never be reached by the crude medicinal substance" itself taken in large doses".

ମନୁଷ୍ୟ ଶରୀର ସର୍ବୋପରି ମସ୍ତକର ଗଠନ ଓ କାର୍ଯ୍ୟକାରିତା ଶକ୍ତି ଅତ୍ୟନ୍ତ ଜଟିଳ । ଏହା ଏକ super computer ଠାରୁ ଅଧିକ ଶକ୍ତିଶାଳୀ । ଏହି ମସ୍ତକ ମନୁଷ୍ୟର ସମସ୍ତ କାର୍ଯ୍ୟଧାରାକୁ ନିୟନ୍ତ୍ରିତ କରିଥାଏ । ଏହି ମସ୍ତକ ବିଦ୍ୟୁତ୍ ଶକ୍ତିର ଉତ୍ସ । ଉତ୍ତମ ସ୍ୱାସ୍ଥ୍ୟବାନ ମନୁଷ୍ୟର ମସ୍ତକ ଧନାତ୍ମକ ( positive ) ଶକ୍ତିରେ ପ୍ରବୃଦ୍ଧ ହୋଇଥାଏ । ପରମାଣୁ ସୂତ୍ର ଅନୁସାରେ ଯେପରି Position (Protontt Nutron) ପରମାଣୁର କେନ୍ଦ୍ର ସ୍ଥଳରେ ଅବସ୍ଥିତ ସେହିପରି ମନୁଷ୍ୟ ଶରୀରରେ Positive Energy ମସ୍ତକ ବା କେନ୍ଦ୍ରସ୍ଥଳରେ ସଂଗୃହୀତ ହୋଇଥାଏ । କିନ୍ତୁ ସୃଷ୍ଟିର ଏହି ନିୟମାନୁସାରେ ମସ୍ତିଷ୍କର ଏହି ଧନାତ୍ମକ (positive) ବିଦ୍ୟୁତ୍ ଶକ୍ତି ରକ୍ତ ସ୍ରୋତରେ ପ୍ରବାହିତ ଋଣାତ୍ମକ ଶକ୍ତି ( Negative Energy. ) ସହ ମିଳନ ହୋଇଥାଏ । ଏହି ପ୍ରକ୍ରିୟାଦ୍ୱାରା ଧନାତ୍ମକ ଶକ୍ତି ( Positive Energy ) ର କ୍ରମଶଃ ହ୍ରାସ ଘଟିଥାଏ । ତେଣୁ ମନୁଷ୍ୟ ତା'ର ଧନାତ୍ମକ ଶକ୍ତି ( Positive Energy ) ର ବୃଦ୍ଧି ଦିଗରେ ଧ୍ୟାନ ଦେଲେ ତା'ର ଏହି ଶକ୍ତିକୁ ଶେଷ ଜୀବନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଅତୁଟ ରଖିପାରେ । ଅତଏବ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଉଛି ଆମର ଯେତେ ପ୍ରକାର Nagative thought ଅଛି ତାକୁ ଦୂରିଭୂତ କରି positive thought ର ଆଶ୍ରୟ ନେବା ଉଚିତ୍ । ଏହା ସତ୍ତ୍ୱଗୁଣର ଅନ୍ତର୍ଗତ । ଯେହେତୁ Negative thought ରେ ଧ୍ୱଂସ ଶକ୍ତି ନିହିତଥିବାରୁ Negative Energy ର ଆବଶ୍ୟକତା ଧୀରେ ଧୀରେ ହ୍ରାସ କରିବା ଉଚିତ୍ । ଏହି Negative Energy ହିଁ ମନୁଷ୍ୟର କାଳ ଏବଂ ମନୁଷ୍ୟକୁ ଧ୍ୱଂସ ମୁଖକୁ ଟାଣିନିଏ । କିନ୍ତୁ ଏହା କ'ଣ ମନୁଷ୍ୟ ପକ୍ଷେ ସମ୍ଭବ ? ମନୁଷ୍ୟ ଜୀବନଧାରଣ କରିବାକୁ ହେଲେ Negative Energy ବା ଋଣାତ୍ମକ ଶକ୍ତିର ଆବଶ୍ୟକତା ନିଶ୍ଚିତଭାବେ ରହିଛି । ତେବେ ଏହି ଶକ୍ତିକୁ ମନୁଷ୍ୟ ତା'ର ବିବେକବଳରେ ସୁନିୟନ୍ତ୍ରିତ କରିପାରେ । ଗୋଟିଏ ଛୋଟ ଉଦାହରଣ ଦେଲେ ଏହି ଋଣାତ୍ମକ ଶକ୍ତିର ଧ୍ୱଂସକାରିତା ଶକ୍ତି ବିଷୟରେ ଆମର ବେଶ୍ ଧାରଣା ହୋଇପାରିବ ।

କୌଣସି ସୁନ୍ଦରୀ ସ୍ତ୍ରୀ ର ଅବଲୋକନରେ ମନୁଷ୍ୟ ମନରେ ଯେ ପାପ ଲିପ୍ସା ଜାଗ୍ରତ ହୁଏ ଏବଂ ଅସଂଯମ ମନର ତରଙ୍ଗାୟିତ ସ୍ରୋତ (Negative thought Energy Vibration) ମସ୍ତିଷ୍କରେ ପ୍ରବାହିତ ହୋଇ ଧନାତ୍ମକ ଶକ୍ତି ସହ ପୁନଃପୁନଃ ମିଳନରେ ପ୍ରଚଣ୍ଡ ଉତ୍ତାପଶକ୍ତି ଜାତ କରାଇ କାମ ଉଦ୍ରେକ କରାଇଥାଏ । ଫଳରେ ମନୁଷ୍ୟ ତାର ବିବେକକୁ ବଳି ଦେଇ କୁକର୍ମରେ ଲିପ୍ତ ହେବାପାଇଁ ଉଦ୍ୟତ କରିଥାଏ । ପୁନଶ୍ଚ କୁକର୍ମରେ ଲିପ୍ତ ହେଲାପରେ ଧନାତ୍ମକଶକ୍ତି (Positive Energy)ର ଅଶେଷ ହ୍ରାସ ଘଟିଥାଏ । ଏହି ଶକ୍ତିର କ୍ଷୟାଂଶ ପୂରଣ ନହୋଇପାରିଲେ ମନୁଷ୍ୟର ପୌରୁଷ ହାନି ଘଟିଥାଏ । ଅପରପକ୍ଷରେ ଏହି ଅସଂଯମ ମନର ତରଙ୍ଗ ସ୍ରୋତକୁ ଯଦି ବିବେକ ତରବାରୀରେ ଛିନ୍ନ କରାଯାଇ ପାରେ ତେବେ ମସ୍ତିଷ୍କର ଧନାତ୍ମକଶକ୍ତି କ୍ଷୟ ହେବ ନାହିଁ । ଏହି କାରଣରୁ ଈଶ୍ୱର ଦତ୍ତ ଧନାତ୍ମକଶକ୍ତି ( Positive Energy)ର ସୁ-ବିନିଯୋଗ କରିବା ଉଚିତ ।

କୌଣସି ରୋଗୀକୁ ସୁସ୍ଥାବସ୍ଥାକୁ ଆଣିବାକୁ ହେଲେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟିଦେଇ ଚିକିତ୍ସା ବ୍ୟବସ୍ଥା କରିବା ଉଚିତ ।

(କ) ବଂଶ ପରମ୍ପରା ରୋଗର ବିସ୍ତୃତ ବିବରଣୀ ନେବା ଉଚିତ ।

(ଖ) ରୋଗୀର ରାଶୀଚକ୍ର ବା ନବଗ୍ରହମାନଙ୍କର ଜନ୍ମ ସମୟରେ ଅବସ୍ଥିତି ଓ ବର୍ତ୍ତମାନର ଦଶା ଅନ୍ତର୍ଦ୍ଦଶାର ରୋଗ ଉପରେ ପ୍ରଭାବ ସମସ୍ତର ବିସ୍ତୃତ ବିବରଣୀ ସଂଗ୍ରହ କରିବା ଉଚିତ ।

(ଗ) ରୋଗୀ ଚରିତ୍ରର ସଂପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରିବା ଉଚିତ ।

(ଘ) ପୁରାତନ ରୋଗ ସାଧାରଣତଃ ମାନସିକ ସ୍ତରରୁ ଆସିଥାଏ । ତେଣୁ ପୁରାତନ ରୋଗର ଚିକିତ୍ସା କରିବାକୁ ହେଲେ ଉପର ଲିଖିତ ତିନୋଟି ବିଷୟକୁ ଚିକିନିଖି ପର୍ଯ୍ୟାଲୋଚନା କରିବାକୁ ପଡ଼ିବ ।

ସୌରମଣ୍ଡଳରେ ଅବସ୍ଥିତ ନବଗ୍ରହମାନେ ପୃଥିବୀ ପୃଷ୍ଠକୁ Cosmic rays ବିକିରଣ କରିଥାନ୍ତି । ପ୍ରତ୍ୟେକ ଗ୍ରହ ଭିନ୍ନଭିନ୍ନ ରଙ୍ଗର Cosmic ray ବିକିରଣ କରିଥାଏ । ଯଥା–


ଚନ୍ଦ୍ର (Moon)—Orange Colour Cosmic ray
ସୂର୍ଯ୍ୟ (SUN)—Red Colour Cosmic ray
ମଙ୍ଗଳ (Mars)—Yellow Colour Cosmic ray
ବୃହସ୍ପତି (Jupiter)—Blue/Yellow Colour Cosmic ray
ଶୁକ୍ର (Venus)— Violet Colour Cosmic ray
ଶନି (Satron)—Indigo Colour Cosmic ray
ବୁଧ (Mercury)—Green Colour Cosmic ray
କେତୁ (Ketu)—Infra red Cosmic ray
ରାହୁ (Rahu)—Ultra Violet Cosmic ray Cosmic ray i, e. Deep Brown Colour equal to that of Gomed Stone

ଉପରୋକ୍ତସମସ୍ତ Cosmic rays ମନୁଷ୍ୟ ଶରୀର ଓ ମନକୁ ନିୟନ୍ତ୍ରଣ କରିଥାନ୍ତି । ମନୁଷ୍ୟମାନଙ୍କର ରାଶିଚକ୍ରରେ ଗ୍ରହମାନଙ୍କର ଅବସ୍ଥିତି ଓ ଦଶା ଅନ୍ତର୍ଦ୍ଦଶା ଅନୁସାରେ ପ୍ରତ୍ୟେକ Cosmic raysର ତୀବ୍ରତା ସେହି ଅନୁସାରେ ମନୁଷ୍ୟ ଶରୀରରେ ଅନୁଭୂତ ହୋଇଥାଏ । ଯଦି କୌଣସି ଗ୍ରହ କୌଣସି ରାଶିଚକ୍ରରେ ନୀଚରେ ଅବସ୍ଥାନ କରିଥାଏ ତେବେ ସେହି ଗ୍ରହର ଦଶା ଭୋଗ କାଳରେ ସେହି ଗ୍ରହରୁ ନିର୍ଗତ ହେଉଥିବା ସେହି rays ର ଅଭାବ ପରିଲକ୍ଷିତ ହୋଇଥାଏ । ଏହିପରି

Cosmic rayର ଅଭାବ କିଛି ବର୍ଷ ଶରୀରରେ ରହିବା ହେତୁ ଶରୀରରେ ପ୍ରବାହିତ ବୈଦ୍ୟୁତିକ ଶକ୍ତି ଓ ଚୁମ୍ବକୀୟ ଶକ୍ତିରେ ଗଣ୍ଡଗୋଳ ଦେଖା ଯାଇଥାଏ । ବୈଦ୍ୟୁତିକ ଓ ଚୁମ୍ବକୀୟ ଶକ୍ତିରେ ଗଣ୍ଡଗୋଳ ଦେଖାଗଲେ ମନୁଷ୍ୟର Vital force ଦୁର୍ବଳ ହୋଇପଡେ ଏବଂ ରୋଗ ସହଜରେ ଆକ୍ରମଣ କରିଥାଏ । ଏଣୁ ଏହି ପ୍ରକାର ପରିସ୍ଥିତିରୁ ମୁକୁଳିବାକୁ ହେଲେ ଅଭାବ ଦେଖା ଦେଉଥିବାCosmic rayକୁ କୃତ୍ରିମଭାବେ ମନୁଷ୍ୟ ଶରୀରରେ ନିପତିତ କରିବା ଉଚିତ । କିନ୍ତୁ ଏଠାରେ ମନେ ରଖିବାକୁ ପଡ଼ିବ ଯେ କୌଣସି ଶକ୍ତିକୁ ମନୁଷ୍ୟ ଶରୀରରେ କାର୍ଯ୍ୟ କରାଇବାକୁ ଗଲେ ଚିତ୍‌ଶକ୍ତିର ଆଶ୍ରୟ ନେବା ଉଚିତ । ତେଣୁ ମନକୁ ସଂଯତ୍ କରି ଈଶ୍ୱରଙ୍କୁ ଧ୍ୟାନପୂର୍ବକ ଚିକିତ୍ସିତ ହେବା ଉଚିତ ।

(କ୍ରମଶଃ)

କ୍ୱାଟର ନମ୍ବର ୪ଆର୍ ୧୪,
ୟୁନିଟ୍‌-୮, ଭୁବନେଶ୍ୱର-୧୨





''**ମା**''ର ସ୍ୱାସ୍ଥ୍ୟ ଭଲ ରହୁ, ଏଥିପାଇଁ ଆମେ ସଯତ୍ନ । ଆମେ ଆମ ପିଲାମାନଙ୍କୁ ସ୍ନେହ କରୁଁ । ଶାନ୍ତି ଓ ପ୍ରଗତିଶୀଳ ବିଶ୍ୱରେ ସେମାନଙ୍କର ବ୍ୟକ୍ତିତ୍ୱ ଯେପରି ପୂର୍ଣ୍ଣ ବିକାଶ ଲାଭ କରିବାର ସୁଯୋଗ ପାଏ ଓ ମାନବିକ ମୂଲ୍ୟବୋଧରେ ଅନୁପ୍ରାଣିତ ହୁଏ ।'' ସେଥିପାଇଁ ସ୍ନେହ, ସଯତ୍ନ ଲାଳନ ପାଳନ ଓ ଅତ୍ୟାବଶ୍ୟକ ସେବା ପାଇବାର ଅଧିକାର ଯେ ଶିଶୁର ଅଛି,—ଏ ସ୍ୱୀକୃତି ସେ'ହି ଦେଇଥିଲେ ଏବଂ ଏହାର ପୂର୍ଣ୍ଣ ରୂପାୟନ ପାଇଁ ସେ ଯୋଜନା କରିଥିଲେ । ସେ କିଏ ?

ନିଶ୍ଚିତ ଭାବରେ ସେ ଜଣେ ଜନନୀ । କେବଳ ସେତିକି ନୁହେଁ, ସେ ଥିଲେ ସମସ୍ୟା ବହୁଳ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ଶାସନ ମୁଖ୍ୟ ବିଶ୍ୱବନ୍ଦନୀୟା ମହିୟସୀ ମହିଳା ଇନ୍ଦିରା ଗାନ୍ଧୀ ।

ତାଙ୍କର ବହୁବିଧ କର୍ମ ମଣିଷ ସମାଜ ପାଇଁ, ଦେଶ ପାଇଁ ତଥା ଜାତି ପାଇଁ ଅବିସ୍ମରଣୀୟ । ସେ କଣ ମରି ପାରନ୍ତି ? ଯଥାର୍ଥରେ ଉତ୍କଳମଣି ପୁଣ୍ୟାତ୍ମା ଗୋପବନ୍ଧୁ ଲେଖିଛନ୍ତି—

''କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।''

ତେବେ ନିଜର କର୍ମ ହିଁ ମଣିଷକୁ ଜନମାନସରେ ଚିରଦିନ ପାଇଁ ବଞ୍ଚାଇ ରଖେ । ସେ ମରି ମଧ୍ୟ ଅମର । ମୃତ୍ୟୁ ପରେ ଲୋକମୁଖରେ ତା'ର କର୍ମ ହିଁ ଆଲୋଚିତ ହୋଇଥାଏ । ଭାଗବତକାର ଜଗନ୍ନାଥଦାସଙ୍କ ଭାଷାରେ :

''ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି''

ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆଜି ପରଲୋକଗତା । ତାଙ୍କ ମୃତ୍ୟୁର ଦୁଇଟି ବର୍ଷ ବିତି ଯାଇଥିଲେ ମଧ୍ୟ ''ଇନ୍ଦିରା ଶୂନ୍ୟ ଭାରତ'' ଏକଥା ଆମେ ଚିନ୍ତା ବି କରି ପାରୁନୁ । ସେ ମହାନ୍ ଛତ୍ରଛାୟା ତଳେ ପ୍ରତ୍ୟେକ ଭାରତୀୟ ନିଜକୁ ସୁରକ୍ଷିତ ମନେ କରୁଥିଲେ । ସାନ୍ତ୍ୱନା ଲାଭ କରୁଥିଲେ । ସେହି ଅଦ୍ୱିତୀୟା ମହାନ୍ ନେତ୍ରୀଙ୍କୁ ହରାଇ ଭାରତର ପ୍ରତ୍ୟେକ ସ୍ତ୍ରୀ, ପୁରୁଷ, ଆବାଳବୃଦ୍ଧ ଆଜି ତାଙ୍କ ଅବିସ୍ମରଣୀୟ ଗୁଣାବଳୀ ସ୍ମରଣ କରୁଛନ୍ତି ।

ରାଜମୁକୁଟ ଯେ ପଦେ ପଦେ କଣ୍ଟକିତ ତଥା ବିପଦ ସଙ୍କୁଳ ବିଶ୍ୱଇତିହାସରେ ତାହାର ଅନେକ ଜ୍ୱଳନ୍ତ ପ୍ରମାଣ ରହିଛି । ୧୯...

# ଇନ୍ଦିରା ଗାନ୍ଧୀ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ

କୁମାରୀ ଶୁଭଲକ୍ଷ୍ମୀ ମହା...

ମସିହାରେ ଇଟାଲିର ରାଜା ପ୍ରଥମ ଉମ୍ବର୍ଟୋଙ୍କଠାରୁ ଆରମ୍ଭ କରି ୧୯୮୪ ଅକ୍ଟୋବର ୩୧ ତାରିଖ ଦିନ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିଧନ ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ଦେଶର ପ୍ରାୟ ... ଜଣ ରାଷ୍ଟ୍ରନାୟକଙ୍କୁ ଏଇ ପଞ୍ଚାଅଶୀ ବର୍ଷ ମଧ୍ୟରେ ନିର୍ମମ ଭାବରେ ହତ୍ୟା କରାଯାଇଛି ॥ ରାଷ୍ଟ୍ରନେତାମାନଙ୍କ ହତ୍ୟା ତାଲିକାକୁ ନିରୀକ୍ଷଣ କଲେ ଜଣାଯାଏ ଚଳିତ ଶତାବ୍ଦୀର ପ୍ରତି ଦୁଇ ବର୍ଷରେ କୌଣସି ନା କୌଣସି ରାଷ୍ଟ୍ରନେତାଙ୍କୁ ଆତତାୟୀର ଆକ୍ରମଣରେ ଅତି ଆକସ୍ମିକ ଭାବେ ସଂସାରରୁ ଅକାଳରେ ବିଦାୟ ନେବାକୁ ପଡ଼ିଛି । ଆମ ଭାରତର ନିୟତିର ଏଇ କ୍ରୁର ଦୀର୍ଘ ତାଲିକାରେ ଦୁଇଥର ସ୍ଥାନ ପାଇ ... ଇତିହାସକୁ କଳଙ୍କିତ କରିଛି । ସ୍ୱାଧୀନତା ପ୍ରାପ୍ତିର ମାତ୍ର ... ମଧ୍ୟରେ ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ନୂଆଦିଲ୍ଲୀ ବିରଳା ଭବନ ପରିସର ମଧ୍ୟରେ ଅନୁଷ୍ଠିତ ପ୍ରାର୍ଥନା ସଭାରେ ସନ୍ଧ୍ୟା ପାଞ୍ଚ ଘଣ୍ଟା ସମୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡ଼ସେ ନାମକ ଜଣେ ଉନ୍ମତ୍ତ ଯୁବକ ଗୁଳି ଚଳାଇ ହତ୍ୟା କରିଥିଲେ । ସେହି ଦିବସର ସ୍ମରଣାର୍ଥେ ଜାନୁଆରୀ ୩୦ ତାରିଖଟିକୁ ଆଜି ମଧ୍ୟ ସାରା ଭାରତବାସୀ ଶହୀଦ ଦିବସ ରୂପେ ପାଳନ କରୁଛନ୍ତି । ତା'ର ଛତିଶ ବର୍ଷ ପରେ ଆମର ପରମ ପୂଜ୍ୟା ଶ୍ରୀମତୀ ଗାନ୍ଧୀଙ୍କୁ ୧୯୮୪ ମସିହା ଅକ୍ଟୋବର ୩୧ ତାରିଖ ଦିନ ତାଙ୍କ ସରକାରୀ ବାସଭବନରେ ତାଙ୍କର ଦେହରକ୍ଷୀ ଦୁଇଜଣ ଯୁବକଙ୍କ ଗୁଳି ମାଡ଼ରେ ଶହୀଦ ହେବାକୁ ପଡ଼ିଲା । ଯିଏ ସବୁ ଧର୍ମ, ସବୁ ଜାତି, ସବୁ ସଂପ୍ରଦାୟ, ସବୁ ମଣିଷଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ, ଜାତୀୟ ସଂହତିଥିଲା ଯାହାଙ୍କ ଶାସନର ମୂଳମନ୍ତ୍ର ତାଙ୍କୁ ଏଭଳି ନିର୍ମମ ଓ ନିର୍ଦ୍ଦୟଭାବରେ ହତ୍ୟା କରିବାକୁ ଆତତାୟୀଙ୍କର ହାତ ଓ ହୃଦୟ ଏକ ହୋଇ ପାରିଲା—ଏହା ଭାବିଲେ ଲଜ୍ଜ୍ୟା ଓ ଘୃଣାରେ ମନ ବିଷାକ୍ତ ହୋଇ ଉଠେ । ତାଙ୍କ ସ୍ମରଣାର୍ଥେ ଅକ୍ଟୋବର ୩୧ ତାରିଖ ସାରା ଭାରତବର୍ଷରେ ''ଜାତୀୟ ସଂହତି ଦିବସ'' ରୂପେ ପାଳିତ ହେଉଛି । ଦେଶ ସେବାରେ ନିଜକୁ ନିୟୋଜିତ କରିଥିବା ସମୟରେ ଆତତାୟୀର ଗୁଳି ମାଡ଼ରେ ମୃତ୍ୟୁ ବରଣ କରିଥିବାରୁ ଆଜି ଜାତିର ପିତା ମହାତ୍ମା ଗାନ୍ଧୀ ଓ ଜନତାର ପ୍ରିୟ ନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ଜାତୀୟ ଏକତାର 'ଅମର ଶହୀଦ' ଭାବେ ଦେଶ ସମ୍ମାନିତ କରୁଛି ।

**ସେଇ ଝିଅ ହଜାରେ ପୁଅଙ୍କୁ ଟପିଯିବ ....**

୧୯୧୭ ମସିହା ନଭେମ୍ବର ୧୯ ତାରିଖରେ ଭାରତର ସ୍ବାଧୀନତା ସଂଗ୍ରାମର କେନ୍ଦ୍ରସ୍ଥଳ ଆହ୍ଲାବାଦର ପ୍ରସିଦ୍ଧ "ଆନନ୍ଦ ଭବନ"ରେ ଶ୍ରୀମତୀ ଗାନ୍ଧୀଙ୍କର ଜନ୍ମ-ସମୟରେ, କେତେଜଣ ସ୍ବରୂପରାଣୀ ଉପସ୍ଥିତ ଥାଆନ୍ତି । କନ୍ୟା ଜନ୍ମ ହେବାକ୍ଷଣି ସେ ଅତ୍ୟନ୍ତ ମନସ୍ତାପରେ ମୋତିଲାଲଙ୍କ ପାଖରେ ପହଞ୍ଚି କହିଲେ "ବୋହୂ କମଳାର ଝିଅଟିଏ ହୋଇଛି । ପୁଅଟିଏ ହେଲା ନାହିଁ ।" ମାତ୍ର ଆନନ୍ଦ ମନରେ ମୋତିଲାଲ କହିଦେଇଥିଲେ–"ସେଇ ଝିଅ ହଜାରେ ପୁଅଙ୍କୁ ବଳିଯିବ" । ପ୍ରକୃତରେ ଇନ୍ଦିରା ଗାନ୍ଧୀ ତାଙ୍କ ଜୀବନରେ ତାହାହିଁ ଦେଖାଇ ଦେଲେ । ଜୀବନ ଯୁଦ୍ଧରେ ସେ କେବେ ହେଲେ ହାରି ଯାଇ ନାହାନ୍ତି । ଥକି ପଡ଼ି ନାହାନ୍ତି । ସେ ପରିସ୍ଥିତି ସହିତ ଖାପ୍ ଖୁଆଇ ଅତ୍ୟନ୍ତ ସାହସ ଓ ଦୃଢ଼ତାର ସହିତ ପ୍ରତ୍ୟେକ ସମସ୍ୟାର ସମାଧାନ କରି ପାରିଥିଲେ । ନିଜର ବିବେକ ଅନୁସାରେ ନିଜେ ଯାହା ଠିକ୍ ଭାବୁଥିଲେ, ତାହାହିଁ କରୁଥିଲେ । ଭାରତର ରାଜନୀତିରେ ଇନ୍ଦିରା ଗାନ୍ଧୀଙ୍କ ପ୍ରଭାବ, ପରାକ୍ରମ ଓ କାର୍ଯ୍ୟ ଦକ୍ଷତା ଏତେ ବେଶୀ ଥିଲା ଯେ ନିଜେହିଁ ସେସବୁ ସମସ୍ୟାର ସମାଧାନ କରୁଥିଲେ । ଶାସନରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ଖୁବ୍ ଦୃଢ଼ ଥିଲା । ଦୀର୍ଘ ଷୋହଳ ବର୍ଷ ଶାସନ ଭାର ଗ୍ରହଣ କରି ସେ ଯେ ଜଣେ ଦକ୍ଷ ପ୍ରଶାସିକା, ତାହା ସାରା ବିଶ୍ୱରେ ପ୍ରମାଣିତ ହୋଇପାରିଛି । ତାଙ୍କୁ କେହି କେବେ ବେଖାତିର୍ କରିବାକୁ ସାହସ କରିନଥିଲେ । ପିତା ଜବାହରଲାଲ ନେହେରୁଙ୍କ ସହିତ ଦୀର୍ଘ ଅଠର ବର୍ଷ କାଳର ସେବା ଓ ସାନ୍ନିଧ୍ୟ ଫଳରେ ସେ ରାଷ୍ଟ୍ରୀୟ ପୁନର୍ନିର୍ମାଣ ଓ ଆନ୍ତଃ ରାଷ୍ଟ୍ରୀୟ ସହଯୋଗର ମହତ୍ତ୍ୱକୁ ହୃଦୟଙ୍ଗମ କରିଥିଲେ । ବିଚାର କଲେ, ଆଜି କହିହେବ ଯେ, ପିତାଙ୍କ ଅପେକ୍ଷା ଅଧିକ ଯୋଗ୍ୟ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ । ଜବାହରଲାଲ ନେହେରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଥିବା ସମୟରେ ଅନେକ ପ୍ରଭାବଶାଳୀ ଜନନେତାଙ୍କୁ ଖୁବ୍ ସମ୍ମାନ ଦେଉଥିଲେ । ସେମାନଙ୍କଠାରୁ ପରାମର୍ଶ ଲୋଡ଼ୁଥିଲେ, ପରାମର୍ଶ ପାଉଥିଲେ । ତାକୁ ମଧ୍ୟ ଗ୍ରହଣ କରୁଥିଲେ । ମାତ୍ର ଇନ୍ଦିରାଙ୍କ ଯୁଗରେ ତା'ର ପରିବର୍ତ୍ତନ ହୋଇଥିଲା । ନିଜ ବୁଦ୍ଧି, ବିଦ୍ୟା, ବିଚାରବଳରେ ସେ ନିଜେ ପରିଚାଳିତା । ତାଙ୍କ ଯୁଗରେ ବହୁ ନେତା ଶାସନର ନେତୃତ୍ୱ ପାଇଥିଲେ ତାଙ୍କ ସାହାଯ୍ୟ ଓ ସମର୍ଥନରେ ।

**ବୈପ୍ଳବିକ ପଦକ୍ଷେପ**

ଶ୍ରୀମତୀ ଗାନ୍ଧୀ ପ୍ରଥମେ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ଭାରତର ତତ୍କାଳୀନ ରାଜନୀତିଜ୍ଞମାନେ ମନେ କରିଥିଲେ ଯେ ଭାରତବର୍ଷ ରସାତଳଗାମୀ ହେବ । କାରଣ ଜଣେ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦେଶର ଶାସନ ଭାର ଗ୍ରହଣ କରୁଛନ୍ତି । ସେ ନିଜର ପ୍ରଜ୍ଞା, ଧୀଶକ୍ତି, ଅଭିଜ୍ଞତା ଓ ସର୍ବୋପରି ନିଜ ପିତାଙ୍କଠାରୁ ଲାଭ କରିଥିବା ଅନୁଭୂତିକୁ ସମ୍ବଳ କରି ଭାରତର ତଥାକଥିତ ନେତୃବର୍ଗଙ୍କ ଆଶଙ୍କା ଓ ଚିନ୍ତାକୁ ପରାଭୂତ କରି ୧୯୬୯ ମସିହାରେ ରାଜା ରାଜୁଡ଼ାଙ୍କ ହାତପାଣି ଉଚ୍ଛେଦ ଓ ବ୍ୟାଙ୍କଗୁଡ଼ିକର ଜାତୀୟକରଣ କରି ଭାରତବର୍ଷରେ ଯେଉଁ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କଲେ ତାହା ଦ୍ୱାରା କେବଳ ଭାରତବାସୀ ନୁହଁନ୍ତି ସାରା ବିଶ୍ୱସମାଭୂତ ହୋଇ ଉଠିଥିଲା । ଦେଶ ସ୍ୱାଧୀନତା ଲାଭ ସମୟରେ ଏ ଦେଶରେ ବହୁ ରାଜନ୍ୟ ବର୍ଗ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଭତ୍ତା ଆକାରରେ ପାଉଥିଲେ । ସେମାନଙ୍କୁ ଶେଷ ଥର ପାଇଁ ଭତ୍ତା ପ୍ରଦାନ କରି ସବୁ ଦିନ ପାଇଁ ତାହିର ଉଚ୍ଛେଦ ସାଧନ କରି ଭାରତର ରାଜକୋଷକୁ ରକ୍ଷା କରିବା ଲାଗି ଯେଉଁ ସାହସ ଓ ଦମ ପ୍ରଦର୍ଶନ କରିଥିଲେ ତାହିର ପଟାନ୍ତର ନାହିଁ । ସେହିଭଳି ଅନେକଗୁଡ଼ିଏ ବ୍ୟାଙ୍କ୍ ଏ ଦେଶର ବହୁ ଧନୀକ ସଂପ୍ରଦାୟ ଦ୍ୱାରା ପରିଚାଳିତ ହେଉଥିଲା । ସେମାନେ ତାଙ୍କର ଇଚ୍ଛାନୁଯାୟୀ ବ୍ୟାଙ୍କର ଗଚ୍ଛିତ ଧନ ନିଜ ଉଦ୍ଦେଶ୍ୟରେ ଉପଯୋଗ କରୁଥିଲେ । ଦେଶର ଅଗଣିତ ସାଧାରଣ ଜନତା ବ୍ୟାଙ୍କଗୁଡ଼ିକରୁ କୌଣସି ସୁଫଳ ପାଇ ପାରୁ ନଥିଲେ । ଶ୍ରୀମତୀ ଗାନ୍ଧୀ ବ୍ୟାଙ୍କର ଗଚ୍ଛିତ ଧନରାଶିକୁ ଦେଶର ସମୂହ କଲ୍ୟାଣ ନିମନ୍ତେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିବା ପାଇଁ ଦୃଢ଼ ମନୋବଳ ପ୍ରଦର୍ଶନ କରି, ତହିଁରେ କୃତକାର୍ଯ୍ୟ ହୋଇଥିଲେ । ଏଇ ଦୁଇଟି କାର୍ଯ୍ୟ ସଂପାଦନ ହିଁ ତାଙ୍କୁ ଜଣେ ଦକ୍ଷ ପ୍ରଶାସିକା ତଥା ଦୁଃସାହସିକା ନାରୀନେତ୍ରୀ ଓ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରଧାନମନ୍ତ୍ରୀ ଭାବରେ ସାରା ବିଶ୍ୱରେ ପ୍ରମାଣିତ କରିଥିଲା ।

**ସେ ଥିଲେ ଶକ୍ତିମୟୀ**

ସେ ଥିଲେ ଅନନ୍ୟ ସାଧାରଣ । ଦୀର୍ଘ ଷୋହଳ ବର୍ଷ ଧରି ଭାରତର ଭାଗ୍ୟବିଧାତା ଏବଂ ସମଗ୍ର ପୃଥିବୀର ଘଟଣା ପ୍ରବାହକୁ ପ୍ରଭାବିତ କଲାପରି ଜଣେ ବ୍ୟକ୍ତିତ୍ୱ । ତାଙ୍କର ଜୀବନ ଏକ ଗୌରବମୟ ସମର୍ପିତ ଜୀବନ । ୧୯୬୬ ରୁ ୧୯୮୪ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଭାରତବର୍ଷ ଯେଉଁ କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାଫଲ୍ୟ ଅର୍ଜନ କରିଛି ତାହା କେବଳ ଶ୍ରୀମତୀ ଗାନ୍ଧୀଙ୍କର ଅମୂଲ୍ୟ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଇନ୍ଦିରା ଗାନ୍ଧୀଙ୍କ ଜୀବନ ଭାରତ ଇତିହାସର ଏକ ଉଲ୍ଲେଖନୀୟ ଅଧ୍ୟାୟ ସହିତ ଜଡ଼ିତ । କାରଣ ସେ ପ୍ରାୟ ଷୋହଳ ବର୍ଷ କାଳ ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ନେତ୍ରୀ ତଥା ପ୍ରଧାନମନ୍ତ୍ରୀ ଭାବରେ ଅଧିଷ୍ଠିତା ଥିଲେ । ନିଜ ଜୀବନକାଳ ମଧ୍ୟରେ ତାଙ୍କୁ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ଅନେକ ଝଡ଼ଝଞ୍ଜା ସହିବାକୁ ପଡ଼ିଛି; ମାତ୍ର ଏହି ମହୀୟସୀ ମହିଳା ନିଜର ପ୍ରତ୍ୟୁତ୍ପନ୍ନ ବୁଦ୍ଧି ବଳରେ ସେ ସବୁର ମୁକାବିଲା କରିଥିଲେ । ନିଜ ଜୀବନ କାଳ ମଧ୍ୟରେ ଥରେ ନୁହେଁ ଚାରିଥର ସେ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହୋଇ ଦେଶ ଶାସନ କରିବାକୁ ଦେଶବାସୀଙ୍କର ଅକୁଣ୍ଠ ସମର୍ଥନ ଲାଭ କରିଥିଲେ । ତାଙ୍କ ପାଖରେ ଥିଲା ବଳିଷ୍ଠ ନେତୃତ୍ୱ, ଅକଳନୀୟ ଶକ୍ତି । ଭାରତବର୍ଷ ତାଙ୍କର ସମାଧି ସ୍ଥଳୀକୁ "ଶକ୍ତିସ୍ଥଳ" ନାମରେ ନାମିତ କରି ଶକ୍ତିମୟୀର ସମ୍ମାନ ଦେଇଛି । ରାଣୀ ଦୁର୍ଗାବତୀ ଯୁଦ୍ଧ କ୍ଷେତ୍ରରେ ଏକା ଏକା ସେନାନେତ୍ରୀ ରୂପେ ସଂଗ୍ରାମ ଚଳାଇ ଯେପରି ଶହୀଦ ହୋଇଥିଲେ ଶ୍ରୀମତୀ ଗାନ୍ଧୀ ସେହିପରି ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧରେ ସେନାନେତ୍ରୀ ଭାବରେ ପାକିସ୍ତାନକୁ ପରାସ୍ତ କରି ଭାରତକୁ ବିଜୟଟୀକା ପିନ୍ଧାଇ ଥିଲେ । ଭାରତର ନାରୀ ଶକ୍ତିର ପ୍ରତିଭା ତାଙ୍କ ବ୍ୟକ୍ତିତ୍ୱରେ ଯେପରି ପରିପ୍ରକାଶ ହେଲା ତା'ର ତୁଳନା ନାହିଁ ।

**ପୂର୍ବଜନ୍ମରେ ଆଦିବାସୀ ଥିଲି**

ନିରୀହ ସରଳ ଆଦିବାସୀମାନଙ୍କ ପ୍ରତି ତାଙ୍କର ମମତାକୁ କେହି ଆଖିରେ ଦେଖିଥିବା ବ୍ୟକ୍ତି ଜୀବନରେ ଭୁଲିବା, କେବେ ସମ୍ଭବ ନୁହେଁ । ସେମାନଙ୍କ ପ୍ରତି ତାଙ୍କର ସ୍ନେହ, ଅମାପ ଆଦର କହିଲେ ନସରେ । ନିଷ୍କପଟ, ନିରୀହ ଆଦିବାସୀମାନଙ୍କ ସହିତ ସତେ ଯେପରି ତାଙ୍କ ହୃଦୟର ମିଳନ ଘଟିଥିଲା । ୧୯୭୮ରେ କ୍ଷମତାରେ ନଥିବା ସମୟରେ ଥରେ ଭୁବନେଶ୍ୱର ରାସ୍ତାରେ ଆଦିବାସୀ ଝିଅମାନଙ୍କୁ ଦେଖି ଗାଡ଼ି ଅଟକାଇ ସେମାନଙ୍କୁ ଫୁଲମାଳ ପିନ୍ଧାଇ ଦେବାପରେ ଆନନ୍ଦ ଗଦ୍‌ଗଦ୍ କଣ୍ଠରେ କହିଥିଲେ–"କେବେ କେବେ ମୁଁ ଭାବେ ପୂର୍ବ ଜନ୍ମରେ ମୁଁ ଏକ ଆଦିବାସୀ ପରିବାରରେ ଜନ୍ମ ହୋଇଥିଲି । ଏଥିରୁ ସ୍ପଷ୍ଟ ହୁଏ ତାଙ୍କର ସେହି ଆଦିବାସୀମାନଙ୍କ ପ୍ରତି ପ୍ରଗାଢ଼ ମମତା ।

**ବିଶ୍ୱଶାନ୍ତି ପାଇଁ...ଆତ୍ମା ଶାନ୍ତି ପାଇଁ...**

ବିଶ୍ୱରେ ଚିର ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଇନ୍ଦିରାଜୀଙ୍କର ଆତ୍ମା ସଦାବେଳେ ବିକଳ ହୋଇ ଉଠୁଥିଲା । ପିତାଙ୍କ ପଥ ଅନୁସରଣ କରି ସେ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ପାଇଁ ସର୍ବାଧିକ ଉଦ୍ୟମ କରିଥିଲେ । ବିଶ୍ୱଶାନ୍ତି ଥିଲା ତାଙ୍କ ବୈଦେଶିକ ନୀତିର ଅନ୍ୟତମ ବୈଶିଷ୍ଟ୍ୟ । ବିଶ୍ୱର ଆଲୋଚନା ମାଧ୍ୟମରେ ଦେଶ-ଦେଶ ମଧ୍ୟରେ ସୁ-ସଂପର୍କ ସ୍ଥାପନ

କରିବା, ସମସ୍ତ ବିବାଦ ସମାଧାନ କରିବାରେ ସେ ଶତଚେଷ୍ଟିତ ଥିଲେ । ଏପରି ଭାବରେ ପଡୋଶୀ ରାଜ୍ୟକୁ ସେ ନିଜର କରିବାରେ ସିଦ୍ଧହସ୍ତା ଥିଲେ । ଗୋଷ୍ଠୀ ନିରପେକ୍ଷତା ନୀତି କାର୍ଯ୍ୟକାରୀ କରିବା ଦିଗରେ ସେ ନିଜ ପିତାଙ୍କୁ ବଳିଯାଇ ନିଜକୁ ସୁପ୍ରତିଷ୍ଠିତ କରି ପାରିଥିଲେ । ଆନ୍ତର୍ଜାତିକ ରାଜନୈତିକ ମାନଚିତ୍ରରେ ତାଙ୍କର ସ୍ଥାନ ଖୁବ୍ ଉଚ୍ଚରେ ।

ବିଶ୍ୱଶାନ୍ତି ପରି ନିଜ ଆତ୍ମାର ଶାନ୍ତି ବା ଆନନ୍ଦ ପାଇଁ ସେ ତୁଷାରହାର ଧବଳା ନଗାଧିରାଜ/ହିମାଳୟ ଓ....ପୁଣ୍ୟସଳିଳା ଗଙ୍ଗା ନଦୀକୁ ଅଧିକ ଭଲ ପାଉଥିଲେ । ତେଣୁ ସେ ତାଙ୍କର ମୃତ୍ୟୁପରେ ତାଙ୍କର ଚିତାଭସ୍ମକୁ ହିମାଦ୍ରୀ ଶିଖ ଉପରେ ବିଞ୍ଚାଇ ଦେବା ସହିତ ଆଉ କିଛିକୁ ଗଙ୍ଗୋତ୍ରୀରେ ମିଶାଇ ଦେବାର ଅଭିଳାଷ ପୋଷଣ କରିଥିଲେ ।

**ଗଣତନ୍ତ୍ରର ଉପାସିକା**

ଶ୍ରୀମତୀ ଗାନ୍ଧୀ ଗଣତନ୍ତ୍ରର ଏକନିଷ୍ଠ ଉପାସିକା ଥିଲେ । ଗଣତନ୍ତ୍ର ବିନା ଭାରତ ଶାସନ ସୁଦୃଢ଼ ହୋଇ ପାରିବ ନାହିଁ ବୋଲି ସେ ବିଶ୍ୱାସ କରୁଥିଲେ । ତାଙ୍କର ମତ ଥିଲା ଭାରତବର୍ଷ ବହୁ ମତର ଦେଶ, ବହୁ ଭାଷା ଭାଷୀ ଲୋକ ଏଠାରେ ବାସ କରନ୍ତି । ବହୁ ଜାତିର ମିଶ୍ରଣ ଘଟିଥିବାର ଦେଶ । ତେଣୁ ଏଠାରେ ଗଣତନ୍ତ୍ର ଶାସନ ହିଁ ଟିକି ପାରିବ । ସେ କହିଥିଲେ—"ଆମେ ଏକ ଶକ୍ତିଶାଳୀ ଭାରତ ଚାହୁଁ, କିନ୍ତୁ ଏକତାର ବଳରେ ଏକ ଗଣତାନ୍ତ୍ରିକ ପନ୍ଥାରେ ହିଁ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ହେବ । ସବୁ ସଂପ୍ରଦାୟ ଓ ଜାତିରଲୋକ ନିଜର ବିକାଶ ପାଇଁ ଯଦି ସଂପୂର୍ଣ୍ଣ ସୁଯୋଗ ଓ ସୁବିଧା ଲାଭ କରି ପାରନ୍ତି ଏବଂ ଏକାଠି ମିଶି ସାମୂହିକ ଓ ସାମାଜିକ ଉନ୍ନୟନ ପାଇଁ କାର୍ଯ୍ୟ କରନ୍ତି ତା'ହେଲେ ଭାରତ ଶକ୍ତିଶାଳୀ ହୋଇ ପାରିବ । ଏହାହିଁ ଏକମାତ୍ର ପନ୍ଥା ।"

**ଗରିବୀ ହଟାଇବା ପାଇଁ...**

ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ପ୍ରଥମେ ଗରିବ ଲୋକମାନଙ୍କର ଉତ୍ଥାନ କରିବା, ସେମାନଙ୍କର ବିକାଶ ଘଟାଇବା ଅତ୍ୟନ୍ତ ଜରୁରୀ । ଗରିବମାନଙ୍କର ଉନ୍ନତି ବିନା ଜାତୀୟତା ବା ଗଣତନ୍ତ୍ର ମୂଲ୍ୟହୀନ । ତେଣୁ ସେ ଗରିବମାନଙ୍କ ନିମନ୍ତେ ୨୦ଦଫା କାର୍ଯ୍ୟକ୍ରମ ଆରମ୍ଭ କଲେ । ପୂର୍ବରୁ ଯେଉଁ ଯୋଜନା ଥିଲା ସେସବୁ ସାଧାରଣ ଗରିବ ଜନସାଧାରଣଙ୍କୁ ସ୍ପର୍ଶ କରି ପାରୁ ନଥିଲା । ତେଣୁ ସାଧାରଣ ଗରିବ ଜନତା ବ୍ୟକ୍ତିଗତ ଭାବେ କିଭଳି ଉପକୃତ ହେବେ ତାହାହିଁ ୨୦ଦଫା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଏହା ସେମାନଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ସନନ୍ଦପତ୍ର ସଦୃଶ ।

ଦାରିଦ୍ର୍ୟ, ବେକାରୀ ବିରୁଦ୍ଧରେ ସେ ମୃତ୍ୟୁ ପର୍ଯ୍ୟନ୍ତ ଅବିରାମ ସଂଗ୍ରାମ ଚଳାଇ ଥିଲେ । ଦେଶର କୃଷି, ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, କର୍ମସଂସ୍ଥାନ, ଖାଦ୍ୟ, ବସ୍ତ୍ର, ବାସଗୃହ ଓ କ୍ରୀଡ଼ା ଇତ୍ୟାଦି ସମାଜର ସବୁ କ୍ଷେତ୍ରରେ ତାଙ୍କ ସମୟରେ ଅଭୂତ ଉନ୍ନତି ସାଧିତ ହୋଇଛି । ଦେଶକୁ ସ୍ୱାବଲମ୍ବୀ ଓ ଶକ୍ତିଶାଳୀ କରିବା ଏବଂ ଦରିଦ୍ର ଅସହାୟମାନଙ୍କର ଅ... କରିବା ଥିଲା ତାଙ୍କ ଶାସନର ମୁଖ୍ୟ କାର୍ଯ୍ୟ ।

ସବୁ ଧର୍ମ, ସବୁ ସମାଜକୁ ସେ ସମ ଦୃଷ୍ଟିରେ ଦେଖୁଥିଲେ । ଧର୍ମ ନିର୍ବିଶେଷରେ ମାନବ ସମାଜକୁ ଏକ ଭାବରେ ବିସ୍ତର ... ଛୁଆଁ, ଅଛୁଆଁ ଭେଦଭାବ ତାଙ୍କ ନିକଟରେ ନଥିଲା । ସେ ନିଜେ ଫିର... ଗାନ୍ଧୀଙ୍କୁ ବିବାହ କରିଥିଲେ ଏବଂ ଇଟାଲିୟ କନ୍ୟା ସୋନିଆଙ୍କୁ ନି... ବଧୂ ରୂପେ ଗ୍ରହଣ କରିଥିଲେ । ଏଥିରୁ ତାଙ୍କର ଉଦାର ଦୃଷ୍ଟିଭଙ୍ଗୀ ... ପ୍ରମାଣିତ ହୁଏ । ସେ ତାଙ୍କ ଶାସନ କାଳରେ ସବୁ ଧର୍ମାବଲମ୍ବୀଙ୍କୁ ସ... ଅଧିକାର ଦେଉଥିଲେ ।

କୌଟିଲ୍ୟ ତାଙ୍କର ଅର୍ଥଶାସ୍ତ୍ରରେ ଜଣେ ଦକ୍ଷ ଶାସକର ସର୍ବୋ... ଗୁଣ ସଂପର୍କରେ ଆଲୋଚନା କରି ଲେଖିଛନ୍ତି—"ତାଙ୍କର ଜନ୍ମ ଉଚ୍ଚକୁ... ହୋଇଥିବ । ସେ ଅତ୍ୟନ୍ତ ସାହସୀ, ପୁଣ୍ୟାତ୍ମା ଓ ସତ୍ୟ... ହୋଇଥିବେ । ଅନ୍ତଃ ବିରୋଧୀପ୍ରକୃତିରୁ ସେ ମୁକ୍ତ ଥିବେ । ତାଙ୍କଠା... କୃତଜ୍ଞତାର ଭାବ ରହିଥିବ । ତାଙ୍କର ଉଚ୍ଚ ଲକ୍ଷ୍ୟ ଥିବ । ସେ ଅ... ଦୃଢ଼ମନା ଓ ଅନୁଶାସନ ରୁଚି ସମ୍ପନ୍ନ ହୋଇଥିବା ଉଚିତ ।" ଏ ... ଗୁଡ଼ିକ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଥିଲା ଏବଂ ଜୀବିତାବସ୍ଥାରେ ବିଶ୍ୱଶ୍ରେ... ନେତ୍ରୀ ଭାବରେ ସେ ଦେଶ ବିଦେଶରେ ସମ୍ମାନିତା ହୋଇଥିଲେ ... ଦେଶ ପ୍ରେମରେ ପାଗଳ ହୋଇ ଦେଶବାସୀଙ୍କ ପାଇଁ ସେବା କରୁ କ... ତାଙ୍କୁ ଅଚିରେ ଶହୀଦ ହେବାକୁ ପଡ଼ିଲା । ଭୁବନେଶ୍ୱର ପ୍ୟାରେ... ପଡ଼ିଆରେ ୧୯୮୪ ମସିହା ଅକ୍ଟୋବର ମାସ ତିରିଶ ତାରିଖରେ ... ତାଙ୍କର ଅନ୍ତିମ ଭାଷଣରେ କହିଥିଲେ,—"ଜାତିର ସେବା କରୁ କରୁ ଯ... ମୋତେ ପ୍ରାଣବଳି ଦେବାକୁ ପଡେ ତେବେ ତାହା ହେବ ମୋ ପ... ଗୌରବ । ମୋର ଦୃଢ଼ ବିଶ୍ୱାସ ଯେ, ମୋ ଦେହର ପ୍ରତିଟି ରକ୍ତବିନ୍ଦୁ ଏ... ଦେଶର ଅଭିବୃଦ୍ଧିରେ ସହାୟକ ହେବା ସଙ୍ଗେ ସଙ୍ଗେ ଏହାକୁ ଶକ୍ତିଶା... ଓ ଗତିଶୀଳ କରି ଗଢ଼ି ତୋଳିବ ।"

ଇନ୍ଦିରା ଗାନ୍ଧୀ ସମଗ୍ର ବିଶ୍ୱ ଇତିହାସରେ ଏକ ଅବିସ୍ମରଣୀୟା ଓ ଚି... ବନ୍ଦନୀୟା ଶକ୍ତି । ଇତିହାସକୁ ଅଶୋକ, ଚନ୍ଦ୍ରଗୁପ୍ତ, ଆକବର ପ୍ରଭୃତି ମହନୀୟ ଶାସକ ଓ ନେତାଙ୍କୁ ଭାରତ ଦାନ କରିଛି ଓ ସେହି ପରମ୍ପରା ଅନୁସାରେ ଇନ୍ଦିରା ଗାନ୍ଧୀ ଅନ୍ୟ ଏକ ଜ୍ୱଳନ୍ତ ଜ୍ୟୋତିଷ୍କ । ଇନ୍ଦିରା ଗାନ୍ଧୀ ନିଜ ମୃତ୍ୟୁ ପୂର୍ବରୁ ହିଁ ସମଗ୍ର ତୃତୀୟ ବିଶ୍ୱର ନେତ୍ରୀ ରୂପେ ଖ୍ୟାତି ଲାଭ କରିଥିଲେ ଏବଂ ମୃତ୍ୟୁ ପରେ ନିଜ ଆଦର୍ଶର ବେଦୀ ଉପରେ ନିଜକୁ ବଳି ଦେଇ ସେ ପୃଥିବୀର ଏକ ଶ୍ରେଷ୍ଠ ଆଦର୍ଶ ବାଦିନୀ ନେତ୍ରୀ ଓ ଶାସକ ରୂପେ ପ୍ରସିଦ୍ଧ ହୋଇ ରହିବେ । ବିଶ୍ୱ ଇତିହାସ ଆକାଶରେ ଯେଉଁ କେତେକ ଉଜ୍ଜ୍ୱଳ ତାରକା ଚିର ଦିନ ନିମନ୍ତେ ରଶ୍ମି ବିକୀରଣ କରି ଅମର ହୋଇ ଯିବେ, ସେମାନଙ୍କ ମଧ୍ୟରେ ଉଜ୍ଜ୍ୱଳତମ ହୋଇ ରହି ଯାଇଛନ୍ତି ଅମର ପୂଜ୍ୟା—ଇନ୍ଦିରା ଗାନ୍ଧୀ ।

କ୍ୱାର୍ଟର୍ ନମ୍ବର ୪୨/୪, ଟାଇପ୍ ଫୋର୍—ଏ ୟୁନିଟ୍—୨, ଭୁବନେଶ୍ୱର



# ସାହିତ୍ୟ ସରସୀରେ ପ୍ରତିଭାତ ପଦ୍ମ – 'ପାଣି'

ଶ୍ରୀ ଅବନୀଚନ୍ଦ୍ର ଦାସ

କୁମାର ପୂର୍ଣ୍ଣମାରେ ଚନ୍ଦ୍ରପରି ଜନ୍ମ ଗ୍ରହଣକରି ବୈଶାଖ ଅମାବାସ୍ୟାରେ ଅସ୍ତମିତ ହେଲାବେଳେ ଯିଏ ଗଣ ହୃଦୟରେ ପୂଜା ପାଉଥିଲା 'ଗଣକବି ଭାବରେ'; ଯିଏ ଆଣିଥିଲା ଓଡ଼ିଆ ସାହିତ୍ୟ ଓ କଳାର ମଧୁର ସମନ୍ୱୟ; ଯିଏ ରଚନା କରିଥିଲା ନାଟ୍ୟକଳାଓ ସଂସ୍କୃତିର ଜୀବନ୍ତ ସାହିତ୍ୟ; ଯିଏ ଭରି ଦେଉଥିଲାଗଣ ହୃଦୟରେ ଅଫୁରନ୍ତ ଆନନ୍ଦର ଉତ୍ସ; ଯିଏ ସୃଷ୍ଟି କରୁଥିଲା ଓଡ଼ିଆ ପ୍ରାଣରେ ସାହିତ୍ୟ, କଳା, ସଂସ୍କୃତି ଓ ଓଡ଼ିଆ ରଙ୍ଗମଞ୍ଚ ପ୍ରତି ଗଭୀର ମମତା ଓ ଆକର୍ଷଣ; ପଲ୍ଲୀ ମାଟିରେ 'ନଟ' ବେଶରେ ନାଚି ନାଚି ଯିଏ ରଚନା କରିଥିଲା ନାଟ୍ୟକଳାର ପ୍ରଥମ ସୋପାନ; ଓଡ଼ିଶାର ଗଣ ଚିରକୁ ଯିଏ ଦାନ କରିଗଲା ଅମୂଲ୍ୟ ଓ ଶାଶ୍ୱତ ସାହିତ୍ୟ; ପ୍ରାଚୀନ ଓଡ଼ିଶା ଯାତ୍ରାକୁ ଯିଏ ଦେଇଗଲା ଆଧୁନିକତାର ରୂପରେଖ; ସେହି ଗଣହୃଦୟର ରସିକକବି ବୈଷ୍ଣବପାଣି ଆଜି ପ୍ରତ୍ୟେକ ପୁରପଲ୍ଲୀ, ନଗର-ସହର ସବୁଆଡେ ସୁପରିଚିତ ।

ଜନ୍ମ ତାଙ୍କର ୧୮୮୨ ମସିହା ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମରେ ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ । ବାଲ୍ୟକାଳରୁ କୋଠପଦାସ୍ଥିତ ରଘୁନାଥଜୀଉ ମଠର ମହନ୍ତଙ୍କ ଦେବାର୍ଚ୍ଚନା ପାଇଁ ପୁଷ୍ପଚୟନ କାର୍ଯ୍ୟରେ ନିଜକୁ ନିଯୋଜିତକରି ନିଜର ଦାରିଦ୍ର୍ୟତା ମେଣ୍ଟାଇବାର ଆଶା ଯେତିକି କ୍ଷୀଣ ହୋଇଆସୁଥିଲା;ବାଳକ ବୈଷ୍ଣବ' ଙ୍କର କଅଁଳ ପ୍ରତିଭା ରୂପକ ଫୁଲ ଦେବାର୍ଚ୍ଚନାପାଇଁ ନିର୍ବାଚିତ ପୁଷ୍ପପରି ବିକଶିତ ହେବାର ପ୍ରବଳ ଆକାଂକ୍ଷା ସେତିକି ବଳବତ୍ତର ହୋଇ ଉଠିଲା । ମହନ୍ତଙ୍କ ମଠ ପାଇଁ ଫୁଲ ତୋଳୁତୋଳୁ ସେ ସିନା ମଠରେ ଗଲେପାଠ ପଢାରେ; କିନ୍ତୁ କବିତ୍ୱରଫୁଲ ତାଙ୍କର ମହକି ଉଠିଲା ଖାଲିମଠରେ ନୁହେଁ ସାରା ମୁଲକରେ । ବିଭିନ୍ନ ଶାସ୍ତ୍ର, ପୁରାଣ ଓ ସାମାଜିକ ପରିବେଶରୁ ତଥ୍ୟ ସଂଗ୍ରହ କରି ସେ ସୃଷ୍ଟିକଲେ ଶତ ଶତ ସୁଆଙ୍ଗ, ଯାତ୍ରା, ଲୀଳା, ଭଜନ, ଜଣାଣ, ଚଉତିଶା ଇତ୍ୟାଦି ।

ଯେଉଁ ସାହିତ୍ୟର ରୂପ , ଗଣ ଜୀବନରେ ପ୍ରତିଫଳିତ ହୋଇପାରେ—'ତାହାହିଁ ଗଣସାହିତ୍ୟ', ସରଳ, ଲଳିତ, ବୋଧଗମ୍ୟ ଭାଷାରେ ସମୟୋପଯୋଗୀ ଶିକ୍ଷାପ୍ରଦ ଘଟଣା ମାନଙ୍କୁନେଇ ସମାଜର ବିଶୃଙ୍ଖଳିତ ଅନୁସାରେ ଯେଉଁ ମର୍ମସ୍ପର୍ଶୀ ଗଣନାଟ୍ୟର ସ୍ୱର ଝଙ୍କୃତ ହୋଇଉଠିଲା ତାହା ଏହି ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ । ସ୍ୱକୀୟ ସାଧନା ବଳରେ କବି ଯେଉଁ ସାହିତ୍ୟ ସୃଷ୍ଟି କଲେ ତାହା ଆବାଳ ବୃଦ୍ଧ-ବନିତାଙ୍କ ପ୍ରାଣରେ ପୁଲକ ସୃଷ୍ଟିକରେ । ଏଣୁ ଡଃ ମାନସିଂହ କହନ୍ତି—"ଭାରତୀୟ ସାହିତ୍ୟରେ ଯାହା ଲଇଲା-ମଜନୁ, ଆନ୍ତର୍ଜାତିକ ସାହିତ୍ୟରେ ଯାହା ପିରାମସ୍ ଓ ଥିସ୍‌ବି ବା ରୋମାୟ୍ ଜୁଲିଏଟ୍; ଓଡ଼ିଆରେ ସେହି କାହାଣୀର ନାମ କେଦାର-ଗୌରୀ । କବିବର ରାଧାନାଥ ଏହି କାହାଣୀକୁ କାବ୍ୟ ଗୌରବ ଦେଲାବେଳେ ବୈଷ୍ଣବ ପାଣି ଏହାକୁ ଦେଇଗଲେ ଯାତ୍ରାଭିନୟର ରୂପ ।" ରଙ୍ଗମଞ୍ଚ ଉପରେ ରାଜା ଇଲାତେନ୍ଦୁ କେଶରୀ ଓ ତାଙ୍କର ମନ୍ତ୍ରୀଙ୍କୁ ଆବିର୍ଭୂତ କରାଇ ରାଜ୍ୟର ସମସାମୟିକ ସମସ୍ୟା ଉପରେ କବିଯେଉଁ ପର୍ଯ୍ୟାଲୋଚନା କରିଛନ୍ତି, ତାହାର କାବ୍ୟିକ ରୂପହେଲା—

"ନିଜ ରାଜକୋଷୁଁ ବିଦ୍ୟାଶାସନ ନିର୍ମାଣି
ନିଯୋଗମାନ ଖଞ୍ଜୁଛି ରାଜନ
ଭାଜନ ନ ହେବ ତାକୁ କେହି,
ଯୋଗ୍ୟ ଚିକିତ୍ସକ ହେତୁ ରୋଗ ନାହିଁ ଦେଶେ
ଲୁଛୁ ମହୀ ଭୋଗୁଛନ୍ତି ପ୍ରଜାବର୍ଗେ
ଖେଳୁଛନ୍ତିଛାମୁ ଛାମୁ ସୁଖରାଇ
ବିଦ୍ୟାଳୟ ଛାତ୍ରାବାସ ପରିସ୍ୱଚ୍ଛନାରେ
ନ ଘଟଇ କ୍ଷତି, ଜାଣ କ୍ଷିତିପତି
ବହୁଛି ଶିକ୍ଷାରୂପିଣୀ ନଈ,
କର୍ମଗ୍ରାହୀଙ୍କ କର୍ମରେ ଭ୍ରମେ ତ୍ରୁଟି ଦିନେ
ନ ଦେଖିବେ ତୋଳେ
ନ ଶୁଣିବେ ତିଳେ
ଶ୍ରୁତି ବିଜେ, ବଇଷ୍ଣବ କହି ।"

ବ୍ୟଙ୍ଗ ହିଁ ସମାଜ ଜୀବନକୁ ମାର୍ଜିତ କରେ । ଅନ୍ୟଭାବରେ କହିଲେ ପାଣିକବି ତାଙ୍କର ସାହିତ୍ୟରେ ନିଜର ବ୍ୟଙ୍ଗାତ୍ମକ 'ଅଭିବ୍ୟକ୍ତିରେ ସମାଜକୁ ମାର୍ଜିତ କରିବାପାଇଁ ଆହ୍ୱାନ ଦେଇଛନ୍ତି । ତତ୍କାଳୀନ ନିର୍ବାଚନ ପ୍ରଥା ଉପରେ କଠୋର କଶାଘାତ କରି ଦୃଢ ମୁଖରେ କହିଛନ୍ତି—

ଲାଗିଅଛି ମଜା ଦୁନିଆ ଯାକରେ
ବଢ଼ିଲାଣି ଛୋଟ ଲୋକଙ୍କ ଟେକରେ
ଏବେଛନ୍ତି ପୁଅଭୋଟର ରଙ୍ଗରେ
ନ ବୁଝନ୍ତି ସେତ ବାପ୍ପ ସଙ୍କଟରେ

ଟିକଟ ଖଣ୍ଡିକ ବାକସ ଫାଙ୍କରେ
ପଡ଼ିଲେ ତେଣିକି ଫୁଲାନ୍ତି ନାକରେ

ଲଟପଟ ଲାଭ ନହୁଅ ପଙ୍କରେ
ବଇଆ ବୋଲଇ ନ ଶୁଣେ ତାକରେ

ଗଣକବିଙ୍କ ଗୀତିନାଟ୍ୟ ବିଭବଶାଳୀ ହୋଇଛି କେବଳ ଗ୍ରାମୀଣ ସହଜ ସରଳ ଶବ୍ଦ ସମ୍ଭାରରେ । ଖାଲି ଯେ ପାଣି ବଚନିକା ଭିତରେ ଏହି ଗ୍ରାମ୍ୟ ପରମ୍ପରାର ସ୍ୱରୂପ ପ୍ରକଟିତ ହୋଇଛି ତାହା ନୁହେଁ, ଏପରିକି ପୁରାଣ ବର୍ଣ୍ଣିତ ଭଗବାନ୍ ଶ୍ରୀକୃଷ୍ଣଙ୍କ ମୁଖରେ ଫୁଟି ଉଠିଛି–

ମାଈମାନେ କୋଳ କରିବେ
ନୁଆ ଲୁଗା ପିନ୍ଧାଇଦେବେ
ଖାଇବାକୁ ଦେବେ ଡାଲି ସନ୍ତୁଳାଭାତ
ଗାଇକରି ଦେବେ ପାଣି କଖାରୁ ।

ରୀତି ଯୁଗୀୟ କବିତାମାନଙ୍କୁ ପାଣି ସାହିତ୍ୟ ତୁଳନା କଲେ ଏକ ବିରାଟ ପାର୍ଥକ୍ୟ ପରିଲକ୍ଷିତ ହୁଏ । କବି ୰ପାଣି ସମାଜରେ ସଂସ୍କାର ଆଣିବା ପାଇଁ, ଛାତ୍ର, ଯୁବକମାନଙ୍କର ଚରିତ୍ର ଗଠନ ପାଇଁ, ମଣିଷମନରେ ସତ୍ୟ ଓ ଧର୍ମର ବୀଜ ବପନ କରିବା ପାଇଁ ଓଡ଼ିଆ ନାଟ୍ୟ ସାହିତ୍ୟ ମାଧ୍ୟମରେ ଯେଉଁ ଅଦ୍ଭୁତ ପୂର୍ବ ସାଫଲ୍ୟ ଆଣି ପାରିଥିଲେ ତାହା ତାଙ୍କ ପ୍ରତିଭାର ଅନ୍ୟତମ ବୈଶିଷ୍ଟ୍ୟ । କବିଥିଲେ ଅତ୍ୟନ୍ତ ଚତୁର, ପ୍ରତ୍ୟୁତ୍ପନ୍ନମତି, ସରଳ ବିଶ୍ୱାସୀ, ସ୍ପଷ୍ଟବାଦୀ, ନିର୍ଭୀକ ଓ ଧର୍ମପରାୟଣ ବ୍ୟକ୍ତି । ଏସବୁ ପାଇଁ କୌଣସି ପ୍ରମାଣ ଆବଶ୍ୟକ କରେ ନାହିଁ । କାରଣ, ପ୍ରତ୍ୟେକଟି ସୃଷ୍ଟି ସମ୍ଭାରରେ କବିଙ୍କ ମହନୀୟତାର ପ୍ରତିବିମ୍ବ ଉଦ୍ଭାସିତ ହୋଇ ଉଠିଛି । ପ୍ରଗାଢ଼ ଈଶ୍ୱର ଭକ୍ତି ଓ ଭଗବତ୍ ପ୍ରେମର ପ୍ରମାଣ ତାଙ୍କ ମୁଦ୍ୟୁଦ୍ଭର୍ତ୍ସନାମଣ୍ଡିତ ମହାବାହୁ ଚକାଡୋଳା ଜଗନ୍ନାଥଙ୍କୁ ସ୍ତୁତିରେ ପ୍ରମାଣିତ । ତାହାହେଲା–

"ଛାଡମାଡଖିଆ ବୁଢ଼ି ହେ, ବଡ ଦେଉଳେ ବଡ ଗୋସାଇଁ
ଯେ ମାରଇ ମାଡ ସେ ହୋଇଲା ବଡ ବାଡ ହେଲୁ ତାକୁ ତୁହି
ମାଡ ଦେଲା ଗୋପେ.........
ବଇଷ୍ଣବ ଭଳି ଲଡ଼ିଆ ଧରିଛି କରେ ଲଗାଇବ ନେଇ ।"

ସେହିପରି କବିଙ୍କ ପ୍ରତ୍ୟୁତ୍ପନ୍ନମତିତାକୁ ସ୍ପଷ୍ଟ କରିବା ପାଇଁ କବିଙ୍କ ଜନ୍ମସ୍ଥାନ କୋଠପଦାସ୍ଥିତ ଗଣକବି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ପ୍ରକାଶିତ ଗଣକବି ସଂଗୀତ ବିଚିତ୍ରାରେ କୁହାଯାଇଛି–"ଏକଦା ଜନୈକ ଭଦ୍ରବ୍ୟକ୍ତି କଥୋପକଥନ ଛଳରେ କହି ପକାଇଲେ–'ପାଣିଏ, ତୁମ ମୁହଁରୁ ପାଣି ଛାଡ଼ି ଗଲାଣି'××××××ତତ୍‌କ୍ଷଣାତ୍ ପାଣି କହିଲେ–'ହଁ, ତମ ମୁହଁରେ ଦେଖା ଯାଉଛି ବୋଲିତ ଏଣିକି ସମସ୍ତେ ସାରିବେ ।" ପାଣି ସାରିବା କି ଅର୍ଥରେ ବ୍ୟବହୃତ ହୁଏ, ତାହା ଭଦ୍ରବ୍ୟକ୍ତିଙ୍କୁ ଅଗୋଚର ରହିଲା ନାହିଁ ଫଳରେ, ଚତୁର ପାଣିଙ୍କ ପ୍ରତ୍ୟୁତ୍ପନ୍ନ-ମତିତା ପାଖରେ ସେ ଲଜ୍ଜିତ ହେଲେ ।

କିନ୍ତୁ ବହୁ ସଦ୍‌ଗୁଣ ସତ୍ତ୍ୱେ କେତେକ ଅଶୋଭନୀୟ କାର୍ଯ୍ୟ ପାଇଁ ବୈଷ୍ଣବ ପାଣି ସମାଜ ଚକ୍ଷୁରେ ହୋଇ ଯାଇଥିଲେ ଘୃଣ୍ୟ ଏକ ଉପେକ୍ଷିତ ପୁରୁଷ । କାରଣ, ସେ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରି 'ବଟ' ନାମ୍ନୀ ଏକ ରଜକିର ପ୍ରେମପାଶରେ ଆବଦ୍ଧ ହୋଇଥିଲେ । ଯେଉଥିପାଇଁକି, ସବୁରି ମୁହଁରେ ସେ ହୋଇଥିଲେ ସମାଲୋଚନାର ପାତ୍ର । ଅନେକ ନିନ୍ଦା, ଗାଳି, ହାସ୍ୟ, ଭର୍ତ୍ସନା ଏବଂ କଠୋର ଶାସନ ସତ୍ତ୍ୱେ ବି ସେ ପ୍ରେମିକା ରଜକିନୀଙ୍କୁ ତ୍ୟାଗ କରିପାରି ନଥିଲେ । କବିଙ୍କର ପ୍ରେମିକ ଜୀବନକୁ ବିକଶିତକରି କବିତ୍ୱର ପରିପ୍ରକାଶପାଇଁ ଯିଏ ପ୍ରଭୁ ପ୍ରେରଣା ଯୋଗାଉଥିଲା; ସେ ଲାସ୍ୟମୟୀ ପ୍ରେମିକାକୁ ସେ ତ୍ୟାଗ କରନ୍ତେ କିପରି ? ଏବଂ କଥିତ ଅଛି, ବାଲ୍ୟାବସ୍ଥାରେ ବହୁ ଛୋଟ ବଡ଼ସ୍ତ୍ରୀ ଓ ନିଶାଦ୍ରବ୍ୟ ସେବନ ପାଣିଙ୍କ ଜୀବନକୁ କଳୁଷିତ କରିଥିଲା । ଏ ସବୁ ସକଳ କୁକର୍ମରେ ଲିପ୍ତ ଥାଇ ମଧ୍ୟ କବିଙ୍କ ଜୀବନ ଫୁଲ ଭଳି ମହକି ହୋଇଉଠିଲା । କାରଣ, ହୃଦୟ ତାଙ୍କର କୋମଳ ଓ ନିର୍ମଳ ଥିଲା, ସେଥିପାଇଁ ସେ ନିନ୍ଦା, ଗାଳି, ମାନ, ଅପମାନ ସବୁ ସହ୍ୟ କରିପାରୁଥିଲେ । ମନ ତାଙ୍କର ପବିତ୍ର ଥିଲା । ଏଣୁ ସେ ପରିକଳ୍ପନା କରିଥିଲେ ଏକ ସୁସ୍ଥ, ଶାନ୍ତ ସମାଜର ପ୍ରତିଷ୍ଠା । ତାଙ୍କ ପ୍ରାଣରେ ପ୍ରଚୁର ଥିଲା । ତେଣୁ ସେ ସୃଷ୍ଟି କରୁଥିଲେ ଶତ ଶତ ରସୋତ୍ତୀର୍ଣ୍ଣ ସାହିତ୍ୟ ବିଭବ ଏବଂ ସର୍ବୋପରି ଥିଲା ତାଙ୍କର ଅଟଳ ଭଗବତ୍ ବିଶ୍ୱାସ । ସେଥିପାଇଁ ସବୁବେଳେ ସେ ଭଜନ, ଜଣାଣ ମାଧ୍ୟମରେ ଭଗବତ୍ କୃପାର ଆଶ୍ରୟ ଲୋଡୁଥିଲେ ।

ଶେଷରେ ଏତିକିମାତ୍ର କୁହାଯାଇପାରେ, ଦିନଯାଏ ତଥା ନିଷ୍କଳଙ୍କ ପାଣିଙ୍କ ଜୀବନ ଫୁଲଟା ସୂର୍ଯ୍ୟରଶ୍ମୀଭଳି ତାଙ୍କର କଳା ଓ ପ୍ରତିଭାର ଦିଗନ୍ତ ବିସ୍ତାରୀ ଆଲୋକରେ ଆହୁରି ଶୁଭ୍ର ଓ ସତେଜ ହୋଇ ଉଠିଥା । ସକଳ ଆବର୍ଜନା ମଧ୍ୟରୁ କେବଳ ସାର ସଂଗ୍ରହ କଲାପରି କବି ନିଜର ପ୍ରତିଭା ବଳରେ ଏ ପଙ୍କିଳ ଦୁନିଆଁ ଭିତରୁ ଜୀବନର ସାରକଥାକେ ସଂଗ୍ରହ କରି ଗଣ ଜୀବନକୁ ତାହା ଦାନ କରିଗଲେ ।

ସେଇ ସେହି ପାଣି, ଯାହାତଳେ କିଛିଟା ପଙ୍କ ଥିଲେ ବି, ଉପରେ ପଦ୍ମ ଫୁଟେ । ସେ ସ୍ୱଚ୍ଛ ଓ ପବିତ୍ର । ନୀରସ ପ୍ରାଣରେ ସେ ଜୀବନ ସଞ୍ଚାର କରିପାରେ । ସେ ସବୁରି ନମସ୍ୟ । ସେହି ମହାନ୍ କବିପ୍ରତିଭା ଉଦ୍ଦେଶ୍ୟରେ ମୋର ବିନମ୍ର ପ୍ରଣତି ।

ସମ୍ପାଦକ, ଗଣକବି ସାଂସ୍କୃତିକ ସଂସଦ
କୁମୁଟାଜୟପୁର, କଟକ ।

# ସପ୍ତମ ଯୋଜନାରେ ହସ୍ତତନ୍ତ

ଶ୍ରୀ ରବୀନ୍ଦ୍ରନାଥ ମିଶ୍ର

**ଆ**ଜିକାଲିର ଯନ୍ତ୍ର ଯୁଗରେ ହସ୍ତତନ୍ତର ପ୍ରସାର ଓ ଉନ୍ନତି ପାଇଁ ସରକାରୀ ପ୍ରଚେଷ୍ଟା କଥା ଶୁଣିଲେ ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । ଲର୍ଡ଼ କର୍ଜନ କହିଥିଲେ ହାତପଙ୍ଖା ଯେପରି ବିଦ୍ୟୁତ୍‌ପଙ୍ଖା ପାଇଁ ରାସ୍ତା ଛାଡ଼ିଦେଲା, ହସ୍ତତନ୍ତ ସେହିପରି କଳତନ୍ତ ପାଇଁ ରାସ୍ତା ଛାଡ଼ି ଦେବ । ଲର୍ଡ଼ କର୍ଜନଙ୍କର ସମସ୍ତ ଲକ୍ଷ୍ୟ ଓ ପ୍ରଚେଷ୍ଟା ଥିଲା ନିଜ ଜନ୍ମଭୂମି ଇଂଲଣ୍ଡର ଅଭ୍ୟୁଦୟ ସାଧନ କରିବା । ସ୍ୱାଧୀନ ଭାରତର ଅବସ୍ଥା କିନ୍ତୁ ଭିନ୍ନ । କଳତନ୍ତର ଅଭ୍ୟୁଦୟ ସହ ହସ୍ତତନ୍ତର ବିକାଶ କରାଇ ତା' ଉପରେ ନିର୍ଭର କରୁଥିବା ପାରଂପରିକ ବୟନଶିଳ୍ପୀ ଓ ଶିଳ୍ପକୁ ବ୍ୟବସ୍ଥିତ କରାଇବା ପାଇଁ ଜନପ୍ରିୟ ସରକାର ନାନାବିଧ ପ୍ରଯତ୍ନ କରୁଅଛନ୍ତି । ଅବଲୁପ୍ତ ପ୍ରାଚୀନ ବୟନଶିଳ୍ପର କଳାକୌଶଳ, ସୂକ୍ଷ୍ମତା ଓ ନିପୁଣତା ପୁନଃ ପ୍ରତିଷ୍ଠିତ କରିବା ପାଇଁ ବହୁମୁଖୀ ପ୍ରଚେଷ୍ଟା କରାଯାଉଛି । ଭାରତୀୟ କଟନ୍‌ମିଲ ଫେଡେରେସନ୍‌ଙ୍କ ତଥ୍ୟ ଅନୁଯାୟୀ ଭାରତରେ ୧୫୦ କୋଟି ଟଙ୍କା ମୂଳଧନ ବିନିଯୋଗରେ ହସ୍ତତନ୍ତ ବାର୍ଷିକ ୨,୦୪୦ ନିୟୁତ ମିଟର ଲୁଗା ଉତ୍ପାଦନ କଲାବେଳେ ସେତିକି ପରିମାଣର ମୂଳଧନ ଖଟାଯାଇଥିବା କଳତନ୍ତରେ ବାର୍ଷିକ ମାତ୍ର ୧,୬୩୮ ନିୟୁତ ମିଟର ଲୁଗା ଉତ୍ପାଦିତ ହୁଏ । ସେହିପରି ୧୪୮୦ କୋଟି ଟଙ୍କା ମୂଳଧନ ଖଟା ଯାଇଥିବା ଲୁଗା କଳରେ ୩୨୨୩ ନିୟୁତ ମିଟର ଲୁଗା ଉତ୍ପାଦିତ ହେଉଛି । ଦେଶର ଏହି ଏକ ତୃତୀୟାଂଶ ଲୁଗା ଉତ୍ପାଦନ ପାଇଁ ୩୮.୨୦ ଲକ୍ଷ ତନ୍ତରେ ପ୍ରାୟ ୧୦ ନିୟୁତ ତନ୍ତୁବାୟ ନିୟୋଜିତ ଏବଂ ସମସଂଖ୍ୟକ ଲୋକ ଏହାର ଆନୁସଙ୍ଗିକ କାର୍ଯ୍ୟରତ । ଏକ ବିକାଶଶୀଳ ଅର୍ଥନୀତିରେ ମୂଳଧନ ଅଭାବ ହେବା ସ୍ୱାଭାବିକ । କିନ୍ତୁ ଦେଶରେ କ୍ରମ ବର୍ଦ୍ଧମାନ ଜନସଂଖ୍ୟାକୁ କର୍ମନିଯୁକ୍ତି ଦେବା ଏକାନ୍ତ ଜରୁରୀ । ହସ୍ତତନ୍ତ ପରି କୁଟୀର ଓ ଗ୍ରାମ୍ୟଶିଳ୍ପର ବିକାଶ ମାଧ୍ୟମରେ ଏହି କର୍ମନିଯୁକ୍ତି ସମ୍ଭବ । ଏକକ ଶିଳ୍ପୀ ଭାବରେ ତନ୍ତୁବାୟମାନଙ୍କ ସଂଖ୍ୟା ସର୍ବାଧିକ । ତେଣୁ ସେମାନଙ୍କ ଉନ୍ନତି ଏତେ ସରକାରୀ ପ୍ରଚେଷ୍ଟା ।

ସପ୍ତମ ଯୋଜନା କାଳରେ ଆମ ଦେଶରେ ହସ୍ତତନ୍ତର ବିକାଶ ପାଇଁ ଯେଉଁ କେତେକ ବ୍ୟବସ୍ଥା ରଖାଯାଇଛି । ସେ ଗୁଡ଼ିକ ହେଲା ଅଧିକ ବୟନ ଶିଳ୍ପୀଙ୍କୁ ସମବାୟ ପରିସରଭୁକ୍ତ କରି ହସ୍ତତନ୍ତର ଉତ୍ପାଦନ ଓ ତନ୍ତୁବାୟମାନଙ୍କର ଆୟ ବୃଦ୍ଧି କରିବା । ଏତଦ୍‌ବ୍ୟତୀତ ତନ୍ତୁବାୟମାନଙ୍କ ପାଇଁ ବାସଗୃହ ଯୋଗାଣ ଓ ସ୍ୱଳ୍ପ ସଞ୍ଚୟ ପଦ୍ଧତିରେ ବୀମା ସୁବିଧା ପ୍ରଦାନ କରାଯିବାର ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ହସ୍ତତନ୍ତର ବିକାଶ ପାଇଁ ଯେଉଁ କେତେକ ବ୍ୟବସ୍ଥା କରାଯାଉଛି ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

ଓଡ଼ିଶାରେ ପ୍ରାୟ ୧.୫୦ ଲକ୍ଷ ତନ୍ତ କାର୍ଯ୍ୟ କରୁଛି । ସପ୍ତମ ଯୋଜନା କାଳ ସୁଦ୍ଧା ସେ ଭିତରୁ ୯୫ ହଜାର ସମବାୟ ଓ ୨୫ ହଜାର ରାଜ୍ୟ ହସ୍ତତନ୍ତ ନିଗମଙ୍କ କର୍ତ୍ତୃତ୍ୱାଧୀନକୁ ଆଣିବାର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ତନ୍ତୁବାୟମାନଙ୍କୁ ବ୍ୟବସାୟୀଙ୍କ କବଳରୁ ମୁକ୍ତ କରାଯାଇ ପାରିବ । କିନ୍ତୁ ତନ୍ତୁବାୟ ସମିତିର ସଭ୍ୟମାନଙ୍କୁ ସର୍ବନିମ୍ନ ଟ୨୦୦.୦୦ (ଦୁଇଶହ ଟଙ୍କା) ସମିତିରେ ଅଂଶ ଖଟାଇବାକୁ ପଡେ । ମାତ୍ର ସମିତି ଋଣ କରି ଏହି ଅଂଶଧନର ଦଶଗୁଣ ଟଙ୍କା ବ୍ୟବସାୟରେ ବିନିଯୋଗ କରିଥାଏ । ଏକକାଳୀନ ଏତେ ଟଙ୍କା ଦେବା ସଭ୍ୟମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ସରକାରଙ୍କ ପକ୍ଷରୁ ଋଣ ଆକାରରେ ସଭ୍ୟମାନଙ୍କୁ ଏହି ଅର୍ଥ ଯୋଗାଇ ଦିଆଯାଏ । କ୍ରମେ ଏହା ସେମାନଙ୍କ ମଜୁରୀରୁ କାଟି ପରିଶୋଧ କରାଯାଏ । ଏଥିପାଇଁ ସପ୍ତମ ଯୋଜନା କାଳରେ ୬୦ ଲକ୍ଷ ଟଙ୍କା ବିନିଯୋଗ କରାଯିବା ପାଇଁ ସ୍ଥିର ହୋଇଛି ।

ଅଧିକ ସଂଖ୍ୟକ ବୁଣାକାରଙ୍କୁ ସମବାୟ ପରିସରଭୁକ୍ତ କରାଗଲାବେଳେ ଯେଉଁ କେତେକ ନୂତନ ସମିତି ଗଠିତ ହେବ, ସେଗୁଡ଼ିକ ପ୍ରଥମବର୍ଷ ବ୍ୟାଙ୍କରୁ କାର୍ଯ୍ୟକାରୀ ମୂଳଧନ ପାଇ ପାରିବେ ନାହିଁ । ତେଣୁ ସରକାରଙ୍କୁ ଏହା ଋଣ ଆକାରରେ ଯୋଗାଇ ଦେବାକୁ ହେବ । ଏଥିପାଇଁ ସପ୍ତମ ଯୋଜନା କାଳରେ ୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ଅର୍ଥରୁ ୪୦୦୦ ଟଙ୍କା ସୂତାତନ୍ତ ପାଇଁ ଟ ୫୦୦ ହାରରେ ଓ ଏକ ହଜାର ରେଶମ ତନ୍ତ ପାଇଁ ଟ ୧୦୦୦ ହାରରେ କାର୍ଯ୍ୟକାରୀ ମୂଳଧନ ଯୋଗାଇ ଦିଆଯାଇ ପାରିବ ।

ଭାରତରେ ତନ୍ତପିଛା ବାର୍ଷିକ ୧୬୫୦ ମିଟର ଲୁଗା ଉତ୍ପାଦିତ ହେଉଥିବା ବେଳେ ଓଡ଼ିଶାରେ ମାତ୍ର ୯୦୦ ମିଟର ଉତ୍ପାଦିତ ହୁଏ । ଅବଶ୍ୟ ବାନ୍ଧ ଲୁଗା ଉତ୍ପାଦନ ସମୟ ସାପେକ୍ଷ । ତେବେ ଓଡ଼ିଶାରେ ପ୍ରଚଳିତ ପୁରାତନ ଗାତ ତନ୍ତର ବହୁଳତା ଏହାର ଅନ୍ୟତମ କାରଣ । ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ଏଗୁଡ଼ିକର ଆଧୁନିକୀକରଣ ଆବଶ୍ୟକ । ଉତ୍ପାଦନ ବୃଦ୍ଧି ନଘଟିଲେ ବୁଣାକାରମାନଙ୍କର ଆୟ ବୃଦ୍ଧି

ପାଇବ ନାହିଁ । ତାଛଡା ଗାତ ତନ୍ତରେ କେବଳ ଧୋତି ଓ ଶାଢ଼ୀ ବୁଣି ବଜାରରେ ବିକ୍ରି କରିବା କଷ୍ଟକର । ପ୍ରେମ୍‌ଲୁମ୍ ଓ ଡ୍ରବି, ଜାକର୍ଡ୍ ଆଦିର ବ୍ୟବହାର କରି ପର୍ଦ୍ଦା, ଗୁଦର, ତଉଲିଆ ପ୍ରଭୃତି ବୁଣିଲେ ସେ ଗୁଡ଼ିକ ତତ୍ପର ବିକ୍ରୟ ହେବ । ସେଥିପାଇଁ ସପ୍ତମ ଯୋଜନା କାଳରେ ୩୦ ହଜାର ତନ୍ତକୁ ଆଧୁନିକୀକରଣ କରିବା ଲକ୍ଷ୍ୟ ରଖାଯାଇଛି । ତନ୍ତ ପ୍ରତି ଦୁଇହଜାର ଟଙ୍କା ହିସାବରେ ଏଥିରେ ମୋଟ ୬ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଖର୍ଚ୍ଚର ଅଧା ଋଣ ଆକାରରେ ଓ ଅଧା ସବ୍‌ସିଡ୍ ଆକାରରେ ଦିଆଯିବ । ସବସିଡ଼ି ଖର୍ଚ୍ଚର ଏକ ତୃତୀୟାଂଶ କେନ୍ଦ୍ରସରକାର ଓ ଦୁଇ ତୃତୀୟାଂଶ ରାଜ୍ୟ ସରକାର ବହନ କରିବେ । ଏଥିପାଇଁ ରାଜ୍ୟ ସରକାର ସରକାର ସପ୍ତମ ଯୋଜନା କାଳ ମଧ୍ୟରେ ଦୁଇକୋଟି ଟଙ୍କା ବ୍ୟୟ ଅଟକଳ ରଖିଛନ୍ତି । ଋଣ ଟଙ୍କା ଜାତୀୟ ସମବାୟ ଉନ୍ନୟନ ନିଗମ ରାଜ୍ୟ ସରକାରଙ୍କ ଜରିଆରେ ଯୋଗାଇ ଦେବେ ।

ପ୍ରଚଳିତ ତନ୍ତଗୁଡ଼ିକରେ ଅଭ୍ୟସ୍ତ ବୁଣାକାରମାନଙ୍କୁ ଆଧୁନିକ ତନ୍ତ ଓ ତତ୍‌ସଂଲଗ୍ନ ଯନ୍ତ୍ରପାତିଗୁଡ଼ିକର ବ୍ୟବହାର ସମ୍ବନ୍ଧରେ ଶିକ୍ଷା ଦେବାକୁ ହେବ । ଷଷ୍ଠ ଯୋଜନା କାଳରେ ୩୪୦୦ ବୁଣାକାରଙ୍କୁ ଏପରି ଶିକ୍ଷା ଦିଆଯାଇଥିଲା । ସପ୍ତମ ଯୋଜନା କାଳରେ ଦୁଇ ହଜାର ବୁଣାକାରଙ୍କୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହିପରି ଶିକ୍ଷା ଦିଆଯିବାକୁ ସ୍ଥିର ହୋଇଅଛି । ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳ ଆତ୍ମନିଯୁକ୍ତି ଯୋଜନାରେ ଆଉ ତିନି ହଜାର ଲୋକଙ୍କୁ ଏହିପରି ଶିକ୍ଷା ଦିଆଯିବ । ଏଥିପାଇଁ ଏବେ ଖୋଲିଥିବା ୩ଟି ଶିକ୍ଷା କେନ୍ଦ୍ର ବ୍ୟତୀତ ଆଉ ୩ଟି ନୂଆ ଶିକ୍ଷା କେନ୍ଦ୍ର ସ୍ଥାପିତ ହେବ ।

ଦୁର୍ବଳ ତନ୍ତୁବାୟ ସହଯୋଗ ସମିତିଗୁଡ଼ିକ ପରିଚାଳନା ପାଇଁ ତିନିବର୍ଷ ସାହାଯ୍ୟ ଦିଆଯାଏ । ତାହା ପ୍ରଥମ ବର୍ଷ ସମସ୍ତ ଖର୍ଚ୍ଚ, ଦ୍ୱିତୀୟ ବର୍ଷ ଅଧା ଖର୍ଚ୍ଚ ଓ ତୃତୀୟ ବର୍ଷ ଏକଚତୁର୍ଥାଂଶ ଖର୍ଚ୍ଚ ଆକାରରେ ସାହାଯ୍ୟ ମିଳିଥାଏ । ସପ୍ତମ ଯୋଜନା କାଳରେ ୧୫ ଲକ୍ଷ ଟଙ୍କା ଏହିପରି ସାହାଯ୍ୟ ଆକାରରେ ଦେବାକୁ ସ୍ଥିର କରାଯାଇଛି । ଓଡ଼ିଶାରେ କାର୍ଯ୍ୟ କରୁଥିବା ୬୧୦ଟି ତନ୍ତୁବାୟ ସହଯୋଗ ସମିତି ମଧ୍ୟରୁ ଷଷ୍ଠ ଯୋଜନା କାଳ ଶେଷ ସୁଦ୍ଧା ୧୫୦ଟି ସମିତିର ଗୋଦାମ ଗୃହ ନିର୍ମାଣ ସରିଥିଲା । ସପ୍ତମ ଯୋଜନା କାଳରେ ଆଉ ୫୦ଟି ସମିତି ପାଇଁ ଗୋଦାମଗୃହ ନିର୍ମିତ ହେବା ସ୍ଥିର ହୋଇଛି । ଏଥିରୁ ପ୍ରତ୍ୟେକଟିରେ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ । ଏହି ଖର୍ଚ୍ଚର ଅର୍ଦ୍ଧେକ ସମିତିକୁ ଋଣ ଆକାରରେ ଓ ଅର୍ଦ୍ଧେକ ସବ୍‌ସିଡ଼ି ଆକାରରେ ଯୋଗାଇ ଦିଆଯିବ । ଓଡ଼ିଶା ସରକାରଙ୍କ ପକ୍ଷରୁ ଏଥିପାଇଁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖା ଯାଇଛି ।

ସପ୍ତମ ଯୋଜନା କାଳରେ ଓଡ଼ିଶାରେ ଏକ ଲକ୍ଷ ତନ୍ତ କାର୍ଯ୍ୟକ୍ଷମ କରାଯିବାର ଓ ତନ୍ତ ପ୍ରତି ବାର୍ଷିକ ଉତ୍ପାଦନ ୯୦୦ ମିଟରରୁ ୧,୨୫୦ ମିଟରକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଛି । ତାହାହେଲେ ସପ୍ତମ ଯୋଜନା କାଳରେ ବାର୍ଷିକ ୧୨୬ ନିୟୁତ ମିଟର ହସ୍ତତନ୍ତ ବସ୍ତ୍ର ଉତ୍ପାଦନ କରିବା ସମ୍ଭବ ହୋଇପାରିବ । କିନ୍ତୁ ଯେଉଁ ପରିମାଣରେ ଉତ୍ପାଦନ ବୃଦ୍ଧିର ଲକ୍ଷ୍ୟ ରଖାଯାଇଛି । ସେହି ପରିମାଣରେ ବିକ୍ରିବଟା ବୃଦ୍ଧି ଘଟିବା ମଧ୍ୟ ଆବଶ୍ୟକ । ଏଥିପାଇଁ ପ୍ରଚାର ଓ ପ୍ରଦର୍ଶନୀ ମାଧ୍ୟମରେ ବଜାର ସୃଷ୍ଟି କରିବାକୁ ହେବ ଓ ଅଧିକ ସଂଖ୍ୟକ ବିକ୍ରୟ କେନ୍ଦ୍ର ଖୋଲି ଲୋକଙ୍କ ପାଖରେ ହସ୍ତତନ୍ତ ବସ୍ତ୍ର ପହଞ୍ଚାଇ ଦେବାକୁ ହେବ । ଓଡ଼ିଶାରେ ହସ୍ତତନ୍ତ ବସ୍ତ୍ରର ବିକ୍ରୟ ଭାର ମୁଖ୍ୟତଃ ଦୁଇଟି ସଂସ୍ଥା ଉପରେ ନ୍ୟସ୍ତ । ସେ ଦୁଇଟି ହେଲା ଓଡ଼ିଶାରାଜ୍ୟ ହସ୍ତତନ୍ତ ବୁଣାକାର ସହଯୋଗ ସମିତି ଏବଂ ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ । ଏ ଦୁଇଟିକୁ ଶକ୍ତିଶାଳୀ କରିବାକୁ ହେବ ।

ଆଜିକାଲିର ଲୁଗା ବଜାର ଅତ୍ୟନ୍ତ ପ୍ରତିଯୋଗିତା ମୂଳକ । ମିଲମାନଙ୍କ ପରି ପ୍ରଚାର ମାଧ୍ୟମରେ ହସ୍ତତନ୍ତ ସାମଗ୍ରୀଗୁଡ଼ିକର ପ୍ରଚାର ନ କଲେ ବଜାର ବଢ଼ିପାରିବ ନାହିଁ । ସମ୍ବାଦ ପତ୍ର, ବେତାର ଟେଲିଭିଜନ ଓ ସିନେମା ମାଧ୍ୟମରେ ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ପ୍ରଚାର କରାଯାଏ । ପ୍ରଦର୍ଶନୀ ତଥା ମେଳାମାନଙ୍କରେ ହସ୍ତତନ୍ତ ଦ୍ରବ୍ୟ ପ୍ରଦର୍ଶିତ ହେଉଛି । କିନ୍ତୁ ଏହି ପ୍ରଚାର ଅଧିକ ବ୍ୟାପକ ହେବା ଆବଶ୍ୟକ । ସପ୍ତମ ଯୋଜନା କାଳରେ ଏଥିପାଇଁ ଖର୍ଚ୍ଚ ହେବାକୁ ଥିବା ୧୫ ଲକ୍ଷ ଟଙ୍କା ଯଥେଷ୍ଟ ମନେହୁଏ ନାହିଁ । ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସହଯୋଗ ସମିତି, ରାଜ୍ୟର ପ୍ରାଥମିକ ସମିତିଗୁଡ଼ିକ ଉତ୍ପାଦନ କରୁଥିବା ହସ୍ତତନ୍ତ ସାମଗ୍ରୀର ଶତକଡା ୬୦ ଭାଗ ବିକ୍ରୟ କରିବା ସ୍ଥିର ହୋଇଛି । ଏ ସବୁର ମୂଲ୍ୟ ବାର୍ଷିକ ୪୮.୫୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହି ମୂଲ୍ୟର ବ୍ୟବସାୟ କରିବାକୁ ହେଲେ ଏହାର ଶତକଡା ୪୦ ଭାଗ କାର୍ଯ୍ୟକାରୀ ମୂଳଧନ ଆବଶ୍ୟକ । ଏହା ୧୯.୪୦ କୋଟି ଟଙ୍କା । ସେହିପରି ବାର୍ଷିକ ୨୫ କୋଟି ଟଙ୍କାର ସୂତା ବ୍ୟବସାୟ କରିବାକୁ ହେଲେ ଏହାର ଏକ ଷଷ୍ଠାଂଶ ଅର୍ଥାତ୍ ୪.୧୭ କୋଟି ଟଙ୍କା ମୂଳଧନ ଆବଶ୍ୟକ । ଏହିପରି ମୋଟ ୨୩.୫୭ କୋଟି ଟଙ୍କା ଋଣ ଆଣିବାକୁ ହେଲେ ଏହାର ଏକ ଷଷ୍ଠାଂଶ ଅର୍ଥାତ୍ ୩.୯୩ କୋଟି ଟଙ୍କା ଅଂଶଧନ ଥିବା ଆବଶ୍ୟକ । ଓଡ଼ିଶା ରାଜ୍ୟ ହସ୍ତତନ୍ତ ସମିତିରେ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ୧୧୪ ଲକ୍ଷ ଓ ରାଜ୍ୟ ସରକାର ୯୭.୫୦ ଲକ୍ଷ ଟଙ୍କାର ଅଂଶ କିଣିଛନ୍ତି । ଓଡ଼ିଶାର ଆଉ ୧୬.୫୦ ଲକ୍ଷ ଦେବା ପରେ ଏହା କେନ୍ଦ୍ର ଅଂଶ ସହ ସମାନ ହେବ । ଏହାପରେ ପ୍ରତ୍ୟେକ ଆଉ ୮୨.୫୦ ଲକ୍ଷ ଟଙ୍କା ଲେଖାଏଁ ଦେବା ପରେ ଏହା ୩.୯୩ କୋଟି ଟଙ୍କା ଅଂଶଧନର ଆବଶ୍ୟକତା ପୂରଣ କରିବ । କିନ୍ତୁ ଓଡ଼ିଶା ସରକାର ସପ୍ତମ ଯୋଜନା କାଳ ମଧ୍ୟରେ ଏଥିପାଇଁ ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଅଛନ୍ତି ।

ରାଜ୍ୟ ସମିତିର ଏବେ ୧୦୫ଟି ବିକ୍ରୟ କେନ୍ଦ୍ରଅଛି । ସେଥିସହ ଆଉ ୪୫ଟି ନୂଆ ବିକ୍ରୟ କେନ୍ଦ୍ର ଖୋଲିବାକୁ ହେବ । ଏକ ହଜାର ବର୍ଗଫୁଟ ଆୟତନର ଗୋଟିଏ ବିକ୍ରୟ କେନ୍ଦ୍ର ପାଇଁ ୧.୩୦ ଲକ୍ଷ ଟଙ୍କା ବ୍ୟୟ ହେବ । କିନ୍ତୁ ଯୋଜନା କାଳ ମଧ୍ୟରେ ଏଥିପାଇଁ ମାତ୍ର ୨୦ ଲକ୍ଷ ଟଙ୍କା ମାର୍ଜିନ ମନି ଆକାରରେ ଦେବାପାଇଁ ବରାଦ ହୋଇଛି ।

ଓଡ଼ିଶା ରାଜ୍ୟ ହସ୍ତହନ୍ତ ଉନ୍ନୟନ ନିଗମ ଏବେ ଦୁଇଟି କେନ୍ଦ୍ରୀୟ ଯୋଜନା ଯଥା ସଘନ ହସ୍ତତନ୍ତ ଉନ୍ନୟନ ଏବଂ ହସ୍ତତନ୍ତ ସାମଗ୍ରୀ ରପ୍ତାନି ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏ ଗୁଡ଼ିକରେ ଏବେ ୧୬ ହଜାର ତନ୍ତ କାର୍ଯ୍ୟ କରୁଛନ୍ତି । ସପ୍ତମ ଯୋଜନା କାଳରେ ଆଉ ୮ ହଜାର ତନ୍ତ ଉପରୋକ୍ତ ଯୋଜନା ଦ୍ୱୟରେ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟଅଛି । ହସ୍ତତନ୍ତ ନିଗମର ଏବେ ୫୩ଟି ବିକ୍ରୟ କେନ୍ଦ୍ର ଅଛି ଓ ସପ୍ତମ ଯୋଜନା କାଳ ମଧ୍ୟରେ ଆଉ ୩୩ଟି ନୂତନ ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବାର ଲକ୍ଷ୍ୟ ରହିଛି । ନାବାର୍ଡ଼ ନିୟମାନୁଯାୟୀ ଏଥିପାଇଁ ଆବଶ୍ୟକ ପଡୁଥିବା ୧୫ ଲକ୍ଷ ଟଙ୍କା ମାର୍ଜିନ୍ ମନି ଆକାରରେ ଦେବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ନାବାର୍ଡ଼ ପକ୍ଷରୁ କେନ୍ଦ୍ର ସମବାୟ ବ୍ୟାଙ୍କ ଜରିଆରେ ହସ୍ତତନ୍ତ ସହଯୋଗ ସମିତିମାନଙ୍କୁ କ୍ୟାସ କ୍ରେଡ଼ିଟ୍ ଋଣ ଯୋଗାଇ ଦିଆଯାଏ । କେନ୍ଦ୍ର ସମବାୟ ବ୍ୟାଙ୍କ୍ ଏହା ଉପରେ ଶତକଡା ୧୦.୫୦ ହାରରେ ସୁଧ ନିଅନ୍ତି । ଏହି ସୁଧହାର ସମିତିଗୁଡ଼ିକର କ୍ଷତି ଘଟାଇ ପାରେ । ତେଣୁ ରାଜ୍ୟ ସରକାର ଏହି ସୁଧ ଉପରେ ଶତକଡା ୩ ହାରରେ ସବସିଡ୍ ପ୍ରଦାନ କରନ୍ତି । ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ରଖାଯାଇଛି ।

ସପ୍ତମ ଯୋଜନା କାଳରେ ଓଡ଼ିଶାରେ ୫୨୯ ନିୟୁତ ମିଟର ହସ୍ତତନ୍ତ ବସ୍ତ୍ର ଉତ୍ପାଦିତ ହେବାର ଆଶା କରାଯାଏ । ଏହାର ମୂଲ୍ୟ ୩୩୦ କୋଟି ଟଙ୍କା ହେବ । ହସ୍ତତନ୍ତ ଉତ୍ପାଦିତ ସାମଗ୍ରୀ ଉପରେ ଏବେ ବର୍ଷକୁ ୬୦ ଦିନ ପାଇଁ ଶତକଡା ୨୦ ହାରରେ ରିହାତି ଦିଆ ଯାଉଛି । ଏହି ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ସରକାର ସମଭାବରେ ବହନ କରିଥାନ୍ତି ।

ଯୋଜନା ଶେଷ ସୁଦ୍ଧା ସମିତିମାନଙ୍କର ସରକାରଙ୍କଠାରୁ ୧୦.୨୮ କୋଟି ଟଙ୍କା ପାଇବାକୁ ଥିଲା । ସେଥିରୁ ରାଜ୍ୟ ସରକାରଙ୍କ ଅଂଶ ୪.୪୨ କୋଟି ଟଙ୍କା । ସପ୍ତମ ଯୋଜନା କାଳରେ ମୋଟ ୩୫.୯୦ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେବ । ଯାହାର ରାଜ୍ୟ ଅଂଶ ୧୭.୯୫ କୋଟି ଟଙ୍କା । ରାଜ୍ୟ ସରକାରଙ୍କର ଏପରି ମୋଟ ୨୨.୩୭ କୋଟି ଟଙ୍କା ରିହାତି ବାବଦରେ ଖର୍ଚ୍ଚ କରିବାକୁ ଥିବା ସ୍ଥଳେ ସପ୍ତମ ଯୋଜନା କାଳରେ ଏଥିପାଇଁ ମୋଟ ୯.୨୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ସମିତିମାନେ ବସ୍ତ୍ର ବିକ୍ରୟ ସମୟରେ କ୍ରେତାମାନଙ୍କୁ ଏହି ରିବେଟ୍ ଛାଡ଼ି ଦେଇଥାନ୍ତି । ତେଣୁ ଏହା ଠିକ୍ ସମୟରେ ସରକାରଙ୍କ ପକ୍ଷରୁ ଭରଣା ନ ହେଲେ ସମିତିର କାର୍ଯ୍ୟକାରୀ ମୂଳଧନ ଅଭାବ ହୁଏ । ଏହା ସମିତିଗୁଡ଼ିକର କ୍ଷତିର କାରଣ ହୁଏ ।

ହସ୍ତତନ୍ତ ଲୁଗାର ଲୋକ ପ୍ରିୟତା ବଜାୟ ରଖିବାକୁ ହେଲେ ଏହାର ରଙ୍ଗ ପକ୍କା ହେବା ଦରକାର । ବଜାରରେ ମିଳୁଥିବା ରଙ୍ଗିନ୍ ସୂତା ଉପରେ ସେପରି ଆସ୍ଥା ରଖାଯାଇ ନପାରେ । ତେଣୁ ରାଜ୍ୟର ବଡ଼ବଡ଼ ପ୍ରାଥମିକ ସମିତିଗୁଡ଼ିକୁ ନିଜର ରଙ୍ଗ କାରଖାନା ସ୍ଥାପନ ପାଇଁ ସାହାଯ୍ୟ ଓ ଉତ୍ସାହିତ କରାଯାଉଛି । ଷଷ୍ଠ ଯୋଜନା କାଳରେ ଏପରି ୬ଟି ରଙ୍ଗ କାରଖାନା ସ୍ଥାପନ କରାଯାଇଛି । ଏଗୁଡ଼ିକ ଦିନକୁ ୧୫ ଗାଣ୍ଠି ସୂତା ରଙ୍ଗ କରିଥାନ୍ତି । କିନ୍ତୁ ରାଜ୍ୟରେ ଦିନକର ଆବଶ୍ୟକତା ୫୦ ଗାଣ୍ଠି ସୂତା । ଏଥିପାଇଁ ସପ୍ତମ ଯୋଜନା କାଳରେ ଆଉ ୨୦ଟି କ୍ଷୁଦ୍ର ରଙ୍ଗ କାରଖାନା ସ୍ଥାପନ କରାଯିବାର ଲକ୍ଷ୍ୟ ରହିଛି । ଏଥିରୁ ୧୦ଟି ପ୍ରାଥମିକ ସମିତିମାନଙ୍କରେ ଓ ୧୦ଟି ହସ୍ତତନ୍ତ ଉନ୍ନୟନ ନିଗମର ବୁଣାକାର କେନ୍ଦ୍ରମାନଙ୍କରେ ସ୍ଥାପିତ ହେବ । ପ୍ରତ୍ୟେକଟିରେ ୧.୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ଖର୍ଚ୍ଚର ଶତକଡା ୮୦ ଭାଗ ଜାତୀୟ ସମବାୟ ଉନ୍ନୟନ ନିଗମରୁ ଋଣ ଆକାରରେ, ୧୫ ଭାଗ ରାଜ୍ୟ ସରକାରଙ୍କ ଅଂଶ ଆକାରରେ ଓ ଅବଶିଷ୍ଟ ୫ ଭାଗ ଉପକୃତ ସମିତିର ଅଂଶ ଆକାରରେ ସଂଗୃହୀତ ହେବ । ଏଥିପାଇଁ ରାଜ୍ୟ ସରକାର ସପ୍ତମଯୋଜନା କାଳରେ ୫.୩୧ ଲକ୍ଷ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରିଛନ୍ତି ।

ହାତ ତନ୍ତରେ ବୁଣିବା ପାଇଁ ସୂତାର ଟାଣି ପ୍ରସ୍ତୁତ କରାଯାଏ । ଏହାକୁ ସୃଷଣ କହନ୍ତି । ଖୋଲା ସ୍ଥାନରେ ମାତ୍ର ଏକହାନ ଧୋତି ବା ଶାଢ଼ିର ସୃଷଣ ହୋଇପାରେ । ଖରାଦିନେ ସୂତା ଶୁଖି ଛିଣ୍ଡିଯାଏ । ବର୍ଷାଦିନେ ଆଦୌ ସୃଷଣ ହୋଇପାରେ ନାହିଁ । ଏହି ସମସ୍ତ ଅସୁବିଧାରୁ ବୁଣାକାରମାନଙ୍କୁ ରକ୍ଷାକରିବାପାଇଁ ସମିତିଗୁଡ଼ିକରେ ଡ୍ରମ ଘରର ସୁବିଧା ସୃଷ୍ଟି କରିବାକୁ ହେବ । ଛାତ ତଳେ ଡ୍ରମ ସାହାଯ୍ୟରେ ଏକକାଳୀନ ୧୨ ଯୋଡ଼ା ପର୍ଯ୍ୟନ୍ତ ଲୁଗାର ସୃଷଣ କରାଯାଇ ପାରେ । ଏଭଳି ପ୍ରତ୍ୟେକ ଘର ପାଇଁ ୧.୮୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏଥିପାଇଁ ଜାତୀୟ ସମବାୟ ଉନ୍ନୟନ ନିଗମ ଋଣ ଆକାରରେ ଶତକଡା ୮୦ ଭାଗ, ରାଜ୍ୟ ସରକାର ଅଂଶ ଆକାରରେ ଶତକଡା ୧୫ ଭାଗ ଓ ଉପକୃତ ସମିତି ଶତକଡା ୫ ଭାଗ ବହନ କରିବେ । ସପ୍ତମ ଯୋଜନା କାଳରେ ଏଭଳି ୧୦ଟି ସୃଷଣ ଗୃହ ସ୍ଥାପିତ ହେବାର ଲକ୍ଷ୍ୟ ରଖାଯାଇଛି । ରାଜ୍ୟ ସରକାର ତାଙ୍କର ଅଂଶ ବାବଦକୁ ୨.୮୫ ଲକ୍ଷ ଟଙ୍କା ଦେବାକୁ ବ୍ୟବସ୍ଥା କରିଛନ୍ତି ।

ହାତବୁଣା ଲୁଗା ବିକ୍ରୟ ପାଇଁ ବଜାରକୁ ଛଡାଯିବା ପୂର୍ବରୁ ଏହାକୁ ବିଭିନ୍ନ ଭାବରେ ପ୍ରସ୍ତୁତ କରାଯାଇଥାଏ । ଯଥା—ଧୁଲେଇ, ରଙ୍ଗ, ଛପା ଇତ୍ୟାଦି । ଏଥିପାଇଁ କଟକ ଜିଲ୍ଲାର ଜଗତପୁରଠାରେ ଏକ କାରଖାନା ଅଛି । ଏହି କାରଖାନାର ବାର୍ଷିକ ପ୍ରସ୍ତୁତି କ୍ଷମତା ମାତ୍ର ୭୫ ଲକ୍ଷ ମିଟର । ଏଠାରେ ପଟ୍ଟସୂତା ବା ରେଶମ ବସ୍ତ୍ରର ପ୍ରସ୍ତୁତ ହୋଇପାରେ ନାହିଁ । ତେଣୁ ସପ୍ତମ ଯୋଜନା କାଳରେ ଆଉ ଗୋଟିଏ ବସ୍ତ୍ର ପ୍ରସ୍ତୁତି କାରଖାନା ସ୍ଥାପନ କରାଯିବାର ଲକ୍ଷ୍ୟ ଅଛି । ଏଥିରେ ୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ଜାତୀୟ ସମବାୟ ଉନ୍ନୟନ ନିଗମ ଏହାର ୮୦ ଭାଗ ଋଣ ଦେବେ ଓ ଅବଶିଷ୍ଟ ୨୦ ଭାଗ ଅର୍ଥାତ୍ ୨୨ ଲକ୍ଷ ଟଙ୍କା ରାଜ୍ୟ ସରକାର ବହନ କରିବେ ।

ହସ୍ତତନ୍ତଗୁଡ଼ିକର ଆଧୁନିକୀକରଣ କରିବା କଥା ବିଚାର କଲାବେଳେ ଗୋଟିଏ କଥା ମନକୁ ଆସେ । ଯେଉଁଠାରେ ଗାତ ତନ୍ତ ଲାଗିଛି ସେଠି ଗାତତନ୍ତ ବଦଳରେ ଫ୍ରେମତନ୍ତ ଲାଗି ପାରିବ କି ? ଏପରି ଅନେକ ନୂଆଣିଆ ବୁଜଘର ଅଛି, ଯେଉଁଠାରେ ଏହା ସମ୍ଭବ ନୁହେଁ । ତେଣୁ ସେପରି କେତେକ ସ୍ଥଳରେ ନୂଆଘର ତୋଳିବାକୁ କିମ୍ବା ବ୍ୟବହୃତ ହେଉଥିବା ଘର ସହିତ ଆଉ ଗୋଟିଏ ନୂଆ ବଖରା ଯୋଗ କରିବାକୁ ହେବ । ଓଡ଼ିଶା ସରକାର ଉଭୟ ବିଷୟ ବିଚାରକୁ ନେଇ ସହରାଞ୍ଚଳରେ ୧୦୦୦ଟି ନୂଆଘର ତୋଳିବା ଓ ଗ୍ରାମାଞ୍ଚଳରେ ୨,୧୮୨ଟି ବାସଗୃହର ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତାବ କରିଛନ୍ତି । ସହରାଞ୍ଚଳରେ ପ୍ରତ୍ୟେକ ଗୃହ ପାଇଁ ୧୫ ହଜାର ଟଙ୍କା ଖର୍ଚ୍ଚ ହେବ । ଏଥିରୁ ୪,୦୦୦ ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାର ସମଭାବରେ ସବ୍‌ସିଡ଼ି ଦେବେ, ୯,୭୦୦ ଟଙ୍କା ଗୃହ ନିର୍ମାଣ ନିଗମ ଋଣ ଦେବେ ଓ ଅବଶିଷ୍ଟ ଉପକୃତ ବ୍ୟକ୍ତି ବହନ କରିବେ । ସେହିପରି ଗ୍ରାମାଞ୍ଚଳ ଗୃହଗୁଡ଼ିକରେ ୯୦୦୦ ଟଙ୍କା ଲେଖାଏଁ ଖର୍ଚ୍ଚ ହେବ । ଯେଉଁଥିରୁ ୫,୫୦୦ ଟଙ୍କା ସମଭାବରେ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡ଼ି ଆକାରରେ ଦେବେ, ୩୦୦୦ ଟଙ୍କା ଗୃହନିର୍ମାଣ ନିଗମଙ୍କ ନିକଟରୁ ଋଣ ଆକାରରେ ମିଳିବ ଓ ଅବଶିଷ୍ଟ ଟଙ୍କା ଉପକୃତ ବ୍ୟକ୍ତି ବହନ କରିବେ ।

ସମବାୟ ସମିତି ଓ ହସ୍ତତନ୍ତ ଉନ୍ନୟନ ନିଗମଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବୁଣାକାରମାନଙ୍କର ମଜୁରୀରୁ ଶତକଡା ୫ ଭାଗ ସ୍ୱଳ୍ପ ସଞ୍ଚୟ ଆକାରରେ କାଟି ଜମା ରଖାଯାଏ । ନୂତନ ଯୋଜନା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ସମଭାଗରେ ମଜୁରୀର ପଞ୍ଚଶତାଂଶ ଏଥି ସହିତ ଯୋଗ କରିବେ । ଏହି ସମସ୍ତ ଅର୍ଥ ରାଜ୍ୟ ସରକାରଙ୍କ ନିକଟରେ ଜମା ରଖାଯିବ ଓ ଏହା ଉପରେ ଶତକଡା ୧୦ ହାରରେ ସୁଧ ଦିଆଯିବ । ଏହି ଯୋଜନାକୁ ଗୋଷ୍ଠୀ ବୀମା ସହିତ ସଂଯୋଗ କରି ବୁଣାକାରଙ୍କୁ ୩ ହଜାର ଟଙ୍କା ପାଇଁ ବୀମାଭୁକ୍ତ କରାଯିବ । ରାଜ୍ୟ ସରକାର ବୀମା ପାଇଁ କିସ୍ତି ଦାଖଲ କରିବେ । ବୀମାଭୁକ୍ତ ବୁଣାକାରଙ୍କ ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀ ଏହି ବୀମା ଅର୍ଥ ସ୍ୱଳ୍ପ ସଞ୍ଚୟରେ ଜମାଥିବା ଅର୍ଥ ପାଇବେ । ବୁଣାକାର ଅବସର ଗ୍ରହଣ କଲେ କେବଳ ତାଙ୍କ ସ୍ୱଳ୍ପ ସଞ୍ଚୟରେ ଜମାଥିବା ଅର୍ଥ ଫେରସ୍ତ ପାଇବେ । ବୁଣାକାର ଆବଶ୍ୟକ ସ୍ଥଳେ ଏହି ପାଣ୍ଠିରୁ ଋଣ କରି ପାରିବେ । ସମ୍ବଳର ସ୍ୱଳ୍ପତା ଦୃଷ୍ଟିରୁ ସପ୍ତମ ଯୋଜନା କାଳରେ ମାତ୍ର ୧୮ ହଜାର ବୁଣାକାରଙ୍କୁ ଏହି ସୁବିଧା ପ୍ରଦାନ କରାଯିବାକୁ ସ୍ଥିର ହୋଇଛି । ଏଥିପାଇଁ ରାଜ୍ୟ ସରକାର ୮୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି ।

ତଥ୍ୟ ଓ ପରିସଂଖ୍ୟାନ ଦୃଷ୍ଟିରୁ ଜାତୀୟକରଣ କରାଯାଇଥିବା ଭାରିଶିଳ୍ପ (ବୃହତ୍‌ଶିଳ୍ପ) ପରି ହସ୍ତତନ୍ତ ଶିଳ୍ପ ସଂପୂର୍ଣ୍ଣ ଦେବାଳିଆ ହୋଇଯିବା ସମ୍ଭାବନା ନାହିଁ । ବିଦେଶୀ ଶାସନ ପୂର୍ବରୁ ଏହିଶିଳ୍ପ ନିପୁଣ କାରିଗରମାନେ ସୁଦୂର ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଭାରତୀୟ କଳା-କୁଶଳତାର ଯେଉଁ ଚମତ୍କାରୀତା ଓ ମନୋମୁଗ୍ଧକର ଜାତୀୟ ମହତ୍ତ୍ୱ ପ୍ରତିଷ୍ଠିତ କରି ପାରିଥିଲେ, ହସ୍ତତନ୍ତର ବିକାଶ ଦ୍ୱାରା ସେହି ଐତିହାସିକ ମର୍ଯ୍ୟାଦା ପୁନଃ ପ୍ରତିଷ୍ଠିତ ହୋଇପାରିବ । ନିଷ୍ଠୁର ଇଂରେଜ ବଣିକଗଣ ଯେଉଁ ତନ୍ତୁବାୟ କୁଳର ବୃଦ୍ଧାଙ୍ଗୁଷ୍ଠି ଛେଦନ କରି ନିସ୍ତୁତ ନିସ୍ତୁତ କୁଶଳୀ ବୁଣାକାରଙ୍କର ଜୀବନ ଓ ଜୀବିକାକୁ ବିପର୍ଯ୍ୟସ୍ତ କରିଥିଲେ ଆଜିର ହସ୍ତତନ୍ତ ଉନ୍ନୟନ କାର୍ଯ୍ୟକ୍ରମ ସେମାନଙ୍କ ହୃଦୟରେ ନୂତନ ଆଶାର ସଂଚାର କରିଛି । କେବଳ ମୁଣ୍ଡଗଣି ପ୍ରଶାସନ ନକରି ଆନ୍ତରିକ ଭାବେ ସେମାନଙ୍କ ଅନ୍ତର୍ନିହିତ କୌଳିକ ପ୍ରତିଭାର ବିକାଶ ପାଇଁ ସକ୍ରିୟ ପଦକ୍ଷେପ ନିଆଗଲେ ସପ୍ତମ ଯୋଜନାର କଳ୍ପିତ ହସ୍ତତନ୍ତ ବିକାଶ ଯୋଜନା ଫଳବତୀ ହୋଇପାରିବ ।

ସମବାୟ ପ୍ରଶିକ୍ଷଣ ମହାବିଦ୍ୟାଳୟ,
ଭୁବନେଶ୍ୱର-୧୨

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ଅଧ୍ୟାପକ ସଦାନନ୍ଦ ଦୀକ୍ଷିତଃ

ସମଗ୍ର ବିଶ୍ୱରେ ଅନେକ ବୈଜ୍ଞାନିକ ଅଗ୍ରଗତିର ଅନ୍ତରାଳେ ସଂସ୍କୃତଭାଷା ଓ ତତ୍ ସମ୍ବନ୍ଧୀ ବିଜ୍ଞାନର ଅବଦାନ ରହିଥିବାର ଭୂରି ପ୍ରମାଣ ମିଳେ । ଏତଦ୍‌ଭିନ୍ନ ସଂସ୍କୃତ ସାହିତ୍ୟର ଉତ୍କର୍ଷ ଓ ସଂସ୍କୃତଭାଷାର ପରାକାଷ୍ଠା ପୃଥିବୀର ବିଦ୍ୱାନଗଣମାନରେ ଏହାର ଅଧ୍ୟୟନ ନିମିତ୍ତ ଉତ୍ସାହ ସୃଷ୍ଟି କରୁଅଛି । ଏହା କହିବା ବାହୁଲ୍ୟ ଯେ ଆଜି ବିଦେଶର ଶତାଧିକ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଶିକ୍ଷା ବେଶ୍ ଆଦୃତ ହୋଇପାରିଛି । ସଂସ୍କୃତ ଓ ଭାରତତତ୍ତ୍ୱ (indology) ସଂପର୍କରେ ଅନ୍ୟାନ୍ୟ ଦେଶରେ ଯେପରି ଅଭୂତପୂର୍ବ ଆଗ୍ରହ ପ୍ରକାଶ ପାଉଛି ସେହିପରି ଆଗ୍ରହ ଭାରତବର୍ଷରେ ଅନୁଭୂତ ନ ହେବା ନିଶ୍ଚିତ ବିସ୍ମୟକର ବିଷୟ । ଭାରତବର୍ଷରେ ସଂସ୍କୃତଶିକ୍ଷା ପ୍ରତି କ୍ରମଶଃ ବୀତସ୍ପୃହତା ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ ଏହା ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହୋଇଅଛି । ଭାରତବର୍ଷର ସଂସ୍କୃତଶିକ୍ଷା ମାନଚିତ୍ରରେ ଆଜି ଓଡ଼ିଶା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି । ଓଡ଼ିଶାର ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତଶିକ୍ଷା ପାଇଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହ କରୁଥିବା ବେଳେ ଶାସ୍ତ୍ରୀୟ ଅଧ୍ୟୟନ ଓ ଗବେଷଣା ପାଇଁ ମଧ୍ୟ ଉତ୍ସାହ ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଏ । ପୁରୀ ସଂସ୍କୃତ କଲେଜ ନାମକ ପୁରାତନ ଅନୁଷ୍ଠାନଟି ୧୯୭୧ ମସିହାରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ନାମରେ କେନ୍ଦ୍ରସରକାରଙ୍କ ଦ୍ୱାରା ଗୃହୀତ ହେବା ପରେ ଓଡ଼ିଶାରେ ଶାସ୍ତ୍ରୀୟ ସଂସ୍କୃତ ଶିକ୍ଷାର ନବୋନ୍ମେଷ ଜାତ ହୋଇଥିଲା । ମାତ୍ର ଉକ୍ତ କେନ୍ଦ୍ରୀୟ **ସଂସ୍କୃତ ବିଦ୍ୟାପୀଠ** ସାମଗ୍ରିକଭାବେ ଓଡ଼ିଶାର ସଂସ୍କୃତଶିକ୍ଷାକୁ ପ୍ରଭାବିତ କରିପାରିଲା ନାହିଁ । ଓଡ଼ିଶାରେ ଏକ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଭୂତ ହେଉଥିଲା । ଏହି ସମୟରେ ସଂସ୍କୃତଜ୍ଞ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଉପାସକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ବହନ କଲେ । ଜଗନ୍ନାଥ ଧର୍ମ, ସଂସ୍କୃତି ଓ ସଂସ୍କୃତର ମହନୀୟ ପରମ୍ପରାର ଗୌରବମୟ ଦେଶ ଏହି ଉତ୍କଳରେ ଏକ ସଂସ୍କୃତ ବିଶ୍ୱବିଦ୍ୟାଳୟ କରାଯିବାର ପ୍ରସ୍ତାବ ଗ୍ରହଣ କରାଗଲା । ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି ଓ ଜୟଦେବ-ବିଶ୍ୱନାଥ-ଜଗନ୍ନାଥ ସାହିତ୍ୟର ସୁରକ୍ଷା ଓ ପ୍ରସାର ଲକ୍ଷ୍ୟରେ ୧୯୮୧ ମସିହା ଜୁଲାଇ ୭ ତାରିଖରେ ସରକାରଙ୍କ ପକ୍ଷରୁ ସ୍ଥାପିତ ହେଲା ବିଶ୍ୱର ତୃତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ । ପବିତ୍ର ଧର୍ମପୀଠ ପୁରୀଠାରେ ସ୍ଥାପିତ ଏହି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ଜଗନ୍ନାଥ ଦେବ ଓ ମନ୍ଦିର ପରି ଓଡ଼ିଆ ଜାତିର ଗର୍ବ ଓ ଗୌରବର ବିଷୟ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ଅକ୍ଷୟ କୀର୍ତ୍ତି ସ୍ତମ୍ଭ ରୂପେ ବିରାଜମାନ ।

ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବା ପରେ ଓଡ଼ିଶାରେ ସଂସ୍କୃତଶିକ୍ଷା କ୍ଷେତ୍ରରେ ଏକ ନୂତନ ଉଦ୍ଦୀପନା ସୃଷ୍ଟି ହୋଇଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଅବସ୍ଥିତ ୫ଟି ସଂସ୍କୃତ ମହାବିଦ୍ୟାଳୟ, ୨୧ଟି ଆଚାର୍ଯ୍ୟ ବିଦ୍ୟାଳୟ, ୪୨ଟି ମଧ୍ୟମା ବିଦ୍ୟାଳୟ ଓ ୯୧ଟି ପ୍ରଥମା ବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ । ଏହା ଉଲ୍ଲେଖଯୋଗ୍ୟ ଯେ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବା ପରଠାରୁ ବର୍ଷକୁ ବର୍ଷ ଛାତ୍ର ସଂଖ୍ୟା ବୃଦ୍ଧି ପାଉଛି । ୧୯୮୪-୮୫ ରେ ସର୍ବମୋଟ ୨,୬୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୯୮୫-୮୬ରେ ୩,୨୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ସଂସ୍କୃତରେ ମୌଳିକ ଗବେଷଣା ନିମିତ୍ତ ବିଶ୍ୱବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି ଏବଂ ଏବର୍ଷ **ରାଷ୍ଟ୍ରୀୟ ସଂସ୍କୃତ** ସଂସ୍ଥାନ ସହାୟତାରୁ ୮ଟି ଗବେଷଣାବୃତ୍ତି ମିଳିଅଛି । ଏତଦ୍‌ଭିନ୍ନ ୫୫ ଜଣ ଗବେଷକ ବିଭିନ୍ନ ଶାସ୍ତ୍ରରେ ଗବେଷଣାରତ ଅଛନ୍ତି । ବିଶିଷ୍ଟାଚାର୍ଯ୍ୟ **(M. Phil)** . ପାଠ୍ୟକ୍ରମକୁ ବିଧିବଦ୍ଧ ଭାବେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ କେନ୍ଦ୍ରୀୟ ଲାଇବ୍ରେରୀ ସ୍ଥାପିତ ହୋଇଅଛି । 'ସମାଜର ସବୁଶ୍ରେଣୀର ଲୋକ ସଂସ୍କୃତ ଅଧ୍ୟୟନ କରନ୍ତୁ' ଏହି ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉପାଖ୍ୟା **(diploma)** ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ଆଧୁନିକ ଦୃଷ୍ଟିଭଙ୍ଗୀ ସହିତ ସଂସ୍କୃତଜ୍ଞମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ ଇଂରାଜୀରେ **(diploma)** ପରୀକ୍ଷା ପ୍ରଚଳନ କରାଯାଇଛି । ଅଧ୍ୟୟନ ଓ ଅଧ୍ୟାପନର ବିଶିଷ୍ଟତା ସଂପାଦନ ନିମିତ୍ତ 'ସ୍ନାତକୋତ୍ତର ଶିକ୍ଷା ବିଭାଗ' ଖୋଲାଯାଇଛି, ସେଠାରେ ପ୍ରାଚୀନ ଶାସ୍ତ୍ରୀୟ ବିଦ୍ୱାନ ଓ ଆଧୁନିକ ପ୍ରଗତି ଚିନ୍ତାଧାରାର ଅଧ୍ୟାପକମାନଙ୍କର ଅପୂର୍ବ ସମନ୍ୱୟ କରାଯାଇଛି । ଗଭୀର ଅଧ୍ୟୟନ ଓ ଉପାଦେୟତା ଦୃଷ୍ଟିରେ ଶାସ୍ତ୍ରର ଗବେଷଣା ଓ ପ୍ରସାର ନିମିତ୍ତ ଏହି ବିଭାଗ ଏକ ଶୂନ୍ୟତାକୁ ପୂରଣ କରିପାରିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ **ଅର୍ଦ୍ଧବାର୍ଷିକ** ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତି' ବିଶ୍ୱର ସଂସ୍କୃତ ବିଦ୍ୱାନବୃନ୍ଦରେ ଆଦୃତି ଲାଭ କରିଅଛି । ଏତଦ୍‌ଭିନ୍ନ ପ୍ରତି ସୁଦ୍ଧା ସଂଧ୍ୟାରେ ପୁରୀଠାରେ ଆୟୋଜିତ ଲୋକପ୍ରିୟ ବକ୍ତୃତାମାଳା ଧର୍ମ-ଶିକ୍ଷା ଓ ସଂସ୍କୃତି ସଂପନ୍ନ ଲୋକମାନଙ୍କଠାରେ ଅତ୍ୟନ୍ତ ପ୍ରିୟ ହୋଇ ପାରିଛି । ସ୍ୱୀକୃତ ସଂସ୍କୃତ ବିଦ୍ୟାଳୟମାନଙ୍କର ଶୈକ୍ଷିକ ପରିବେଶ, ପାଠ୍ୟକ୍ରମ ଓ ପାଠନ ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଜ୍ଞାନଶିକ୍ଷଣ ଶିବିର ଓ ପ୍ରଧାନ ପଣ୍ଡିତମାନଙ୍କର ପ୍ରଶିକ୍ଷଣ

କାର୍ଯ୍ୟକ୍ରମ ଲକ୍ଷ୍ୟଣୀୟ । ବିଶ୍ୱବିଦ୍ୟାଳୟର ଜାତୀୟସେବା ଶିବିର କାର୍ଯ୍ୟକ୍ରମ ମଧ୍ୟ ପ୍ରଶଂସନୀୟ ସେବାକାର୍ଯ୍ୟ ସଂପାଦନ କରିବା ସଙ୍ଗେ ସଙ୍ଗେ ସଂସ୍କୃତ ଛାତ୍ରମାନଙ୍କ ମନରେ ନୂତନ ଭାବନା ସୃଷ୍ଟି କରି ପାରୁଛି । ପ୍ରତିବର୍ଷ ଆୟୋଜିତ ସମାବର୍ତ୍ତନୋତ୍ସବ ସଂସ୍କୃତ ଛାତ୍ର-ଶିକ୍ଷକ ଓ ଅଭିଭାବକମାନଙ୍କ ମନରେ ନବୀନ ଉତ୍ସାହ ଓ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇତିମଧ୍ୟରେ ଓଡ଼ିଶା ସରକାର ସଂସ୍କୃତ ବିଶ୍ୱବିଦ୍ୟାଳୟ ନିମିତ୍ତ ପୁରୀନଗର ଉପକଣ୍ଠରେ ସମୁଦ୍ରକୂଳରେ ଏକ ରମଣୀୟ ପରିବେଶରେ ୧୦୦ ଏକର ଭୂମି ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଶ୍ୱବିଦ୍ୟାଳୟର ଗୃହନିର୍ମାଣ ପାଇଁ ଏକ କୋଟି ୩୧ ଲକ୍ଷ ଟଙ୍କାର ଯୋଜନାକୁ ସ୍ୱୀକୃତି ଦେଇଛନ୍ତି । ତନ୍ମଧ୍ୟରୁ ୫୪ ଲକ୍ଷ ଟଙ୍କାରେ ବିଶ୍ୱବିଦ୍ୟାଳୟର ପ୍ରଶାସନ ଭବନ ନିର୍ମିତ ହୋଇ ସାରିଛି, ଅନ୍ୟାନ୍ୟ ଭବନ ନିର୍ମାଣ କାର୍ଯ୍ୟ ଚାଲିଛି । ହିନ୍ଦୁସ୍ଥାନ 'ସ୍କ୍ରିଟି' ଟ୍ରଷ୍ଟ ପକ୍ଷରୁ ବିଶ୍ୱବିଦ୍ୟାଳୟର ପ୍ରାର୍ଥନା ଭବନ ଓ ଲାଇବ୍ରେରୀ ଗୃହ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କାର ପ୍ରତିଶ୍ରୁତି ମିଳିଛି । ପ୍ରଥମତଃ ପ୍ରାର୍ଥନାଭବନ ନିର୍ମିତ ହୋଇ ସାରିଛି । ବର୍ତ୍ତମାନର କୁଳପତିଙ୍କ ପ୍ରଚେଷ୍ଟାରେ ମାତ୍ର ଏକବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ଗୃହନିର୍ମାଣ କାର୍ଯ୍ୟ ସମ୍ଭବ ହୋଇପାରିଛି । ଖୁବ୍ ଶୀଘ୍ର ନବନିର୍ମିତ ଭବନକୁ ବିଶ୍ୱବିଦ୍ୟାଳୟ ସ୍ଥାନାନ୍ତରିତ ହେବାର ଆଶା କରାଯାଏ । ମାତ୍ର ପୁରୀ ନଗରଠାରୁ ପ୍ରାୟ ୬ କି:ମି: ଦୂରରେ ଅବସ୍ଥିତ ଏହି ସ୍ଥାନକୁ ଉପଯୁକ୍ତ ମାର୍ଗ ଓ ଯାନବାହନର ବ୍ୟବସ୍ଥା କରାଯାଇ ନଥିବାରୁ କେତେକ ଅସୁବିଧା ହୋଇପାରେ । ଏଣୁ ଖୁବ୍‌ଶୀଘ୍ର ମାର୍ଗ ନିର୍ମାଣର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଯାତାୟାତର ସୁବିଧା ପାଇଁ ଟାଉନବସ୍ ପ୍ରଚଳନ କରିବା ଆବଶ୍ୟକ । ଅବଶ୍ୟ ପରିବେଶକୁ ସୁନ୍ଦର ଓ ନିର୍ମଳ କରିବା ନିମିତ୍ତ ସରକାରଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଉଛି ।

ଇତ୍ୟବସରରେ ବିଶ୍ୱବିଦ୍ୟାଳୟ ନିଜ ଲକ୍ଷ୍ୟ ପୂର୍ତ୍ତି ଦିଗରେ କେତେ ପାଦ ଅଗ୍ରସର ହୋଇପାରିଛି । ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ତାତ୍ତ୍ୱିକ ଅଧ୍ୟୟନ ଓ ମୌଳିକ ଗବେଷଣା, ତାଳପତ୍ର ପୋଥିର ସଂଗ୍ରହ, ସଂପାଦନ ଓ ପ୍ରକାଶନ ତଥା ଭାରତୀୟ ଧର୍ମମାନଙ୍କ ସଂବନ୍ଧରେ 'ଧର୍ମକୋଷ' ସଂକଳନ– ଏହି ତିନିଗୋଟି ବିଭାଗ ଖୋଲିବା ନିମିତ୍ତ ଆବଶ୍ୟକୀୟ ସ୍ୱୀକୃତି ମିଳିସାରିଛି । ଏହି ତିନିଟି ବିଭାଗ ନିଶ୍ଚିତ ଭାବେ ବିଶ୍ୱବିଦ୍ୟାଳୟର ଶ୍ରୀବୃଦ୍ଧି କରିବ ଏଥିରେ ସଂଦେହ ନାହିଁ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (U. G. C.) ର ସ୍ୱୀକୃତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର U. G. C. ର ସ୍ୱୀକୃତି ମିଳିଯିବ ବୋଲି କୁଳପତି ପ୍ରଫେସର ବଟକୃଷ୍ଣ ମହାନ୍ତି ଆଶା ପ୍ରକାଶ କରିଛନ୍ତି ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ପ୍ରଗତି ନିଶ୍ଚିତଭାବେ ଆମମାନଙ୍କ ମନରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରୁଅଛି । ମାତ୍ର ବିଶ୍ୱବିଦ୍ୟାଳୟର ପ୍ରାଣସ୍ୱରୂପ ଓଡ଼ିଶାର ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଦେଖିଲେ ସ୍ୱତଃ ମନରେ ଦୁଃଖ ଓ ନୈରାଶ୍ୟ ଜାତ ହେଉଛି । ସଂସ୍କୃତ ଶିକ୍ଷାର ମୂଳପିଣ୍ଡ ଏହି ୧୭୭ଟି ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ପରିବେଶର ଘୋର ଅଭାବ ପରିଲକ୍ଷିତ ହୁଏ । ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କର ଅଭାବ, ନିୟମିତ ବେତନ ଦାନର ଅବ୍ୟବସ୍ଥା ଏବଂ ପାଠାଗାର ଓ ଅନ୍ୟାନ୍ୟ ଉପକରଣର ଅଭାବ ଯୋଗୁଁ ଏଠାରେ ଉତ୍ସାହ ସୃଷ୍ଟି ହୋଇ ପାରୁନାହିଁ । ସରକାର ଏହି ମୌଳିକ ଅଭାବ ଗୁଡ଼ିକୁ ପୂରଣ କରିବାରେ ଯତ୍ନଶୀଳ ହେବା ଆବଶ୍ୟକ । ହାଇସ୍କୁଲରେ ସଂସ୍କୃତ ଶିକ୍ଷାର ଗୁରୁତ୍ୱ ଓ ଶାସ୍ତ୍ରୀୟ ସଂସ୍କୃତ ଶିକ୍ଷାର ସୁସ୍ଥତା ଉପରେ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ନିର୍ଭର କରୁଅଛି । ଏଣୁ ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭବିଷ୍ୟତକୁ ଲକ୍ଷ୍ୟ ରଖି ମାଧ୍ୟମିକ ଶ୍ରେଣୀରେ ସଂସ୍କୃତକୁ ବାଧ୍ୟତାମୂଳକ କରିବା ସଙ୍ଗେ ସଙ୍ଗେ ସଂସ୍କୃତ ବିଦ୍ୟାଳୟଗୁଡ଼ିକରେ ଏକ ସୁସ୍ଥ ଶୈକ୍ଷିକ ପରିବେଶର ସୃଷ୍ଟି ପାଇଁ ସରକାର ଉଦ୍ୟମ କରିବା ଉଚିତ ।

ମୁଖ୍ୟ ସଂପାଦକ
ଲୋକଭାଷା ପ୍ରଚାର ସମିତିଃ,
ବଡ ଓଡ଼ିଆ ମଠ, ପୁରୀ–୭୫୨୦୦୧



ଉତ୍କଳୀ ପାଠଶାଳାରେ ଶିଶୁଙ୍କ ପାଇଁ ଖାଦ୍ୟ ପରିବେଷଣ

# ସେତେବେଳେ ମୋ ଶାଶୁ ଥା'ନ୍ତି

ଶ୍ରୀ ଚନ୍ଦ୍ରଶେଖର ନାୟକ

କଥାଟା ଟିକିଏ ପୁରୁଣା ହୋଇ ଗଲାଣି । ନୂଆ ନୂଆ ହୋଇ ସ୍ୱାଧୀନତା ଆସୁଥାଏ । ଖ୍ରୁକିଣୀରେ ବାରଦ୍ୱାର ଖ୍ରୁଣ୍ଟିପିଣ୍ଡା ବୁଲିବୁଲି କୌଣସି ବଡ ଛୁଟିରେ ପିଲାମାନଙ୍କୁ ଧରି ମୁଁ ଯେତେବେଳେ ଶ୍ୱଶୁରାଳୟରେ ପହଞ୍ଚୁଥାଏ ଶାଶୁଙ୍କ ଗୋଡ ପାଞ୍ଚ ହାତରେ ପଡୁଥାଏ । ଆମେ ଯିବା ଖବର ତ ଆଗରୁ ପାଇଥାନ୍ତି । କେବଳ ଶାଶୁ ନୁହଁନ୍ତି, ତାଙ୍କ ପୁଅ, ଝିଅ, ଓ ନାତି ନାତୁଣୀମାନେ ଆମ ବାଟକୁ ଚାହିଁ ରହିଥାନ୍ତି । ସେକାଳଟି ମାଛ ଓ ଦୁଧ ଦହିରେ ମୋର ଭାରି ଶରଧା । ନାଗୁଆ ବେହେରା ବେହେରାଣୀଙ୍କୁ ବରାଦ କରି ସାଇତିଥାନ୍ତି ସରବସାଦହି, ମୁଣ୍ଡାମୁଣ୍ଡା ଛେନା ପୁଣି ବଡ ବଡ ଖଙ୍ଗା-ତାହାଙ୍ଗିର ।

ଭୁଷଣ୍ଡପୁର ଷ୍ଟେସନରେ ଗାଡ଼ିଲାଗେ । ଆମେ ଆନନ୍ଦ ଉଲ୍ଲାସରେ ଓହ୍ଲାଉ । ଅଟୋ-ଟ୍ୟାକ୍‌ସି ତ ସ୍ୱପ୍ନ । ଛପର ଶଗଡ କେଁ କଟର କରି ଯିବେ ବାଲିପାଟପୁରକୁ । ପିଲାଏ ବାଟ ଚାହିଁ ବସିଥାନ୍ତି । ଶଗଡ ଆସି ୰ଈଶ୍ୱର ପଟ୍ଟନାୟକଙ୍କ ଦୁଆରେ ପିଟେ । ପିଲାଏ କରତାଳ ଦେଇ ଆମକୁ ସ୍ୱାଗତ କରନ୍ତି । କିଏ ସୁଟକେଶ ପିଟାଏ ତ କିଏ ବ୍ୟାଗ ନେଇ ପଳାଏ । କିଏ ହସ୍ତ-ପଦ-ପ୍ରକ୍ଷାଳନ ପାଇଁ ପାଣି ଥୋଇ ଦିଏ । କିଏ ଆସନ ପକାଏ ତ କିଏ ବିଞ୍ଚୁବସେ । ଯେଉଁ ଦୁଇ ଚାରିଦିନ ପିଲାଏ ମାମୁଁ ଘରେ କଟାନ୍ତି, ଘିଅ, ଦୁଧ, ଦହି, ଛେନା, କ୍ଷୀରି, ମାଛଭଜା, ମଞ୍ଜିଭଜା, ମାଛ-ଝୋଳରେ ଭୋଜନ ପରିପାଟି ବେଶ୍ ଜମିଯାଏ ।

ଭୁଷଣ୍ଡପୁର ଚିଲିକା କୂଳରେ । ବାଲିପାଟପୁର ଏକ ସ୍ୱତନ୍ତ୍ର ମୌଜା ହେଲେ ହେଁ ଦୁଇ ଗାଁ ଏପରି ମିଶିଯାଇଛନ୍ତି ଯେ ଭୁଷଣ୍ଡପୁର କହିଲେ ଦୁଇ ମୌଜାକୁ ବୁଝାଇଥାଏ । ଯୁଗଯୁଗ ଧରି ନିଳାମ୍ବୁ ଚିଲିକାର ଜଳରାଶି ଭୁଷଣ୍ଡପୁରର ପଦଧୌତ କରିବାରେ ଲାଗିଛି । ଗୋଠ ଗୋଠ ଗାଈ ମଇଁଷି ପଡାରେ ଚରୁଛନ୍ତି ପଡୁଛନ୍ତି, ଗଡୁଛନ୍ତି । ଦୁଧ, ଦହି, ଛେନା, ଘିଅ ପାଇଁ ଭୁଷଣ୍ଡପୁରର ପ୍ରସିଦ୍ଧିକୁ ଉପଲକ୍ଷ୍ୟ ଦେଇ ଭାବୁକମାନେ କହିପକାନ୍ତି, ଏ ଭୁଷଣ୍ଡପୁର ଦ୍ୱାପର ଯୁଗ ବର୍ଣ୍ଣିତ ଗୋପପୁରର ଅବତଂଶ । ଭାବନାର ଥଳକୁଳ ଅଣ୍ଟେନାହିଁ । ଥାଳିପାଖରେ ବସିଥିଲା ବେଳେ ମୋ ମାନସ ପଟରେ ଭାସି ଉଠୁ ଥାଏ ସେହି ଦୁଧ ଦହି ଯୁଗର କାହାଣୀ–

### କ୍ଷୀର ଚୋର ଗୋପୀନାଥ

ଗୋପୀନାଥଙ୍କ କଥା କିଏ ନ ଜାଣେ ? ମଣିଷଙ୍କ କଥା ଦୂରେ ଥାଉ, ସ୍ୱୟଂ ଗୋପୀନାଥ ଏତେ କ୍ଷୀର ଲୋଭୀ ଥିଲେ ଯେ କାହାକୁ ନଦେଇ ଚୋରିକରି ସବୁତକ ଚୁଟିଚୁଟି ପିଇଗଲେ । ରେମୁଣାରେ ସେହି କ୍ଷୀର ଚୋରାସ୍ମୃତି ଅଦ୍ୟାପି ବିଦ୍ୟମାନ ।

### ମାଧୋଇଙ୍କ କ୍ଷୀର ପ୍ରୀତି

ଗୋପପୁରରେ ଗୋପାଳକୃଷ୍ଣଙ୍କ ଲୀଳାଖେଳାରେ ଦୁଧ, ଦହି ଲହୁଣୀର ପ୍ରାଧାନ୍ୟ ଏବେ ବି କବି ପ୍ରାଣରେ ପୁଲକ ଆଣେ । ଶ୍ରୀକୃଷ୍ଣ ଦେଖିଲେ ଗୋପପୁରର ଗାଈମାନଙ୍କଠାରୁ ମହଣ ମହଣ କ୍ଷୀର ଦୁହାଁ ହେଉଛି । ଅଥଚ ପିଲାଏ ଟୋପାଏ ପାଉନାହାନ୍ତି । ମହଣ ମହଣ କ୍ଷୀର ଗୋପୀଏ ନେଇ ମଥୁରାରେ ବିକୁଛନ୍ତି । କଂସ ତିଆରିଛି କ୍ଷୀରାର୍ଣ୍ଣବ । ତା'ର ରାଣୀଏ ସେଥିରେ ସ୍ନାନ କରୁଛନ୍ତି । ଏ କି ବିଡମ୍ବନା ! ବାଳକୃଷ୍ଣ ସହିପାରିଲେ ନାହିଁ । ଗୋପ ପୁଅଙ୍କୁ ଏକାଠି କଲେ । ବୁଝାଇ କହିଲେ– ଆମେ କ'ଣ ଖାଲି ଗାଈ ଜଗିବା । ଆଉ କ୍ଷୀର ପିଇବେ ମଥୁରାବାସୀ । ନା ! ଏ କଥା କେବେ ହେବ ନାହିଁ । ଆମେ ଆଗେ ପିଇବା । ବଳିଲେ ମଥୁରା ଯିବ । ପିଲାଙ୍କ ମନକୁ ବେଶ୍ ପାଇଲା । ସମସ୍ତେ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । କୃଷ୍ଣ ନେଲେ ନେତୃତ୍ୱ । ଘରକୁ ଘର ପଶିଲେ । ସିକା, ମହଣା ଠାବ କଲେ । କେଉଁଠି ହାତ ପାଇଲା ତ କେଉଁଠି ପାଇଲା ନାହିଁ । ଉପାୟ ପାଞ୍ଚିଲେ ।

> "ପିଢ଼ା ଉପରେ ପିଢ଼ାମାନ ଥୋଇ
> ତହିଁ ଉପରେ ଉଠିଲେ ମାଧୋଇ" ।

କେଉଁଠି ଉପର୍ଯ୍ୟୁ ପରି ପିଢ଼ା ଥୋଇ, କେଉଁଠି ବା ପିଲାଙ୍କ ପିଠିରେ ପିରାମିଡ଼ ରଚନାକରି ଚଢ଼ି ସିକାରୁ ଲହୁଣୀ ସର, ଦସାଦହି ନିଜେ ଖାଇଲେ, ସାଙ୍ଗମାନଙ୍କୁ ଖୁଆଇଲେ । ବାଟରେ ପିଲାଏ ମେଳିହୋଇ ମା'ମାନଙ୍କୁ ଓଗାଳି କ୍ଷୀରଭାଣ୍ଡ ଭାଙ୍ଗିଲେ । ଗୋପୀ ଗୋପାଳଙ୍କର ଚେତା ପଶିଲା । ପୁଏ କ୍ଷୀର ସର ଲହୁଣୀ ଖାଇ ଟାଣ ହୋଇଗଲେ । ଦେହ ଚିକ୍‌କଣ ହେଲା । ମନ ବି ତତୋଧିକ ସ୍ନିଗ୍ଧ ହୋଇଗଲା । ଚୋରୀ ସର୍ବଥା ନିନ୍ଦ୍ୟ । ଅଥଚ ଶ୍ରୀକୃଷ୍ଣଙ୍କର ଏହି ଚୌର୍ଯ୍ୟବୃତ୍ତିକୁ ଧର୍ମଶାସ୍ତ୍ରରେ ଅତ୍ୟନ୍ତ ପ୍ରାଧାନ୍ୟ ଦିଆଯାଇ କୀର୍ତ୍ତନ କରାଯାଇଛି ।

### ତନ୍ତ୍ର ବଦଳରେ ମନ୍ତ୍ରପୂଜା

ଶ୍ରୀକୃଷ୍ଣଙ୍କ ଆଗରୁ ତନ୍ତ୍ର ପୂଜାର ବିଶେଷ ପ୍ରଚଳନ ଥିଲା । ତାନ୍ତ୍ରିକମାନେ ମାଛ-ମାଂସ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଶ୍ରୀକୃଷ୍ଣ ମନ୍ତ୍ରପୂଜାର ଶ୍ରେଷ୍ଠତ୍ୱ କଲେ । ତାଙ୍କ ଅଗ୍ରଜ ବଳରାମ ଧରିଲେ ହଳ । ସେ ନିଜେ ହେଲେ ଗୋ-ପାଳ । କୃଷି ଓ ଗୋପାଳନ ପୂରା ଦମ୍‌ରେ ଚାଲିଲା ।

''ନିଜେ ଗୋଲୋକ ନାଥ ହରି
ମାନବ ରୂପେ ଅବତରି
ବନରେ ଚରାଇଲେ ଗାଈ
ଜନେ ମୋହିଲେ ବଂଶୀ ବାଇ
ଗୋରୁଙ୍କୁ କଲେ ନିଜ ପ୍ରାଣ
ତାହାହିଁ ମଣିଲେ ସମାନ
ଜ୍ୟେଷ୍ଠ ତାଙ୍କର ହଳଧର
ମର୍ତ୍ତେ ଅନନ୍ତ ଅବତାର
ଶ୍ରୀ ବଳଦେବ ନାମେ ଖ୍ୟାତ
ସର୍ବଦା ହଳାୟୁଧ ହସ୍ତ
ତେଣୁ ଗୋବିନ୍ଦ ହଳଧର
ପୂଜିଲେ ଗୋଜାତି ପୟର
ବଳଦ ନିତି କରେ ଚାଷ
ଗାଈ ଦିଅଇ ସୁଧା ରସ
ଏଣେ ବଞ୍ଚନ୍ତି ପ୍ରଜାକୁଳ
ଗୋ ଜାତି ସର୍ବ ସୁଖ ମୂଳ''

## ଗୋପରେ ଗୋବିନ୍ଦ

ଶ୍ରୀକୃଷ୍ଣ ତ ଗାଈ ଚରାଇବାରେ ସୁଖ ପାଉଥିଲେ । ପୁଣି ନିଜ ହାତରେ ଗାଈଙ୍କୁ ଖୁଆଇବାରେ ତାଙ୍କର ପରମ ସନ୍ତୋଷ । ଗାଈଙ୍କୁ କେଉଁଟା ହିତ କେଉଁଟା ଅହିତ ଗୋପାଳକୃଷ୍ଣଙ୍କୁ ବେଶ୍ ଜଣାଥିଲା । ଲୁଣ ଗାଈଙ୍କୁ ହିତ । ଅତିବୃଷ୍ଟି ଭୂମିର ଲବଣାଂଶ ଧୋଇ ନେଇଯାଏ । ତେଣୁ ଅତି ବୃଷ୍ଟି ଅଞ୍ଚଳରେ ଗାଈ ଉଧେଇ ପାରନ୍ତି ନାହିଁ । କାଶ୍ମୀରରୁ ରାଜପୁତନା ଦେଇ କାଥିଆୱାଡ଼ ଯାଏ ରେଖାଟିଏ ଟାଣିଲେ ପଶ୍ଚିମ ଭାଗଟି ଏହି ଲବଣାଞ୍ଚଳ । ତେଣୁ ଶ୍ରୀକୃଷ୍ଣ ଗାଈଙ୍କୁ ପଶ୍ଚିମ ଭାରତକୁ ନେଇଗଲେ । ଇନ୍ଦ୍ର ସାତଦିନ ସାତ ରାତି ଲଗାଣ ବର୍ଷା କରି ମଧ୍ୟ ଗୋ ସଂପଦର କୌଣସି କ୍ଷତି ସାଧନ କରିପାରିଲା ନାହିଁ । ଗୋରୁଗାଈଙ୍କୁ ଅତିବୃଷ୍ଟିର ବାଧା ବାଧିଲା ନାହିଁ । ଇନ୍ଦ୍ର ହାରିଲେ; ସ୍ୱୀକାର କଲେ ଯେ ବାଳକୃଷ୍ଣ ହିଁ ଗୋପରେ ଗୋବିନ୍ଦ ।

''ଇନ୍ଦ୍ର ହାରିଣ ଶରଣ ପଶିଲା.. ଗୋପେ ଗୋବିନ୍ଦ ନାମ ବହିଁହେଲା'' । ଏହାହିଁ ଶ୍ରୀକୃଷ୍ଣର ଗିରି ଗୋବର୍ଦ୍ଧନ ଧାରଣ । ଗୋ ସଂପଦର ପୁଷ୍ଟି ଓ ତୁଷ୍ଟି ପାଇଁ ଉପଯୁକ୍ତ ବ୍ୟବସ୍ଥା ଜାଣିଥିବାରୁ ଶ୍ରୀକୃଷ୍ଣ ହିଁ ଯଥାର୍ଥ ଗୋପରେ ଗୋବିନ୍ଦ ।

## ମର୍ତ୍ତ୍ୟରେ ବୈକୁଣ୍ଠ

''ଗାବୋ ମେ ଅଗ୍ରତଃ ସନ୍ତୁ
ଗାବୋ ମେ ସନ୍ତୁ ପୃଷ୍ଠତଃ
ଗାବୋ ମେ ହୃଦୟେ ସନ୍ତୁ
ଗର୍ବା ମଧ୍ୟେ ବସା ମ୍ୟହଂ''

...କୃଷ୍ଣ ଗାଈଙ୍କୁ ଦଣ୍ଡେ ଛାଡ଼ିପାରୁ ନଥିଲେ । କୃଷ୍ଣଙ୍କ ମୁରଲୀ ନ ଶୁଣିଲେ ଗାଈ ବି ବାଉଳା ହୋଇଯାଉଥିଲେ । ଗାଈଙ୍କୁ ଆଗରେ, ପଛରେ ଓ ହୃଦୟରେ ବାନ୍ଧି ସେମାନଙ୍କ ମେଳରେ ବିହାର କରିବାରେ ତାଙ୍କର ଥିଲା ଆନନ୍ଦ । ଏହି ପରିବେଶ ମର୍ତ୍ତ୍ୟରେ ପ୍ରକୃତ ଗୋଲୋକ ଓ ଶ୍ରୀକୃଷ୍ଣ ଥିଲେ ଗୋଲୋକ ବିହାରୀ ।

## ଯେଉଁଠି ଗୋପ, ସେଇଠି ଲକ୍ଷ୍ମୀ

ମହାଭାରତ ଅନୁଶାସନ ପର୍ବ ଗୋ ମାହାତ୍ମ୍ୟ କୀର୍ତ୍ତନ କରିବାକୁ ଯାଇ ଯଥାର୍ଥ କହିଛନ୍ତି—

''ଗାଈମାନଙ୍କୁ ଟି ଯେ ସେବା କରୁଥାଇ
କଦାଚିତେ ଜାଣ ସେ ଦୁଃଖେ ନ ପଡ଼ଇ
ସ୍ୱର୍ଗକୁ ଯିବାକୁ ସୋପାନ ଗାଈ ସେବା
ଆନ ପୁଣ୍ୟ ରହିବି ସମନୋହେ ବାବା
ଗାଈଙ୍କର ଦେହ ତ ଲକ୍ଷ୍ମୀଙ୍କ ସଦନ
ଗାଈ ଯହିଁ ଥାନ୍ତି, ଥାଆନ୍ତି, ଲକ୍ଷ୍ମୀରାଣୀ
ଅନିଷ୍ଟ ସ୍ୱପ୍ନ ଯେବେ ଦେଖିବ ରାତିରେ
ଗାଈନାମ ଜପିବ ଏକାନ୍ତ ମନରେ ।''

## ଲହୁଣିଆ ଗୋପାଳ

କୃଷ୍ଣଙ୍କର ଗୋଠ-ବାହୁଡ଼ା ଟିକିଏ ଡେରିହେଲେ ମା ଯଶୋଦାଙ୍କୁ ଅଳନଳ ଲୁଚେ ନାହିଁ । ସତେ ଯେପରି ପୁଅ ତାଙ୍କ କୋଳରୁ କେତେ କାଳ ହେଲା ବିଚ୍ଛିନ୍ନ ହୋଇ ଯାଇଛି । ଦାଣ୍ଡ ଦୁଆର ବାଟ ଚାହିଁ ବସିଥିଲା ବେଳେ କେତେ ଅଳି ଝଳି ମା'ଙ୍କୁ ଉଚ୍ଚାଟ କରି ପକାଏ । କବି ତୁଣ୍ଡରେ ଏହି ବାତ୍ସଲ୍ୟ ରସ ଅତ୍ୟନ୍ତ ହୃଦୟଗ୍ରାହୀ—

''ଗୋଟିକା ଅଧାମ ସର ନ ଲୁଚଇ ତୋତେ
ନାଚି ଲାଣ୍ଡି ମାଗୁଥାଉ ଲବଣୀ କେମନ୍ତେ—ମୋ
କଳା ମାଣିକରେ ।''

ପୁଣି

ଗୋଠରୁ ଫେରି କୃଷ୍ଣ ଟିକିଏ ହାଲିଆ ହୋଇ ପଡ଼ିଯାଇଛନ୍ତି । ରାତି ପାହିଲାଣି; ନିଦ ଭାଙ୍ଗୁ ନାହିଁ । ପିଲାଏ ଦେଖେଲୋ-ରୋଷ୍ଟଧରି ପଢ଼ନ୍ତ କଲେଣି । ମା ଯଶୋଦା ପୁଅ ପାଇଁ ନାସ୍ତା ପ୍ରସ୍ତୁତ କରି ସାରିଛନ୍ତି । କି ପ୍ରକାର ଏ ଜଳଯୋଗ ! ବରା, ପିଠାଳି, ଦହିପାମଡ, ବା ଶୁଖିଲା ରୋଟି ସଂଗରୁ ଚିନିପାଣି ନୁହେଁ । ଦେଇ ସର, କ୍ଷୀର, ଲହୁଣୀ । କୃଷ୍ଣ କିନ୍ତୁ ଉଠୁ ନାହାନ୍ତି । ମା ତାଙ୍କୁ ଉଠାଉଛନ୍ତି । ଚାହେଁନା କରୁ ନାହାନ୍ତି, କି ଉଠୁନା କରୁ ନାହାନ୍ତି । କର୍ଣ୍ଣିକ ବଚନ କହୁଛନ୍ତି—

କବିଙ୍କ ଭାଷାରେ

ଉଠ ନିଶି ପାହିଲା ଏଥର ହେ ଚକ୍ରଧର
ଉଠ ଉଠ ନିଶି.... ।
ଅମୃତ ପାଣି କଦଳୀ ଲବଣୀ ସଙ୍ଗତେ ରୋଟି
କ୍ଷୀର ସଙ୍ଗେ ଭୁଞ୍ଜାଇବି ସର ..ହେ ଚକ୍ରଧର
ଉଠ ଉଠ ନିଶି... ॥

ପ୍ରକୃତରେ ଗୋପାଳ ଲହୁଣୀକୁ ଏତେ ଶ୍ରଦ୍ଧା କରୁଥିଲେ ଯେ ବେଳେ ବେଳେ ପାପୁଡ଼ି, ପେଟା ଆଦ ହୋଇ ଯାଉଥିଲା ।

''ନବନୀତଂ ହିତଂ ଗବ୍ୟଂ ବୃଷ୍ୟଂ ବର୍ଣ୍ଣବଳାଗ୍ନିକୃତ
ଚକ୍ଷିତଂ ବାଳକେ ବୃଦ୍ଧେ ବିଶେଷାଦମୃତ ଶିଶୋଃ ।''

ଆବାଳବୃଦ୍ଧ ବନିତା ସମସ୍ତଙ୍କୁ ଶୁଦ୍ଧ ଲହୁଣୀ ହିତ । ଲହୁଣୀ ଜଠରାଗ୍ନିକୁ ପ୍ରଜ୍ଜ୍ୱଳନ କରେ, ବଳ ବଢ଼ାଏ, ବର୍ଣ୍ଣକୁ ସ୍ନିଗ୍ଧ କରାଏ, ଶିଶୁମାନଙ୍କ ପକ୍ଷରେ ଲହୁଣୀ ଅମୃତ ତୁଲ୍ୟ ଲହୁଣିଆ ଗୋପାଳଙ୍କୁ ଏହା ଉତ୍ତମ ରୂପେ ଜଣାଥିଲା ।

ତେଣୁ

ଦୁଃଖୀ ଲୋକଙ୍କର ସଞ୍ଚୟ ସେ ତ ଦରିଦ୍ର ଧନ...
ଦହି ଦୁଧ ଦରବୃକ୍ଷ ଗୋ ତେଣୁ ବଡ଼ ଲବଣୀ ।
ଧରଣୀ ମଣ୍ଡିଳା ପରାୟେ ହୋଇଛନ୍ତି କି ଡଳା
କଳା ଧଳା ବେନିଭାଇ ଗୋ ବୁଢ଼େ ଦୁହିଁଙ୍କୁ ଶୋଭା ।
ପୁଅ ହୋଇ ଏତେ ସୁନ୍ଦର ନାହିଁ ଜାଣନ୍ତି ଘରେ
ପାରିଲା ରଜନୀ କି ଯୋଗେ ଥାଳି ମଧ୍ୟ ସାଗରେ ।

## ଶାସ୍ତ୍ର ବଚନ ଓ ଧର୍ମଗୁରୁଙ୍କ ଉପଦେଶ

ପ୍ରାଚୀନ ଧର୍ମଶାସ୍ତ୍ର ତଥା ଯୁଗ ପୁରୁଷଗଣ ଗୋଜାତିର ମହିମା ମୁକ୍ତ କଣ୍ଠରେ ଗାନ କରିଛନ୍ତି ।

ବେଦ କହନ୍ତି—ଗୋଜାତି Mother of Rudras, daughter of the Vasus, Sister of Adity, Fount of nector

ରୁଦ୍ରଗଣଙ୍କ ମାତା, ବସୁମାନଙ୍କ କନ୍ୟା, ଆଦିତ୍ୟଙ୍କର ଭଉଣୀ ଓ ଅମୃତର ଉତ୍ସ ।

ବେବିଲୋନର ପୁରାଣ କହେ—
Cow,—the mother of the moon ଗାଈ ଚନ୍ଦ୍ରଦେବଙ୍କ ମାତା ।

ଭଗବାନ ବୁଦ୍ଧ କହନ୍ତି—"ମାତା, ପିତା, ଭାଇ ଓ ପରିଜନବର୍ଗ ଆମମାନଙ୍କର ପ୍ରିୟ । ମାତ୍ର ଗୋଜାତି ପରମପ୍ରିୟ । ଗୋହତ୍ୟା ସଂପୂର୍ଣ୍ଣ ବର୍ଜ୍ଜନୀୟ" [ବ୍ରାହ୍ମଣ ଧାର୍ମିକ ସୂତ୍ର]

ହଜରତ ଉସମାନଙ୍କ ମତରେ— "ଗୋ ମାଂସ ଭକ୍ଷଣରୁ ବିରତ ହୁଅ । ଏହାର ସ୍ୱାଦ ମଦଭଳି କ୍ଷତିକାରକ ।"[ପହେଲ ହିବିସ୍ ସାହସ୍ତା]

ପୟଗମ୍ବର କହନ୍ତି—"ଗୋ ଦୁଗ୍ଧ ଓ ଘୃତ ଶକ୍ତି ବୃଦ୍ଧି ନିମିତ୍ତ ବିଶେଷ ପ୍ରୟୋଜନ, କିନ୍ତୁ ଗୋ ମାଂସ ବିଶେଷ କ୍ଷତିକାରକ" ।

[ନିର୍ଣ୍ଣୟତହାଜି]

ଖ୍ରୀଷ୍ଟୀୟ ମତ ହେଉଛି—"କୌଣସି ଜାତି ବା ଦେଶ ଗୋଜାତିକୁ ଛାଡ଼ି ଉଚ୍ଚ ସଭ୍ୟତାର ଅଧିକାରୀ ହୋଇ ନପାରେ । ଗୋଜାତିର ଧ୍ୱଂସ ସାଧନ ସାତିଶୟ ଆପତ୍ତି ଜନକ ।

### ମାଂସାହାରୀଙ୍କ ତୁଣ୍ଡରେ ଗୋମାତାର ପ୍ରଶଂସା

ଶ୍ୱେତାଙ୍ଗମାନଙ୍କୁ ଗୋ ମାଂସ ଭୋଜୀବୋଲି ଆମେ ଘୃଣା କରୁ । ଅଥଚ ସେମାନେ ଗୋଜାତିର ଉଚ୍ଚ ପ୍ରଶଂସକ ।

Hayne କହନ୍ତି —Where the cow is kept and cared for, civilization advanced, Land grows richer, homes grows better, debts grows fewer.

ଗାଈଙ୍କ ହେପାଜତ ଦ୍ୱାରା ସଭ୍ୟତାର ଅଭିବୃଦ୍ଧି ଘଟେ । ଭୂମି ଅଧିକ ଅମଳକ୍ଷମ ହୁଏ, ଗୃହ ଉନ୍ନତ ହୁଏ ଓ ଋଣ ଭାର ହ୍ରାସ ପାଏ ।

world warth ଙ୍କ ଦୃଷ୍ଟିରେ— Cow, the dumb mother of mankind. ଗାଈ ମନୁଷ୍ୟଜାତିର ମୂକ ଜନନୀ ।

Leo Tolsoi ଏଥିସହିତ ଏକମତ ହୋଇ ଗାଈକୁ My dumb mother ବୋଲି ସ୍ୱୀକାର କରିଛନ୍ତି ।

ମିଲୋ ହେଷ୍ଟିଂସ କହନ୍ତି— Cow the foster mother of Mankind.
ଗୋଜାତି ମାନବଜାତିର ପାଳିତା ମାତା ।

### ଗାଈ ଘରର ରକ୍ଷକ

ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଗୋ ମଙ୍ଗଳ ସମିତି ଅଛି । ଏକଦା ସେହି ସମିତିର କମିଶନର ଥିବା C. G. Benett ଙ୍କ ମତରେ In the cow, We have a friend that was never known to father. She pays the debt, she Saves the home.
ଗାଈ ଆମର ପରମ ବନ୍ଧୁ । ସେ କୁତ୍ରାପି ଆମକୁ ସ୍ନେହଶ୍ରଦ୍ଧାରୁ ଊଣା କରେ ନାହିଁ । ସେ ଆମ ଋଣ ଶୁଝି ପକାଏ ଓ ଆମ ଘରକୁ ରକ୍ଷା କରେ ।

### ଗୋମାତାର ପରିବେଶ ହିଁ ନନ୍ଦନ କାନନ

ବରୋଜ ନାମକ ଜଣେ ଆମେରିକୀୟ ସାହେବଙ୍କ ମତରେ Where the cow is, there is Arcadia.
ଗାଈ ଯେଉଁଠାରେ ନନ୍ଦନ କାନନ ସେହିଠାରେ ।

ଆମେରିକାର ପୂର୍ବତନ ସଭାପତି ହର୍ବଟ ହୁଭର କହନ୍ତି—
"The fate of the white race is undissolualy Linked with there cattle. They cannot survive without diary products.
ଶ୍ୱେତକାୟମାନେ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ବିନା ଦଣ୍ଡେ ହେଲେ ତିଷ୍ଠି ପାରିବେ ନାହିଁ ।

### ଦୁଗ୍ଧ ହିଁ ଶିଶୁ ମୃତ୍ୟୁ ହ୍ରାସ କରେ

ମ୍ୟାକ୍ କଲମ ନାମକ ଜଣେ ବିଶିଷ୍ଟ ମାର୍କିନ ପଣ୍ଡିତଙ୍କ ମତରେ ଦୁଗ୍ଧାହାରୀମାନେ ହିଁ ଜଗତରେ ପରାକ୍ରମଶାଳୀ । ସମାଜରୁ ଶିଶୁ ମୃତ୍ୟୁର ହାର ସେହିମାନେ ହ୍ରାସ କରିପାରିଛନ୍ତି । କଳା, ସାହିତ୍ୟ ଓ ସଙ୍ଗୀତର ମର୍ଯ୍ୟାଦା ସେହିମାନେ ହିଁ ଉପଲବ୍ଧି କରିଛନ୍ତି । ମାନବୋଚିତ ବୁଦ୍ଧି ବିବେକ ଦାନ ଦେଇ ସେହିମାନେ ହିଁ ଜଗତର ଉପକାର ସାଧନ କରିଛନ୍ତି ।

ଇଂରାଜୀ "The people who have achieved, who have become Large, strong and Vigorous, who have reduced their infant mortality, who have the trades in the world, who have appriciation for cart, literature and music, who are progressive in Science and in every activity of human intellect have used liberal amounts of cows milk and its products"

### ସେରେ ଦୁଧ ସେରେ କୁକୁଡା ମାଂସ ସହ ସମାନ

ମିଳିତ ଜାତିସଂଘ ଅଧୀନସ୍ଥ ବିଶ୍ୱ ଖାଦ୍ୟ ସଂଗଠନ ଦୁଗ୍ଧ ସହିତ ମାଛ ମାଂସର ଏକ ତୁଳନାତ୍ମକ ଗବେଷଣା ପ୍ରସ୍ତୁତ ଯେଉଁ ତଥ୍ୟ ପ୍ରକାଶ କରିଛନ୍ତି ତାହା ମାଂସାହାରୀଙ୍କ ଚକ୍ଷୁ ଖୋଲିଦେଇଛି । କୁହାଯାଇଛି ଯେ ସେରେ (ଦୁଇପାଉଣ୍ଡ) ଦୁଧରେ ଯେତେ ଖାଦ୍ୟ ସାର ଅଛି, ତାହା ଆଠଟା କୁକ୍‌କୁଟୀ ଅଣ୍ଡା, ସେରେ କୁକୁଡା ମାଂସ, ଏକ ପାଉଣ୍ଡର ତିନିପଞ୍ଚମାଂଶ ଘୁଷୁରୀ ମାଂସ ଓ ଦେଢ ସେର ସଦ୍ୟ ମାଛ ସହ ସମାନ । ପାଉଣ୍ଡର ତିନିଚତୁର୍ଥାଂଶ ଗୋମାଂସରେ ଯେତେ ଖାଦ୍ୟସାର ଥାଏ, ଏକ ସେର ଦୁଧରୁ ସେତିକି ମିଳେ ।

କେବଳ ସେତିକି ନୁହେଁ, ଭାରତୀୟ କୃଷି ବିଜ୍ଞାନବିତ୍‌ମାନେ କହନ୍ତି ଜଣେ ଗୋଟିଏ ଭଲ ଦୁଧିଆଳୀ ଗାଈ ପୋଷିଲେ ବର୍ଷକୁ ଯେତେ ଆୟ କରିବ, ପାଞ୍ଚ ଏକର ଭଲ ଜମି ଚଷିଲେ ମଧ୍ୟ ସେତିକି ଆୟ କରିପାରିବ ନାହିଁ ।

### ଅସରନ୍ତି ଭାବନା

ମୋ ଭାବନାର ଅଳକୂଳ ପାଏ ନାହିଁ । ଭଗବାନ ବ୍ୟାସଦେବ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ମାଧ୍ୟମରେ ଅର୍ଜ୍ଜୁନଙ୍କୁ ୧୮ ଅଧ୍ୟାୟ ଗୀତା ଶୁଣାଇବା ପରି କ୍ଷୀର ସର ପରିବେଷ୍ଟିତ ଥାଳି ମାଧ୍ୟମରେ ମୁଁ ଆତ୍ମ-ହରା ହୋଇପଡେ । ପିଲାଏ ଯେତେବେଳେ ପୁଣି ଥାଳିଆଏ ସର ଦହି ସଙ୍ଗକୁ ଥାଳିଆଟାଏ ମଣ୍ଡିଭଜା ଥୋଇ ଦିଅନ୍ତି, ମୋର ଭାବାନ୍ତର ଆସେ । ଗୋରସ ଆମିଷ ପରସ୍ପର ବିରୁଦ୍ଧ ଆହାର ବୋଲି ମଣ୍ଡି ଥାଳିଆଟିକୁ ମୁଁ କେତେ ଘଣ୍ଟା ପାଇଁ ଆଡେଇ ଦିଏ ।

### ଶାଶୁ ଥାନ୍ତି, ମାତ୍ର ମନ ଊଣା

ମୁଁ ଆଗପରି ବାଲିପାଟପୁର ଯାଏ । ଶାଶୁ ଥାନ୍ତି । ମାତ୍ର ଆଗପରି ମନରେ ତାଙ୍କର ସୁଖ ନ ଥାଏ । ଆଗପରି ଆଉ ଥାଳି ଆସେ ନାହିଁ । ସଗ, ଲହୁଣୀ ତେଣିକି ଥାଉ । କ୍ଷୀର ଟୋପାଏ ବି ଦୁଷ୍ପ୍ରାପ୍ୟ । ସାଗର ତୀରରେ ବାସ । ଅଥଚ ତୃଷା ମେଣ୍ଟୁ ନାହିଁ । ସକାଳେ ପଡେ ସହର

ଟଙ୍କାରରୁ ଦଳଦଳ ସାଇକେଲ ଯାତ୍ରୀ ଡ୍ରମଟିମାନ ଧରି ଭୁଷଣ୍ଡପୁରରେ ହାଜର । ସବୁତକ କ୍ଷୀର ଟିପୁଡ଼ି କେହି ଟ୍ରେନରେ, କେହି ବସରେ, କେହି ବା ସାଇକେଲରେ ଧରି ଚମ୍ପଟ । ଭୁଷଣ୍ଡପୁରର କ୍ଷୀର, ଗ୍ରାମଗୋଷ୍ଠୀ ଯୋଜନାରେ ରସଗୋଲା, ରାବିଡ଼ି ରୂପରେ ବାବୁମାନଙ୍କ ପେଟରେ ହାଜର । ଆଉ କାହା କଥା ବା ପୁଣ୍ୟପର୍ବ କଥା ଛାଡନ୍ତୁ । ଯାହାର ଗାଈ ମଇଁଷି, ତା ପିଲାଏ ବାଧିକା ପଡ଼ିଲେ ଟୋପାଏ କ୍ଷୀର ପାଉ ନାହାନ୍ତି । ବାଟାଦା, ଭେକଟା, ଖଙ୍ଗା, ତାହାଙ୍କିର, ଶାହାଳ ସାତ ସପନ । ଉତ୍ପାଦନକାରୀ ଯେଉଁ ଦରରେ ବେପାରୀଙ୍କୁ କ୍ଷୀର ମାଛ ବିକୁଛି ସେହି ଦରରେ ଉତ୍ପାଦର କିଛି ଅଂଶ ସେହି ଗାଁରେ ବିକିହେବ କି ନାହିଁ ବୁଝିବା କଥା ଯୋଜନା ବାବୁମାନଙ୍କ ଯୋଜନାରେ ନାହିଁ । ତେବେ ଏ ଯୋଜନାଟି ପରଲୋକଙ୍କୁ ଘରକୁ ଡାକି ଆଣିବାରେ ଯେ ସଫଳ ହୋଇଛି, ସନ୍ଦେହର କୌଣସି ଅବକାଶ ନାହିଁ ।

ଥାଳି ପାଖରେ ବସିବାବେଳେ ମୋ ମନରେ ଏବେ ଯେଉଁ ଭାବନା ଜନ୍ମେ ତାହା ଆଉ ଆଗପରି ନୁହେଁ; ବରଂ ଆଗପଛର ଏକ ତୁଳନାତ୍ମକ ବିଶ୍ଳେଷଣ—

## ବିଶ୍ୱର ସହିତ ଆଶ୍ୱରର ମେଳ ନାହିଁ

ଯୁଗ ଯୁଗ ଧରି ଆମେ ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଗୋଷ୍ଠାଷ୍ଟମୀ ପାଳି ଶ୍ରୀକୃଷ୍ଣଙ୍କ ବାଲ୍ୟ-ସ୍ମୃତି ପୁନର୍ଜାଗରଣ କରୁଛୁଁ । ମାତ୍ର କ୍ଷୀର ଲବଣୀପ୍ରିୟ ଗୋପାଳକୃଷ୍ଣଙ୍କୁ ଦେଉଛୁ କ'ଣ ? ବନସ୍ପତି ତେଲର ପିଠା, ପୁରୀ ବା ଖେଚୁଡ଼ି ! ଗୋଷ୍ଠାଷ୍ଟମୀ ବା ଗହ୍ମାପୂର୍ଣ୍ଣିମାରେ ଗାଈ ବଳଦଙ୍କ ମୁଣ୍ଡରେ ହଳଦିଟିକେ ଲଗାଇ ସିନ୍ଦୁର ଟୋପା ମାରି ଫୁଲମାଳଟିଏ ପିନ୍ଧାଇ ଦେବାପରେ ବର୍ଷକ ପାଇଁ ଆମର ଗୋ-ସେବା ସାଙ୍ଗ ହୁଏ ।

## ଗୋପାଳ ତ ଅଛନ୍ତି, ଗୋପାଳ ଭୋଗ କାହିଁ ?

ମଠରେ କୃଷ୍ଣ ଅଛନ୍ତି ସତ, ଗାଈ ନାହାନ୍ତି କି ଗୁହାଳ ନାହିଁ । ମଠର ମାତାଏ ଗୋପୀଙ୍କ ପରି ଦୁଧ ଦହିର ମହଣା ମୁଣ୍ଡାଇ ବିକିବା ଦୂରେ ଥାଉ, ଗାଈଟିଏ ମଠରେ ପଶିଗଲେ ଦୁର ଦୁର ମାର ମାର କରି ତଡ଼ିପକାନ୍ତି । ମୌଳିକ ଜୀବନିକାରେ ପରିପୂର୍ଣ୍ଣ ଦୁଗ୍ଧ ଓ ଦୁଗ୍ଧଜାତର ମହିମା ଖାତାରେ ଟିପିନେଇ ପରୀକ୍ଷା ଖାତାରେ ବାଗେଇ ବୁଝେଇ ଲେଖିଦେବା ପରେ ଆମ ପିଲାଙ୍କ ଗୋ ମାହାତ୍ମ୍ୟ-ଶିକ୍ଷାର ପରିସମାପ୍ତି ଘଟେ । ଗାଈ ଚରିବୁଲି ଖାଏ । ବଳବୟସରେ ଆମର ସେବା କରେ । ବଳ ଖସିଲେ ହାଡ଼ଚମ ହୋଇ କଂସେଇ ହାତକୁ ଯାଏ ।

## ଗୋପବନ୍ଧୁଙ୍କ ଉପଦେଶ

ପୁଣ୍ୟାତ୍ମା ଗୋପବନ୍ଧୁ ବଡ ସନ୍ତର୍ପଣତାର ସହିତ ସେଥିପାଇଁ କହିଛନ୍ତି—

"ଯେ ଗାଈଠାରୁ ଖାଏ ରସ
ନଦେଇ ତାକୁ ସୁଗ୍ରାସ ;
ବଳାକୁ ନ କରେ ଯତନ
କରେ ସେ ଗୋ ଶୋଣିତ ପାନ ।
କେହି ନ ହରୁ ଅନ୍ୟ ଗାଈ
ନ ବିକୁ କେହି ଧନ ପାଇ ।
ନ ମାରୁ କେହି ଦେଇ ବିଷ
ନ ଖାଉ କେହି ଗୋରୁ ମାଂସ ।
ଧୋତକେ ଛାଡନ୍ତୁ ବେଉସା
ଆସିବ ଦେଶେ ଭଲ ଦଶା ।
ଗୋରୁଙ୍କୁ ବିକ୍ରୟ ନ କର
ଏ ପାପ ଅତିଭୟଙ୍କର ।
ଦୁର୍ଭିକ୍ଷେ ଅନାବୃଷ୍ଟି କାଳେ
ଗୋରୁଙ୍କୁ ଖୁଆଇ ଯେ ପାଳେ ।
ସେ ଅଶ୍ୱମେଧ ଫଳ ଲଭେ
ଏ ଲୋକେ ରହେ ଗଉରବେ ।"

## ଗାନ୍ଧିଜୀଙ୍କ ଦିବ୍ୟଦୃଷ୍ଟି

ମହାତ୍ମାଗାନ୍ଧୀ ଗୋ ରକ୍ଷାକୁ ସ୍ୱରାଜ୍ୟ ସ୍ଥାପିଠାରୁ ଉଚ୍ଚକ୍ଷରେ ମନେ କରୁଥିଲେ । ୧୯୨୩ ଜାନୁୟାରୀ ୨୯ ତାରିଖରେ ବେଲଗାଁଓରେ ଅନୁଷ୍ଠିତ ଗୋ-ସମ୍ମିଳନୀର ଉଦବୋଧନ ପ୍ରସଙ୍ଗରେ ବାପୁଜୀ କହିଥିଲେ—

"I hold the question of Cow protection to be no Less momentous, but in certain respects even of for greater moment then that of swaraj.

"Hindus will be judged not by there Tilaks, not by their correct chanting of Mantras, not by their Piligrimages, not by their must punctilious observance of caste rules, but by their ability to protect the cow. Whilist professing the religion of cow protection, we have enslorved the cow and their progeny and have become slaves ourselves."

ଟିକା ଟିପକ, ମନ୍ତ୍ରୋଚ୍ଚାରଣ, ତୀର୍ଥାଟନ କିମ୍ବା ଜାତିଗତ ବିଧି ବିଧାନକୁ ଅତିବଡ଼ିପ୍ରା ଦ୍ୱାରା ହିନ୍ଦୁତ୍ୱ ପ୍ରକାଶ ପାଏ ନାହିଁ । ଗୋପାଳନ ଓ ଗୋସେବାର ଉତ୍କର୍ଷ ସାଧନ ହିଁ ହିନ୍ଦୁତ୍ୱର ବାସ୍ତବ ପରିଚାୟକ ଅଟେ । ଗୋ ଜାତିକୁ ଦାସ ଭାବରେ ଖଟାଇ ଆମେ ନିଜେ ଦାସ ହୋଇଗଲୁଣି ।

## ଏ ଚନ୍ଦ୍ରଲୋକର ଯୁଗ

ମୋତେ ଦୁଧ ଦହି ଟିକିଏ ଆଗପରି ଖୁଆଇ ପାରିଲେ ନାହିଁ ବୋଲି ମୋ..ଶାଶୁ ଯେତେବେଳେ ସନ୍ତାପି ହୁଅନ୍ତି, ମୁଁ ତାଙ୍କୁ ବୋଧ ଦେଇ କହେ— "ତୁମ ମରହଟ୍ଟୀ ଅମଳ ଗଲାଣି । ଏ ଚନ୍ଦ୍ର ଲୋକର ଯୁଗ । ଏବେ ସିନା ସହରୀ ଲୋକେ ତୁମ ଗାଁର ଦୁଧ, ମାଛ ବୋହି ନେଉଛନ୍ତି ତେବେ ସେ ବେଳ ଆଉ ରହିବ ନାହିଁ । ଦିନ ଆସିବ ସେମାନେ ତୁମକୁ ଚନ୍ଦ୍ରଲୋକକୁ ନେଇ ଯିବେ । ତେବେ କାଳ ସହିଲେ ହେଲା ।"

ଶାଶୁ ସବୁ ଶୁଣି ନ ଶୁଣିଲା ପରି ରହନ୍ତି । ତାଙ୍କ ଆଖିରୁ ଝରିଆସେ ଦୁଇ ଧାର ଲୁହ ।

ସତକୁ ସତ ତାଙ୍କୁ କାଳ ସହିଲା ନାହିଁ । ସେ ଆଉ ନାହାନ୍ତି । ତାଙ୍କ ହର୍ଷ ବିଷାଦ ମୁହଁ କିନ୍ତୁ ମୋ ମନରୁ ଯାଉ ନାହିଁ ।

ମାର୍କଣ୍ଡସାହୀ,
ଯମୁନାରୋଡ
ପୁରୀ ।

# ଶିଶୁ ଓ ଶାନ୍ତି

ଶ୍ରୀ ତାରାକାନ୍ତ ମହାନ୍ତି

ଶାନ୍ତି ବିଷୟରେ କଣ କେବଳ ବୟସ୍କମାନେ ଅଧିକ ଜାଣିଥାନ୍ତି, ବୁଝିଥାନ୍ତି ଓ ସେମାନଙ୍କର ବେଶୀ ଧାରଣା ଥାଏ ? ଶିଶୁମାନେ ନୁହନ୍ତି ? ଆପଣଙ୍କ ମନରେ ଯଦି ଏପରି ଧାରଣା ଥାଏ, ତେବେ ତାହା ଶୀଘ୍ର ପରିହାର କରନ୍ତୁ । ଶିଶୁମାନେ ବୟସ୍କଙ୍କ ଅପେକ୍ଷା 'ଯୁଦ୍ଧ' ଓ 'ଶାନ୍ତି' ଏହା ମଧ୍ୟରୁ କେଉଁଟି ବିଶ୍ୱ ପାଇଁ ଶ୍ରେୟ ତାହା ସେମାନେ ସମ୍ୟକ ରୂପେ ବୁଝିଛନ୍ତି । ସଂପ୍ରତି ଏ ବିଷୟରେ ଆଲୋକପାତ କରିଛନ୍ତି ଭାରତରେ ନିଯୁକ୍ତି ପାଇଥିବା ସୋଭିଏତ୍ ଋଷିଆର ରାଷ୍ଟ୍ରଦୂତ ଏନ୍. ରାଇକୋଭ ।

ଏବେ ଅଳ୍ପ ଦିନ ତଳେ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ୧୨ ବର୍ଷ ବୟସ୍କା ଅଧ୍ୟୟନରତ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଜି.ବି.ପି. ପ୍ରଭାଣୀ ସୋଭିଏତ୍ ପାର୍ଟି ମୁଖ୍ୟ, ମିଖାଇଲ୍ ଗୋର୍ବାଚୋଭଙ୍କ ନିକଟକୁ "ଯୁଦ୍ଧ ବିରୁଦ୍ଧରେ ପ୍ରତିକାର ଓ ବିଶ୍ୱର ଶିଶୁ ଶାନ୍ତି ଚାହାନ୍ତି" ଏ ସଂପର୍କରେ ଏକ ପତ୍ର ଲେଖିଥିଲେ । ଗୋର୍ବାଚୋଭ ସୋଭିଏତ୍ ରାଷ୍ଟ୍ରଦୂତ ଏନ୍. ରାଇକୋଭଙ୍କ ଜରିଆରେ ଜି.ବି.ପି. ପ୍ରଭାଣୀଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ ଓ ଯାହାକୁ ରାଇକୋଭ୍ ପ୍ରଭାଣୀଙ୍କୁ ଗତ ୧୯୮୬ ମସିହା ନଭେମ୍ବର ୪ ତାରିଖରେ ହସ୍ତାନ୍ତର କଲେ, ସେତେବେଳେ ଏ ସଂପର୍କରେ ନିଜର ମନ୍ତବ୍ୟ ପ୍ରକାଶ କରି କହିଲେ, "ଯୁକ୍ତରାଷ୍ଟ୍ର ଆମେରିକାର ସାମନ୍ଥାସ୍ମିଥ୍, ସୋଭିଏତ୍ ଋଷିଆର କାଟିଆ ଲିସେଭା, ଭାରତର ଜି.ବି.ପି. ପ୍ରଭାଣୀ, ଯୁଦ୍ଧର ଭୟାବହତା ସଂପର୍କରେ ଯାହା ଜାଣିଛନ୍ତି ଓ ତା'ର ପ୍ରତିକାର ପାଇଁ ଏବଂ ବିଶେଷ କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଯେପରି ବିଶ୍ୱ ଜନମତ ଓ ଆନ୍ତର୍ଜାତିକ ଚେତନା ସୃଷ୍ଟି କରିବା ପାଇଁ ପ୍ରୟାସ କରିଛନ୍ତି ଓ ପ୍ରଚେଷ୍ଟା ଚଳେଇଛନ୍ତି, ସେ ବିଷୟରେ କିପରି ବିଶ୍ୱର ବିଜ୍ଞ ନେତୃମଣ୍ଡଳୀ ଓ ବୟସ୍କ ଗୋଷ୍ଠୀ କିଛି ବୁଝିପାରୁ ନାହାନ୍ତି ଓ ମୁଣ୍ଡ ଖେଳାଉ ନାହାନ୍ତି ତାହା ତାଙ୍କୁ ବିସ୍ମିତ କରିଛି । ଏହାଠାରୁ ବଳି ବଡ ଦୁର୍ଭାଗ୍ୟଜନକ ବିଷୟ କଣ ହୋଇପାରେ ।"

ପୁଣି, ଜି.ଏନ୍. ରାଇକୋଭ କହିଛନ୍ତି—

**"No provocations and obstructions, no lies and sophistry can deter the Soviet Union from defending peace in the World"**

ଜି.ବି.ପି. ପ୍ରଭାଣୀଙ୍କ ଉଦ୍ଦେଶ୍ୟରେ ଲେଖା ଯାଇଥିବା ପତ୍ରରେ ମିଖାଇଲ୍ ଗୋର୍ବାଚୋଭ ଉଲ୍ଲେଖ କରିଛନ୍ତି, "All of us most take care of the future of our common home—the planet earth".

ଜି.ବି.ପି. ପ୍ରଭାଣୀ ଗୋର୍ବାଚୋଭଙ୍କ ଠାରୁ ପତ୍ର ପାଇବା ପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, "ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଓ ସୋଭିଏତ୍ ଋଷିଆର ପାର୍ଟି ମୁଖ୍ୟ ମିଖାଇଲ୍ ଗୋର୍ବାଚୋଭଙ୍କ ପତ୍ର ତାଙ୍କ ମନରେ ନୂତନ ଆଶାର ସଞ୍ଚାର କରିଛି । ଶାନ୍ତି ସଂପର୍କରେ ନୂତନ ଦିଗଦର୍ଶନ ଦେଇଛି । ନିଜର ଭବିଷ୍ୟତ, ସହପାଠୀ, ପ୍ରତିବେଶୀ, ରାଜ୍ୟବାସୀ, ଦେଶବାସୀ ଓ ବିଶ୍ୱବାସୀଙ୍କ ଭବିଷ୍ୟତ ପାଇଁ ସେ ଯେଉଁ ଚିନ୍ତା କରୁଥିଲେ ପତ୍ର ପାଇସାରିବା ପରେ ଯୁଦ୍ଧର ଅବସାନ ଦିନେ ନା ଦିନେ ଘଟିବ ଓ ଏକ ବିଶ୍ୱ ଚିନ୍ତାଧାରା ବାସ୍ତବରେ କାର୍ଯ୍ୟକାରୀ ହୋଇ ପାରିବ । ଏହି ଦୃଢ ଆତ୍ମ-ପ୍ରତ୍ୟୟରେ ! ତାଙ୍କ ହୃଦୟ ଭରି ଯାଇଛି ଓ ସେ ନୂତନ ଆଲୋକର ସନ୍ଧାନ ପାଇଛନ୍ତି ଏବଂ ସେଥିପାଇଁ ସେ ଆହ୍ଲାଦିତା ।"

ବିଶିଷ୍ଟ ରାଜନୀତି ତତ୍ତ୍ୱ ବିଶାରଦ ଓ ସାମାଜିକ ଚୁକ୍ତିନାମା ତତ୍ତ୍ୱର ପ୍ରବକ୍ତା ଥୋମାସ୍ ହବ୍ସ "ଷ୍ଟେଟ୍ ଅଫ୍ ନେଚର୍" ର ସ୍ୱରୂପ କ'ଣ ଥିଲା, ଯାହାକି "ଷ୍ଟେଣ୍ଡ୍ ଫର୍ମେସନ" ର ପ୍ରାଗାବସ୍ଥା ଥିଲା ତାହା ହେଉଛି ତାଙ୍କ ଭାଷାରେ **"Human life was nasty breetish poor, solitary and short"**

ଅର୍ଥାତ୍ ମଣିଷ ସେତେବେଳେ କଦର୍ଯ୍ୟ, ବର୍ବର, ନିଃସଙ୍ଗ, ନିଃସ୍ବ, ସଂକଟାପନ୍ନ ଜୀବନ ଯାପନ କରୁଥିଲା । ସାଂପ୍ରତିକ ବିଶ୍ୱର ପରିସ୍ଥିତିକୁ "ଷ୍ଟେଟ୍ଅଫ୍ ନେଚର୍" ସହିତ ତୁଳନା କଲେ ବର୍ତ୍ତମାନର ଜୀବନ ଯାପନର ଦୃଷ୍ଟିଭଙ୍ଗୀ କେଉଁ ଗୁଣରେ "ଷ୍ଟେଟ୍ଅଫ୍ ନେଚର୍" ଅପେକ୍ଷା ଭଲ ? ନିଜେ ନିଜକୁ ଏହି ପ୍ରଶ୍ନ ପଚାରି ତା'ର ସନ୍ତୋଷଜନକ ଉତ୍ତର ପାଆନ୍ତୁ । ସଂପ୍ରତି ଶୀତଳ ଯୁଦ୍ଧ କାଳରେ ତାରକା ଯୁଦ୍ଧର ଆହ୍ୱାନ, ପରମାଣୁ ଅସ୍ତ୍ର ସାଜ ସଂରଜାମ ପ୍ରସ୍ତୁତି ପର୍ବ, ସେହି "ଷ୍ଟେଟ୍ ଅଫ୍ ନେଚର୍" ସହିତ ତୁଳନା ଯୋଗ୍ୟ । ବିଶ୍ୱର ଶିକ୍ଷିତ ବର୍ବର ମସ୍ତିଷ୍କର ଉଦ୍ଭଟ ଚିନ୍ତାଧାରା, "ଷ୍ଟେଟ୍ ଅଫ୍ ନେଚର୍" ର ଦଳପତିଙ୍କ ରଣ ହୁଙ୍କାର ସହିତ କେବଳ ତୁଳନୀୟ । କିଏ କାହାକୁ କାହାର ଛାୟା ତଳେ ଆଶ୍ରୟ ଦେବ । 'ଷ୍ଟେଟ୍ ଅଫ୍ ନେଚର୍' ର ସାମାଜିକାଙ୍କ ଜୀବନ ହାମୁରାବିଂକ ବିଧି ସଂଜ୍ଞା ସହିତ ମଧ୍ୟ ତୁଳନୀୟ । "ଆଖି ପାଇଁ

ଆଖିଟିଏ, ଦାନ୍ତ ବଦଳରେ ଦାନ୍ତ" ବର୍ତ୍ତମାନ ବିଶ୍ୱର ଦୁଇ ବିଶିଷ୍ଟ ସଂଗ୍ରାମପତି ସୋଭିଏତ୍ ଋଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ କାର୍ଯ୍ୟକଳାପ ସହିତ ତୁଳନୀୟ । ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ " **An eye for an eye, has made the world blind** " "ଆଖି ବଦଳରେ ଆଉ ଗୋଟିଏ ଆଖି ନେବୁ, ଆଜିର ବିଶ୍ୱକୁ ଦୃଷ୍ଟିହୀନ କରି ରଖିଛି । ଅନ୍ଧ ନହୋଇ ଅନ୍ଧପୁଟୁଳି ବାନ୍ଧି ସେ ଯେଉଁ ଖେଳ ଖେଳୁଛନ୍ତି, ତାହା ସେହି ବୃହତ୍ ଶକ୍ତିଙ୍କ ପାଇଁ ଖେଳ ହୋଇପାରେ ମାତ୍ର ବିକାଶଶୀଳ ପାଇଁ କାଳ ସଦୃଶ । ନିକଟରେ ଲିବ୍ୟା ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ବର୍ବରୋଚିତ ବିମାନ ଆକ୍ରମଣର ଶିକାର ହୋଇଛନ୍ତି ମା ସ୍ତନରୁ ଦୁଗ୍ଧ ଶୋଷଣ କରୁଥିବା ଅସଂଖ୍ୟ ନିରୀହ ଶିଶୁ । ବର୍ବରତାର ଅନ୍ୟ ନାମ କଣ ? ଏହାଠାରୁ କଣ ବର୍ବରତାର ଉତ୍ତମ ସଂଜ୍ଞା ଆଉ କିଛି ଥାଇପାରେ । ବର୍ବରତାର ଆଉ କଣ ଅନ୍ୟ ସ୍ୱରୂପ ରହିଛି ।

ଆଜି ବିଶ୍ୱର ଶିଶୁ ଡାକରା ଦେଇଛି "ଶାନ୍ତି ପାଇଁ ଆମକୁ ସୁଯୋଗ ଦିଅ, ଆମେ ଶାନ୍ତି ଚାହୁଁ । ଶିଶୁମାନଙ୍କ ସଂପର୍କରେ ବିଶେଷ କରି ଭାରତୀୟ ଶିଶୁମାନଙ୍କ ସଂପର୍କରେ ଜାତିସଂଘ ତରଫରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ସେଥିରେ ପରୋକ୍ଷ ଭାବେ କୁହାଯାଇଛି, ଭାରତର ଶିଶୁ ଶୋଷଣର ଶିକାର ହୋଇଛି । ଭାରତରେ ପ୍ରତି ୪ ଜଣ ଶିଶୁ ମଧ୍ୟରୁ ଜଣେ ହେଉଛି ଶିଶୁ ଶ୍ରମିକ । ଯଦି ଶିଶୁମାନଙ୍କୁ ଶ୍ରମ ଶୋଷଣରୁ ମୁକ୍ତ ନ କରାଯାଏ, ତେବେ ସେମାନେ ଶାନ୍ତି ପାଇବେ କେଉଁଠି । ସେମାନେ ହେଉଛନ୍ତି ମଧ୍ୟ ଶିକାର ।

ଭାରତର ମହୀୟସୀ ମହିଳା ପ୍ରାକ୍ତନ ପ୍ରଧାନ ମନ୍ତ୍ରୀ ଁଇନ୍ଦିରା ଗାନ୍ଧୀ ୧୯୬୬ ମସିହା ଡିସେମ୍ବର ୧୧ ତାରିଖରେ ଶିଶୁମାନଙ୍କ ସଂପର୍କରେ କୌଣସି ଏକ ପ୍ରସଙ୍ଗରେ କହିଛନ୍ତି– "**We want our children to inherit a better world then our own. This is the aim of every father and mother and this is the objective of planned development**"

ପୁଣି ଅନ୍ୟ ଏକ ପ୍ରସଙ୍ଗରେ ୧୯୮୪ ମସିହା ଫେବୃଆରୀ ୧୬ ତାରିଖରେ ଁଇନ୍ଦିରା ଗାନ୍ଧୀ କହିଛନ୍ତି– "**As a mother and the Head of the Government, I am deeply aware of the child's right to love careful handling and essential services and also of the burdens which mothers themselves bear**"

ବିଶ୍ୱର ସଚେତନ ନାଗରିକ ଶିଶୁମାନଙ୍କ ସମସ୍ୟାକୁ ସଠିକ୍ ଅନୁଧ୍ୟାନ କରିଛନ୍ତି କି ? ଅନ୍ୟ ଦେଶରେ ଶିଶୁ ସ୍ୱାଧୀନତା ଓ ଶିଶୁମାନଙ୍କୁ ସମସ୍ତ ରକମର ଶୋଷଣ ଓ ନିର୍ଯ୍ୟାତନା ବ୍ୟାଧିରୁ ମୁକ୍ତି ଦେବା ପାଇଁ ଯେପରି ଅନୁଧ୍ୟାନ କରାଯାଉଛି ଓ ତତ୍କ୍ଷଣାତ୍ ପଦକ୍ଷେପ ନିଆଯାଉଛି, ଆମ ଦେଶରେ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରିବାରେ ବହୁ ବ୍ୟବଧାନ ରହୁଛି ଓ ଅନ୍ତରାୟ ମଧ୍ୟ ସୃଷ୍ଟି ହେଉଛି । ସଂପ୍ରତି ଆମେରିକାର ଜନ୍ ହପ୍‌କିନ୍‌ସ ଜନସ୍ୱାସ୍ଥ୍ୟ ସ୍କୁଲର ଜନସଂଖ୍ୟା ସୂଚନା କାର୍ଯ୍ୟକ୍ରମ ସଂପର୍କୀୟ ଏକ ରିପୋର୍ଟ ପ୍ରକାଶ ପାଇଛି ଏବଂ ସେଥିରେ ସତର୍କ କରିଦିଆଯାଇଛି ଯେ, ମହିଳା ଓ ଶିଶୁମାନେ ଅଧିକ ପରିମାଣରେ ଏଡ୍‌ସ ରୋଗର ଶିକାର ହେଉଛନ୍ତି ଏବଂ ଏହି ରୋଗ ସଂକ୍ରମଣକୁ ଯଦି ରୋକି ଦିଆ ନଯାଏ ତେବେ ବିଶ୍ୱରେ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଶିଶୁମାନଙ୍କ ଜୀବନ ରକ୍ଷା କଷ୍ଟକର ହୋଇପଡ଼ିବ ।

ସଂପ୍ରତି ରାଜ୍ୟ ସଭାର ଶିଶୁ ଶ୍ରମ (ବାରଣ ଓ ନିୟନ୍ତ୍ରଣ) ୧୯୮୬ ବିଲ୍ (**Child labour prohibition and regulation**), ଉପରେ ତର୍କବିତର୍କ ଚାଲିଛି । ଏହା ବଡ ପରିତାପର ବିଷୟ ଯେ ଯଦିଓ ଶିଶୁମାନଙ୍କୁ ସମସ୍ତ ରକମ ଶୋଷଣରୁ ମୁକ୍ତ କରିବା ପାଇଁ ଅଦ୍ୟାବଧି ୧୫ଗୋଟି ଆଇନ୍ ପ୍ରଚଳିତ ଅଛି, ତଥାପି ତାହା କଡାକଡ଼ି ଭାବେ ଲାଗୁ ହୋଇ ନାହିଁ । ଏଣୁ ଶିଶୁ ସ୍ୱାଧୀନତା ଆଜି ବିପନ୍ନ ।

ଶିଶୁମାନେ ବିଶ୍ୱର ତଥା ଯେ କୌଣସି ରାଷ୍ଟ୍ରର ଅମୂଲ୍ୟ ସଂପଦ । ଶିଶୁ ସ୍ୱାଧୀନତା ଓ ଶାନ୍ତି ନିମ୍ନଲିଖିତ କେତେଗୋଟି କାରଣରୁ ବ୍ୟାହତ ହେଉଛି ଓ ସେଗୁଡ଼ିକ ହେଲା– (୧) ଶିଶୁ ଶ୍ରମିକ ନିର୍ଯ୍ୟାତନା, (୨) ଶିଶୁର କ୍ଷୁଧା ଓ ବ୍ୟାଧି ଯନ୍ତ୍ରଣା, (୩) ଶିଶୁଙ୍କ ଉପରେ ଅମାନୁଷିକ ଓ ପାଶବିକ ଏବଂ ନିଷ୍ଠୁର ଅତ୍ୟାଚାର ପ୍ରଦର୍ଶନ, (୪) ଶିଶୁଙ୍କ ପ୍ରତି ହିଂସା ପ୍ରଦର୍ଶନ ଓ କୁତ୍ସିତ ଏବଂ ବର୍ବରୋଚିତ ବ୍ୟବହାର, (୫) ଶିଶୁଙ୍କ ବିକାଶ ପାଇଁ ଉପଯୁକ୍ତ ପରିବେଷ୍ଟନୀର ଅଭାବ (ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଶିକ୍ଷା), (୬) ଶିଶୁମାନେ ଅସାମାଜିକ ବ୍ୟକ୍ତିଙ୍କର ସହଜରେ ଶିକାର । ଅସାମାଜିକ ବ୍ୟକ୍ତିମାନେ ସେମାନଙ୍କର ସ୍ୱାର୍ଥ ସାଧନ ଓ ବିଭିନ୍ନ ଫାଇଦା ଉଠାଇବା ପାଇଁ ସେମାନଙ୍କୁ ବିଭିନ୍ନ କୁକାର୍ଯ୍ୟରେ ନିୟୋଜିତ କରିବା ହେତୁ ।

ଆଜିର ଶିଶୁ ଆସନ୍ତା କାଲିର ନାଗରିକ । ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟ — ଶିଶୁମାନଙ୍କୁ ସୁସ୍ଥ ନାଗରିକ କରି ଗଢ଼ିବା ଦିଗରେ ହେଉଛି ନିମ୍ନତମ ସୁବିଧା । ୟୁନିସେଫ୍‌ର ୪୦ ବର୍ଷ ପୂର୍ତ୍ତି ଉତ୍ସବ ୧୯୮୬ ଡିସେମ୍ବର ୧୧ ତାରିଖରେ ପାଳିତ ହେବ । ଶିଶୁମାନେ ଶାନ୍ତି ଚାହାନ୍ତି ଓ ୟୁନିସେଫ୍‌ର ଆହ୍ୱାନ ବାସ୍ତବରେ କିପରି କାର୍ଯ୍ୟକାରୀ ହୋଇପାରିବ ଯଦି ଶିଶୁମାନଙ୍କର ନିମ୍ନତମ ସୁବିଧା ପୂରଣ ହୋଇଯାଏ ।

ଭାରତରେ ପ୍ରତି ୨୦ ସେକେଣ୍ଡରେ ଜଣେ ଶିଶୁ ମରୁଛନ୍ତି । ଆଫ୍ରିକାର ୪୬ଟି ଦେଶରେ ପ୍ରତି ଦିନର ଶିଶୁଙ୍କ ମୃତ୍ୟୁ ଅପେକ୍ଷା ଜନବହୁଳ ଭାରତବର୍ଷରେ ଶିଶୁ ମୃତ୍ୟୁ ଅଧିକ । ଏସିଆର ମୋଟ୍ ଶ୍ରମ ଶକ୍ତି (**Labour force**) ୧୧% (ଶତକଡା ଏଗାର ଭାଗ ହେଉଛନ୍ତି ଶିଶୁ ଶ୍ରମିକ, ଯେଉଁମାନଙ୍କର ବୟସ ୧୫ ବର୍ଷରୁ କମ୍ । ଆନ୍ତର୍ଜାତିକ ଶ୍ରମ ସଂସ୍ଥାର (**International Labour Organisation** ) ଏକ ରିପୋର୍ଟରୁ ପ୍ରକାଶ ଯେ ଆଫ୍ରିକାର ଶ୍ରମ ଶକ୍ତିର ୧୭% (ଶତକଡା ସତର ଭାଗ) ହେଉଛନ୍ତି ଶିଶୁ ଶ୍ରମିକ । ଲାଟିନ୍ ଆମେରିକାରେ ଏହା ୧୨% ରୁ ୨୬% ମଧ୍ୟରେ ଦେଖା ଦେଇଥାଏ । ଶିଶୁମାନେ ଶାନ୍ତି ଚାହାନ୍ତି — ଶିଶୁ ଚେତନା ତଥା ଆନ୍ତର୍ଜାତିକ ଚେତନା ଉଦ୍ରେକ କରିବା ପାଇଁ ବିଶ୍ୱ ଦୌଡ ଅଭିଯାନ ମାଧ୍ୟମରେ ୪୫ ଗୋଟି ରାଷ୍ଟ୍ରରେ ସୃଷ୍ଟି କରିବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ତାହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଭାରତରେ ଏହି ଦୌଡ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ଓ ୪୫ ଗୋଟି ଦେଶ ମଧ୍ୟ ଦେଇ ଗତି କରିବାକୁ ଏହାକୁ ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଅବ୍ୟାହତ ରଖାଯିବ ।

ସାର୍କ (**SAARC**) ଅନ୍ତର୍ଗତ ସାତଗୋଟି (ଭାରତ, ପାକିସ୍ଥାନ, ବଙ୍ଗଳା ଦେଶ, ନେପାଳ, ଭୁଟାନ୍, ଶ୍ରୀଲଙ୍କା ଓ ମାଲ୍‌ଦ୍ୱୀପ) ସଦସ୍ୟ ରାଷ୍ଟ୍ରରେ ୪୦୦ ନିୟୁତ ଶିଶୁ ବାସ କରନ୍ତି । ବିଭିନ୍ନ ରାଷ୍ଟ୍ରର ଜାତୀୟ ଉନ୍ନୟନ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କଲାବେଳେ ଅଗ୍ରାଧିକାର ଭିତ୍ତିରେ ଶିଶୁର ସର୍ବାଙ୍ଗୀନ ସମୂହ ବିକାଶକୁ ଆଖି ଆଗରେ ରଖି ନୀତି ଓ କାର୍ଯ୍ୟକ୍ରମ ପ୍ରଣୟନ କରିବାକୁ 'ସାର୍କ' ଶିଶୁ ସମ୍ମିଳନୀରେ ନୀତିଗତ ନିଷ୍ପତ୍ତି ନିଆଯାଇଛି । ଏଥିରେ ଶିଶୁଙ୍କ ଲାଗି ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଛି । କୌଣସି ଦକ୍ଷିଣ ଏସିଆର ନଗର ସଂପ୍ରତି ଅଧିକ ଉପଦେଶ

ସରକାର ଶିଶୁମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ସେବା ଓ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ ସରକାରୀ ହାସପାତାଳ ଓ ଘରୋଇ ଡାକ୍ତରଖାନାରେ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଉଛନ୍ତି । ଏହା 'ସିକ୍ୟୁରିଟି ଫର୍ ସର୍‌ଭାଇଭାଲ୍ ଅଫ୍ ଚାଇଲଡ୍' ( Security for survival of child ) ନାମରେ ଅଭିହିତ । ଶିଶୁମାନଙ୍କୁ ଅକାଳ ମୃତ୍ୟୁ ମୁଖରୁ ଓ ପୁଷ୍ଟିହୀନତାରୁ ବଂଚାଇବା ଲାଗି ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଏମ୍.ଏସ୍. କୋଟେଶ୍ୱର ରାଓ କହିଛନ୍ତି ଯେ ଏଥିପାଇଁ ଆବଶ୍ୟକ ଅର୍ଥ ଲାଗି ୟୁନିସେଫ୍ ଓ ଫୋର୍ଡ୍ ପ୍ରତିଷ୍ଠାନର ସହାୟତା ଲୋଡାଯିବ ।

ଆଣବିକ ଯୁଦ୍ଧର ଭୟବହତା ସଂପର୍କରେ କେଉଁଠି ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲାର ବାରବର୍ଷ ବୟସ୍କା ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରଭାଣୀ ୧୯୮୬ ଜୁନରେ ଭାରତର ଶିଶୁମାନଙ୍କ ତରଫରୁ ମିଖାଇଲ୍ ଗୋର୍ବାଚେଭ ଓ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ନିକଟକୁ ଏକ ଯୁଗ୍ମ ପତ୍ରରେ ଲେଖୁଛି we do not want our mothers and fathers, grand mothers, brothers and sisters to be killed, we do not want our schools destroyed and our books burnt by the termible nuclear war.

ଆଶ୍ୱାସନା ପାଉଛିତ ? ଦକ୍ଷିଣ ଆଫ୍ରିକାର ସେହି ବୟସର ବାଳକ ଗିଲି ଆୟାଥେଲା (GILLI AYATHELA) ଏହି ବର୍ଷ ମଧ୍ୟରେ ତାକୁ ୪ ଥର କାରାବରଣ କରିବାକୁ ପଡୁଛି । ଜେଲରେ ନିର୍ଯ୍ୟାତନା ବରଣ କରୁଛି, ଆବଶ୍ୟକ ହେଲେ ତାକୁ ପଶୁ ଓ ପାଗଳଙ୍କଭଳି ଇଲେକ୍‌ଟ୍ରିକ୍ ସକ୍ ଖାଇବାକୁ ପଡୁଛି । ଏ ରହସ୍ୟ ଉଦ୍‌ଘାଟନ କରିଛନ୍ତି ଜଣେ ମନସ୍ତତ୍ତ୍ୱ ଅଧ୍ୟାପକ ସାଥ୍‌ସ କୁପର୍ (SATHS COOPER)ଯେ କି କୃଷ୍ଣକାୟ ବାଳକଙ୍କ ଉପରେ ଆଫ୍ରିକାର ଦୁଇବର୍ଷ ଗୃହ ଯୁଦ୍ଧର ପ୍ରଭାବ ସଂପର୍କରେ ଏବଂ କୃଷ୍ଣକାୟ ବାଳକଙ୍କ ଭବିଷ୍ୟତ ସଂପର୍କରେ ତାଙ୍କ ଗବେଷଣା ଅବ୍ୟାହତ ରଖୁଛନ୍ତି । ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରର ଶିଶୁମାନେ କାହିଁକି ହିଂସାର ଆଶ୍ରୟ ନେଉଛନ୍ତି ସେ ସଂପର୍କରେ ଗବେଷଣା କରି କୁପର୍ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି । "When children see how their elders have been humiliated and demigrated and have no hope or aspirations for their own future, violence can be catbatric. The Youth's most notorious from of execution is the 'recklace' by which a tyre is placed accound the neck of a person accused of collaborating with the apartheid system, douses. with protest alight.

ଯେତେବେଳେ ୧୪ ବର୍ଷର କୃଷ୍ଣକାୟ ଆଫ୍ରିକୀୟ ଶିଶୁମାନେ ଦେଖୁଛନ୍ତି ଯେ ସେମାନଙ୍କର ଭବିଷ୍ୟତ ଅନିଶ୍ଚିତ । ନିର୍ଯ୍ୟାତନାର ଅନ୍ତ ନାହିଁ, ସେମାନେ ପଦଦଳିତ, ଅବହେଳିତ, ଅପମାନିତ, ଲାଞ୍ଛିତ ଓ ନିଷ୍ପେଷିତ ଏବଂ ସେମାନଙ୍କର ବୟସ୍କ ସହୋଦରମାନେ ଏପରି ନିର୍ଯ୍ୟାତନା ଭୋଗୁଛନ୍ତି, ସେଥିରୁ ତ୍ରାହି ପାଇବାର ରାହାନାହିଁ । ସେମାନଙ୍କ ପକ୍ଷରେ ହିଂସା ଛଡା ଅନ୍ୟ କୌଣସି ପନ୍ଥା ନାହିଁ । ସେମାନଙ୍କୁ ଏପରି ଜଘନ୍ୟ ଦଣ୍ଡ ଦିଆଯାଉଛି, ଯାହା ବର୍ଣ୍ଣନାର ବାହାରେ । ସେମାନଙ୍କ ବେକରେ ଗୋଟିଏ ଟାୟାରକୁ ଫାଶ ହେଉଥିବା ହାର ପରି ବାନ୍ଧି ଦିଆଯାଏ । ତା'ପରେ ସେମାନଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଏ ।

ସଂପ୍ରତି ଦକ୍ଷିଣ ଆଫ୍ରିକାର ଶ୍ୱେତକାୟମାନେ ତାଙ୍କର ଦଶ ବର୍ଷର ପିଲାମାନଙ୍କୁ କୃଷ୍ଣକାୟ ପିଲାଙ୍କୁ ଜୀବନରେ ମାରି ଦେବା ପାଇଁ ବିଭିନ୍ନ ମାରାତ୍ମକ ଶିକ୍ଷା ଓ ତାଲିମ୍ ଦେଉଛନ୍ତି । 'ରାପୋର୍ଟ' ( ) ସମ୍ବାଦପତ୍ର ଏହି ତଥ୍ୟ ପ୍ରକାଶ କରିଛନ୍ତି । ଆଫ୍ରିକାର ସମ୍ବାଦପତ୍ର ସଂସ୍ଥାଗୁଡ଼ିକ ଏ ସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି 'ହିଟଲରଙ୍କ ନାଜି ଶାସନସହିତ ଏହା ତୁଳନୀୟ । ନାଜି ଶାସନ କାଳରେ ଅଣ-ଫାସିବାଦୀ ଓ ଅଣ-ଆର୍ଯ୍ୟଙ୍କ ବିରୁଦ୍ଧରେ ନାଜି ଅସ୍ତ୍ରଶସ୍ତ୍ର ତାଲିମ୍ ସହିତ ଆଫ୍ରିକାର ସାଂପ୍ରତିକ ପରିସ୍ଥିତି କେବଳ ତୁଳନୀୟ । ବିଶ୍ୱର ଶିଶୁମାନେ ଶାନ୍ତି ଚାହାନ୍ତି । ଆଜି ସେମାନଙ୍କର ଅବସ୍ଥା କଣ ? ଏବେ ଶ୍ରୀଲଙ୍କାର ପୋଷ୍ୟ ଶିଶୁ ଚାଲାଣ ସଂପର୍କରେ ଏକ ସର୍ଭେରୁ ପ୍ରକାଶ ପାଇଛି ଯେ ଶ୍ରୀଲଙ୍କାରୁ ଏ ପର୍ଯ୍ୟନ୍ତ ୧୦ ହଜାର ଶିଶୁ ବିଦେଶକୁ ଦଲାଲମାନଙ୍କ ଦ୍ୱାରା 'ପୋଷ୍ୟପୁତ୍ର' ପାଇଁ ଚାଲାଣ କରାଗଲାଣି । ଜଣେ ଜଣେ ଦଲାଲ ଏହି ବ୍ୟବସାୟରେ ଦଶ ହଜାର ଡଲାର ଉପାର୍ଜନ କରିଥାଆନ୍ତି । ଶ୍ରୀଲଙ୍କାର ହାରାହାରି ୪ ଜଣ ଶିଶୁଙ୍କ ମଧ୍ୟରୁ ଜଣକୁ ପ୍ରତିଦିନ ରାଷ୍ଟ୍ର ବାହାରକୁ ପୋଷ୍ୟପୁତ୍ର କରାଯିବା ପାଇଁ ଚାଲାଣ କରାଯାଇଥାଏ ।

କେରଳର ଜଣେ ୧୧ ବର୍ଷ ବୟସ୍କା ରେମଲା ନାମ୍ନୀ ବାଳିକା ତା'ର ବିଦ୍ୟାଳୟକୁ ଯାଉଥିଲା । ସେ ଆଉ ସେଠୁ ଘରକୁ ଫେରିଲା ନାହିଁ । ଏଗାର ବର୍ଷ ପରେ ଯେତେବେଳେ ସେ ଫେରିଲା ତାକୁ ସେତେବେଳକୁ ହୋଇଛି ୨୨ ବର୍ଷ । ଏକ ପିଲା ଚୋର ଦଳ ତାକୁ ଏଗାରବର୍ଷ କାଳ ମଧ୍ୟରେ ଅଂଧୁଣୀ ଓ ଭିଖାରୁଣୀ ସଜାଇଛନ୍ତି ।

ଯେଉଁ ପର୍ଯ୍ୟନ୍ତ ଶିଶୁ ନିର୍ଯ୍ୟାତନା ସଂପର୍କରେ ଦୃଢ଼ ଜନମତ ସୃଷ୍ଟି କରାଯାଇ ନାହିଁ ଓ ଯେଉଁମାନେ ନିର୍ଯ୍ୟାତନା ଦେଉଛନ୍ତି, ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉନାହିଁ । ଯାହା ଜଣାପଡୁଛି 'ଶିଶୁ ଶାନ୍ତି' ଯୋଜନା କାର୍ଯ୍ୟକାରୀ ନ ହୋଇ କେବଳ ଯୋଜନାପତ୍ର ଆକାରରେ ରହିଯିବ । ଶିଶୁଙ୍କୁ ପ୍ରତିଦିନ ହତ୍ୟା ଓ ଧର୍ଷଣ କରାଯାଉଛି । 'କଙ୍କାଳ' ବିକ୍ରୀ କରିବା ଲାଗି ଏକ ସଂଗଠିତ ଦଳ ଶିଶୁମାନଙ୍କୁ ଅପହରଣ କରି ନେଉଛନ୍ତି ଓ ଉତ୍ପୀଡନକାରୀ ଏବଂ ଅସାମାଜିକ ଲୋକଙ୍କ ହାତରୁ ଶିଶୁଙ୍କୁ ବଞ୍ଚାଇବାକୁ ପଡ଼ିବ । ଏଣୁ ଶିଶୁ ସୁରକ୍ଷା ଯୋଜନାକୁ ସର୍ବପ୍ରଥମେ ଦୃଢ଼ ଭାବେ କାର୍ଯ୍ୟକାରୀ କରାଯାଉ ।

ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ
ସୂଚନା ଓ ଲୋକସଂପର୍କ ବିଭାଗ

# ଦିବ୍ୟ ଜନନୀ

ଶ୍ରୀ କାଳନ୍ଦୀ ଚରଣ ସେନାପତି

ଯେଉଁ ଆଦ୍ୟା ଅଦ୍ୱିତୀୟାଙ୍କୁ ଆମେମାନେ ମା' ବୋଲି ପୂଜା କରୁ, ସେ ହେଲେ ବିଶ୍ୱସତ୍ତାର ଅଧିଷ୍ଠାତ୍ରୀ, ଭାଗବତୀ ଚିତଶକ୍ତି । ସେ ହେଲେ ଏକ, ତେବେ ସେ ଆମମାନଙ୍କ ସମ୍ମୁଖରେ ନାନା ରୂପରେ ଆବିର୍ଭୂତା ହୁଅନ୍ତି । ତାଙ୍କର ବିଭିନ୍ନ ଶକ୍ତି ଓ ବିଭୂତିମାନଙ୍କ ମଧ୍ୟଦେଇ ସେ ବିଶ୍ୱରେ କାର୍ଯ୍ୟ କରନ୍ତି । ତନ୍ତ୍ର ସାଧନାରେ ତାଙ୍କୁ ଆଦ୍ୟାଶକ୍ତି ଓ ମହାଶକ୍ତି ରୂପେ ପୂଜା କରାଯାଏ । ଦେବମାତା ଅଦିତିରୂପେ ବୈଦିକ ଋଷି ମା'ଙ୍କର ଆରାଧନା କରେ । ବେଦରେ ମା'ଙ୍କର ତିନୋଟି ରୂପରେ ବର୍ଣ୍ଣନା ଅଛି—'ତିସ୍ରୋ ଦେବୀର୍ହବିଷା ବର୍ଧମାନା...ସରସ୍ୱତୀତା ଭାରତୀ ବିଶ୍ୱତୂର୍ତୀ ।'

ଶ୍ରୀଶ୍ରୀ ଚଣ୍ଡୀର ବର୍ଣ୍ଣନାନୁସାରେ ମା' ହେଲେ ତ୍ରିଗୁଣମୟୀ । ସେ ହେଲେ ତମୋଗୁଣରୂପା ମହାକାଳୀ, ରଜଃ ଗୁଣ ସମ୍ପନ୍ନା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣରୂପା ମହାସରସ୍ୱତୀ ।

ଗୀତା ବେଦାନ୍ତ ପରମ୍ପରାକୁ ଅନୁସରଣ କରିଛି ଓ ଭଗବାନଙ୍କର ଈଶ୍ୱର ବିଭାବ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ପୁରୁଷୋତ୍ତମଙ୍କ ନିକଟରେ ଆତ୍ମସମର୍ପଣ କରିବା ପାଇଁ ଗୀତା ଶିକ୍ଷା ଦେଇଛି ଏବଂ ଦିବ୍ୟ ଜନନୀ ବିଷୟରେ ପ୍ରକାଶ୍ୟ ଆଲୋଚନା କରିନାହିଁ । ତେବେ ଗୀତାରେ ପରା ପ୍ରକୃତି ବିଷୟରେ ଯେଉଁ ବର୍ଣ୍ଣନା ରହିଛି ତାହାହିଁ ଈଶ୍ୱରଙ୍କର ଚୈତନ୍ୟମୟୀ ଶକ୍ତି ଯେ ଜୀବ ହୋଇ ବସ୍ତୁ ମଧ୍ୟରେ ଭଗବାନଙ୍କୁ ପ୍ରକାଶ କରୁଛନ୍ତି । ତାଙ୍କରି ମଧ୍ୟରେ ସକଳ ଜଗତ ସୃଷ୍ଟ ହୋଇଛନ୍ତି ଓ ଭଗବାନ ଅବତାର ରୂପେ ଯୁଗେ ଯୁଗେ ଅବତରଣ କରି ଆସୁଛନ୍ତି ।

ଆଦ୍ୟାଶକ୍ତି ରୂପେ ମା' ତାଙ୍କର ସର୍ବୋତ୍ତମ ରୂପରେ ପୁରୁଷୋତ୍ତମଙ୍କୁ ଧାରଣ କରି ରହିଛନ୍ତି ଏବଂ କ୍ଷର ଓ ଅକ୍ଷର ଉଭୟ ମଧ୍ୟ ଦେଇ ଭଗବାନଙ୍କୁ ବିଶ୍ୱରେ ଅଭିବ୍ୟକ୍ତ କରୁଛନ୍ତି । ଅକ୍ଷର ସମ୍ପର୍କରେ ସେହି ହେଲେ ସେହି ପରାଶକ୍ତି ଯେ ନିଜମଧ୍ୟରେ ଅଚଳ ପୁରୁଷଙ୍କୁ ଧାରଣ କରି ରହିଛନ୍ତି ପୁନଶ୍ଚ କ୍ଷର ସମ୍ପର୍କରେ ସେହି ହେଲେ ସଚଳ ବିଶ୍ୱଶକ୍ତି ଯେ ସକଳ ସତ୍ତା ଓ ଶକ୍ତିକୁ ଅଭିବ୍ୟକ୍ତ କରି ରହିଛନ୍ତି । ଏହିଭଳି ମା' ହେଲେ ପରମେଶ୍ୱରଙ୍କ ଚୈତନ୍ୟ ଓ ଶକ୍ତି ଏବଂ ଭଗବାନଙ୍କ ଦ୍ୱୈତ ବିଭାବ ମଧ୍ୟରୁ ସେ ହେଲେ ସଚଳ କ୍ରୀୟାତ୍ମିକା ଶକ୍ତି । ବିଶ୍ୱ ଜଗତର ପ୍ରଭୁ ହିସାବରେ ଈଶ୍ୱର ମା'ଙ୍କ ମଧ୍ୟରୁ ହିଁ ଆସିଥାନ୍ତି ଏବଂ ମା' ପୁଣି ବିଶ୍ୱେଶ୍ୱରୀ ମହାଶକ୍ତି ରୂପେ ଈଶ୍ୱରଙ୍କ ପାର୍ଶ୍ୱରେ ନିଜର ଆସନ ଗ୍ରହଣ କରନ୍ତି ।

ମା'ଙ୍କ ସତ୍ତାର ତିନୋଟି ଧାରା—ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ । ପ୍ରଥମତଃ, ସେ ବିଶ୍ୱାତୀତା ଆଦ୍ୟା ପରାଶକ୍ତି । ସକଳ ଭୁବନରି ଉର୍ଦ୍ଧ୍ୱରୁ ପରମବ୍ରହ୍ମଙ୍କର ଅବ୍ୟକ୍ତ ରହସ୍ୟ ସହିତ ସୃଷ୍ଟିର ସଂଯୋଗ ସ୍ଥାପନ କରନ୍ତି । ତାଙ୍କ ମଧ୍ୟରେ ପୁରୁଷୋତ୍ତମ ଶାଶ୍ୱତ ସଚ୍ଚିଦାନନ୍ଦ ରୂପେ ନିତ୍ୟ ପ୍ରକଟ ହୋଇଛନ୍ତି । ସେହି ସଚ୍ଚିଦାନନ୍ଦ ମା'ଙ୍କୁ ଆଶ୍ରୟ କରି ଦ୍ୱୈତାଦ୍ୱୈତ ଚୈତନ୍ୟରୂପେ, ଈଶ୍ୱର ଓ ଶକ୍ତିରୂପେ, ପୁରୁଷ ଓ ପ୍ରକୃତି ଭାବରେ ସକଳ ଜଗତରେ ଅଭିବ୍ୟକ୍ତି ହୋଇଛନ୍ତି । ସକଳହିଁ ପୁରୁଷୋତ୍ତମଙ୍କ ସହିତ ତାଙ୍କର ଲୀଳା । ଏହି ଜ୍ଞାତ ଜଗତ ଓ ଅନ୍ୟାନ୍ୟ ଅଜ୍ଞାତ ଜଗତରେ ଯାହା କିଛି ବିଦ୍ୟମାନ, ମା'ଙ୍କ ସହାୟତାରେ ସେହି ପରମ ପୁରୁଷ ତହିଁ ମଧ୍ୟରେ ପ୍ରକଟିତ ହୋଇଛନ୍ତି ।

ଦ୍ୱିତୀୟତଃ ମା' ହେଲେ ବିଶ୍ୱବ୍ୟାପିନୀ, ବିଶ୍ୱରୂପିଣୀ । ଏହି ଯାବତୀୟ ସୃଷ୍ଟିର ଜନ୍ମଦାତ୍ରୀ ଓ ତାହା ମଧ୍ୟରେ ସେ ଅନୁପ୍ରବିଷ୍ଟ । ମା' ତାଙ୍କର ବିଶ୍ୱାତୀତ ଚେତନାରେ ଯାହାକିଛି ଉତାରି ଆଣନ୍ତି ବିଶ୍ୱମୟୀ ରୂପେ ତାହାକୁ ଜଗତରେ ଅଭିବ୍ୟକ୍ତ କରନ୍ତି । ଏହି ବ୍ୟକ୍ତଜଗତର ଉର୍ଦ୍ଧ୍ୱରେ ରହିଛି ସତ୍-ଚିତ୍-ଆନନ୍ଦର ଲୋକ ସକଳ । ମା' ସେଠାରେ ଅତିମାନସ ମହାଶକ୍ତି ରୂପେ ଦଣ୍ଡାୟମାନ । ପୁନଶ୍ଚ ଆମେମାନେ ଯେଉଁ ବିଶ୍ୱରେ ବାସ କରୁ ସେଠାରେ ମନ ପ୍ରାଣ ଓ ଶରୀରରେ ଅଜ୍ଞାନ ଜଗତ ସକଳ ବିଦ୍ୟମାନ । ତାହାକୁ ମଧ୍ୟ ବିଶ୍ୱମାତା ଧାରଣ କରି ରହିଛନ୍ତି ଓ କ୍ରମ ବିବର୍ତ୍ତନ ଦିଗରେ ପ୍ରେରଣା କରୁଛନ୍ତି ।

ତୃତୀୟତଃ ମା' ହେଲେ ବ୍ୟଷ୍ଟିଗତା । ତାଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ଧାରାକୁ ଜୀବନ୍ତ ଓ ଗୋଚର କରି ଧରିବା ପାଇଁ ସେ ତାଙ୍କର ଦେବ ସ୍ୱରୂପ ବିସର୍ଜନ କରି ଏହି ଜଘନ୍ୟ ପୃଥିବୀ ମଧ୍ୟକୁ ଅବତରଣ କରି ଆସନ୍ତି । ସେ ହୁଅନ୍ତି ଜୀବ ଓ ପରମଙ୍କ ମଧ୍ୟରେ ସଂଯୋଗକାରିଣୀ ସେତୁ ସ୍ୱରୂପ । ମା' କେବଳ ଉର୍ଦ୍ଧ୍ୱରୁ ବିଶ୍ୱକୁ ଶାସନ କରନ୍ତି ନାହିଁ, ବରଂ ସେ ଏହି ତ୍ରିବିଧ ନିମ୍ନତର ଜଗତ ମଧ୍ୟରେ ଉତରି ଆସନ୍ତି । ସନ୍ତାନମାନଙ୍କ ପ୍ରତି ବିପୁଳ ସ୍ନେହବଶରେ ସେ ଉତରି ଆସନ୍ତି ଏହି ଅଜ୍ଞାନ ମଧ୍ୟରେ ଯଦ୍ଦ୍ୱାରା ଅଜ୍ଞାନକୁ ଜ୍ୟୋତି ଆଡ଼କୁ ନେଇଯାଇ ପାରନ୍ତି, ଆସନ୍ତି ଏହି ମିଥ୍ୟା ଓ ପ୍ରମାଦ ମଧ୍ୟକୁ ଯଦ୍ଦ୍ୱାରା ଏହାକୁ ସତ୍ୟରେ ପରିଣତ କରି ପାରନ୍ତି । ସେ ଓହ୍ଲାଇ ଆସନ୍ତି ଏହି ମୃତ୍ୟୁପୁରୀ ମଧ୍ୟରେ ଯାହାକୁ ଦେବ ଜୀବନରେ ରୂପାନ୍ତରିତ କରି ପାରନ୍ତି । ସନ୍ତାନମାନଙ୍କ ପ୍ରତି ଗଭୀର ସ୍ନେହ ବଶରେ ସେ ଏହି ଆତ୍ମାହୁତି ଦେବାକୁ ପ୍ରସ୍ତୁତ ରହିଥାନ୍ତି । ଶ୍ରୀ ଅରବିନ୍ଦ କହନ୍ତି—

"This is the great sacrifice called sometimes the sacrifice of the Purusha" but much more

deeply the holocaust of Prakriti, the sacrifice of the Divine Mother"

ଅର୍ଥାତ୍, ଏହି ଯେଉଁ ବିରାଟ ଆତ୍ମବଳୀ, ସମୟ ସମୟରେ ଏହାର ନାମ ଆ ହୋଇଛି ପୁରୁଷ–ଯଜ୍ଞ । କିନ୍ତୁ ଗଭୀରତର ଅର୍ଥରେ କୁହାଯାଏ ପ୍ରକୃତିର ଯଜ୍ଞ, ଭାଗବତୀ ମା'ଙ୍କର ନିଃଶେଷରେ ଆତ୍ମବଳୀ ।

ବିଶ୍ୱ ପରିଚାଳନାରେ ମା'ଙ୍କ ଚାରୋଟି ମୁଖ୍ୟ ଶକ୍ତି ବିଶେଷ ଭୂମିକା ଗ୍ରହଣ କରିଥାନ୍ତି । ବୈଷ୍ଣବ ପଞ୍ଚରାତ୍ରରେ ନାରାୟଣଙ୍କର ଚତୁର୍ବିଧ ବିଭାବ ବିଷୟରେ ବର୍ଣ୍ଣିତ ହୋଇଛି । ବାସୁଦେବ, ସଂକର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ହେଲେ ଯେପରି ନାରାୟଣଙ୍କର ଚାରୋଟି ବିଭାବ, ସେହିପରି ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ହେଲେ ଦିବ୍ୟ ଜନନୀଙ୍କର ଚତୁର୍ବିଧ ବିଭାବ । ଶ୍ରୀ ଅରବିନ୍ଦ କହନ୍ତି–

"ମା'ଙ୍କର ଚାରୋଟି ମହାରୂପ, ଚାରୋଟି ମୁଖ୍ୟଶକ୍ତି ଓ ବିଗ୍ରହ ସମ୍ମୁଖରେ ରହି ଏହି ବିଶ୍ୱକୁ ପରିଚାଳନା କରନ୍ତି ଏବଂ ପାର୍ଥିବ ଲୀଳାରେ କାର୍ଯ୍ୟ କରନ୍ତି । ପ୍ରଥମ ବିଗ୍ରହ ହେଲା– ପ୍ରଶାନ୍ତ ବିଶାଳତା, ସର୍ବବ୍ୟାପକ ଜ୍ଞାନ, ସ୍ଥିର ମଙ୍ଗଳମୟତା, ଅଫୁରନ୍ତ କରୁଣା, ଅତୁଳ ଏବଂ ଅଦ୍ୱିତୀୟ ମହିମା, ସର୍ବଶାସକ ମହତ୍ତ୍ୱ । ଦ୍ୱିତୀୟ ବିଗ୍ରହ ହେଲା– ତାଙ୍କର ଭାସ୍ୱର ବୀର୍ଯ୍ୟ ଓ ଅଦମ୍ୟ ଆବେଗ, ତାଙ୍କର ଯୋଦ୍ଧୃଭାବ, ତାଙ୍କର ସର୍ବଜୟୀ ସଂକଳ୍ପ, ତାଙ୍କର ପ୍ରଖର କ୍ଷିପ୍ରତା ଆଉ ପ୍ରଳୟଙ୍କର ପ୍ରତାପ । ତାଙ୍କର ତୃତୀୟ ବିଗ୍ରହଟି ହେଲା– କାନ୍ତିମୟ, ମାଧୁର୍ଯ୍ୟମୟ, ଆଶ୍ଚର୍ଯ୍ୟମୟ, ସେଥିରେ ଅଛି ମା'ଙ୍କର ସୌନ୍ଦର୍ଯ୍ୟ, ସୁସଙ୍ଗତି ଓ ସୁସମୃଦ୍ଧ ଛନ୍ଦର ପ୍ରଗାଢ଼ ରହସ୍ୟ, ବିଚିତ୍ର ସୁକୁମାର ବୈଭବ, ଦୁର୍ବାର ଆକର୍ଷଣ ଓ ମୋହିନୀ ମାଧୁରିମା । ମା'ଙ୍କର ଚତୁର୍ଥ ବିଗ୍ରହଟି ହେଲା– ଅନ୍ତରଙ୍ଗ ଗଭୀର ଜ୍ଞାନ ତଥା ନିପୁଣ ନିର୍ଦ୍ଦୋଷ କର୍ମ ଓ ସକଳ ବସ୍ତୁକୁ ପ୍ରଶାନ୍ତି ଏବଂ ନିର୍ଦ୍ଦିଷ୍ଟ ପୂର୍ଣ୍ଣତା ପ୍ରଦାନର ଏକ ନିବିଡ ଗଭୀର ସାମର୍ଥ୍ୟରେ ବିଭୂଷିତ । ଜ୍ଞାନ, ବଳ, ସଙ୍ଗତି, ପୂର୍ଣ୍ଣତା – ଏହିସବୁ ହେଲା ସେମାନଙ୍କର ବିଭିନ୍ନ ରୂପ । ଏହି ଶକ୍ତି ଗୁଡ଼ିକୁ ସେମାନଙ୍କ ବିଭୂତି ସକଳ ମଧ୍ୟରେ ପ୍ରକାଶ ସକାଶେ ମାନବୀୟ ଆବରଣର ଆଶ୍ରୟରେ ସେମାନେ ନିଜର ସଙ୍ଗରେ ଜଗତ ମଧ୍ୟରେ ନେଇ ଆସିଛନ୍ତି ଏବଂ ଯେଉଁମାନେ ମା'ଙ୍କର ସାକ୍ଷାତ ଓ ଜୀବନ୍ତ ପ୍ରଭାବ ପ୍ରତି ନିଜର ପାର୍ଥିବ ପ୍ରକୃତିକୁ ଖୋଲି ଧରିପାରନ୍ତି, ସେମାନେ ସେମାନଙ୍କ ମଧ୍ୟରେ ଊର୍ଦ୍ଧ୍ୱସ୍ଥ ଦିବ୍ୟ ସ୍ଥିତିର ଧର୍ମାନୁସାରେ ଏହି ସକଳ ଐଶ୍ୱର୍ଯ୍ୟ ପ୍ରତିଷ୍ଠିତ କରନ୍ତି । ଏହି ରୂପ ଚତୁଷ୍ଟୟକୁ ଆମେମାନେ ଏହି ଚାରୋଟି ମହାନ ନାମ ଦେଉଛୁ – ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ।"

ରାଜରାଜେଶ୍ୱରୀ ମହେଶ୍ୱରୀ ହେଲେ ପରମ ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ । ସେ ତାଙ୍କର ସାର୍ବଭୌମ ଜ୍ଞାନ ଦ୍ୱାରା ବିଶ୍ୱର କାର୍ଯ୍ୟ କରନ୍ତି । ସେ ହେଲେ ଅନିର୍ବଚନୀୟା, ମାନୁଷୀ ତର୍କବୁଦ୍ଧି ଓ ଇଚ୍ଛାଶକ୍ତିର ଊର୍ଦ୍ଧ୍ୱରେ ଆସୀନା । ମନୁଷ୍ୟକୁ ଅତିମାନସର ବିଶାଳତା ଓ ଜ୍ୟୋତିର ଐଶ୍ୱର୍ଯ୍ୟ ଆଡକୁ ସେ ଉନ୍ମୁକ୍ତ କରିଦିଅନ୍ତି । ମାନୁଷୀ ପ୍ରକୃତିକୁ ଭାଗବତ ସତ୍ୟରେ ନିର୍ମାଣ କରିବା ହେଲା ତାଙ୍କର କାର୍ଯ୍ୟ । ସେଥିପାଇଁ ସେ ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ଅନୁସାରେ କାର୍ଯ୍ୟ କରନ୍ତି । ଜ୍ଞାନୀ ନିକଟରେ ତାଙ୍କ ପରାଜ୍ଞାନର ରହସ୍ୟ ଉନ୍ମୋଚନ କରନ୍ତି ଓ ଭଗବତ୍ ବିଦ୍ୱେଷୀ ଓ ଅଜ୍ଞାନକୁ ଅଜ୍ଞାନତାର ଗହ୍ୱର ମଧ୍ୟରେ ବୁଡାଇ ରଖନ୍ତି । ରାକ୍ଷସ, ପିଶାଚ, ଭଗବତ୍ ବିରୋଧୀ ସକଳେ ହିଁ ତାଙ୍କର ସନ୍ତାନ ଓ ସମସ୍ତଙ୍କ ପ୍ରତି ତାଙ୍କର କରୁଣାର [illegible] ପ୍ରବାହିତ । ତେବେ ତାଙ୍କ କରୁଣା ତାଙ୍କ ଜ୍ଞାନର ବଶବର୍ତ୍ତୀ [illegible] ବାଧ୍ୟ । ସ୍ଥିର, ଧୀର, ସମଦର୍ଶୀ ଭାବେ ସେ ଘଟଣା ଓ ବସ୍ତୁ [illegible] ଲକ୍ଷ୍ୟ କରନ୍ତି ଓ ତାଙ୍କର ବୋଧିଜ୍ଞାନର ପ୍ରଭାବରେ ଯଥାର୍ଥ ସତ୍ୟକୁ ଉନ୍ମୋଚନ କରନ୍ତି । ସେ ପରମେଶ୍ୱରଙ୍କ ଅନୁଶାସନକୁ ପାଳନ କରନ୍ତି । ସୃଷ୍ଟିର ବିଧାନ, କାଳ ବିଭାଗ ଓ ଭୂତ ଭବିଷ୍ୟତ ସକଳ ତାଙ୍କର ବୋଧିଜ୍ଞାନ ଦ୍ୱାରା ସ୍ୱୀକୃତ । ଭବିଷ୍ୟତରେ ସୃଷ୍ଟି କିପରି ରୂପ ନେବ, କେଉଁ ଭାବେ କ୍ରମ ବିକାଶର ଧାରା ସ୍ଖଳିତ ହେବ ଓ ଜଡ ମଧ୍ୟରେ କିପରି ଚିନ୍ମୟତ୍ୱର ବିକାଶ ଘଟିବ ତାହା ସେ ତାଙ୍କ ସୃଜନଶୀଳ ଦୃଷ୍ଟିରେ ସ୍ଥିର କରନ୍ତି । କାରଣ ସେ ହେଲେ ସେହି ଶକ୍ତିମୟୀ, ଜ୍ଞାନମୟୀ ଯେ ଆମମାନଙ୍କୁ ଅନନ୍ତ, ବିଶ୍ୱବ୍ୟାପୀ ବିଶାଳତା ଆଡ଼କୁ, ପରମ ଜ୍ୟୋତି ଓ ଜ୍ଞାନର ମହୈଶ୍ୱର୍ଯ୍ୟ ଆଡ଼କୁ ଏବଂ ତାଙ୍କର ଚିରନ୍ତନ ଶକ୍ତିଧାରାର ଅପ୍ରମେୟ ଗତିଛନ୍ଦ ଆଡ଼କୁ ଉନ୍ମୁକ୍ତ କରିଦିଅନ୍ତି ।

କିନ୍ତୁ ମହାକାଳୀଙ୍କ ପ୍ରକୃତି ହେଲା ଅନ୍ୟ ପ୍ରକାର । ବଳ ଓ ବୀର୍ଯ୍ୟ ହେଲା ତାଙ୍କର ନିଜସ୍ୱ ବିଶେଷତ୍ୱ । ତାଙ୍କ ମଧ୍ୟରେ ଅଛି ଦୁର୍ବାର ତୀବ୍ରତା ଓ ପୂର୍ଣ୍ଣସିଦ୍ଧି ଆଡ଼କୁ ଶକ୍ତିର ବିପୁଳ ଆବେଗ । ଦୁର୍ବଳ, ଭୀରୁ ମାନବ ପକ୍ଷରେ ତାଙ୍କର ସ୍ୱପ ପୀଡ଼ା ଦାୟକ । ଅସୁର ଓ ଭଗବତ୍ ବିଦ୍ୱେଷୀଙ୍କ ପ୍ରତି ଭୟଙ୍କର ତାଙ୍କର ମୁଖମଣ୍ଡଳ । କାରଣ ସେ ହେଲେ ରଣ-ବିଳାସିନୀ, ସଂଗ୍ରାମ ପାଇଁ ସଦା ଉଦ୍ୟତ । ଅଦିବ୍ୟ ଶକ୍ତିଙ୍କ ବିନାଶ ପାଇଁ ସର୍ବଦା ଧାରଣ କରିଥାନ୍ତି ତାଙ୍କର ସର୍ବ ବିଜୟିନୀ ପ୍ରହରଣ । ଭାଗବତ କର୍ମରେ ସାମାନ୍ୟ ଔଦାସିନ୍ୟ ଓ ଶୈଥିଲ୍ୟ ତାଙ୍କର ଅସହ୍ୟ । ଯେ ଭୀରୁ, ଦୀର୍ଘସୂତ୍ରୀ ତତ୍‌କ୍ଷଣାତ୍ ତାଙ୍କର ଚାବୁକ ପ୍ରହାରରେ ଜର୍ଜରିତ ହୁଏ । କିନ୍ତୁ ଯେଉଁମାନଙ୍କ ଅଭୀପ୍ସା ତୀବ୍ର, ଯେଉଁମାନଙ୍କର ସଂକଳ୍ପ ଭଗବତ୍ ଅଭିମୁଖୀ ସେମାନେ ତାଙ୍କର ପ୍ରିୟ । ମା'ଙ୍କର ଏହି ଶକ୍ତି ରହିଛି କ୍ଷିପ୍ରତା ସକାଶେ ଓ ଆଶୁ ଫଳଦାୟୀ ପ୍ରକ୍ରିୟା ସକାଶେ । ଯାହାର ଅଭାବରେ ଦିନକରେ ଯେଉଁ କାର୍ଯ୍ୟ ହୁଏ ତାହା ସଂପୂର୍ଣ୍ଣ କରିବାକୁ ବହୁ ଶତାବ୍ଦୀର ପ୍ରୟୋଜନ ହୁଅନ୍ତା । ମହାକାଳୀଙ୍କ ସ୍ନେହ ମଧ୍ୟ ତାଙ୍କ କ୍ରୋଧ ପରି ତୀବ୍ର । ଯଦି ମା'ଙ୍କୁ ଏହି ଶକ୍ତି ସହ ଆସିବାକୁ ଦିଆହୁଏ, ତେବେ ଯେଉଁସବୁ ବାଧା ଆମମାନଙ୍କ ଅଗ୍ରଗତିକୁ ବ୍ୟାହତ କରନ୍ତି, ଯେଉଁସବୁ ଶତ୍ରୁ ସାଧକକୁ ଆକ୍ରମଣ କରନ୍ତି, ସେ ସବୁକୁ ସେ ମୁହୂର୍ତ୍ତକରେ ଚୂର୍ଣ୍ଣ କରନ୍ତି ଓ କ୍ଷିପ୍ର ବେଗରେ ଆଧ୍ୟାତ୍ମିକ ସିଦ୍ଧି ଦିଗରେ ଟାଣି ନିଅନ୍ତି ।

କେବଳ ଜ୍ଞାନ ଓ ବଳହିଁ ପରାତ୍ପରା ଜନନୀଙ୍କ ପ୍ରକାଶ ନୁହେଁ । ମା'ଙ୍କ ପ୍ରକୃତିର ଆହୁରି ଗୋଟିଏ ସୂକ୍ଷ୍ମତର ରହସ୍ୟ ଅଛି ଯାହା ମନୁଷ୍ୟକୁ ଅଭିଭୂତ କରେ । ଜ୍ଞାନ ଓ ସାମର୍ଥ୍ୟର ଊର୍ଦ୍ଧ୍ୱରେ ଶାଶ୍ୱତ ସୌନ୍ଦର୍ଯ୍ୟ ଓ ଇନ୍ଦ୍ରିୟ ଅନଧିଗମ୍ୟ ଦିବ୍ୟ ଆନନ୍ଦର ରାଜ୍ୟ ବିଦ୍ୟମାନ । ଏହି ପ୍ରେମ ଓ ଆନନ୍ଦର ଅଧିଶ୍ୱରୀ ଦେବୀ ହେଲେ ମହାଲକ୍ଷ୍ମୀ । ଦେହଧାରୀ ଜୀବ ପାଖରେ ଭାଗବତୀ ଶକ୍ତିଙ୍କର ଏପରି କୌଣସି ଚିରବିମୋହନକାରୀ ପ୍ରକାଶ ଆଉ ନାହିଁ । ମନେହୁଏ ମହେଶ୍ୱରୀ ଯେପରି ଅତି ଦୂରର ବସ୍ତୁ ଓ ପାର୍ଥିବ ପ୍ରକୃତିର କ୍ଷୁଦ୍ରତା ତାଙ୍କ ସମୀପବର୍ତ୍ତୀ ହେବା ଅସମ୍ଭବ । ପୁନଶ୍ଚ ମନୁଷ୍ୟ ପ୍ରକୃତିର ଦୁର୍ବଳତା ମହାକାଳୀଙ୍କ ପ୍ରଚଣ୍ଡତା ସହ୍ୟ କରିପାରେ ନାହିଁ । କିନ୍ତୁ ମହାଲକ୍ଷ୍ମୀଙ୍କ ଆଡ଼କୁ ସମସ୍ତେ ଉନ୍ମୁଖ । ତାଙ୍କ ଆନନ୍ଦମୟ ସାନିଧ୍ୟ ଲାଭ କରିବା ପରମ ସୌଭାଗ୍ୟ । ସୂର୍ଯ୍ୟଙ୍କ ଠାରୁ ଆଲୋକ ନିଃସୃତ ହେଲା ପରି ଏହି ମନୋହାରିଣୀ ଦେବୀଙ୍କଠାରୁ ଶ୍ରୀ, ଶୋଭା ଓ ସ୍ନେହ ଅବିରତ ପ୍ରବାହିତ ହେଉଥାଏ । ତାଙ୍କର ଅନୁପମ ଦୃଷ୍ଟି ଓ ସ୍ମିତହାସ୍ୟ ଦ୍ୱାରା ସେ ମନୁଷ୍ୟର ଅନ୍ତରାତ୍ମାକୁ ଦିବ୍ୟପାଶରେ ବାନ୍ଧି ଦିଅନ୍ତି ।

କିନ୍ତୁ ଏହି ସୌମ୍ୟା, ଶ୍ରୀମୟୀ ଦେବୀଙ୍କର ଉପସ୍ଥିତି ଧରି ରଖିବା ପାଇଁ ଜୀବନ ଓ ପରିବେଶର ସୁସଂଗତି ଓ ସୌନ୍ଦର୍ଯ୍ୟ, ଚିନ୍ତା ଓ ଅନୁଭବର ସୁସଂଗତି ଓ ସୌନ୍ଦର୍ଯ୍ୟ, ପ୍ରତ୍ୟେକ କର୍ମର ସୁସଂଗତି ଓ ସୌନ୍ଦର୍ଯ୍ୟ ଏକାନ୍ତ ଆବଶ୍ୟକ । ପ୍ରେମ ଓ ଆନନ୍ଦ ଯେଉଁଠାରେ ହୀନତର ଉପକରଣ ସହିତ ମିଶ୍ରିତ ସେଠାରୁ ସେ ଅବିଳମ୍ବେ ମୁଖ ଫେରାନ୍ତି ଏବଂ ତାଙ୍କର [illegible] ବୈଭବ ଢାଳିବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଯାହାକିଛି [illegible] ଅସଂସ୍କୃତ ତାହା ତାଙ୍କ ଆଗମନର ପ୍ରତିବନ୍ଧକ ହୁଏ । [illegible] ହୃଦୟରେ ପୂରି ରହିଥାଏ ସ୍ୱାର୍ଥପରତା, ଦ୍ୱେଷ, ଈର୍ଷା, [illegible] ଅସୂୟା

ତତ୍‌କ୍ଷଣାତ୍ ସେ ମୁଖ ଫେରାଇ ନିଅନ୍ତି ଓ ଅପେକ୍ଷା କରି ରହନ୍ତି । ଏହି ଚିତ୍ତ ଦାନବସେବ୍ୟ ଉପସ୍ଥିତ ହୃଦୟରୁ ବିଦୂରିତ ହେବାପରେ ପୁନର୍ବାର ସେ ତାଙ୍କର ଆନନ୍ଦମୟ ସାନିଧ୍ୟ ପ୍ରଦାନ କରନ୍ତି । ପ୍ରେମ ଓ ସୌନ୍ଦର୍ଯ୍ୟ ମଧ୍ୟଦେଇ ସେ ମନୁଷ୍ୟକୁ ଭଗବାନଙ୍କ ପାଖରେ ବାନ୍ଧି ଦିଅନ୍ତି ।

ମହାସରସ୍ୱତୀ ହେଲେ ମା'ଙ୍କର କର୍ମଶକ୍ତି, ତାଙ୍କରି ପୂର୍ଣ୍ଣତାର ଓ ଶୃଙ୍ଖଳାର ମୂର୍ତ୍ତି । ଶକ୍ତି ଚତୁଷ୍ଟୟ ମଧ୍ୟରେ ସେ କନିଷ୍ଠା, କିନ୍ତୁ ନିପୁଣତାର ସହିତ ସେ କାର୍ଯ୍ୟ ସମ୍ପାଦନ କରନ୍ତି । ସେ ହେଲେ ଦିବ୍ୟ କୌଶଳ ଏବଂ ପରମ ଚିଦ୍‌ଗତାର ଯାବତୀୟ କର୍ମର ଅଧିଶ୍ୱରୀ ଦେବୀ । ମହାସରସ୍ୱତୀ ବିଶ୍ୱଶକ୍ତିରାଜିର ବୃହତ୍‌ଧାରା ଗୁଡ଼ିକୁ ପର୍ଯ୍ୟବେକ୍ଷଣ କରନ୍ତି । ସେ ସବୁର ସଂଗଠନ ଓ ପ୍ରୟୋଗ, ଅଙ୍ଗ ପ୍ରତ୍ୟଙ୍ଗର ସମାବେଶ ଓ ବିଭିନ୍ନ ବଳର ସାର୍ଥକ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥାନ୍ତି । ବସ୍ତୁରାଜିର ପ୍ରୟୋଗନୀତି, ଗଠନରୀତି ଓ କାରୁପଦ୍ଧତି ହେଲା ମହାସରସ୍ୱତୀଙ୍କ ରାଜ୍ୟ । ସ୍ୱଭାବର ନବରୂପାନ୍ତର କାର୍ଯ୍ୟ କଲାବେଳେ ତାଙ୍କର କାର୍ଯ୍ୟ ହୁଏ ଶ୍ରମସଙ୍କୁଳ । ଅସୀମ ଧୈର୍ଯ୍ୟ ସହ ସେ କାର୍ଯ୍ୟ କରନ୍ତି । ତାଙ୍କ ଦୃଷ୍ଟିରେ କୌଣସି କାର୍ଯ୍ୟ ହେୟ ବା ନଗଣ୍ୟ ନୁହେଁ । ମନୁଷ୍ୟ ମଧ୍ୟରେ ଯେଉଁ ଦୋଷତ୍ରୁଟି ବା ଅପୂର୍ଣ୍ଣତା ରହିଛି ତାହାକୁ ସେ ଖୋଜି ବାହାର କରନ୍ତି ଏବଂ ଧୀର ଅଧ୍ୟବସାୟ ବଳରେ ପୂର୍ଣ୍ଣତା ଦିଗକୁ ଆଗେଇ ନିଅନ୍ତି । ଅଧୀର ମନୁଷ୍ୟ ପ୍ରକୃତି ଯେପରି ସହଜ ସଫଳତା ଚାହେଁ ଏବଂ କୌଣସି ପ୍ରକାରେ କାର୍ଯ୍ୟଟିକୁ ଶେଷ କରିବାକୁ ଚାହେଁ, ସେପରି ସ୍ୱଭାବ ତାଙ୍କର ନୁହେଁ । ଅଯତ୍ନ, ଅବହେଳା ଓ ଆଳସ୍ୟ ପ୍ରତି ସେ ଏକବାର ବିରୂପ । ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାରୁ କମ୍ କିଛି ତାଙ୍କୁ ଖୁସି କରିପାରେ ନାହିଁ । ଜଗତକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଯଦି ଅନନ୍ତକାଳ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପଡ଼େ, ତେବେ ସେ ପ୍ରସ୍ତୁତ ଥାଆନ୍ତି । ତାଙ୍କ କାର୍ଯ୍ୟଟି ଯେତେବେଳେ ଶେଷ ହୁଏ, ସେତେବେଳେ ଦେଖାଯାଏ ଯେ କୌଣସି ଅଂଶ ଅଯଥା ସ୍ଥାନରେ ସ୍ଥାପିତ ହୋଇ ନାହିଁ, କିଛି ବି ବିସ୍ମୃତ ହୋଇ ନାହିଁ ଅଥବା ଦୋଷଯୁକ୍ତ କରି ରଖାଯାଇ ନାହିଁ । ସମସ୍ତହିଁ ନିର୍ଭୁଲ, ପରିପୂର୍ଣ୍ଣ ଓ ଚମତ୍କାର ଭାବେ ସୁସଜ୍ଜିତ ହୋଇ ରହିଛି । ତାଙ୍କର ଏକମାତ୍ର ଦାବୀ, ଆମମାନଙ୍କର ସଂକଳ୍ପ ଯେପରି ଏକମୁଖୀ ହୁଏ ଏବଂ ଏକ କନିଷ୍ଠ ଚିତ୍ତରେ ଆମେ ପୂର୍ଣ୍ଣତା ଦିଗରେ ଅଗ୍ରସର ହେଉ । କାରଣ ସେ ଦ୍ୱିଧା ଚିତ୍ତ ସହ୍ୟ କରି ପାରନ୍ତି ନାହିଁ । ଅଭିନୟ, ଛଳନା ଓ ଆତ୍ମ ପ୍ରତାରଣା ପ୍ରତି ସେ ନିର୍ଦ୍ଦୟ । ମା'ଙ୍କ ସକଳ ଶକ୍ତି ମଧ୍ୟରେ ମହାସରସ୍ୱତୀ ସ୍ଥୂଳ ପ୍ରକୃତିର ନିକଟତମା । ମନୁଷ୍ୟର ସମସ୍ତ ଦୋଷ ତ୍ରୁଟିକୁ ଅଧିକ ଧୈର୍ଯ୍ୟ ସହ ସେ ସହ୍ୟ କରି ଆସିଛନ୍ତି । ଅଭାବରେ ମାତା, ବିପଦରେ ବନ୍ଧୁ ଓ ଅନ୍ଧକାରରେ ପଥ ପ୍ରଦର୍ଶକ ରୂପେ ସେ ସର୍ବଦା ଆମ ପାଖେ ପାଖେ ରହିଛନ୍ତି । ବିଷାଦ, ଅବସାଦ ଓ ଅସ୍ଥିରତାର ସକଳ ମେଘକୁ ନିଶ୍ଚିହ୍ନ କରୁଛନ୍ତି ଓ ତାଙ୍କର ନିତ୍ୟ ବର୍ତ୍ତମାନର ସାହାଯ୍ୟ କଥା ସ୍ମରଣ କରାଇ ଆଶା ଓ ଆଲୋକର ସୂର୍ଯ୍ୟରଶ୍ମି ବିଞ୍ଚି ଦେଉଛନ୍ତି ।

ଦିବ୍ୟ ଜନନୀଙ୍କର ଅନ୍ୟାନ୍ୟ ମହାରୂପ ଅଛି, କିନ୍ତୁ ସେମାନେ ସେପରି ସ୍ପଷ୍ଟ ଭାବରେ ସମ୍ମୁଖକୁ ଆସନ୍ତି ନାହିଁ । ପୁନଶ୍ଚ ସୀମାବଦ୍ଧ ଓ ତମୋଗ୍ରସ୍ତ ମନୁଷ୍ୟ ପ୍ରକୃତି ଏହି ସବୁ ମହତର ସତ୍ତାକୁ ଧାରଣ କରିବା ଅସମ୍ଭବ । ଯେତେବେଳେ ରୂପାନ୍ତରିତ ମନ-ପ୍ରାଣ-ଦେହରେ ଶକ୍ତି ଚତୁଷ୍ଟୟ ତାଙ୍କର ଲୀଳା ବ୍ୟକ୍ତ କରିବେ ସେତେବେଳେ ମା'ଙ୍କର ଅନ୍ୟାନ୍ୟ ବିରଳତର ଶକ୍ତି ପାର୍ଥିବ ଧାରାରେ ପ୍ରକାଶିତ ହେବେ । ଯେତେବେଳେ ମା'ଙ୍କର ଯାବତୀୟ ବିଗ୍ରହ ତାଙ୍କ ମଧ୍ୟରେ ଏକତ୍ରିତ ହେବେ, ସେତେବେଳେ ମା' ଅତି ମାନସ ମହାଶକ୍ତି ରୂପେ ପ୍ରକଟିତ ହେବେ ଏବଂ ତାଙ୍କର ଲୋକାତୀତ ଜ୍ୟୋତି ପ୍ରବାହକୁ ଉତାରି ଆଣି ଏହିଠାରେ ଢାଳି ଦେବେ । ସେତେବେଳେ ମାନବ ପ୍ରକୃତି ସଜ୍ଞାୟ ଦିବ୍ୟ ପ୍ରକୃତିରେ ରୂପାନ୍ତରିତ ହୋଇ ପାରିବ ।

ଏହି ରୂପାନ୍ତର ପାଇଁ ଆବଶ୍ୟକ ମା' ଓ ମା'ଙ୍କ ଶକ୍ତି ସକଳଙ୍କ ହାତରେ ଅକୁଣ୍ଠ ଆତ୍ମ ସମର୍ପଣ । ଯେତେହିଁ ଆମେମାନେ ଅନ୍ତରରେ ଦିବ୍ୟଜନନୀଙ୍କ ସହିତ ଏକୀଭୂତ ହେବା ଏବଂ ଆତ୍ମାହାର ଅଗ୍ନିଶିଖା ପ୍ରଜ୍ୱଳିତ କରି ରଖିବା ତେତେହିଁ ତାଙ୍କର ଶକ୍ତି ଆମ ଭିତରେ କ୍ରିୟା କରିବ ଓ ଆମମାନଙ୍କର ଚେତନାର ରୂପାନ୍ତର ଘଟିବ । ଶ୍ରୀ ଅରବିନ୍ଦ କହନ୍ତି ଯେ ଅତିମାନସ ରୂପାନ୍ତର ନିୟତି-ନିର୍ଦ୍ଦିଷ୍ଟ ଓ ପାର୍ଥିବ ଚୈତନ୍ୟର କ୍ରମ ବିବର୍ତ୍ତନରେ ତାହା ହେବା ଅନିବାର୍ଯ୍ୟ । ଏଥିପାଇଁ ଆବଶ୍ୟକ ଆମମାନଙ୍କର ଆବାହନ ଏବଂ ଊର୍ଦ୍ଧ୍ୱରୁ ଆଗତ ସତ୍ୟ ଓ ଜ୍ୟୋତିକୁ ଗ୍ରହଣ କରିବା ପାଇଁ ଦୃଢ଼ ସଂକଳ୍ପ । ଶ୍ରୀଅରବିନ୍ଦଙ୍କ ଭାଷାରେ—

"ଯେଉଁଶକ୍ତି ଊର୍ଦ୍ଧ୍ୱର ଅନୁମତି ଏବଂ ନିମ୍ନର ଆବାହନ, ଏ ଦୁଇର ମଧ୍ୟବର୍ତ୍ତୀ ହୋଇ ଉଭୟର ଆଦାନ ପ୍ରଦାନ ଘଟାଏ ତାହାହିଁ ଦିବ୍ୟଜନନୀଙ୍କର ସତ୍ତା ଓ ଶକ୍ତି । କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ, କେବଳ ମା'ଙ୍କର ଶକ୍ତିହିଁ ଆବରଣ ଛିନ୍ନ କରି ଦେଇପାରେ, ଆଧାରକୁ ଗଢ଼ିପାରେ, ଏହି ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଏବଂ ଅମର ଆନନ୍ଦ ।"

ବହଳପଡ଼ା,
ପୋ:ଅ: ବେଣ୍ଟକାର
ଜିଲ୍ଲା-କଟକ



ନିର୍ମାଣାଧୀନ ଗୋପାଳପୁର ବନ୍ଦର

# ଦୀପଂ ଦେହି ଜ୍ୟୋତିର୍ଦେହି

ଇଂଜିନିୟର ରଘୁନାଥ ପାତ୍ର

"ଦୀପଂ ଦେହି ଜ୍ୟୋତିର୍ଦେହି ।" ଆର୍ଯ୍ୟ ମନୀଷୀଗଣ ଯୁଗ ଯୁଗ ଧରି ତିମିରାଚ୍ଛନ୍ନ ଜଗତରେ ଆଲୋକ ବା ଜ୍ୟୋତିର ଅନୁସନ୍ଧାନ କରିଛନ୍ତି– "ତମସୋ ମା ଜ୍ୟୋତିର୍ଗମୟ । "ମୃତ୍ୟୋ ମା ଅମୃତଂଗମୟ ।।" ପ୍ରାଚ୍ୟପରି ସୁଦୂର ପାଶ୍ଚାତ୍ୟରେ ମଧ୍ୟ ଜ୍ୟୋତିର ଅନୁରୂପ ଆବାହନ, ସୁସ୍ୱାଗତ । "Lead kindly light. Lead thou me on admist the encircling gloom"

ଜ୍ୟୋତି ବା ଆଲୋକ ହିଁ ଜୀବନର ପ୍ରତୀକ ।

ପୂର୍ବପୁରୁଷମାନଙ୍କ ମତରେ ମୃତବ୍ୟକ୍ତିମାନଙ୍କର ମାୟିକ ଶରୀର ନଷ୍ଟ ନହୋଇଯାଇଥିଲେ ମଧ୍ୟ ସେମାନେ ଅଶରୀରୀ ଭାବେ ପ୍ରେତ ବା ପିତୃ ଲୋକ୍ରେ ବସବାସ କରନ୍ତି । କାର୍ତ୍ତିକ ମାସରେ ଅନ୍ତରୀକ୍ଷ ଦେଇ ସେମାନେ ଭୂପୃଷ୍ଠକୁ ଅବତରଣ କରୁଥିବା ହିନ୍ଦୁମାନଙ୍କର ବିଶ୍ୱାସ । ତେଣୁ ସେମାନଙ୍କ ପ୍ରୀତ୍ୟର୍ଥେ ମହାକାର୍ତ୍ତିକରେ ଦୀପଦାନର ବ୍ୟବସ୍ଥା ଚିରାଚରିତ । ଦୀପାଲୋକରେ ପିତୃପିତାଗଣ ସନ୍ତୁଷ୍ଟ ହୋଇ ଆମ୍ଭମାନଙ୍କର କଲ୍ୟାଣ ବାଞ୍ଛା କରିଥାଆନ୍ତି ।

ପ୍ରସିଦ୍ଧ ଐତିହାସିକ ଆବୁଲ୍‌ଫାଜଲ୍ ତାଙ୍କର ଆଇନ୍-ଇ-ଆକବରୀ ଓ ମୁସଲମାନ ପରିବ୍ରାଜକ ଅଲ୍‌ବରୁଣୀ ତାଙ୍କର ଭ୍ରମଣ ବୃତାନ୍ତରେ ଦୀପାବଳୀର ଆଲୋକ ସଜ୍ଜା, ଅକ୍ଷକ୍ରୀଡା, ଆତସବାଜି (ବାଣମରା) ଓ ଲକ୍ଷ୍ମୀ ପୂଜନ ବିଷୟରେ ଉଲ୍ଲେଖ କରିଛନ୍ତି । ଆଇନ୍-ଇ-ଆକବରୀରୁ ଜଣାଯାଏ, ସମ୍ରାଟ ଆକବର ତାଙ୍କର ଦୌଲତଖାନା ସମ୍ମୁଖରେ ୪୦ ଫୁଟ ଉଚ୍ଚ ବାଉଁଶ ପୋତି ଆକାଶଦୀପ ଜାଳୁଥିଲେ । ବରୋଦା ମ୍ୟୁଜିୟମରେ ଆଦ୍ୟାବଧି ମୃଣ୍ମୟ ଆକାଶଦୀପ ସଂରକ୍ଷିତ ହୋଇ ରହିଛି । ହର୍ଷବର୍ଦ୍ଧନ ଓ ଚାଲୁକ୍ୟ ରାଜା ତ୍ରିଭୁବନପାଳଙ୍କ ସମୟରେ ଦୀପାବଳୀ ପ୍ରଚଳନ ଥିବାର ପ୍ରମାଣ ଶିଳାଲିପି ଓ 'ନାଗାନନ୍ଦ' ଗ୍ରନ୍ଥରୁ ମିଳିଥାଏ । ସଂସ୍କୃତ କବି ସୋମଦେବ ସୁରୀଙ୍କ 'ଯଶସ୍ତିଳକଚମ୍ପୂ' ଓ କାଶ୍ମୀରର 'ନୀଳମତ ପୁରାଣ'ରୁ ଦୀପାବଳୀର ଆଲୋକୋତ୍ସବ ସୁସ୍ପଷ୍ଟ ।

ପ୍ରାଚୀନ ମିଶର ଓ ଚୀନରେ ଆଲୋକପର୍ବର ପ୍ରଚଳନ ଥିଲା । ଚୀନର ତାଓ ଧର୍ମାବଲମ୍ବୀମାନେ ଦୀପାବଳୀପରି ଲଣ୍ଠନ ପର୍ବ ପାଳନ କରିଥାଆନ୍ତି । ଦୀପାବଳୀ ଓ ୟୁରୋପର ହାଲୋଇନ୍ ପର୍ବ ମଧ୍ୟରେ ସାମଞ୍ଜସ୍ୟ ଦେଖାଯାଏ । କେଲ୍‌ଟିକ୍‌ମାନେ ଅକ୍ଟୋବର ୩୧ ତାରିଖକୁ ସାଧୁସନ୍ଥ ଦିବସ (All Saints day) ରୂପେ ପାଳନ କରିଥାଆନ୍ତି । ହିନ୍ଦୁମାନଙ୍କ ପରି ସେମାନଙ୍କର ବିଶ୍ୱାସ ଯେ ଦୀପାଲୋକ ଭୂତପ୍ରେତାଦିଙ୍କୁ ମାନବ ସମାଜରୁ ଦୂରେଇ ଦିଏ । ନେପାଳରେ ଦୀପାବଳୀ ଦୀର୍ଘ ପଞ୍ଚ ଦିବସ ବ୍ୟାପୀ ପାଳନ କରାଯାଏ ଓ ଏହା 'ପଞ୍ଚକ' ନାମରେ ଲୋକବିଦିତ । ପ୍ରଥମଦିନ 'କାକ ଦିବସରେ' କାକ ପକ୍ଷୀ, ଦ୍ୱିତୀୟ ଦିନ 'ଶ୍ୱାନ ଦିବସ'ରେ କୁକ୍କୁର, ତୃତୀୟ ଦିନ 'ଗୋ ଦିବସ'ରେ ଗୋ ମାତା, ଚତୁର୍ଥ ଦିନ 'ବଳିବର୍ଦ୍ଦ ଦିବସ'ରେ ବଳଦ ଓ ଷଣ୍ଢକୁ ସୁଖାଦ୍ୟ ଦେଇ ପୂଜା କରିଥାଆନ୍ତି । ଆମ ଦେଶରେ ଭ୍ରାତୃ ଦ୍ୱିତୀୟାପରି ପଞ୍ଚମଦିନ ଭ୍ରାତା ଓ ଭଗିନୀଙ୍କ ମଧ୍ୟରେ ବିଭିନ୍ନ ଖାଦ୍ୟ, ଉପହାର ଓ ସଦିଚ୍ଛାର ବାର୍ତ୍ତା ବିନିମୟ ହୋଇଥାଏ । ତେଣୁ ନେପାଳର ଦୀପାବଳୀ ନିକୃଷ୍ଟ ଜୀବ କାକପକ୍ଷୀଠାରୁ ଆରମ୍ଭକରି ଉତ୍କୃଷ୍ଟ ମାନବ ପୂଜନରେ ଚମତ୍କୃତ ଓ ପରିପୁଷ୍ଟ ।

ଦଶହରା ଓ ଦୋଳପର୍ବପରି ଭାରତରେ ସର୍ବତ୍ର ଦୀପାବଳୀ ବା ଦିୱାଲୀ ମତାନ୍ତର୍‌ରେ ସିମେଇ ବା ସିପେଇ) ଜାତୀୟ ଆଲୋକପର୍ବ ରୂପେ ପାଳିତ ହୋଇଥାଏ । ବଙ୍ଗ, ବିହାର, ଉତ୍ତର ପ୍ରଦେଶ, ବମ୍ବେ ଓ ଗୁଜୁରାଟରେ ଦୀପାବଳୀ ମହାସମାରୋହରେ ପାଳିତ ହୋଇଥାଏ । ବିହାର ଓ ଉତ୍ତର ପ୍ରଦେଶରେ ଦୀପାବଳୀ ଶ୍ରୀରାମ ନବମୀ ପରି ଶ୍ରେଷ୍ଠ ପର୍ବ । 'ଗୁଜୁରାଟବାସୀ କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀଠାରୁ ଅମାବାସ୍ୟା (ତିନିଦିନ) ଯଥାକ୍ରମେ ଧନ ଦିବସ, ରୂପ ବା ସୌନ୍ଦର୍ଯ୍ୟ ଦିବସ ଏବଂ କାଳ ବା ଭୟଙ୍କର ଦିବସରୂପେ ପାଳନ କରିଥାଆନ୍ତି ।

ସାଂସ୍କୃତିକ ଜୀବନର ବାର୍ତ୍ତାବହ ତଥା ଇତିହାସ ସ୍ମୃତିଧାରକ ଦୀପାବଳୀର ନିମ୍ନୋକ୍ତ ପୃଷ୍ଠଭୂମି ପ୍ରଣିଧାନଯୋଗ୍ୟ ।

(୧) ଭଗବାନ ବାମନ (ବିଷ୍ଣୁ)ଙ୍କ ଅନୁମତିକ୍ରମେ ପ୍ରତିବର୍ଷ କାର୍ତ୍ତିକ ଅମାବାସ୍ୟାରେ ବଳିରାଜା ପାତାଳରୁ ଆସି ମର୍ତ୍ତ୍ୟଲୋକରେ ବିଚରଣ କରନ୍ତି । ତେଣୁ ମର୍ତ୍ତ୍ୟବାସୀ ଦାନବୀର ଓ ପ୍ରଜାବତ୍ସଳ ବଳିରାଜାଙ୍କୁ ଦୀପାଲୋକରେ ସ୍ୱାଗତ ସମ୍ଭାଷଣ କରିଥାଆନ୍ତି ।

(୨) ଦଶହରାଦିନ ଶ୍ରୀରାମଚନ୍ଦ୍ର ବିଜୟ ଯାତ୍ରା କରିଥିଲେ ଓ ଦୀପାବଳୀ ଦିନ ଅଯୋଧ୍ୟା ସିଂହାସନରେ ରାଜାଧିରାଜ ରୂପେ ଅଭିଷିକ୍ତ ହୋଇଥିଲେ। ନୟନାଭିରାମ ଶ୍ରୀରାମଙ୍କୁ ଭାଗ୍ୟବାନ ଅଯୋଧ୍ୟାବାସୀ ରାଜା ରୂପେ ପାଇ ପ୍ରହର୍ଷ ପ୍ରଫୁଲ୍ଲତାର ସହିତ ଉକ୍ତ ଦିବସକୁ ଆନନ୍ଦ ମୁଖର କରିବା ପାଇଁ. ସମଗ୍ର ପୁର, ପଲ୍ଲୀ ଓ ନଗରରେ, ଦୀପାବଳୀର ଆଲୋକୋତ୍ସବ ପାଳନ କରିଥିଲେ ।

(୩) ଦୀପାବଳୀରେ ଭୌମାସୁର ବା ନାରକାସୁରକୁ ଶ୍ରୀକୃଷ୍ଣଙ୍କ ହାତରେ [illegible] ନାଗରିକ ମର୍ଯ୍ୟାଦା ଦିଆଯିବାରୁ ଦୀପାବଳୀ ନାରକୋତ୍ସବ

ନାମରେ ପରିଚିତ । ମତାନ୍ତରେ ମୁକ୍ତି ସ୍ୱରୂପ ଆଲୋକ ବର୍ତ୍ତିକାର ପ୍ରଜ୍ୱଳନରେ ଅନ୍ଧକାରର ପ୍ରତୀକ ନାରକ ପରାଭୂତ ହୋଇଥାଏ ।

(୪) ସ୍ୱଜ୍ଞାଲୋକ ମହାବୀରଙ୍କ ମହାନିର୍ବାଣପରେ ଜୈନମାନେ ଦୀପାବଳୀ ପ୍ରଜ୍ୱଳନ କରି ଜଗନ୍ମୟୀ, କଲ୍ୟାଣମୟୀ ଲକ୍ଷ୍ମୀ ଦେବୀଙ୍କୁ ପୂଜା କରିଥାଆନ୍ତି । ଶ୍ୱେତାମ୍ବର ଜୈନମାନେ ପ୍ରଥମ ଦିନ ଅଳଙ୍କାର ମାର୍ଜନ, ଦ୍ୱିତୀୟ ଦିନ ରାସ୍ତା ଛକରେ ଭୂତପ୍ରେତଙ୍କ ସାତ୍ୟର୍ଥେ ପିଷ୍ଟକ ଓ ମିଷ୍ଟ ଦ୍ରବ୍ୟ ଅର୍ପଣ, ତୃତୀୟ ଦିନ ପଂକ୍ତି ଭୋଜନ, ଆଲୋକସଜ୍ଜା ଓ ନୂଆଖାତା ପ୍ରଚଳନ କରିଥାଆନ୍ତି ।

(୫) କିମ୍ବଦନ୍ତୀରୁ ଜଣାଯାଏ, ସମ୍ରାଟ ବିକ୍ରମାଦିତ୍ୟ ଦୀପାବଳୀ ଅମାବାସ୍ୟା ଦିନ ସିଂହାସନରୁଢ଼ ହୋଇ ଶୁଭାବ୍ଦ ପ୍ରଚଳନ କରିଥିଲେ ଓ ତଦବଧି ଦୀପାବଳୀ ନବବର୍ଷର ନବ ଦିବସ ରୂପେ ସମଗ୍ର ଦେଶରେ ଗୃହୀତ ଓ ପାଳିତ ହୋଇ ଆସୁଛି ।

(୬) ଐତିହାସିକମାନଙ୍କ ମତରେ ଆର୍ଯ୍ୟମାନେ ପ୍ରଥମେ ଉତ୍ତର ମେରୁରେ ବାସ କରୁଥିଲେ । ଶୀତ ଦିନ ଆସିଲେ ସୂର୍ଯ୍ୟ ଦକ୍ଷିଣାୟନ ହୁଅନ୍ତି ଓ ଉତ୍ତର ମେରୁ ପ୍ରଦେଶରେ ଛ' ମାସ ବ୍ୟାପୀ ରାତ୍ରିର ଅୟମାରମ୍ଭ ହୋଇଥାଏ । ତେଣୁ ପୂର୍ବସ୍ମୃତି ସ୍ୱରୂପ ଦୀପାବଳୀ ଉତ୍ସବ ସର୍ବତ୍ର ପାଳନ କରାଯାଏ ।

(୭) ପ୍ରେତ, ପିତୃଗଣ, ଧର୍ମ, ବିଷ୍ଣୁ, ଯମ ଓ ରୁଦ୍ରଙ୍କୁ ପ୍ରଣାମ କରି କାର୍ତ୍ତିକ ଅମାବାସ୍ୟାରେ ଦୀପଦାନ ଦେଲେ ପିତୃପୁରୁଷମାନଙ୍କର ଉଦ୍ଧାର ସହ ଆମମାନଙ୍କର ଆଧ୍ୟାତ୍ମିକ ଓ ଭୌତିକ ଉନ୍ନତି ଘଟିଥାଏ ।

(୮) ସାଧବପୁଅର 'ବୋଇତ ବନ୍ଦାଣ'କୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଓ ପୂର୍ବଜଙ୍କ କୃତିତ୍ୱର ଭୂୟସୀ ପ୍ରଶଂସା ବା ପ୍ରତିଭା ପୂଜା ପାଇଁ ଆଲୋକୋଜ୍ଜ୍ୱଳ କରାଯାଉଥିଲା ।

ଦୀପାବଳୀର ଦୀପାଲୋକ ଓ ଆତସବାଜିରେ ଶସ୍ୟ ଅନିଷ୍ଟକାରୀ କୀଟପତଙ୍ଗ ସମୂହ ବିନଷ୍ଟ ହୁଅନ୍ତି ଓ ହିଂସ୍ରଜନ୍ତୁମାନେ ଗାଁ ଗଣ୍ଡା ଓ ଶସ୍ୟକ୍ଷେତ୍ର ଛାଡ଼ି ଭୟରେ ଦୂରକୁ ପଳାଇ ଯାଆନ୍ତି । ଦୀପାବଳୀ ଓ ଆତସବାଜି ଜନମାନସକୁ ଆନନ୍ଦମୁଖର କରିବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳର ଯବକ୍ଷାରଯାନ ନିୟନ୍ତ୍ରଣ କରି ଧରିତ୍ରୀକୁ ଶସ୍ୟଶ୍ୟାମଳା କରିଥାଏ ।

ଦୀପାବଳୀର ପ୍ରଚଳନ ଅତୀବ ପ୍ରାଚୀନ । ଏହା ଧର୍ମ, ଦର୍ଶନ ଓ ବିଜ୍ଞାନର ସମନ୍ୱୟରେ ସୁରଚିତ, ମହିମାନ୍ୱିତ । ଏହି ମହାପାର୍ବଣ ପୂଜ୍ୟପୂଜା, ଜାତୀୟ ସଂହତି, ସ୍ୱାସ୍ଥ୍ୟ, ମୈତ୍ରୀ ଓ **ଧର୍ମଧାରଣା ରକ୍ଷା** କରିଥାଏ । "Science and religion no more Contradict each other than light and electricity."—W. H. Foulkes.

ସଂପାଦକ 'ମହାପ୍ରଭୁ'
ବୃନ୍ଦାବନ ଧାମ
ଲୋକନାଥ ରୋଡ୍, ପୁରୀ—୭୫୨୦୦୧



ଉତ୍କଳ ପାଠଶାଳାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟ।

# ଚକାଡୋଳା ଓ ଚକବନ୍ଦୀ

ଶ୍ରୀ ଦୁର୍ଯ୍ୟୋଧନ ନାୟକ

ଜଗତର ନାଥ ଜଗନ୍ନାଥଙ୍କୁ ଭକ୍ତମାନେ ଆଦରରେ ଚକାଡୋଳା କହନ୍ତି । ଚକାଡୋଳା ସର୍ବ ଶକ୍ତିମାନ, ସର୍ବଜ୍ଞ ଓ ସର୍ବବ୍ୟାପୀ ସୃଷ୍ଟି କର୍ତ୍ତାଙ୍କର ପ୍ରତୀକ । ଅସୀମ ପରମାତ୍ମାଙ୍କର ସସୀମ ଧାରଣା ଦେବାପାଇଁ ସୃଷ୍ଟିକର୍ତ୍ତା ଚକାଡୋଳା ରୂପେ ପୁରିରେ ବିରାଜିତ । ଜଣେ ଗାଣିତିକ ତାଙ୍କ ଜୀବିତାବସ୍ଥାରେ ତାଙ୍କ ସବୁ ଶୂନ୍ୟବୋଲି ପ୍ରମାଣ କଲେ । ମାତ୍ର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ଅନୁଭବ କଲେ, ଶୂନ୍ୟ ଏକ ନିଶ୍ଚିତ ବସ୍ତୁ । ଏ ପରିବର୍ତ୍ତନଶୀଳ ଦୁନିଆରେ ଅପରିବର୍ତ୍ତନୀୟ ରହୁଥିବା ବସ୍ତୁହିଁ ଶୂନ୍ୟ ! ଚକାଡୋଳା ସେହି ଶୂନ୍ୟର ପ୍ରତୀକ । ଭଗବାନ ସ୍ୱାମୀ ବିବେକାନନ୍ଦ କହନ୍ତି, "ଭଗବାନ ଗୋଟିଏ ବୃତ୍ତ । ଯାହାର କେନ୍ଦ୍ର ସର୍ବତ୍ର ବିଦ୍ୟମାନ ମାତ୍ର ପରିଧି ଅସୀମ ବା କଳ୍ପନାତୀତ । ଚକାଡୋଳା ସେହି କ୍ଷୁଦ୍ରତମାପି କ୍ଷୁଦ୍ରତର ଓ ବୃହତ୍ତମାପି ବୃହତ୍ତର ବୃତ୍ତର ପ୍ରତୀକ । He is nothing but everything । ସେ କିଛି ନୁହଁନ୍ତି, ମାତ୍ର ସବୁ କିଛି ।

ଭଗବାନ ବୁଦ୍ଧ, ବେଦ ବର୍ଣ୍ଣିତ, ଭଗବାନ, ସୃଷ୍ଟିକର୍ତ୍ତା ବା ଆତ୍ମା ସମ୍ବନ୍ଧେ କିଛି କହି ନାହାନ୍ତି । ତେଣୁ ତାଙ୍କୁ ବେଦ ବିରୋଧୀ କୁହାଯାଏ । ମାତ୍ର ସେ ବେଦକୁ ସର୍ବୋତ୍ତମଭାବେ ଅନୁଭବ କରିଛନ୍ତି । ତାଙ୍କ ମତରେ, ଦୁଇ ବିନା ଏକର, ଅନ୍ଧାର ବିନା ଆଲୋକର, ଅସତ୍ୟ ବିନା ସତ୍ୟର, ଶକ୍ତି ବିନା ଶିବର, ପ୍ରକୃତି ବିନା ପୁରୁଷର ଏବଂ ସଇତାନ ବିନା ଭଗବାନର ଧାରଣା କରାଯାଇ ପାରେନା । ଭଗବାନ ଏକ ନୁହଁନ୍ତି କି ଅନେକ ନୁହନ୍ତି । ଆଲୋକ ନୁହନ୍ତି କି ଅନ୍ଧାର ନୁହନ୍ତି । ସତ୍ୟ ନୁହନ୍ତି କି ଅସତ୍ୟ ନୁହଁନ୍ତି । ଶିବ ନୁହଁନ୍ତି କି ଶକ୍ତି ନୁହନ୍ତି । ପୁରୁଷ ନୁହନ୍ତି କି ପ୍ରକୃତି ନୁହନ୍ତି । ଭଗବାନ । ତିନିର ମଧୁରତା ସଦୃଶ ଭଗବାନ ଅଚିନ୍ତ୍ୟ ଅବ୍ୟକ୍ତ, ଅତୁଳନୀୟ ତଥା ଅବର୍ଣ୍ଣନୀୟ ହେଲେହେଁ ଅନୁଭବନୀୟ । ତେଣୁ କାଶୀ ବିଶ୍ୱନାଥ ମନ୍ଦିରରେ ଭଗବାନ ଶିବଙ୍କୁ ଅନୁଭବ କରି ଭଗବାନ ଶଙ୍କରାଚାର୍ଯ୍ୟ ନିଜର ତିନୋଟି ଦୋଷ କ୍ଷମାର୍ଥେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ପ୍ରଥମତଃ, ଭଗବାନ ଅଚିନ୍ତ୍ୟ ଓ ଅଜ୍ଞେୟ । ତଥାପି ସେ ତାଙ୍କୁ ଜାଣିବାକୁ ଧ୍ୟାନରେ ଚିନ୍ତା କରିଥିଲେ । ଦ୍ୱିତୀୟତଃ ଭଗବାନ ଅବ୍ୟକ୍ତ ଅତୁଳନୀୟ ଓ ଅବର୍ଣ୍ଣନୀୟ । ତଥାପି ସେ ତାଙ୍କୁ ତୁଳନା କରି ବ୍ୟକ୍ତ କରିବାକୁ ପ୍ରାର୍ଥନାରେ ବର୍ଣ୍ଣନା କରିଥିଲେ । ତୃତୀୟତଃ ସେ ସର୍ବବ୍ୟାପୀ । ସର୍ବତ୍ର ବିଦ୍ୟମାନ । ତଥାପି ସେ ସୁଦୂର କେରଳରୁ କାଶୀ ବିଶ୍ୱନାଥ ମନ୍ଦିରକୁ ଯାଇଥିଲେ ଯେପରି କି ଭଗବାନ କେବଳ ସେହି ମନ୍ଦିରରେ ଅଛନ୍ତି । ଆଉ କେଉଁଠି ନାହାନ୍ତି ।

ଚକାଡୋଳା ହେଉଛନ୍ତି ସେହି ଅଚିନ୍ତ୍ୟ, ଅଜ୍ଞେୟ, ଅବ୍ୟକ୍ତ ଅତୁଳନୀୟ ଓ ଅବର୍ଣ୍ଣନୀୟ । ଅସୀମ ପରମାତ୍ମାଙ୍କର ସସୀମ ପରିପ୍ରକାଶ । ଚକାଡୋଳାଙ୍କୁ ଉପରୁ ତଳକୁ ଅବା ତଳୁ ଉପରକୁ ମୋଡ଼ିଲେ ଯାହା, ବାମରୁ ଡାହାଣକୁ ଅବା ଡାହାଣରୁ ବାମକୁ ଘୁରାଇଲେ ତାହା । ଏ ପରିବର୍ତ୍ତନଶୀଳ ଦୁନିଆରେ ସେ ସବୁବେଳେ ଅପରିବର୍ତ୍ତନୀୟ ରହିଛନ୍ତି ଓ ରହିବେ ।

ଆବଶ୍ୟକତା ଉଦ୍ଭାବନର ଜନନୀ । କାମନା ସୃଷ୍ଟିର ଜନନୀ କୀଟାଦୀ ବ୍ରହ୍ମ ପର୍ଯ୍ୟନ୍ତ ମନସା କଳ୍ପିତ ଜଗତ । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସବୁ କାମନା ପ୍ରସୂତ । ଆମ ଭାଗବତ କହେ—

ମନ ତୋହର ନିଜଗୁରୁ
ଭବ କେତେତୁ ପସ୍ତୁରୁ
କର୍ମ ତୋହର ନିଜଗୁରୁ
ଭବ କେତେତୁ ପସ୍ତୁରୁ

ମନରୁ କାମନା, କାମନାରୁ କର୍ମ, କର୍ମରୁ ସୃଷ୍ଟି । କାମନା ଚରିତାର୍ଥେ ଏକ ଅନେକ ହୋଇଛି । ପୁନରପି ଜନନଂ ପୁନରପି ମରଣଂ । ପିଅନ କିରାଣି, ଅଫିସର, ମୁଖ୍ୟ ଶାସନ ଶଚୀବ, ମନ୍ତ୍ରୀ, ପ୍ରଧାନ ମନ୍ତ୍ରୀ ଓ ରାଷ୍ଟ୍ରପତି ହୋଇ, କାମନା ଚରିତ୍ରାର୍ଥେ ଜୀବ ବାରମ୍ବାର ଜନ୍ମ ମୃତ୍ୟୁର ସମ୍ମୁଖୀନ ହେଉଛି । ଶେଷରେ ସେ ଅନୁଭବ କରୁଛନ୍ତି । ଆମେରିକା ଅବା ଋଷିଆର ରାଷ୍ଟ୍ରପତି ହେଲେବି ଶାନ୍ତି ନାହିଁ । ସୁଖ ପଛରେ ଗୋଡାଇ ସେ ଦୁଃଖ ପାଇଛି । ଦୁଃଖ ପଛରେ ଗୋଡାଇ ସାଧୁ ସନ୍ଥମାନେ ସୁଖ ପାଉଛନ୍ତି । ବିଶ୍ୱକବିଙ୍କ ଭାଷାରେ—

ଦୁଃଖେର ଯାଦେର ଜୀବନ ଗଡା
ତା ଦେର ଆର ଦୁଃଖ କିଶେରେ ।

ଦୁଃଖ କଷ୍ଟର ଅଗ୍ନି ଦାହ ମଧ୍ୟରେ ମହାପୁରୁଷମାନଙ୍କ ମହତ ଜୀବନ ଶୁଦ୍ଧ ସୁବର୍ଣ୍ଣ ପରି ଉଜ୍ଜ୍ୱଳମାନ ହୁଏ । ସୁଖ ଦୁଃଖ ଅପେକ୍ଷିକ । ଚରମ ଦୁଃଖକୁ ଯିଏ, ଭଗବାନଙ୍କର ଆଶିର୍ବାଦ ରୂପେ ଗ୍ରହଣ କରି ପାରିଛି । ସିଏ ହିଁ ପରମ ସୁଖୀ । ସୁଖ ଦୁଃଖକୁ ସମାନ ଭାବରେ ଗ୍ରହଣ କରି ନେବାହିଁ ବିଜ୍ଞତା ।

ସର୍ବଶେଷରେ ଜୀବ ବୁଝେ ଜଣେ କେନେଡ଼ି ଅବା କ୍ରୁଶ୍ଚେଭ ହେଲେ ବି ଶାନ୍ତି ନାହିଁ । ମନକୁ ଧନ ଦେଇ, ପାରିନି କିଣି କେହି । ନିର୍ଥକୁ ଘିଅ ଦେଇ ଲିଭାଇ ହେବ ନାହିଁ ।

ଭଗବାନ ବୁଦ୍ଧଙ୍କ ପରି ସେ ଅନୁଭବ କରେ, କାମନାହିଁ ଦୁଃଖର କାରଣ କାମନାର ବିନାଶହିଁ ଦୁଃଖର ବିନାଶ । ଚକାଡୋଳାଙ୍କର ସର୍ବଶ୍ରେଷ୍ଠ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପରି ସେ ପ୍ରାର୍ଥନା କରେ, ଜଗନ୍ନାଥ ମନ୍ଦିର ପୂର୍ବ ପୁରୁଷ କରିଛନ୍ତି ବୋଲି କହିବାକୁ, ତା ବଂଶରେ କେହି ନ ରୁହନ୍ତୁ । କାମନା ବିହୀନ ସ୍ରଷ୍ଟି ଇନ୍ଦ୍ରଦ୍ୟୁମ୍ନ ଓ ସୃଷ୍ଟିକର୍ତ୍ତା ଚକାଡୋଳା ଏକ ଓ ଅଭିନ୍ନ ହୁଅନ୍ତି । ଶୂନ୍ୟ କାମନା ଚରିତାର୍ଥେ ଅନେକ ହୋଇ ଶେଷରେ ଶୂନ୍ୟରେ ଲୀନ ହୁଏ । ନଦୀ ସମୁଦ୍ରରେ ଲୀନ ହେଲେ, ନଦୀ ଜଳ ସମୁଦ୍ର ଜଳ ଓ ନଦୀ ସମୁଦ୍ର ହେଲାପରି, ଭକ୍ତ ଭଗବାନଙ୍କଠାରେ ଲୀନ ହୋଇ, ଭଗବାନ ହୋଇଯାଏ । ସେତେବେଳେ ଜୀବ ଅନୁଭବ କରେ, ସେ କିଛି ନୁହେଁ, ମାତ୍ର ସବୁ କିଛି । ସେ ଅନେକ ଭିତରେ ଥିବା ଐକ୍ୟ । ସେ ଦେହ ନୁହେଁ, ଦେହୀ, ଶରୀର ନୁହେଁ ଶରୀରୀ । ଘଟ ନୁହେଁ ଆତ୍ମା । ପରିବର୍ତ୍ତନଶୀଳ ଦୁନିଆରେ ସେ ଅପରିବର୍ତ୍ତନୀୟ ପରମାତ୍ମା । ସେ ଥିଲା, ସେ ଅଛି । ସେ ସବୁବେଳେ ରହିବ ।

ତାକୁ ତିନି ପ୍ରକାରେ ଧାରଣା କରାଯାଇ ପାରେ । ପ୍ରଥମତଃ ସେ ନିଜକୁ ଯାହା ଭାବୁଛି, ଦ୍ୱିତୀୟତଃ ଅନ୍ୟମାନେ ତାକୁ ଯାହା ଭାବୁଛନ୍ତି ଓ ତୃତୀୟତଃ ସେ ପ୍ରକୃତରେ ଯାହା, ତାର ପ୍ରାକୃତିକ ହିଁ ତାର ଆତ୍ମା । ତାର ପ୍ରକୃତିକତା ନୁହେଁ ସେ ଯାହା ଥିଲା, ସେ ଯାହା ହୋଇଛି ଅବା ସେ ଯାହା ହେବ, ତାର ପ୍ରକୃତିକତା ହିଁ ଶୂନ୍ୟ ଏବଂ ସେହି ଶୂନ୍ୟ ବା ଚକାଡୋଳା । ସର୍ବୋତ୍ତମ ପରିସ୍ଥିତିରେ ସୃଷ୍ଟି ଯାହା ହୋଇ ପାରିବ ତାହାହିଁ ସୃଷ୍ଟିକର୍ତ୍ତା ।

ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଅଜ୍ଞେୟ, ଅଚିନ୍ତ୍ୟ, ଅବ୍ୟକ୍ତ ଅତୁଳନୀୟ ତଥା ଅବର୍ଣ୍ଣନୀୟ ହେଲେ ବି ଅନୁଭବନୀୟ, ନିରାକାର ପରମାତ୍ମାଙ୍କର ତ୍ରିବିଧ ସାକାରାବସ୍ଥା । ବଳଭଦ୍ର ସ୍ଥାଣୁ ( Inert ) ସୁଭଦ୍ରା ଗତି ( Motion ) ଓ ଜଗନ୍ନାଥ ଧାରଣା ( Existence ) ( Conception ) ସୁଭଦ୍ରା ହେଉଛନ୍ତି ଚିତ୍ ଅବସ୍ଥା । ଜଗନ୍ନାଥ/ସତ (Responsiveness) ଏବଂ ବଳଭଦ୍ର ହେଉଛନ୍ତି ଆନନ୍ଦ ( Becoming ) ଚକାଡୋଳା ହେଉଛନ୍ତି ଅପରିବର୍ତ୍ତନୀୟ ଶୂନ୍ୟ । ସେ ହେଉଛନ୍ତି ଭାବାତୀତ ଓ ଗୁଣାତୀତ ସଚ୍ଚିଦାନନ୍ଦ ।

ଚକାଡୋଳାଙ୍କ ଧାରଣା ବିଜ୍ଞାନଠାରୁ ମଧ୍ୟ ଅଧିକ ବୈଜ୍ଞାନିକ, ବଳଭଦ୍ର ଅସଂଖ୍ୟ ନିଉଟ୍ରନର ପ୍ରତୀକ । ସୁଭଦ୍ରା ଅସଂଖ୍ୟ ଇଲେକ୍ଟ୍ରନ୍‌ର ପ୍ରତୀକ । ଜଗନ୍ନାଥ ଅସଂଖ୍ୟ ପ୍ରୋଟନର ପ୍ରତୀକ । ସୁଭଦ୍ରା ଓ ଜଗନ୍ନାଥ ହେଉଛନ୍ତି ଚରମ ବିଭାଜନାବସ୍ଥା ( Disintegradon ) ଏବଂ ବଳଭଦ୍ର ହେଉଛନ୍ତି ଚରମ ଏକତ୍ରିକରଣାବସ୍ଥା (Integration) । ଏହାହିଁ ବିଭାଜନ ଓ ଏକତ୍ରିକରଣ ଚିରନ୍ତନ ନୀତିରେ ପରିଗ୍ରଥିତ । ବିଭାଜନ ଓ ସୃଷ୍ଟିକର୍ତ୍ତାଙ୍କର ଶାଶ୍ୱତ ନୀତି ଓ ସୃଷ୍ଟିର ବୈଶିଷ୍ଟ୍ୟ । ବିଭାଜନ ଓ ଏକତ୍ରିକରଣ, ସୃଷ୍ଟି ଓ ଲୟ'ର ଆଦି ନାହିଁ କି ଅନ୍ତ ନାହିଁ । କାମନା ହେତୁ ଏକ ଅନେକ ହୋଇଛନ୍ତି । କାମନା ବିହୀନ ହେଲେ, ଅନେକ ଏକ ହୋଇଯିବେ । କଳିଯୁଗ ହେଉଛି ଶାଶ୍ୱତ ବିଭାଜନର ଚରମାବସ୍ଥା । ଆମେ ଜନକୁ ରୂପାନ୍ତରିତ ଜଣେ ଯେତେ ଜଣ ହେବା କଥା ହୋଇଛି । ହେବୁ ।

ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟିକର୍ତ୍ତା ଚକାଡୋଳାଙ୍କର ଗୋଟିଏ ପ୍ଲଟ ବା କ୍ଷେତ୍ର ଥିଲା । ସୃଷ୍ଟିକର୍ତ୍ତା ଏକରୁ ଅନେକ ହେଲେ ପ୍ରଥମେ ସମସ୍ତେ ବିଶ୍ୱ ବ୍ରହ୍ମାଣ୍ଡକୁ ଏକତ୍ର ଉପଭୋଗ କଲେ । କାଳକ୍ରମେ ସେମାନେ ସ୍ୱାର୍ଥପର ହେଲେ । ସମସ୍ତେ ସମଷ୍ଟିଗତ ଭାବେ ଉପଭୋଗ ନକରି ବ୍ୟକ୍ତିଗତ ଭାବେ ଭୋଗ କରିବାକୁ ଚାହିଁଲେ । ଫଳରେ ଗୋଟିଏ ପ୍ଲଟ ବା କ୍ଷେତ ଆଜି ଅନେକ କ୍ଷେତରେ ପରିଣତ ହେଲା । ପ୍ଲଟଗୁଡ଼ିକ ବାରମ୍ବାର ବିଭାଜିତ ହେଲା । ନିଉଟ୍ରନ ବିଭାଜିତ ହୋଇ କୋଟି କୋଟି ଇଲେକ୍ଟ୍ରନ ଓ ପ୍ରୋଟନ୍ ହେଲାପରି, ସୃଷ୍ଟି ବିଭାଜିତ ହୋଇ କୋଟି କୋଟି ପ୍ଲଟ ଓ ପ୍ଲଟ ମାଲିକ ସୃଷ୍ଟି ହେଲେ । ବିଭାଜନ ବର୍ତ୍ତମାନ ଚରମ ସୀମାରେ ପହଞ୍ଚିଛି ।

ବିଭାଜିତ କ୍ଷେତ୍ରଗୁଡ଼ିକର ଏକତ୍ରିକରଣ ଦ୍ୱାରା ଅନେକଙ୍କୁ ଏକ କରିବା ପାଇଁ ଚକବନ୍ଦୀହିଁ ପ୍ରଥମ ପଦକ୍ଷେପ । କବି ଟେନିସନଙ୍କ ଭାଷାରେ–

**The old order changeth, yielding place to the new, And God Faltiluh Himself in many ways, lest one good custorn, Would corrupt the Society.**

ପୁରୁଣା ପ୍ରଥା ନୂତନ ପନ୍ଥାକୁ ପଥ ଛାଡ଼ି ଦିଏ । ଭଗବାନ ବିଭିନ୍ନ ଉପାୟରେ ନିଜକୁ ପରିପୂର୍ଣ୍ଣ କରନ୍ତି । ନଚେତ୍ ଗୋଟିଏ ଉତ୍ତମ ପ୍ରଥା ସମାଜକୁ ଧ୍ୱଂସ କରି ଦିଅନ୍ତି । । ସଂକ୍ଷେପରେ କହିଲେ, ପରିବର୍ତ୍ତନ ସୃଷ୍ଟିର ଶାଶ୍ୱତ ନୀତି । ଆଜି ଯାହା ନୂଆ କାଲି ତାହା ପୁରୁଣା ଏବଂ କାଲି ଯାହା ପୁରୁଣା ଥିଲା, ଆଜି ତାହା ନୂଆ ରୂପେ ଆଦୃତ ହେଉଛି । ଧନୀ ଦରିଦ୍ର ହେଉଛି । ଦରିଦ୍ର ଧନୀ ହେଉଛି । ରାଜା ଫକୀର ହେଉଛି । ଫକୀର ରାଜା ହେଉଛି । ସୃଷ୍ଟିର ଘଟଣାବଳୀ ବଳଦଗାଡ଼ିର ଚକପରି ଘୂରି ଚାଲିଛି ।

ଯାହା ହେବାର ଅଛି ନିଶ୍ଚୟ ହେବ । ବିଧିର ବିଧାନକୁ କେହି ଲଙ୍ଘନ କରିପାରିବେ ନାହିଁ । ପ୍ରତ୍ୟେକ କ୍ରିୟାର ସମାନ ଓ ବିପରିତ ମୁଖୀ ପ୍ରତିକ୍ରିୟା ନିଶ୍ଚୟ ହେବ । ବିଭାଜନ କ୍ରିୟାର ପ୍ରତିକ୍ରିୟା ହେଉଛି ଏକତ୍ରୀକରଣ । ବିଭାଜନ ଚରମ ସୀମାରେ ଉପନୀତ ହୋଇଥିବାରୁ, ଏକତ୍ରୀକରଣ ହେବ ହିଁ ହେବ । ଚକବନ୍ଦୀ ଏହି ଶାଶ୍ୱତ ନୀତିର ପ୍ରଥମ ପଦକ୍ଷେପ ।

ମାନବ ଇତିହାସରୁ ଜଣାଯାଏ, ସୃଷ୍ଟିର ପ୍ରାରମ୍ଭରୁ, ସକଳ ଯୁଦ୍ଧ, ଦୁଇଟି କାରଣରୁ ସଂଘଟିତ ହୋଇଥାଏ । ପ୍ରଥମଟି ହେଲା ନାରୀ ଓ ଦ୍ୱିତୀୟଟି ହେଲା ଜମି । ଯୁଦ୍ଧ ହେବାର କାରଣ ହେଉଛି, ଜୀବ ସ୍ୱାର୍ଥହୀନ ଭାବରେ ନ ଚଳି, ସ୍ୱାର୍ଥପର ଭାବରେ ଚଳିବାକୁ ଚାହିଁଲା । ସଜୀବ, ନିର୍ଜୀବ, ସୃଷ୍ଟିର ପ୍ରତ୍ୟେକ, ଶାଶ୍ୱତ ନୀତିରେ ଚଳନ୍ତି । ମାତ୍ର ମଣିଷ ଅତି ବୁଦ୍ଧିଆ ହୋଇ, ଅପ୍ରାକୃତିକ ବା ଛଳନାମୟ ପନ୍ଥାରେ ଚଳେ । ସୃଷ୍ଟିର ସବୁଠାରୁ ଅଧିକ ସ୍ୱାର୍ଥପର ଜୀବ ହେଲା ମଣିଷ । ସ୍ୱାର୍ଥପର ମଣିଷକୁ ସ୍ୱାର୍ଥହୀନ କରିବା ପାଇଁ, ବିଭିନ୍ନ ଆଇନ ପ୍ରଣୟନ କରାଯାଇଛି । ତନ୍ମଧ୍ୟରୁ "ଚକବନ୍ଦୀ ଆଇନ" ଅନ୍ୟତମ । ଚକବନ୍ଦୀ ଦ୍ୱାରା ସ୍ୱାର୍ଥପର ମାନବକୁ କ୍ରମଶଃ ସ୍ୱାର୍ଥହୀନ କରି, କଳିଯୁଗରୁ ଆମେ ସତ୍ୟଯୁଗକୁ ଆଗେଇଯିବା ।

କଳିଯୁଗ ରୂପୀ ବିଦ୍ୟୁତ ପଙ୍ଖାର ସର୍ବାଧିକ ବେଗ ହୋଇଥିଲା ୧୯୮୪ ମସିହା ଡିସେମ୍ବର ୩୧ ତାରିଖ ଦିନ । ଉକ୍ତ ତାରିଖ ରାତି ୧୨ଟା ସୁଇଚ ବନ୍ଦ ହୋଇଛି ମାତ୍ର ପଙ୍ଖା ପୂର୍ବବତ ଘୂରି ଚାଲିଛି । ୨୦୦୦ ଖ୍ରୀଷ୍ଟାବ୍ଦରେ ପଙ୍ଖାଟି ପୁରା ବନ୍ଦ ହେବ । ସେତେବେଳେ ଆମେ ବୁଝିବା, ଦୁର୍ଯ୍ୟୋଧନ ପରି ଖରାପଥିବାରୁ ଦୁନିଆଟା ଖରାପ ବୋଧ ହେଉଥିଲା । ଯୁଧିଷ୍ଠିର ଭଳି ଭଲ ହେଲେ, ଦୁନିଆ ଭଲ ହେବ । ବିଗତ ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ହେବ । ପଙ୍ଖାଟି ବର୍ତ୍ତମାନ ଯେଉଁ ଆଡକୁ ଘୁରୁଛି ୧୨୦୦୧ ଖ୍ରୀଷ୍ଟାବ୍ଦ ଜାନୁୟାରୀ ଏକ ତାରିଖରେ ତାହା ବିପରିତ ଦିଗକୁ ଘୁରିବ । ବର୍ତ୍ତମାନ ଦେହରକ୍ଷୀ ଆତତାୟୀ ହେଉଛନ୍ତି । ସେତେବେଳେ ଆତତାୟୀ ଦେହରକ୍ଷୀ ହେବେ । ବର୍ତ୍ତମାନ ସୂର୍ଯ୍ୟ ପୂର୍ବ ଦିଗରେ ଉଦିତ ହେଉଛନ୍ତି । ସେତେବେଳେ ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦିତ ହେବେ । କାରଣ ମାନବ ମାଧବକୁ ରୂପାନ୍ତରିତ ହେବ । ଜଣେ ଭାରତୀୟ, ସୂର୍ଯ୍ୟ କଲିକତା ଆଡୁ ଉଦୟ ହେଉଥିବା ନ ଦେଖି, ତଥେ ଆଡକୁ ଅନାଇ, ଜାପାନ ଆଡୁ ଉଦୟ ହେଉଥିବା ଦେଖି ପାରିବ । ବର୍ତ୍ତମାନ ପୁରୁଷ ବାହାର କାମ କରୁଛନ୍ତି ଓ ନାରୀମାନେ ଗୃହକାମ କରୁଛନ୍ତି । ସେତେବେଳେ ପୁରୁଷ ପାକ୍ଷୀ ସ୍ୱରୂପ ସ୍ଥିର ହୋଇ ଘରେ ରହିବେ । ନାରୀମାନେ ପ୍ରକୃତି ରୂପରେ ସମସ୍ତ କର୍ମ ସଂପାଦନ କରିବେ ।

ସଂକ୍ଷେପରେ କହିଲେ, ୨୦୦୧ ଖ୍ରୀଷ୍ଟାବ୍ଦରେ ମାର୍କସ୍‌ଙ୍କ କହିବାନୁଯାୟୀ, ସମସ୍ତେ ନିଜ ନିଜର ଶକ୍ତ୍ୟାନୁଯାୟୀ ପରିଶ୍ରମ କରିବେ ଓ ଆବଶ୍ୟକତାନୁଯାୟୀ ପାରିଶ୍ରମିକ ନେବେ । ଫଳରେ ଶାସନର ଆବଶ୍ୟକତା ରହିବ ନାହିଁ । ମାତ୍ର ତାହା ମାର୍କସ୍‌ଙ୍କ ହିଂସା ନୀତିରେ ଆଧାରିତ ନ ହୋଇ, ଗାନ୍ଧୀଜୀଙ୍କ ଅହିଂସା ନୀତିରେ ଆଧାରିତ ହେବ

ସତ୍ତ୍ୱ, ରଜ, ତମ ଆଦି ତ୍ରିବିଧ ପ୍ରକୃତ୍ୟାନୁଯାୟୀ କର୍ମମାନ ସଂପାଦିତ ହେଉଛି । ସମୁଦ୍ରର ୩ଟି ଢେଉର ଅତିକ୍ରମ କଲେ, ନୀଳ ସମୁଦ୍ର ସ୍ଥିର ସମତଳ ପ୍ରତୀୟମାନ ହୁଏ । ତେଣୁ ବର୍ତ୍ତମାନ ଜଣେ ରୟତର ବିଭିନ୍ନ ସ୍ଥାନରେ ଥିବା ଜମିକୁ ଖୁବ୍ ବେଶୀରେ ୩ଟି ସ୍ଥାନରେ ସୀମାବଦ୍ଧ କରାଯିବ । ସାତ୍ତ୍ୱିକ ରୟତଙ୍କୁ ଗୋଟିଏ ଚକରେ, ରାଜସିକ ରୟତଙ୍କୁ ଦୁଇଟି ଚକରେ ଓ ତାମସିକ ରୟତଙ୍କୁ ତିନୋଟି ଚକରେ ସନ୍ତୁଷ୍ଟ କରାଯିବ । ପରବର୍ତ୍ତୀ ଚକବନ୍ଦୀ ବେଳକୁ ରୟତମାନେ ଗୁଣରେ ନ ରହି, ଗୁଣାତୀତ ତଥା ଭାବାତୀତ ହୋଇଯିବେ । ମାୟା ଅପସରିଯିବ । ମାଂସ ପୁଡାଟିଏ ଦେଖି କୁଆମାନେ କାକା କରି ଅନ୍ୟ କୁଆଙ୍କୁ ଡାକି ଉପଭୋଗ କଲାପରି, ଚିନିର ଦାଟିଏ ପାଇ, ପିମ୍ପୁଡ଼ିମାନେ ସମଷ୍ଟିଗତ ଭାବେ ଉପଭୋଗ କଲାପରି, ଆମେମାନେ ସ୍ୱାର୍ଥହୀନ ହୋଇ ପୃଥ୍ବୀର, ସକଳ ବସ୍ତୁ ସମଷ୍ଟିଗତ ଭାବେ ଉପଭୋଗ କରିବା । ଭାଗବତ ବାଣୀ–

ସକଳ ଘଟେ ଆତ୍ମା ଏକ
ଅଜ୍ଞାନୀ ଜନଙ୍କୁ ଅନେକ

ଆମେ ଅନୁଭବ କରିବା, ଏ ସବୁ କେବଳ ଚକବନ୍ଦୀ ମାଧ୍ୟମରେହିଁ ସମ୍ଭବ ହେବ ।

ଜୟ ଚକାଡୋଳା

ଉପ-ନିର୍ଦ୍ଦେଶକ, ଚକବନ୍ଦୀ
ଭୁବନେଶ୍ୱର—୧୪

# ସ୍ୱକୁଣ୍ଡା ଗଛ ଓ ସାମାଜିକ ଜଙ୍ଗଲ

ଡକ୍ଟର ଗୁରୁ ପ୍ରସାଦ ମହାନ୍ତି

୧୯୬୦ ମସିହା ସେପାଖର କଥା । ବସ୍ତୁତ ଓହ୍ଲେଇ ଆମ ଗାଆଁକୁ ଗଲାବେଳକୁ ଏକୁଟିଆ ଡର ଲାଗୁଥିଲା । ପାଞ୍ଚ କିଲୋମିଟର ରାସ୍ତାରେ ୩/୪ଟି ଜାଗା ଭାରି ଡରମାଡେ । ଆଶ୍ରମ ତୋଟା, ପଠାଣ ତୋଟା, ଦାସଘର ତୋଟା, ପାତ୍ରତୋଟା ଓ ସବା ଶେଷକୁ ବେଲବଣ । ଆମ ବୁଢୀ ମାଆ କହେ, ସବୁ ତୋଟାରେ କେହି ନା କେହି ଭୂତ, ଡାଆଣୀ, ଚିରୁଗୁଣୀ ବସାବାନ୍ଧି ରହିଛନ୍ତି । ଆଶ୍ରମ ତୋଟାରେ ମାଦଳମାନେ ଥାଆନ୍ତି । ଅନ୍ଧାର ହେଲେ ରାସ୍ତାରେ ଗଡନ୍ତି । ପଠାଣ ତୋଟାରେ ଭୂତ ଗୋଲୁ ହାତରେ ବାଟେଇ ପକାଏ । ଦାସ ତୋଟାରେ ବରଗଛ କୋରଡରେ ଚିରୁଗୁଣୀ ଗୋଡ ଲମ୍ବେଇ ତା ଛୁଆକୁ ସେକୁଥାଏ । କାଠ ପୋଲ ପାରି ହେଲେ ପାତ୍ରଘର ତୋଟା । ରାସ୍ତାର ଦୁଇ କଡରେ ଘଞ୍ଚ ହୋଇ ବଢିଥାଏ ଗଛଗୁଡାକ । ଡାଳକୁ ଡାଳଛନ୍ଦି ଅନ୍ଧାର କରିଦେଇଥାଏ । ଦିନ ଦୁଇ ପ୍ରହର ବେଳେ ସୂର୍ଯ୍ୟ କିରଣ ଭୂଇଁରେ ପଡ଼ିବା ହୁଏତ ସେ ତୋଟାରେ କେହି ଦେଖୁନି । ଗାଆଁ ଯାକର ସବୁଯାକ ଭୂତ ସେଇଠି ରହନ୍ତି । ଯେତେ ଭେଣ୍ଡାଟିଏ ହେଲେ ସୁଦ୍ଧା କାଠପୋଲ ପାଖରେ ପହଞ୍ଚିବାମାତ୍ରେ ଡରିଯିବ ।

ଆମ୍ବ, ପଣସ, ସ୍ୱକୁଣ୍ଡା, ଗଛାଗୋ, ଜାମୁ, ବେଲ ଇତ୍ୟାଦି ଗଛରେ ଘଞ୍ଚ ହୋଇ ବଢିଥିବା ଏ ସବୁ ତୋଟା ଗତ ୨୫ ବର୍ଷ ଭିତରେ ନିଶ୍ଚିହ୍ନ ହୋଇଗଲାଣି । ତୋଟାର ନିଦର୍ଶନ ସ୍ୱରୂପ ସାମାନ୍ୟ କେତେଟା ଗଛ ଛାଡ଼ି ଆଉ ସବୁ କଟା ହୋଇଗଲାଣି । ଅନାବନା ଘାସ, ବୁଦା, ସାନଗଛ ସବୁ ଲୋପ ପାଇଗଲାଣି । ସେଠି ଆଉ ଗାଈ ଗୋରୁ ବା ଛେଳି ମେଣ୍ଢା ଚରୁ ନାହାନ୍ତି କି ମଇଁଷିଆଳ କାତେଣିଧରି ପତ୍ର କାଟିବାକୁ ଆସୁନି । ଦୂରରୁ ଚାହିଁଲେ ଗାଆଁ ଗୁଡାକ ଯେମିତି ଗଛଗହଳିଆ ଗଛର ଦୂର୍ଗ ଭିତରେ ଲୁଚି ରହିଥିଲା, ଏବେ ସେ ଶ୍ୟାମଳିମା ଆଉ ନାହିଁ । ସାମାନ୍ୟ କେତେଟା ନଡ଼ିଆ, ଆମ୍ବ ବା ସ୍ୱକୁଣ୍ଡା ଗଛ ଛାଡ଼ିଦେଲେ ପୁରୁଣା ଗଛ ସବୁ କଟା ହୋଇ ଗଲାଣି । ଗୋରୁଗାଈ ଘରୁ ବାହାରିଲା ମାତ୍ରେ ତୋଟା ମାଳରେ ପଶୁଥିଲେ । ଗଛତଳର ଘାସ ବୁଦାରୁ ଯାହା ମିଳୁଥିଲା ତାକୁ ଛାଡ଼ି ଗଛରୁ ଝଡୁଥିବା ସଦ୍ୟ ପାଚିଲା ବର, ଅଶ୍ୱତ୍ଥ, ବେଲ, ଡିମିରି ଆଦି ପତ୍ର ସବୁ ଖାଉଥିଲେ । ଗାଈଆଳ ବା ମଇଁଷିଆଳମାନେ କାତେଣି ଇତ୍ୟାଦି ବର, ଅଶ୍ୱତ୍ଥ, ଶିରିଷ, ଆମ୍ବ, ପାଣ, ଶିମିଳି ଆଦି ଡାଳକାଟି ଗୋରୁଙ୍କୁ ଖୁଆଉଥିଲେ । ଦାଉଡ଼ିସାହି ଓ ପାଣ ସାହିର ପିଲାମାନେ ମଇଁଷିଙ୍କୁ ଥୁଣ୍ଟା ଡାଙ୍ଗସବୁ ସାଉଣ୍ଟି ଜାଳ କରିବାକୁ ନେଇ ଯାଉଥିଲେ, ସେ ସବୁ କଥା ଆଉ ନାହିଁ ।

ସେ ସମୟର ଗଛ ଭିତରୁ ଗୋଟିଏ ସ୍ୱକୁଣ୍ଡା ଗଛ ପାଞ୍ଚବର୍ଷ ତଳେ ବିକ୍ରୀ ହେଲା । ଲୋକେ ବଢ଼ାବଢ଼ି ହୋଇ ତିନି ହଜାର ପର୍ଯ୍ୟନ୍ତ ଗଲେ । ଯେଉଁ ଲୋକ ତିନିହଜାରରେ କିଣିଲା ସେ ଗଛ କାଟି ନପାରି ଛଅମାସ ଅପେକ୍ଷା କଲା । ପ୍ରାୟ ତିରିଶିଫୁଟ ଗୋଲ୍ହେଇ ବିଶିଷ୍ଟ ସେ ଗଛର ଗଣ୍ଡି । ଡାଳଗୁଡାକ ତା'ର ଗୋଟାଏ ଗୋଟାଏ ବଡ ଗଛ ପରି । ସେ ଗଛ ହଣା ହେଲା ବେଳେ ମଇଁଷିଆଳମାନେ ପତ୍ରସବୁ ନେଇ ମଇଁଷି ଖୋଇଲେ । ପ୍ରାୟ ପନ୍ଦର ଦିନ ଧରି ସେ ଗଛ ହଣା କାମ ଚାଲିଲା । ମଇଁଷି ଗୋଠ ଜମାହୋଇ ପତ୍ର ଖାଇଲେ । ଗାଆଁ ଲୋକେ ଜାଳ ପାଇଁ ପ୍ରତି ଶଗଡ କାଠକୁ ଦେଢ ଶହ ଟଙ୍କା ମୂଲ କରି ନେଲେ । ପ୍ରାୟ ୨୦ ଶଗଡ ଡାଳ ବିକ୍ରୀ ହେଲା । ତା ପରେ ବୃହଦାକାର ଗଣ୍ଡିଟା ଠିଆ ହୋଇ ରହିଲା ୩/୪ ମାସ । ଗୋଟିଏ କରତକଳରୁ ଲୋକମାନେ ଯାଇ ତିନିହଜାର ଟଙ୍କା ମୂଲ କରି ଗଣ୍ଡିଟାକୁ କାଟି ଟ୍ରକରେ ବୁହାଇ ନେଲେ । ସ୍ୱକୁଣ୍ଡା ଗଛଟାଏ ଛଅ ହଜାର ଟଙ୍କାରେ ବିକ୍ରୀ ହେବ । ବୋଲି କେହି ବିଶ୍ୱାସ କରୁ ନଥିଲେ । ୨୦/୨୨ ଫୁଟ ଲମ୍ବର ଗଣ୍ଡିଟାଏ ଫିଟା କରତରେ କଟା ହୋଇ ପଡ଼ିଥାଏ । ଗୋଲେଇଟା ସାରା ଖାଲି ମଞ୍ଜ । ଶିଶୁକାଠ ପରି କଳା ମିଚ୍‌ମିଚ୍‌ ଦିଶୁଥାଏ । କିଏ ମହାରଣା କହିଲା ଆମର ଏଠି ଟିରିବାକୁ ସୁବିଧା ନାହିଁ । ନୋହିଲେ ଆମେ ଏ କାଠ ଛାଡ଼ି ନଥାନ୍ତୁ । ଆଜିକାଲି ରାସ୍ତାରେ ଗଛ ଲଗେଇବା ପାଇଁ ସାମାଜିକ ଜଙ୍ଗଲ ବିଭାଗ ସୃଷ୍ଟି ହୋଇଛି । ରାଜପଥର ଦୁଇ ପାଖରେ ମଧ୍ୟ ଜଙ୍ଗଲ ସୃଷ୍ଟି ହେଉଛି; ମାତ୍ର ଯେଉଁ ସବୁ ଗଛ ଲାଗୁଛି ସେ ସବୁ ଗଛ କେବଳ ଜାଳ ହେବା ଯୋଗ୍ୟ । ଗୋରୁ ଗାଈ ସେ ସବୁ ଗଛର ପତ୍ର ଖାଆନ୍ତି ନାହିଁ । ଫଳ ମଧ୍ୟ ମିଳେ ନାହିଁ ବା ଛେଳି ମେଣ୍ଢା ସେ ସବୁ ଗଛର ପତ୍ର ଖାଆନ୍ତି ନାହିଁ । ସ୍ୱକୁଣ୍ଡା ପରି ପ୍ରକାଣ୍ଡ ଦ୍ରୁମ ହୋଇ ସେସବୁ ଗଛ ବଢ଼ିବେ କି ନା, ଥୁଲ ନାହିଁ । ସ୍ୱକୁଣ୍ଡା ପରି ପ୍ରକାଣ୍ଡ ଦ୍ରୁମ ହୋଇ ସେସବୁ ଗଛ ବଢ଼ିବେ କି ନା, ଭବିଷ୍ୟତ କହିବ; ମାତ୍ର ଗାଆଁ ଲୋକଙ୍କ ସ୍ମୃତିରେ ମେଣ୍ଢାଇବା ପରି ଗଛଟିଏ କେବଳ ସ୍ୱକୁଣ୍ଡା ।

ବାଲେଶ୍ୱର ଅଞ୍ଚଳରେ ଲୋକେ ଏ ଗଛକୁ ନିତ୍ରାବତୀ କହନ୍ତି । ସାଧାରଣତଃ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସ୍ୱକୁଣ୍ଡା ଏକ ବିଖ୍ୟାତ ଗଛ । ସାଧାରଣତଃ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସ୍ୱକୁଣ୍ଡା ଗଛ ଦେଖାଯାଏ । ଛୋଟ ସ୍ୱକୁଣ୍ଡା ଓ ବଡ ଦୁଇ ପ୍ରକାରର ସ୍ୱକୁଣ୍ଡା ଗଛ ଦେଖାଯାଏ । ଛୋଟ ସ୍ୱକୁଣ୍ଡା ହେଉଛି ଏକ ଗୁଳ୍ମ ଜାତୀୟ ଅନାବନା ଗଛ । ସାଧାରଣତଃ ବର୍ଷା ଋତୁରେ ଏ ଗଛ ରାସ୍ତା କଡ, ନାଳବନ୍ଧ, ନଈ ବନ୍ଧ ବା ପଡ଼ିଆରେ ଅରମା ହୋଇ ଉଠେ । ଏ ଗଛର ପତ୍ର ଗୁଛାଏ । ଛେଳି ଗୋରୁଗାଈ ଖାଆନ୍ତି ନାହିଁ । ମାତ୍ର ବଡ ସ୍ୱକୁଣ୍ଡା ଶିରିଷ ଜାତିର ଗଛ । ଏ ଗଛ ଖୁବ ବଡ ହୁଏ । ଶାଖା ପ୍ରଶାଖା ମେଲି ବହୁତ ଲମ୍ବ ଦିଏ ।

ଆୟତନରେ ବରଗଛ ତଳକୁ ଏ ଗଛର ସ୍ଥାନ । ଗୋଟିଏ ଗଛ ଗୁଣ୍ଡେ ବା ଦୁଇ ଗୁଣ ଆୟତନରେ ଛାଇକରେ । ମାତ୍ର ସୁବୁଲ୍ଲା ଛାଇରେ ଘାସ ବେଶ୍ ଉଠେଇ ପାରେ । ବର୍ଷାବେଳେ ଏ ଗଛର ପତ୍ର ବୁଣି ହୋଇଯାଏ । ତେଣୁ ସୁବୁଲ୍ଲା ମୂଳେ ଉଠିଥିବା ଗଛ ଉପରେ ବର୍ଷାଜଳ ପଡେ ।

ଶୀତଦିନେ ସୁବୁଲ୍ଲା ଗଛ ଫୁଲରେ ଭରିଯାଏ । ତହିଁରୁ ଲମ୍ବ ଲମ୍ବ ଛୁଇଁ ହୁଏ । ଖରାଦିନେ ଏସବୁ ଫଳ ପାଚେ । ସୁବୁଲ୍ଲାଫଳ ପାଚିଲେ କଳା ଦେଖାଯାଏ । ପାଚିଲା ସୁବୁଲ୍ଲା ଫଳରୁ ଯେମିତି ଗୁଡ ଝରୁଥାଏ।ସୁରିଆତେ ମିଠା ବାସ୍ନା ହୁଏ । ତଳେ ପଡ଼ିଥିବା ଫଳରେ ଜନ୍ଦା ପିମ୍ପୁଡ଼ି ବେଢନ୍ତି । ଗାଈ ଗୋରୁ ସୁବୁଲ୍ଲା ଫଳ ଚୋବାଇ ଖାଇଲାବେଳେ ପିଲାଏ ମିଠା ଖାଇଲା ପରି ଲାଳ ଗଦା ହୁଏ । ଖୁବ୍ ଶକ୍ତି ଦାୟକ ଏଇ ଫଳ । ସୁବୁଲ୍ଲା ପତ୍ରର ଖାଦ୍ୟ ଗୁଣ ଯେ କୌଣସି ରବି ଜାତୀୟ ଘାସ ସହିତ ତୁଳନୀୟ । ପାକଳ ପତ୍ରରେ ଶତକଡା ୩୫ ରୁ ୪୫ ଭାଗ ଶୁଷ୍କ ଖାଦ୍ୟ ଥାଏ । ଏକ କିଲୋ ସୁବୁଲ୍ଲା ପତ୍ରରେ ୬୦ ରୁ ୭୦ ଗ୍ରାମ୍ ପର୍ଯ୍ୟନ୍ତ ପୁଷ୍ଟିସାର, ୨୮ ରୁ ୩୦ ଗ୍ରାମ୍ ସ୍ନେହସାର ଓ ୨୦୦/୨୩୦ ଗ୍ରାମ୍ ସମୁଦାୟ ସୁପଚ୍ୟ ଖାଦ୍ୟସାର ଥାଏ ।

ସୁବୁଲ୍ଲା ଫଳରେ ଶତକଡା ୧୬ ଭାଗ ପୁଷ୍ଟିସାର, ୭ ଭାଗ ସ୍ନେହସାର, ୫ ଭାଗ ତନ୍ତୁ, ୯ ଭାଗ ଖଣିଜ ଖାଦ୍ୟ ଓ ୫୯ ଭାଗ ସମୁଦାୟ ସୁପଚ୍ୟ ଖାଦ୍ୟସାର ଥାଏ । ମୁଗ ବା ବିରି ଜାତୀୟ ଖାଦ୍ୟ ଶସ୍ୟ ସହିତ ଏହା କେତେକାଂଶରେ ତୁଳନୀୟ । ତେଣୁ ସୁବୁଲ୍ଲା ଗଛରୁ ଗୋରୁ ଗାଈଙ୍କ ଲାଗି ସବୁଜ ଗୋଖାଦ୍ୟ ତଥା ଦାନାରେ ମିଶିଲାଭଳି ଫଳ ମିଳେ । ଗୋଟିଏ ଗାଈ ବା ବଳଦ ପାଇଁ ଦିନକୁ ଯଦି ମାତ୍ର ଚାରି/ପାଞ୍ଚ କିଲୋ ସୁବୁଲ୍ଲା ପତ୍ର ମିଳେ ତେବେ ଖାଲି ନଡା ଓ ଦାନା ଖୁଆଇ ତାକୁ ପ୍ରଜନନକ୍ଷମ ରଖାଯାଇ ପାରିବ । ଆଜିକାଲି ଘାସପତ୍ର ବା ସବୁଜ ଗୋଖାଦ୍ୟ ନ ମିଳିବାରୁ ଗାଈମାନଙ୍କ ବନ୍ଧ୍ୟା ରୋଗ ବଢୁଛି । ତେଣୁ ବାଡ଼ିରେ ଗୋଟିଏ ବଡ ସୁବୁଲ୍ଲା ଗଛ ଥିଲେ ବର୍ଷର ସବୁ ସମୟରେ ଗୋଟିଏ ଗାଈର ସର୍ବନିମ୍ନ ସବୁଜ ଗୋଖାଦ୍ୟ ଚାହିଦା ମେଣ୍ଟାଯାଇ ପାରିବ ।


ଆଜିକାଲି ଯେଉଁଭଳି ଗୋଚର ବା ଚରଣ ଭୂମିର ଅଭାବ ହେଲାଣି, ଗାଁ ଗହଳିରେ ତଥା ରାସ୍ତାର ଦୁଇ ପାର୍ଶ୍ୱରେ ଯଦି ଖାଲି ସୁବୁଲ୍ଲା ଗଛ ଲଗାଇ ଦିଆଯାଇ ପାରନ୍ତା ତାହେଲେ ଗୋ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶର ଉଲ୍ଲେଖନୀୟ ଲକ୍ଷ୍ୟ ହାସଲ ହୋଇପାରନ୍ତା । ଏତଦ୍ ବ୍ୟତୀତ ଜାଳେଣିକାଠ ଓ ଗୃହ ନିର୍ମାଣ ତଥା ଗୃହୋପକରଣ ତିଆରି ଦିଗରେ ଯଥେଷ୍ଟ ପରିମାଣର ଶସ୍ତା ଦରର କାଠ ଉତ୍ପାଦିତ ହୋଇପାରନ୍ତା

ଆଜିର ଗ୍ରାମ୍ୟ ଜୀବନ ତଥା ସାମାଜିକ ଅର୍ଥନୀତି ଉପରେ ସୁବୁଲ୍ଲା ଗଛ ତୁଳନାରେ ବର, ଅଶ୍ୱତ୍ଥ, ମହାଲିମ୍ବ, ଆମ୍ବ, କେନ୍ଦୁ, କୃଷ୍ଣଚୂଡା, ଦେବଦାରୁ ବା ଯେକୌଣସି ବିଦେଶୀ ଗଛର ମୂଲ୍ୟ ବହୁତ ଅଳ୍ପ ।

ଜଗନ୍ନାଥ ସତପଥି
ବାଦାମବାଡ଼ି, କଟକ–୧୨



ଚକ୍ଷୁ ଚିକିତ୍ସା ଶିବିର




## ଫସଲହାନିଜନିତ ପରିସ୍ଥିତିର ମୁକାବିଲା

କଳାହାଣ୍ଡି ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଫସଲହାନି ଆଶଙ୍କା କରାଯାଉଥିବାରୁ ରାଜ୍ୟ ସରକାର ପରିସ୍ଥିତିର ମୁକାବିଲା କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଗତ ୨୨-୯-୧୯୮୬ ତାରିଖରେ ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଳାହାଣ୍ଡି ଜିଲ୍ଲା ଓ ଫସଲହାନିର ଆଶଙ୍କା ଥିବା ଅନ୍ୟାନ୍ୟ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଓ କୃଷିମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ମଧ୍ୟ ଆଲୋଚନା କରିଥିଲେ । ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଚଳିତ ଖରିଫ ଋତୁରେ ଯେଉଁ ଅଞ୍ଚଳରେ ଚାଷୀମାନେ ଉଠା ଜଳସେଚନ ନିଗମର ପଏଣ୍ଟରୁ ପାଣି ନେବାକୁ ଚୁକ୍ତିବଦ୍ଧ ହେବେ, ସେସବୁ ଅଞ୍ଚଳରେ ସେମାନଙ୍କୁ ଜଳକରର ଶତକଡ଼ା ୫୦ ଭାଗ ରିହାତି ହାରରେ ଜଳ ଯୋଗାଇ ଦିଆଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । କ୍ଷୁଦ୍ର ଜଳସେଚନ ପାଇଁ ଡିଜେଲ ପଂପ୍ କିଣିବାକୁ ଇଚ୍ଛୁକ ଥିବା ଗୁଡ଼ିଏ ନିର୍ଦ୍ଧାରିତ ରିହାତି ସହ ନାମମାତ୍ର ଓ ଆଦିବାସୀ ଚାଷୀମାନଙ୍କୁ ସ୍ଥିର ପଂପ୍ ଯୋଗାଇ ଦିଆଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଥିଲା । ଏହାଛଡ଼ା ଏହିସବୁ ଅଞ୍ଚଳରେ କାମଧନ୍ଦା ହାଉନଥିବା ଲୋକମାନଙ୍କୁ ଜାତୀୟ ଗ୍ରାମ୍ୟ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ (ଏନ୍. ଆର. ଇ. ପି.) ଓ ଗ୍ରାମ୍ୟ ଶ୍ରମ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ଜରିଆରେ ପର୍ଯ୍ୟାପ୍ତ ଶ୍ରମ ଭିତ୍ତିକ କାମ ଯୋଗାଇ ଦେବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକରେ ସୂଚନା ଦିଆଯାଇଥିଲା ଯେ କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ମୋଟ ୨୬୭ଟି ନଳକୂପ ବସାଇବା ପାଇଁ ବ୍ୟବସ୍ଥା କରାଯାଇଛି । ଏହାଛଡ଼ା, ବର୍ତ୍ତମାନ ଦେଖାଦେଇଥିବା ଜଳାଭାବର ଗୁରୁତ୍ୱ ଦୃଷ୍ଟିରୁ ଏହି ଜିଲ୍ଲାରେ ୧୦୦ଟି ଅଧିକ ନଳକୂପ ବସାଇବା ପାଇଁ ମଞ୍ଜୁରୀ ଦିଆଯାଇଛି । ଫସଲ ରକ୍ଷା କରିବା ପାଇଁ ଏହି ଜିଲ୍ଲାରେ ଆଡ଼ିବନ୍ଧ ନିର୍ମାଣ ଓ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ମରାମତି ଓ ପୁନରୁଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ।

## ସଘନ ଗୋ-ଉନ୍ନୟନ କାର୍ଯ୍ୟକ୍ରମ

ସମ୍ବଲପୁର ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ଗତ ଅଗଷ୍ଟ ମାସରେ ୧୮୮୧ଟି ଗାଈଙ୍କଠାରେ କୃତ୍ରିମ ପ୍ରଜନନ ଓ ୧୧ଟି ଗାଈଙ୍କୁ ପ୍ରାକୃତିକ ପ୍ରଜନନ ଉପାୟରେ ଗର୍ଭାଧାନ କରାଯାଇଛି ଏବଂ ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରୁ ଏହି ମାସରେ ୩୩୩ଟି ମାଈ ଓ ୩୪୭ଟି ଅଣ୍ଡିରା; ଏପରି ମୋଟ୍ ୬୮୦ଟି ଉନ୍ନତ ସଂକର ବାଛୁରୀ ଜନ୍ମିଛନ୍ତି । ଉକ୍ତ ସମୟରେ ୧୯୨୬ଟି ଅଣ୍ଡିରା ବାଛୁରୀଙ୍କୁ ଧରାଣ କରାଯିବା ସଙ୍ଗେ ସଙ୍ଗେ ୨୦,୯୭୧ଟି ଗୋରୁଙ୍କୁ ସାଧାରଣ ଚିକିତ୍ସା କରାଯାଇଛି । ବିଭିନ୍ନ ସଂକ୍ରାମକ ରୋଗର ପ୍ରତିରୋଧ ପାଇଁ ୮,୨୯୩ଟି ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଆଯାଇଛି ।

ଗୋ-ଖାଦ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଉକ୍ତ ଅଞ୍ଚଳରେ ୧୩୦ ଜଣ ଚାଷୀଙ୍କୁ ପ୍ରଭାବିତ କରାଯାଇ ତାଙ୍କର ୨୩ ଏକର ୫ ଡେସିମିଲ ପରିମିତ ୧୧୩ଟି ପ୍ଲଟ୍ ଜମିରେ ଘାସଚାଷ କରାଯିବା ସଙ୍ଗେସଙ୍ଗେ ସରକାରଙ୍କ ତରଫରୁ ୩୨୫ କେ: ଜି; ଘାସ ବିହନ, ୧୨୦୦ଟି ଘାସମୂଳ ଓ ୧୮୦୦ଟି

ସୁବାବୁଲ ଚାରା ଗୋ-ଖାଦ୍ୟ ଘାସ ଖାଉଥିବା ଗାଈମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଉକ୍ତ ସମୟ ମଧ୍ୟରେ ଯୋଜନାଭୁକ୍ତ ଗାଈଙ୍କଠାରୁ ୯୭,୯୧୧.୫ ଲିଟର କ୍ଷୀର ସଂଗୃହୀତ ହୋଇ ବିକ୍ରିର ବ୍ୟବସ୍ଥା କରାଯାଇଛି ।

## ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ

ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟର ଉଦ୍ୟମରେ ବ୍ରହ୍ମପୁର ଓ ଭଞ୍ଜନଗରଠାରେ ୭ଟି ଗୃହ ନିର୍ମାଣ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ଏ ବାବଦରେ ୨୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇ ସମୁଦାୟ ୨୨୦ଟି ଗୃହ ନିର୍ମିତ କରାଯାଇଛି । ସେହିପରି ଗୋପାଳପୁର ଓ ଛତ୍ରପୁରଠାରେ ଏହି ଟ୍ରଷ୍ଟ ଦ୍ୱାରା ୩୦ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟରେ ବ୍ୟବସାୟିକ ଭିତ୍ତିରେ ୬ଟି ଦୋକାନଘର-ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଏହା ବ୍ୟତୀତ ଏହି ଟ୍ରଷ୍ଟଦ୍ୱାରା କେତେକ ରାସ୍ତାର ଉନ୍ନୟନ, ଅଫିସ୍ ଗୃହ ଓ ପ୍ରେକ୍ଷାଳୟ ନିର୍ମାଣ ଏବଂ ରାସ୍ତାରେ ବିଦ୍ୟୁତ-ଆଲୋକ ବ୍ୟବସ୍ଥା ସମେତ କେତେକ ଉନ୍ନୟନ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରାଯାଇଛି । ଏଗୁଡ଼ିକ ବାବଦରେ ବିନିଯୋଗ କରାଯାଇଥିବା ୭ ଲକ୍ଷ ୯୦ ହଜାର ଟଙ୍କା ସମେତ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ଟ୍ରଷ୍ଟ ସମୁଦାୟ ୬୮ ଲକ୍ଷ ୭ ହଜାର ଟଙ୍କା ବ୍ୟୟ କରିଥିଲେ ।

ସଂପୂର୍ଣ୍ଣ ହୋଇଥିବା ଉପରୋକ୍ତ ପ୍ରକଳ୍ପଗୁଡ଼ିକ ବ୍ୟତୀତ ଏହି ଟ୍ରଷ୍ଟ ବ୍ରହ୍ମପୁରଠାରେ ନୀଳକଣ୍ଠ ନଗର ଗୃହ ନିର୍ମାଣ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ୧ କୋଟି ୧୧ଲକ୍ଷ ୯୬ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପ ପାଇଁ 'ହୁଡ୍‌କୋ' ୮୨ ଲକ୍ଷ ୨୩ ହଜାର ଟଙ୍କା ଋଣ ଦେବାର ବ୍ୟବସ୍ଥା ହୋଇଛି । ଏହି ପ୍ରକଳ୍ପରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ୨୧୫ଟି, ନିମ୍ନ ଆୟକାରୀଙ୍କ ପାଇଁ ୩୪୬ଟି ଏବଂ ମଧ୍ୟମ ଆୟକାରୀଙ୍କ ପାଇଁ ୩୬ଟି ବାସଗୃହ ନିର୍ମିତ ହୋଇ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ପ୍ରକଳ୍ପର ୨ୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ମଧ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ ଏବଂ ମଧ୍ୟମ ଆୟକାରୀଙ୍କ ପାଇଁ ଅଧିକ ୭୫ଟି ବାସଗୃହ ନିର୍ମିତ ହେବ । ଏ ବାବଦରେ ୩୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପାଲ୍‌ଲହଡ଼ା ସବ୍‌ଡିଭିଜନ୍‌ର ଉନ୍ନତମୂଳକ କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲ୍ଲା ପାଲଲହଡ଼ା ସବ୍‌ଡିଭିଜନ୍‌ରେ ୧୯୮୬ ଅପ୍ରେଲ ମାସରୁ ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନ-ମୂଳକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ସବ୍‌ଡିଭିଜନାଲ ଅଫିସରଙ୍କ ଅଧ୍ୟକ୍ଷତାରେ ସଂପ୍ରତି ଅନୁଷ୍ଠିତ ହୋଇଯାଇଛି । ଜଳସେଚନ, ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ, ଜାତୀୟ କର୍ମ ନିଯୁକ୍ତି ଯୋଜନା, [illegible] ଶ୍ରମିକ ଉତ୍ଥାନ, ବୃଦ୍ଧ [illegible], ପରିବାର କଲ୍ୟାଣ, ପ୍ରୌଢ଼ ଶିକ୍ଷା, ଖାଉଟି ଦୋକାନ ଓ ପାଠ୍ୟ-ପୁସ୍ତକ ଯୋଗାଣ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା କରାଯାଇଥିଲା ।

ବୈଠକର ବିବରଣୀରୁ ପ୍ରକାଶ ଯେ ଚଳିତ ଆର୍ଥିକ ବର୍ଷପାଇଁ ୪୦୦ ହେକ୍ଟର ଜମିରେ ଧାନ ଫସଲରୁ ଅନ୍ୟାନ୍ୟ ଫସଲକୁ ପରିବର୍ତ୍ତନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଉକ୍ତ ସମୟ ମଧ୍ୟରେ ୨୭୫ ହେକ୍ଟର ଧାନଜମିକୁ ଅନ୍ୟାନ୍ୟ ଫସଲ ପାଇଁ ପରିବର୍ତ୍ତନ କରାଯାଇଛି ଏବଂ ଧାର୍ଯ୍ୟ ଲକ୍ଷ୍ୟ ଥିବା ୧୯୮ଟି ଆଦର୍ଶ ପ୍ରଦର୍ଶନ କ୍ଷେତ୍ର ମଧ୍ୟରୁ ୧୨୧ଟି କାର୍ଯ୍ୟକାରୀ ହୋଇଛି । ଜାତୀୟ କର୍ମନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ୨୬୦୦ ଶ୍ରମ ଦିବସ ସୃଷ୍ଟି ହୋଇଛି । ୨ଟି ପୋଲ ଓ ଗୋଟିଏ ସ୍କୁଲ ଘର ନିର୍ମାଣ କରାଯାଇ ପାରିଛି ।

ଗ୍ରାମ୍ୟ ଦରିଦ୍ରତମ ଲୋକଙ୍କ ଆର୍ଥିକ ଉତ୍ଥାନ (ଇ. ଆର. ଆର. ପି.) ଯୋଜନାରେ ୧୧୩ଟି ହରିଜନ ଓ ୯୨ଟି ଆଦିବାସୀ ପରିବାରଙ୍କୁ ଉତ୍ଥାନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୧୦ଟି ହରିଜନ ଓ ୧୧ଟି ଆଦିବାସୀ ପରିବାରଙ୍କୁ ଉତ୍ଥାନ କରାଯାଇଛି । ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ୪୦୦ଟି ଆଦିବାସୀ ପରିବାରଙ୍କ ମଧ୍ୟରୁ ୩୦୦ଟି ଆଦିବାସୀ ପରିବାରଙ୍କୁ କେନ୍ଦ୍ରୀୟ ସାହାଯ୍ୟ ପ୍ରଦାନ କରାଯାଇଛି । ହରିଜନ ଓ ଆଦିବାସୀ ଅଞ୍ଚଳରେ ପାରିପାର୍ଶ୍ୱିକ ଓ ଭିତ୍ତିମୂଳକ ଉନ୍ନତି କାର୍ଯ୍ୟକ୍ରମରେ ୨୦୦ଟି ପାଇଖାନା ମଧ୍ୟରୁ ୫୦ଟି ପାଇଖାନାକୁ ସାନିଟାରୀ ପାଇଖାନାରେ ପରିଣତ କରାଯାଇଛି ଏବଂ ଗୋଟିଏ ଆଦିବାସୀ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି ।

ସାମାଜିକ ବନୀକରଣ ଯୋଜନାରେ ଉକ୍ତ ସବ୍‌ଡିଭିଜନ୍‌ରେ ୧୨୫ ହେକ୍ଟର ଜମିରେ ୨ ଲକ୍ଷ ୮୬ ହଜାର ବୃକ୍ଷ ରୋପଣ କରିବାକୁ ପ୍ରାଥମିକ ପଦକ୍ଷେପ ନିଆଯିବା ସଙ୍ଗେସଙ୍ଗେ ୭୫ ହଜାର ଚାରା ବଣ୍ଟନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି ।

ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମରେ ବ୍ଲକ ମାଧ୍ୟମରେ ୩୨୦୦ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଜରିଆରେ ୮୪୦୦ ଗର୍ଭବତୀ ଓ ପ୍ରସୂତି ମହିଳା, ପ୍ରାକ୍‌ସ୍କୁଲ ଶିଶୁ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ପାବୁଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଯଥାକ୍ରମେ ୧୮ଟି ଓ ୫୦ଟି ପ୍ରୌଢ଼ଶିକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଏଥିରୁ ୧୮ଟି କେନ୍ଦ୍ରରେ ୫୩୦ ଜଣ ଅଧ୍ୟୟନ କରୁଛନ୍ତି ।

ଜୁନ୍ ମାସ ଶେଷ ସୁଦ୍ଧା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ [illegible] ହଜାର [illegible] ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି । [illegible] ସମୟ ମଧ୍ୟରେ ଏହି ଅଞ୍ଚଳରେ ୫ଟି କାରିଗରୀଭିତ୍ତିକ ଓ [illegible] ସ୍ଥାପନ କରାଯାଇଛି ।

## ଗୋଟି ଶ୍ରମିକ ଥଇଥାନ

ରାଜ୍ୟରେ ଗୋଟି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ଦିନଠାରୁ ଗତ ମାସ ଶେଷ ସୁଦ୍ଧା ଏ ବାବଦରେ ମୋଟ ୧୦ କୋଟି ୫୨ ଲକ୍ଷ ୧ ହଜାର ଟଙ୍କା ବିନିଯୋଗ କରାଯାଇଛି । ଏଥିପାଇଁ କଟକ ଜିଲ୍ଲାରେ ସର୍ବାଧିକ ୨ କୋଟି ୧ ଲକ୍ଷ ୮୬ ହଜାର ଟଙ୍କା ଏବଂ ତା'ପଛକୁ ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାରେ ଯଥାକ୍ରମେ ୧ କୋଟି ୩୯ ଲକ୍ଷ ୧୧ ହଜାର ଟଙ୍କା ଓ ୧ କୋଟି ୩୧ ଲକ୍ଷ ୮୩ ହଜାର ଟଙ୍କା ବିନିଯୋଗ କରାଯାଇଛି । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ୩୧ ଲକ୍ଷ ୩୮ ହଜାର ଟଙ୍କା, ଢେଙ୍କାନାଳ ଜିଲ୍ଲାରେ ୩୮ ଲକ୍ଷ ୨୪ ହଜାର ଟଙ୍କା, ଗଞ୍ଜାମ ଜିଲ୍ଲାରେ ୪୭ ଲକ୍ଷ ୫୯ ହଜାର ଟଙ୍କା, କଳାହାଣ୍ଡି ଜିଲ୍ଲାରେ ୬୬ ଲକ୍ଷ ୧୦ ହଜାର ଟଙ୍କା, କେନ୍ଦୁଝର ଜିଲ୍ଲାରେ ୫୦ ଲକ୍ଷ ୧୦ ହଜାର ଟଙ୍କା, ମୟୂରଭଞ୍ଜ ଜିଲ୍ଲାରେ ୨୩ ଲକ୍ଷ ୫୩ ହଜାର ଟଙ୍କା, ଫୁଲବାଣୀ ଜିଲ୍ଲାରେ ୬୦ ଲକ୍ଷ ୯୫ ହଜାର ଟଙ୍କା, ପୁରୀ ଜିଲ୍ଲାରେ ୯୦ ଲକ୍ଷ ୮୨ ହଜାର ଟଙ୍କା, ସମ୍ବଲପୁର ଜିଲ୍ଲାରେ ୯୬ ଲକ୍ଷ ୬୨ ହଜାର ଟଙ୍କା ଓ ସୁନ୍ଦରଗଡ଼ ଜିଲ୍ଲାରେ ୭୩ ଲକ୍ଷ ୮୮ ହଜାର ଟଙ୍କା ଗୋଟି ଶ୍ରମିକଙ୍କ ଥଇଥାନ ବାବଦରେ ବ୍ୟୟ କରାଯାଇଛି ।

ଉପରୋକ୍ତ ଅର୍ଥ ବିନିଯୋଗରେ ଗତ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୩୧,୨୫୦ ଜଣ ଗୋଟି ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

## ଓଡ଼ିଶାରେ ପାଞ୍ଚଟି ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ

ରାଜ୍ୟରେ ସହରଗୁଡ଼ିକର ଯୋଜନାବଦ୍ଧ ବିକାଶ କରିବା ଲାଗି ଓଡ଼ିଶା ଟାଉନପ୍ଲାନିଂ ଓ ଇଂପ୍ରୁଭମେଣ୍ଟ ଟ୍ରଷ୍ଟ ଆଇନ ଅନୁସାରେ ୫ଟି ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଗଠିତ ହୋଇଛି । ୧୯୭୬ ମସିହା ଜାନୁଆରୀ ୨୬ ତାରିଖରେ ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ୩ଟି ଟ୍ରଷ୍ଟ ଗଠିତ ହୋଇଥିବା ସ୍ଥଳେ ୧୯୮୨ ମସିହା ସେପ୍ଟେମ୍ବର ୧ ତାରିଖରେ ଅନ୍ୟ ଦୁଇଟି ଉନ୍ନୟନ ଟ୍ରଷ୍ଟ ଗଠନ କରାଯାଇଥିଲା । ତାହା ହେଲା:—ପୁରୀ–କୋଣାର୍କ ଟ୍ରଷ୍ଟ ଏବଂ ତାଳଚେର–ଅନୁଗୋଳ–ମେରାମୁଣ୍ଡଳୀ ଟ୍ରଷ୍ଟ । ଆବଶ୍ୟକତା ଅନୁଯାୟୀ ସଂପୃକ୍ତ ରାଜସ୍ୱ ଡିଭିଜନାଲ କମିଶନର–କଲେକ୍ଟର ଟ୍ରଷ୍ଟର ଅଧ୍ୟକ୍ଷ ଏବଂ ଟାଉନ୍ ପ୍ଲାନିଂ ଅଫିସର ସେକ୍ରେଟାରୀ ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

ସହରଗୁଡ଼ିକର ସମନ୍ୱିତ ବିକାଶଲାଗି ମାଷ୍ଟରପ୍ଲାନ୍ ପ୍ରସ୍ତୁତକରି ସେଗୁଡ଼ିକର ଚୂଡ଼ାନ୍ତ ପ୍ରକାଶନ କରିବା, ଗୃହ ନିର୍ମାଣ ପାଇଁ ଅନୁମତି ଦେବା, ଲାଇସେନସ୍ ଦେବା ଏବଂ 'ହୁଡ୍‌କୋ' ଆର୍ଥିକ ସହାୟତାରେ ବିଭିନ୍ନ ନଗର ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଏହିସବୁ ଟ୍ରଷ୍ଟର ମୌଳିକ ଦାୟିତ୍ୱ ।

ଏଠାରେ ସ୍ମରଣ କରିଦିଆଯାଇପାରେ ଯେ ୧୯୬୩ରେ ଗଠିତ କଟକ ଉନ୍ନୟନ ଟ୍ରଷ୍ଟ ଏବଂ ୧୯୭୬ରେ ଗଠିତ ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଦୁଇଟିକୁ ୧୯୮୨ ମସିହାର ଓଡ଼ିଶା ଡେଭେଲପ୍‌ମେଣ୍ଟ ଅଥରିଟି ଆଇନ ଅନୁସାରେ ଉନ୍ନୟନ କର୍ତ୍ତୃପକ୍ଷ ଭାବରେ ଉନ୍ନୀତ କରାଯାଇଛି ।

## କୃଷୀମାନଙ୍କୁ ରିହାତି ହାରରେ ଜଳଯୋଗାଣ

ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ହେତୁ ଶସ୍ୟ ହାନି ଘଟିବାର ଆଶଙ୍କା ଥିବାରୁ ପରିସ୍ଥିତିର ମୁକାବିଲା ପାଇଁ ସରକାର କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ତନ୍ମଧ୍ୟରୁ ଚଳିତ ଖରିଫ ଋତୁରେ ଯେଉଁ ଅଞ୍ଚଳରେ କୃଷୀମାନେ ଉଠା ଜଳସେଚନ ପଏଣ୍ଟରୁ ପାଣି ନେବାକୁ ଚୁକ୍ତିବଦ୍ଧ ହେବେ, ସେଠାରେ ସେମାନଙ୍କୁ ଜଳକରର ଶତକଡ଼ା ୫୦ ଭାଗ ରିହାତି ହାରରେ ଜଳ ଯୋଗାଇ ଦିଆଯିବ ବୋଲି ଗତ ୨୨ ତାରିଖରେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଥିବା ବୈଠକରେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଆଉ ମଧ୍ୟ ନିଷ୍ପତ୍ତି ହୋଇଛି ଯେ କୃଷୀମାନଙ୍କୁ ଡିଜେଲ ପମ୍ପ କ୍ରୟ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ । ଡିଜେଲ ପମ୍ପ କିଣିବାକୁ ଇଚ୍ଛୁକ କ୍ଷୁଦ୍ର, ନାମମାତ୍ର ଓ ଆଦିବାସୀ କୃଷୀମାନଙ୍କୁ ନିର୍ଦ୍ଧାରିତ ରିହାତିରେ ପମ୍ପ ଯୋଗାଇ ଦିଆଯିବ । କୃଷି ବିଭାଗ ଏବଂ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଏ ସଂପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ବୈଠକରେ ସ୍ଥିର ହୋଇଛି ।

ଉକ୍ତ ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, କୃଷି ମନ୍ତ୍ରୀ ଶ୍ରୀ ରାସ ବିହାରୀ ବେହେରା, ସେଚ ଓ ବିଦ୍ୟୁତ ବିଭାଗ ଶାସନ ସଚିବ, ଉଠା ଜଳ ସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ, କୃଷି ବିଭାଗ ଶାସନ ସଚିବ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶାସନ ସଚିବଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଫିସରମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବ୍ରହ୍ମପୁର ସଘନ ଗୋ-ଉନ୍ନୟନ ଯୋଜନା

ବ୍ରହ୍ମପୁର ସଘନ ଗୋ—ଉନ୍ନୟନ ଯୋଜନା ଅଞ୍ଚଳରେ ଗତ ଅଗଷ୍ଟ ମାସରେ ୭୩୩ଟି ଗାଈଙ୍କଠାରେ କୃତ୍ରିମ ପ୍ରଜନନ ଦ୍ୱାରା ଗର୍ଭାଧାନ କରାଯାଇଥିଲା । ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରୁ ଏ ମାସରେ ୮୪ଟି ମାଈ ଓ ୧୦୪ଟି ଅଣ୍ଡିରା, ଏପରି ମୋଟ୍ ୧୮୮ଟି ଉନ୍ନତ ସଙ୍କର ବାଛୁରୀ ଜନ୍ମିଥିଲେ ଓ ୯୭୬ଟି ଅଣ୍ଡିରା ବାଛୁରୀଙ୍କ ଧରାଣ କରାଯାଇଥିଲା । ଏହି ଅଗଷ୍ଟ ମାସରେ ୯୬୮୪ଟି ଗୋରୁଙ୍କ ସାଧାରଣ ରୋଗର ଚିକିତ୍ସା କରାଯାଇଥିଲା ଓ ବିଭିନ୍ନ ସଂକ୍ରାମକ ରୋଗ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ୨୭୨୮ଟି ଗୋରୁଙ୍କୁ ଟିକା ଦିଆଯାଇଥିଲା । ଏହି ସମୟରେ ୧୩ଟି ବଳଦ ଅପସାରିତ ହୋଇଥିଲେ ଓ ୨ଟି ଅସ୍ଥାୟୀ ଭ୍ରାମ୍ୟମାଣ ଚିକିତ୍ସା ଶିବିର ଅନୁଷ୍ଠିତ କରାଯାଇଥିଲା ।

## ବଲାଙ୍ଗୀର ଜିଲ୍ଲାରେ ମତ୍ସ୍ୟଚାଷ

ବଲାଙ୍ଗୀର ଜିଲ୍ଲାରେ ମତ୍ସ୍ୟଚାଷ ନିମନ୍ତେ ବିବିଧ ପଦକ୍ଷେପ ନିଆଯାଇଛି । ତନ୍ମଧ୍ୟରୁ ଗ୍ରାମାଞ୍ଚଳର ଦରିଦ୍ରତମ ଲୋକଙ୍କ ଆର୍ଥିକ ଥଇଥାନ ଯୋଜନା ଅନୁସାରେ ମୋଟ୍ ୨୮୭ ଜଣ ମତ୍ସ୍ୟଚାଷୀ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୮୫ ଜଣ ତଫସିଲଭୁକ୍ତ ଜାତି ଓ ୧୧୩ ଜଣ ଆଦିବାସୀ ଅନ୍ତର୍ଭୁକ୍ତ । ଏମାନଙ୍କୁ ୫୦ ହେକ୍ଟର ପୋଖରୀ ମାଗଣାରେ ଯୋଗାଇ ଦିଆଯାଉଛି ।

ଉକ୍ତ ଜିଲ୍ଲାରେ ଅଦ୍ୟାବଧି ୫୬୦.୫୦ ଲକ୍ଷ ଗୁଣ୍ଡ ଚାରାଁ ଛ ଉତ୍ପାଦିତ ହେଲଣି ଏବଂ ଆଗ୍ରହୀ ମାଛଚାଷୀଙ୍କୁ ୫୦ ଲକ୍ଷ ବଡ଼ ଚାରାଁ ଛ ଯୋଗାଇ ଦିଆଯାଇଛି । ଆହୁରି ପ୍ରଚୁର ଚାରାଁ ଛ ଜିଲ୍ଲାର ବିଭିନ୍ନ ସରକାରୀ ମାଛ ଫାର୍ମମାନଙ୍କରେ ବିକ୍ରୟ ସକାଶେ ମହଜୁଦ ଅଛି ।

## ଗୋତି ଶ୍ରମିକ ଥଇଥାନ

ଗତମାସ ଶେଷ ସୁଦ୍ଧା ଗୋତି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ବାଲେଶ୍ୱର ଜିଲ୍ଲାରେ ୨୬୭ ଜଣ ତଫସିଲଭୁକ୍ତ ଜାତି ଓ ୧୦୦ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୮୧୫ ଜଣଙ୍କୁ ଥଇଥାନ କରାଯାଇଛି । ଏବାବଦରେ ୩୧ ଲକ୍ଷ ୩୮ ହଜାର ଟଙ୍କା ବ୍ୟୟ କରାଯାଇଛି । ଗତ ମାସରେ ୭ ଜଣ ତଫସିଲଭୁକ୍ତ ଜାତି ଓ ୧୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ଜିଲ୍ଲାରେ ୨୩ ଜଣଙ୍କୁ ଥଇଥାନ କରାଯାଇଛି ଏବଂ ଏଥିନିମନ୍ତେ ୩ ଲକ୍ଷ ୩୬ ହଜାର ଟଙ୍କା ବିନିଯୋଗ କରାଯାଇଛି । ଏହି ଯୋଜନା ଆରମ୍ଭରୁ ଜିଲ୍ଲାରେ ୫୩୫ ଜଣ ତଫସିଲଭୁକ୍ତ ଜାତି ଓ ୧୭୪ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ୧୧୯୮ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସମସ୍ତଙ୍କୁ ମୁକ୍ତ କରାଯାଇଛି ।

## ଟସର ଚାଷ ପାଇଁ ଆଦିବାସୀ ମହିଳାଙ୍କୁ ତାଲିମ

ଟସର ଚାଷ ମାଧ୍ୟମରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକମାନଙ୍କ ରୋଜଗାର ବୃଦ୍ଧିକରିବା ଉଦ୍ଦେଶ୍ୟରେ ଯେଉଁ କେତେକ କାର୍ଯ୍ୟକ୍ରମ ରାଜ୍ୟ ସରକାର ହାତକୁ ନେଇଛନ୍ତି, ସେଥି-ମଧ୍ୟରେ ଆଦିବାସୀ ମହିଳାମାନଙ୍କୁ ଟସର ଚାଷ ଓ ବିଭିନ୍ନ କିସମର ଟସର ସୂତା କାଟିବା ସଂପର୍କରେ ତାଲିମ ଦେବା ଅନ୍ୟତମ । ଏହା ଫଳରେ ଟସର ଚାଷ କରି ସେମାନେ ସାଧାରଣତଃ ବାର୍ଷିକ ୫୦୦ ଟଙ୍କା ପାଉଥିବା ସ୍ଥଳେ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ବୋଲି ଆଶା କରାଯାଉଛି । ବିଭିନ୍ନ କିସମର ଟସର ସୂତା କାଟିବା ପାଇଁ ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ୧୩ ଗୋଟି ଟସର ଚାଷ ଓ ସୂତା କାଟିବା କେନ୍ଦ୍ର ଖୋଲାଯାଇଛି । ଏଗୁଡ଼ିକ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଢେଙ୍କାନାଳ ଏବଂ ସମ୍ବଲପୁର ଜିଲ୍ଲାର ଟସର ଚାଷ ସମବାୟ ସମିତି ପାଖାପାଖି ଅଞ୍ଚଳରେ ଖୋଲାଯାଇଛି । ଏହି ତାଲିମ କେନ୍ଦ୍ରଗୁଡ଼ିକରେ ଷଷ୍ଠ ଯୋଜନା କାଳ ମଧ୍ୟରେ ୪୮୧ ଜଣଙ୍କୁ ତାଲିମ ଦିଆଯାଇଛି ଏବଂ ସେଠାରୁ ୩୬୭୧ କିଲୋଗ୍ରାମ ସୂତା ମଧ୍ୟ ଉତ୍ପାଦିତ ହୋଇଛି । ଆଦିବାସୀ ଶ୍ରେଣୀ ଲୋକଙ୍କର ଅତିରିକ୍ତ ରୋଜଗାର ଏହା ଫଳରେ ବୃଦ୍ଧି ପାଉଥିବାରୁ ଏହି କାର୍ଯ୍ୟକ୍ରମକୁ ୭ମ ଯୋଜନା କାଳ ମଧ୍ୟରେ ଚାଲୁରହିବା ପାଇଁ ସ୍ଥିର କରାଯାଇଛି । ୧୯୮୬-୮୭ ମସିହାରେ ଏଥିପାଇଁ ୪ଲକ୍ଷ ୫୫ ହଜାର ଟଙ୍କା ବ୍ୟବସ୍ଥା କରାଯାଇଛି ଏବଂ ୧୩୦ ଜଣ ଆଦିବାସୀ ମହିଳାଙ୍କୁ ତାଲିମ ଦେବା ସଙ୍ଗେ ସଙ୍ଗେ ସାଢେ ୬ ହଜାର କିଲୋଗ୍ରାମ ପର୍ଯ୍ୟନ୍ତ ସୂତା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି ।

## ବାରବାଟି ଷ୍ଟାଡ଼ିୟମ୍‌ର ସଂପ୍ରସାରଣ

କଟକସ୍ଥ ବାରବାଟୀ ଷ୍ଟାଡ଼ିୟମ୍‌ର ୪ନମ୍ବର ଗ୍ୟାଲେରୀର ସଂପ୍ରସାରଣ କାର୍ଯ୍ୟ ଇତିମଧ୍ୟରେ ସଂପୂର୍ଣ୍ଣ ହୋଇ ଯାଇଛି । ଏହା ଫଳରେ ଷ୍ଟାଡ଼ିୟମ୍‌ରେ ଅଧିକ ୬,୫୦୦ ଜଣ ଦର୍ଶକଙ୍କ ପାଇଁ ବସିବାର ସୁବିଧା ହୋଇପାରିଛି । ୧୯୮୪-୮୫ ମସିହାରୁ ପୂର୍ତ୍ତ ବିଭାଗ ୯୧ ଲକ୍ଷ ୧୯ ହଜାର ୬୦୦ ଟଙ୍କା ବ୍ୟୟ ଅଟକଳରେ ଏହି ସଂପ୍ରସାରଣ କାର୍ଯ୍ୟ ହାତକୁ ନେଇଥିଲେ ଏବଂ ଏ ବାବଦରେ କ୍ରୀଡ଼ା ବିଭାଗ ତରଫରୁ ଆବଶ୍ୟକ ଅର୍ଥ ମଂଜୁର କରାଯାଇଥିଲା ।

ଏହି ଗ୍ୟାଲେରୀଠାରେ ଅଧିକ ୧୪ଟି କୋଠରୀ ନିର୍ମାଣ କରିବା, ଜଳ ଯୋଗାଣ ଓ ବିଦ୍ୟୁତ୍ ସଂଯୋଗ କରିବା ଇତ୍ୟାଦି ସମସ୍ତ ସଂପ୍ରସାରଣ କାର୍ଯ୍ୟ ବାବଦରେ ୧ କୋଟି ୨ ଲକ୍ଷ ୬୩ ହଜାର ୨୦୦ ଟଙ୍କାର ସଂଶୋଧିତ ବ୍ୟୟ ଅଟକଳ କରାଯାଇ ପ୍ରଶାସନିକ ମଂଜୁରୀ ପାଇଁ କ୍ରୀଡ଼ା ବିଭାଗକୁ ପଠାଯାଇଛି ।

## ଦଣ୍ଡକାରଣ୍ୟ ଅଞ୍ଚଳରେ ରାସ୍ତାର ଉନ୍ନୟନ

ଦଣ୍ଡକାରଣ୍ୟ ଅଂଚଳରେ ଥିବା ୨୧୨ କି:ମି: ଦୈର୍ଘ୍ୟର ସମୁଦାୟ ୩୯ ଟି ରାସ୍ତାର ଉନ୍ନତି ବିଧାନ କରିବା ଲାଗି ରାଜ୍ୟର ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି ଏବଂ ଏ ବାବଦରେ ୨ କୋଟି ୮୯ ଲକ୍ଷ ୨୩ ହଜାର ଟଙ୍କା ବ୍ୟୟ କରାଯିବ ବୋଲି କେନ୍ଦ୍ରୀୟ ଅନୁମୋଦନ ମିଳିଛି । ଗତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏଥିପାଇଁ ୭୦ ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ । ଏହି ଅର୍ଥ ମଧ୍ୟରୁ ୬ ଟି ରାସ୍ତାର ଉନ୍ନୟନ କରିବା ପାଇଁ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ୩୦ ଲକ୍ଷ ଟଙ୍କା ଏବଂ ୩୩ଟି ରାସ୍ତାର ଉନ୍ନୟନ କରିବା ପାଇଁ ନବରଙ୍ଗପୁର ପ୍ରୋଜେକ୍ଟ ଡ଼ିଭିଜନକୁ ୪୦ ଲକ୍ଷ ଟଙ୍କା ଦିଆଯାଇଛି ।

ବର୍ତ୍ତମାନ ସେହିସବୁ ଅଞ୍ଚଳରେ ୨୭ଟି ରାସ୍ତାର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ୭୦ କି: ମି: ଦୈର୍ଘ୍ୟ ରାସ୍ତାରେ ମାଟିକାମ ଏବଂ ୩୦ କି: ମି: ରାସ୍ତାକୁ ମୋରମ୍ କରିବା ପାଇଁ ମୋରମ୍ ସଂଗ୍ରହ କାର୍ଯ୍ୟ ସମେତ ୧୬ଟି ହ୍ୟୁମ୍-ପାଇପ୍ କଲଭର୍ଟର ନିର୍ମାଣ କାର୍ଯ୍ୟ ପ୍ରାୟ ସଂପୂର୍ଣ୍ଣ ହୋଇଗଲାଣି ।

## କଟକ ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ଗତମାସ ଶେଷ ସୁଦ୍ଧା କଟକ ଜିଲ୍ଲାରେ ୫,୨୨୯ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏମଧ୍ୟରେ ୧,୮୧୦ ଜଣ ତଫସିଲ୍‌ଭୁକ୍ତ ଜାତି ଓ ୪୩୮ ଜଣ ତଫସିଲ୍‌ଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଉକ୍ତ ଲୋକମାନଙ୍କ ଥଇଥାନ କରିବାରେ ମୋଟ୍ ୨ କୋଟି ୧ ଲକ୍ଷ ୮୬ ହଜାର ଟଙ୍କା ବିନିଯୋଗ ହୋଇଛି । ରାଜ୍ୟରେ ଗୋତି ଶ୍ରମିକ ଥଇଥାନ ଯୋଜନା ଆରମ୍ଭରୁ ଗତମାସ ଶେଷ ସୁଦ୍ଧା ଜିଲ୍ଲାରେ ୧,୯୦୨ ଜଣ ତଫସିଲ୍‌ଭୁକ୍ତ ଜାତି ଓ ୩୭୨ ଜଣ ତଫସିଲ୍‌ଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୫,୩୭୨ ଜଣ ଗୋତି ଶ୍ରମିକଙ୍କୁ ମୁକ୍ତ କରାଯାଇଛି ।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି

ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୧୦୯ ହଜାର ଟନ୍ ମତ୍ସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଅସ୍ତରଙ୍ଗଠାରେ ଏକ ମାଛଧରା ବନ୍ଦର ବ୍ରିଟିଶ ସରକାରଙ୍କ ସହାୟତାରେ ନିର୍ମାଣ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ୧ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଏତଦ୍ ବ୍ୟତୀତ ବାଲେଶ୍ୱର ଜିଲ୍ଲାର କଣ୍ଠାଫଳଠାରେ ନରୱେ ସରକାରଙ୍କ ସହାୟତାରେ ପାରଂପରିକ ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ଚଳିତ ବର୍ଷ ୪୦ ଲକ୍ଷ ୫୮ ହଜାର ଟଙ୍କା ଖର୍ଚ୍ଚ ହେବା ପାଇଁ ସ୍ଥିର ହୋଇଛି ।

ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମର ବିଭିନ୍ନ ପରିକଳ୍ପନା ପାଇଁ ଚଳିତ ବର୍ଷରେ ୫କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ବ୍ୟବସ୍ଥା ହୋଇଛି । ତନ୍ମଧ୍ୟରେ ମାଛ ଚାଷୀଙ୍କ ଉନ୍ନୟନ ନିଗମକୁ ଅଂଶଧନ ବାବଦରେ ୧୮ ଲକ୍ଷ ଟଙ୍କା ଦେବା ଅନ୍ତର୍ଭୁକ୍ତ ।

## ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ଖିଲାପ

ଓଡ଼ିଶା ଅତ୍ୟାବଶ୍ୟକ ଦ୍ରବ୍ୟ ଅର୍ଡର ଦ୍ୱିତୀୟ ଦଫାକୁ ଖିଲାପ କରି ଦରଦାମ ଓ ମହଜୁଦ ତାଲିକା ଘୋଷଣା କରି ନଥିବା ହେତୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ରାମଲିଙ୍ଗମ୍ ରୋଡ଼ରେ ଅବସ୍ଥିତ ମେସର୍ସ ଗଞ୍ଜାମ ଗ୍ୟାସ୍‌ର ପ୍ରୋପାଇଟର ମିସ୍ ଚିନା ଗିରିଜା ଓ ଉକ୍ତ ଫାର୍ମର ଦୁଇଜଣ କର୍ମଚାରୀ ଯଥାକ୍ରମେ ଖୋର୍ଦ୍ଧାର ଗୋଳବାଇ ନିବାସୀ ଶ୍ରୀ ବ୍ରଜବିହାରୀ ପଟ୍ଟନାୟକ ଓ ଗଞ୍ଜାମ ଜିଲ୍ଲାର ନୂଆଗାଁ ଥାନା ଅନ୍ତର୍ଗତ ବାଲିଯୋଡ଼ିର ଶ୍ରୀ ପଞ୍ଚାନନ ପ୍ରଧାନଙ୍କ ବିରୁଦ୍ଧରେ ତା୧୧-୯-୮୦ ରିଖରେ ଗଞ୍ଜାମ ଦୁର୍ନୀତି ନିବାରଣ ଶାଖା ଦ୍ୱାରା ଅତ୍ୟାବଶ୍ୟକ ଆଇନର ୭ଦଫାରେ ମକଦ୍ଦମା ରୁଜୁ କରାଯାଇଥିଲା ଏବଂ ତାହା ବ୍ରହ୍ମପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମିସ୍ ଚିନା ଗିରିଜା ଓ ଉପରୋକ୍ତ ଦୁଇଜଣ ଆସାମୀଙ୍କୁ ଏକମାସ ସଶ୍ରମ କାରାଦଣ୍ଡ ଏବଂ ୫୦୦ ଟଙ୍କା ଜୋରିମାନା ଆଦେଶ କରିଛନ୍ତି ଏବଂ ଜୋରିମାନା ନଦେଲେ ତା ବଦଳରେ ୧୦ ଦିନ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି ।

## ଶିଳ୍ପ ଯନ୍ତ୍ରପାତି ଉପରେ ପଣ୍ୟକର ଛାଡ

ପୂର୍ବ ଶିଳ୍ପନୀତି ଭଳି ନୂତନ ଶିଳ୍ପନୀତିରେ (୧୯୮୦) ମଧ୍ୟ ଶିଳ୍ପ ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ରପାତି, କଳକବ୍ଜା କଞ୍ଚାମାଲ ଇତ୍ୟାଦି ଉପରେ ପଣ୍ୟକର ଲାଗିବ ନାହିଁ । ଏହା ବ୍ୟତୀତ ପ୍ରାକୃତିକ ଜଳାଧାରରୁ କିମ୍ବା ସରକାରୀ ଜଳଭଣ୍ଡାରରୁ ନୂତନ ଶିଳ୍ପକୁ ଜଳ ଯୋଗାଇବା ପାଇଁ ପୁରୁଣା ନୀତିରେ ଥିବା ରିହାତି ବ୍ୟବସ୍ଥା ମଧ୍ୟ ନୂତନ ଶିଳ୍ପନୀତିରେ ରହିଛି । ସ୍ଥାନୀୟ ଶିଳ୍ପ ପ୍ରସ୍ତୁତ କରୁଥିବା ଜିନିଷକୁ ସରକାରୀ ବିଭାଗ ଓ ଅନ୍ୟାନ୍ୟ ସରକାରୀ ପରିଚାଳିତ ସଂସ୍ଥା ଯେପରି କ୍ରୟ କରିବେ ଏବଂ ଠିକ୍ ସମୟରେ ସେ ବାବଦ ପ୍ରାପ୍ୟ ପାଇବେ, ସେ ବିଷୟରେ ପ୍ରତି ନୂତନ ଶିଳ୍ପନୀତିରେ ବ୍ୟବସ୍ଥା ରହିଛି ।

## ଜାତୀୟ ରାଜପଥ ସଂସ୍ଥାର ସାଫଲ୍ୟ

ଓଡ଼ିଶାର ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାର ଉଦ୍ୟମରେ ଗତ ଷଷ୍ଠ ଯୋଜନା (୧୯୮୦-୮୧ରୁ ୧୯୮୪-୮୫) ଶେଷ ସୁଦ୍ଧା ଏମ୍.ଏନ୍.ପି. ରାସ୍ତା ପାର୍ଶ୍ୱବର୍ତ୍ତୀ ସମୁଦାୟ ୧୨,୭୯୫ଟି ଗ୍ରାମ ମଧ୍ୟରୁ ୬୯୫୯ଟି ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଛି । ଏହିସବୁ ଗ୍ରାମ ମଧ୍ୟରେ ୧୫୦୦ ଓ ତଦୂର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ୧୧୭୬ଟି ଗ୍ରାମ ଏବଂ ୧୦୦୦ରୁ ୫୦୦ ଲୋକସଂଖ୍ୟା ବିଶିଷ୍ଟ ୧୧୬୭ଟି ଗ୍ରାମ ଅନ୍ତର୍ଭୁକ୍ତ । ସେହିପରି ୧୦୦୦ ପର୍ଯ୍ୟନ୍ତ ଲୋକ ବାସ କରୁଥିବା ସମୁଦାୟ ୪୬୧୬ଟି ଗ୍ରାମକୁ ମଧ୍ୟ ସବୁଦିନିଆ ରାସ୍ତା ଯୋଗାଯୋଗର ସୁବିଧା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ତଥା ଅନୁନ୍ନତ ଅଂଚଳଗୁଡ଼ିକରେ ଏହି ଯୋଜନା କାଳ ମଧ୍ୟରେ ୧୪୫୪ କି:ମି: ଦୈର୍ଘ୍ୟ ରାସ୍ତାର ଉନ୍ନତି କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ୧୨୫୦ କି: ମି: ରାସ୍ତାର ଉନ୍ନତି କରାଯାଇଛି । ଏହାକୁ ମିଶାଇ ଏହି ଯୋଜନା ଶେଷ ସୁଦ୍ଧା ନିର୍ମିତ ହୋଇଥିବା ରାସ୍ତାର ସର୍ବମୋଟ ଦୈର୍ଘ୍ୟ ହେଲା ୨୬୨୨ କି: ମି: ।

ସେହିପରି ଜାତୀୟ ରାଜପଥ ଓ ପ୍ରକଳ୍ପ ରାସ୍ତା ଗୁଡ଼ିକୁ ବିଭିନ୍ନ ସ୍ଥାନରେ ବିଚ୍ଛିନ୍ନ କରୁଥିବା ନଦୀନାଳ ଉପରେ ଛୋଟ ବଡ଼ ନୂତନ ସେତୁ ନିର୍ମାଣ ଏବଂ ଦୁର୍ବଳ ତଥା ସଂକୁଚିତ ସେତୁ ସ୍ଥାନରେ ନୂତନ ସେତୁ ନିର୍ମାଣ କରିବା ଦିଗରେ ମଧ୍ୟ ଆଶୁ ପଦକ୍ଷେପ ନିଆଯାଇଛି । ଏହି ଯୋଜନା କାଳ ମଧ୍ୟରେ ସଂପୂର୍ଣ୍ଣ କରାଯାଇଥିବା ୪୦ଟି ଗୁରୁତ୍ୱପୂର୍ଣ୍ଣ ସେତୁ ମଧ୍ୟରୁ ଅଣ-ଆଦିବାସୀ ଅଂଚଳରେ ୨୩ଟି ଏବଂ ଆଦିବାସୀ ଅଂଚଳରେ ୧୭ଟି ସେତୁ ଅନ୍ତର୍ଭୁକ୍ତ । ସମୁଦାୟ ୧୦୦ଟି ସେତୁ ନିର୍ମାଣ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ।

ଏମ୍: ଏନ୍: ପି: ଅନୁଯାୟୀ ଏହିସବୁ ରାସ୍ତା ଓ ସେତୁ ନିର୍ମାଣ ତଥା ଉନ୍ନୟନ ବାବଦରେ ଆଦିବାସୀ ଅଂଚଳରେ ବ୍ୟୟ ହୋଇଥିବା ୧୧ କୋଟି ୩୫ ଲକ୍ଷ ୭୨ ହଜାର ଟଂକା ସମେତ ସମୁଦାୟ ୨୭ କୋଟି ୬୮ ଲକ୍ଷ ୨୭ ହଜାର ଟଂକା ବ୍ୟୟ କରାଯାଇଥିଲା ।

## ରାସ୍ତା ଓ ସେତୁ ନିର୍ମାଣ

ଗତ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଅଂଚଳରେ ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥା ଦ୍ୱାରା ରାସ୍ତା ଓ ସେତୁ ନିର୍ମାଣ ବାବଦରେ ବ୍ୟୟ ବରାଦ କରାଯାଇଥିବା ସମୁଦାୟ ୯ କୋଟି ଟଂକା ସଂପୂର୍ଣ୍ଣ ଭାବରେ ବିନିଯୋଗ କରାଯାଇଛି । ଗତବର୍ଷ ୧୦୦ କି: ମି: ଦୈର୍ଘ୍ୟ ରାସ୍ତାର ଉନ୍ନତି କରିବା ଏବଂ ୯ଟି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ୭୫ କି: ମି: ରାସ୍ତାର ଉନ୍ନତି କରିବା ସଂଗେ ସଂଗେ ୧୦ଟି ସେତୁ ନିର୍ମିତ ହୋଇଛି ।

ତନ୍ମଧ୍ୟରେ ଆଦିବାସୀ ଅଂଚଳଗୁଡ଼ିକରେ ଉନ୍ନତି କରାଯାଇଥିବା ୨୫ କି: ମି: ରାସ୍ତା ଓ ନିର୍ମିତ ହୋଇଥିବା ୩ଟି ସେତୁ ଅନ୍ତର୍ଭୁକ୍ତ । ଏ ବାବଦରେ ସମୁଦାୟ ୨ କୋଟି

୩୬ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟ କରାଯାଇଛି । ଏହିସବୁ ଅଂଚଳରେ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ।

ସଂପୂର୍ଣ୍ଣ ହୋଇଥିବା ଏହି ୧୦ଟି ସେତୁ ମଧ୍ୟରେ କଟକ ଜିଲ୍ଲାର ଇର୍ଦ୍ଦିସିଂ—ପଞ୍ଚପଲ୍ଲୀ ରାସ୍ତା ଏବଂ ବାରାହାଟ-କାଟରା ରାସ୍ତାର ହଂସୁଆ ନଦୀ ଉପରେ ୨ଟି ସେତୁ ଅନ୍ତର୍ଭୁକ୍ତ । ସେହିପରି ଢେଙ୍କାନାଳ ଜିଲ୍ଲାର ଅନୁଗୁଳ-ଛେଣ୍ଡିପଦା ରାସ୍ତାରେ କୁମ୍ଭାରିଆନାଳ ସେତୁ, କଳାହାଣ୍ଡି ଜିଲ୍ଲାର ଧଂଗରାଯୋର ନାଳ ସେତୁ ଓ କୁକୁଡ଼ାଖଣ୍ଡି ନାଳ ସେତୁ, ଫୁଲବାଣୀ ଜିଲ୍ଲାର ଖଟଖଟିଆ ବଲଭସିଂହା ରାସ୍ତାରେ ମେହେରାଣୀ ସେତୁ, ପୁରୀ ଜିଲ୍ଲାର କପିଳପ୍ରସାଦ-ଜଟଣୀ ରାସ୍ତାରେ ବୁହୁଣୀ ଯୋର ସେତୁ, ସୁନ୍ଦରଗଡ଼ ଜିଲ୍ଲାର ଉଜ୍ଜଳପୁର-ସର୍ଗିପାଲି ରାସ୍ତାରେ ଇବ୍ରନଦୀ ସେତୁ, ସମ୍ବଲପୁର ଜିଲ୍ଲାର ସିନ୍ଦୁରପଙ୍କ-ସମାସିଂଗା ରାସ୍ତାରେ ହାତିଆ ସେତୁ ଏବଂ କୋରାପୁଟ ଜିଲ୍ଲାର କଲନରା-ମନସିଂ-ଖେଦପଡ଼ା ରାସ୍ତାରେ ଖେଦପଡ଼ା ନାଳ ସେତୁର ନିର୍ମାଣ କାର୍ଯ୍ୟ ଗତବର୍ଷ ସରିଛି ।

## ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା

ସମନ୍ୱିତ ଗ୍ରାମାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଚଳିତ ଆର୍ଥିକ ବର୍ଷର ଅଗଷ୍ଟମାସ ଶେଷ ସୁଦ୍ଧା ରାଜ୍ୟରେ ୨୫ ହଜାର ୨୯୯ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୫,୨୩୬ ଜଣ ତଫସିଲଭୁକ୍ତଜାତି ଓ ୭,୫୨୬ ଜଣ ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକ ଏବଂ ୧୩୬୮ ଜଣ ମହିଳା ଅନ୍ତର୍ଭୁକ୍ତ ।

ଏହି କାର୍ଯ୍ୟକ୍ରମ ପାଇଁ ୮ କୋଟି ୬ ଲକ୍ଷ ୭୫ ହଜାର ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ସମେତ ମୋଟ୍ ୨୫ କୋଟି ୧୪ ଲକ୍ଷ ୯୮ ହଜାର ଟଙ୍କା ମିଳିଛି । ଏହି ସମୟ ମଧ୍ୟରେ ରାଜ୍ୟ ସରକାର ମଧ୍ୟ ୮ କୋଟି ୭ ଲକ୍ଷ ୭୧ ହଜାର ଟଙ୍କା ଯୋଗାଇ ଦେଇଛନ୍ତି । ଉପକୃତ ହୋଇଥିବା ବ୍ୟକ୍ତିମାନଙ୍କୁ ସମବାୟ ବ୍ୟାଙ୍କଗୁଡ଼ିକରୁ ୯୨ ଲକ୍ଷ ୫୬ ହଜାର ଟଙ୍କା ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ୩ କୋଟି ୩୨ ଲକ୍ଷ ୪୦ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

## ଶିଳ୍ପାନୁଷ୍ଠାନକୁ ସୁବିଧା

ନୂତନ ଶିଳ୍ପନୀତିରେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଶିଳ୍ପର ଅନଗ୍ରସରତା ଦୃଷ୍ଟିରୁ 'କ', 'ଖ' ଓ 'ଗ' ଅଂଚଳରେ ବିଭକ୍ତ କରାଯାଇଛି । ଶିଳ୍ପ କ୍ଷେତ୍ରରେ ସବୁଠାରୁ ଅନଗ୍ରସର ଫୁଲବାଣୀ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାକୁ 'କ' ଅଂଚଳରେ, କେନ୍ଦୁଝର ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ଗଂଜାମ ଓ ବାଲେଶ୍ୱର ଜିଲ୍ଲାକୁ 'ଖ' ଅଂଚଳରେ ଏବଂ କଟକ, ପୁରୀ, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାକୁ 'ଗ' ଅଂଚଳରେ ରଖାଯାଇଛି । କଳାହାଣ୍ଡି ଜିଲ୍ଲାକୁ ଭାରତ ସରକାର ଶିଳ୍ପବିହୀନ ଜିଲ୍ଲା ହିସାବରେ ଘୋଷଣା କରିନଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଶିଳ୍ପବିହୀନ ଜିଲ୍ଲା ଫୁଲବାଣୀ ଓ ବଲାଙ୍ଗୀର ସହିତ ସମାନ ସ୍ଥାନଦେଇ ସର୍ବାଧିକ ସୁବିଧା ସୁଯୋଗଦେବେ । ବାଲେଶ୍ୱର ଜିଲ୍ଲାକୁ 'ଖ' ଅଂଚଳ, ଅର୍ଥାତ୍ ଭାରତ ସରକାରଙ୍କ ଘୋଷିତ ଶିଳ୍ପକ୍ଷେତ୍ରରେ ଅନଗ୍ରସର ଅଂଚଳ ହିସାବରେ ରଖାଯାଇଥିଲେ ମଧ୍ୟ ଏହା ଶିଳ୍ପବିହୀନ ଜିଲ୍ଲା ହୋଇଥିବାରୁ କେନ୍ଦ୍ରୀୟ ରିହାତି ଓ ଅନ୍ୟାନ୍ୟ ସାହାଯ୍ୟ ପାଇବ । ତେବେ ରାଜ୍ୟ ସରକାରଙ୍କ ରିହାତି ଓ ସୁବିଧା 'ଖ' ଅଂଚଳ ପାଇଁ ଉଦ୍ଦିଷ୍ଟ ହାରରେ ପାଇବ ।

'କ' ଅଂଚଳରେ ଥିବା ଶିଳ୍ପମାନେ ଶତକଡ଼ା ୨୫ ଭାଗ ହାରରେ (ସର୍ବୋଚ୍ଚସୀମା ୨୫ ଲକ୍ଷ) ପୁଂଜି ଲଗାଣ ରିହାତି ପାଇବେ । କଳାହାଣ୍ଡି ଜିଲ୍ଲା ଏହି ରିହାତି କେନ୍ଦ୍ର ସରକାରଙ୍କଠାରୁ ଶତକଡ଼ା ୧୫ ଭାଗ ପାଉଥିଲେ ମଧ୍ୟ ଅଧିକ ଶତକଡ଼ା ୧୦ ଭାଗ ରାଜ୍ୟ ସରକାରଙ୍କଠାରୁ ପାଇବ । 'ଖ' ଅଂଚଳରେ ଥିବା ଶିଳ୍ପମାନେ ଏହି ରିହାତି ଭାରତ ସରକାରଙ୍କଠାରୁ ଶତକଡ଼ା ୧୫ ଭାଗ (ସର୍ବୋଚ୍ଚସୀମା ୧୫ ଲକ୍ଷ) ହାରରେ ପାଇବେ । ଗଂଜାମ ଜିଲ୍ଲାରେ ରାଜ୍ୟ ସରକାର ଶତକଡ଼ା ୧୫ ଭାଗ ରିହାତି ଦେବେ । ବାଲେଶ୍ୱର ଜିଲ୍ଲାକୁ ଏହା ଶତକଡ଼ା ୨୫ ଭାଗ ହାରରେ କେନ୍ଦ୍ର ସରକାରଙ୍କଠାରୁ ମିଳିବ । 'ଗ' ଅଂଚଳରେଥିବା ଶିଳ୍ପମାନେ, ଯେଉଁମାନେ କି, ୧୯୮୦ ଶିଳ୍ପନୀତିରେ ଶତକଡ଼ା ୧୫ ଭାଗ ହାରରେ ପାଉଥିଲେ, ନୂତନ ଶିଳ୍ପନୀତି ଅନୁଯାୟୀ ଶତକଡ଼ା ୧୦ ଭାଗ (ସର୍ବୋଚ୍ଚ ସୀମା ୧୦ ଲକ୍ଷ ହାରରେ ପାଇବେ । ଏହା ଫଳରେ ଶିଳ୍ପକ୍ଷେତ୍ରରେ ଅନଗ୍ରସର ଅଂଚଳକୁ ଅଧିକ ଶିଳ୍ପ ଯିବା ପାଇଁ ଆକୃଷ୍ଟହେବେ ।

ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ଉତ୍ସାହ ଦେବାପାଇଁ ଏହି ରିହାତି ଆହୁରି ଅଧିକ ଶତକଡ଼ା ୫ ଭାଗ ରାଜ୍ୟ ସରକାରଙ୍କ ତରଫରୁ ଦିଆଯିବ ।

'କ' ଅଂଚଳରେ ସ୍ଥାପିତ ଶିଳ୍ପ ଅନ୍ୟାନ୍ୟ ରିହାତି ଓ ସୁଯୋଗ, ଯଥା :—ବିକ୍ରୀକରଛାଡ଼, ଆଦାୟ କରିଥିବା ବିକ୍ରୀକରକୁ କିଛି ବର୍ଷପରେ ପରିଶୋଧ କରିବାର ସୁବିଧା ତଥା ବିଦ୍ୟୁତ୍ ଶୁଳ୍କ ରିହାତି ଇତ୍ୟାଦି ଅଧିକ ହାରରେ ପାଇବେ । ଏହା ଫଳରେ ସେହି ଅଂଚଳରେ ଦ୍ରୁତ ଶିଳ୍ପ ବିକାଶ ସମ୍ଭବ ହୋଇପାରିବ ।

## କଟକଠାରେ ପୂର୍ବାଞ୍ଚଳ ପଶୁ ଓ କୁକୁଡ଼ା ପ୍ରଦର୍ଶନୀ

ଚଳିତବର୍ଷ କଟକ କିଲ୍ଲା ମଇଦାନରେ ପୂର୍ବାଂଚଳ ପଶୁ ଓ କୁକୁଡ଼ା ପ୍ରଦର୍ଶନୀ କରିବାପାଇଁ ଭାରତ ସରକାର ସ୍ଥିର କରିଛନ୍ତି । ଏହି ପ୍ରଦର୍ଶନୀ ଜାନୁଆରୀ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଖୋଲିରହିବ ।

ଏହି ପ୍ରଦର୍ଶନୀରେ ଜର୍ସି, ହଲଷ୍ଟିନ, ଫ୍ରେଜାନ, ବ୍ରାଉନ ସ୍ୱିସ ପ୍ରଭୃତି ବିଦେଶୀ ଓ ସଂକର ଜାତୀୟ ଗୋରୁଙ୍କ ସମେତ ସର୍ବଭାରତୀୟ ସ୍ୱୀକୃତିପ୍ରାପ୍ତ ଲାଲ ସିନ୍ଧି, ହରିଆନା ଗୋରୁ ଏବଂ ସ୍ଥାନୀୟ ବିଂଝାରପୁର, ମୋଟୁ, ଘୁମୁସର ଓ ଖଡ଼ିଆଳ ଜାତୀୟ ଗୋରୁ ପ୍ରଦର୍ଶିତ ହେବେ । ସର୍ବଭାରତୀୟ ସ୍ୱୀକୃତିପ୍ରାପ୍ତ ମରା ଓ ସୁର୍ତ୍ତୀ ପ୍ରଭୃତି ସଂକର ମଇଁଷି ସହ ପାରଳାଖେମୁଣ୍ଡି ସମ୍ବଲପୁରୀ ଓ ବଉଦିଆ ମଇଁଷି ମଧ୍ୟ ପ୍ରଦର୍ଶନୀରେ ଭାଗ ନେଇପାରିବେ । ଗୋମଇଁଷାଦି ପଶୁଙ୍କ ମଧ୍ୟରୁ ଦୁଧିଆଳ ଗାଈ, ପଢ଼ିଆଗାଈ, ଷଣ୍ଢ, ବଳଦ ହଳ ଏବଂ ଛେଳି ଓ ମାଈ ବାଛୁରୀ ପ୍ରଭୃତି ବିଭିନ୍ନ ବିଭାଗ ରହିବ ।

ରାଜ୍ୟରେ ମିଳୁଥିବା ବ୍ଲାକ୍‌ବେଂଗଲ, ବ୍ରାଉନ୍ ବେଂଗଲ, ହ୍ୱାଇଟି ବେଂଗଲ ଓ ଗଂଜାମୀ ଛେଳି ସର୍ବଭାରତୀୟ ସ୍ୱୀକୃତିପ୍ରାପ୍ତ ବିଟାଲ୍ ଜାତୀୟ ଛେଳି ପ୍ରଭୃତି ଏଠାରେ ପ୍ରଦର୍ଶିତ ହୋଇପାରିବ । କୋରିଡ଼ାଲ୍, ସୁଦାନୀ ସଂକର, ମେରିନୋ ଓ ଡାର ସଂକର ଜାତୀୟ ମେଣ୍ଢାସହ କଳିଂଗା (ଗଂଜାମୀ), ନୟାଗଡ଼ି ପ୍ରଭୃତି ସ୍ଥାନୀୟ ମେଣ୍ଢା ଏଠାରେ ପ୍ରଦର୍ଶିତ ହେବ । ଲାର୍ଜ ହ୍ୱାଇଟି ଓ ମିଡ଼ିଲ୍ ହ୍ୱାଇଟି ଓ ସେମାନଂକ ସଂକର ଜାତୀୟ ଘୁଷୁରି ମଧ୍ୟ ପ୍ରଦର୍ଶିତ ହେବାର ପ୍ରସ୍ତାବ ରହିଛି ।

ସେହିପରି ଖାକୀକାମ୍ବେଲ ଓ ଇଣ୍ଡିଆନରାନ୍‌ର ବତକ ସହ କୋରାପୁଟରମୂଳକ ଥିବା ସ୍ଥାନୀୟ ବତକ ମଧ୍ୟ ପ୍ରଦର୍ଶନୀକୁ ଆସିପାରିବେ । ହ୍ୱାଇଟ୍‌ଲେଗ୍ ହର୍ଣ୍ଣର ବିଭିନ୍ନ ଲାଇନ୍‌ର କୁକୁଡ଼ା, ରୋଡ୍ ଆଇଲାଣ୍ଡ, ରେଡ୍ ଆଷ୍ଟ୍ରୋଲର୍ପ୍ ପ୍ରଭୃତି ବିଦେଶୀ କୁକୁଡ଼ାଂକସହ ସ୍ଥାନୀୟ ଆସିଲ ଓ କାଲାମାଂସୀ କୁକୁଡ଼ା ଏଠାରେ ପ୍ରଦର୍ଶିତହେବା ସଂଗେସଂଗେ ଅଣ୍ଡାଦିଆ କୁକୁଡ଼ା ଓ ବିଭିନ୍ନ ଜାତୀୟ ମାଂସଳ କୁକୁଡ଼ା ମଧ୍ୟ ପ୍ରଦର୍ଶିତ ହେବେ ।

ଉପଯୁକ୍ତ ପଶୁପକ୍ଷୀମାନେ କେବଳ ଅଧିକ ଉତ୍ପାଦନକ୍ଷମ ହୋଇଥିଲେ ଓ ଉତ୍ତମ ସ୍ୱାସ୍ଥ୍ୟ ଥିଲେ, ସ୍ଥାନୀୟ ପଶୁ ଚିକିତ୍ସକ, ସବ୍‌ଡିଭିଜିନାଲ ପଶୁ ଚିକିତ୍ସାଧିକାରୀ ଓ ଜିଲ୍ଲା ପଶୁଚିକିତ୍ସାଧିକାରୀ ଦ୍ୱାରା ନିର୍ବାଚିତ ହୋଇ ପ୍ରଦର୍ଶନୀକୁ ଅଣାଯିବ । ଉତ୍କୃଷ୍ଟ ବିବେଚିତ ପଶୁପକ୍ଷୀଂକ ମାଲିକମାନେ ଆକର୍ଷଣୀୟ ପୁରସ୍କାର ଓ ଯୋଗ୍ୟତାର ପ୍ରମାଣପତ୍ର ପାଇବାର ବ୍ୟବସ୍ଥାଅଛି ।

ଉତ୍କୃଷ୍ଟ ପଶୁପକ୍ଷୀ ରଖିଥିବା ଋଷୀ ସ୍ଥାନୀୟ ପଶୁ ଚିକିତ୍ସକ (ଭି. ଏ. ଏସ୍.)ଙ୍କସହ ଯୋଗାଯୋଗ ସ୍ଥାପନକରି ସେମାନଂକର ପଶୁପକ୍ଷୀଂକୁ ପ୍ରଦର୍ଶନୀରେ ଭାଗନେବାପାଇଁ ସେମାନଂକ ଦ୍ୱାରା ପରୀକ୍ଷିତ କରାଇ ନେବାକୁ ରାଜ୍ୟ ପଶୁ ପାଳନ ଓ ପଶୁ ଚିକିତ୍ସା ବିଭାଗ ତରଫରୁ କୁହାଯାଇଛି । ଏହି ଜୀବଜନ୍ତୁମାନେ ମାସକ ପରେ ପୁଣି ପରୀକ୍ଷିତ ହୋଇ ପ୍ରଦର୍ଶନୀକୁ ଆସିବାପାଇଁ ଶେଷଥର ନିର୍ବାଚିତ ହେବେ ।

## କଟକ ସଘନ ଗୋ-ଉନ୍ନୟନ ଯୋଜନା

କଟକ ସଘନ ଗୋ-ଉନ୍ନୟନ ଯୋଜନାଞ୍ଚଳରେ ଗତ ଅଗଷ୍ଟ ମାସରେ ୧୭,୬୯୬ଟି ଗୋରୁଂକୁ ବିଭିନ୍ନ ରୋଗ ପ୍ରତିଷେଧକ ଟିକା ଦିଆଯିବା ସଂଗେସଂଗେ ୨୪,୮୪୪ଟି ସାଧାରଣ ଗୋରୁ ଚିକିତ୍ସିତ ହୋଇଛନ୍ତି । ଏହି ମାସରେ ୧୪୭୦ଟି ଗାଈକୁ କୃତ୍ରିମ ପ୍ରଜନନ ଉପାୟରେ ପ୍ରଜନନ କରାଯାଇଥିଲା ଏବଂ ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରୁ ୩୩୨ଟି ମାଈ ଓ ୩୫୭ଟି ଅଣ୍ଡିରା, ଏପରି ମୋଟ୍ ୬୮୯ଟି ଉନ୍ନତ ସଂକର ବାଛୁରୀ ଜନ୍ମିଥିଲେ । ଏହିମାସ ମଧ୍ୟରେ ୧୬୯୬ଟି ଅଣ୍ଡିରା ବାଛୁରୀଂକର ଧରାଣ କରାଯାଇଥିଲା ।

ଉକ୍ତ ସମୟରେ ମଧ୍ୟ ୬୮୯ଟି ଘାସମୂଳ ଓ ୨୧୦କେ.ଜି. ଘାସମଂଜି ଯୋଗାଯାଇ ୨୩ ଏକର ୭୭ ଡେସିମିଲ ପରିମିତ ଜମିର ୧୫୩ଟି ପ୍ଲଟରେ ଘାସଋଷ କରାଯାଇଥିଲା ।

## ରାଉରକେଲା ଉନ୍ନୟନ ଟ୍ରଷ୍ଟର ଜନହିତକର କାର୍ଯ୍ୟ

ରାଉରକେଲାରେ ଥିବା ଉନ୍ନୟନ ଟ୍ରଷ୍ଟର ଉଦ୍ୟମରେ ଇତିମଧ୍ୟରେ ବିଭିନ୍ନ ଆୟକାରୀଙ୍କପାଇଁ ୧୩୦୩ଟି ବାସଗୃହ ନିର୍ମାଣ କରାଯାଇ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଇଛି । ସମୁଦାୟ ୨ କୋଟି ୪୩ଲକ୍ଷ ଟଙ୍କା ବ୍ୟୟରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କପାଇଁ ୪୩୧ଟି ନିମ୍ନ ଆୟକାରୀଙ୍କ ପାଇଁ ୬୫୬ଟି ମଧ୍ୟମ, ଆୟକାରୀଙ୍କ ପାଇଁ ୧୯୪ଟି ଏବଂ ଉଚ୍ଚ ଆୟକାରୀଙ୍କ ପାଇଁ ୨୨ଟି—ଏପରି ସମୁଦାୟ ୧୩୦୩ଟି ଗୃହ ନିର୍ମିତ ହୋଇଛି । ଏହିସବୁ ଗୃହ ଦୁର୍ଗାପୁର ପାହାଡର ପାଦଦେଶରେ । ୧ମ ଓ ୨ୟ ପର୍ଯ୍ୟାୟ ଗୃହ ନିର୍ମାଣ ପ୍ରକଳ୍ପ ଏବଂ ଛେଂଦଠାରେ ୧ମ ପର୍ଯ୍ୟାୟ ଗୃହ ନିର୍ମାଣ ପ୍ରକଳ୍ପ ଅନୁଯାୟୀ ନିର୍ମିତ ହୋଇଛି । ସେହିପରି ପାନପୋଷ—ବିଶ୍ରା ପ୍ରଧାନ ରାସ୍ତାର ଛକ, ଉଦିତନଗର ସୁପରମାର୍କେଟ, ଦୁର୍ଗାପୁର ପାହାଡ ପାଦଦେଶ ଓ ଛେଂଦଠାରେ ନିର୍ମିତ ଗୃହ ନିର୍ମାଣ ପ୍ରକଳ୍ପ ସମେତ କେତେକ ସ୍ଥାନରେ ସର୍ବମୋଟ ୩୧୩ଟି ବିଭିନ୍ନ ଧରଣର ଦୋକାନ ଘର ନିର୍ମିତ ହୋଇଛି । ଏ ବାବଦରେ ପ୍ରାୟ ୩୪ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏହା ବ୍ୟତୀତ ଉଦିତନଗର ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବା, ଡି, ଏ. ଭି. ପଲିଟେକ୍‌ନିକ୍ ପ୍ରାଙ୍ଗଣ ଓ ୭ ନମ୍ବର ଓ ୮ ନମ୍ବର ଅଞ୍ଚଳରେ ଭିତ୍ତିଭୂମିକ ବିକାଶ କରିବା, ହୀରାକୁଦ ଓ ବାସନ୍ତୀ କଲୋନୀରେ ରାସ୍ତା ଉନ୍ନୟନ କରିବା ଏବଂ କେତେକ ନାଳ ନର୍ଦ୍ଦମା ଓ କଲ୍‌ଭର୍ଟ ନିର୍ମାଣ କରିବା ବାବଦରେ ଏହି ଟ୍ରଷ୍ଟ ତରଫରୁ ପ୍ରାୟ ୬୭ ଲକ୍ଷ ୮୧ ହଜାର ଟଙ୍କା ବ୍ୟୟ କରାଯାଇଛି । ଟ୍ରଷ୍ଟ ଦ୍ୱାରା ସଂପୂର୍ଣ୍ଣ କରାଯାଇଥିବା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟରେ ଟ୍ରଷ୍ଟ କର୍ମଚାରୀଙ୍କ ପାଇଁ ନିର୍ମିତ ୨୧ଟି କ୍ୱାଟର, ସମବାୟ ବଜାର, ଏ. ଡି. ଏମ୍‌ଙ୍କ ବାସଗୃହ ତଥା କାର୍ଯ୍ୟାଳୟ, ବୀରମିତ୍ରପୁର ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମସ୍ଥଳୀ ଏବଂ ସୁନ୍ଦରଗଡରେ ନିର୍ମିତ ଏକ ଗାନ୍ଧୀ—ସ୍ମାରକୀ ପ୍ରେକ୍ଷାଳୟ ଓ ଶିଶୁ ଉଦ୍ୟାନ ଅନ୍ତର୍ଭୁକ୍ତ । ସେହିପରି ସୁନ୍ଦରଗଡରେ ବସ୍‌ଷ୍ଟାଣ୍ଡଠାରେ ୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ୪୦ଟି ଦୋକାନ ଘର ନିର୍ମାଣ କରାଯାଇ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏ ବାବଦରେ ସରକାର ୨ ଲକ୍ଷ ଟଙ୍କା ଋଣ ସୂତ୍ରରେ ସାହାଯ୍ୟ ଦେଇଥିଲେ ।

ଏଠାରେ ସ୍ମରଣ କରି ଦିଆଯାଇପାରେ ଯେ ରାଉରକେଲା ସିଭିଲ୍ ଟାଉନ ଓ ଇସ୍ପାତ ନଗରୀ ପୌରାଞ୍ଚଳ, ରାଜଗାଙ୍ଗପୁର
ସିଭିଲ୍ ଟାଉନ ଓ ଇସ୍ପାତ ନଗରୀ ପୌରାଞ୍ଚଳ, ରାଜଗାଙ୍ଗପୁର, ବୀରମିତ୍ରପୁର ଏବଂ ୮୧ଟି ଗ୍ରାମକୁ ନେଇ ଏହି ଟ୍ରଷ୍ଟ ଗଠନ କରାଯାଇଥିଲା ।

## କେନ୍ଦୁଝର ଜିଲ୍ଲାରେ ବନ୍ଧା ଶ୍ରମିକ ଥଇଥାନ

ଗତ ଅଗଷ୍ଟ ମାସରେ କେନ୍ଦୁଝର ଜିଲ୍ଲାରେ ୫୩ ଜଣ ବନ୍ଧା ଶ୍ରମିକଙ୍କ ଥଇଥାନ କରାଯାଇଛି । ଏମାନଙ୍କ

ମଧ୍ୟରେ ୩୨ ଜଣ ତଫସିଲଭୁକ୍ତ ଜାତି ଓ ୧୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ସେମାନଙ୍କ ଥଇଥାନ କରିବା ବାବଦରେ ଏକଲକ୍ଷ ୫ ହଜାର ଟଙ୍କା ବ୍ୟୟ କରାଯାଇଛି । ଏହି ଯୋଜନା ଆରମ୍ଭରୁ ଗତ ଅଗଷ୍ଟ ଶେଷ ସୁଦ୍ଧା ୫୦ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟରେ ୨୮୩ ଜଣ ତଫସିଲଭୁକ୍ତ ଜାତି ଓ ୮୭୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ଜିଲ୍ଲାର ୧୩୪୮ ଜଣ ଗୋତି ଶ୍ରମିକଙ୍କ ଥଇଥାନ କରାଯାଇଛି ।

## ରାଜ୍ୟର ଖାଦ୍ୟ ସଂଗ୍ରହ ନୀତି

ଚଳିତ ଖରିଫ ବର୍ଷ (୧୯୮୬-୮୭) ନିମନ୍ତେ ଭାରତୀୟ ଖାଦ୍ୟ ନିଗମ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟରୁ ଖାଦ୍ୟ ସଂଗ୍ରହ ଲାଗି ପୂର୍ବପରି ଏଜେଣ୍ଟ ରୂପେ କାର୍ଯ୍ୟ କରିବେ । ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ମିଲର, ସମବାୟ ସଂସ୍ଥା ଏବଂ ପ୍ରତ୍ୟକ୍ଷକ୍ରୟ କେନ୍ଦ୍ର ଜରିଆରେ ଏହି ସଂଗ୍ରହ କାର୍ଯ୍ୟ କରାଯିବ । ଏହାଛଡା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ମଧ୍ୟ ସମଗ୍ର ରାଜ୍ୟରୁ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଜରିଆରେ ସଂଗ୍ରହ କାର୍ଯ୍ୟ କରିବେ । ଏହି ମହାସଂଘ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଜରିଆରେ ଭାରତୀୟ ଖାଦ୍ୟ ନିଗମରେ ଲେଭି ଚାଉଳ ପେଠ କରିବେ । ଚଳିତ ଖରିଫ ବର୍ଷ ମଧ୍ୟରେ ୨ ଲକ୍ଷ ଟନ୍ ଚାଉଳ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୧୯୮୬-୮୭ ଖରିଫ୍ ବର୍ଷ ନିମନ୍ତେ ରାଜ୍ୟ ସରକାର ଧାନର ସଂଗ୍ରହ ମୂଲ୍ୟ ନିମ୍ନ ମତେ ଧାର୍ଯ୍ୟ କରିଛନ୍ତି । ମୋଟା, ସରୁ ଓ ଅତିସରୁ ଧାନର ସଂଗ୍ରହ ଦର କୁଇଣ୍ଟାଲ ପ୍ରତି ଯଥାକ୍ରମେ ୧୪୬ ଟଙ୍କା, ୧୫୦ ଟଙ୍କା ଓ ୧୫୪ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହିସବୁ ଦର ନିମନ୍ତେ ପୂର୍ବରୁ ଘୋଷିତ ଏଫ୍. ଏ. କିଉ. ମାନର ଧାନ ହେବା ଆବଶ୍ୟକ ।

ଆଦିବାସୀ ଉନ୍ନୟନ ସମବାୟ ନିଗମ ଏବଂ ରାଜ୍ୟ ସମବାୟ ବାଣିଜ୍ୟିକ ମହାସଂଘ ପୂର୍ବପରି ବ୍ୟବସାୟ ଉଦ୍ଦେଶ୍ୟରେ ମୋଟାଶସ୍ୟ, ଯଥା—ଜଡାର, ମକା, ମାଣ୍ଡିଆ, ବାଜରା ସଂଗ୍ରହ କରିବେ । ଏହି ସଂଗ୍ରହ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୩୨ ଟଙ୍କା ଧାର୍ଯ୍ୟ କରାଯାଇଛି ।

ଚଳିତ ଖରିଫ ଋତୁରେ ଶତକଡା ୫୦ ଭାଗ ଲେଭି ବ୍ୟବସ୍ଥାରେ ସଂଗ୍ରହ କାର୍ଯ୍ୟ ଅପରିବର୍ତ୍ତିତ ରହିବ । ଏଥି ସଙ୍ଗେ ସଙ୍ଗେ ଓଡ଼ିଶା ଚାଉଳ ଓ ଧାନ ସଂଗ୍ରହ (ଉଦ୍‌ଗ୍ରହଣ) ଏବଂ ବିକ୍ରୟ ଓ ଗ୍ରହଣ ଉପରେ କଟକଣା ଆଦେଶ ୧୯୮୨ ଏବଂ ଉକ୍ତ ଆଦେଶର ସଂଶୋଧନ ନିମ୍ନମତେ କେତେକ ପରିବର୍ତ୍ତନ ସହିତ ବଳବତ୍ତର ରହିବ । (କ) ଉତ୍ପାଦନକାରୀ ସେମାନଙ୍କର ଉତ୍ପାଦିତ ଧାନ ଜିଲ୍ଲା ମଧ୍ୟରେ, ରାଜ୍ୟ ମଧ୍ୟରେ ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଏବଂ ରାଜ୍ୟ ସୀମା ବାହାରକୁ ଧାନ ଚଳାଣ କରିପାରିବେ । ଏଥିପାଇଁ ଉତ୍ପାଦନକାରୀଙ୍କ ନିମନ୍ତେ ପରମିଟ୍‌ର ଆବଶ୍ୟକତା ରହିବ ନାହିଁ । ରାଜ୍ୟ ସୀମା ବାହାରକୁ ଧାନ ଚଳାଣ ନିମନ୍ତେ ସେମାନଙ୍କୁ ଲେଭି ଦେବାକୁ ହେବନାହିଁ । (ଖ) ଜଣେ ଡିଲର ରାଜ୍ୟ ମଧ୍ୟରେ କେବଳ ଚାଉଳ କିଣିପାରିବେ ଓ ବିକ୍ରି କରିପାରିବେ । ସେ ଧାନର କାରବାର କରିପାରିବେ ନାହିଁ । ଜଣେ ଡିଲର ଜିଲ୍ଲା ମଧ୍ୟରେ ରାଜ୍ୟର ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲା ମଧ୍ୟରେ ଅବାଧରେ ଚାଉଳ ବ୍ୟବସାୟ କରିପାରିବେ । ଏଥିନିମନ୍ତେ କୌଣସି କଟକଣା ନାହିଁ କିମ୍ବା ଜିଲ୍ଲାପାଳଙ୍କଠାରୁ ପରମିଟ୍ ନେବାର ଆବଶ୍ୟକତା ନାହିଁ । କିନ୍ତୁ ଜଣେ ଡିଲର ରାଜ୍ୟ ବାହାରକୁ ଚାଉଳ ପଠାଇଲେ, ତାଙ୍କୁ ଶତକଡା ୫୦ ଲେଭି ଦେବାକୁ ପଡ଼ିବ । (ଗ) ପୂର୍ବପରି ସଂଗ୍ରହ ପରିମାଣର ଶତକଡା ୫୦ ଭାଗ ଲେଭି ଦେବାକୁ ହେବ ଏବଂ (ଘ) ଚାଉଳ କଳ ନଥିବା ଏଜେଣ୍ଟମାନେ ଧାନ ସଂଗ୍ରହ କରିପାରିବେ ନାହିଁ ।

ସାଧାରଣ ବଣ୍ଟନ ପ୍ରଣାଳୀ ପାଇଁ ଚାଉଳର ଖାଉଟି ମୂଲ୍ୟ ସାଧାରଣ, ସରୁ ଓ ଅତିସରୁ କିସମ ପାଇଁ କୁଇଣ୍ଟାଲ ପ୍ରତି ଯଥାକ୍ରମେ ୨୮୫ ଟଙ୍କା, ୨୯୫ ଟଙ୍କା ଏବଂ ୩୧୦ ଟଙ୍କା ସ୍ଥିର କରାଯାଇଛି ।

## ମାପ ଓଜନ ଛିଳପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଗତ ଆର୍ଥିକ ବର୍ଷରେ ସୁନ୍ଦରଗଡ ମାପ ଓଜନ ମଣ୍ଡଳ ପକ୍ଷରୁ ମାପ ଓଜନରେ ଠକୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ କରାଯାଇ ୩୨୨ଟି ମକଦ୍ଦମା ରୁଜୁ କରାଯିବା ସଙ୍ଗେ ସଙ୍ଗେ ଭ୍ରାମ୍ୟମାଣ ଅଦାଲତ ସାହାଯ୍ୟରେ ୧୧୩ଟି ଘଟଣା ଧରାଯାଇ ଘଟଣା ସ୍ଥଳରେ ୧୭୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ସେହିପରି ମଣ୍ଡଳର କ୍ଷେତ୍ର କର୍ମଚାରୀମାନେ ୨୦୭୩ଟି ବ୍ୟବସାୟିକ ପ୍ରତିଷ୍ଠାନ ଅଗ୍ରନଙ୍କ ଭାବେ ପରିଦର୍ଶନ କରି ମାପ ଓଜନ ଯାଞ୍ଚ କରିଥିଲେ ଏବଂ ମଣ୍ଡଳ ଅଧୀନସ୍ଥ ମାପ ଓଜନ ବ୍ୟବହାର କରୁଥିବା ୯୦୦୯ଟି ବ୍ୟବସାୟିକ ପ୍ରତିଷ୍ଠାନର ମାପ ଓଜନ ଯାଞ୍ଚ କରିଥିଲେ । ମାପ ଓଜନ ଫିସ୍ ବାବଦରେ ମଧ୍ୟ ମଣ୍ଡଳ ତରଫରୁ ୨ ଲକ୍ଷ ୬୨ ହଜାର ୯୨୫ ଟଙ୍କା ଆଦାୟ କରାଯାଇଥିଲା ।

ସେହିପରି ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ମାସ ଶେଷ ସୁଦ୍ଧା ଏହି ମଣ୍ଡଳ ପକ୍ଷରୁ ମାପ ଓଜନରେ ଠକୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ୮୨ଟି ମକଦ୍ଦମା ରୁଜୁ କରାଯାଇଛି ଏବଂ ଭ୍ରାମ୍ୟମାଣ ଅଦାଲତ ଜରିଆରେ ୧୦ଟି ଘଟଣା ଧରାଯାଇ ଘଟଣା ସ୍ଥଳରେ ୬୪୬ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ମଣ୍ଡଳର କ୍ଷେତ୍ର କର୍ମଚାରୀମାନେ ୫୮୮ଟି ବ୍ୟବସାୟିକ ପ୍ରତିଷ୍ଠାନ ଅଗ୍ରନଙ୍କ ଭାବେ ପରିଦର୍ଶନ କରି ମାପ ଓଜନ ଯାଞ୍ଚ କରିଛନ୍ତି ଏବଂ ମଣ୍ଡଳ ଅଧୀନସ୍ଥ ମାପ ଓଜନ ବ୍ୟବହାର କରୁଥିବା ୩୧୪୪ଟି ପ୍ରତିଷ୍ଠାନର ମାପ ଓଜନ ଯାଞ୍ଚ କରି ଫିସ୍ ବାବଦରେ ୭୯,୫୧୦ ଟଙ୍କା ଆଦାୟ କରିଛନ୍ତି ।

## ମରୁଡି ପ୍ରବଣ ଅଞ୍ଚଳରେ ବୃକ୍ଷରୋପଣ

ମରୁଡି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (ଡି. ପି. ଏ. ପି.) ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ୩ କୋଟି ଟଙ୍କା ରଖାଯାଇଛି । ଏଥିପାଇଁ ମଧ୍ୟ ସମାନ ହାରରେ କେନ୍ଦ୍ରୀୟ ସାହାଯ୍ୟ ମିଳିବ । ଏହି କାର୍ଯ୍ୟକ୍ରମ ଦ୍ୱାରା ୯,୫୦୦ ହେକ୍ଟର ଜମିରୁ ନଷ୍ଟହେଉଥିବା

ସୁବିଧା ଯୋଗାଇବା ସହିତ ପ୍ରାୟ ୬ ହଜାର ହେକ୍ଟର ଜମିରେ ମୃତ୍ତିକା ସଂରକ୍ଷଣ ନିମିତ୍ତ ବୃକ୍ଷ ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ବୌଦ-କନ୍ଧମାଳ, କଳାହାଣ୍ଡି, ସମ୍ବଲପୁର ଓ ବଲାଙ୍ଗୀର ଜିଲାର ୩୯ଟି ମରୁଡି ପ୍ରପୀଡିତ ବ୍ଲକରେ 'ମରୁଡି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ' କାର୍ଯ୍ୟକାରୀ ହେଉଛି । ଏହା ଏକ ଜିଲ୍ଲାସ୍ତରୀୟ ବହୁମୁଖୀ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା । ଏହି ଯୋଜନାର ସମସ୍ତ ଖର୍ଚ୍ଚ ଭାରତ ସରକାର ଓ ରାଜ୍ୟ ସରକାର ସମାନ ହାରରେ ବହନ କରନ୍ତି । ଏହାର କାର୍ଯ୍ୟ ପରିସର ମଧ୍ୟରେ ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କର ଅର୍ଥ ନୈତିକ ଅବସ୍ଥାର ଉନ୍ନତି କଳ୍ପେ ବିଭିନ୍ନ କାର୍ଯ୍ୟକ୍ରମ, ଯଥା :—କ୍ଷୁଦ୍ର ଜଳସେଚନ ଯୋଜନା, ଫଳବୃକ୍ଷ ରୋପଣ ଓ ଜଙ୍ଗଲ ସୃଷ୍ଟି ଇତ୍ୟାଦି ଅନ୍ତର୍ଭୁକ୍ତ ।

ଗତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ପାଇଁ ୪ କୋଟି ୬୮ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇ ଏହାର ବିନିଯୋଗରେ ୧୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯିବା ସଙ୍ଗେ ସଙ୍ଗେ ୨ ହଜାର ହେକ୍ଟର ଜମିରେ ଜଙ୍ଗଲ ସୃଷ୍ଟି କରାଯାଇଛି ।

## ପାଟ-ମଠା-ଏଣ୍ଡି ମାଧ୍ୟମରେ କର୍ମନିଯୁକ୍ତି

ସାଧାରଣତଃ ଆମେ ସମସ୍ତେ ପାଟ, ମଠା ଓ ଏଣ୍ଡି ସୂତାରେ ବିଭିନ୍ନ ପ୍ରକାର ଲୁଗା, ପୋଷାକ ଓ ଚଦର ଇତ୍ୟାଦି ବ୍ୟବହାର କରିବାକୁ ଆଗ୍ରହୀ । କିନ୍ତୁ ଏସବୁ ଆଗ୍ରହ ମୂଳରେ ମୂଲ୍ୟ ତଥା ଗୁଣାତ୍ମକ ବୋଧ ବିଶେଷ ଭାବରେ ପ୍ରତିବନ୍ଧକ ହୋଇଥାଏ । ଏହି ପ୍ରକାର ମନୋଭାବ ସ୍ୱାଭାବିକ । କାରଣ କପା ସୂତାରୁ ତିଆରି ହୋଇଥିବା ସମସ୍ତ ଲୁଗା ସାଧାରଣତଃ ଅଳ୍ପଦିନ ବ୍ୟବହାର ଯୋଗ୍ୟ । ସେଥିପାଇଁ କଥାରେ ଅଛି, କପାସିଆ—ଛ'ମାସିଆ । ତେଣୁ, କପାସୂତା ଲୁଗା ଦାମ୍ ପାଟ—ମଠା ତୁଳନାରେ ଯଥେଷ୍ଟ କମ୍ । ଏପରିକି ସମ୍ବଲପୁରୀ ଟସର ଓ ଶିଳ୍ପକବାନ୍ଧ ଲୁଗାର ସୂକ୍ଷ୍ମ କାରୁକାର୍ଯ୍ୟକୁ ମିଲ୍ ସୂତା ଲୁଗାରେ ନକଲ ଛପା କରି ତାହାର ମାନ କମାଇ ଦେଉଛନ୍ତି । ଏତଦ୍‌ବ୍ୟତୀତ ଆଜିକାଲିର 'ପଲିଷ୍ଟର' ଟେରିଲିନ୍' ଓ ଭିସ୍କୋସ'ଇତ୍ୟାଦି ରାସାୟନିକ ସୂତାରୁ ତିଆରି ଲୁଗା ପାଟ—ମଠା ଦର ଓ ଗୁଣ ତୁଳନାରେ ଆଦରଣୀୟ ନହେଲେ ମଧ୍ୟ ସହଜରେ ଧୋଇବା ଓ ଅଳ୍ପ ସମୟରେ ଶୁଖାଇ ପିନ୍ଧିବା ସୁବିଧା ଯୋଗୁଁ ପାଟ—ମଠା ଲୁଗାର ସାଧାରଣ ବ୍ୟବହାରରେ ଅନ୍ୟଏକ ପ୍ରତିବନ୍ଧକ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଆମେ କ'ଣ ତା' ହେଲେ ପାଟ—ମଠା ଲୁଗା ପିନ୍ଧିବା ଆଗ୍ରହକୁ ବର୍ଜି ଦେବା, ନା ବହୁଳ ବ୍ୟବହାର ଦ୍ୱାରା ଏହାକୁ ଆଦୃତ କରାଇବା ? ସୂକ୍ଷ୍ମ ଚିନ୍ତାରେ ବିଚାର କଲେ ଦେଖାଯିବ ଯେ ପାଟ—ମଠା ଲୁଗା ଇତ୍ୟାଦି କେବଳ ଯେ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଗୁଣାତ୍ମକ ତାହା ନୁହେଁ, ଏହାର ଦ୍ରବ୍ୟଗୁଣ ମଧ୍ୟ ଅନ୍ୟାନ୍ୟ ବସ୍ତ୍ର ତୁଳନାରେ ଉତ୍କୃଷ୍ଟ । କେବଳ ଆମ ଦେଶରେ ନୁହେଁ, ବିଭିନ୍ନ ପାଶ୍ଚାତ୍ୟ ଦେଶରେ ମଧ୍ୟ ଏହା ପ୍ରମାଣିତ । ଦିନ ଥିଲା ଯେତେବେଳେ କି ସୂକ୍ଷ୍ମ ପାଟ ଲୁଗା ଇଂଲଣ୍ଡର ରାଣୀଙ୍କ ପାଇଁ ରପ୍ତାନୀ କରାଯାଉଥିଲା । ପୁନଶ୍ଚ ବିଶେଷ ଆଦୃତ । ଏପରିକି ପର୍ବପର୍ବାଣୀ ଓ ଯାତ୍ରାତୀର୍ଥ ଇତ୍ୟାଦିରେ ଲୋକେ ସାଧାରଣତଃ ଏହା ବ୍ୟବହାର କରନ୍ତି । ଗତ ୪୦ ବର୍ଷ ହିସାବରୁ ଜଣାପଡେ, ଆମ ଦେଶରେ ପାଟ—ମଠା ଲୁଗାର ବ୍ୟବହାର କ୍ରମଶଃ ବୃଦ୍ଧି ପାଇଅଛି । ଏତଦ୍‌ବ୍ୟତୀତ ଭାରତରେ ତଥା ଓଡ଼ିଶାରେ ଉତ୍ପାଦିତ ହସ୍ତତନ୍ତ ବଣା ପାଟ—ମଠା ଲୁଗାର ଚାହିଦା ବିଦେଶରେ ମଧ୍ୟ ବହୁଳ ପରିମାଣରେ ଆଦୃତ ହେଉଅଛି । ଏପରି ସ୍ଥଳେ ଆମ ଓଡ଼ିଶା ରାଜ୍ୟରେ, ଯେଉଁଠାରେ କି ପାଟ—ମଠା ଓ ଏଣ୍ଡି ଲୁଗା ପାଇଁ କଞ୍ଚାମାଲ (କୋଷା, ସୂତା) ଉତ୍ପାଦନ ତଥା ବୟନର ସୁବିଧା ରହିଛି, ଉପଯୁକ୍ତ ସମନ୍ୱୟ ଦ୍ୱାରା ଏହାର ବହୁଳ ଉତ୍ପାଦନ ତଥା ସୁଲଭ ମୂଲ୍ୟରେ ବିକ୍ରୟ ସମ୍ଭାବନା ଯେ ଉଜ୍ଜ୍ୱଳ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଓଡ଼ିଶା ସରକାର ଏହି ପ୍ରକାର କୃଷିଭିତ୍ତିକ କୁଟୀର ଶିଳ୍ପର ଉନ୍ନତି ପାଇଁ ସଙ୍କଳ୍ପବଦ୍ଧ । ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷ ହୁଏ ମାତ୍ର ୧୮୦୦୦ ଚାଷୀ ପରିବାର ଓ ୧୧୨୦ ବୁଣାକାର ପରିବାର ପାଟ, ମଠା ଓ ଏଣ୍ଡି କୋଷା ଉତ୍ପାଦନ ଓ କୋଷାରୁ ସୂତା ତଥା ଲୁଗା ଉତ୍ପାଦନରେ ନିଯୁକ୍ତି ପାଉଥିବା ସ୍ଥଳେ, ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷକୁ ସୁଚିନ୍ତିତ ନୂତନ ଯୋଜନା ତଥା ତାଲିମ ଦେବା ଫଳରେ ଏହି ନିଯୁକ୍ତି ଯଥାକ୍ରମେ ୨୫୦୦୦ ଓ ୫୦୦୦ କୁ ବୃଦ୍ଧି ପାଇଅଛି ପୁନଶ୍ଚ ଉକ୍ତ ସମୟ ମଧ୍ୟରେ ପାଟ ଓ ମଠା ସୂତା ଉତ୍ପାଦନ ବାର୍ଷିକ ୨୬,୫୦୦ କି. ଗ୍ରା. ବୃଦ୍ଧି ପାଇ ୬୮,୫୦୦ କି. ଗ୍ରା. ରେ ପହଞ୍ଚି ପାରିଛି । ରାଜ୍ୟ ସରକାରଙ୍କ ଉଦ୍ୟୋଗ ତଥା ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରି କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ରେଶମ ବୋର୍ଡ ମଧ୍ୟ ଏହି ଶିଳ୍ପର ଅଭିବୃଦ୍ଧି ପାଇଁ ଆର୍ଥିକ ତଥା ବୈଷୟିକ ସାହାଯ୍ୟ କ୍ରମାନ୍ୱୟେ ବୃଦ୍ଧି କରିଅଛନ୍ତି । ଗତ ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟ ସରକାର ଟସର ଓ ରେଶମ ଶିଳ୍ପର ଅଭିବୃଦ୍ଧି ପାଇଁ ୭୫ ଲକ୍ଷ ଟଙ୍କା ଅଣ-ଯୋଜନା ତଥା ୪୪.୮୧ ଲକ୍ଷ ଟଙ୍କା ଯୋଜନା ଖର୍ଚ୍ଚ କରିଥିବା ସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟ ମଧ୍ୟରେ ରାଜ୍ୟ ସରକାର ୧୦୦ ଲକ୍ଷଟଙ୍କା ଅଣ—ଯୋଜନା ଓ ୧୭୬.୮ ଲକ୍ଷ ଟଙ୍କା ଯୋଜନା ବ୍ୟୟ କରିଛନ୍ତି । ଏହାଛଡା ୨୨୭.୯୫ ଲକ୍ଷ ଟଙ୍କା କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ ହୋଇପାରିଛି । ସପ୍ତମ ଯୋଜନାରେ ଏହି ଶିଳ୍ପର ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାର ସୁଇଜରଲାଣ୍ଡ ସରକାରଙ୍କ ସହାୟତାରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ କାର୍ଯ୍ୟକାରୀ ହୋଇଥିବା ଆନ୍ତଃରାଜ୍ୟ ଟସର ପ୍ରକଳ୍ପକୁ ୧୯୮୬ ରୁ ୧୯୯୦ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସ୍ଥିର କରିଅଛନ୍ତି । ଏହି ପ୍ରକଳ୍ପରେ ଉକ୍ତ ସମୟ ମଧ୍ୟରେ ଅନ୍ୟୁନ ୪୫୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଅଛି । ଫଳରେ ଟସର ସୂତା ଉତ୍ପାଦନ ସପ୍ତମ ଯୋଜନା ଶେଷକୁ ୨୫୦୦୦ କି. ଗ୍ରା. ବୃଦ୍ଧି ପାଇବ । ସେହିପରି ରେଶମ ଶିଳ୍ପର ଅଭିବୃଦ୍ଧି ପାଇଁ ସରକାର ୪୨୭ ଲକ୍ଷ ଟଙ୍କାର ଏକ ଯୋଜନା ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିଛନ୍ତି । ଏହି ଯୋଜନା ଫଳରେ ୫୦୦୦ ପରିବାର ଉପକୃତ ହେବା ସଙ୍ଗେ ସଙ୍ଗେ ୧୭୦୦୦ କି.ଗ୍ରା. ରେଶମ ସୂତା ଉତ୍ପାଦନ ହୋଇପାରିବ । ଏହିପରି ଯୋଜନା ଅନ୍ୟାନ୍ୟ ଆଦିବାସୀ ବହୁଳ ଜିଲ୍ଲା, ମୟୂରଭଞ୍ଜ—କେନ୍ଦୁଝର, କୋରାପୁଟ, ଫୁଲବାଣୀ ଓ [illegible]

ଅଟକଳ ୧୫୦ ଲକ୍ଷ ଟଙ୍କା, ୨୦୦ ଲକ୍ଷ ଟଙ୍କା ଓ ୨୨୭୮ ଲକ୍ଷ ଟଙ୍କା ଯଥାକ୍ରମେ ଅଣ–ଯୋଜନା, ରାଜ୍ୟ ଯୋଜନା ଓ କେନ୍ଦ୍ର ଯୋଜନା ବାବଦରେ ଲକ୍ଷ୍ୟ ରଖାଯାଇଅଛି । ଏହା ଫଳରେ ସପ୍ତମ ଯୋଜନା ଶେଷ ସୁଦ୍ଧା ଅନ୍ତତଃ ପକ୍ଷେ ଏକଲକ୍ଷ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ଦରିଦ୍ର ଚାଷୀ ତଥା ୧୫୦୦୦ ବୁଣାକାର ନିଶ୍ଚିତ ଭାବରେ ସ୍ୱଉପାର୍ଜନକ୍ଷମ ହୋଇପାରିବେ ଏବଂ ଟସର, ରେଶମ ଓ ଏଣ୍ଡି ସୂତା ଉତ୍ପାଦନ ୧୩୫୦୦୦ କି. ଗ୍ରା. କୁ ବୃଦ୍ଧି ପାଇବ ।

କଞ୍ଚାମାଲ ଉତ୍ପାଦନ ଓ ବିଭିନ୍ନ କିସମର ଗୁଣାତ୍ମକ ଟସର, ପାଟ ଓ ଏଣ୍ଡି ଲୁଗା ବୁଣା ସଙ୍ଗେ ସଙ୍ଗେ ଏହାର ଉପଯୁକ୍ତ ବିକ୍ରୟ ଏକାନ୍ତ ଆବଶ୍ୟକ । ବର୍ତ୍ତମାନର ସରକାର ଏ ବିଷୟରେ ସଚେତନ ଥାଇ ବିଭିନ୍ନ କର୍ମପନ୍ଥା ଗ୍ରହଣ କରିଛନ୍ତି । ତେଣୁ, ସାଧାରଣ ହସ୍ତତନ୍ତ ସୂତା ଲୁଗା ବିକ୍ରୟ ସଂସ୍ଥାଗୁଡ଼ିକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଅନ୍ୟ ରାଜ୍ୟମାନଙ୍କ ପରି ପାଟ, ମଠା ଓ ଏଣ୍ଡି ଲୁଗା ବିକ୍ରୟ ପାଇଁ ସ୍ୱତନ୍ତ୍ର ସଂସ୍ଥା ରାଜ୍ୟ ଟସର ଓ ରେଶମ ସମବାୟ ସମିତି ଦ୍ୱାରା ଖୋଲି ତାହାକୁ ଉତ୍ସାହିତ କରିବା ପାଇଁ ଆର୍ଥିକ ତଥା ବୈଷୟିକ ସାହାଯ୍ୟର ବନ୍ଦୋବସ୍ତ କରାଯାଇଅଛି । ଏହା ସଙ୍ଗେ ସଙ୍ଗେ ଏହି ବସ୍ତ୍ରର ରପ୍ତାନୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଅଛି ।

## ସଂଯୋଗକାରୀ ରାସ୍ତା ଉଦ୍‌ଘାଟନ

ନିର୍ଗୁଣ୍ଡି ଷ୍ଟେସନ୍‌ଠାରେ ୫ ନମ୍ବର ଜାତୀୟ ରାଜପଥକୁ ଚୌଦ୍ୱାର ପାର୍ଶ୍ୱବର୍ତ୍ତୀ ୪୨ ନମ୍ବର ରାଜପଥ ସହିତ ରେଳପଥ ତଳଦେଇ ସଂଯୋଗ କରିବା ଲାଗି ଯେଉଁ ରାସ୍ତା ନିର୍ମିତ ହେଉଥିଲା, ତାହା ସଂପୂର୍ଣ୍ଣ ହୋଇଯାଇଛି । କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ଓ ଓଡ଼ିଶା ଜାତୀୟ ରାଜପଥ ସଂସ୍ଥାର ମିଳିତ ଉଦ୍ୟମରେ ନିର୍ମିତ ଏହି ରାସ୍ତାକୁ 'ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଅକ୍ଟୋବର ୧୨ ତାରିଖ ସଂଧ୍ୟାରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଘାଟନ କରିଛନ୍ତି । ଏହି ସଂଯୋଗକାରୀ ରାସ୍ତାରେ ଥିବା ଦୁଇଟି କେନାଲ ଉପରେ ପ୍ରାୟ ୬୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ଉଚ୍ଚସେତୁ ମଧ୍ୟ ନିର୍ମିତ ହୋଇଛି ।

ଏ ଉପଲକ୍ଷେ ସେଠାରେ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ଏହା ଏକ ଅଭିନନ୍ଦନୀୟ ପଦକ୍ଷେପବୋଲି ମତବ୍ୟକ୍ତ କରି କହିଲେ ଯେ ଏତଦ୍ୱାରା ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଅଧିବାସୀମାନେ ବିଶେଷ ଉପକୃତ ହେବେ । ଏହି ରାସ୍ତାଦେଇ ଚୌଦ୍ୱାର ଅନୁଗୁଳ ଓ ତାଳଚେର ପ୍ରଭୃତି ଶିଳ୍ପାଞ୍ଚଳଗୁଡ଼ିକୁ ବହୁ ସଂଖ୍ୟକ ଓଜନଦାର ଯାନବାହନ ଅଳ୍ପ ସମୟରେ ଓ ସୁବିଧାରେ ଯାତାୟତ କରିପାରିବ । ଶ୍ରୀ ପଟ୍ଟନାୟକ କହିଲେ ଯେ ଏହି ରାସ୍ତାରେ ହାଇଲେଭଲ୍ କେନାଲ ଓ ଗଣ୍ଡାନାଳ ଉପରେ ଦୁଇଟି ସେତୁ ମଧ୍ୟ ନିର୍ମିତ ହୋଇଛି । ହାଇ ଲେଭଲ୍ କେନାଲ୍ ଉପରେ ପୂର୍ବରୁ ଥିବା ସଂକୀର୍ଣ୍ଣ କାଠସେତୁଟିକୁ ନଭାଙ୍ଗି ଜନସାଧାରଣଙ୍କ ଗମନା ଗମନ ପାଇଁ ରଖାଯିବ ଏବଂ କେନାଲ କୂଳ ରାସ୍ତାର ଉନ୍ନତି କରାଯିବ ବୋଲି ସେ സୂଚନା ଦେଇଥିଲେ । ଏହା ବ୍ୟତୀତ ଏହି ରାସ୍ତା ନିକଟସ୍ଥ ମଂଗୁଳି ଗ୍ରାମ ବର୍ଷାଦିନେ ପାଣିଘେରରେ ରହୁଥିବାରୁ ସେ ଗ୍ରାମକୁ ଏକ ରାସ୍ତା ନିର୍ମାଣ କରିବା ଲାଗି ଶ୍ରୀ ପଟ୍ଟନାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚୌଦ୍ୱାର ଲୁଗାକଳରେ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ଅଧିକ ସୁଯୋଗ ଦେବା ଏବଂ କାରଖାନାର ପରିଚାଳନା ଦିଗରେ ଥିବା କେତକ ସମସ୍ୟାର ସମାଧାନ କରିବାକୁ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ

ଏହି ଉତ୍ସବରେ ବିଧାୟକ ଶ୍ରୀ ରସାନନ୍ଦ ସାହୁ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଅଭାବ ଅସୁବିଧା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପ୍ରାରମ୍ଭରେ ପୂର୍ତ୍ତ ଶାସନ ସଚିବ ତଥା ଯନ୍ତ୍ରୀମୁଖ୍ୟ ଶ୍ରୀ ଦିଲିପ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଲେ ଯେ ଏହି ସଂଯୋଗକାରୀ ରାସ୍ତା ହେବା ଫଳରେ ଢେଙ୍କାନାଳ ଓ ଅନୁଗୁଳ ପ୍ରଭୃତି ଶିଳ୍ପାଞ୍ଚଳକୁ ୬ କି. ମି. ଦୂରତ୍ୱ କମିଗଲା । ଏହି ରାସ୍ତାରେ ଦୈନିକ ପ୍ରାୟ ୧୮୦୦ଟି ଛୋଟ-ବଡ଼ ଗାଡ଼ି ଯାତାୟତ କରିବ ଏବଂ ପେଟ୍ରୋଲ ଇତ୍ୟାଦି ଇନ୍ଧନ ବାବଦରେ ମାସକୁ ୫ ଲକ୍ଷ ଟଙ୍କା ହିସାବରେ ବର୍ଷକୁ ୬୦ ଲକ୍ଷ ଟଙ୍କା ସଂଚିତ ହୋଇପାରିବ ।

ଶେଷରେ ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାର ମୁଖ୍ୟଯନ୍ତ୍ରୀ ଶ୍ରୀ ବି. କେ. ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସ୍ଥାନୀୟ ପୌରାଞ୍ଚଳର କର୍ମକର୍ତ୍ତା, ଶିଳ୍ପ ଶ୍ରମିକ ଓ ପଦସ୍ଥ ଅଫିସର-ମାନଙ୍କ ସମେତ ସହସ୍ରାଧିକ ନରନାରୀ ଯୋଗ ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସଂବର୍ଦ୍ଧନା ଦେଇଥିଲେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ରାସ୍ତାରେ ନିର୍ଦ୍ଧାରିତ ହାରରେ ବିଭିନ୍ନ ଯାନବାହନ ଚଳାଚଳ ଉପରେ ଟୋଲ୍ ଆଦାୟ କରାଯିବାର ବ୍ୟବସ୍ଥା ହୋଇଛି । କିନ୍ତୁ ମଟର ସାଇକେଲ୍, ଲୁନା, ସ୍କୁଟର, ଶଗଡ଼ ଓ ସାଇକେଲ୍ ରିକ୍‌ସାଠାରୁ ଟୋଲ୍ ଆଦାୟ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଯୋଜନା

ମୟୂରଭଞ୍ଜ ଜିଲ୍ଲାର ୨୨୦୦ ବର୍ଗ କିଲୋମିଟର ବିଶିଷ୍ଟ ଶିମିଳିପାଳ ଜଙ୍ଗଲ ମଧ୍ୟସ୍ଥ ବଣ୍ୟ ଜୀବନ ଓ ପରିବେଶ ସଂରକ୍ଷଣ, ସମ୍ବର୍ଦ୍ଧନ ଓ କ୍ରମ ବିକାଶ ନିମନ୍ତେ ୧୯୭୯ ମସିହାରେ ଏକ ଅଭୟାରଣ୍ୟ ଘୋଷଣା କରାଯାଇଛି । ଏହାର ପାରିପାର୍ଶ୍ୱିକ, ଜୈବିକ, ବନସ୍ପତିକ, ଉଦ୍‌ଭିଦ୍ୟିକ ଏବଂ ପ୍ରାଣୀ ବିଷୟକ ମିଳନ ଓ ବୈଶିଷ୍ଟ୍ୟ ଦୃଷ୍ଟିରୁ ଏହା ଓଡ଼ିଶାର ଏକ ଦର୍ଶନୀୟ ସ୍ଥାନ ଅଟେ ।

କେନ୍ଦ୍ରୀୟ ସହାୟତାରେ ୧୯୭୩ ମସିହାଠାରୁ ବ୍ୟାଘ୍ର ସଂରକ୍ଷଣ ଯୋଜନା ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣ ଓ ୧୯୭୯ ମସିହାଠାରୁ ଶିମିଳିପାଳ ଜଙ୍ଗଲ ଉନ୍ନୟନ ନିଗମ [illegible]

ଯାଇଛି । ବ୍ୟାଘ୍ର ଯୋଜନା ପାଇଁ ଉଦ୍ଦିଷ୍ଟ ନୀତି ଅନୁଯାୟୀ ମିଳିପାଳ ଜଙ୍ଗଲମଧ୍ୟସ୍ଥ ୮୪୫.୦୭ ବର୍ଗ କି.ମି. ଅଞ୍ଚଳକୁ ଳସ୍ଥଳ ରୂପେ ଘୋଷଣା କରାଯାଇଛି । ଏହାକୁ ଜାତୀୟ ଦ୍ୟାନ ରୂପେ ଗଠନ କରିବା ପାଇଁ ସରକାରଙ୍କର ପ୍ରସ୍ତାବ ର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହୋଇଅଛି । ନ୍ୟପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଜଣେ ନ ସଂରକ୍ଷକଙ୍କୁ ବ୍ୟାଘ୍ର ସଂରକ୍ଷଣ ଯୋଜନାର କ୍ଷେତ୍ର ର୍ଦ୍ଦେଶକ ରୂପେ ନିୟୋଜିତ କରାଯାଇ ତାଙ୍କ ଅଧୀନରେ ବଶ୍ୟକୀୟ କ୍ଷେତ୍ର କର୍ମଚାରୀ ନିଯୁକ୍ତ କରାଯାଇଛି । ଏହା ଯୋଗୁଁ ଜଙ୍ଗଲ ମଧ୍ୟରେ ବେଆଇନ, ସମୂହ ଶିକାର, ପଶୁ ଓ ଚୋର ଶିକାରୀ, ଜଙ୍ଗଲ ମଧ୍ୟରେ ନିଆଁ ଲାଗିବା ଇତ୍ୟାଦିକୁ ହୁକ ପରିମାଣରେ ରୋକାଯାଇ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ କରାଯାଇ ପାରିଛି । ଫଳତଃ ଶିମିଳିପାଳ ଜଙ୍ଗଲରେ ପଶୁପକ୍ଷୀମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ୧୯୭୨ ମସିହାରେ ଏଠାରେ ମାତ୍ର ୧୭ ଗୋଟି ବାଘ ଥିଲେ । ବର୍ତ୍ତମାନ ଏହାର ସଂଖ୍ୟା ବୃଦ୍ଧି ପାଇ ୮୯ଟି ବାଘ, ୮୫ଟି କଲରା ପତ୍ରିଆ ବାଘ ହୋଇଛି । ହାତୀମାନଙ୍କ ସଂଖ୍ୟା କ୍ରମାଗତ-ଭାବରେ ବୃଦ୍ଧି ପାଇ ବର୍ତ୍ତମାନ ସେଠାରେ ଆନୁମାନିକ ୪୫୦ଟି ହାତୀ ଅଛନ୍ତି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଯୋଜନାରେ ଗବେଷଣା କାର୍ଯ୍ୟ ସ୍ୱଳ୍ପ ରହିଅଛି । ପ୍ରାଣୀ ସଂଖ୍ୟା, ସେମାନଙ୍କର ଗତିବିଧି ଓ ପ୍ରାଣୀ ଏବଂ ପ୍ରକୃତି ମଧ୍ୟରେ ରହିଥିବା ସଂବନ୍ଧ ବିଷୟରେ ପର୍ଯ୍ୟାଲୋଚନା ଏବଂ ପ୍ରାଣୀ ବିଶେଷକରି ବ୍ୟାଘ୍ରମାନଙ୍କର ସଠିକ୍ ନିର୍ଣ୍ଣୟ କ୍ଷେତ୍ର କର୍ମଚାରୀ-ମାନଙ୍କ ଦ୍ୱାରା ପୂର୍ବପରି କରାଯାଉଛି ।

ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରଚୁର ବନ୍ୟପ୍ରାଣୀ ଓ ବନ୍ୟ ସଂପଦ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ଉକ୍ତ ପର୍ଯ୍ୟଟକମାନଙ୍କର ବିଶ୍ରାମସ୍ଥଳୀ ସୁବିଧା ଶିମିଳିପାଳ ଜଙ୍ଗଲ ମଧ୍ୟରେ ଥିବା ବିଭାଗୀୟ ବିଶ୍ରାମ ଗୃହରେ ମିଳିପାରୁଛି । କେନ୍ଦ୍ର ପର୍ଯ୍ୟଟକ ବିଭାଗ ଶିମିଳିପାଳ ଜଙ୍ଗଲର ଲୁଲୁଙ୍ଗଠାରେ ବିଶ୍ରାମସ୍ଥଳୀ ନିର୍ମାଣ ଓ ପର୍ଯ୍ୟଟକ ମାନଙ୍କ ଗମନାଗମନ ପାଇଁ ଦୁଇଟି ହାତୀ କିଣିବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି ।

## ବିଜମରା ଗ୍ରାମ 'ସଂଚୟ ଗ୍ରାମ'

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସବ୍‌ଡିଭିଜନ୍ ଅନ୍ତର୍ଗତ ଜଳମପୁର ବ୍ଲକ୍‌ର ବିଜମରା ଗ୍ରାମକୁ ସଂପ୍ରତି ଧର୍ମଗଡ଼ ସବଡ଼ିଭିଜନାଲ ଅଫିସର 'ସଂଚୟଗ୍ରାମ' ରୂପେ ଘୋଷଣା କରିଛନ୍ତି । ଉକ୍ତ ଗ୍ରାମର ୨୨୮ ପରିବାରଂକ ମଧ୍ୟରୁ ୨୧୫ଟି ପରିବାର ସ୍ଥାନୀୟ ଡାକଘରେ ୨୩୨ଟି ଆକାଉଣ୍ଟ ଖୋଲି ମୋଟ ୩୩,୮୬୮ ଟଙ୍କା ଜମା ଦେଉଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଜୟପାଟଣା ତହସିଲଦାର ସଭାପତିତ୍ୱ କରିଥିଲେ ଏବଂ ଜିଲ୍ଲା ସଂଚୟ ଅଧିକାରୀ ଯୋଗଦେଇ ସ୍ୱଳ୍ପ ସଞ୍ଚୟର ଉପାଦେୟତା ସଂପର୍କରେ ବୁଝାଇଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ମେଜର ପି. କେ. ଦାସଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେବା ସଂକ୍ରାନ୍ତ କୁଳପତିଙ୍କ ବିଜ୍ଞପ୍ତି ସେପ୍ଟେମ୍ବର ୨୨ ତାରିଖରେ ପ୍ରକାଶିତ ହେଲା । ମେଜର ପି. କେ. ଦାସ ହେଉଛନ୍ତି ଓଡ଼ିଶାର ଶିକ୍ଷା ସେବାର ଜଣେ ପ୍ରଥମଶ୍ରେଣୀ ଅଫିସର ।

ଏହି ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପରେ ଅନେକ ସମ୍ବାଦପତ୍ରରେ ମେଜର ପି. କେ. ଦାସଙ୍କୁ କୁଳପତି ଭାବେ ନିଯୁକ୍ତି ଦିଆଯାଇ ଥିବାରୁ ତହିଁରେ ବିସ୍ମୟ ଓ କ୍ଷୋଭ ପ୍ରକାଶ କରି କେତେକ ପ୍ରବନ୍ଧ ଓ ସମ୍ବାଦ ପ୍ରକାଶ ପାଇଛି । ଏହି ନିଯୁକ୍ତିର ବୈଧତା ସଂପର୍କରେ ସଂଦେହ ମଧ୍ୟ ପ୍ରକାଶ ପାଉଛି ।

ଏହି ସମ୍ବାଦ ଓ ପ୍ରବନ୍ଧଗୁଡ଼ିକ କେବଳ ଆମୋଦଦାୟକ ହୋଇନାହିଁ, ବିଭ୍ରାନ୍ତି ସୃଷ୍ଟି କରୁଛି ମଧ୍ୟ । କାରଣ ଏଗୁଡ଼ିକ ପ୍ରକୃତ ତଥ୍ୟ ଅଥବା ବିଧି ଉପରେ ପର୍ଯ୍ୟବେସିତ ନୁହେଁ । ଆମ୍ଭମାନଙ୍କର ଆଶା ଯେ ଆପଣଙ୍କ ଦୈନିକ ସମ୍ବାଦପତ୍ରର ଅଗଣିତ ପାଠକ, ମେଜର ପି. କେ. ଦାସଙ୍କ କୁଳପତି ନିଯୁକ୍ତି ସଂକ୍ରାନ୍ତ ଉପରୋକ୍ତ ସମ୍ବାଦ ଉପରେ କୌଣସି ଗୁରୁତ୍ୱ ନ ଦେଇ ବିଜ୍ଞତାର ପରିଚୟ ଦେବେ ।

ସେପ୍ଟେମ୍ବର ୨୯ ତାରିଖ ଦୈନିକ ପ୍ରଜାତନ୍ତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଶୀର୍ଷକ ଏକ ପ୍ରବନ୍ଧ ପ୍ରକାଶିତ ହୋଇଛି । ଉକ୍ତ ଦୈନିକ ସମ୍ବାଦପତ୍ରର ଅଗଣିତ ପାଠକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସମ୍ଭବତଃ ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ମାତ୍ର ଏହି ପ୍ରବନ୍ଧ ପାଠ କଲାପରେ ସେଥିରେ ଯେଉଁସବୁ ତଥ୍ୟଜନିତ ତ୍ରୁଟି ଦୃଷ୍ଟିକୁ ଆସୁଛି, ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

ଧାରା ୨୮ (ଘ) ଅନୁଯାୟୀ କୁଳପତି ଭାବରେ ମେଜର ପି. କେ. ଦାସଙ୍କର ନିଯୁକ୍ତି ଅବୈଧ ବୋଲି ଏଥିରେ ଉଲ୍ଲେଖ ରହିଛି ।

ମେଜର ପି. କେ. ଦାସଙ୍କର ନିଯୁକ୍ତି ଅବୈଧ ନୁହେଁ ବୋଲି ଏତଦ୍ୱାରା ସ୍ପଷ୍ଟ କରି ଦିଆଯାଉଛି । ଏ କଥା ମଧ୍ୟ ସ୍ପଷ୍ଟ କରି ଦିଆଯାଉଛି ଯେ କୌଣସି ଅଧ୍ୟାଦେଶ ଜରିଆରେ ସିଲେକ୍‌ସନ କମିଟିର କୋରମ ଧାର୍ଯ୍ୟ କରାଯାଇ ନାହିଁ ।

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ମନୋନୀତ ଅଧ୍ୟାପିକା ଅର୍ଚ୍ଚନା ଶର୍ମାଙ୍କ ବଦଳରେ ଅନ୍ୟ କାହାକୁ ମନୋନୀତ କରିବା ପ୍ରଶ୍ନ ଉଠୁନାହିଁ । ଅଧ୍ୟାପିକା ଶର୍ମା କୌଣସି ସମୟରେ ସିଲେକ୍‌ସନ କମିଟିର ସଦସ୍ୟା ହେବାକୁ ଅକ୍ଷମତା ପ୍ରକାଶ କରିନାହାନ୍ତି ।

ଅଧ୍ୟାପିକା ଶର୍ମା କମିଟିର ପ୍ରଥମ ବୈଠକରେ ଯୋଗଦେଇ ନ ପାରିବାରୁ କମିଟିର ଅଧ୍ୟକ୍ଷ ଆଉ ଏକ ନୂଆ ତାରିଖ ଧାର୍ଯ୍ୟ କରିଥିଲେ । ଏହି ବୈଠକ ତାରିଖର ବହୁ ପୂର୍ବରୁ ଅଧ୍ୟାପିକା ଶର୍ମାଙ୍କୁ ସ୍ଥିରିତ ରଖାଯାଇଥିବା ବୈଠକର ସମୟ ଓ ତାରିଖ ଜଣାଇ ଦିଆଯାଇଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନରେ ବ୍ୟବସ୍ଥା ରହିଛି ଯେ କୌଣସି ଯୁକ୍ତିସଙ୍ଗତ ସମୟ ମଧ୍ୟରେ ସିଲେକ୍‌ସନ କମିଟି ଜରିଆରେ କୁଳପତି ପଦବୀ ପୂରଣ କରିବା ସମ୍ଭବ ହେଉନଥିଲେ କୁଳାଧିପତି କୌଣସି ବ୍ୟକ୍ତିବିଶେଷଙ୍କୁ କୁଳପତି ପଦବୀ ଖାଲି ହେବା ଦିନଠାରୁ ସର୍ବାଧିକ ଛଅମାସ ପର୍ଯ୍ୟନ୍ତ ଅସ୍ଥାୟୀଭାବେ ଏହି ପଦବୀ ପାଇଁ ନିଯୁକ୍ତି ଦେଇପାରିବେ । ସାଂପ୍ରତିକ

ପଟଣାରେ ସିଲେକ୍‌ସନ କମିଟି ଦ୍ୱାରା କୁଳପତି ମନୋନୟନ ପୂର୍ବରୁ ଡ଼ଃ କେ. ଏମ୍. ପଟ୍ଟନାୟକଙ୍କୁ କୁଳପତିଙ୍କ ଦାୟିତ୍ୱ ଚଳାଇବା ପାଇଁ ନିଯୁକ୍ତି ଦିଆଯାଇଥିଲା ।

ଆଇନ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଅନୁଯାୟୀ କୁଳପତି ମନୋନୟନ କମିଟି ନିମ୍ନମତେ ଗଠିତ ହେବ ।

(୧) ସିଣ୍ଡିକେଟ୍ ଦ୍ୱାରା ନିର୍ବାଚିତ ଜଣେ ସଦସ୍ୟ ।

(୨) କୁଳାଧିପତିଙ୍କ ଦ୍ୱାରା ମନୋନୀତ ଜଣେ ବ୍ୟକ୍ତି ।

(୩) ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଦ୍ୱାରା ଜଣେ ବ୍ୟକ୍ତି

ଅଧ୍ୟାପିକା ଅର୍ଚ୍ଚନା ଶର୍ମାଙ୍କୁ କୌଣସି ମତେ ବାଦ ଦେବା ସମ୍ବାଦ ସଂପୂର୍ଣ୍ଣ ମିଥ୍ୟା । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଦ୍ୱାରା ସେ ସିଲେକ୍‌ସନ କମିଟିର ସଦସ୍ୟା ଭାବରେ ମନୋନୀତ ହୋଇଥିଲେ । କମିଟିର ଅଧ୍ୟକ୍ଷ ପ୍ରଥମ ଓ ଦ୍ୱିତୀୟ ବୈଠକର ତାରିଖ ଓ ସମୟ ତାହାଙ୍କୁ ଯଥାବିଧି ଜଣାଇଥିଲେ ।

ପର୍ବରୁ ସ୍ଥିରୀକୃତ ତାଲିକାରେ ଡ଼ଃ ମଧୁସୂଦନ କାନୁନ୍‌ଗୋ, ଡ଼ଃ ତ୍ରିବିକ୍ରମ ପତି ଓ ଡ଼ଃ ହିଲୋଚନ ପ୍ରଧାନଙ୍କ ନାମ ରହିଥିଲା ଓ ଏହାକୁ କୁଳାଧିପତି ପ୍ରତ୍ୟାଖ୍ୟାନ କରି ଦେଇଥିଲେ ବୋଲି ଯେଉଁ ସମ୍ବାଦ ପ୍ରକାଶିତ ହୋଇଛି, ତାହା ସତ୍ୟ ନହେଁ ।

ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ଅନୁଯାୟୀ ସିଲେକ୍‌ସନ କମିଟି ସୁପାରିଶ କରିଥିବା ତିନିଜଣଙ୍କ ନାମ ମଧ୍ୟରୁ ଜଣଙ୍କୁ କୁଳପତି ଭାବରେ ନିଯୁକ୍ତି ଦେବାର କ୍ଷମତା କୁଳାଧିପତିଙ୍କର ରହିଛି । ଏ ସଂପର୍କୀୟ କୁଳାଧିପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ, କାରଣ କୁଳାଧିପତି ହେଉଛନ୍ତି ବିଶ୍ୱବିଦ୍ୟାଳୟର ମୁଖ୍ୟ ଏବଂ କୁଳାଧିପତି ଆଇନ ଅନୁଯାୟୀ ଗଠିତ ଏକ ସିଲେକ୍‌ସନ କମିଟି ଜରିଆରେ କୁଳପତିଙ୍କୁ ନିଯୁକ୍ତ କରିଥାନ୍ତି । ବିଶ୍ୱବିଦ୍ୟାଳୟର ହିତ ଏବଂ ଜନସାଧାରଣଙ୍କର ସ୍ୱାର୍ଥ ବ୍ୟତିରେକେ ଅନ୍ୟ କୌଣସି ବିଚାର ଦ୍ୱାରା ପ୍ରଭାବିତ ହୋଇ କୁଳାଧିପତି ଏଭଳି ନିଷ୍ପତ୍ତି ନେଇ ନାହାନ୍ତି ।

କୁଳାଧିପତି ଜଣଙ୍କୁ କୁଳପତି ଭାବରେ ନିଯୁକ୍ତି ଦେବାପାଇଁ ନିଷ୍ପତ୍ତି ନେଇସାରିଲାପରେ ଏଭଳି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ ଏବଂ ସମ୍ମାନ ଜଣାଇବା ଆବଶ୍ୟକ ।

ଏହି ପ୍ରବନ୍ଧରେ କୁଳାଧିପତିଙ୍କ ଦପ୍ତର ବର୍ତ୍ତମାନ ଅତ୍ୟଧିକ ସକ୍ରିୟ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟର ଦୈନନ୍ଦିନ ପ୍ରଶାସନରେ ଏଭଳି ହସ୍ତକ୍ଷେପ କରୁଛନ୍ତି, ଯାହା ଫଳରେ କି ବିଶ୍ୱବିଦ୍ୟାଳୟର ପରିଚାଳନା ବସ୍ତୁତଃ ପଙ୍ଗୁ ହୋଇଯାଇଛି ବୋଲି କୁହାଯାଇଛି । ଏଭଳି ଏକ ଅଭିଯୋଗ ସଂପୂର୍ଣ୍ଣ ଭାବେ ଅସତ୍ୟ ଏବଂ ଭିତ୍ତିହୀନ ।

କୁଳାଧିପତି ହେଉଛନ୍ତି ବିଶ୍ୱବିଦ୍ୟାଳୟର ମୁଖ୍ୟ ଏବଂ ସେହି କ୍ଷମତା ବଳରେ ତାଙ୍କ ନିକଟକୁ ଆସୁଥିବା ଆପତ୍ତି, ଅଭିଯୋଗ, ଆବେଦନ ଓ ସ୍ମାରକ ପତ୍ର ଗୁଡ଼ିକୁ ସେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ପକ୍ଷମାନଙ୍କ ସହ ଆଲୋଚନାକ୍ରମେ ସେଗୁଡ଼ିକର ଫଇସଲା କରିଥାଆନ୍ତି । କୁଳାଧିପତି ନିଜେ ଏଭଳି ନିଯୁକ୍ତି ସମୀକ୍ଷା କରିବାର ଅବକାଶ ନାହିଁ । କୌଣସି କ୍ଷେତ୍ରରେ ନିୟମ ପାଳନ କରାଯାଇ ନଥିଲେ ଏବଂ ବିଶ୍ୱବିଦ୍ୟାଳୟର ମୁଖ୍ୟ ଭାବରେ କୁଳାଧିପତିଙ୍କ ନିକଟକୁ ଆପତ୍ତି ଓ ଅଭିଯୋଗ ଅଣାଯାଇଥିଲେ, ଆଇନ ଅନୁମୋଦିତ ପନ୍ଥା ଅବଲମ୍ବନ କରି ଏଭଳି ଆପତ୍ତି ଓ ଅଭିଯୋଗଗୁଡ଼ିକୁ କୁଳାଧିପତି ଫଇସଲା କରିଥାନ୍ତି ।

ଏହି ପ୍ରବନ୍ଧରେ ପରାମର୍ଶ ଦିଆଯାଇଛି ଯେ କୁଳାଧିପତିଙ୍କ ସେକ୍ରେଟାରୀ ଆଇ. ଏ. ଏସ୍. ଅଫିସର ନହୋଇ ଜଣେ ବରିଷ୍ଠ ଓ ଅଭିଜ୍ଞ ଶିକ୍ଷକ ହେବା ଉଚିତ୍ ।

କୁଳାଧିପତି ତାଙ୍କ ସେକ୍ରେଟାରୀ ନିଯୁକ୍ତ କରିଥାନ୍ତି । କାହାକୁ ସେକ୍ରେଟାରୀ ନିଯୁକ୍ତି ଦିଆଯିବ ତାହା କୁଳାଧିପତିଙ୍କ ସଂପୂର୍ଣ୍ଣ ଇଚ୍ଛାଧୀନ । ଏହା କରିବାବେଳେ ସେ ତାଙ୍କର ବିବେକ ଓ ବୁଦ୍ଧି ଦ୍ୱାରା ପରିଚାଳିତ ହୋଇଥାନ୍ତି । ଆଇ. ଏ. ଏସ୍. (ବର୍ତ୍ତମାନ ଯାହା ବଳବତ୍ତର ରହିଛି) ବ୍ୟତୀତ ଅନ୍ୟ କାହାରିକୁ ସେକ୍ରେଟାରୀ ଭାବରେ ନିଯୁକ୍ତି ଦେବା ବିଷୟ କୁଳାଧିପତିଙ୍କର ହୃଦୟଙ୍ଗମ ହେଲେ ସେ ନିଶ୍ଚିତ ଭାବରେ ଉପରୋକ୍ତ ପରାମର୍ଶକୁ ବିଚାରକୁ ନେବେ ।

## ୧୮ ଲକ୍ଷ ୬୪ ହଜାର ଶ୍ରମଦିବସ ସୃଷ୍ଟି

କୋରାପୁଟ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୧୮ ଲକ୍ଷ ୬୫ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି । ତନ୍ମଧ୍ୟରେ ଜାତୀୟ ଗ୍ରାମାଞ୍ଚଳ କର୍ମଯୋଗାଣ ଯୋଜନା ଅନ୍ତର୍ଗତ । ବିଭିନ୍ନ କାର୍ଯ୍ୟକ୍ରମରେ ୧୦ ଲକ୍ଷ ୫୦ ହଜାର ଶ୍ରମ ଦିବସ ଓ ଗ୍ରାମାଞ୍ଚଳ ଭୂମିହୀନ ଶ୍ରମିକ ଗ୍ୟାରେଣ୍ଟି କାର୍ଯ୍ୟକ୍ରମରେ ୮ ଲକ୍ଷ ୧୫ ହଜାର ଶ୍ରମ ଦିବସ ଅନ୍ତର୍ଭୁକ୍ତ ।

ଉକ୍ତ ସମୟ ମଧ୍ୟରେ ଜିଲ୍ଲାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଓ ଗ୍ରାମ୍ୟ ଦରିଦ୍ରତମ ଲୋକଙ୍କ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମରେ ଯଥାକ୍ରମେ ୨୦ ହଜାର ୮୦୨ଟି ଓ ୧୧ ହଜାର ୯୧୯ଟି ପରିବାର ଉପକୃତ ହୋଇଛନ୍ତି । ସେହିପରି ଗୋତି ଶ୍ରମିକମାନଙ୍କ ଥଇଥାନ କାର୍ଯ୍ୟକ୍ରମରେ ୩ ହଜାର ୮୫୧ ଜଣ ଗୋତି ଶ୍ରମିକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଥଇଥାନ କରାଯାଇଛି ବୋଲି ସଂପ୍ରତି କୋରାପୁଟଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ପ୍ରକାଶ ପାଇଛି ।

## ମୟୂରଭଞ୍ଜ ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ଗୋତି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଯୋଜନାର ଆରମ୍ଭରୁ ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ ୮୯ ଜଣ ତଫସିଲଭୁକ୍ତ ଜାତି ଓ ୪୬୪ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ୬୩୧ ଜଣଙ୍କୁ ଥଇଥାନ କରାଯାଇଛି । ଏ ବାବଦରେ ୨୩ ଲକ୍ଷ ୫୩ ହଜାର ଟଙ୍କା ବିନିଯୋଗ କରାଯାଇଛି । ଏହି ସମୟ ମଧ୍ୟରେ ଜିଲ୍ଲାରେ ୨୭୩୪ ଜଣ ଏପରି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୨୩୬୬ ଜଣଙ୍କୁ ମୁକ୍ତ କରାଯାଇଛି ।

## ଚୂନ ପଥର ଏବଂ ଡୋଲମାଇଟ୍ ଖଣି ଶ୍ରମିକ କଲ୍ୟାଣ ପାଣ୍ଠି

ଚୂନପଥର ଏବଂ ଡ଼ୋଲମାଇଟ୍ ଖଣି ଶ୍ରମିକ କଲ୍ୟାଣ ପାଣ୍ଠିର ୫ମ ରାଜ୍ୟ ପରାମର୍ଶଦାତା କମିଟି ବୈଠକ ରାଜ୍ୟ ସଚିବାଳୟଠାରେ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଶ୍ରମ ରାଷ୍ଟ୍ରମନ୍ତ୍ରୀ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସେମାନେ ଉପାଦେୟ ପରାମର୍ଶ ଦେବାକୁ ଆହ୍ୱାନ କରିଥିଲେ ।

ବୈଠକରେ ସୁନ୍ଦରଗଡ଼ କିମ୍ବା ସମ୍ବଲପୁର ଜିଲ୍ଲାରେ ଚୂନପଥର ଓ ଡ଼ୋଲମାଇଟ୍ ଖଣି ଶ୍ରମିକ ଏବଂ ବିଡ଼ି ଶ୍ରମିକଙ୍କ ନିମନ୍ତେ ୫୦ ଶଯ୍ୟା ବିଶିଷ୍ଟ ଏକ କେନ୍ଦ୍ରୀୟ ଡାକ୍ତରଖାନା ପ୍ରତିଷ୍ଠା କରିବା ନିମନ୍ତେ ଆଲୋଚନା କରାଯାଇ ଉପଯୁକ୍ତ ସ୍ଥାନ ନିରୂପଣ ନିମନ୍ତେ ଏକ ସବ୍-କମିଟି ଗଠନ କରାଯାଇଛି । ଏହାଛଡ଼ା ପ୍ରଶାସନ, ସ୍ୱାସ୍ଥ୍ୟ, ଚିତ୍ତ ବିନୋଦନ, ଗୃହ ନିର୍ମାଣ, ଶିକ୍ଷା ଓ ପାନୀୟ ଜଳ ଯୋଗାଣ ନିମନ୍ତେ କଲ୍ୟାଣ ପାଣ୍ଠିରୁ ୧୯୮୬-୮୭ ନିମନ୍ତେ ୨୪.୫୦ ଲକ୍ଷ ଟଙ୍କାର ସଂଶୋଧିତ ବଜେଟ୍ ଅନୁମୋଦନ କରାଯାଇଛି । ଏହା ବ୍ୟତୀତ ୧୯୮୭-୮୮ ନିମନ୍ତେ ୩୭.୦୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି ।

ବୀରମିତ୍ରପୁରସ୍ଥ ବିଶ୍ରା ଚୂନପଥର କଂପାନୀକୁ ଆଉ ଏକ ଆମ୍ବୁଲାନ୍ସ୍ ଗାଡ଼ି କିଣିବା ନିମନ୍ତେ ଅନୁଦାନ ଦେବାକୁ କମିଟି ଅନୁମୋଦନ କରିଛନ୍ତି । ସେହିପରି ସେହି କଂପାନୀର ବୀରମିତ୍ରପୁରସ୍ଥ ଡାକ୍ତରଖାନାରେ ବ୍ୟବହାର ନିମନ୍ତେ ଇ. ସି. ଜି. ଯନ୍ତ୍ର ସମେତ ଅନ୍ୟାନ୍ୟ ଉପକରଣ କିଣିବା ନିମନ୍ତେ ୪୩ ହଜାର ଟଙ୍କା ଅନୁଦାନ ଦେବା ପ୍ରସ୍ତାବ ଅନୁମୋଦିତ ହୋଇଛି । ଟାଟା ଆଇରନ୍ ଏଣ୍ଡ୍ ଷ୍ଟିଲ୍‌ଙ୍କ ଗୋମରଡ଼ିହ ଡୋଲ୍‌ମାଇଟ୍ ଖଣି ଶ୍ରମିକଙ୍କ ନିମନ୍ତେ ଟାଇପ୍-୨ର ୬ଟି ଗୃହ ନିର୍ମାଣ ନିମନ୍ତେ ଅନୁଦାନ ବାବଦରୁ ୯୯ ହଜାର ଟଙ୍କା କମିଟି ମଞ୍ଜୁର କରିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ଖଟ୍‌କୁରବାହାଲଠାରେ ଏକ ସ୍ଥାୟୀ ତଥା ଭ୍ରାମ୍ୟମାଣ ଚିକିତ୍ସାଳୟ ଖୋଲିବାକୁ ସ୍ଥିର କରାଯାଇଛି । ଏହା ଖୋଲି ଗଲେ ସେ ଅଞ୍ଚଳର ୧୧ଟି ଚୂନ ପଥର ଓ ଡ଼ୋଲମାଇଟ୍ ଖଣିର ୭୪୨୦ ଜଣ ଶ୍ରମିକ ଉପକୃତ ହେବେ । ବୀରମିତ୍ରପୁର ଚୂନ ପଥର ଖଣି ଅଞ୍ଚଳରେ ପାନୀୟ ଜଳ ନିମନ୍ତେ ନଳକୂପ ବସାଇବା ନିମନ୍ତେ ବିଶ୍ରା ଚୂନ ପଥର ଖଣି କଂପାନୀକୁ ଅନୁଦାନ ଦେବାକୁ ନିଷ୍ପତ୍ତି ନିଆଯାଇଛି । ଶ୍ରମିକଙ୍କ ପିଲାମାନଙ୍କୁ ବୃତ୍ତି ସଂଖ୍ୟା ବୃଦ୍ଧି କରିବା ସଂପର୍କରେ ଆଲୋଚନା କରାଯାଇଥିଲା । ଗତବର୍ଷ ପାଣ୍ଠିରୁ ୧୨୩ ଜଣ ଛାତ୍ର ଛାତ୍ରୀଙ୍କୁ ବୃତ୍ତି ଦିଆଯାଇଥିଲା । ଚଳିତ ବର୍ଷ ଏହି ସଂଖ୍ୟାର ଶତକଡ଼ା ୧୦ ଭାଗ ବୃଦ୍ଧି ବ୍ୟବସ୍ଥା ଉଠାଇ ଅଧିକ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ସ୍ଥିର ହୋଇଛି ।

ଏହି ବୈଠକରେ ବିଧାୟକ ଶ୍ରୀ ରମିଶ କେର୍କେଟା, କେନ୍ଦ୍ର ସରକାରଙ୍କ ଆଞ୍ଚଳିକ ଶ୍ରମ କମିଶନର ଶ୍ରୀ ଏମ୍. ପି. ଦୁବେ, ଶ୍ରମ ମଙ୍ଗଳ କମିଶନର ଶ୍ରୀ ଆର. ଏସ୍. ରାଓ, ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ଓଡ଼ିଶା ସିମେଣ୍ଟର ଡେପୁଟି ଜିଆଲଜି ମ୍ୟାନେଜର ଶ୍ରୀ ତ୍ରିଲୋଚନ ପଟ୍ଟନାୟକ ଏବଂ ଶ୍ରୀ କେ. ଏନ୍. ପାଠକ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଫୁଲବାଣୀ ଜିଲ୍ଲାରେ ଗୋତିଶ୍ରମିକ ଥଇଥାନ

ଗତ ଅଗଷ୍ଟ ମାସରେ ଫୁଲବାଣୀ ଜିଲ୍ଲାରେ ୫ ଲକ୍ଷ ୮୬ ହଜାର ଟଙ୍କା ବିନିଯୋଗରେ ୩୯ ଜଣ ହରିଜନ ଓ ୨୫ ଜଣ ଆଦିବାସୀଙ୍କ ସମେତ ୬୧ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏହି ଯୋଜନା ପ୍ରାରମ୍ଭରୁ ଗତ ଅଗଷ୍ଟ ମାସ ସୁଦ୍ଧା ଜିଲ୍ଲାରେ ୧୯୦୫ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୯୦୩ ଜଣ ହରିଜନ ଓ ୬୮୧ ଜଣ ଆଦିବାସୀ ଅନ୍ତର୍ଭୁକ୍ତ ଏବଂ ଏ ବାବଦରେ ୬୦ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ କରାଯାଇଛି । ଜିଲ୍ଲାରେ ଗତ ଅଗଷ୍ଟ ଶେଷ ସୁଦ୍ଧା ୧୦୯୬ ଜଣ ହରିଜନ ଓ ୮୬୮ ଜଣ ଆଦିବାସୀଙ୍କ ସମେତ ୨୪୨୫ ଜଣ ଗୋତି ଶ୍ରମିକଙ୍କୁ ମୁକ୍ତ କରାଯାଇଛି ।

## ଲୁହାପଥର, ମାଙ୍ଗାନିଜ୍ ଓ କ୍ରୋମ୍ ପଥର ଖଣି ଶ୍ରମିକ କଲ୍ୟାଣ ପାଣ୍ଠି

ଲୁହା ପଥର, ମାଙ୍ଗାନିଜ୍ ଓ କ୍ରୋମ୍ ପଥର ଖଣି ଶ୍ରମିକ କଲ୍ୟାଣ ପାଣ୍ଠିର ୫୪ ତମ ରାଜ୍ୟ ପରାମର୍ଶଦାତା କମିଟି ବୈଠକ ରାଜ୍ୟ ସଚିବାଳୟଠାରେ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ଏହି ସବୁ ଶ୍ରେଣୀର ପିଲାମାନଙ୍କ ନିମନ୍ତେ ବୃତ୍ତି ଦେବା ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ପାଣ୍ଠିରୁ ୩୨୩ ଜଣ ଛାତ୍ର ଛାତ୍ରୀ ବୃତ୍ତି ପାଉଥିଲେ । ଚଳିତ ବର୍ଷ ଗତବର୍ଷ ସଂଖ୍ୟାର ଶତକଡ଼ା ୧୦ ଭାଗ ବୃଦ୍ଧି ହେବା ନିୟମକୁ ଉଠାଇ ଅଧିକ ସଂଖ୍ୟାରେ ବୃତ୍ତି ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ସ୍ଥିର କରାଯାଇଛି । ପ୍ରଥମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ସ୍ଲେଟ୍, ବହି ଇତ୍ୟାଦି କିଣିବା ପାଇଁ ଅର୍ଥ ସାହାଯ୍ୟ ଦେବାର ଏକ ନୂତନ ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସାହାଯ୍ୟ ପାଇଁ ମିଳିଥିବା ୪୪୬ଟି ଦରଖାସ୍ତ ବିଚାର କରି ସାହାଯ୍ୟ ଦେବାକୁ କମିଟି ସ୍ଥିର କରିଛନ୍ତି । ପ୍ରତ୍ୟେକ ପାଣ୍ଠିରୁ ଓଡ଼ିଶା ନିମନ୍ତେ ୧୦୦୦ଟି ଲେଖାଏଁ ଏପରି ସାହାଯ୍ୟ ଦେବାର ବ୍ୟବସ୍ଥା ରହିଛି ।

କାଳିଆପାଣି କ୍ରୋମ୍ ପଥର ଖଣିର ୫୦ ଜଣ ଶ୍ରମିକ ଶିକ୍ଷା ଉଦ୍ଦେଶ୍ୟରେ ଦର୍ଶନୀୟ ସ୍ଥାନ ପରିଦର୍ଶନରେ ଯିବା ନିମନ୍ତେ ୧୦ ହଜାର ଟଙ୍କା ଅନୁଦାନ ଦେବାକୁ ସ୍ଥିର ହୋଇଛି । ପ୍ରତ୍ୟେକ ବର୍ଷ ଗୋଟିଏ ମାତ୍ର ଏପରି ପରିଭ୍ରମଣ ପାଇଁ ଅନୁଦାନ ଦେବା ବ୍ୟବସ୍ଥାକୁ କୋହଳ କରି ଏପରି ଅଧିକ ଦଳ ପଠାଇବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ସ୍ଥିର କରାଯାଇଛି ।

# ଗଞ୍ଜାମ ଜିଲ୍ଲା ବନ ସଂପଦ ସଂପର୍କରେ କେତେକ ତଥ୍ୟ

| | |
|---|---|
| (୧) ସମୁଦାୟ ଜଙ୍ଗଲ ଅଞ୍ଚଳ | .. ୬୯୭.୭୫ ବର୍ଗ କି: ମି: |
| (୨) ଜିଲ୍ଲାର ଭୌଗୋଳିକ କ୍ଷେତ୍ରଫଳ ଅନୁପାତରେ ଜଙ୍ଗଲ ଅଞ୍ଚଳ | .. ଶତକଡ଼ା ୫୪-୬ ଭାଗ |
| (୩) ମୁଣ୍ଡ ପିଛା ଜଙ୍ଗଲ ପରିମାଣ | .. ୦-୦୦୨୬ ବର୍ଗ କି : ମି: |
| (୪) ରକ୍ଷିତ ଜଙ୍ଗଲ | .. ୧୮୬୪-୬୫ ବର୍ଗ କି : ମି : |
| (୫) ସଂରକ୍ଷିତ ଜଙ୍ଗଲ | .. ୩୧୫୬.୩୮ ବର୍ଗ କି : ମି : |
| (୬) ଅନ୍ୟାନ୍ୟ ଜଙ୍ଗଲ | .. ୨୬୩୧-୨୩ ବର୍ଗ କି : ମି : |
| (୭) ମୋଟ୍ ସଂଖ୍ୟକ ବନ୍ୟ ଉପଖଣ୍ଡ | .. ୩ |
| (୮) ମୋଟ ସଂଖ୍ୟକ ବନାଞ୍ଚଳ | .. ୧୫ |
| (୯) ମୋଟ ସଂଖ୍ୟକ ବନ ବିଭାଗ | .. ୬୨ |
| (୧୦) ମୋଟ୍ ସଂଖ୍ୟକ ବନ ବିଟ୍ (ଫାଣ୍ଡି) | .. ୩୨୪ |
| (୧୧) ଜଙ୍ଗଲ ଦ୍ରବ୍ୟ ଉତ୍ପାଦନ (୧୯୮୪-୮୫) | |
| (କ) କାଠ | .. ୧୪,୩୪୭-୫୮ ଘନ ମିଟର |
| (ଖ) ଜାଳେଣି କାଠ | .. ୪୨,୨୫୮.୧୩ ଘନ ମିଟର |
| (ଗ) କେନ୍ଦୁପତ୍ର | .. ୮-୯୬ ମେଟ୍ରିକ୍ ଟନ୍ |
| (ଘ) ବାଉଁଶ | .. ୩,୪୨,୫୬,୦୬୪ଟି |
| (ଙ) ଶାଳମଞ୍ଜି | .. ୧୦୫-୮୧୨ ମେଟ୍ରିକ୍ ଟନ୍ |
| (୧୨) ବନାଞ୍ଚଳ ରାଜସ୍ବ | .. ୨-୭୫ କୋଟି |
| (୧୩ ବନପଥ | .. ୬୦୧ କି . ମି : |
| (୧୪) ଅଭୟାରଣ୍ୟ | .. ୨ |

ଏହି ବୈଠକରେ ଶ୍ରୀମତୀ ବେଲାରାଣୀ ଦଉ, ଶ୍ରମ ମଙ୍ଗଳ ମିଶନର ଶ୍ରୀ ଆର. ଏସ୍. ରାଓ, ଶ୍ରୀ ଆର. ଏନ୍. ପଟ୍ଟନାୟକ, ଶ୍ରୀ ଦୁର୍ଗା ଚରଣ ମହାନ୍ତି ଏବଂ ଶ୍ରୀ ବି. ଏସ୍. ପତି ସଦସ୍ୟମାନେ ଭାଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଉନ୍ନୟନ ସଂସ୍ଥା

ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଉନ୍ନୟନ ସଂସ୍ଥା ତରଫରୁ ୧୯୮୦-୮୧ରୁ ୧୯୮୬-୮୭ ସୁଦ୍ଧା ୩,୬୨୫ ହେକ୍ଟର ପୁଷ୍କରିଣୀର ଉନ୍ନତି ବିଧାନ ପାଇଁ ଲକ୍ଷ୍ୟ ରଖା ଯାଇଥିବା ସ୍ଥଳେ ଅଦ୍ୟାବଧି, ୨,୯୬୮ ହେକ୍ଟର ପୁଷ୍କରିଣୀର ଉନ୍ନତି ବିଧାନ କରାଯାଇଛି । ଏଥିଦ୍ୱାରା ୧୯୭୭ ଜଣ ବ୍ୟକ୍ତି ୭୨ ଲକ୍ଷ ୧୨ ହଜାର ଟଙ୍କା ଋଣ ଏବଂ ୮ ଲକ୍ଷ ୭ ହଜାର ୨୪୨ ଟଙ୍କା ରିହାତି ବାବଦରେ ପାଇ ଉପକୃତ ହୋଇଛନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା ୧୯୭୭ ମସିହାଠାରୁ ସେଠାରେ କାର୍ଯ୍ୟକାରୀ ହେଉଛି । ବ୍ୟକ୍ତି ବିଶେଷଙ୍କୁ ବ୍ୟାଙ୍କ ଋଣ ଯୋଗାଇ ଅନୁପଯୋଗୀ ପୁଷ୍କରିଣୀଗୁଡ଼ିକର ଉନ୍ନତି ବିଧାନ କରି ମତ୍ସ୍ୟ ଚାଷ ଉପଯୋଗୀ କରିବା ଏହି ସଂସ୍ଥାର ପ୍ରଧାନ ଲକ୍ଷ୍ୟ ।

## ନଗର ଉନ୍ନୟନ ବିଭାଗ ଓ ପୌର ସଂସ୍ଥା ଦ୍ୱାରା ସହରାଞ୍ଚଳ ଦରିଦ୍ର ଲୋକଙ୍କ ଆତ୍ମ ନିଯୁକ୍ତି ବ୍ୟବସ୍ଥା

ନୂଆଦିଲ୍ଲୀଠାରେ ଗତ ୧୫ ଅକ୍ଟୋବର ତାରିଖରୁ କେନ୍ଦ୍ର ନଗରଉନ୍ନୟନ ମନ୍ତ୍ରଣାଳୟର ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଓ ନଗର ଉନ୍ନୟନ କେନ୍ଦ୍ରୀୟ ପରିଷଦର ୨୩ ତମ ସମ୍ମିଳନୀରେ ଓଡ଼ିଶାର ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ଯୋଗ ଦେଇଥିଲେ । କେନ୍ଦ୍ର ପୌର ଉନ୍ନୟନ ମନ୍ତ୍ରୀ ଅବଦୁଲ୍ ଗଫୁର୍ ଏହି ଦୁଇଦିନିଆ ସମ୍ମିଳନୀକୁ ଉଦଘାଟନ କରି ଅଧ୍ୟକ୍ଷତା କରିଥିଲେ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦଲବୀର ସିଂ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ବାସଗୃହ ଓ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଓ ପରିବେଶର ଉନ୍ନୟନ ସମେତ ନାଗରିକମାନଙ୍କର କେତେକ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜେନା ଅଧିକ କେନ୍ଦ୍ରୀୟ ସହାୟତା ପାଇଁ ଦାବୀ କରିଥିଲେ । ସେ କହିଲେ ଯେ ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କ ସାହାଯ୍ୟାର୍ଥେ ଯେପରି ଆଇ. ଆର. ଡି.,ଇ. ଆର. ଆର. ପି. ଏବଂ ଆର. ଏଲ୍. ଇ. ଜି. ପି ପ୍ରଭୃତି ଦାରିଦ୍ର୍ୟ ଦୂରୀକରଣ ଯୋଜନାସବୁ କାର୍ଯ୍ୟକାରୀ ହେଉଛି, ସେହିପରି ସହରାଞ୍ଚଳରେ ବାସ କରୁଥିବା ବହୁ ସଂଖ୍ୟକ ଦରିଦ୍ର ଲୋକଙ୍କ ଅର୍ଥନୈତିକ ଉନ୍ନତି ଲାଗି ଉପାଦେୟ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉ । ସଂପ୍ରତି ସମଗ୍ର ଦେଶର ସହରାଞ୍ଚଳ ଦରିଦ୍ର ଲୋକଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆତ୍ମ ନିଯୁକ୍ତି ଯୋଜନାକୁ ଶ୍ରୀ ଜେନା ସ୍ୱାଗତ କରିଥିଲେ । ସେ କହିଲେ ଯେ ଏହି ଯୋଜନା ଅନୁଯାୟୀ ଯେଉଁ ଦରିଦ୍ର ପରିବାରଙ୍କ ମାସିକ ଆୟ ୬୦୦ ଟଙ୍କା ମଧ୍ୟରେ ହୋଇଥିବ, ସେମାନେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇ ପାରିବେ । କିନ୍ତୁ ଏହି ଯୋଜନା ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଦୃଷ୍ଟିରୁ ପ୍ରକୃତ ଦରିଦ୍ର ଲୋକଙ୍କୁ ଚିହ୍ନଟ କରିବା ଏବଂ ବ୍ୟାଙ୍କ୍ ଋଣ ପାଇବା ପାଇଁ ସେମାନଙ୍କୁ ସୁପାରିଶ କରିବା ଦାୟିତ୍ୱ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ପରିବର୍ତ୍ତେ ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ହେବା ଯଥାର୍ଥ ହେବ ବୋଲି ଶ୍ରୀ ଜେନା ପ୍ରସ୍ତାବ ଦେଇଥିଲେ । ସେ ପୁଣି କହିଲେ ଯେ ଏହି ଯୋଜନାନୁଯାୟୀ ଦରିଦ୍ର ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ସବ୍‌ସିଡ଼ି ଅର୍ଥ ପ୍ରତ୍ୟେକ ରାଜ୍ୟ ନଗର ଉନ୍ନୟନ ବିଭାଗର ଜରିଆରେ ବଣ୍ଟନ ହେବା ଯଥାର୍ଥ ହେବ । ଏ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲାଗି ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହି କେନ୍ଦ୍ରୀୟ ସମ୍ମିଳନୀରେ ଯେଉଁସବୁ ପ୍ରସ୍ତାବ ଉପରେ ନିଷ୍ପତ୍ତି କରିବାକୁ ସ୍ଥିର ହୋଇଛି, ତନ୍ମଧ୍ୟରେ ଶ୍ରୀ ଜେନାଙ୍କ ଏହି ପ୍ରସ୍ତାବ ବିଶେଷ ଆଦୃତ ହୋଇ ଅନ୍ତର୍ଭୁକ୍ତ ହୋଇଛି ।

କେନ୍ଦ୍ରୀୟ ସହାୟତାରେ ଓଡ଼ିଶାରେ ଗତ ଷଷ୍ଠ ଯୋଜନା କାଳରୁ ମାତ୍ର ୬ଟି ସହରରେ କ୍ଷୁଦ୍ର ଓ ମଧ୍ୟମ ସହରର ସମନ୍ୱିତ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ଦର୍ଶାଇ ଶ୍ରୀ ଜେନା କହିଲେ ଯେ ଚଳିତ ୮ମ ଯୋଜନାରେ ଅଧିକ ୨୦ଟି ସହରକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରିବାକୁ ରାଜ୍ୟ ସରକାର ସୁପାରିଶ କରିଛନ୍ତି । ତନ୍ମଧ୍ୟରୁ ଗତ ଆର୍ଥିକ ବର୍ଷରେ ୩ଟି ସହରରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ରୀୟ ଅନୁମୋଦନ ଓ ମଞ୍ଜୁରୀ ମିଳିଛି ଏବଂ ଚଳିତ ଆର୍ଥିକ ବର୍ଷରେ ୧୦ଟି ସହରକୁ ଏହି ଯୋଜନା ପରିସରଭୁକ୍ତ କରି ଆର୍ଥିକ ସହାୟତା ଦେବା ଲାଗି ଶ୍ରୀ ଜେନା ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ । ଭାଷଣ ପ୍ରସଙ୍ଗରେ ଶ୍ରୀ ଜେନା ଓଡ଼ିଶାରେ ଥିବା ସମୁଦାୟ ୧୦୮ଟି ସହର ମଧ୍ୟରୁ ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ୨୬ଟି ଛୋଟ ଓ ମଧ୍ୟମ ଧରଣର ସହର ଅଛି ବୋଲି ଦର୍ଶାଇଥିଲେ । ସେହିସବୁ ସହରରେ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଆଦିବାସୀଙ୍କ ସମେତ ଦରିଦ୍ର ଲୋକ-ମାନେ କ୍ରୟ ବିକ୍ରୟ କରିଥାନ୍ତି ବୋଲି ଉଲ୍ଲେଖ କରି ସେ କହିଲେ ଯେ ସେହି ସହରଗୁଡ଼ିକର କେତେକ ଭିତ୍ତିଭୂମିକ ବିକାଶ କରିବା ଅପରିହାର୍ଯ୍ୟ । ସେଥିପାଇଁ ରାଜ୍ୟ ସରକାର ଯେଉଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରାୟ ୨୭ କୋଟି ଟଙ୍କା ଆବଶ୍ୟକ ପଡୁଛି । କେନ୍ଦ୍ର ସରକାର ଏହି ଅର୍ଥ ସଂପୂର୍ଣ୍ଣ ଭାବରେ ସାହାଯ୍ୟ କରିବା ପାଇଁ ଶ୍ରୀ ଜେନା ଦାବୀ କରିଥିଲେ ।

ରାଜ୍ୟର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ସଂପର୍କରେ ମଧ୍ୟ ମନ୍ତ୍ରୀ ଅଧିକ କେନ୍ଦ୍ରୀୟ ସାହାଯ୍ୟ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ଦିଗରେ

ଆର୍ଥିକ ସମ୍ବଳ ସଂଗ୍ରହ କରିବା ଏକ ଜଟିଳ ସମସ୍ୟା ହେଉଛି ବୋଲି ସୂଚନା ଦେଇ ଶ୍ରୀ ଜେନା କହିଲେ ଯେ ଜୀବନ ବୀମା ନିଗମ କୌଣସି ଏକ ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳରୁ ମାତ୍ର ଏକ-ତୃତୀୟାଂଶ ଅର୍ଥ ଋଣ ଆକାରରେ ଦେଇଥାନ୍ତି । ଅବଶିଷ୍ଟ ଅର୍ଥ ସଂଗ୍ରହ କରିବାର ଦାୟିତ୍ୱ ସଂପୃକ୍ତ ପୌର ସଂସ୍ଥା ପକ୍ଷରେ ବହନ କରିବା କଷ୍ଟକର ହେଉଥିବାରୁ ରାଜ୍ୟ ସରକାରଙ୍କୁ ଏ ବାବଦରେ ମଧ୍ୟ କେତେକାଂଶ ଅର୍ଥ ଯୋଗାଇ ଦେବାକୁ ପଡ଼େ । ଏହା ସତ୍ତ୍ୱେ, ସହରଗୁଡ଼ିକରେ କ୍ରମ-ବର୍ଦ୍ଧମାନ ଜନ ସଂଖ୍ୟାକୁ ଆବଶ୍ୟକତା ଅନୁଯାୟୀ ଜଳ ଯୋଗାଇବା କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି । ଜାତୀୟ ସ୍ତରରେ ସହରାଞ୍ଚଳ ଜନସଂଖ୍ୟାର ଶତକଡ଼ା ୭୩ ଭାଗ ଲୋକ ପାନୀୟ ଜଳ ପାଉଥିବା ସ୍ଥଳେ ଓଡ଼ିଶାରେ ସେମାନଙ୍କ ସଂଖ୍ୟା ମାତ୍ର ଶତକଡ଼ା ୩୮ ଜଣ ବୋଲି ଶ୍ରୀ ଜେନା ଦର୍ଶାଇଥିଲେ । ସହରାଞ୍ଚଳ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାର ସହାୟତା କରନ୍ତି ନାହିଁ ଏବଂ ଓଡ଼ିଶାରେ ଅଧିକାଂଶ ସହର ବାସିନ୍ଦା ଦରିଦ୍ର ହୋଇଥିବାରୁ ସେମାନଙ୍କ ପକ୍ଷେ ଜଳକର ଦେବା କଷ୍ଟକର ବିଷୟ ବୋଲି ଶ୍ରୀ ଜେନା ଭାଷଣ ପ୍ରସଙ୍ଗରେ କହିଥିଲେ । ଏ ବାବଦରେ କେନ୍ଦ୍ର ସରକାର ମଧ୍ୟ ଆର୍ଥିକ ସାହାଯ୍ୟ ଦେବା ଲାଗି ସେ ଦାବୀ କରିଥିଲେ.. । ବସ୍ତି ଉନ୍ନୟନ ଯୋଜନା ସଂପର୍କରେ ଆଲୋଚନା କରି ମନ୍ତ୍ରୀ ଶ୍ରୀ ଜେନା କହିଲେ ଯେ ଷଷ୍ଠ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ସମୁଦାୟ ପ୍ରାୟ ଏକଲକ୍ଷ ବସ୍ତିବାସିନ୍ଦା ଏତଦ୍ୱାରା ଉପକୃତ ହୋଇଛନ୍ତି । ୭ମ ଯୋଜନାରେ ଅଧିକ ଏକଲକ୍ଷ ୨୦ ହଜାର ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବାର ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇ ଶ୍ରୀ ଜେନା କହିଲେ ଯେ ପ୍ରତ୍ୟେକ ବାସିନ୍ଦାଙ୍କୁ ଆର୍ଥିକ ସାହାଯ୍ୟ ଦେବା ପରିମାଣ ୨୫୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏ ବାବଦରେ ରାଜ୍ୟ ସରକାର ଗତବର୍ଷ ୧୯ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ କରିଛନ୍ତି ।

ଏହି ସମ୍ମିଳନୀ ଶେଷ ହେବା ପରେ ଶ୍ରୀ ଜେନା କେନ୍ଦ୍ର ମନ୍ତ୍ରୀ ଅବଦୁଲ୍ ଗଫୁର ଓ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂଙ୍କ ସହିତ ସ୍ୱତନ୍ତ୍ର ଭାବରେ ସାକ୍ଷାତ କରି ଓଡ଼ିଶାର ସହରାଞ୍ଚଳରେ କେତେକ ନୂତନ ଯୋଜନା କାର୍ଯ୍ୟକାରୀ କରିବା ସଂପର୍କରେ ମଧ୍ୟ ଆଲୋଚନା କରିଥିଲେ । ରାଜ୍ୟ ସରକାର ଏ ବାବଦରେ ଶତକଡ଼ା ୫୦ ଭାଗ ଅର୍ଥ ବରାଦ କଲେ ଅବଶିଷ୍ଟ ଅର୍ଥ କେନ୍ଦ୍ର ସରକାର ସାହାଯ୍ୟ ଦେବେ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂ ସୂଚନା ଦେଇଥିଲେ ।

## ଓଡ଼ିଆ ଛାତ୍ରୀଙ୍କୁ ଆନ୍ତର୍ଜାତିକ ମେଧାବୀ ବୃତ୍ତି

ରମାଦେବୀ ମହିଳା ମହାବିଦ୍ୟାଳୟର ୨ୟ ବାର୍ଷିକ ବିଜ୍ଞାନ ଛାତ୍ରୀ କୁମାରୀ ବନଜ୍ୟୋତ୍ସ୍ନା ଦେବୀ ଫ୍ରାନ୍ସର ଶିଶୁ ସୁରକ୍ଷା ସଂସ୍ଥାଙ୍କଠାରୁ ୧୯୮୬ ମସିହା ଆରମ୍ଭରୁ ମେଧାବୀ ଛାତ୍ରୀ ବୃତ୍ତି ଲାଭ କରିଛନ୍ତି । କୁମାରୀ ବନଜ୍ୟୋତ୍ସ୍ନାଙ୍କ ନୃତ୍ୟ, ସଙ୍ଗୀତ, କଳା ଓ ସଂସ୍କୃତି ପ୍ରଭୃତି କ୍ଷେତ୍ରରେ ବିଶେଷ କୃତିତ୍ୱ ପାଇଁ ଭାରତ ସରକାରଙ୍କ ଶିଶୁ କଲ୍ୟାଣ ପରିଷଦ ତାଙ୍କୁ ଏହି ସମ୍ମାନଜନକ ବୃତ୍ତି ନିମିତ୍ତ ଫ୍ରାନ୍ସର ଉପରୋକ୍ତ ସଂସ୍ଥାକୁ ସୁପାରିଶ କରିଥିଲେ । କୁମାରୀ ବନଜ୍ୟୋତ୍ସ୍ନାଙ୍କର ଶିକ୍ଷା ତଥା ନୃତ୍ୟ ସଙ୍ଗୀତାଦି ଆନୁଷଙ୍ଗିକ ସାଂସ୍କୃତିକ କ୍ଷେତ୍ରରେ ପ୍ରତିଭାର କ୍ରମ ବିକାଶ ପ୍ରତି ଉପଯୁକ୍ତ ଯତ୍ନ ନେବା ନିମିତ୍ତ ଭାରତର ଶିଶୁ କଲ୍ୟାଣ ପରିଷଦ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦଙ୍କ ଜରିଆରେ ଧାରାବାହିକ ବିବରଣୀ ସଂଗ୍ରହ କରିଥାନ୍ତି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କୁମାରୀ ବନଜ୍ୟୋତ୍ସ୍ନା ଦୁଃସାହସିକତା ପାଇଁ ଜାତୀୟ ପୁରସ୍କାର ଲାଭ କରିଥିଲେ ଏବଂ ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ପାଳନ ଅବକାଶରେ ସେ ଭାରତୀୟ ଶିଶୁ ପ୍ରତିନିଧି ଭାବେ ବୁଲଗେରିଆର ରାଜଧାନୀ ସୋଫିଆଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଶିଶୁ ମେଳାରେ ଯୋଗ ଦେଇ ଆନ୍ତର୍ଜାତିକ ପୁରସ୍କାର ମଧ୍ୟ ଲାଭ କରିଥିଲେ ।

## ସ୍ୱଳ୍ପ ସଞ୍ଚୟ ଯୋଜନାର ଅଗ୍ରଗତି

ଚଳିତ ଆର୍ଥିକ ବର୍ଷରେ ଗଞ୍ଜାମ ଜିଲ୍ଲାରେ ସ୍ୱଳ୍ପ ସଞ୍ଚୟ ବାବଦରେ ମୋଟ୍ ୮ କୋଟି ୫ ଲକ୍ଷ ୧୬ ହଜାର ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଗତ ଅଗଷ୍ଟ ଶେଷସୁଦ୍ଧା ଏ ବାବଦରେ ୩ କୋଟି ୩୪ ହଜାର ଟଙ୍କା ଆଦାୟ କରାଯାଇ ଓଡ଼ିଶାରେ ଆଗୁଆ ରହିଛି ।

ଗତ ଆର୍ଥିକ ବର୍ଷରେ ଏହି ଜିଲ୍ଲାରେ ମୋଟ୍ ୬ କୋଟି ୨୧ଲକ୍ଷ ୫୨ ହଜାର ଟଙ୍କା ଆଦାୟ କରାଯାଇଥିଲା ।

ଏଠାରେ ଉଲ୍ଲେଖନୀୟ ଯେ ବିଗତ ଷଷ୍ଠ ପଞ୍ଚବାର୍ଷିକ ତଥା ସପ୍ତମ ଯୋଜନାରେ ଗଞ୍ଜାମ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଯୋଜନାର ଅଗ୍ରଗତି କ୍ରମାନ୍ୱୟରେ ବୃଦ୍ଧି ପାଇଛି । ୧୯୮୩-୮୪ ଏବଂ ୧୯୮୫-୮୬ ଆର୍ଥିକ ବର୍ଷରେ ଉକ୍ତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ନିଟ୍ ଆଦାୟ କ୍ଷେତ୍ରରେ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି ।

ଷଷ୍ଠ ଯୋଜନା କାଳ ମଧ୍ୟରେ ଉକ୍ତ ଜିଲ୍ଲାରେ ମୋଟ୍ ୧୫ କୋଟି ୫୮ ଲକ୍ଷ ୮୦ ହଜାର ଟଙ୍କା ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ନିଟ୍ ଆଦାୟ କରାଯାଇଛି ।

ସପ୍ତମ ଯୋଜନାରେ ଏହି ଜିଲ୍ଲା ପାଇଁ ୨୪ କୋଟି ୭୬ ଲକ୍ଷ ୫୭ ହଜାର ଟଙ୍କା ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## କୋରାପୁଟ ସଘନ ଗୋ-ଉନ୍ନୟନ ଯୋଜନା

କୋରାପୁଟ ଜିଲ୍ଲା ଜୟପୁର ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ଗତ ସେପ୍ଟେମ୍ବର ମାସରେ ୨୨ଟି ଦୋହରା

ପ୍ରଜନନ ସହ ମୋଟ୍ ୧୨୮ଟି ଗାଈଙ୍କଠାରେ କୃତ୍ରିମ ପ୍ରଜନନ ପ୍ରକ୍ରିୟାରେ ଗର୍ଭାଧାନ କରାଯାଇଛି । ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କ ଠାରୁ ୨୦ଟି ଉନ୍ନତ ଅଣ୍ଡିରା ଓ ୧୮ଟି ଉନ୍ନତ ମାଈ, ଏପରି ମୋଟ୍ ୩୮ଟି ସଙ୍କର ଉନ୍ନତ ଜାତୀୟ ବାଛୁରୀ ଜନ୍ମିଥିଲେ । ଉକ୍ତ ମାସରେ ୩,୮୭୨ଟି ଗୋରୁଙ୍କର ସାଧାରଣ ରୋଗର ଚିକିତ୍ସା କରାଯାଇଥିଲା ଓ ୨୯୯ଟି ଅଣ୍ଡିରା ବାଛୁରୀଙ୍କୁ ଧରାଣ କରାଯାଇଥିଲା ।

## ଜାତୀୟ ରାଜପଥ ଉନ୍ନୟନ

ଚଳିତ ୭ମ ଯୋଜନା କାଳ ମଧ୍ୟରେ ଓଡ଼ିଶା ଅନ୍ତର୍ଗତ ୧୬୨୪ କି: ମ: ଦୈର୍ଘ୍ୟ ବିଶିଷ୍ଟ ୬ଟି ଜାତୀୟ ରାଜପଥର ପ୍ରାୟ ୯୩୦ କି: ମି: ଦୈର୍ଘ୍ୟ ରାସ୍ତାର ଉନ୍ନୟନ କରିବା, ୪୩ଟି ଛୋଟ ଏବଂ ୮ଟି ବଡଧରଣର ସେତୁ ନିର୍ମାଣ କରିବା ଲଗି କେନ୍ଦ୍ରୀୟ ଅନୁମୋଦନ ମିଳିଛି । ତନ୍ମଧ୍ୟରୁ ୬ ନମ୍ବର ଜାତୀୟ ରାଜପଥରେ ସର୍ବାଧିକ ୩୨୮.୩ କି: ମି: ରାସ୍ତା, ୨୩ ନମ୍ବର ରାଜପଥରେ ୧୬୨.୪୩ କି: ମି:, ୫ ନମ୍ବର ରାଜପଥରେ ୧୬୧ କି: ମି: ରାସ୍ତା, ୪୩ ନମ୍ବର ରାଜପଥରେ ୧୩୯.୬୨ କି: ମି: ରାସ୍ତା ଏବଂ ୪୨ ନମ୍ବର ରାଜପଥରେ ୧୨୨.୫ କି: ମି: ରାସ୍ତାରେ ଉନ୍ନତି କରାଯିବ । ସେହିପରି ୫ ନମ୍ବର (କ) ଜାତୀୟ ରାଜପଥରେ ସର୍ବନିମ୍ନ ୧୬ କି: ମି: ଦୈର୍ଘ୍ୟ ରାସ୍ତାର ଉନ୍ନୟନ କରିବାକୁ ସ୍ଥିର ହୋଇଛି । ୫୧ଟି ସେତୁ ମଧ୍ୟରୁ କେବଳ ୨୩ ନମ୍ବର ରାଜପଥରେ ୨୭ଟି ଛୋଟ ଓ ୪ଟି ବଡ ସେତୁ ନିର୍ମିତ ହେବ । ସେହିପରି ୫ ନମ୍ବର ରାଜପଥରେ ୮ଟି ଛୋଟ ଓ ଗୋଟିଏ ବଡସେତୁ ନିର୍ମାଣ କରାଯିବ ।

ଗତ ଆର୍ଥିକ ବର୍ଷରେ କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ଏ ବାବଦରେ ୨୦ କୋଟି ୧୭ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ସ୍ଥଳେ ୮ କୋଟି ୮୯ ଲକ୍ଷ ୮୫ ହଜାର ଟଙ୍କା ଯୋଗାଇ ଦେଇଥିଲେ । ସେହିପରି ଚଳିତ ବର୍ଷରେ ବିଭିନ୍ନ କାର୍ଯ୍ୟ ପାଇଁ ୧୦ କୋଟି ୮୭ ଲକ୍ଷ ଟଙ୍କା ଅନୁମୋଦନ କରି ୯ କୋଟି ୫୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ଚଳିତ ବର୍ଷ ଏ ବାବଦରେ ଅଧିକ କେନ୍ଦ୍ରୀୟ ସାହାଯ୍ୟ ମିଳିବାର ସମ୍ଭାବନା ଅଛି । ଏହା ବ୍ୟତୀତ ରାଜ୍ୟ ଭିତରେ ଟୋଲ୍ ଆଦାୟ ଅର୍ଥରୁ ପ୍ରାୟ ୮୦ ଲକ୍ଷ ଟଙ୍କା ଯୋଗାଇ ଦେବାର ଆଶା କରାଯାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗତ ଷଷ୍ଠ ଯୋଜନା କାଳ ମଧ୍ୟରେ ଓଡ଼ିଶାର ଜାତୀୟ ରାଜପଥ-ଗୁଡ଼ିକର ଉନ୍ନୟନ ଲଗି ପ୍ରାୟ ୨୩ କୋଟି ୩୧ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସାହାଯ୍ୟ ମିଳିଥିଲା । ଚଳିତ ୭ମ ଯୋଜନାରେ କେନ୍ଦ୍ର ସରକାର ପ୍ରାୟ ୬୭ କୋଟି ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା ହେଉଛି ।

## କ୍ଷୁଦ୍ର ଓ କୁଟୀର ଶିଳ୍ପ

ଚଳିତ ଆର୍ଥିକ ବର୍ଷର ଗତ ଜୁଲାଇ ମାସ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ମୋଟ୍ ୩୨୬୪ଟି କ୍ଷୁଦ୍ର ଶିଳ୍ପ ଏବଂ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ୫୩୭୮ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ମୋଟ ଏକକୋଟି ୭୧ ଲକ୍ଷ ୪୬ ହଜାର ଟଙ୍କା ବିନିଯୋଗ କରାଯାଇଛି । ଉପରୋକ୍ତ ସଂଖ୍ୟା ମଧ୍ୟରୁ କୁଟୀର ଶିଳ୍ପ ସଂଖ୍ୟା ହେଉଛି ୩୨୩୪ ଓ କ୍ଷୁଦ୍ର ଶିଳ୍ପ ସଂଖ୍ୟା ୩୦ । ଏହି ଜିଲ୍ଲାରେ ମୋଟ ୬୬୦୦ଟି କୁଟୀର ଶିଳ୍ପ ଓ ୧୯୦ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ଷର ପ୍ରଥମ ଚାରିମାସରେ ପ୍ରାୟ ଅର୍ଦ୍ଧେକ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସାରିଥିବା ବିଶେଷ ଉଲ୍ଲେଖଯୋଗ୍ୟ ।

## ଧଳା ସୁନା

ମାର୍ଶାଘାଇ ଅନ୍ତର୍ଗତ ଦରବଡା ଗ୍ରାମର ଧରଣୀ ବାସନ୍ତିଆ ଘରର ସର୍ବ କନିଷ୍ଠ ଭାବରେ ଆଦର ଯତ୍ନରେ ବଢ଼ିଥିଲେ । ବାହାଘର ଦେଢ଼ବର୍ଷ ପରେ ଧରଣୀଙ୍କ କାର୍ଯ୍ୟରେ ଅକ୍ଷମତା ଯୋଗୁଁ ବଡ଼ଭାଇ ଅଲଗା ହୋଇଗଲେ । ସେତେବେଳେଠୁ ତାଙ୍କ ବେକରେ ପଘା ପଡ଼ିଲା । ପିତୃ ଅର୍ଜିତ ଜମିବାଡ଼ି କିଛି ନଥିଲା । ପରଦୁଆରରେ ମୂଲ ଲାଗିବା ବ୍ୟତୀତ ଅନ୍ୟକିଛି ପନ୍ଥା ନଥିଲା । ଆଗରୁ କାମ ନକରିଥିବା ଧରଣୀଙ୍କ ମୁଣ୍ଡରେ ଏହା ଥିଲା ବଜ୍ର ଆଘାତ ।

ସ୍ଥାନୀୟ ପଞ୍ଚାୟତ ସମିତିର ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ସଂପୃକ୍ତ ଗ୍ରାମକୁ ଦରିଦ୍ରତମ ଲୋକଙ୍କୁ ଆର୍ଥିକ ଥଇଥାନ ଯୋଜନାରେ ପ୍ରକୃତ ନିଃସ୍ୱ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ଆସି ଗୋଟିଏ ସଭାରେ ଆଲୋଚନା ଚଳାଇଛନ୍ତି, ସେତେବେଳେ ସମସ୍ତେ ଉକ୍ତ ଧରଣୀଙ୍କ ନାମ ପ୍ରସ୍ତାବ କଲେ ।

୧୯୮୨-୮୩ ବର୍ଷର ଘଟଣା । ସେ ଅଧାଏକର ମାଛପୋଖରୀ ମାଗଣାରେ ପାଇଲେ । ଧାନକ୍ଷେତ ପରି ପୋଖରୀରେ ଲାଗିପଡ଼ିଲେ । ପାଣିରେ ଅମ୍ଳତ୍ୱ ଥିବା କଥା ଶୁଣି' ଚୂନ ପ୍ରୟୋଗ କଲେ । ମତ୍ସ୍ୟ ବିଭାଗରୁ ଅଗଷ୍ଟ ୧୧ ତାରିଖରେ ୩୦୦୦ ଜାଆଁଳ ଆଣି ପୋଖରୀରେ ଛାଡ଼ିଲେ ।

ପ୍ରତିଦିନ ପୋଖରୀ ଦେଖାରଖା ଓ ସନ୍ଧ୍ୟାରେ ଜଗିବା ଥିଲା ତାଙ୍କର ଦୈନନ୍ଦିନ କର୍ତ୍ତବ୍ୟ । ହୁଡ଼ାରେ ପନିପରିବା ମଧ୍ୟ ଲଗାଇଲେ । ଲଗାଇବା ଗଛ ମଧ୍ୟରେ ନଡ଼ିଆ, କଦଳୀ, ଝିଙ୍କିଡ଼ି, ଅମୃତଭଣ୍ଡା ଓ ଅନ୍ୟାନ୍ୟ ପରିବାପତ୍ର ଗଛଥିଲା । ପରାମର୍ଶ ମୁତାବକ ସେ ମଧ୍ୟ ସାର ଓ ଖାଦ୍ୟ ପ୍ରୟୋଗ କଲେ ପୋଖରୀରେ । ୧୯୮୪ ମସିହା ଅଗଷ୍ଟ ୧୭ରେ ଗ୍ରାମବାସୀ ଓ ମତ୍ସ୍ୟ ସଂପ୍ରସାରଣ ଅଧିକାରୀଙ୍କ ଉପସ୍ଥିତିରେ

ମାଛଧରା ହେଲା । ମାଛ ହେଲା ୭୦ କିଃ ଗ୍ରାଃ । ୧୮ ଟଙ୍କା ଦରରେ ସେ ପାଇଲେ ୧୨୬୦ ଟଙ୍କା । ଏଣେ ବର୍ଷଯାକ ପରିବା ପତ୍ର କିଣୁନଥିଲେ । ବର୍ତ୍ତମାନ ସେ ଛୋଟ ଘରଟିଏ ତିଆରି କରିପାରିଛନ୍ତି । ପିଲାଙ୍କୁ ସ୍କୁଲକୁ ଛାଡୁଛନ୍ତି । ତାଙ୍କର ମତ ହେଲା ତାହା ମାଛ ନୁହେଁ, 'ଧନାସୁନା'

## ଶିଳ୍ପ ପ୍ରତିଷ୍ଠାରେ କୋରାପୁଟ ଅଗ୍ରଣୀ

ଚଳିତ ଆର୍ଥିକ ବର୍ଷର ଗତ ଜୁଲାଇ ମାସ ସୁଦ୍ଧା କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ସଂପର୍କରେ ହୋଇଥିବା ସମୀକ୍ଷାରୁ ଜଣାଯାଏ ଯେ କୋରାପୁଟ ଜିଲ୍ଲାରେ ୩,୩୭୫ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଏହା ସର୍ବାଧିକ । ଏହା ପଛକୁ ବାଲେଶ୍ୱର ଜିଲ୍ଲାରେ ୩,୨୩୪ଟି କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଉପରୋକ୍ତ ସଂଖ୍ୟକ କୁଟୀର ଶିଳ୍ପ ବ୍ୟତୀତ କୋରାପୁଟ ଜିଲ୍ଲାରେ ୧୬ଟି କ୍ଷୁଦ୍ର ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏ ସବୁ ମାଧ୍ୟମରେ ଜିଲ୍ଲାରେ ୩୯୨୯ ଜଣ ଲୋକଙ୍କୁ କାମ ଯୋଗାଇ ଦିଆଯାଇପାରିଛି । କୁଟୀର ଶିଳ୍ପ ପାଇଁ ୪୨ ଲକ୍ଷ ୩୪ ହଜାର ଟଙ୍କା ଏବଂ କ୍ଷୁଦ୍ର ଶିଳ୍ପ ପାଇଁ ୧୪ ଲକ୍ଷ ୬୧ ହଜାର ଟଙ୍କା ବିନିଯୋଗ କରାଯାଇଛି ।

## ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ଗୃହ ନିର୍ମାଣ

ଓଡ଼ିଶାର ଆଦିବାସୀ ଉପ-ଯୋଜନା ଅଞ୍ଚଳଗୁଡ଼ିକରେ ଚଳିତ ୭ମ ଯୋଜନା କାଳ ମଧ୍ୟରେ ବିଭିନ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ସମୁଦାୟ ୬୬୯ଟି ବାସଗୃହ ନିର୍ମାଣ କରାଯିବ । ସେଗୁଡ଼ିକ ମଧ୍ୟରେ ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ୯୨ଟି, ମଧ୍ୟମ ଆୟକାରୀଙ୍କ ପାଇଁ ୮୦ଟି ଏବଂ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାନୁଯାୟୀ ୪୬୪ଟି ଗୃହ ନିର୍ମିତ ହେବ । ଏହା ବ୍ୟତୀତ ସରକାରୀ କର୍ମଚାରୀମାନଙ୍କୁ ଭଡ଼ାସୂତ୍ରରେ ଯୋଗାଇ ଦେବା ଲାଗି ୩୩ଟି ବାସଗୃହ ନିର୍ମିତ ହେବ ।

ଏ ବାବଦରେ ସର୍ବମୋଟ ୭୯ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ବ୍ୟତୀତ ବାସଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ଉନ୍ନୟନ କରିବା ଏବଂ ସଂପୃକ୍ତ ଗୃହ ନିର୍ମାଣ ସଂସ୍ଥାମାନଙ୍କୁ ସାହାଯ୍ୟ ଦେବା ଲାଗି ମଧ୍ୟ ୧ କୋଟି ୭୫ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

ଗତ ଆର୍ଥିକ ବର୍ଷରେ ଆଦିବାସୀ ଉପ-ଯୋଜନା ଅଞ୍ଚଳଗୁଡ଼ିକରେ ପ୍ରାୟ ୧୪୬ଟି ବିଭିନ୍ନ ଧରଣର ଗୃହ ନିର୍ମାଣ କରିବା ଏବଂ ଭିତ୍ତିଭୂମିର ଉନ୍ନୟନ କରିବା ଇତ୍ୟାଦି ବାବଦରେ ସମୁଦାୟ ୩୧ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ।

## ଆନ୍ତଃଧର୍ମ ବିବାହ ଧର୍ମାନ୍ଧ ବ୍ୟକ୍ତିଙ୍କ ପାଇଁ ଏକ ଆହ୍ୱାନ

ଆନ୍ତଃଧର୍ମ ବିବାହ ଧର୍ମାନ୍ଧ ବ୍ୟକ୍ତିଙ୍କ ପାଇଁ ଏକ ଆହ୍ୱାନ ବୋଲି ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପୀନ୍ଦର ସିଂହ ବର୍ଣ୍ଣନା କରିଛନ୍ତି । ଗତ କାଲି ସୂଚନା ଭବନଠାରେ ଆମଫୋଇ ନାମକ ଏକ ସମାଜ ସଂସ୍କାର ସଂସ୍ଥା ତରଫରୁ ଆୟୋଜିତ ଆନ୍ତଃଧର୍ମ ବିବାହ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ସିଂହ କହିଲେ ଯେ, ଧର୍ମକୁ ଆଳକରି ଯେଉଁମାନେ ସନ୍ତ୍ରାସବାଦର ପ୍ରସାର ଲାଗି ପାଗଳାମି କରୁଛନ୍ତି, ସେମାନଙ୍କୁ ବାଟକୁ ଆଣିବା ପାଇଁ ସବୁ ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସହନଶୀଳ ମନୋଭାବର ଆବଶ୍ୟକତା ରହିଛି ।

ଏହି ସଂସ୍ଥା ତରଫରୁ ମିଳିତ ଜାତିସଂଘ ଦିବସ ପାଳନ ଅବସରରେ 'ବିଶ୍ୱ ସଂସଦ ଆମେ ଗଢ଼ୁଁ' ଶୀର୍ଷକ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶ ଗ୍ରହଣ କରି ଶ୍ରୀ ସିଂହ କହିଲେ ଯେ, ଯେଉଁମାନେ ନିଜର ପ୍ରତିବେଶୀଙ୍କ ଭଲ ମନ୍ଦ ବୁଝିବା ଲାଗି ସମୟ ଦେଇ ପାରୁ ନାହାନ୍ତି, ସେମାନଙ୍କୁ ନେଇ ମିଳିତ ଜାତି ସଂଘର ଉଦ୍ଦେଶ୍ୟ ସଫଳ ହୋଇ ପାରିବ ନାହିଁ । ଜାତିସଂଘର ପ୍ରତ୍ୟେକ ସଭ୍ୟ ରାଷ୍ଟ୍ର ସମାନ ଅଧିକାର ପାଇବା ଉଚିତ । ଭିଟୋ କ୍ଷମତା କେତେକ ମୁଷ୍ଟିମେୟ ରାଷ୍ଟ୍ରଙ୍କ ହାତରେ ରହିଥିବା ପର୍ଯ୍ୟନ୍ତ ଏଭଳି ସମତା କଳ୍ପନା କରାଯାଇ ପାରିବ ନାହିଁ ବୋଲି ଶ୍ରୀ ସିଂହ କହିଥିଲେ ।

ଉତ୍ସବରେ ଅନ୍ୟତମ ସମ୍ମାନୀୟା ଅତିଥି ରୂପେ ଯୋଗ ଦେଇ ଶ୍ରୀମତୀ ମନୋରମା ମହାପାତ୍ର କହିଲେ ଯେ, ଗୁଣ, କର୍ମ ଉପରେ ପ୍ରତିଷ୍ଠିତ ଜାତିର ଆବଶ୍ୟକତା ଆଜି ଅର୍ଥହୀନ ହୋଇ ପଡ଼ିଛି । ମାନବ ଧର୍ମ ଓ ମାନବ ଜାତିରେ ବିଶ୍ୱାସ କରୁଥିବା ଭାରତୀୟମାନେ ବିବାହର ଆଦର୍ଶ ଓ ସଂସ୍କାର ଗ୍ରହଣ କରିବା ଲାଗି ସେ ପରାମର୍ଶ ଦେଇଥିଲେ ।

ଦୈନିକ 'ସମାଜ'ର ସମ୍ପାଦକ ଶ୍ରୀ ପଦ୍ମାରବିନ୍ଦ ମହାପାତ୍ର, ଆମଫୋଇ ଅନୁଷ୍ଠାନର ମୁଖପତ୍ର 'ସବୁଜଶାନ୍ତି' ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି କହିଲେ ଯେ ବନ ଓ ବୃକ୍ଷ ରକ୍ଷା ପାଇଁ ସୁନ୍ଦରଲାଲ ଯେପରି ନିଷ୍ଠାପର ସାଧନା କରିଥିଲେ, ସେପରି ଆମଫୋଇ ସମାଜରେ ଥିବା ବିଶୃଂଖଳା, କୁସଂସ୍କାରର ବିଲୋପ ଓ ପରିବେଶର ସୁରକ୍ଷା ଲାଗି ନିଷ୍ଠାପର ଉଦ୍ୟମ କରୁଛନ୍ତି ।

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ମେଜର ପ୍ରସନ୍ନ କୁମାର ଦାସ ଉତ୍ସବରେ ଏକ ସ୍ମରଣୀକା ଉନ୍ମୋଚନ କରିବା ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଯୌତୁକ, ଜାତି ବିହୀନ ବିବାହ ପ୍ରତି ଆକୃଷ୍ଟ ହେବାକୁ ପରାମର୍ଶ ଦେଇଥିଲେ ।

ରାଜଧାନୀ କଲେଜ ଅଧ୍ୟକ୍ଷ ଡକ୍ଟର ଅମୂଲ୍ୟକୃଷ୍ଣ ମିଶ୍ର ଆଲୋଚନାରେ ଅଂଶ ଗ୍ରହଣ କରି କହିଲେ ଯେ, ଗୀର୍ଜା, ମନ୍ଦିର, ମସ୍‌ଜିଦ ଓ ଗୁରୁଦ୍ୱାର ନାମରେ ଯେଉଁ ଉତ୍କଟ ଧର୍ମାନ୍ଧତା ଶିକ୍ଷା ଦିଆଯାଉଛି, ସେଥିପ୍ରତି ଯୁବକ ଯୁବତୀମାନେ ସାବଧାନ ରହିବା ଉଚିତ ।

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହ ଶ୍ରୀମତୀ ରଞ୍ଜିତା ବହିଦାର ଓ ଶ୍ରୀ ସମୀମ୍ ଅହମ୍ମଦଙ୍କୁ ବିବାହ ଶପଥ ପାଠ କରାଇ ଥିଲେ ଏବଂ ଏହି ଯୁବକଯୁବତୀ ଦୁହେଁ ପରସ୍ପର ଅବିଚ୍ଛେଦ୍ୟ ବିବାହ ବନ୍ଧନରେ ଆବଦ୍ଧ ରହିବା ଲାଗି ଚୁକ୍ତିନାମା ଦସ୍ତଖତ କରିଥିଲେ । ସେମାନଙ୍କୁ ଉତ୍ସବସ୍ଥଳରେ ଆମୋଫୋଇ ସଂସ୍ଥା ତରଫରୁ ବିବାହ ପ୍ରମାଣ ପତ୍ର ଦିଆଯାଇଥିଲା ।

ଏ ପର୍ଯ୍ୟନ୍ତ ଆମୋଫୋଇ ସଂସ୍ଥାଦ୍ୱାରା ଏକ ସନ୍ତାନ ଲାଗି ନିମନ୍ତେ ସଙ୍କଳ୍ପ ନେଇଥିବା ଜାତି, ଜାତକ, ଧର୍ମ ଓ ଯୌତୁକ ବିହୀନ ବିବାହ ୫୫ଟି ସଙ୍ଗଠିତ ହୋଇଛି ବୋଲି ସଂସ୍ଥାର ସମ୍ପାଦକ ଶ୍ରୀ ବି. ରାମଚନ୍ଦ୍ର ପ୍ରକାଶ କରିଥିଲେ । କେନ୍ଦ୍ର ଶିଶୁ କଲ୍ୟାଣ ଓ କ୍ରୀଡ଼ା ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀମାର୍ଗାରେଟ ଆଲଭା ଉତ୍ସବର ସାଫଲ୍ୟ କାମନା କରି ପଠାଇଥିବା ବାର୍ତ୍ତା ପାଠ କରାଯାଇଥିଲା ।

ଜାତିସଂଘ ଦିବସ ଉପଲକ୍ଷେ କଟକ ଓ ଭୁବନେଶ୍ୱରର ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆମୋଫୋଇ ସଂସ୍ଥା ଦ୍ୱାରା ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଶ୍ରୀ ସିଂହ ପୁରସ୍କାର ପ୍ରଦାନ କରିଥିଲେ ।

ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର ପଶୁ ଚିକିତ୍ସା ମହାବିଦ୍ୟାଳୟ ବିଭାଗ ଅଧ୍ୟକ୍ଷ ଡକ୍ଟର ନୃସିଂହ ଚରଣ ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ ।

## ସେଣ୍ଟଜନ୍ ଆମ୍ବୁଲାନସ୍ ବ୍ରିଗେଡ୍‌ର ଉତ୍ସର୍ଗୀକୃତ ସେବା ପ୍ରଶଂସନୀୟ

୧୯୮୬ ଅକ୍ଟୋବର ୨୬ ତାରିଖ ଦିନ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ପ୍ରାଙ୍ଗଣରେ ଆନ୍ତର୍ଜାତିକ ସେବା ଅନୁଷ୍ଠାନ ସେଣ୍ଟଜନ୍ ଆମ୍ବୁଲାନସ୍ ବ୍ରିଗେଡ୍‌ର କ୍ୟାଡେଟ୍ ଦିବସ ପାଳିତ ହୋଇଯାଇଛି । ଦୁର୍ଘଟଣାଗ୍ରସ୍ତ ଆହତ ବ୍ୟକ୍ତିମାନଙ୍କୁ ଘରପୋଡ଼ି ଓ ଅଟ୍ଟାଳିକା ପ୍ରକୋଷ୍ଠ ମଧ୍ୟରୁ ଉଦ୍ଧାର କରାଯିବାର ଚମତ୍କାର କୌଶଳ ପ୍ରଦର୍ଶନ ସାଙ୍ଗକୁ କ୍ୟାଡେଟ୍ ଛାତ୍ରୀମାନଙ୍କ ପରେଡ୍ କ୍ୟାଡେଟ୍ ଦିବସ ପାଳନର ମୁଖ୍ୟ ଆକର୍ଷଣ ଥିଲା । (ସିମେଟ ବାସ୍ତଭୁକ୍ତ ଅତ୍ୟୁଚ୍ଚ)

ଏହି ଉତ୍ସବରେ ଶିକ୍ଷାମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ପୁଲିସ୍ ବିଭାଗର ଡାଇରେକ୍ଟର ଜେନେରାଲ ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ ସଭାପତିତ୍ୱ କରିଥିଲେ । ରାଜ୍ୟ ସେଣ୍ଟଜନ୍ ଆମ୍ବୁଲାନସ୍‌ର ଅବୈତନିକ ସଂପାଦକ ଶ୍ରୀ ଲକ୍ଷ୍ମୀଧର ମିଶ୍ର ସଙ୍ଗଠନର କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ । ସଙ୍ଗଠନ ସଂପାଦକ ଶ୍ରୀ ମଧୁସୂଦନ ଆନୁଷ୍ଠାନିକ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଡ଼ାଃ ଜଗନ୍ନାଥ ମହାପାତ୍ର ବିଭିନ୍ନ ସୁରକ୍ଷା ବ୍ୟବସ୍ଥାର ଧାରାବାହିକ ବିବରଣୀ ପ୍ରଦାନ କରିଥିଲେ ।

ମୁଖ୍ୟ ଅତିଥି ତଥା ରାଜ୍ୟ ଶାଖାର ଉପ ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ କହିଥିଲେ ଯେ ଶୃଙ୍ଖଳିତ ତଥା ଉତ୍ସର୍ଗୀକୃତ ସେବା ସୁସ୍ଥ ସମାଜ ଗଠନ ପାଇଁ ବିଶେଷ ଆବଶ୍ୟକ । ୧୯୦୬ ମସିହାରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ସେଣ୍ଟଜନ୍ ଆମ୍ବୁଲାନସ୍ ସଂସ୍ଥା ସହ ସଂଶ୍ଳିଷ୍ଟ ଥିଲେ । ପ୍ରତି ଶିକ୍ଷା ସଂସ୍ଥାରେ ଆକସ୍ମିକ ଦୁର୍ଘଟଣାର ମୁକାବିଲା କରିବା ପାଇଁ ସେଣ୍ଟଜନ୍ ଆମ୍ବୁଲାନସ୍‌ର ଶାଖା ରହିବା ଆବଶ୍ୟକ । ରାଜ୍ୟରେ ଏହି ସଂସ୍ଥାର ପ୍ରସାର କରାଯିବାକୁ ସେ ପରାମର୍ଶ ଦେଇଥିଲେ ।

ସଭାପତି ଶ୍ରୀ ପାଢ଼ୀ କହିଲେ ଯେ ନିଃସ୍ୱାର୍ଥପର ଜନସେବା ମଣିଷ ଜୀବନର ପ୍ରଥମ ଲକ୍ଷ୍ୟ ହେବା ଆବଶ୍ୟକ । ଯେ କୌଣସି ଭଲକାମ କଲେ ବାଧାବିଘ୍ନ ସୃଷ୍ଟି ହେବା ସ୍ୱାଭାବିକ, ମାତ୍ର ଉପଯୁକ୍ତ ମନୋବଳ ସହ ଏହାକୁ ଅତିକ୍ରମ କରି ସଫଳତା ହାସଲ କରାଯାଇ ପାରିବ । ସେଣ୍ଟଜନ୍ ଆମ୍ବୁଲାନସ୍‌ର ପ୍ରାଥମିକ ଚିକିତ୍ସା ତାଲିମ ପ୍ରତି ପୋଲିସ୍ ବାଟାଲିୟନରେ ଖୋଲାଯିବା ପାଇଁ ସେ ମତ ଦେଇଥିଲେ ।

ରାଜ୍ୟ ଶାଖାର ଅବୈତନିକ ସଂପାଦକ ଶ୍ରୀ ମିଶ୍ର କହିଲେ ଯେ ୪୪ ବର୍ଷ ପୂର୍ବେ ସେଣ୍ଟଜନ୍ ଆମ୍ବୁଲାନସ୍‌ର ଶାଖା ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଆଶାନୁରୂପ ସଂପ୍ରସାରିତ ହୋଇପାରି ନାହିଁ । ନିକଟରେ ଏହି ସଙ୍ଗଠନକୁ ସକ୍ରିୟ କରିବାକୁ ଓ ଏହାର କାର୍ଯ୍ୟ ବିଭିନ୍ନ ସ୍ତରକୁ ସଂପ୍ରସାରିତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସବୁଶ୍ରେଣୀର ଲୋକଙ୍କ ସାହାଯ୍ୟ, ସହଯୋଗ ଓ ସମର୍ଥନ ବଳରେ ଏହି ମାନବ କଲ୍ୟାଣକାରୀ ସଂସ୍ଥା ଜୀବନ୍ତ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ସେ କହିଲେ ଯେ ରେଡ୍‌କ୍ରସ ଓ ସେଣ୍ଟଜନ୍ ଆମ୍ବୁଲାନସ୍ ଜନସାଧାରଣଙ୍କ ସେବା ପାଇଁ ଉତ୍ସର୍ଗୀକୃତ । କେବଳ ଶିଶୁ ଓ ମାତୃମଙ୍ଗଳ, ରକ୍ତଭଣ୍ଡାର ପ୍ରତିଷ୍ଠା, ରିଲିଫ୍ ଦାନ ଓ ଆମ୍ବୁଲାନସ୍ ସେବାରେ ଏହାର କାର୍ଯ୍ୟ ସୀମିତ ନରହି ସାମାଜିକ, ଅର୍ଥନୈତିକ ଓ ଅକ୍ଷମ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାରେ ଉଭୟ ସଂସ୍ଥା ଅଗ୍ରଣୀ ହୋଇଛନ୍ତି । ସେଣ୍ଟଜନ୍ ଆମ୍ବୁଲାନସ୍ ରଥଯାତ୍ରା, ଚନ୍ଦ୍ରଭାଗା ମେଳା, ଅଶୋକାଷ୍ଟମୀ ଓ ଶିବରାତ୍ରି ପ୍ରଭୃତି ପର୍ବପର୍ବାଣୀରେ ଜନସାଧାରଣଙ୍କର ସେବା କରିବା ସଙ୍ଗେ ସଙ୍ଗେ ପ୍ରାକୃତିକ ଦୁର୍ବିପାକ ସମୟରେ ଜନସାଧାରଣଙ୍କୁ ଯେଉଁଳି ସାହାଯ୍ୟ କରୁଛନ୍ତି ତାହା ପ୍ରଶଂସନୀୟ । ପ୍ରଥମ ସର୍ବଭାରତୀୟ ଆମ୍ବୁଲାନସ୍ ପ୍ରତିଯୋଗିତାରେ ବଙ୍ଗାଳୋରଠାରେ ସୁଭଦ୍ରା ମହତାବ ବାଳିକା ବିଦ୍ୟାଳୟର କସ୍ତୁରବା କ୍ୟାଡେଟ ନର୍ସି ଡିଭିଜନର ଆଞ୍ଚଳିକ ପରିଚାଳିକା ଶ୍ରୀମତୀ ସଂଯୁକ୍ତା ଚୌଧୁରୀ ପୁରସ୍କୃତ ହୋଇଛନ୍ତି । ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଏହି ଡିଭିଜନ୍‌ର କ୍ୟାଡେଟ୍‌ମାନେ ଅଂଶ ଗ୍ରହଣ କରି ପୁରସ୍କାର ଲାଭ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି । କ୍ୟାଡେଟ୍‌ମାନଙ୍କ ସଂଖ୍ୟା କମ ହେଲେ ମଧ୍ୟ ମାନବ ସେବାର ଉଚ୍ଚ ଭାବେ ସେମାନେ ଯେଉଁଳି ଶାନ୍ତି, ସଦ୍‌ଭାବ ଓ ପରସ୍ପର ମଧ୍ୟରେ ବନ୍ଧୁତ୍ୱମଣୀର ବାତାବରଣ ସୃଷ୍ଟି କରି ସେବା ମନୋଭାବର ପ୍ରସାର କରାଇ ପାରିଛନ୍ତି, ତାହା ବାସ୍ତବରେ ଆଦର୍ଶସ୍ଥାନୀୟ ଓ ଅନୁକରଣୀୟ । ୧୯୮୨ ମସିହାର ଏସିଆଡ୍‌ରେ ଦିଲ୍ଲୀଠାରେ

ସଙ୍ଗଠନ ସଂପାଦକ ଶ୍ରୀ ମଧୁସୂଦନ ବାରିକଙ୍କ ନେତୃତ୍ୱରେ ଏହାର ସଭ୍ୟମାନେ ସେବାକାର୍ଯ୍ୟ କରି ରୌପ୍ୟ ପଦକ ପାଇଛନ୍ତି ।

ଏହି ଉତ୍ସବରେ କସ୍ତୁରବା ନର୍ସିଂ ଡ଼ିଭିଜନ, ଢେଙ୍କାନାଳର କଳିଙ୍ଗ ସୂତାକଳ ଆମ୍ବୁଲାନସ୍ ଡ଼ିଭିଜନ, ଓ. ଏସ୍. ଏ. ପି. ଆମ୍ବୁଲାନସ୍ ଡ଼ିଭିଜନ୍ ପ୍ରଭୃତି ଅଂଶ ଗ୍ରହଣ କରି ଘରପୋଡ଼ି ଦୁର୍ଘଟଣା, ବାଷ ଦୁର୍ଘଟଣା ପ୍ରଭୃତିରେ ଆହତ ଲୋକମାନଙ୍କୁ ଉଦ୍ଧାର କରିବା ଓ ପ୍ରାଥମିକ ଚିକିତ୍ସା ଦେବାର କୌଶଳ ପ୍ରଦର୍ଶନ କରିଥିଲେ । କସ୍ତୁରବା ନର୍ସିଂ ବ୍ରିଗେଡ଼୍‌ର ଶ୍ରୀମତୀ ପ୍ରଭାତୀ ସାହୁଙ୍କୁ ସର୍ବୋତ୍କୃଷ୍ଟ କ୍ୟାଡେଟ୍ ରୂପେ କପ୍ ପ୍ରଦାନ କରାଯାଇଥିଲା । ପ୍ରାଥମିକ ଚିକିତ୍ସା ଦେବାପାଇଁ ଡାକ୍ତରମାନଙ୍କ ବ୍ୟତୀତ ଓ. ଏସ୍. ଓ. ପି. ର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଶ୍ରୀ ସାରଦା ପ୍ରସାଦ ନନ୍ଦ, ଶ୍ରୀ ବିରଞ୍ଚି କୁମାର ପଟ୍ଟନାୟକ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଶ୍ରୀ ରମେଶ ଚନ୍ଦ୍ର ଶତପଥୀ ଓ ଶ୍ରୀ ମଧୁସୂଦନ ବାରିକଙ୍କୁ ନିଯୁକ୍ତି ପତ୍ର ଏହି ଉତ୍ସବରେ ପ୍ରଦାନ କରାଯାଇଥିଲା ।

ଆଗାମୀ ଡ଼ିସେମ୍ବର ମାସରେ ସର୍ବଭାରତୀୟ ସେଣ୍ଟଜନ୍ ଆମ୍ବୁଲାନସ୍‌ର ତାଲିମ ଶିବିର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ।

## ତଫସିଲଭୁକ୍ତ ସଂପ୍ରଦାୟ ଓ ଜାତ ତାଲିକାର ସଂଶୋଧନ ଆବଶ୍ୟକ

ଆଦିବାସୀ ସଂପ୍ରଦାୟର ଭୋତ୍ରା, ଭୋଡୋରା, ଭାଗଡ଼ା ପ୍ରଭୃତି ସଂଜ୍ଞା ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କ ନାମର ସାମାନ୍ୟ ବ୍ୟତିକ୍ରମ ହେତୁ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଦୃଷ୍ଟିରୁ ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟର ତାଲିକା ସଂଶୋଧନ କରିବାକୁ କେନ୍ଦ୍ର କଲ୍ୟାଣ ମନ୍ତ୍ରୀ ଡ଼ଃ (ଶ୍ରୀମତୀ) ରାଜେନ୍ଦ୍ର କୁମାରୀ ବାଜପେୟୀଙ୍କୁ ରାଜ୍ୟ ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଏକ ସ୍ମାରକପତ୍ର ଦେଇଛନ୍ତି ।

ଶ୍ରୀ ସିଂହ ବ୍ୟକ୍ତିଗତ ଭାବେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଜଣାଇଛନ୍ତି ଯେ ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟ ତାଲିକା ଅନୁଯାୟୀ 'ଭୋଡୋ' ଓ ଧୋଡୋଡ଼ା' ଆଦିବାସୀ ଭାବେ ବଞ୍ଚିତ ହୋଇଛନ୍ତି । ଏହିଭଳି ଅନେକ ସମାନ ନାମଧାରୀ ଆଦିବାସୀ ଓ ହରିଜନ ସଂପ୍ରଦାୟ ତାଲିକା ଅନ୍ତର୍ଭୁକ୍ତ ହୋଇ ନାହାନ୍ତି । ଏଣୁ, ଉକ୍ତ ତାଲିକା ସଂଶୋଧନ ପାଇଁ ଓଡ଼ିଶା ସରକାର ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ସିଂହ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂହ ଆହୁରି ଦର୍ଶାଇଛନ୍ତି ଯେ ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟ ତାଲିକା ୧୯୭୬ ମସିହାରେ ସଂଶୋଧିତ ହୋଇଥିଲା । କେନ୍ଦ୍ର ସରକାର ହୁଏତ ଏହି ତାଲିକାର ଶୀଘ୍ର ସଂଶୋଧନ କରନ୍ତୁ ଅଥବା ଆବଶ୍ୟକୀୟ ସଂଶୋଧନ ନିମନ୍ତେ ରାଜ୍ୟ ସରକାରଙ୍କୁ କ୍ଷମତା ଦିଅନ୍ତୁ ବୋଲି ସେ ଜଣାଇଛନ୍ତି । ଆଉମଧ୍ୟ ଆଦିବାସୀ ଓ ହରିଜନମାନଙ୍କ ଉନ୍ନତି ସଂପର୍କରେ ଜଗନ୍ନାଥ ପାହାଡ଼ିଆ କମିଟି ନିକଟରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀ ସିଂହ କେନ୍ଦ୍ର କଲ୍ୟାଣ [illegible]

## ଆଦିବାସୀ ସମାଜରେ ଦାରିଦ୍ର୍ୟ ସର୍ବାଧିକ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଗମନାଗମନ, ଶିକ୍ଷା, ଶିଳ୍ପ ଓ ପାନୀୟ ଜଳ ବ୍ୟବସ୍ଥା ପରି ଆଧୁନିକ ସୁବିଧା ସୁଯୋଗର ପ୍ରସାର କରାଯାଉଥିଲେ ମଧ୍ୟ ଆଦିବାସୀ ପରିବାରଙ୍କୁ ଦାରିଦ୍ର୍ୟ ଅବସ୍ଥାରୁ ଉନ୍ନତ କରିବା ସମୟସାପେକ୍ଷ ଓ କଷ୍ଟସାଧ୍ୟ ବୋଲି ହରିଜନ କଲ୍ୟାଣ ବିଭାଗ ଶାସନ ସଚିବ ଡ଼ଃ ସୀତାକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି ।

ରାଜ୍ୟ ଗୋପବନ୍ଧୁ ପ୍ରଶାସନ ଏକାଡେମୀ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବିଷୟରେ ୨୭।୧୦।୧୯୯୮ରୁ ଆରମ୍ଭ ହୋଇଥିବା ଏକ ତିନିଦିନିଆ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଡ଼ଃ ମହାପାତ୍ର ଆଦିବାସୀ ଶ୍ରେଣୀ ପରିବାରଙ୍କର ଆର୍ଥିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ ଆଲୋଚନା କରିଥିଲେ । ସେ କହିଲେ ଯେ, ଦେଶରେ ଦାରିଦ୍ର୍ୟର ଚିତ୍ର ବିଭିନ୍ନ ସମାଜରେ ଭିନ୍ନ ଭିନ୍ନ ରୂପରେ ରହିଛି । ଦରିଦ୍ର ପରିବାରଙ୍କ ଆର୍ଥିକ ଉନ୍ନତି ନହେଲେ, କାଳକ୍ରମେ ସେମାନଙ୍କର ଦାରିଦ୍ର୍ୟ ଅତି ଉତ୍କଟ ହୋଇପଡ଼ିବ ଏବଂ ପରିଶେଷରେ ସେମାନେ ଅସହାୟ ଅବସ୍ଥାରେ ଉପନୀତ ହେବେ । ଆଦିବାସୀ ସମାଜରେ ରହିଥିବା ଅଶିକ୍ଷା, ନିମ୍ନସ୍ତରର ବାସଗୃହ, ଖାଦ୍ୟ, ପରିଧାନ ଓ ସ୍ୱାସ୍ଥ୍ୟ ଇତ୍ୟାଦି ବିଷୟ ବିଚାରକୁ ନେଲେ, ସେମାନେ ଦାରିଦ୍ର୍ୟ ସୀମାରେଖାଠାରୁ କେତେ ନିମ୍ନରେ ଯେ ଅଛନ୍ତି, ତାହା ସହଜରେ ଅନୁମେୟ ହେବ । ଏହା ଫଳରେ କାଳର ବିବର୍ତ୍ତନରେ କେତେକ ଆଦିମ ଆଦିବାସୀ ଶ୍ରେଣୀ ଲୋପ ପାଇଥିବାର ଜଣାଯାଇଛି ।

ନିଜ ପରିବାରର ଆର୍ଥିକ ଉନ୍ନତି ପ୍ରତି ଆଦିବାସୀମାନେ ସଚେତନ ହୋଇପାରିନଥିବା କାରଣ ସଂପର୍କରେ ବୁଝାଇ ଡ଼ଃ ମହାପାତ୍ର କହିଲେ ଯେ, ସେମାନେ ଆଜିସୁଦ୍ଧା ସଭ୍ୟତାର ନିମ୍ନ ସ୍ତରରେ ଅଛନ୍ତି ବୋଲି ବୁଝନ୍ତି ନାହିଁ । ଅଧିକ ଶ୍ରମ କଲେ ଆୟ ବଢ଼ିବ ଓ ସଂଚିତ ଅର୍ଥରେ ସୁଖ ସ୍ୱାଚ୍ଛନ୍ଦ୍ୟ ମଧ୍ୟ ବୃଦ୍ଧି ହେବ, ସେଥିପ୍ରତି ସେମାନେ ଚେତନଶୀଳ ନୁହଁନ୍ତି । ବରଂ ଅଭାବ ଅନାଟନ ପରିସର ମଧ୍ୟରେ ଥାଇ ମଧ୍ୟ ଐକ୍ୟବଦ୍ଧ ହୋଇ ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣୀ ଓ ଶିକାର ପ୍ରଭୃତି କାର୍ଯ୍ୟରେ ଆନନ୍ଦ ଲାଭ କରୁଛନ୍ତି ।

ଆଦିବାସୀ ସମାଜରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ସେ ଅଞ୍ଚଳରେ କାର୍ଯ୍ୟ କରୁଥିବା ଶିକ୍ଷକ, ଗ୍ରାମସେବକ, ସ୍ୱାସ୍ଥ୍ୟସେବିକା, ପୋଲିସ୍, ବ୍ଲକ୍ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ଆଦିବାସୀଙ୍କର ଭାଷା, ସାଂସ୍କୃତିକ ପରଂପରା, ବର୍ତ୍ତମାନର ପରିସ୍ଥିତି ଓ ଚଳିଚଳନ ବିଷୟରେ ଜ୍ଞାନ ଆହରଣ କରି ସେମାନଙ୍କର ବିଶ୍ୱାସ ଭାଜନ ହେବା ପାଇଁ ଡ଼ଃ ମହାପାତ୍ର ପରାମର୍ଶ ଦେଇଥିଲେ ।

ଗୋପବନ୍ଧୁ ପ୍ରଶାସନ ଏକାଡେମୀର କମିଶନର ଶ୍ରୀ ପ୍ରଣବ କୁମାର ଦେ ଓ ପୂର୍ବ କମିଶନର ଶ୍ରୀ ଗୋପାଳ ଚନ୍ଦ୍ର ମଣ୍ଡଳ ଏହି ଆଲୋଚନାଚକ୍ର ପରିଚାଳନା କରିଥିଲେ । ଏହି ଆଲୋଚନାଚକ୍ରରେ ବି. ଡ଼ି. ଓ., ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରୋଜେକ୍ଟ ଅଫିସରଙ୍କ ସମେତ ବହୁ ସଂଖ୍ୟକ ଜିଲ୍ଲାସ୍ତରୀୟ ଅଫିସର ଯୋଗ ଦେଇଥିଲେ ।

# ସୁନ୍ଦରଗଡ଼ ଜିଲ୍ଲାର ଉନ୍ନୟନ ଲାଗି ବ୍ୟାପକ ଯୋଜନା

ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟି ଦ୍ୱାରା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଲାଗି ଆସନ୍ତା ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ପୂର୍ଣ୍ଣାଙ୍ଗ ଯୋଜନାକୁ ଗତ ୨୧ ତାରିଖରେ ଅନୁଷ୍ଠିତ ଜିଲ୍ଲା ଯୋଜନା ବୋର୍ଡ ବୈଠକରେ ଅନୁମୋଦନ କରାଯାଇଛି । ପୂର୍ତ୍ତ ଓ ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ ମଜାଫର ହୋସେନ୍ ଖାଁଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ୧୬-ଜଣିଆ ବୋର୍ଡର ପ୍ରଥମ ବୈଠକକୁ ସେଦିନ ପୂର୍ତ୍ତମନ୍ତ୍ରୀ ଉଦ୍‌ଘାଟନ କରି ସେଥିରେ ପୌରୋହିତ୍ୟ କରିଥିଲେ ।

ଅନୁମୋଦିତ ଏହି ଯୋଜନାରେ କୃଷି ଉତ୍ପାଦନ ବୃଦ୍ଧି ଓ ବିଭିନ୍ନ ସେଚ ପ୍ରକଳ୍ପ ଜରିଆରେ ଜଳସେଚନ ପାଇଁ ଅଧିକ ସୁଯୋଗ ସୃଷ୍ଟିକରିବା, ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟ ସଂପ୍ରସାରଣ କରିବା ସଙ୍ଗେ ସଙ୍ଗେ ଆଦିବାସୀ ବହୁଳ ଏହି ଜିଲ୍ଲାର ଶ୍ରମଜୀବୀ ଏବଂ ଗ୍ରାମ୍ୟ କାରିଗରମାନଙ୍କୁ ଅଧିକ କର୍ମ ନିଯୁକ୍ତି ଦେବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଜିଲ୍ଲା ଜନସଂଖ୍ୟାର ଶତକଡା ପ୍ରାୟ ୬୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକାର୍ଜନ କରୁଥିବାରୁ ଏବଂ ସମୁଦାୟ ଚାଷୋପଯୋଗୀ ଜମିର ଶତକଡା ୮୫ ଭାଗ ଜମି ବୃଷ୍ଟିପାତ ଉପରେ ନିର୍ଭର କରୁଥିବାରୁ ବିଭିନ୍ନ ପନିପରିବା ଓ ଫଳଚାଷ ସମେତ କୃଷି ଉତ୍ପାଦନ ବୃଦ୍ଧି କରିବା ଲାଗି ଜିଲ୍ଲାରେ ଥିବା ଜଳସଂପଦର ସଂପୂର୍ଣ୍ଣ ଉପଯୋଗ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଥିଲା । ତଦନୁଯାୟୀ ଉଠାଜଳସେଚନ ପଏଣ୍ଟ ଓ ସେଚ କୂପଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ଓ ଗ୍ରାମ୍ୟ ବିଦ୍ୟୁତ୍‌କରଣ ବାବଦରେ ୩୩ ଲକ୍ଷ ୮ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । ଏହିପରି ଅନ୍ୟାନ୍ୟ ଆଧୁନିକ କୃଷି କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତକରିବା ଓ ତାଲିମ ଦେବା ଦିଗରେ ସମୁଦାୟ ୮୬ ଲକ୍ଷ ୨୨ ହଜାର ୮୯୫ ଟଙ୍କା ବିନିଯୋଗ କରାଯିବ । ତନ୍ମଧ୍ୟରୁ କପାଚାଷ କରିବା ପାଇଁ ଚାଷୀ ଓ ସଂପ୍ରସାରଣ ଅଫିସରଙ୍କୁ ତାଲିମ ଦେବା ପାଇଁ ୨ ଲକ୍ଷ ୮ ହଜାର ଟଙ୍କା, କଂପୋଷ୍ଟ ଖତ ପ୍ରସ୍ତୁତ ପାଇଁ ତାଲିମ ଦେବା ଲାଗି ୭୫ ହଜାର ୮୦୦ ଟଙ୍କା, ଜାତୀୟ କୃଷି ସଂପ୍ରସାରଣ ଓ ତାଲିମ ବାବଦରେ ପ୍ରାୟ ୨ ଲକ୍ଷ ୧୬ ହଜାର ଟଙ୍କା, ସେଚକୂପ ଜରିଆରେ ଲାଭଜନକ ଫସଲ ଚାଷ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା, ମୃତ୍ତିକା ପରୀକ୍ଷା ପାଇଁ ୩ ଲକ୍ଷ ୨୩ ହଜାର ଟଙ୍କା ବ୍ୟୟ କରାଯିବ । ବିଭିନ୍ନ ତୈଳବୀଜ ଓ ଡାଲି ଜାତୀୟ ଫସଲ ଚାଷ ଏହି ଜିଲ୍ଲାରେ ଅଧିକ ଲାଭଜନକ ହେଉଥିବାରୁ ଆସନ୍ତା ବର୍ଷରେ ସୋରିଷ ସମେତ ପ୍ରାୟ ୩୬ ହଜାର ଟନ୍ ବିଭିନ୍ନ ତୈଳବୀଜ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସେ ବାବଦରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେହିପରି ଅଧିକ ଅମଳକ୍ଷମ ଧାନଚାଷ ପାଇଁ ୧ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ କରାଯିବ । ଆସନ୍ତା ବର୍ଷ ୪୧ ହଜାର ଟନ୍ ଡାଲି ଜାତୀୟ ଫସଲ ସମେତ ପ୍ରାୟ ୫ ଲକ୍ଷ ଟନ୍ ବିଭିନ୍ନ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି ।

ଏହି ବୈଠକରେ ଜଳସେଚନର ଅଧିକ ସୁବିଧା ସୃଷ୍ଟି କରିବା ଲାଗି ପିତାମହଲ, ତଳସରା, ସରଫଗଡ ଓ ଜୁରାଡିହି ସେଚ ପ୍ରକଳ୍ପରେ ସ୍ପେଚ ନାଳୀ ନିର୍ମାଣକରିବା ପ୍ରସ୍ତାବ ଅନୁମୋଦିତ ହୋଇଛି । ଏ ବାବଦରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏହା ପୂର୍ଣ୍ଣାଙ୍ଗ ହେଲେ ପ୍ରାୟ ୧୧ ହଜାର ହେକ୍ଟର ଜମି ଜଳସେଚିତ ହୋଇପାରିବ । ସେହିପରି ଜୁର୍ବାଲୀନାଳା କେନାଲ ସମେତ ସଦର, ବଡଗାଁ ଓ ରାଜଗାଙ୍ଗପୁରଠାରେ ଥିବା ଫାର୍ମ ପ୍ରସରିଣୀଗୁଡ଼ିକର ପଙ୍କୋଦ୍ଧାର କରିବା ବାବଦରେ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । ସେହିପରି ଜିଲ୍ଲାର ୧୧ଟି କ୍ଷୁଦ୍ର ସେଚ ଯୋଜନାକୁ କାର୍ଯ୍ୟକାରୀ କରିବାଲାଗି ପ୍ରାୟ ୬ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଆସନ୍ତା ବର୍ଷରେ ୮୧ ଲକ୍ଷ ୩୩ ହଜାର ଟଙ୍କା ରାଜ୍ୟ ଯୋଜନା ସମ୍ବଳରୁ ଯୋଗାଇ ଦେବାପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏହାଦ୍ୱାରା ଖରିଫ୍ ଓ ରବି ଋତୁରେ ପ୍ରାୟ ୭ ହଜାର ଏକର ଜମି ଜଳସେଚିତ ହୋଇପାରିବ । ଏହାବ୍ୟତୀତ ସମଗ୍ର ଜିଲ୍ଲାରେ ଆସନ୍ତା ବର୍ଷ ସମୁଦାୟ ୫୦ଟି ଉଠା ଜଳସେଚନ ପଏଣ୍ଟ ନିର୍ମିତ ହେବ ଏବଂ ଏଥିପାଇଁ ୧ କୋଟି ଟଙ୍କା ଆବଶ୍ୟକ ପଡ଼ିବ ବୋଲି ବୈଠକରେ ପ୍ରକାଶ ପାଇଛି । ଏଗୁଡ଼ିକ ସଂପୂର୍ଣ୍ଣ ହେଲେ ଉଭୟ ଖରିଫ୍ ଓ ରବି ଋତୁରେ ସମୁଦାୟ ୫୦୦୦ ଏକର ଜମି ଜଳସେଚିତ ହୋଇପାରିବ ।

ଏହି ବୈଠକରେ ଆର୍. ଏଲ୍. ଇ. ଜି. ପି., ଏନ୍. ଆର୍. ଇ. ପି., ଫଳଚାଷ, ବ୍ଲକ୍ ଅଧୀନସ୍ଥ କ୍ଷୁଦ୍ର ସେଚ ପ୍ରକଳ୍ପ, ଅକାମୀ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକର ପୁନରୁଦ୍ଧାର ଇତ୍ୟାଦି ବିଭିନ୍ନ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।

ପ୍ରାରମ୍ଭରେ ପୂର୍ତ୍ତମନ୍ତ୍ରୀ ଜିଲ୍ଲାସ୍ତରୀୟ ଯୋଜନା ପ୍ରସ୍ତୁତ କରିବାର ଉପାଦେୟତା ଓ ମୌଳିକ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ସେ କହିଲେ ଯେ, ପୂର୍ବପରି ଜାତୀୟ କିମ୍ବା ରାଜ୍ୟ ସ୍ତରରୁ ଯୋଜନା ପ୍ରସ୍ତୁତ ହୋଇ ଜିଲ୍ଲାରେ କାର୍ଯ୍ୟକାରୀ କରିବା ଫଳରେ ଗ୍ରାମାଞ୍ଚଳର ଦରିଦ୍ର ଲୋକେ ତା'ର ଆଶାନୁରୂପ ସୁଫଳ ପାଇପାରୁନଥିଲେ । ଫଳରେ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ସୃଷ୍ଟି ହେଉଥିଲା । କିନ୍ତୁ ବର୍ତ୍ତମାନ ବାସ୍ତବମୁଖୀ ଓ ଜନହିତକାରୀ ଯୋଜନା ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି କରିଥିବାରୁ ଜିଲ୍ଲାସ୍ତରୀୟ ପ୍ରଶାସନିକ କର୍ତ୍ତୃପକ୍ଷ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ବିଭିନ୍ନ ଲୋକ ପ୍ରତିନିଧିମାନଙ୍କର ପରାମର୍ଶକ୍ରମେ ଜିଲ୍ଲା ସ୍ତରରେ ଯୋଜନା ପ୍ରସ୍ତୁତ କରାଯାଇଛି । ସୁନ୍ଦରଗଡରେ ଆସନ୍ତା ବର୍ଷର ଯୋଜନା ପ୍ରସ୍ତୁତ କରିବା ଦିଗରେ ଏହିସବୁ ବ୍ୟକ୍ତିଙ୍କ ସମେତ ଯେଉଁ ବିଶେଷଜ୍ଞମାନେ ସହାୟତା କରିଛନ୍ତି; ପୂର୍ତ୍ତମନ୍ତ୍ରୀ ସେମାନଙ୍କର ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ ।


ଏହି ବୈଠକରେ ଜିଲ୍ଲାପାଳ ଓ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଠାରୁ ଜିଲ୍ଲାସ୍ତରୀୟ ପଦସ୍ଥ ଅଫିସର, ବିଧାୟକ ସର୍ବଶ୍ରୀ ଗଜାଧର ମାଝୀ, ମଙ୍ଗଳା କିଶାନ୍, ରେମିସ୍ କେର୍କେଟା, ବସନ୍ତ କୁମାର ସିଂହ ଦଣ୍ଡପାଟ, ସଦର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଦେବ ଏବଂ ଏମ୍. ପି. ଶ୍ରୀ ଗଣେଶ୍ୱର କୁସୁମଙ୍କ ସମେତ ବିଶିଷ୍ଟ ବ୍ୟକ୍ତି-ମାନେ ଯୋଗ ଦେଇଥିଲେ ।

## ଫୁଲବାଣୀ ଜିଲ୍ଲାରେ କଫିଚାଷ

ଫୁଲବାଣୀ ଜିଲ୍ଲାରେ କଫିଚାଷ କାର୍ଯ୍ୟକ୍ରମ ଅନୁଯାୟୀ ବର୍ତ୍ତମାନ ପର୍ଯ୍ୟନ୍ତ ୮୦୪ ଏକର ଜମିରେ ଏହି ଚାଷ କରାଯାଇଛି । ସେଥିମଧ୍ୟରୁ ୪୦ ଏକର ଜମିରେ କଫି ଗଛରେ ଫୁଲ ଫଳ ଧରିଲଣି । କଫିଚାଷ କରାଯାଇଥିବା ପ୍ରତି ଏକର ଜମିରୁ ବାର୍ଷିକ ପ୍ରାୟ ୪ ହଜାରରୁ ଅଧିକ ଟଙ୍କା ଆୟ ହେବ ବୋଲି ଏକ ହିସାବରୁ ଜଣାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ଭାରତ ସରକାରଙ୍କ ଦ୍ୱାରା ଗଠିତ ବୃକ୍ଷ ରୋପଣ ଅନୁସନ୍ଧାନ କମିଶନ୍ ଫୁଲବାଣୀ ଜିଲ୍ଲା କଫିଚାଷ ପାଇଁ ଉପଯୁକ୍ତ ବୋଲି ସୁପାରିଶ କରିଥିଲେ । ତଦନୁଯାୟୀ ୧୯୭୨-୭୩ ଆର୍ଥିକ ବର୍ଷରୁ ପରୀକ୍ଷାମୂଳକ ଭାବରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ସଂସ୍ଥା ଉଦ୍ୟମରେ ଏହି ଚାଷ ଶୁରୁ କରାଯାଇଛି ।




অমৃতস্য পুত্রাঃ





Vol. XLIII No. 4/5 UTKAL PRASANGA Regd. No. O-05/86
Licence No. C. R. N. P. 5—Licensed to post without Pre-Payment

